# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ସେପ୍ଟେମ୍ବର ୧୬/୨୦୧୮ (୨୦ ପୃଷ୍ଠା + ଛୁଟିଦିନ ସହ) Sambalpur, Sunday, September 16/ 2018 ★★

୧୪ଶ ଭାଗ ୨୭୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-





# ଭାଇଚାରାକୁ ଦୃଢ଼ୀଭୂତ କରେ ନୂଆଁଖାଇ



ବହଲି ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି ।

**ଦେଓଗାଁ,୧୫।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ବହଲିରେ ଶୁକ୍ରବାର ରାତିରେ ୨୦ତମ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗଣେଶପୂଜା କମିଟି ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦ, ମୁଖ୍ୟବକ୍ତାଭାବେ ଏମ୍‌ପି ପ୍ରତିନିଧି ଉମା ଶଙ୍କର ସିଂ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବଲାଙ୍ଗୀର ଆକ୍ସନ କମିଟି ଆବାହକ ଗୋପାଳଜୀ ପାଣିଗ୍ରାହୀ, ବିଶ୍ୱଜିତ ଦାଶ, ସ୍ଥାନୀୟ ସରପଞ୍ଚ ବଡ ପଧାନ ପ୍ରମୁଖ ଯୋଗଦେଇ ନୂଆଁଖାଇ ଭାଇଚାରାକୁ ଦୃଢ଼ୀଭୂତ କରିଥାଏ ବୋଲି ଗୁରୁତ୍ୱାରୋପ କରିଥିଲେ। ଚାଷୀମାନଙ୍କପାଇଁ ଉତ୍ତମ ଜଳସେଚନ ବ୍ୟବସ୍ଥା ହେଲେ ଯାଇ ଏହି ପର୍ବର ସାର୍ଥକତା ହେବ ଓ ଖୁସି ଦ୍ୱିଗୁଣିତ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କୁନୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରାମ ଶତପଥୀ ସଂଯୋଜନା କରିଥିଲେ । ଶେଷରେ ଟୁନା ପଧାନ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଦ୍ୟୁମ୍ନ ବନଛୋରଙ୍କ ପରିଚାଳନାରେ ଅଞ୍ଚଳର କଳାକାରମାନଙ୍କୁ ନେଇ ବ୍ଲକସ୍ତରୀୟ ନୃତ୍ୟ, ଗୀତ ଓ ମ୍ୟୁଜିକାଲ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ସୁଶାନ୍ତ କୁମାର ବରାଡ, ଆଚାର୍ଯ୍ୟ ଭବାନୀ ଶଙ୍କର ପୁରୋହିତ, ଟିଟିଲାଗଡର ଯୁଗେନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଗଣେଶ ପୂଜା କମିଟି ତଥା ଗ୍ରାମବାସୀ ସହଯୋଗ କରିଥିଲେ ।




## ସୁବର୍ଣ୍ଣପୁର ଯୋଗ ବିହାରରେ ଭେଟ୍‌ଘାଟ

# ଭାଷା, ସଂସ୍କୃତି ମଣିଷର ବଡ଼ ସମ୍ବଳ

### ସୁବର୍ଣ୍ଣପୁର କୋସଲ ସାମ୍ରାଜ୍ୟର ସାଂସ୍କୃତିକ ନାଭି କେନ୍ଦ୍ର ଥିଲା



ଆଲୋଚନାଚକ୍ରରେ ମଞ୍ଚାସୀନ ବିଶିଷ୍ଟ ଅତିଥି ବୃନ୍ଦ।

**ସୋନପୁର,୧୫।୯(ନି.ପ୍ର.)**

ଭାଷା ସଂସ୍କୃତି ହେଉଛି ମଣିଷର ସବୁଠାରୁ ବଡ ସମ୍ବଳ। ଗୋଟିଏ ଭାଷା ହିଁ ତାର ସଂସ୍କୃତିକୁ ଜନ୍ମ ଦେଇଥାଏ। ଏହି ଭାଷା ସଂସ୍କୃତି ହେଉଛି ମଣିଷର ଆତ୍ମ ପରିଚିତିର ସନ୍ତକ। ନୂଆଁଖାଇ ପାଳନ ଅବସରରେ ସୁବର୍ଣ୍ଣପୁର ଯୋଗ ବିହାରଠାରେ ଆୟୋଜିତ ଭେଟ୍‌ଘାଟ ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି ଏହି ମତବ୍ୟକ୍ତ କରିଛନ୍ତି। ପତଞ୍ଜଳି ଯୋଗ ସମିତି ଓ କୋସଲ ସାହିତ୍ୟ, ସଂସ୍କୃତି ଏକାଡେମୀର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଲୋଚନାଚକ୍ରରେ ଏକାଡେମୀର ସାଧାରଣ ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ଗୋରେଖନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରି ସାହୁ କହିଥିଲେ ଯେ, ପୁରାତନ କାଳରେ ସୁବର୍ଣ୍ଣପୁର କୋସଲ ସାମ୍ରାଜ୍ୟର ସାଂସ୍କୃତିକ ନାଭି କେନ୍ଦ୍ର ଥିଲା। ବୀରମହାରାଜପୁର ନିକଟବର୍ତ୍ତୀ କୁମୁରସିଂହା ତାମ୍ରପତ୍ର ଉପରେ ଜର୍ମାନୀର କିଏଲ ବିଶ୍ୱବିଦ୍ୟାଳୟର କାର୍ବନ ଡେଟିଂରୁ ଜଣାଯାଇଛି ଯେ ସୁବର୍ଣ୍ଣପୁର ନିକଟସ୍ଥ ତେଲନଦୀ ଓ ମହାନଦୀର କୂଳେ କୂଳେ ଖ୍ରୀ.ପୂ. ଅଷ୍ଟମ ଶତାବ୍ଦୀରୁ ଖ୍ରୀ.ଅ. ଅଷ୍ଟମ ଶତାବ୍ଦୀ ପର୍ଯ୍ୟନ୍ତ ଏକ ଉନ୍ନତ ମାନବ ସଭ୍ୟତା ପ୍ରତିଷ୍ଠିତ ହୋଇଥିଲା। ଯାହାକୁ ପୁଣେ ବିଶ୍ୱବିଦ୍ୟାଳୟର ପ୍ରତ୍ନତତ୍ତ୍ୱ ବିଭାଗ ମଧ୍ୟ ପୁଷ୍ଟ କରିଛନ୍ତି। ସୁବର୍ଣ୍ଣପୁରର କୋସଲେଶ୍ୱର ଏବଂ ଟିଟିଲାଗଡର କୋସଲେଶ୍ୱରୀ ମନ୍ଦିର ତାହାର ନିଦର୍ଶନ।

ଶିକ୍ଷାବିତ୍ ବ୍ରଜମୋହନ ଦାନୀ ଅନ୍ୟତମ ଆଲୋଚକଭାବେ ଯୋଗଦେଇ କହିଥିଲେ ଉକ୍ତ ତାମ୍ରପତ୍ର ସମ୍ପର୍କିତ ଗବେଷଣାରୁ ଜଣାଯାଇଛି ଯେ, ଏହି ଅଞ୍ଚଳର ଖାଦ୍ୟ, ବସ୍ତ୍ର ଓ ବାସଗୃହ ନିର୍ମାଣରେ ସମୃଦ୍ଧ ଥିଲା। ଖାଦ୍ୟ କ୍ଷେତ୍ରରେ ଧାନର ଉତ୍ପାଦନ, ବସ୍ତ୍ର କ୍ଷେତ୍ରରେ ବାନ୍ଧ ବସ୍ତ୍ରର ଆବିଷ୍କାର ଏବଂ ଗୃହ କ୍ଷେତ୍ରରେ ଡାବା ଘରର ଉଦ୍ଭାବନ ହୋଇଥିଲା। ଏ କଥା ଅଜନ୍ତା ଏଲୋରାର ଡାବାଘର ଏବଂ ନାରୀମାନେ ପରିଧାନ କରିଥିବା ସକ୍ତାପର ବସ୍ତ୍ରରୁ ଜଣାଯାଏ। ଆଜିର ନୂଆଁଖାଇ ପରମ୍ପରା ସେହି ରାମାୟଣ ଯୁଗର ପରମ୍ପରା ସହିତ ସମ୍ପର୍କିତ। ତେଣୁ ଖାଦ୍ୟ, ବସ୍ତ୍ର, ବାସଗୃହ, ଭାଷା, ସଂସ୍କୃତି ଓ ପରମ୍ପରାକୁ କେନ୍ଦ୍ର କରି ବିବାଦକୁ କେବେ ଗ୍ରହଣ କରାଯାଇ ନ ପାରେ। ଏ ସମ୍ପର୍କରେ କୌଣସି ପ୍ରକାର ସଂକୀର୍ଣ୍ଣ ମନୋଭାବକୁ ସ୍ଥାନୀୟ ବୁଦ୍ଧିଜୀବୀ ଗ୍ରହଣ କରିବେ ନାହିଁ ବୋଲି କହିଥିଲେ। ପ୍ରଫେସର ନାରାୟଣ ପ୍ରସାଦ ରାୟଗୁରୁ କହିଥିଲେ, କୋସଲାଞ୍ଚଳର ଭାଷା ସଂସ୍କୃତି ଓ ପରମ୍ପରା ମହାନ୍। କୋସଳାଧିପତି ଶ୍ରୀରାମଚନ୍ଦ୍ରଙ୍କ ପରେ ଏହି ସାମ୍ରାଜ୍ୟ ଉତ୍ତର ଓ ଦକ୍ଷିଣ କୋସଲ ନାମରେ ଦୁଇ ଭାଗରେ ବିଭକ୍ତ ହୋଇଥିଲା। ଲବ ଉତ୍ତର କୋସଲର ରାଜା ଓ କୁଶ ଦକ୍ଷିଣ କୋସଲର ରାଜା ହୋଇଥିଲେ। ଦୁଇଭାଇ ନିଜ ପିତାଙ୍କ ନୀତି ଆଦର୍ଶରେ ରାଜ୍ୟ ଶାସନ କରୁଥିଲେ। ପ୍ରଫେସର ଡ. ଜ୍ୟୋତିରଞ୍ଜନ ବହିଦାର କହିଥିଲେ ଯେ, ପରମ୍ପରା କଥା କହିବାକୁ ଗଲେ ରାମାୟଣ ଯୁଗରୁ ହିଁ ଦଶହରା, ଦୀପାବଳି, ନୂଆଁଖାଇ, ବଳିଯାତ୍ରା ଆଦି ଗ୍ରାମୀଣ ଯାନିଯାତ୍ରା ଏ ଅଞ୍ଚଳରେ ପାଳିତ ହୋଇ ଆସୁଛି। ଏ ଅଞ୍ଚଳର ଭାଷା ସଂସ୍କୃତି ମଧ୍ୟ ସେହି ରାମାୟଣ ଯୁଗରୁ ଚଳି ଆସୁଛି। ତେଣୁ ଏ ଅଞ୍ଚଳର ଭାଷା ସଂସ୍କୃତି ରାମଚନ୍ଦ୍ରଙ୍କ କୋସଲ ସାମ୍ରାଜ୍ୟ ସହିତ ଜଡିତ ବୋଲି ପଦ୍ମଶ୍ରୀ ହଳଧର ନାଗ ସଭା ସମିତିରେ ମୁକ୍ତ କଣ୍ଠରେ ସ୍ୱୀକାର କରନ୍ତି। ସେହିପରି ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା ମଧ୍ୟ କୋସଲ ଭାଷା ସଂସ୍କୃତ ଓ ଓଡିଆ ଭାଷାଠାରୁ ମଧ୍ୟ ପ୍ରାଚୀନ ବୋଲି ପୁସ୍ତକରେ ଉଲ୍ଲେଖ କରିଥିବା ଡ. ବହିଦାର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏକାଡେମୀର ଯୁଗ୍ମ ସମ୍ପାଦକ ଶିକ୍ଷାବିତ୍ ଶରତ ଚନ୍ଦ୍ର ମହାନ୍ତି କୋସଲବାସୀଙ୍କ ଉଚ୍ଚ ପରମ୍ପରା ତଥା ଭାଷା, ସଂସ୍କୃତିର ଉତ୍କର୍ଷ ସମ୍ପର୍କରେ ଆଲୋକପାତ କରିଥିଲେ। ସୋନପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ସନ୍ତୋଷ ପାଢୀ, ଶମ୍ଭୁଭୂଷଣ ପଣ୍ଡା, ବୟନ ଶିଳ୍ପପତି ପ୍ରହ୍ଲାଦ ମେହେର, ପ୍ରଫେସର ମୀନା ମହାରଣା, ସତ୍ୟନାରାୟଣ ବସ୍ତିଆ, ନାଟ୍ୟଶ୍ରୀ ଗଦାଧର ବାରିକ, ବେଣୁଧର ପ୍ରଧାନ, ଦିଲୀପ ପାତ୍ର ଓ ଦଶରଥ ହୋତା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦିଲୀପ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କୋସଲି କବିତା ଆସର ଓ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଦାମୋଦର ହୋତା, ବିଘ୍ନରାଜ ପଣ୍ଡା ଓ ବିନୟରଞ୍ଜନ ପଧାନ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ।




ନୂଆଁଖାଇ ଉପଲକ୍ଷେ ଜରାସିଂହା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ।
କୁଶମଣି ମେହେର, ସରପଞ୍ଚ — ଉପେନ୍ଦ୍ର ରଣା, କାର୍ଯ୍ୟନିର୍ବାହୀ ଅଧିକାରୀ
ଜରାସିଂହା ଗ୍ରାମପଞ୍ଚାୟତ

ନୂଆଁଖାଇ ଉପଲକ୍ଷେ ଉଡାର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ।
କାହ୍ନୁ ଚରଣ ମେହେର, ସରପଞ୍ଚ — ପ୍ରକାଶ ପନିକା, କାର୍ଯ୍ୟନିର୍ବାହୀ ଅଧିକାରୀ
ଉଡାର ଗ୍ରାମପଞ୍ଚାୟତ

ନୂଆଁଖାଇ ଉପଲକ୍ଷେ ଉପରଝର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ।
ପ୍ରମୋଦିନି ନାଏକ, ସରପଞ୍ଚ — ପ୍ରକାଶ ପନିକା, କାର୍ଯ୍ୟନିର୍ବାହୀ ଅଧିକାରୀ
ଉପରଝର ଗ୍ରାମପଞ୍ଚାୟତ

ନୂଆଁଖାଇ ଉପଲକ୍ଷେ ଧଣ୍ଡାମାଲ କୃଷି ସେବା ସମବାୟ ସମିତି ଅଧିନସ୍ଥ ଚାଷୀ ଭାଇ ତଥା ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ଭଗବାନ ଗଡତ୍ୟା, ସମ୍ପାଦକ — ଦୟାନିଧି ଖମାରୀ, ସଭାପତି
ଧଣ୍ଡାମାଲ କୃଷିସେବାସମବାୟ ସମିତି

ନୂଆଁଖାଇ ଉପଲକ୍ଷେ ଧଣ୍ଡାମାଲ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ଓ ଅଭିନନ୍ଦନ
ଦୟାନିଧି ଖମାର (ମଣ୍ଟୁ), ସରପଞ୍ଚ ସଂଘ ସଭାପତି — ନନ୍ଦି କିଶୋର ସାହ, କାର୍ଯ୍ୟନିର୍ବାହୀ ଅଧିକାରୀ

ନୂଆଁଖାଇ ଉପଲକ୍ଷେ ବଲାଙ୍ଗିର ବାସୀ ତଥା ଦେଓଗାଁ ଓ ତୁଷୁରା ଅଞ୍ଚଳରସମସ୍ତ ଜନସାଧାରଣ ଓ ଚାଷୀ ଭାଇଙ୍କୁ ମୋର ନୂଆଁଖାଇ ଜୁହାର ।
ଦିନଦୟାଲ କେଡିଆ
ବିଶିଷ୍ଟ ସମାଜସେବୀ, ତୁଷୁରା

ନୂଆଁଖାଇ ପର୍ବ ଉପଲକ୍ଷେ ରାମଚନ୍ଦ୍ରପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ।
ଗୌର ଚନ୍ଦନ, ସରପଞ୍ଚ — ସୂର୍ଯ୍ୟମଣୀ ମେହେର, କାର୍ଯ୍ୟନିର୍ବାହୀ ଅଧିକାରୀ
ରାମଚନ୍ଦ୍ରପୁର ପଞ୍ଚାୟତ

ନୂଆଁଖାଇ ଉପଲକ୍ଷେ ଅର୍ଜୁନପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ଓ ଅଭିନନ୍ଦନ ।
ଭଗବତୀ ନାଗ, ସରପଞ୍ଚ — ବ୍ରଜେନ୍ଦ୍ର କୁମାର ମାଝୀ, କାର୍ଯ୍ୟନିର୍ବାହୀ ଅଧିକାରୀ
ଅର୍ଜୁନପୁର ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ଦେଓଗାଁ ବ୍ଲକର ସମସ୍ତ ଚାଷୀ ଭାଇ ତଥା ଜନସାଧାରଣଙ୍କୁ ନୂଆଁଖାଇ ଜୁହାର। ମାଁ ସମଲେଇ ସମସ୍ତଙ୍କୁ ସୁଖରେ ରଖିଥାଆନ୍ତୁ ।
ବୀରେନ ଦଲାଇ
ସମାଜସେବୀ, ଦେଓଗାଁ (ସାଗରପାଲି)

ନୂଆଁଖାଇ ଉପଲକ୍ଷେ ବଡବାହାଲ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ।
ଜୟ ରଣା, ସରପଞ୍ଚ — ଜନ୍ମେଜୟ ମାଝୀ, କାର୍ଯ୍ୟନିର୍ବାହୀ ଅଧିକାରୀ
ବଡବାହାଲ ଗ୍ରାମ ପଞ୍ଚାୟତ

ନୂଆଁଖାଇ ଉପଲକ୍ଷେ ବଡବନ୍ଧ କୃଷିସେବାସମବାୟ ସମିତିର ସମସ୍ତ ଚାଷୀଭାଇ ତଥା ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ଅମିନ ପଧାନ
ସମ୍ପାଦକ
ବଡବନ୍ଧ କୃଷି ସେବାସମବାୟ ସମିତି

ପଶ୍ଚିମ ଓଡିଶା ଗଣ ପର୍ବ ପବିତ୍ର ନୂଆଁଖାଇ ଉପଲକ୍ଷେ ବନ୍ଧପଡା କୃଷି ସେବା ସମବାୟ ସମିତି ଓ ଦେଓଗାଁ ବ୍ୟାଙ୍କ ଅଧିନରେ ଥିବା ସମସ୍ତ ଚାଷୀ ତଥା ଅଞ୍ଚଳବାସୀଙ୍କୁ ନୂଆଁଖାଇ ଜୁହାର ।
ଭଗବାନ ସାହୁ
ସୁପରଭାଇଜର
ଦେଓଗାଁ କେନ୍ଦ୍ରସମବାୟ ବ୍ୟାଙ୍କ ଶାଖା

ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଦେଓଗାଁ ବ୍ଲକ ତଥା ବଲାଙ୍ଗୀର ଜିଲ୍ଲାର ସମସ୍ତ ଚାଷୀ ଓ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର। ମାଁ ପାଟଖଣ୍ଡା, ମାଁ ସମଲେଶ୍ୱରୀ ସମସ୍ତଙ୍କ ଜୀବନରେ ସୁଖ ଭରି ଦିଅନ୍ତୁ, ଏହା ଆମର ଏକାନ୍ତ କାମନା।
ଶ୍ରୀମତୀ ରିନା ମେହେର, ବ୍ଲକ ଅଧ୍ୟକ୍ଷା (ଦେଓଗାଁ ବ୍ଲକ), ବଲାଙ୍ଗୀର
ଶ୍ରୀଯୁକ୍ତ ଲକ୍ଷ୍ମଣ କୁମାର ମେହେର, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି, ବଲାଙ୍ଗୀର ଜିଲ୍ଲା

ପଶ୍ଚିମ ଓଡିଶା ଗଣ ପର୍ବ ନୂଆଁଖାଇ ଉପଲକ୍ଷେ ବନ୍ଧପଡା ସେବା ସମବାୟ ସମିତିର ସମସ୍ତ ଚାଷୀ ଭାଇ, ବୟୋଜ୍ୟେଷ୍ଠ ତଥା ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ଗୋପାଲ ଚନ୍ଦ୍ର ମିଶ୍ର, ସଭାପତି — ଭଗବାନ ସାହୁ, ସମ୍ପାଦକ
ବନ୍ଧପଡା କୃଷି ସେବା ସମବାୟ ସମିତି

ନୂଆଁଖାଇ ପର୍ବ ଉପଲକ୍ଷେ ଜରାସିଂହା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ଅଧିନସ୍ଥ ସମସ୍ତ ଚାଷୀ ଭାଇ ତଥା ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ଆନନ୍ଦ କୁମାର ବେହେରା
ଶାଖା ପରିଚାଳକ
ଜରାସିଂହା କେନ୍ଦ୍ରସମବାୟ ବ୍ୟାଙ୍କ ଶାଖା

ନୂଆଁଖାଇ ଉପଲକ୍ଷେ ମକୁନ୍ଦପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ।
ବାଳକ ପଧାନ, ସରପଞ୍ଚ — ବିରେନ୍ଦ୍ର ନାଗ, କାର୍ଯ୍ୟନିର୍ବାହୀ ଅଧିକାରୀ
ମକୁନ୍ଦପୁର ପଞ୍ଚାୟତ

ନୂଆଁଖାଇ ଜୁହାର
ଜିଇନ୍ଥୁ ବେଲକେ ଆସ ଭାଏବନ୍ଧୁ ହେମା ନୂଆଖାଇ ଭେଟ
ସଁସେର ଡୋର୍ ଥି ବାନ୍ଧି ହଇଜିମା ଗାଆଁ ଜାକ ହଇ ମେଟ
ଗୋବିନ୍ଦ ନାଗ
ସମାଜସେବୀ
ତଥା ସଭାପତି ଏସ୍-୪

ପଶ୍ଚିମ ଓଡିଶାର ଗଣପର୍ବ ପବିତ୍ର ନୂଆଁଖାଇ ଉପଲକ୍ଷେ ଅର୍ଜୁନପୁର ସେବା ସମବାୟ ଅଧିନସ୍ଥ ଚାଷୀ ଭାଇ ତଥା ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ଗୋପିନାଥ ନାଗ, ସଭାପତି — ବୃନ୍ଦାବନ ନାଏକ, ସମ୍ପାଦକ
କୃଷି ସେବା ସମବାୟ ସମିତି ଅର୍ଜୁନପୁର

ନୂଆଁଖାଇ ଉପଲକ୍ଷେ ଲଣ୍ଡାପଥର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ଓ ଅଭିନନ୍ଦନ ।
ସୁଶିଲା କୁମ୍ଭାର, ସରପଞ୍ଚ — ଅରୁଣ ନାଗ, କାର୍ଯ୍ୟନିର୍ବାହୀ ଅଧିକାରୀ
ଲଣ୍ଡାପଥର ଗ୍ରାମପଞ୍ଚାୟତ

ପଶ୍ଚିମ ଓଡିଶା ଗଣ ପର୍ବ ପବିତ୍ର ନୂଆଁଖାଇ ଉପଲକ୍ଷେ ମହଲାଇ ସେବା ସମବାୟ ସମିତି ସମସ୍ତ ଚାଷୀ ଭାଇ ତଥା ଜନସାଧାରଣଙ୍କୁ ନୂଆଁଖାଇ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଚତୁର୍ଭୁଜ ସା
ସଂପାଦକ
ମହଲାଇ କୃଷିସେବା ସମବାୟ ସମିତି

ନୂଆଁଖାଇ ଉପଲକ୍ଷେ ରାମଚନ୍ଦ୍ରପୁର ଓ ସିଂହାମୁଣ୍ଡା ପଞ୍ଚାୟତର ସମସ୍ତ ଚାଷୀଭାଇ ତଥା ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ଜୁଗୁନୁ ପଧାନ
ସମିତିସଭ୍ୟ ସିଂହାମୁଣ୍ଡା ପଞ୍ଚାୟତ
ଓ ସଭାପତି ରାମଚନ୍ଦ୍ରପୁର ପେକ୍ସ

ନୂଆଁଖାଇ ଉପଲକ୍ଷେ କୁତୁର୍ଲା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ତଥା ନୂଆଁଖାଇ ଜୁହାର ।
ବଡ ପଧାନ, ସରପଞ୍ଚ — ଗୋପାଲ ଷଡଙ୍ଗୀ, କାର୍ଯ୍ୟନିର୍ବାହୀ ଅଧିକାରୀ
କୁତୁର୍ଲା ଗ୍ରାମ ପଚାଂୟତ

ନୂଆଁଖାଇ ଉପଲକ୍ଷେ ଗୌରଗୋଠ କୃଷି ସେବା ସମବାୟ ସମିତି ଅଧିନସ୍ଥ ଚାଷୀ ଭାଇ ତଥା ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ବିଘ୍ନରାଜ ରଣା, ସଭାପତି — ଦୂର୍ଯୋଧନ ରଣା, ସମ୍ପାଦକ
ଗୌରଗୋଠ କୃଷିସେବାସମବାୟ ସମିତି

# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ସେପ୍ଟେମ୍ବର ୧୬/୨୦୧୮ | Sambalpur, Sunday, September 16/ 2018 | ପୃଷ୍ଠା-୧




**ପ୍ରିୟଙ୍କାଙ୍କ ହଲିଉଡ୍ ଖ୍ୟାତିକୁ ପ୍ରଶଂସା କଲେ ରାଧିକା**
ଅଭିନେତ୍ରୀ ରାଧିକା ଆପ୍ତେ ହଲିଉଡ୍‌ରେ ପ୍ରଥମ କରି ଅଭିନୟ କରିବାକୁ ଯାଉଥିବା ବେଳେ ପ୍ରିୟଙ୍କା ଚୋପ୍ରାଙ୍କର ହଲିଉଡ୍ ଖ୍ୟାତିକୁ ପ୍ରଶଂସା କରିଛନ୍ତି।
୦୬

୧୧
**ମନ୍ କୌର ସ୍ୱର୍ଣ୍ଣ ଜିତିଲେ**
ୱାର୍ଲ୍ଡ ମାଷ୍ଟର୍ସ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳା ଆଥଲେଟ୍ ମନ୍ କୌର ୨୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।








## ୭୨ଘଣ୍ଟା ମଧ୍ୟରେ ଲଘୁଚାପ

### ଉପକୂଳ, ଆଭ୍ୟନ୍ତରୀଣରେ ବର୍ଷିବ

**ଭୁବନେଶ୍ୱର,୧୫।୯(ବ୍ୟୁରୋ)**

ଆସନ୍ତା ୭୨ ଘଣ୍ଟା ମଧ୍ୟରେ ପଶ୍ଚିମ କେନ୍ଦ୍ରୀୟ ଓ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହାର ପ୍ରଭାବରେ ଆସନ୍ତା ୧୯ ତାରିଖ ରାତିରୁ ଉପକୂଳ ଓଡିଶାରେ ବର୍ଷା ହେବ। ଲଘୁଚାପ ଘନୀଭୂତ ହୋଇ ୨୦ ତାରିଖରେ ଉପକୂଳବର୍ତ୍ତୀ ପୁରୀ, କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କେନ୍ଦ୍ରାପଡା ଆଦି ଜିଲାରେ ବର୍ଷିବ। ୨୧ ତାରିଖରେ ଆଭ୍ୟନ୍ତରୀଣ ଓଡିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ଉପକୂଳ ଓ ଦକ୍ଷିଣ ଉପକୂଳ ଜିଲାଗୁଡିକରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କନ୍ଧମାଳ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ,ମାଲକାନଗିରି ଗଜପତି ଏବଂ ରାୟଗଡା ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୨ ତାରିଖରେ ବର୍ଷା ପରିମାଣ କମିଯିବ। ଲଘୁଚାପ ଉତ୍ତର ପଶ୍ଚିମ ଓଡିଶା ଦେଇ ଛତିଶଗଡ ଆଡେ ଚାଲିଯିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗତ ୨୮ ଘଣ୍ଟା ମଧ୍ୟରେ ରାଜ୍ୟରେ କାଁ ଭାଁ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ୨ଟି ଜିଲାରେ ୧୦ପ୍ରତିଶତରୁ ଅଧିକ ବର୍ଷା ହୋଇ ନାହିଁ। ବାଲେଶ୍ୱର ଜିଲାରେ୧୪.୯ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଜଗତ୍‌ସିଂହପୁରରେ ୧୧.୯ ମିଲିମିଟର ବର୍ଷା ହୋଇଛି। ୧୮ ଜିଲାରେ ଆଦୌ ବର୍ଷା ହୋଇ ନାହିଁ। ଜୁନ ପହିଲାରୁ ସେପ୍ଟେମ୍ବର ୧୫ମଧ୍ୟରେ ରାଜ୍ୟରେ ୧୩.୯ ପ୍ରତିଶତ ଅଧିକ ବର୍ଷା ହୋଇଛି।

# ବଜ୍ରପାତ ସାଜିଛି ମହାବିପତ୍ତି

**ଭୁବନେଶ୍ୱର,୧୫।୯(ବ୍ୟୁରୋ)**

- ୪ ବର୍ଷରେ ଗଲାଣି ୧୪୮୭ ଜୀବନ
- ଘଡ଼ଘଡ଼ିରେ ଖୋର୍ଦ୍ଧା, ମୟୂରଭଞ୍ଜ ଜିଲାରେ ୩ ମୃତ
- ୪୫ ମିନିଟ୍ ପୂର୍ବରୁ ମିଳିବ ସତର୍କ ସୂଚନା



ରାଜ୍ୟରେ ବଜ୍ରପାତ ମହାବିପତ୍ତି ଭାବେ ଉଭା ହେଲାଣି। ବଜ୍ରପାତରେ ପ୍ରତ୍ୟେକ ବର୍ଷ ପ୍ରାୟ ୪୦୦ ଲୋକଙ୍କ ବହୁମୂଲ୍ୟ ଜୀବନ ଚାଲି ଯାଉଛି। ଏହି ପ୍ରାକୃତିକ ବିପଦ ବେଳକୁ ବେଳ ଭୟଙ୍କର ହେବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ ସାଙ୍ଗକୁ ପାଗରେ ଅଚାନକ ପରିବର୍ତ୍ତନ ଯୋଗୁ ଏଭଳି ବିପତ୍ତି ହଠାତ ମାଡି ଆସୁଥିବା କୁହାଯାଉଛି। ବିପଦକୁ ଅନୁଭବ କରିବା ପୂର୍ବରୁ ନିମିଷକ ମାତ୍ରେ ଜୀବନ ଦୀପ ଲିଭି ଯାଉଛି। ବନ୍ୟା, ବାତ୍ୟା ଭଳି ବିପତ୍ତିକୁ ବଜ୍ରପାତ ବିପଦ ବଳିଗଲାଣି।

ଗତ ୪ ବର୍ଷ ମଧ୍ୟରେ ରାଜ୍ୟରେ ୧୪୮୭ ଜଣ ବଜ୍ରପାତର ଶିକାର ହେଲେଣି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୫-୧୬ରେ ୩୯୯ ଜଣଙ୍କର ଜୀବନ ବଜ୍ରପାତ ଯୋଗୁ ଯାଇଥିବା ବେଳେ ୨୦୧୭-୧୮ରେ ୪୬୦ ଏବଂ ୨୦୧୮-୧୯ ସେପ୍ଟେମ୍ବର ୧୫ ତାରିଖ ମଧ୍ୟରେ ୨୩୧ ଜଣ ବଜ୍ରପାତର ଶିକାର ହୋଇଛନ୍ତି। ଏହି ସମୟରେ ମୟୂରଭଞ୍ଜରେ ସର୍ବାଧିକ ୧୫୩ ଜଣଙ୍କର ଜୀବନ ଯାଇଥିବା ବେଳେ ବାଲେଶ୍ୱର ୧୧୧, ଗଞ୍ଜାମ ୧୦୨, କେନ୍ଦୁଝରର ୧୦୭ ଜଣ ଲୋକ ଘଡଘଡି ଯୋଗୁ ମୃତ୍ୟୁମୁଖରେ ପଡିଛନ୍ତି। ୧୮ଟି ଜିଲାରେ ଗତ ୩ ବର୍ଷରେ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପ୍ରାଣ ଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ଗତ ୩ ବର୍ଷ ମଧ୍ୟରେ ରାଜ୍ୟରେ ବିଭିନ୍ନ ପ୍ରାକୃତିକ ବିପତ୍ତି ଯୋଗୁ ୪୬୮୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ସେଥିରୁ ୨୭ ପ୍ରତିଶତ ବଜ୍ରପାତଜନିତ ମୃତ୍ୟୁ ହୋଇଛି। ମେ'ରୁ ସେପ୍ଟେମ୍ବର ମଧ୍ୟରେ ବଜ୍ରପାତ ଯୋଗୁ ୧୦୬୯ ଲୋକଙ୍କର ମୃତ୍ୟୁ ହୋଇଛି। ମେ'ରେ ୨୦୯ ଜଣଙ୍କର ଜୀବନ ହାନି ହୋଇଥିବା ବେଳେ ଜୁନ୍‌ରେ ୨୩୧, ଜୁଲାଇରେ ୨୬୪, ଅଗଷ୍ଟରେ ୧୯୨ ଏବଂ ସେପ୍ଟେମ୍ବରରେ ୧୭୩ ଜଣଙ୍କର ମୃତ୍ୟୁ ହୋଇଛି। ଯଦି ବ୍ଲକ୍‌କୁ ହିସାବକୁ ନିଆଯାଏ ତେବେ ଭଦ୍ରକ ଜିଲାର ଭଦ୍ରକ ବ୍ଲକରେ ୧୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ବାଲେଶ୍ୱର ଜିଲାର ରେମୁଣା, ଜଳେଶ୍ୱରରେ ୧୫ ଏବଂ କେନ୍ଦୁଝର ବ୍ଲକରେ ୧୫ଜଣଙ୍କର ବଜ୍ରପାତ ଯୋଗୁ ପ୍ରାଣ ଯାଇଛି।

ତେବେ ଚଳିତ ବର୍ଷ ମେ ମାସରୁ ସେପ୍ଟେମ୍ବର ୧୫ ମଧ୍ୟରେ ୨୩୧ ଜଣଙ୍କର ପ୍ରାଣ ହାନି ହୋଇ ସାରିଲାଣି। ମୟୂରଭଞ୍ଜରେ ସର୍ବାଧିକ ୨୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ବାଲେଶ୍ୱରରେ ୧୬, ବରଗଡ ୧୩, ବଲାଙ୍ଗୀର ୧୧, କଟକ ୧୪, ଢେଙ୍କାନାଳ ୧୩, କେନ୍ଦୁଝର ୧୮, ନବରଙ୍ଗପୁର ୧୦ ଏବଂ ସୁନ୍ଦରଗଡ ଜିଲାରେ ୧୨ ଜଣଙ୍କର ମୃତ୍ୟୁ ଘଟିଲାଣି। ସେହିପରି ଅନ୍ୟ ଜିଲାରେ ମଧ୍ୟ ବଜ୍ରପାତ ମୃତ୍ୟୁ ରେକର୍ଡ କରାଯାଇଛି। ଶନିବାର ଅପରାହ୍ନରେ ହୋଇଥିବା ଝଡବର୍ଷା ଯୋଗୁ ଖୋର୍ଦ୍ଧା ଓ ମୟୂରଭଞ୍ଜ ଜିଲାରେ ୩ ଜଣଙ୍କର ପ୍ରାଣହାନି ହୋଇଛି। ଖୋର୍ଦ୍ଧା ଜିଲାର ସାରୁଅରେ ଦୁଇ ଜଣ ଓ ମୟୂରଭଞ୍ଜ ଜିଲାର ରାଇରଙ୍ଗପୁରଠାରେ ଜଣେ ବ୍ୟକ୍ତି ବଜ୍ରପାତ ଯୋଗୁ ଜୀବନ ହରାଇଥିବା ଜାଣିବାକୁ ମିଳିଛି।

ବ୍ରଜପାତ ବେଳକୁ ବେଳ ଏକ ଭୟଙ୍କର ପ୍ରାକୃତିକ ବିପଦ ଭାବେ ଦେଖାଦେଇଥିବାରୁ ଲୋକମାନଙ୍କୁ ଏଥିରୁ ସୁରକ୍ଷା ଦେବା ପାଇଁ ରାଜ୍ୟ ସରକାର ଦୁଇଟି ଅନ୍ତର୍ଜାତୀୟ ସଂସ୍ଥା ୟାର୍ଥ ନେଟର୍ୱାର୍କ ଏବଂ ଥାଇଲାଣ୍ଡସ୍ଥିତ ଆଞ୍ଚଳିକ ସମନ୍ୱିତ ବହୁମୁଖୀ ବିପଦ ପ୍ରାକ୍ ସୂଚନା ବ୍ୟବସ୍ଥା(ଆରଆଇଏମ୍‌ଇଏସ) ସହ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଆମେରିକାସ୍ଥିତ ୟାର୍ଥ ନେଟର୍ୱାର୍କ ରାଜ୍ୟର ବିଭିନ୍ନ ସ୍ଥାନରେ ୟର୍ଲିଓ୍ୱାର୍ନିଂ ସିଷ୍ଟମ୍ ଲଗାଇବା ସହ ବଜ୍ରପାତର ୪୫ମିନିଟ ପୂର୍ବରୁ ଲୋକମାନଙ୍କୁ ମୋବାଇଲ ଏସଏମ୍ଏସ ଜରିଆରେ ସତର୍କ କରାଇବ। ସେହିପରି ଥାଇଲାଣ୍ଡସ୍ଥିତ ଆଞ୍ଚଳିକ ସମନ୍ୱିତ ବହୁମୁଖୀ ବିପଦ ପ୍ରାକ୍ ସୂଚନା ବ୍ୟବସ୍ଥା(ଆରଆଇଏମ୍‌ଇଏସ) ଜନସାଧାରଣଙ୍କୁ ଖୁବ କମ ସମୟ ମଧ୍ୟରେ ବଜ୍ରପାତର ସୂଚନା ଦେବ। ଆସନ୍ତା ୨ ବର୍ଷ ମଧ୍ୟରେ ଏହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଅପରାହ୍ନ ୫ଟା ୩୦ ମିନିଟରେ ହେଉଥିବା ଝଡ ବର୍ଷା ଯୋଗୁ ରାଜ୍ୟରେ ବଜ୍ରାଘାତ ମୃତ୍ୟୁ ହେଉଛି। ଏହି ସମୟରେ ଲୋକମାନେ ଘର ଭିତରେ ରହିବା ଜରୁରୀ। ଯଦି ଗାଡି ଭିତରେ ଅଛନ୍ତି ତେବେ ପଦାକୁ ନ ବାହାରିବା ଉଚିତ। ବିଲରେ ଥିଲେ ପାଦ ଟିପ ସାହାଯ୍ୟରେ ଟେକି ହୋଇ ବସି ତଳକୁ ମୁହଁ ମାଡି ରଖିଲେ ବଜ୍ରପାତ ବିପତ୍ତିରୁ ରକ୍ଷା ମିଳିପାରିବ। ଏଥିସହିତ ଜନସଚେତନତା ସୃଷ୍ଟି କରି ପାରିଲେ ଏଭଳି ବିପତ୍ତିକୁ କେତେକାଂଶରେ ଏଡାଯାଇ ପାରିବ ବୋଲି ପାଣିପାଗ ବିଶେଷଜ୍ଞ ଶରତ ଚନ୍ଦ୍ର ସାହୁ କହିଛନ୍ତି।


**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**


**ଆଜିର ସମ୍ପାଦକୀୟ**

### ନାଗରିକ ଅଧିକାରର ବିଜୟ

**ଆଜିର ମନ୍ତବ୍ୟ**

"ଆଇନଜୀବୀମାନେ ଅର୍ଥ ଉପାର୍ଜନ ଅପେକ୍ଷା ଗରିବ ଲୋକଙ୍କୁ ନ୍ୟାୟ ପ୍ରଦାନ ଲାଗି ଅଧିକ ଗୁରୁତ୍ୱ ଦେବା ଉଚିତ।
–ରାମନାଥ କୋବିନ୍ଦ, ରାଷ୍ଟ୍ରପତି

# ବଢ଼ିଲା ବସ୍ ଭଡ଼ା

**ଭୁବନେଶ୍ୱର,୧୫।୯(ବ୍ୟୁରୋ)**

ଗତ କିଛିଦିନ ହେବ ଡିଜେଲ ଓ ପେଟ୍ରୋଲ ଦର ହୁ ହୁ ହୋଇ ବଢୁଛି। ଗତ ୩ ମାସରେ ଡିଜେଲ ଦର ୪ଟଙ୍କା ୭୬ ପଇସା ବଢିଲାଣି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବସ୍ ଭଡା ବୃଦ୍ଧି କରିଛନ୍ତି। କିଲୋମିଟରକୁ ଯଥାକ୍ରମେ ୨ ଓ ୪ ପଇସା ବଢାଇଛନ୍ତି। ଏ ନେଇ ଶନିବାର ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସାଧାରଣ ଓ ଏକ୍ସପ୍ରେସ ବସ୍ ଭଡା କିଲୋମିଟର ପିଛା ୨ ପଇସା ଲେଖାଏ ବୃଦ୍ଧି ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ କିଲୋମିଟରକୁ ୪ପଇସା ବୃଦ୍ଧି ପାଇଛି। ଏହି ବୃଦ୍ଧି ଫଳରେ ସାଧାରଣ ବସ୍ ଭଡା କିଲୋମିଟର ପିଛା ୭୦ ପଇସାରୁ ୭୨ ପଇସାକୁ ବୃଦ୍ଧି ହୋଇଥିବା ବେଳେ ଏକ୍ସପ୍ରେସ ୭୩ରୁ ୭୫, ଡିଲକ୍ସ ବସ କିଲୋମିଟର ପିଛା ୧ଟଙ୍କା ୧ ପଇସାରୁ ୧ଟଙ୍କା ୫ ପଇସା ଏବଂ ଏସି ଡିଲକ୍ସ ବସ କିଲୋମିଟର ପିଛା ୧ ଟଙ୍କା ୨୩ ପଇସାରୁ ୧ଟଙ୍କା ୨୭ ପଇସାକୁ ବୃଦ୍ଧି ପାଇଛି। ସ୍ୱୟଂକ୍ରିୟ ବ୍ୟବସ୍ଥା ଅନୁଯାୟୀ ଏହି ଭଡା ବୃଦ୍ଧି ହୋଇଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୫ ଥର ବସ୍ ଭଡା ବୃଦ୍ଧି ପାଇଲାଣି। ୨୦୧୮ ☞ପୃଷ୍ଠା-୨

**ତୈଳ ଦର ପ୍ରଭାବ**

- ଯାତ୍ରୀ ହନ୍ତସନ୍ତ
- କିଲୋମିଟର ପିଛା ୨ ଓ ୪ ପଇସା
- ଟିକସ ଛାଡ଼ କରିବାକୁ ବସ୍ ମାଲିକ ସଂଘର ଦାବି



**କିଲୋମିଟର ପିଛା ବସ୍ ଭଡ଼ା**

| | ଥିଲା | ହେଲା |
|---|---|---|
| ସାଧାରଣ ବସ୍ | ୭୦ ପଇସା | ୭୨ ପଇସା |
| ଏକ୍ସପ୍ରେସ | ୭୩ ପଇସା | ୭୫ ପଇସା |
| ଡିଲକ୍ସ ବସ୍ | ୧ ଟଙ୍କା ୧ ପଇସା | ୧ ଟଙ୍କା ୫ ପଇସା |
| ଏସି ଡିଲକ୍ସ ବସ୍ | ୧ ଟଙ୍କା ୨୩ ପଇସା | ୧ ଟଙ୍କା ୨୭ ପଇସା |

■ ସୁରକ୍ଷାବଳଙ୍କୁ ସଫଳତା: ଲଶ୍କର, ହିଜବୁଲ୍ ଝଟକା

# ୫ ଆତଙ୍କବାଦୀ ନିହତ

**ଶ୍ରୀନଗର, ୧୫।୯(ପି.ଟି.)**

- ଏନ୍‌କାଉଣ୍ଟର ସ୍ଥଳରେ ସଂଘର୍ଷ
- ଜଣେ ସାଧାରଣ ନାଗରିକ ମୃତ

ଜମ୍ମୁ-କଶ୍ମୀରରେ ସୁରକ୍ଷାବଳଙ୍କୁ ପୁଣି ଏକ ବଡ଼ ସଫଳତା ମିଳିଛି। କୁଲ୍‌ଗାମ୍ ଜିଲାରେ ଶନିବାର ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ଏବଂ ହିଜବୁଲ ମୁଜାହିଦ୍ଦିନ୍ (ଏଚ୍‌ଏମ୍)ର ୫ ଆତଙ୍କବାଦୀ ନିହତ ହୋଇଛନ୍ତି। କାଜିଗଣ୍ଡ ଅନ୍ତର୍ଗତ ଚୌଗାମ୍ ଅଞ୍ଚଳରେ ସଦ୍ୟ ଏନ୍‌କାଉଣ୍ଟର ଘଟିବା ପରେ ସ୍ଥାନୀୟ ଯୁବକମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଟେକାମାଡ଼ ଆରମ୍ଭ କରିଦେଇଥିଲେ। ସୁରକ୍ଷାକର୍ମୀ ଏବଂ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ବେଳେ ଜଣେ ସାଧାରଣ ଲୋକ ନିହତ ହେବା ସହ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି।

ଚୌଗାମ୍‌ରେ ଆତଙ୍କବାଦୀ ଲୁଚିରହିଥିବା ଗୋଇନ୍ଦା ସୂଚନା ମିଳିବା ପରେ ଶୁକ୍ରବାର ରାତିରେ ସେଠାରେ ଦମନ ଅଭିଯାନ ଆରମ୍ଭ ହୋଇଥିଲା। ସୁରକ୍ଷାକର୍ମୀମାନେ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରିବା ସହ ତଲାସି ଚଳାଇଥିଲେ। ସର୍ଚ୍ଚ ଅପରେଶନ ଚାଲିଥିଲାବେଳେ ☞ପୃଷ୍ଠା-୨


**ଅନଲାଇନ୍‌ରେ ମିଳିବ ବୋର୍ଡ, ୟୁନିଭର୍ସିଟି ସାର୍ଟିଫିକେଟ୍**
........୨........


**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷର ଜୁନ ତ୍ରୈମାସ ଶେଷ ସୁଦ୍ଧା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ୩୬,୫୦୦ କୋଟି ଟଙ୍କାର ଏନପିଏ ଅସୁଲ କରିଛନ୍ତି। ଏହା ସେପ୍ଟେମ୍ବର ତ୍ରୈମାସ ସୁଦ୍ଧା ୭୫ ରୁ ୮୦ ହଜାର କୋଟି ଟଙ୍କା ଛୁଇଁବ ବୋଲି ଆକଳନ କରାଯାଇଛି।
–ଅର୍ଥ ମନ୍ତ୍ରଣାଳୟ


**BISHANDAYAL JEWELLERS**
BIS: 916
Sriya Square, Bhubaneswar
Deals in :
Gold, Diamond & Silver

| | | |
|---|---|---|
| Gold 24 CT | ₹ 31,200/- | 10gm. |
| Gold 22 CT | ₹ 30,200/- | 10gm. |
| Silver Rate | ₹ 370/- | /10gm. |
| Making Charge | ₹100/- | onwards / 1gm. |

Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE 15.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 54 | 98 | 108 |
| CTC | 54 | 98 | 108 |
| DKL | 55 | 100 | 110 |
| BDK | 56 | 101 | 111 |
| BLS | 57 | 102 | 112 |
| ANG | 57 | 102 | 112 |

*Conditions Apply
Eggs Retail Price- 46/-Dozen
Issued in the Interest of Consumers


■ସର୍ଦ୍ଧାର ରାଜା ମେଡିକାଲ କଲେଜର ଦୁର୍ନୀତି ମାମଲା

# ଏ.ଜନ୍‌ସେଲ ରାଜାଙ୍କୁ ମିଳିଲା ଅନ୍ତରୀଣ ଜାମିନ

**ଧର୍ମଗଡ/ଜୁନାଗଡ଼,୧୫।୯ (ଡି.ଏନ୍.ଏ./ସ୍ୱ.ପ୍ର.)**


ଏ.ଜନ୍‌ସେଲ ରାଜା (ଫାଇଲ ଫଟୋ)

କଳାହାଣ୍ଡି ସର୍ଦ୍ଧାର ରାଜା ମେଡିକାଲ କଲେଜର ମୁଖ୍ୟ ଏ.ଜନ୍‌ସେଲ ରାଜାଙ୍କୁ ସୁପ୍ରିମକୋର୍ଟ ଶନିବାର ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ୫ ଲକ୍ଷ ଟଙ୍କା ସହ ୨ ଜାମିନଦାରଙ୍କ ସହାୟତାରେ କୋର୍ଟ ଜାମିନ ଦେଇଛନ୍ତି।

ଗତ ଅଗଷ୍ଟ ୩ ତାରିଖରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା ତାମିଲନାଡୁରୁ ଏ.ଜନ୍‌ସେଲ ରାଜାଙ୍କୁ ଗିରଫ କରି କଳାହାଣ୍ଡି ଜିଲା ଜୁନାଗଡ଼ ଜେଏମ୍ଏଫ୍‌ସି କୋର୍ଟରେ ହାଜର କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଧର୍ମଗଡ ଉପକାରାଗାରକୁ ପଠାଇ ଦିଆଯାଇଥିଲା। ପରେ ଧର୍ମଗଡ଼ ଅତିରିକ୍ତ ଜିଲା ଦୌରାଜଜ ରାମକୃଷ୍ଣ ଚୌଧୁରୀ ମାମଲାର ଶୁଣାଣି କରି ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ଏନେଇ ଏ.ଜନ୍‌ସେଲ ରାଜାଙ୍କ ଓକିଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶନିବାର ସୁପ୍ରିମକୋର୍ଟ ମାମଲାର ବିଚାର କରି ରାଜାଙ୍କୁ ଜାମିନ ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, କଲେଜ ନିର୍ମାଣ ପାଇଁ ରାଜ୍ୟ ସରକାର ୨୫ ଏକର ଜମି ଯୋଗାଇବା ସହିତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୧୦ କୋଟି ଟଙ୍କା ମଞ୍ଜୁରୀ କରିଥିଲେ। ଏନେଇ ୨୦୦୪ ଜାନୁୟାରୀ ୩୦ ତାରିଖରେ ରାଜ୍ୟ ସରକାରଙ୍କ ସହିତ ଏମ୍ଓୟୁ ସ୍ୱାକ୍ଷର ହେବାପରେ ୧୦ଟି ପର୍ଯ୍ୟାୟରେ ସଂସ୍ଥାକୁ ୧୦ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ତେବେ ଚୁକ୍ତି ମୁତାବକ କାର୍ଯ୍ୟ ହୋଇ ନ ଥିବା ବେଳେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଜୁନାଗଡ଼ ଥାନାରେ ୨୦୧୫ ସେପ୍ଟେମ୍ବର ୯ତାରିଖରେ ସଂସ୍ଥା ବିରୋଧରେ ଅଭିଯୋଗ ହୋଇଥିଲା। ଏନେଇ ଜୁନାଗଡ଼ ଥାନା ପୋଲିସ ଏକ ମାମଲା ରୁଜୁ କରିଥିଲା। ପରେ ରାଜ୍ୟ ସରକାର ୨୦୧୮ ମାର୍ଚ୍ଚ ୩୧ତାରିଖରେ ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖାକୁ ହସ୍ତାନ୍ତର କରିଥିଲେ।

ଏ.ଜନ୍‌ସେଲ ରାଜା ଧର୍ମଗଡ଼ ବିଚାର ବିଭାଗୀୟ ହାଜତରେ ଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। ଏନେଇ ତାଙ୍କୁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ହେବାରୁ ସେଦିନଠାରୁ ଆଜି ପର୍ଯ୍ୟନ୍ତ ବୁର୍ଲା ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

■ନୂଆଁଖାଇ ଉତ୍ସବ ପୂର୍ବରୁ ଆକ୍ରମଣ

# ଟାଙ୍ଗିଆ ଚୋଟରେ ଭିଶୋଇ ମୃତ

**ମୋହନଗିରି,୧୫।୯(ଡି.ଏନ୍.ଏ.)**

ସମଗ୍ର ପଶ୍ଚିମ ଓଡ଼ିଶା ନୂଆଁଖାଇ ପାଳନରେ ଖୁସି ମନାଉଥିବା ବେଳେ କଳାହଣ୍ଡି ଜିଲା ମ.ରାମପୁର ବ୍ଲକର ମୋହନଗିରିସ୍ଥିତ ଡାଲାବାହଲି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଶାଳକଙ୍କ ଟାଙ୍ଗିଆ ଚୋଟରେ ନିଜ ଭିଶୋଇଙ୍କ ମୃତ୍ୟୁ ଘଟିଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ସୂଚନା ମୁତାବକ, ଡାଲାବାହଲି ଗ୍ରାମର ଅଭି ଭୋଇ ଶୁକ୍ରବାର ରାତି ପ୍ରାୟ ସାଢେ ୭ଟାରେ ନୂଆଁଖାଇ ଭେଟ୍‌ଘାଟ୍ ହେବା ନେଇ ଗାଁରେ ରହୁଥିବା ଭିଣୋଇ ଶୁକଲ ପାତ୍ରଙ୍କ ଘରକୁ ଯାଇଥିଲେ। ହେଲେ ଶୁକଲ ନିଶାସକ୍ତ ଅବସ୍ଥାରେ ତାଙ୍କୁ ଗାଳିଗୁଲଜ କରିଥିଲେ। ଏଥିରେ ଅଭି ଉତ୍ତ୍ୟକ୍ତ ହୋଇ ଗାଁ ଦାଣ୍ଡରେ ଏକ ଟାଙ୍ଗିଆରେ ଶୁକଲଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଶୁକଲଙ୍କ ବେକରେ ଗଭୀର ଆଘାତ ଲାଗିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ମ.ରାମପୁର ଡାକ୍ତରଖାନାକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ମୃତକଙ୍କ ପରିବାର ଲୋକେ ମ.ରାମପୁର ଥାନାରେ ଏକ ଅଭିଯୋଗ କରିଛନ୍ତି। ପୋଲିସ ସେହି ଅଭିଯୋଗକୁ ଭିତ୍ତି କରି ଏକ ହତ୍ୟା ମାମଲା(ନଂ.୧୪/୧୮) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ପୋଲିସ ଅଭିଯୁକ୍ତ ଅଭିଙ୍କୁ ଗିରଫ କରିଥିବା ବେଳେ ତାଙ୍କ ୨ ପୁଅଙ୍କୁ ମଧ୍ୟ ପୋଲିସ ଥାନାରେ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚଳାଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୬ ସେପ୍ଟେମ୍ବର, ୨୦୧୮



ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ
ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଦେବାଂଶୀ
ପରିବାରବର୍ଗ


ସାଇ ସଂଗୀତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ସ୍ତ୍ରୀଙ୍କୁ ବାଡ଼ିରେ ପିଟି ହତ୍ୟା

କୁଆଁରମୁଣ୍ଡା,୧୫।୯(ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଚଇନପୁର ଗ୍ରାମରେ ଶ୍ୱଶୁର ଘର ନିକଟରେ ଭଡା ନେଇ ରହୁଥିବା ଲୁଆରାମ ଅଞ୍ଚଳର ସୁରଜ ଏକ୍କା ଗୁରୁବାର ରାତିରେ ନିଜ ସ୍ତ୍ରୀ ଜେମା ଏକ୍କା (୨୭)ଙ୍କୁ ବାଡ଼ିରେ ପିଟି ହତ୍ୟା କରିଛନ୍ତି। ଶନିବାର ମୃତଦେହ ବ୍ୟବଚ୍ଛେଦରୁ ଏହା ଜଣାପଡ଼ିବା ପରେ ପୋଲିସ ଅଭିଯୁକ୍ତ ସ୍ୱାମୀ ସୁରଜଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। ଏ ନେଇ ବୀରମିତ୍ରପୁର ଥାନାରେ ଏକ ମାମଲା (ନଂ.୧୦୩/୧୮) ରୁଜୁ ହୋଇଛି। ସୂଚନାଯୋଗ୍ୟ, ସୁରଜ ଓ ଜେମାଙ୍କ ମଧ୍ୟରେ ଗୁରୁବାର କୌଣସି କାରଣକୁ ନେଇ ଝଗଡ଼ା ଲାଗିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସୁରଜ ଏକ ବାଡ଼ିରେ ଜେମାଙ୍କୁ ନିସ୍ତୁକ ପିଟି ଥିଲେ। ଫଳରେ ଜେମାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସୁରଜ ଏହାକୁ ଆତ୍ମହତ୍ୟାର ରୂପ ଦେଇଥିଲେ। ମାତ୍ର ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରୁ ହତ୍ୟା କରାଯାଇଥିବା ପ୍ରମାଣ ମିଳିବା ପରେ ସୁରଜ ଫେରାର ହୋଇଯାଇଛନ୍ତି।

## ସଂକ୍ଷେପରେ

### ୩୨୮ ନିଷିଦ୍ଧ ଔଷଧ ପ୍ରସ୍ତୁତି, ବିକ୍ରି ବନ୍ଦ ନିର୍ଦ୍ଦେଶ
### ନ ମାନିଲେ ଲାଇସେନ୍ସ ରଦ୍ଦ

ଭୁବନେଶ୍ୱର, ୧୫।୯(ବ୍ୟୁରୋ)- ଉଭୟ ସ୍ୱଦେଶୀ ଏବଂ ବିଦେଶୀ ଔଷଧ କମ୍ପାନୀ ଦ୍ୱାରା ପ୍ରସ୍ତୁତ ସାରିଡନ ଭଳି ଯନ୍ତ୍ରଣାନାଶକ ୩୨୮ ପ୍ରକାର ଔଷଧକୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ନିଷିଦ୍ଧ କରିଛି। ଏହାର ଦୁଇଦିନ ପରେ ଶନିବାର ରାଜ୍ୟ ସରକାରଙ୍କ ଔଷଧ ନିୟନ୍ତ୍ରଣ ନିର୍ଦ୍ଦେଶାଳୟ ଏକ ନିଷିଦ୍ଧନାମା ଜାରି କରିଛି। ଔଷଧଗୁଡ଼ିକ ରାଜ୍ୟରେ ଯେପରି ପ୍ରସ୍ତୁତ, କ୍ରୟ, ବିକ୍ରୟ ଏବଂ ବିତରଣ ନ ହୁଏ ସେଥିପ୍ରତି ନଜର ରଖିବାକୁ ନିର୍ଦ୍ଦେଶାଳୟ ସମସ୍ତ ଡ୍ରଗ୍ସ୍ ଇନ୍ସପେକ୍ଟରଙ୍କୁ କଡା ନିର୍ଦ୍ଦେଶ ଦେଇଛି।ଭୁବନେଶ୍ୱର ୧, ୨ ଏବଂ ୩ ଡ୍ରଗ୍ସ ଇନ୍ସପେକ୍ଟର ଏବଂ କଟକ ୧, ୨ ଏବଂ ୩ ଡ୍ରଗ୍ସ ଇନ୍ସପେକ୍ଟର ଔଷଧ ପ୍ରସ୍ତୁତ କରୁଥିବା କମ୍ପାନୀ ଉପରେ କଡା ନଜର ରଖିବାକୁ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ଏଥିସହିତ ନିର୍ଦ୍ଦେଶାଳୟ ଉତ୍କଳ କେମିଷ୍ଟ ଆଣ୍ଡ ଡଗିଷ୍ଟ ଆସୋସିଏଶନ, ଉତ୍କଳ ଫାର୍ମାସିଟିକାଲ୍ସ ଆଣ୍ଡ୍ ମାନ୍ୟୁଫ୍ୟାକ୍ଚରିଂ ଆସୋସିଏଶନ ଏବଂ ଗ୍ରାମାଞ୍ଚଳରେ ଥିବା ଡ୍ରଗ୍ସ୍ ଇନପେକ୍ଟରମାନଙ୍କୁ ନିଷିଦ୍ଧ କରାଯାଇଥିବା ଔଷଧ ଯେପରି ପ୍ରସ୍ତୁତ ନ ହେବ ସେନେଇ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛି। ଯଦି କେହି ଏହାକୁ ଉଲ୍ଲଂଘନ କରି ଔଷଧ ବିକ୍ରୟ କରନ୍ତି ତେବେ ସେମାନଙ୍କ ଲାଇସେନ୍ସ ରଦ୍ଦ କରିବାକୁ ଡ୍ରଗ୍ସ ଇନ୍ସପେକ୍ଟରମାନଙ୍କୁ କୁହାଯାଇଛି। ଡ୍ରଗ୍ସ ଇନ୍ସପେକ୍ଟର ଜିଲାର ବିଭିନ୍ନ ଅଞ୍ଚଳ ବୁଲି ଏସବୁ ଔଷଧ ବିତରଣ ଓ ବିକ୍ରୟ କରୁଥିବା ଔଷଧ ଦୋକାନ, କମ୍ପାନୀ ନାମ ଏବଂ ଠିକଣା ଲେଖି ୭ଦିନ ଭିତରେ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

### ୩ ୱାର୍ଡର ନିଲମ୍ବିତ, ବଦଳିଲେ ଆସିଷ୍ଟାଣ୍ଟ ଜେଲର

ଭଞ୍ଜନଗର,୧୫।୯(ଡି.ଏନ.ଏ.)-ଗଞ୍ଜାମ ଜିଲା ଭଞ୍ଜନଗର ଜେଲରୁ ପାଚେରି ଡେ଼ଇଁ ଫେରାର ଥିବା ଦୁର୍ଦ୍ଧାନ୍ତ ଅପରାଧୀ ବାବୁ ନାୟକ ଫେରାର ଘଟଣାରେ ଜେଲ ବିଭାଗ କର୍ତ୍ତୃପକ୍ଷ ଶନିବାର ୩ଜଣ ୱାର୍ଡରଙ୍କୁ ନିଲମ୍ବିତ କରିଛନ୍ତି । ସେମାନେ ହେଲେ ଅମୂଲ୍ୟ ପାଳ, ସୁଶାନ୍ତ ଦେହୁରୀ ଓ ସୀମାଞ୍ଚଳ ବେହେରା। ଏଠାରେ ଭାରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ଆସିଷ୍ଟାଣ୍ଟ ଜେଲର ସ୍ମିତା ଖଟୁଆଙ୍କୁ ଆନନ୍ଦପୁରକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ବାଣପୁର ଜେଲରେ ଥିବା ଆସିଷ୍ଟାଣ୍ଟ ଜେଲର ସର୍ବେଶ୍ୱର ସାହୁଙ୍କୁ ନିଯୁକ୍ତି ଦିଆଯାଇଛି । ଭଞ୍ଜନଗର ଜେଲରୁ ଫେରାର ଥିବା ବାବୁଙ୍କୁ ଗିରଫ କରିବା ପାଇଁ ଏସ୍‌ଡ଼ିପିଓ ଉତ୍କଳ କେଶରୀ ଦାସଙ୍କ ନେତୃତ୍ୱରେ ଶନିବାର ରାତିରେ ଜଗନ୍ନାଥପ୍ରସାଦ ଥାନା ବେଗୁନିଆ ପାହାଡ଼ରେ ଚଢ଼ାଉ କରାଯାଇଥିଲା ।

# ବସୁନ୍ଧରାରେ ସାଉଁଟିଲେ ପିଲାଦିନର ସ୍ମୃତି

## ସ୍ପେନରୁ ଆସିଲେ ଲକ୍ଷ୍ମୀ, ସାଗରିକା

କଟକ ଅଫିସ,୧୫।୯

ସ୍ପେନରୁ ଆସି ବସୁନ୍ଧରାରେ ପାଦ ରଖିଲେ ଲକ୍ଷ୍ମୀ ଓ ସାଗରିକା। ଦିନେ ଏମାନଙ୍କୁ କନ୍ୟା ସନ୍ତାନ ବୋଲି ହତାଦର କରାଯାଇଥିଲା। ହେଲେ ସ୍ପେନର ୨ ପୃଥକ୍ ଦମ୍ପତି ଏହି ଶିଶୁକନ୍ୟାଙ୍କୁ କୋଳାଇ ନେଇ ସେମାନଙ୍କ ପାଇଁ ନୂଆ ପରିଚୟ ସୃଷ୍ଟି କରିଛନ୍ତି। ପାରାଦୀପ ଅଞ୍ଚଳର ଲକ୍ଷ୍ମୀ ଏବେ ସ୍ପେନରେ ମାରିଆ ଲକ୍ଷ୍ମୀ ନାଁରେ ପରିଚିତ ହୋଇ ଏକ ଟିଭି ଚ୍ୟାନେଲରେ ମାସିକ ୯୦ ହଜାର ଟଙ୍କାରେ ଚାକିରି କରୁଛନ୍ତି। ସେହିପରି କେନ୍ଦ୍ରାପଡା ଅଞ୍ଚଳର ସାଗରିକା ଏବେ ସ୍ପେନରେ ସାଗରିକା ଲୋପେ ନିଏଟୋ ନାମରେ ପରିଚିତ ହୋଇ ସ୍କୁଲରେ ପାଠ ପଢୁଛନ୍ତି। କଟକ ବିଡ଼ାନାସୀସ୍ଥିତ ବସୁନ୍ଧରାରେ ଶନିବାର ସ୍ପେନୀୟ ଦମ୍ପତିଙ୍କ ସହ ଲକ୍ଷ୍ମୀ ଏବଂ ସାଗରିକା ଆସି ପହଞ୍ଚିବା ପରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଯେଉଁଥିରେ ବସୁନ୍ଧରାର ସଦସ୍ୟ, ଶୁଭେଚ୍ଛୁ, ଲକ୍ଷ୍ମୀ ଏବଂ ସାଗିରକାଙ୍କୁ ଉଦ୍ଧାର କରି ବସୁନ୍ଧରାକୁ ଆଣିଥିବା ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ। ଦୀର୍ଘ ବର୍ଷ ପରେ ପିଲାଦିନ ଅତିବାହିତ କରିଥିବା ସ୍ଥାନକୁ ଫେରି ଲକ୍ଷ୍ମୀ, ସାଗରିକା ମନେପକାଇଥିଲେ ପୁରୁଣା ସ୍ମୃତି। ପିଲାଦିନେ ଏହିଠାରେ ଗଛରୁ ପିଜୁଳି ଖାଇବା ଏବଂ ଷଢେଇରେ ଖେଳିବା ବେଶ ମଜାଦାର ଥିଲା ବୋଲି ସେମାନେ କହିଛନ୍ତି। ସେହିପରି ସାଗରିକା ଓ ଲକ୍ଷ୍ମୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଥିବା ସ୍ପେନୀୟ ଦମ୍ପତିଙ୍କ କହିବାନୁଯାୟୀ ଅନ୍ୟ ଦେଶ ତୁଳନାରେ ଭାରତରେ ପୋଷ୍ୟ ସନ୍ତାନ ଗ୍ରହଣ କରିବାରେ ଆଇନଗତ ବ୍ୟବସ୍ଥା ବହୁତ ଭଲ। ହେଲେ ଭାରତୀୟ ପିଲାଙ୍କୁ ପୋଷ୍ୟ ଭାବେ ଗ୍ରହଣ କଲାପରେ ବର୍ଣ୍ଣଗତ ପାର୍ଥକ୍ୟ ଯୋଗୁ କିଛିମାତ୍ରାରେ ସମସ୍ୟା ହେଉଥିବା ସେମାନେ ସ୍ୱୀକାର କରିଥିଲେ। ଏନେଇ ଲକ୍ଷ୍ମୀ ଓ ସାଗରିକା କହିଛନ୍ତି ଯେ, ଦିନ ବଢ଼ିବା ସହ ଏସବୁକୁ ଭୁଲି ଆମେ ଆଗକୁ ବଢିବାକୁ ଚେଷ୍ଟା କରୁଛୁ।

ସୂଚନାଯୋଗ୍ୟ ପାରାଦୀପ ଅଞ୍ଚଳର ଏକ ଅଭାବୀ ପରିବାରର ବଡ଼ ଝିଅ ଲକ୍ଷ୍ମୀଙ୍କୁ ୯ ବର୍ଷ ବୟସରେ ଜଣେ ଡାକ୍ତରଙ୍କ ଘରେ କାମ କରିବାକୁ ଛାଡି ଦିଆଯାଇଥିଲା। ପରେ ସେଠାରେ ମାଡ଼ଗାଳିର ଶିକାର ହେବା ପରେ ତାଙ୍କୁ ଉଦ୍ଧାର କରାଯାଇ ଡିସେମ୍ବର ୧୯୮୯ରେ ବସୁନ୍ଧରାକୁ ଅଣାଯାଇଥିଲା। ୨୦୦୦ ମସିହାରେ ସ୍ପେନର ଏକ ଆଡପଶନ ଏଜେନ୍ସି ଦ୍ୱାରା ବସୁନ୍ଧରା ସହ ଯୋଗାଯୋଗ କରି ଲକ୍ଷ୍ମୀଙ୍କୁ ନେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ସ୍ପେନୀୟ ଦମ୍ପତି ଆଣ୍ଟୋନୀୟ ଟରେସ(ବାପା) ଓ ମାରିଆ କ୍ରୁଜ(ମା)। ଏହାପରେ ଆଇନ ଅନୁଯାୟୀ ଲକ୍ଷ୍ମୀଙ୍କୁ ଏହି ସ୍ପେନୀୟ ଦମ୍ପତି ପୋଷ୍ୟ ଭାବେ ଗ୍ରହଣ କରିଥିଲେ। ସେହିପରି କେନ୍ଦ୍ରାପଡାର ଲୁଥେରିଆନ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାର ଉଦ୍ଧାର ହୋଇ ସାଗରିକା ୨୦୦୦ରେ ବସୁନ୍ଧରା ଆସିଥିଲେ। ଏଠାରେ ୮ ବର୍ଷ ରହିବା ପରେ ୨୦୦୮ରେ ସାଗରିକାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିନେଇଥିଲେ ସ୍ପେନୀୟ ଦମ୍ପତି ମାନୁଏଲ ଲୋପେ ଓ ମାରିଆ ଲୁଇସା। ତେବେ ଲକ୍ଷ୍ମୀ ଏବଂ ସାଗରିକାଙ୍କ ସଫଳ କାହାଣୀ ଏବେ କନ୍ୟାସନ୍ତାନଙ୍କୁ ହତାଦର କରୁଥିବା ବ୍ୟକ୍ତିମାନଙ୍କୁ ଏକ ବାର୍ତ୍ତା ଦେଇପାରିଛି ବୋଲି କହିଛନ୍ତି ବସୁନ୍ଧରାର ଲିଗାଲ ଅଫିସର ଅକ୍ଷୟ କୁମାର ସ୍ୱାଇଁ।



ଲକ୍ଷ୍ମୀ (ମଝି), ସାଗରିକା (ଡାହାଣରୁ ଦ୍ୱିତୀୟ), ସାଗରିକାଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଥିବା ସ୍ପେନୀୟ ଦମ୍ପତି ଓ ବସୁନ୍ଧରାର କେୟାର ଟେକର।

■ 'ସୁନ୍ଦରୀ' ଚିନ୍ତାରେ ବନ ବିଭାଗ

# ସାତକୋଶିଆରେ କେନ୍ଦ୍ରୀୟ ଟିମ୍‌ର ଅନୁଧ୍ୟାନ

## ୨୪ ଘଣ୍ଟା ନଜର ରଖିବାକୁ ୨ ଟିମ୍ ଗଠିତ

ଭୁବନେଶ୍ୱର, ୧୫।୯(ବ୍ୟୁରୋ)

ସାତକୋଶିଆରେ 'ସୁନ୍ଦରୀ' ବାଘୁଣୀ ପାଇଁ ବନ ବିଭାଗର ନିଦ ହଜିଯାଇଛି। ଗତ ବୁଧବାର ଜଣେ ମହିଳାଙ୍କୁ ବାଘୁଣୀ ମାରିଥିବା ଅଭିଯୋଗ ହେବା ପରେ ବିଭାଗର ଚିନ୍ତା ବଢ଼ିଯାଇଛି। ବାଘୁଣୀକୁ ସାତକୋଶିଆରେ ରଖାଯିବ ନା ମଧ୍ୟପ୍ରଦେଶ ଫେରାଇ ନିଆଯିବ ସେନେଇ ସରକାର କିଛି ନିଷ୍ପତ୍ତି ନେଇପାରୁନାହାନ୍ତି। ସେପଟେ ଏହି ଘଟଣା ପାଇଁ ଶନିବାର ସାତକୋଶିଆରେ କେନ୍ଦ୍ରୀୟ ଟିମ୍ ଆସି ପହଞ୍ଚିଛି। ୱାଇଲ୍ଡ ଲାଇଫ୍ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ(ଡବ୍ଲ୍ୟୁସିସିବି) ଏବଂ ୱାଇଲ୍ଡ ଲାଇଫ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ(ଡବ୍ଲ୍ୟୁଆଇଆଇ)ର ସଦସ୍ୟମାନେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଛନ୍ତି। ହାତିବାଡ଼ିରେ ହୋଇଥିବା ମହିଳାଙ୍କ ମୃତ୍ୟୁର ତଦନ୍ତ ପାଇଁ ଅନୁଗୋଳରେ ଡବ୍ଲ୍ୟୁସିସିବିର କ୍ରାଇମବ୍ରାଞ୍ଚ, ସିଆଇଡି ଓ ସ୍ପେଶାଲ ଇନ୍‌ଭେଷ୍ଟିଗେଶନ ଟିମ୍ ଆସିଛନ୍ତି। ଏଥି ସହିତ ଟିକରପଡ଼ାରେ ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ବନ ବିଭାଗର ହୋଇଥିବା କ୍ଷୟକ୍ଷତି ଆକଳନ କରିବା ପାଇଁ ଆଉ ଏକ ଟିମ୍ ଯାଇଛନ୍ତି। 'ସୁନ୍ଦରୀ' ବାଘୁଣୀର ଗତିବିଧି ଉପରେ ନଜର ରଖିବା ସହିତ ସୁରକ୍ଷିତ ସ୍ଥାନରେ ତାକୁ କିପରି କାବୁ କରାଯିବ ସେଥିପାଇଁ ଡବ୍ଲ୍ୟୁଆଇଆଇର ଡ. ରମେଶଙ୍କ ନେତୃତ୍ୱରେ ଏକ ଟିମ୍ ଅନୁଗୋଳରେ ପହଞ୍ଚିଛି। ସେପଟେ ସୁନ୍ଦରୀ ଏକ ଗାଈକୁ ମାରିଥିବା ନେଇ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବରକୁ ବନ ବିଭାଗ ଅସ୍ୱୀକାର କରିଛି।

ଶନିବାର ପିସିସିଏଫ୍(ୱାଇଲ୍ଡ ଲାଇଫ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସନ୍ଦୀପ ତ୍ରିପାଠୀ ଅନୁଗୋଳ ଯାଇ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣର କ୍ଷେତ୍ର ନିର୍ଦ୍ଦେଶକ ସୁଦର୍ଶନ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ବନ କର୍ମଚାରୀଙ୍କ ସହିତ ଏକ ବୈଠକରେ ଆଲୋଚନା କରିଛନ୍ତି। ସାତକୋଶିଆରେ ବ୍ୟାଘ୍ର ସଂରକ୍ଷଣ ପାଇଁ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି କରିବା ଲାଗି ବୈଠକରେ ନିଷ୍ପତ୍ତି ହୋଇଛି। ବାଘ ଓ ଜନସାଧାରଣଙ୍କ ସୁରକ୍ଷା ଲାଗି ବାଘୁଣୀର ଗତିବିଧିକୁ ୨୪ଘଣ୍ଟା ତଦାରଖ କରିବା ପାଇଁ ବ୍ୟବସ୍ଥା ହୋଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ପିସିସିଏଫ୍ ପରିସ୍ଥିତି ସମ୍ପର୍କରେ ଅନୁଗୋଳ ଏସ୍‌ପି ଓ ଜିଲାପାଳଙ୍କ ସହିତ ମଧ୍ୟ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣର କ୍ଷେତ୍ର ନିର୍ଦ୍ଦେଶକ ପଣ୍ଡା କହିଛନ୍ତି, ଗୋଟିଏ ଦୁର୍ଘଟଣା ପାଇଁ ଏହି ପ୍ରକଳ୍ପ ବିଫଳ ହୋଇନାହିଁ। ପ୍ରକଳ୍ପ ବନ୍ଦ ହେବ ନାହିଁ। ବାଘ ସଂରକ୍ଷଣ ଓ ସ୍ଥାନାନ୍ତର ପ୍ରକଳ୍ପ ଜାରି ରହିବ। ସୁନ୍ଦରୀର ଗତିବିଧି, ଆଚରଣ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ। ସୁନ୍ଦରୀ ଉପରେ ନଜର ରଖିବା ପାଇଁ ୨ଟି ଟିମ୍ ଗଠନ କରାଯାଇଛି। ବର୍ତ୍ତମାନ ସୁନ୍ଦରୀ ଆଠଗଡ଼ ବନଖଣ୍ଡର ଘଞ୍ଚ ଜଙ୍ଗଲରେ ବିଚରଣ କରୁଛି। ୧୦ ଜଣ କ୍ଷେତ୍ର କର୍ମଚାରୀ ଏବଂ ପୋଲିସ ମୁତୟନ ହୋଇଥିବା ପଣ୍ଡା କହିଛନ୍ତି।

ଅନ୍ୟପଟେ ସୁନ୍ଦରୀକୁ ନେଇ ଲଙ୍କାକାଣ୍ଡ ଘଟଣାରେ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ଏନ୍‌ଟିସିଏ(ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ) ଜବାବ ତଲବ କରିଛି। ଗଣମାଧ୍ୟମ ସୂଚନା ଆଧାରରେ ରିପୋର୍ଟ ତଲବ କରାଯାଇଥିବା ସୂଚନା ମିଳିଛି। ସାତକୋଶିଆରେ ଘଟିଥିବା ପ୍ରକୃତ ଘଟଣା ଓ ବାସ୍ତବ ସ୍ଥିତି ଜଣାଇବାକୁ ରିପୋର୍ଟରେ କୁହାଯାଇଛି। ରିପୋର୍ଟ ପାଇବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପଣ୍ଡା ସୂଚନା ଦେଇଛନ୍ତି।



ବାଘୁଣୀ ସୁନ୍ଦରୀ

# ଅନଲାଇନ୍‌ରେ ମିଳିବ ବୋର୍ଡ, ୟୁନିଭର୍ସିଟି ସାର୍ଟିଫିକେଟ୍

ଭୁବନେଶ୍ୱର, ୧୫।୯(ବ୍ୟୁରୋ)

ଏଣିକି ଅନ୍‌ଲାଇନ୍‌ରେ ମିଳିବ ବୋର୍ଡ ଏବଂ ୟୁନିଭର୍ସିଟି ପ୍ରମାଣପତ୍ର। ଶନିବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସଚିବାଳୟଠାରେ ଏ ପ୍ରକାର ୮ଟି ସେବାକୁ ଅନ୍‌ଲାଇନ୍ ପୋର୍ଟାଲ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଅନ୍‌ଲାଇନ୍ ସେବା ଯୋଗାଣ ବ୍ୟବସ୍ଥାକୁ ପୂର୍ଣ୍ଣ ମାତ୍ରାରେ ସ୍ୱୟଂକ୍ରିୟ କରିବା ପାଇଁ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨ରୁ ୩ ମାସ ମଧ୍ୟରେ ଏହି ସ୍ୱୟଂଚାଳନା ବ୍ୟବସ୍ଥା ବିକଶିତ କରିବାକୁ ସେ ସରକାରୀ ସେବା ଆଧୁନିକୀକରଣ ସଂସ୍ଥା(ସିଏମ୍‌ଜିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି।

ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା ଏହି ୮ଟି ସେବା ବିଷୟରେ ସୂଚନା ଦେଇ କହିଥିଲେ ଯେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୬ ଏବଂ ଉଚ୍ଚଶିକ୍ଷା ବିଭାଗର ୨ଟି ସେବା ଏଥିରେ ଅନ୍ତର୍ଭୁକ୍ତ। ସେଗୁଡ଼ିକ ହେଲା ହାଇସ୍କୁଲ ମାର୍କଶିଟ୍‌ର ନକଲ, ବୋର୍ଡ ସାର୍ଟିଫିକେଟ୍‌ର ନକଲ, ବୈଧକରଣ (ଭେରିଫିକେଶନ୍) ପ୍ରମାଣପତ୍ର, ବୈଧକରଣ (ଭେରିଫିକେଶନ) ମାର୍କଶିଟ୍, ବୋର୍ଡର ପ୍ରୋଭିଜନାଲ ସାର୍ଟିଫିକେଟ ଓ ମାର୍କଶିଟ୍, ବୋର୍ଡ ମାଇଗ୍ରେଶନ୍ ସାର୍ଟିଫିକେଟ୍, ବିଶ୍ୱବିଦ୍ୟାଳୟ ପ୍ରୋଭିଜନାଲ ସାର୍ଟିଫିକେଟ୍ ଓ ମାର୍କଶିଟ୍ ଏବଂ ବିଶ୍ୱବିଦ୍ୟାଳୟ ମାଇଗ୍ରେଶନ୍ ସାର୍ଟିଫିକେଟ୍। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଥିଲେ ଯେ, ଏଣିକି ବିଭିନ୍ନ ପ୍ରକାର ସାର୍ଟିଫିକେଟ୍ ପାଇଁ ଛାତ୍ରୀଛାତ୍ରଙ୍କୁ ବୋର୍ଡ ବା ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡ଼ିବ ନାହିଁ। ଘରେ ବସି ବା କମନ୍ ସର୍ଭିସ୍ ସେଣ୍ଟରରୁ ସେମାନେ ଆବେଦନ କରିପାରିବେ। ଏଥିପାଇଁ 'www.lok-seba.odisha.in' ପୋର୍ଟାଲକୁ ଯାଇ ନିଜର ୟୁଜର ଆଇଡି ଓ ପାସୱାର୍ଡ ସୃଷ୍ଟି କରିବେ ଏବଂ ତାହାକୁ ବ୍ୟବହାର କରି ଆବେଦନ ଦାଖଲ କରିବେ। ସାର୍ଟିଫିକେଟ୍ ପାଇଁ ଦେୟ ମଧ୍ୟ ଅନ୍‌ଲାଇନ ବ୍ୟାଙ୍କ୍ ସେବା ମାଧ୍ୟମରେ ଦାଖଲ କରିପାରିବେ। ସାର୍ଟିଫିକେଟ୍ ମଞ୍ଜୁରୀ ଅଧିକାରୀଙ୍କ ଦ୍ୱାରା ଅନୁମୋଦିତ ହେବା ସଙ୍ଗେ ସଙ୍ଗେ ଦରଖାସ୍ତକାରୀଙ୍କୁ ଏକ ସ୍ୱୟଂକ୍ରିୟ ଏସ୍‌ଏମ୍‌ଏସ୍ ସୂଚନା ମୋବାଇଲ୍ ଫୋନ୍ ମାଧ୍ୟମରେ ମିଳିବ। ସୂଚନା ପାଇବା ପରେ ଦରଖାସ୍ତକାରୀ ନିଜର ପ୍ରମାଣପତ୍ର ଡାଉନ୍‌ଲୋଡ୍ କରିପାରିବେ।

ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୨୫ଟି ବିଭାଗର ୩୪୧ଟି ସେବାକୁ ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ-୨୦୧୨ ବଳରେ 'ସାଧାରଣ ସେବା' ଭାବେ ବିଜ୍ଞାପିତ କରାଯାଇଛି। ଏହିସବୁ ସେବା ପ୍ରଦାନ ପାଇଁ ପ୍ରକ୍ରିୟା ଓ ସମୟସୀମା ଧାର୍ଯ୍ୟ କରାଯାଇଛି। ବିଜ୍ଞାପିତ ସେବାଗୁଡ଼ିକ ମଧ୍ୟରୁ ୮୮ଟି ସେବାକୁ ଅନ୍‌ଲାଇନ୍ କରାଯାଇଛି। ଏହାଛଡ଼ା ବିଭିନ୍ନ ବିଭାଗର ଅନ୍ୟ ୨୮ଟି ସେବା ପାଇଁ ମଧ୍ୟ ଅନ୍‌ଲାଇନ୍ ଲିଙ୍କ୍ ଯୋଗାଇ ଦିଆଯାଇଛି। ଖୁବ୍‌ଶୀଘ୍ର ଏହି ସେବାଗୁଡ଼ିକ ଅନ୍‌ଲାଇନ୍‌ରେ ମିଳିପାରିବ ବୋଲି ସିଏମ୍‌ଜିଆଇର ବୈଷୟିକ ଅଧିକାରୀମାନେ ପ୍ରକାଶ କରିଛନ୍ତି। ସିଏମ୍‌ଜିଆଇର ନିର୍ଦ୍ଦେଶକ ଭି. ଜୟ କୁମାର, ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଡ. ଜାହାନ୍ ଆରା ବେଗମ୍‌ଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ...

### ବଢ଼ିଲା ବସ୍...

ଜାନୁୟାରୀ ୩ରେ ତୈଳ ବୃଦ୍ଧି ଯୋଗୁ ୧ ଓ ୨ ପଇସା ହିସାବରେ ବଢିଥିଲା। ସେହି ମାସର ୩୦ ତାରିଖରେ ପୁଣି ୨ ଓ ୪ ପଇସା ବୃଦ୍ଧି ପାଇଥିଲା। ଏପ୍ରିଲ ୪ରେ ପୁଣି ୧ରୁ ୨ ପଇସା ଭଡା ବୃଦ୍ଧି ହୋଇଥିବା ବେଳେ ମେ ୨୮ରେ କିଲୋମିଟର ପିଛା ୨ ଓ ୪ ପଇସା ଏବଂ ସେପ୍ଟେମ୍ବର ୧୫ରେ ପୁଣି ଭଡା ବୃଦ୍ଧି ପାଇଛି। ବର୍ତ୍ତମାନ ଡିଜେଲ ଲିଟର ପିଛା ୭୮ ଟଙ୍କା ୯୧ ପଇସା ରହିଛି। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଡିଜେଲ ଦର ହ୍ରାସ ପାଇଁ ପଦକ୍ଷେପ ନେବାକୁ ରାଜ୍ୟ ଘରୋଇ ବସ ମାଲିକ ସଂଘ ପକ୍ଷରୁ ଦାବି କରାଯାଇଛି। ସୂଚନାଯୋଗ୍ୟ ଯେ, ବସ୍ ଭଡା ବୃଦ୍ଧି ଓ ହ୍ରାସ ପାଇଁ ରାଜ୍ୟ ସରକାର ଅଟୋମେଶନ ବା ସ୍ୱୟଂକ୍ରିୟ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଡିଜେଲ ମୂଲ୍ୟ ଲିଟର ପିଛା ୨ ଟଙ୍କା ବୃଦ୍ଧି ହେଲେ କିଲୋମିଟରକୁ ଭଡା ୧ ଓ ୨ ପଇସା ବଢିବ। ସେହି ଆଧାରରେ ବସ ଭଡା ବୃଦ୍ଧି ଓ ହ୍ରାସ ହୋଇ ଆସୁଛି।

### ୫ ଆତଙ୍କବାଦୀ...

ଆତଙ୍କବାଦୀମାନେ ଗୁଳିମାଡ଼ କରିଥିଲେ। ସୁରକ୍ଷାକର୍ମୀମାନେ ପ୍ରଥମେ ସାଧାରଣ ନାଗରିକଙ୍କୁ ସେଠାରୁ ସୁରକ୍ଷିତ ସ୍ଥାନକୁ ନେବା ପରେ ଜବାବୀ ଆକ୍ରମଣ କରିଥିଲେ। ବେଶ୍ କିଛିଘଣ୍ଟା ଘମାଘୋଟ ଗୁଳି ବିନିମୟ ହେବା ପରେ ୫ ଆତଙ୍କବାଦୀଙ୍କ ମୃତଦେହ ଉଦ୍ଧାର ହୋଇଛି। ନିହତମାନେ ଲଶ୍କର ଏବଂ ହିଜବୁଲ ଆତଙ୍କବାଦୀ ବୋଲି ଜଣେ ପୋଲିସ ମୁଖପାତ୍ର କହିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଗୁଲ୍‌ଜାର ଅହମଦ ପାଦ୍ଦର ଓରଫ୍ ସୈଫ୍, ଫୈଜାଲ ଅହମଦ ରାଥର୍ ଓରଫ୍ ଦାଉଦ୍, ଜାହିଦ ଅହମଦ ମିର ଓରଫ ହାଶିମ୍, ମସରୁର୍ ମୋଲଓ୍ୱି ଓରଫ ଅବୁ ଦାର୍ଦା ଏବଂ ଜହୁର ଅହମଦ ଲୋନେ ଓରଫ୍ ରହମନ ଭାଇ। ମସରୁର୍‌ଙ୍କ ବାଦ୍ ଅନ୍ୟ ନିହତ ଆତଙ୍କବାଦୀମାନେ କୁଲ୍‌ଗାମ୍ ନିବାସୀ ଥିଲେ। ପୂର୍ବରୁ ଏକ ଏନ୍‌କାଉଣ୍ଟରରେ ପ୍ରାଣ ହରାଇଥିବା ହିଜବୁଲ କମାଣ୍ଡର ଅଲ୍‌ତାଫ୍ କଚ୍‌ରୁଙ୍କ ଘନିଷ୍ଠ ସହଯୋଗୀ ଥିଲେ ପାଦ୍ଦର। ଗତବର୍ଷ ଏକ କ୍ୟାଶ ଭ୍ୟାନ୍ ଉପରେ ଆକ୍ରମଣ କରି ୫ ପୋଲିସ କର୍ମଚାରୀ ଏବଂ ଦୁଇ ବ୍ୟାଙ୍କ ଗାର୍ଡଙ୍କୁ ହତ୍ୟା କରିଥିବା ଦୁର୍ଦ୍ଧାନ୍ତ ଆତଙ୍କବାଦୀଙ୍କ ମଧ୍ୟରେ ସେ ସାମିଲ ଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛେଳି ନ ଖାଇ ଡାଳ ନାହିଁ,**
**ବମା ନ ଖାଇ ଡାଳ ନାହିଁ ।**

ଛେଳି ଏକ ତୃଣଭୋଜୀ ପ୍ରାଣୀ। ଗଛର ଡାଳପତ୍ର ହିଁ ତା'ର ମୁଖ୍ୟ ଖାଦ୍ୟ ହୋଇଥିବା ବେଳେ ଏମିତି କୌଣସି ଗଛର ଡାଳପତ୍ର ନାହିଁ ଯାହାକୁ କି ଛେଳି ଖାଇ ପାରି ନ ଥାଏ। ସେହିପରି ସ୍ୱାଦିଷ୍ଟ ଫଳରେ ପୋକ ଲାଗିବା ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛାଣିଛୁଣି ଦେ ଗାଈ କି ଯିବି,**
**ପେଟ ନ ପୂରିଲା କାହିଁକି ଯିବି ।**

ସାଧାରଣତଃ ପେଟ ପୂରିଲେ ମଣିଷ ଚେଇଁଉଠେ ବା ସଜାଗ ହୋଇଯାଏ। ଦେହ ଓ ମନରେ ଫୁର୍ତ୍ତି ଆସିଯାଏ। ପରନ୍ତୁ, ପେଟ ନ ପୂରିଲେ ମନ ଖଟା ହୋଇଯିବା ସହ କାମ କରିବାର ଇଚ୍ଛାଶକ୍ତି କମିଯାଇଥାଏ। ପେଟ ଅପୋଷା ରହିବା କାରଣରୁ ଗାଈ ଚରାଇବାକୁ ଅମଙ୍ଗ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବୁଧଙ୍କ ନକ୍ଷତ୍ରସ୍ଥ ଚନ୍ଦ୍ର ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆଣିବା ସହ ସମ୍ପର୍କୀୟ ବନ୍ଧୁଙ୍କ ଆକ୍ରୋଶର ଶିକାର ହୋଇପାରନ୍ତି। କିନ୍ତୁ କୋଣଭାବସ୍ଥ ବୁଧାଦିତ୍ୟ ଯୋଗ ପ୍ରଭାବରୁ ଆଜିର କର୍ମକ୍ଷେତ୍ରରେ ଓ ସାଂଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ନେବାର ଯୋଜନା କାର୍ଯ୍ୟକାରୀ ହେବ।

**ବୃଷ** ରବି ଓ ବୁଧଙ୍କ ଶୁଭ ସଂସ୍ଥାନରୁ ଅର୍ଥ ଓ ସମ୍ମାନ ମିଳିବା ସହ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ଅପ୍ରିୟ ସତ୍ୟ ଭାଷଣ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତପାର୍ଥକ୍ୟ ସୃଷ୍ଟିକରିବ। ରାଜନୈତିକ କ୍ଷେତ୍ରରେ ଅଥବା ପ୍ରଶାସନିକ ସ୍ତରରେ ବିଚାରବିମର୍ଶ ସହ ତତ୍ପରତା ବଢ଼ିପାରେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ** କୌଣସି ନୂତନ କର୍ମାରମ୍ଭ ସକାଶେ ଜୋର୍‌ସୋର୍‌ରେ ପ୍ରସ୍ତୁତି ଚଳାଇ ପାରନ୍ତି। ବନ୍ଧୁମାନଙ୍କ ମେଳରେ ଆଜିର ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରୀତିପ୍ରଦ ହେବ। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବା ସହ ପ୍ରଶଂସିତ ମଧ୍ୟ ହେବେ। ଅଫିସ୍ କାମର କେତେକ ଘଟଣା ମୁଣ୍ଡବିନ୍ଧାର କାରଣ ପାଲଟିଯିବ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**କର୍କଟ** ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଅବହେଳା କରି ଅନୁତପ୍ତ ହୋଇପାରନ୍ତି। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ପରିବାରର ଆବଶ୍ୟକତା ପୂରଣ କରିବା ଦିଗରେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁମିଳନ ଘଟିବ।

**ସିଂହ** ଦକ୍ଷତା ଓ ବଳିଷ୍ଠ ବ୍ୟକ୍ତିତ୍ୱ ସାମାଜିକ ସ୍ତରରେ ସମ୍ମାନର ଶୀର୍ଷକୁ ନେବାରେ ସାହାଯ୍ୟ କରିବ। ବାଣିଜ୍ୟ, ବ୍ୟବସାୟ, ଶିଳ୍ପ ଓ ଏଜେନ୍ସିପ୍ରତି ଖୁସି ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ କାର୍ଯ୍ୟ ହାସଲରେ ଆନନ୍ଦ ଅନୁଭବ କରିବେ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ଆଜିର ଯାତ୍ରା ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାମ ହାସଲ କରିବା ସହ ଅର୍ଥ ପାଇବେ। ପରୋକ୍ଷ ଶତ୍ରୁତା ଯୋଗୁ ସାମୟିକ ବିଚଳିତବୋଧ କରିପାରନ୍ତି। ରାଜନୈତିକ ସ୍ତରରେ କିମ୍ବା ଆନୁଷ୍ଠାନିକ କାମର ପ୍ରତିଟି ପରିସ୍ଥିତି ଗମ୍ଭୀର ରହିବ। ବନ୍ଧୁ ପ୍ରତିଶ୍ରୁତି ରକ୍ଷା କରି ଠିକ୍ ସମୟରେ ଆସିବେ ଏବଂ ଆବଶ୍ୟକ ସାହାଯ୍ୟ ମଧ୍ୟ କରିବେ।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କର ଅନୁକମ୍ପାର ଆବଶ୍ୟକତାରୁ ନିକଟ ସମ୍ପର୍କୀୟମାନେ ଆଶାୟୀ ହେବେ। କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଅପରାହ୍ନେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ। ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ଦେଖାଯିବ। ପାରିବାରିକ ସ୍ଥିତି ପୂର୍ବପରି ରହିବ।

**ବିଛା** ସଂଯମିତ ଚିନ୍ତାଧାରା ଓ ଦୁଃସାହସିକ ପଦକ୍ଷେପ କାର୍ଯ୍ୟ ହାସଲରେ ସହାୟକ ହେବ। ଦୀର୍ଘଦିନରୁ ଅପେକ୍ଷା କରିଥିବା କାମ ସମ୍ପର୍କରେ କିଛି ଆଶାଜନକ ଖବର ପାଇ ସାମୟିକ ଖୁସି ହୋଇଯିବେ। ସଂଗଠନ, ରାଜନୀତି, ପ୍ରଶାସନ ପାଇଁ ଆଜି ଦିନଟି ବହୁତ ଭଲ। ସଭାସମିତି, ଜମିଜମା କାରବାରରେ ସମସ୍ୟାର ସରଳ ସମାଧାନ କରିପାରିବେ।

**ଧନୁ** ମନର ବଳ ଖୁବ୍ ଟାଣ ରହିବ ଏବଂ ପ୍ରତ୍ୟେକ କାମକୁ ସଫଳତାର ସହ ସମ୍ପାଦନ କରିପାରିବେ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ଆଜିର ଦୂରଯାତ୍ରା ସଫଳ ହେବ। କୌଣସି ନୂତନ ଜିନିଷ ଲାଭକରି ପରିବାରରେ ଆଦରଣୀୟ ହେବେ। ପଡ଼ୋଶୀଙ୍କ କଳହଜନିତ ଅସ୍ଥିରତାହିଁ ମାନସିକ ଅଶାନ୍ତିର କାରଣ।

**ମକର** କ୍ରମଶଃ ଦୁଶ୍ଚିନ୍ତା ଦୂରେଇଯିବା ସହ କାମ ହାସଲ ହେବା କାରଣରୁ ମାନସିକ ସ୍ଥିତି ଭଲ ରହିବ। ପାରସ୍ପରିକ ବୁଝାମଣା କେତେକାଂଶରେ ପାରିବାରିକ ଜୀବନରେ ଆଶାର ଆଲୋକକୁ ପ୍ରଜ୍ୱଳିତ କରିପାରେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ ଅଦଳବଦଳ ହୋଇ ଯାଇପାରେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ** ସ୍ୱାସ୍ଥ୍ୟରେ ଉନ୍ନତି ଓ ବନ୍ଧୁମାନଙ୍କ ସାହାଯ୍ୟକାରୀ ମନୋବୃତ୍ତିରୁ ଖୁସି ହେବେ। ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଭଲରେ ଅତିବାହିତ ହେବ। ଅଫିସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ବ୍ୟବସାୟରେ ସଫଳତା ହାସଲ କରିବେ, କିନ୍ତୁ ଆର୍ଥିକ ଦୁଃସ୍ଥିତି ଚିନ୍ତାଜନକ ପରିଣାମ ସୃଷ୍ଟି କରିପାରେ।

**ମୀନ** ବନ୍ଧୁମାନଙ୍କ ପ୍ରେରଣା ଓ ଆମନ୍ତ୍ରଣ କ୍ରମେ ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଦୀର୍ଘ ପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

ଆଜି ଭାଦ୍ରବ ଶୁକ୍ଳ ସପ୍ତମୀ ରବିବାର,ମାସାନ୍ତ, ଶ୍ରୀଦୁର୍ଗାଶୟନୋତ୍ସବ, ଖୁଦୁରୁକୁଣୀ ଓଷା ତୃତୀୟ ପାଳି, ସେପ୍ଟେମ୍ବର ୧୬ ତାରିଖ, ବିଶ୍ୱ ଓଜୋନ ଦିବସ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ମେଷ ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୫୫ମି. ମଧ୍ୟେ ଘ୫।୦୦ମି. ଗତେ, ଘ୬।୨୦ମି. ମଧ୍ୟେ ଅମୃତବେଳା। ସକାଳ ଘ୮।୩୨ମି. ଗତେ ଘ୧୦।୦୯ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୧୬ମି. ଗତେ ଘ୫।୪୬ମି. ମଧ୍ୟେ ରାହୁକାଳ।



ହିମାଚଳ ପ୍ରଦେଶ ରାମପୁର ଜିଲା କୟୋରେ ଶୁକ୍ରବାର ହୋଇଥିବା ବର୍ଷା ଓ ଭୂସ୍ଖଳନ ଫଳରେ ୨ଶହରୁ ଊର୍ଦ୍ଧ୍ୱ ମେଣ୍ଢା ଓ ଛେଳିଙ୍କ ମୃତ୍ୟୁ ହୋଇଛି। ସେହିପରି ପଶ୍ଚିମବଙ୍ଗରେ ଶନିବାର ହୋଇଥିବା ଲଗାଣ ବର୍ଷା ଫଳରେ ଅନେକ ସ୍ଥାନରେ ଭୂସ୍ଖଳନ ହୋଇଛି। ଜାତୀୟ ରାଜପଥ୩୧(କ) ଓ ଏନ୍‌ଏଚ୍‌-୧୦ ସହ ଦାର୍ଜିଲିଂରେ ହୋଇଥିବା ଭୂସ୍ଖଳନ ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଛି ।






## ସଂକ୍ଷେପରେ

### ସରକାରଙ୍କୁ ଲାଭାଂଶ ଦେଲା କୃଷି ଶିଳ୍ପ ନିଗମ

■ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଦେଲେ ବନ୍ୟା ସହାୟତା

**ଭୁବନେଶ୍ୱର,୧୫।୯(ବ୍ୟୁରୋ):** ରାଜ୍ୟ ସରକାରଙ୍କୁ ଓଡ଼ିଶା କୃଷି ଶିଳ୍ପ ନିଗମ ୨୦୧୪-୧୫ ଆର୍ଥିକବର୍ଷ ପାଇଁ ରାଜ୍ୟ ସରକାରଙ୍କୁ ୬,୨୦,୭୩,୧୫୨ ଟଙ୍କା ପ୍ରଦାନ କରିଛି। ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶନିବାର ନିଗମର ଅଧକ୍ଷ ପ୍ରଭାତ ଆଦିତ୍ୟ ମିଶ୍ର ଲାଭାଂଶ ଚେକ୍ ପ୍ରଦାନ କରିଛନ୍ତି। ଏହି ସମୟରେ କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀ ଏବଂ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ରହିଥିଲେ। ସେହିପରି ଅବସରପ୍ରାପ୍ତ ଆଇଏଏସ୍ ଅଫିସର ବିଜୟ କୁମାର ନନ୍ଦ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫୫ ହଜାର ଟଙ୍କା ପ୍ରଦାନ କରିଛନ୍ତି। ନନ୍ଦ ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଚେକ୍ ପ୍ରଦାନ କରିଥିଲେ। ଉକ୍ତ ସହାୟତା କେରଳ ବନ୍ୟା ପୀଡିତଙ୍କ ପାଇଁ ଖର୍ଚ୍ଚ କରାଯିବ।

### ନିଯୁକ୍ତ ହେବେ ୧୭୧ ଦନ୍ତ ଚିକିତ୍ସକ

**ଭୁବନେଶ୍ୱର,୧୫।୯(ବ୍ୟୁରୋ):** ରାଜ୍ୟରେ ଖୁବ୍‌ଶୀଘ୍ର ୧୭୧ ଦନ୍ତ ଚିକିତ୍ସକ ନିଯୁକ୍ତ ହେବେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଏ ନେଇ ଗଣମାଧ୍ୟମକୁ ଅବଗତ କରାଯାଇଛି। ଏମାନଙ୍କ ନିଯୁକ୍ତି ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଥିବା ଜଣାପଡିଛି। ଓଡ଼ିଶା ପ୍ରଶାସନିକ ସେବା ଆୟୋଗ ଏହାର ଚୟନ ପ୍ରକ୍ରିୟା ଜରିଆରେ ୧୭୧ ଦନ୍ତ ଚିକିତ୍ସକଙ୍କ ନିଯୁକ୍ତି ନେଇ ସୁପାରିସ କରିଥିଲେ। ଏମାନଙ୍କୁ ଗ୍ରୁପ-ଏ ପଦବୀ ଦିଆଯିବ ବୋଲି ଜଣାପଡିଛି।

### ପ୍ରଦେଶ ମହିଳା କଂଗ୍ରେସର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୫।୯(ବ୍ୟୁରୋ): ପ୍ରାକ୍ ସ୍ୱାଧୀନତା କାଳରୁ ଭାରତୀୟ ମହିଳାମାନଙ୍କୁ ସଶକ୍ତୀକରଣ କରିବା ପାଇଁ କଂଗ୍ରେସ ଉଦ୍ୟମ ଆରମ୍ଭ କରିଥିଲା। କଂଗ୍ରେସ ଓଡ଼ିଶାକୁ ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଏବଂ ଦେଶକୁ ମହିଳା ପ୍ରଧାନମନ୍ତ୍ରୀ ଦେଇଛି। ଆଜିର ଯୁଗରେ ମହିଳାଙ୍କ ପ୍ରକୃତ ସୁରକ୍ଷା କଂଗ୍ରେସ ଦ୍ୱାରା ହିଁ ହୋଇପାରିବ। ପ୍ରଦେଶ ମହିଳା କଂଗ୍ରେସର ପ୍ରତିଷ୍ଠା ଦିବସ ଉପଲକ୍ଷେ ଶନିବାର ଓଡ଼ିଶାର ସଭାନେତ୍ରୀ ସସ୍ମିତା ବେହେରା ନିଜ ବକ୍ତବ୍ୟରେ ଏହି କଥା କହିଛନ୍ତି। କାର୍ଯ୍ୟକ୍ରମରେ ମହିଳା କଂଗ୍ରେସର ଦଳୀୟ ପତାକାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି)ସଭାପତି ନିରଞ୍ଜନ ପଟ୍ଟନାୟକ ଉତ୍ତୋଳନ କରିଥିଲେ। ସେ ନିଜ ବକ୍ତବ୍ୟରେ କହିଛନ୍ତି ଯେ, କଂଗ୍ରେସ ଦଳ ସବୁବେଳେ ମହିଳା କଂଗ୍ରେସକୁ ପ୍ରାଧାନ୍ୟ ଦେଇଆସିଛି। ଆଗାମୀ ଦିନରେ ସେହି ଧାରା ବଜାୟ ରହିବ। ଏହି ନୂତନ ପତାକାଟି ମହିଳା କଂଗ୍ରେସକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବ ବୋଲି ନିରଞ୍ଜନ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଏଆଇସିସି ସ୍କ୍ରିନିଂ କମିଟି ଅଧକ୍ଷ ରାମଚନ୍ଦ୍ର ଖୁଣ୍ଟିଆ, ଏଆଇସିସି ସମ୍ପାଦକ ରୁଦ୍ର ରାଜୁ, ପିସିସି ଉପସଭାପତି ଅଧ୍ୟାପକ କୈଳାସ ଆଚାର୍ଯ୍ୟ ଓ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ମାସ ଶେଷ ସପ୍ତାହରେ ଜିଲାୱାରୀ ମହିଳା ଆକ୍ରୋଶ ଯାତ୍ରା କରାଯିବା ନେଇ ବୈଠକରେ ସର୍ବସମ୍ମତି ପ୍ରସ୍ତାବ ଗୃହୀତ ହୋଇଛି।



ପିସିସି ସଭାପତିଙ୍କ ଗହଣରେ ମହିଳା କଂଗ୍ରେସ କର୍ମକର୍ତ୍ତା ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }




# ଓଡ଼ିଶାରେ ପୁଞ୍ଜିନିବେଶ କରିବ ଫ୍ରାନ୍ସ

■ ମେକ୍ ଇନ୍ ଓଡ଼ିଶାକୁ ଆମନ୍ତ୍ରଣ କଲେ ମୁଖ୍ୟମନ୍ତ୍ରୀ
■ ଫରାସୀ ରାଷ୍ଟ୍ରଦୂତ, ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା
■ ଖୁବ୍ ଶୀଘ୍ର ପ୍ରତିରକ୍ଷା, ଏରୋସ୍ପେସ ନୀତି

ଭୁବନେଶ୍ୱର,୧୫।୯(ବ୍ୟୁରୋ)

ଓଡ଼ିଶାରେ ଫ୍ରାନ୍ସ ପୁଞ୍ଜିନିବେଶ କରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଫ୍ରାନ୍ସ ରାଷ୍ଟ୍ରଦୂତ ଆଲେକଜାଣ୍ଡାର ଜିଏଗ୍ଲରଙ୍କ ମଧ୍ୟରେ ସଚିବାଳୟରେ ଶନିବାର ହୋଇଥିବା ଆଲୋଚନା ପରେ ଏହା ସ୍ପଷ୍ଟ ହୋଇଛି। ପୁଞ୍ଜିନିବେଶ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଫ୍ରାନ୍ସ ପ୍ରତିନିଧି ଦଳ ବିଶଦ ଭାବେ ଆଲୋଚନା କରିଥିବା ଜଣାପଡିଛି। ହୋଟେଲ, ଇସ୍ପାତ, ବୈଦ୍ୟୁତିକ ଉପକରଣ, ଶକ୍ତି ଓ ଅନ୍ୟାନ୍ୟ କ୍ଷେତ୍ରରେ ଫ୍ରାନ୍ସର କମ୍ପାନୀମାନେ ନିବେଶ ନେଇ ଆଗ୍ରହ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ନଭେମ୍ବରରେ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୧୮ରେ ଭାଗ ନେବା ପାଇଁ ମୁଖ୍ୟମନ୍ତ୍ରୀ ଫ୍ରାନ୍ସ କମ୍ପାନୀମାନଙ୍କୁ ଆମନ୍ତ୍ରଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ କହିଛନ୍ତି ଯେ, ପୁଞ୍ଜିନିବେଶ ପାଇଁ ଓଡ଼ିଶା ଏକ ଆକର୍ଷଣୀୟ ସ୍ଥାନ ହୋଇ ପାରିଛି। ଓଡ଼ିଶାରେ ନିବେଶ ଦ୍ୱାରା ଭାରତ-ଫ୍ରାନ୍ସ ମଧ୍ୟରେ ସାମାଜିକ, ଆର୍ଥିକ ଓ ବ୍ୟବସାୟିକ ସମ୍ପର୍କ ସ୍ଥାପିତ ହୋଇପାରିବ। ଦେଶର ମୋଟ ଆଲୁମିନିୟମ୍‌ର ୫୪ ପ୍ରତିଶତ ଉତ୍ପାଦନ କରୁଥିବା ଓଡ଼ିଶା ଦକ୍ଷିଣ ଏସିଆରେ ଆଲୁମିନିୟମ୍ ରାଜଧାନୀ । ଦେଶର ୨୫ ପ୍ରତିଶତ ଇସ୍ପାତ ମଧ୍ୟ ଓଡ଼ିଶାରୁ ଉତ୍ପାଦିତ ହୋଇଥାଏ। ତେଣୁ ଏହା ଦେଶର ଏକ ଷ୍ଟିଲ୍ ହବ୍ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ଧାତୁ କ୍ଷେତ୍ରରେ ଅନୁପ୍ରବାଗ ଏବଂ ଆନୁଷଙ୍ଗିକ ଶିଳ୍ପର ବିକାଶ ପାଇଁ ଭିଜନ୍-୨୦୩୦ ପ୍ରସ୍ତୁତ କରାଯାଇଛି। ଅତିଶୀଘ୍ର ପ୍ରତିରକ୍ଷା ଏବଂ ଏରୋସ୍ପେସ କ୍ଷେତ୍ର ପାଇଁ ଏକ ନୀତି ପ୍ରସ୍ତୁତ କରାଯିବା ନେଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଫ୍ରାନ୍ସର କମ୍ପାନୀଗୁଡିକ ବିଶେଷ ଭାବେ ଏୟାରକ୍ରାଫ୍ଟ, ବୈଦ୍ୟୁତିକ ଉପକରଣ, ମେଡିକାଲ ଉପକରଣ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ନିବେଶ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

ସେହିପରି ଫ୍ରାନ୍ସ ରାଷ୍ଟ୍ରଦୂତ ଆଲେକ୍‌ଜାଣ୍ଡାର ଏବଂ ପ୍ରତିନିଧି ଦଳ ରାଜ୍ୟରେ ପୁଞ୍ଜିନିବେଶ ନେଇ ପ୍ରକୃଷ୍ଟ ବାତାବରଣ ରହିଥିବା ମନ୍ତବ୍ୟ ଦେଇଥିଲେ। ଏହା ଦ୍ୱାରା ଉଭୟ ଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ପାଇବ ବୋଲି ଫ୍ରାନ୍ସ ପ୍ରତିନିଧି ଦଳ କହିଛନ୍ତି।



ଫ୍ରାନ୍ସ ପ୍ରତିନିଧି ଦଳ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

■ ବିଜେଡିର ସାଂଗଠନିକ ପରିବର୍ତ୍ତନ

# ପ୍ରଶାନ୍ତ ଜଗତ୍‌ସିଂହପୁର ବିଜେଡି କାର୍ଯ୍ୟକାରୀ ସଭାପତି

■ ଦାମ ବିଦା ପରେ ବିଜେଡିର ସଂଗଠନ ସଜଡା
■ ପ୍ରତାପଙ୍କୁ ଅନୁଗୋଳ ସହ ଜଗତ୍‌ସିଂହପୁର ଅତିରିକ୍ତ ଦାୟିତ୍ୱ
■ ପ୍ରଫୁଲ୍ଲ ହେଲେ ଢେଙ୍କାନାଳ ବିଜେଡି ସଭାପତି

ଭୁବନେଶ୍ୱର,୧୫।୯(ବ୍ୟୁରୋ)

ବିଜେଡିରୁ ଡାକ୍ତର ଦାମୋଦର ରାଉତଙ୍କୁ ବହିଷ୍କାର କରାଯିବା ପରେ ଦଳର ସାଂଗଠନିକ ସ୍ତରରେ ଛୋଟ ଧରଣର ଅଦଳବଦଳ କରାଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ଜଗତ୍‌ସିଂହପୁର ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି କରାଯାଇଛି। ପ୍ରଶାନ୍ତ ଜିଲା ସଭାପତି ବିଷ୍ଣୁ ଦାସଙ୍କୁ ସାଂଗଠନିକ କାର୍ଯ୍ୟରେ ସହାୟତା କରିବେ। ଉଭୟ ଦାମ ବିରୋଧୀ ହୋଇ ଥିବାରୁ ତାଙ୍କୁ ପୁରସ୍କୃତ ସ୍ୱରୂପ ଏହି ପଦବୀ ଦିଆଯାଇଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି। ସେହିପରି ଅନୁଗୋଳ ଜିଲାର ବିଜେଡି ପର୍ଯ୍ୟବେକ୍ଷକ ଥିବା ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଜଗତ୍‌ସିଂହପୁର ଜିଲାର ଅତିରିକ୍ତ ପର୍ଯ୍ୟବେକ୍ଷକ ଦାୟିତ୍ୱ ମିଳିଛି। ଜିଲାରେ ଥିବା ଦାମଙ୍କ ପତିଆରାକୁ ସମ୍ପୂର୍ଣ୍ଣ ଲଗାମ ଦେବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି।

ରାଜ୍ୟର ଅନ୍ୟାନ୍ୟ ଜିଲାଗୁଡିକରେ ମଧ୍ୟ ସାମାନ୍ୟ ସାଂଗଠନିକ ପରିବର୍ତ୍ତନ କରାଯାଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଥିବା ନୃସିଂହ ସାହୁଙ୍କୁ ବିଜେଡିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ଖଣି ମନ୍ତ୍ରୀ ଥିବା ପ୍ରଫୁଲ୍ଲ ମଲ୍ଲିକଙ୍କୁ ଢେଙ୍କାନାଳ ଜିଲାର ସଭାପତି ନିଯୁକ୍ତ କରାଯାଇଛି। କିଛିଦିନ ପୂର୍ବେ ନୃସିଂହଙ୍କୁ ପ୍ରସନ୍ନ ଆଚାର୍ଯ୍ୟଙ୍କ ସ୍ଥାନରେ ପୁରୀ ଜିଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଥିଲା। ସେହିପରି ରାଜ୍ୟ ସଭା ସଦସ୍ୟ ଥିବା ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ଅବିଭକ୍ତ କୋରାପୁଟ ଜିଲାର ବରିଷ୍ଠ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦିଆଯାଇଛି। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡାଙ୍କୁ ଭୁବନେଶ୍ୱର ସାଂଗଠନିକ ଜିଲାର ସଭାପତି ଭାବେ ନିଯୁକ୍ତ କରାଯାଇଛି। ସେହିପରି ରାଜ୍ୟ ସମ୍ପାଦକ ଥିବା ବିଜୟ ନାୟକଙ୍କୁ ଢେଙ୍କାନାଳ ଜିଲାର ସହ-ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ମିଳିଛି। ଦଳର ସାଧାରଣ ସମ୍ପାଦକ ପ୍ରଶାନ୍ତ ନନ୍ଦ ସାଂଗଠନିକ ଅଦଳ ବଦଳ ନେଇ ଶନିବାର ଏ ସମ୍ପର୍କିତ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରିଛନ୍ତି।

ନିର୍ବାଚନ ନିକଟବର୍ତ୍ତୀ ହୋଇଥିବାରୁ ଦଳରେ ଥିବା ପ୍ରତ୍ୟେକ ସଦସ୍ୟଙ୍କୁ ସାଂଗଠନିକ କାର୍ଯ୍ୟରେ ଲଗାଯାଉଥିବା ଜଣାପଡିଛି। ପଞ୍ଚାୟତ ନିର୍ବାଚନ ବିପର୍ଯ୍ୟୟ ପରେ ବିଜେଡି ଛାତ୍ର, ଯୁବ, ମହିଳା, ସମବାୟ, ଆଦିବାସୀ ସେଲ୍, ଶ୍ରମିକ ସାମ୍ମୁଖ୍ୟ,ଏସ୍‌ସି ସେଲ୍ ଏବଂ ଆଇନଜୀବୀ ସାମ୍ମୁଖ୍ୟର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ପୂର୍ବରୁ ଦଳୀୟ କାର୍ଯ୍ୟକାରିଣୀ ହେବାର ମଧ୍ୟ ସମ୍ଭାବନା ରହିଛି।

### ପ୍ରଦେଶ କଂଗ୍ରେସ ରିସର୍ଚ୍ଚ ଟିମ୍ ପୁନର୍ଗଠିତ

ଭୁବନେଶ୍ୱର,୧୫।୯(ବ୍ୟୁରୋ)

ଏଆଇସିସି ପକ୍ଷରୁ ବିଭିନ୍ନ ରାଜ୍ୟର କଂଗ୍ରେସ ରିସର୍ଚ୍ଚ ଟିମ୍‌ର ପୁନର୍ଗଠନ କରାଯାଇଛି। ସେହିକ୍ରମରେ ପ୍ରଦେଶ କଂଗ୍ରେସ ରିସର୍ଚ୍ଚ ଟିମ୍‌ରେ ୪ ଜଣ ନୂଆ ସଦସ୍ୟଙ୍କ ମନୋନୟନକୁ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଶନିବାର ଅନୁମୋଦନ କରିଛନ୍ତି। ସେହି ସଦସ୍ୟମାନେ ହେଉଛନ୍ତି- ଅମିୟ ପାଣ୍ଡବ, ଉତ୍କଳ କେଶରୀ ରାଉତରାୟ, ସଞ୍ଜୀବ ପରିଡା ଏବଂ ସତ୍ୟଶିବ ଦାସ। ଏହି ୪ ଜଣ ସଦସ୍ୟ ରାଜ୍ୟରେ ରିସର୍ଚ୍ଚ ଟିମ୍ କୋଅର୍ଡିନେଟର ଭାବେ କାର୍ଯ୍ୟ କରିବେ।









# ଦୁର୍ନୀତି ପ୍ରସଙ୍ଗରେ ବିଜେଡିକୁ ଟାର୍ଗେଟ କଲେ ବିରୋଧୀ

■ ଦୁର୍ନୀତି ମାମଲା ଥିବା ନେତାଙ୍କ ଫଟୋ ଜାରି କଲା ଭାଜପା
■ ମନ୍ତ୍ରୀଙ୍କ ସ୍ୱୀକାର ପରେ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ
■ ଅଭିଯୋଗକୁ ଖଣ୍ଡନ କଲା ବିଜେଡି

ଭୁବନେଶ୍ୱର,୧୫।୯(ବ୍ୟୁରୋ)

ରାଜ୍ୟରେ ଦୀର୍ଘ ୧୮ ବର୍ଷ ଧରି ଶାସନ କରୁଥିବା ବିଜୁ ଜନତା ଦଳ ଦୁର୍ନୀତିଗ୍ରସ୍ତ ବୋଲି ରାଜ୍ୟ ଭାଜପା ଏବଂ କଂଗ୍ରେସ ଅଭିଯୋଗ କରିଛନ୍ତି। ଦୁର୍ନୀତିକୁ ଦୀର୍ଘଦିନ ଧରି ଆଶ୍ରୟ ଦେଉଥିବା ଦଳର ମୁଖ୍ୟ ତଥା ରାଜ୍ୟର ମୁଖ୍ୟମନ୍ତ୍ରୀ ନିଜେ ମଧ୍ୟ ଦୁର୍ନୀତିଗ୍ରସ୍ତ ବୋଲି କହି ଭାଜପା ଶନିବାର କଡ଼ା ସମାଲୋଚନା କରିଛି। ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସମୀର ମହାନ୍ତି ବିଜେଡି ସରକାର ଉପରେ ବର୍ଷିଛନ୍ତି। ଏଥିସହ ଭାଜପା ପକ୍ଷରୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ସହ ଦୁର୍ନୀତି ଅଭିଯୋଗ ଥିବା ନେତାମାନଙ୍କ ଫଟୋ ଜାରି କରାଯାଇଛି। ଏନେଇ ସମୀର କହିଛନ୍ତି ଯେ, ନବୀନ ପଟ୍ଟନାୟକ ସ୍ୱଚ୍ଛତାର ମିଛ ମୁଖା ପିନ୍ଧି ଓଡିଆ ଲୋକଙ୍କୁ ବୋକା ବନାଇବା ବହୁତ ହୋଇଗଲା। ଓଡିଆ ଲୋକମାନଙ୍କୁ ବୋକା ବନାଇବାର ସମୟ ସରିଯାଇଛି। ଚଟୁରେ ଚଟୁରେ କୋଳାକୋଳି ଆଉ ଚାଲିବ ନାହିଁ। ବିଜେଡିର ଦଳୀୟ ବ୍ୟାପାର ସହ ଭାଜପାର କୌଣସି ସମ୍ପର୍କ ନାହିଁ। ହେଲେ ଓଡିଆ ଲୋକଙ୍କ ଝାଳବୁହା ଅର୍ଥରେ ଗଢି ଉଠିଥିବା ଓଡିଶାର ତହବିଲ ବିଜେଡି କିମ୍ବା ମୁଖ୍ୟମନ୍ତ୍ରୀଙ୍କର ପୈତୃକ ସମ୍ପତ୍ତି ନୁହେଁ ବୋଲି କହି ସମୀର ସମାଲୋଚନା କରିଛନ୍ତି। ଯେଉଁ ପ୍ରଶାନ୍ତ ନନ୍ଦଙ୍କୁ ବିଦା କରାଯାଇଥିଲା, ତାଙ୍କୁ କିପରି ଏମ୍‌ପି କରି ସମ୍ମାନିତ କରାଗଲା। ଦୁର୍ନୀତି ମାମଲାରେ ସିଧାସିଧା ଜଡିତ ଥିବା ବିଧାୟକ ପ୍ରଣବ ପ୍ରକାଶ ଦାସ, ଅରୁଣ ସାହୁ, ସଞ୍ଜୟ ଦାସବର୍ମା, ପ୍ରମିଳା ମଲିକ, ପ୍ରଦୀପ ପାଣିଗ୍ରାହୀ, ପ୍ରଣବ ବଳବନ୍ତରାୟ, ଅମର ଶତପଥୀ, ପ୍ରଭାତ ବିଶ୍ୱାଳ, ପ୍ରଭାତ ତ୍ରିପାଠୀ ପ୍ରମୁଖ ଦଳର ମୁଖ୍ୟ ପରିଚାଳକ ସାଜିଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ ପୁଅ ସରକାରୀ ପ୍ରୋତ୍ସାହନରେ ଦୁର୍ନୀତିରେ ଜଡିତ। କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ ଓ ମନ୍ତ୍ରୀ ପରିଷଦର ଅନେକ ସଦସ୍ୟ ଦୁର୍ନୀତିକୁ ପ୍ରଶ୍ରୟ ଦେଇଥିବା ଉପସଭାପତି ସମୀର କହିଛନ୍ତି। ଭାଜପା ପରି କଂଗ୍ରେସ ମଧ୍ୟ ଅନୁରୂପ ଭାବେ ବିଜେଡି ସରକାର ଏବଂ ନେତୃତ୍ୱ ଉପରେ ଆକ୍ରମଣ କରିଛି। ଏକ ଦଳୀୟ କାର୍ଯ୍ୟକ୍ରମରେ ପିସିସି ସଭାପତି ଗଣମାଧ୍ୟମକୁ କହିଛନ୍ତି ଯେ, ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ୧୭ କୋଟିର ଦୁର୍ନୀତି ହୋଇଥିବା ସ୍ୱୀକାର କରିଛନ୍ତି। ଏହା ପରେ ବି ମୁଖ୍ୟମନ୍ତ୍ରୀ ବରିଷ୍ଠ ନେତା ଦାମୋଦର ରାଉତଙ୍କ ଅଭିଯୋଗକୁ ଅସତ୍ୟ ଏବଂ ହାସ୍ୟାସ୍ପଦ କହିବା ଦୁର୍ଭାଗ୍ୟଜନକ। ବିଜେଡି ସରକାର ଯେ ଦୁର୍ନୀତିଗ୍ରସ୍ତ, ଏକଥା ଆଉ କାହାକୁ ଅଛପା ନାହିଁ। ବିରୋଧୀଙ୍କ ଏପରି ଅଭିଯୋଗ ଉପରେ ପ୍ରତିକ୍ରିୟା ରଖିଛନ୍ତି ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ନନ୍ଦ । ସେ କହିଛନ୍ତି ଯେ, ପ୍ରଶାନ୍ତ ନନ୍ଦ ଯଦି ଦୁର୍ନୀତିଗ୍ରସ୍ତ ଥିଲେ, ତେବେ ଭାଜପା ତାଙ୍କୁ ଉପସଭାପତି କାହିଁକି କରିଥିଲା। କାହା ନାଁରେ ଏତଲା ହୋଇଗଲେ କିଏ ଦୋଷୀ ହୋଇ ଯାଏନା। ବିରୋଧୀମାନଙ୍କର ଗ୍ରହଣୀୟତା ନାହିଁ। ତେଣୁ ମଝିରେ ମଝିରେ ଏମିତି ଭିତ୍ତିହୀନ କଥା ଉପସ୍ଥାପନ କରିଥାନ୍ତି। ଯାହାର କୌଣସି ମୂଲ୍ୟ ନ ଥାଏ। ଦୁର୍ନୀତିକୁ ନ ଘୋଷି ରାଜ୍ୟର ବିକାଶ ପାଇଁ ଗଠନଧର୍ମୀ ପରାମର୍ଶ ଦେଲେ ଭଲ ହୁଅନ୍ତା ବୋଲି ପ୍ରଶାନ୍ତ କହିଛନ୍ତି।



ଦଳୀୟ କାର୍ଯ୍ୟାଳୟରେ ଭାଜପା ନେତା ସମୀର ମହାନ୍ତି ଓ ଲେଖାଶ୍ରୀ ସାମନ୍ତରାୟ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଦେଖାଉଛନ୍ତି।







ନମ୍ର ହେବା ଅର୍ଥ ହେଲା- ମନରେ, ପ୍ରାଣରେ ଏବଂ ଶରୀରରେ ସର୍ବଦା ସଚେତନ ରହିବା ଯେ, ଭଗବାନଙ୍କୁ ଛାଡି କିଛି ଜାଣି ହେବ ନାହିଁ- ନିଜର ଅସ୍ତିତ୍ୱ ପର୍ଯ୍ୟନ୍ତ ରହିବ ନାହିଁ ଓ କିଛି କାର୍ଯ୍ୟ କରିହେବ ନାହିଁ। ଭଗବାନଙ୍କ ବ୍ୟତୀତ ମଣିଷ କେବଳ ଅଜ୍ଞାନ, ଶକ୍ତିହୀନ ଓ ଅବ୍ୟବସ୍ଥିତ।
-ଶ୍ରୀମା

# ନାଗରିକ ଅଧିକାରର ବିଜୟ



ଆକାର ପଟେଲ

ଭାରତୀୟ ନାଗରିକମାନଙ୍କ ଅଧିକାର ପାଇଁ ସବୁବେଳେ ସ୍ପଷ୍ଟ ବିଜୟ ମିଳି ନ ଥାଏ, ଯାହା ନିକଟରେ ମିଳିଛି ଧାରା ୩୭୭ର ଉଚ୍ଛେଦ ମାଧ୍ୟମରେ। ପୁଣି ତା'ର ଅଳ୍ପଦିନ ପରେ ଆଉ ଏକ ଆନନ୍ଦର ବିଷୟ ଯେ, ଉତ୍ତରପ୍ରଦେଶ ସହାରନପୁର ଜିଲାର ଦଳିତ ନେତା ଚନ୍ଦ୍ରଶେଖର ଆଜାଦଙ୍କୁ ଜେଲରୁ ମୁକ୍ତି ମିଳିଛି। ଆଜାଦ ନିଜ ଜାତି ଓ ସଂସ୍କୃତିର ପରିଚୟ ଦେବାକୁ ଯାଇ ନିଜକୁ ଚମାର ବୋଲି କହିଥାନ୍ତି। ଆମ ସମାଜରେ ଅନେକ ଜାତି ଓ ସଂସ୍କୃତି ରହିଛି ଏବଂ ସବୁଗୁଡ଼ିକ ବୈଧ। ଗତବର୍ଷ ଦିଲ୍ଲୀଠାରୁ ୫ ଘଣ୍ଟାର ବାଟ ଦେଓବନ୍ଦ ସହର ନିକଟସ୍ଥ ସହାରନପୁରର ଦଳିତମାନେ ନିଜର ପରିଚୟ ପ୍ରକାଶ କରିବାକୁ ସ୍ଥିର କଲେ। ସେମାନେ ନିଜ ନିଜର ସମ୍ପତ୍ତି ଉପରେ ଏକ ବୋର୍ଡ ଲଗାଇଲେ, ଯେଉଁଥିରେ ଦେବନାଗରୀ ଲିପିରେ ଲେଖାଥିଲା 'ଦ ଗ୍ରେଟ୍ ଚମାର'। ଏଥିରେ ଉଚ୍ଚ ଜାତିର ଠାକୁରମାନେ ଅପମାନିତ ବୋଧ କରି ବୋର୍ଡକୁ ହଟାଇଦେବାକୁ ଚେଷ୍ଟା କରିବାରୁ ହିଂସାକାଣ୍ଡ ଘଟିଲା। ଏହି ହିଂସା ଅଭିଯୋଗରେ ଚନ୍ଦ୍ରଶେଖର ଆଜାଦଙ୍କୁ ପାଞ୍ଚମାସ ପାଇଁ ଜେଲରେ ଭର୍ତ୍ତି କରିଦିଆଗଲା। ନଭେମ୍ବର ୨୦୧୭ରେ ତାଙ୍କୁ ଜାମିନ ମିଳିଲା ଏବଂ ତା' ପରେ ପରେ ପୁଣି ତାଙ୍କୁ ଜେଲରେ ଭର୍ତ୍ତି କରିଦିଆଗଲା। ଏଥର ତାଙ୍କୁ ଜାତୀୟ ନିରାପତ୍ତା ଆଇନ ବଳରେ ଜେଲରେ ଭର୍ତ୍ତି କରାଗଲା, ଯେଉଁଥିରେ ବିନା ବିଚାରରେ ଜଣଙ୍କୁ ଗୋଟିଏ ବର୍ଷ ଜେଲରେ ରଖାଯାଇପାରିବ।

ଜଣେ ବ୍ୟକ୍ତି ଦେଶର ସୁରକ୍ଷା, ପଡ଼ୋଶୀ ଦେଶ ସହ ସମ୍ପର୍କ ବା ଆଇନଶୃଙ୍ଖଳା ପରିସ୍ଥିତି ପ୍ରତି ବିପଦ ସୃଷ୍ଟି କଲା ଭଳି କୌଣସି କାର୍ଯ୍ୟ କରିବାର ଆଶଙ୍କା ଥିଲେ ତାଙ୍କୁ ଜାତୀୟ ନିରାପତ୍ତା ଆଇନ (ଏନ୍‌ଏସ୍‌ଏ) ଅନୁସାରେ ଗିରଫ କରି ଜେଲରେ ରଖିବାର ନିୟମ ଅଛି। କିନ୍ତୁ ଏହି ଆଇନକୁ ଏପରି ଅସ୍ପଷ୍ଟ ଭାବରେ ଲେଖାଯାଇଛି ଯେ ବିନା ଅପରାଧରେ ଯାହାକୁ ଇଚ୍ଛା ତାକୁ ଧରି ନେଇ ଜେଲରେ ପୂରାଇ ଦିଆଯାଇପାରିବ। ଦୁର୍ଭାଗ୍ୟଜନକ କଥା ହେଉଛି ଆମର କୋର୍ଟଗୁଡ଼ିକ ମଧ୍ୟ ଅନେକ ସମୟରେ ଏପରି କାର୍ଯ୍ୟକୁ ଅନୁମତି ଦେଉଛନ୍ତି। ସେପ୍ଟେମ୍ବର ୧୦ ତାରିଖ ସୋମବାର ମୁଁ ସହାରନପୁର ଜେଲରେ ଆଜାଦଙ୍କୁ ଭେଟିଥିଲି। ଜେଲ ଭିତରେ ବଗିଚା ପରି ଏକ ଖୋଲା ଜାଗା ଅଛି, ଯେଉଁଠି ଶତାଧିକ ପରିଦର୍ଶକ ଓ ଅନ୍ତେବାସୀ ପରସ୍ପରକୁ ଦେଖା କରିପାରିବେ। ପାଠକମାନେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଯେଉଁ ପରିଦର୍ଶକମାନେ ଜେଲ ଭିତରକୁ ଆସନ୍ତି, ତାଙ୍କ ହାତ ପାପୁଲିରେ ଚାରିଟା ଷ୍ଟାମ୍ପ ମରାଯାଏ। ଗୋଟିଏ ଷ୍ଟାମ୍ପ ପ୍ୟାଡ୍‌ରେ ଆଙ୍ଗୁଳି ଛାପ ଥାଏ। ଆଉ ଗୋଟିଏ ଗୋଲାକାର ଷ୍ଟାମ୍ପରେ ଦିନର ବାର ଲେଖାଥାଏ। ମୁଁ ସୋମବାର ଯାଇଥିଲି, କିନ୍ତୁ ମୋ ହାତରେ ଯେଉଁ ଷ୍ଟାମ୍ପ ମରାଗଲା, ସେଥିରେ ଲେଖାଥିଲା ଗୁରୁବାର। ଆଉ ଗୋଟିଏ ତିନିକୋଣିଆ ଷ୍ଟାମ୍ପ ଥିଲା, ଯେଉଁଥିରେ ଲେଖାଥିଲା 'ଗେଟ୍ ମୁଲାକାତି'। ଆଉ ଏକ ଗୋଲାକାର ନାଲିଆ ଷ୍ଟାମ୍ପ ମଧ୍ୟ ଥିଲା। ଷ୍ଟାମ୍ପଗୁଡ଼ିକ ବାହାରକୁ ବାହାରିଲାବେଳେ ଚେକ୍ କରାଯାଏ। ଉଦ୍ଦେଶ୍ୟ ହେଉଛି କୌଣସି ବିଚାରାଧୀନ ଅନ୍ତେବାସୀ ଯେପରି ପରିଦର୍ଶକଙ୍କ ସହିତ ବାହାରକୁ ଚାଲି ନ ଯାନ୍ତି। ସୋମବାର ବଦଳରେ ଗୁରୁବାର ବା ଅନ୍ୟବାର ଜାଣିଶୁଣି ଲେଖାଯାଇଥାଏ। ପ୍ରତିଦିନ ମନଇଚ୍ଛା ବାର ବଦଳାଇ ଲେଖାଯାଏ। ଏହାଦ୍ୱାରା କୌଣସି ଅନ୍ତେବାସୀ ଷ୍ଟାମ୍ପକୁ ଜାଲ କରି ଖସି ପଳାଇଯାଇ ପାରିବ ନାହିଁ।

ଆଜାଦ ହେଉଛନ୍ତି ଜଣେ ୩୦ ବର୍ଷୀୟ ସୌମ୍ୟକାନ୍ତ ଯୁବକ। ସେ କ୍ରିକେଟର ରବୀନ୍ଦ୍ର ଜାଡେଜାଙ୍କ ପରି ନିଶ ରଖିଛନ୍ତି ଏବଂ ନିଶର ଦୁଇ ମୁଣ୍ଡ ଉପରକୁ ମୋଡ଼ି ହୋଇଛି। ଏ ନିଶ ମଧ୍ୟ ଅନ୍ୟମାନଙ୍କ ଉଦ୍ଦେଶ୍ୟରେ କିଛି କଥା କହୁଛି। ଭୀମ ଆର୍ମି ଭାରତ ଏକତା ମିଶନର ଅଧିକାଂଶ ନେତା ଏହିପରି ନିଶ ରଖିଥାନ୍ତି। ସେମାନେ ମଧ୍ୟ ଡାହାଣ ବାହୁରେ ଏକ ଷ୍ଟିଲ୍ ବଳା ପିନ୍ଧିଥାନ୍ତି କିନ୍ତୁ କୌଣସି ଧାର୍ମିକ ସୂତା ବାନ୍ଧନ୍ତି ନାହିଁ। ବହୁ ଯୁବକ ଓ ଯୁବତୀ ମଧ୍ୟ ଆଜାଦଙ୍କୁ ଜେଲରେ ଦେଖା କରିବାକୁ ପ୍ରତିଦିନ ଆସନ୍ତି। ତାଙ୍କ ସପକ୍ଷରେ ଦଳିତମାନେ ର୍‍ୟାଲି କରିଥିଲେ। ଶେଷରେ ତାଙ୍କୁ ଜେଲରେ ଅଟକ ରଖିବାର ରାଜ୍ୟ ସରକାରଙ୍କ ସମସ୍ତ କୌଶଳ ଫେଲ୍ ମରିଲା। ସେପ୍ଟେମ୍ବର ୧୩ ତାରିଖ ରାତିରେ ସରକାର ଆଜାଦଙ୍କୁ ମୁକ୍ତ କରିବାକୁ ବାଧ୍ୟ ହେଲେ।

ଜେଲ ପରିଦର୍ଶନ ପରେ ମୁଁ ସହାରନପୁର ଯାଇଥିଲି ଭୀମ ଆର୍ମି କ'ଣ କାମ କରୁଛି ଦେଖିବା ପାଇଁ। ସେମାନେ ଦଳିତ ପିଲାଙ୍କ ପାଇଁ ୩୦୦ ସ୍କୁଲ ଖୋଲିଛନ୍ତି ଏବଂ ନିୟମିତ ସ୍କୁଲ ସମୟ ପରେ ସନ୍ଧ୍ୟାବେଳେ ସ୍ୱେଚ୍ଛାସେବୀମାନେ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଏପରି ଗୋଟିଏ ସ୍କୁଲ ଜଣଙ୍କ ଘରେ ଚାଲିଥିଲା। ବିରାଟ ବାରଣ୍ଡାରେ ପ୍ରାୟ ୩୫ ଜଣ ପିଲା ତିନି ଧାଡ଼ିରେ ବସି ପାଠ ପଢୁଥିଲେ। ଏହି ପିଲାଙ୍କ ବୟସ ୫ରୁ ୧୦ ବର୍ଷ ଭିତରେ। ପିଲାମାନେ ପରସ୍ପରକୁ 'ଜୟ ଭୀମ' କହି ଅଭିବାଦନ ଜଣାନ୍ତି। ସେମାନେ ବି.ଆର୍. ଆମ୍ବେଦ୍‌କରଙ୍କ ଜୀବନୀ ଆବୃତ୍ତି କରିପାରନ୍ତି। ମୁଁ ଯାହା ଦେଖିଲି ଆଜାଦ ନିଜକୁ ଜଣେ ଗଣନେତା ଭାବେ ପ୍ରତିଷ୍ଠିତ କରିପାରିଛନ୍ତି ଏବଂ ଭୀମ ଆର୍ମି ଭାରତ ଏକତା ମିଶନ ଏକ ରାଜନୈତିକ ଶକ୍ତି ଭାବେ ଉଭା ହେବାକୁ ଯାଉଛି। ମୁଁ ପଚାରିଲି, ବର୍ତ୍ତମାନ କେତୋଟି ସ୍ଥାନରେ 'ଦ ଗ୍ରେଟ୍ ଚମାର' ବୋର୍ଡ ମରାହୋଇଛି? ମୋତେ ଉତ୍ତର ମିଳିଲା ଯେ ଶାହାରନପୁରର ଗାଁଗୁଡ଼ିକରେ ଏପରି ୧୬୦ଟି ବୋର୍ଡ ମରାହୋଇଛି। ଏଥିରୁ ଜଣାପଡୁଛି, କିପରି ସାମାଜିକ ପରିବର୍ତ୍ତନ ଘଟୁଛି। ସମାଜରେ ଯେଉଁମାନେ ଦଳିତ, ପତିତ, ସେମାନେ ଯେତେବେଳେ ନିଜ ଗୋଡ଼ରେ ଠିଆହେବେ, ସମାଜ ସେମାନଙ୍କ ପାଇଁ ଜାଗା ତିଆରି କରିବାକୁ ବାଧ୍ୟ ହେବ। Email: aakar.patel@gmail.com

## ୨୫ ବର୍ଷ ତଳର ଧରିତ୍ରୀ

୧୬ ସେପ୍ଟେମ୍ବର ୧୯୯୩

- ଲିପଟନ୍ ଇଣ୍ଡିଆ ଲିଃ ଓ ବ୍ରୁକ୍‌ବଣ୍ଡ୍ ଇଣ୍ଡିଆ କମ୍ପାନୀର ମିଶ୍ରଣ କରାଯାଇ ଏକ ନୂତନ ଫୁଡ୍‌ସ କମ୍ପାନୀ ବ୍ରୁକ୍‌ବଣ୍ଡ୍ ଲିପଟନ୍ ଇଣ୍ଡିଆ ଲିମିଟେଡ ଗଠନ କରାଗଲା।
- ମଣିପୁରର ସେନାପତି ଜିଲା ଅନ୍ତର୍ଗତ ଦୋଭଷି ଅଞ୍ଚଳରେ ଅଜ୍ଞାତ ବନ୍ଧୁକଧାରୀଙ୍କ ଆକ୍ରମଣରେ ୯୦ଜଣ କୁକି ନିହତ।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 5 | | | | | | D | 4 | | | | | |
| | 4 | | | 5 | | | 0 | 6 | | | E | | | C |
| D | A | | | | B | | 5 | | | | | | | 3 |
| | | 9 | 7 | 0 | | C | | | | 8 | | E | | |
| | | | | 9 | 1 | | 2 | 8 | | 3 | | D | 7 | 6 |
| 4 | 0 | | 5 | 2 | E | 1 | | | | | A | | | |
| 8 | 7 | | A | D | 9 | E | | | | | | | 5 | |
| C | | | | 6 | 0 | | | | D | | | | | |
| | | | | | 7 | | | | | | | 2 | 8 | |
| | | | | | | | D | 0 | | | 8 | B | | 1 |
| | | C | | 7 | | | | | 9 | | | | B | 8 |
| | 2 | E | 9 | | 4 | 8 | C | | | | 0 | | | |
| | | 3 | | | | 6 | 7 | | | 1 | | | 4 | |
| 9 | | | | | A | | B | 3 | | | 5 | | | 2 |
| | | B | D | 1 | | 0 | | 5 | 3 | 4 | | | C | A |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 1 | 8 | 9 | B | 0 | 4 | E | 3 | A | D | 7 | C | 5 | 6 |
| 9 | 4 | D | 6 | 2 | 5 | 7 | C | A | E | 8 | 1 | B | 3 | 0 |
| A | 6 | B | 4 | 7 | D | 8 | 5 | 0 | C | 3 | 9 | E | 1 | 2 |
| 5 | C | 7 | E | 3 | 1 | 9 | D | B | 0 | 6 | 2 | A | 8 | 4 |
| 3 | 0 | E | A | 8 | C | 1 | 6 | 2 | 4 | 5 | B | 9 | D | 7 |
| D | 7 | 3 | C | 9 | A | B | 1 | 8 | 2 | E | 6 | 0 | 4 | 5 |
| B | 2 | 0 | D | 1 | 6 | A | 3 | 9 | 8 | 4 | 5 | 7 | C | E |
| 6 | E | C | B | 5 | 8 | D | 7 | 4 | 9 | 0 | A | 1 | 2 | 3 |
| 4 | 9 | A | 2 | E | 7 | C | 0 | 5 | 3 | 1 | D | 6 | B | 8 |
| 1 | 8 | 5 | 3 | 0 | 4 | 6 | 2 | E | B | 7 | C | D | A | 9 |
| E | D | 4 | 8 | C | B | 3 | 9 | 1 | 7 | 2 | 0 | 5 | 6 | A |
| 7 | B | 9 | 5 | 6 | E | 2 | 4 | C | 1 | A | 3 | 8 | 0 | D |
| C | A | 6 | 1 | D | 3 | 0 | 8 | 7 | 5 | 9 | 4 | 2 | E | B |
| 8 | 3 | 2 | 0 | A | 9 | 5 | B | D | 6 | C | E | 4 | 7 | 1 |
| 0 | 5 | 1 | 7 | 4 | 2 | E | A | 6 | D | B | 8 | 3 | 9 | C |

ଗତକାଲିର ଉତ୍ତର

# ନ୍ୟାୟ, ନୀତି ଓ ସମଲିଙ୍ଗୀ ସମ୍ପର୍କ



ଚିତ୍ର-ଚରିତ୍ର

ନିରଞ୍ଜନ ପାଢ଼ୀ

କେତେଦୂର ନ୍ୟାୟରୁ ନୈତିକତା ? ଏ ପ୍ରଶ୍ନ କିଏ ଆଗ-ଗଛ ନା ମଞ୍ଜି, ଦିନ ନା ରାତି ଭଳି ଏକ ଗହନ ପ୍ରଶ୍ନ। ଯାହା କିଛି ନୀତିସଂଗତ, ତାହା ହିଁ ନ୍ୟାୟ ବା ଯାହା କିଛି ନ୍ୟାୟୋଚିତ, ତାହା ହିଁ ନୀତି; ଏ ଦୁଇଟି ବିକଳ୍ପ ମଧ୍ୟରୁ କେଉଁଟି ଅଧିକ ଗ୍ରହଣୀୟ, ଏମିତି ଗୋଟିଏ ପ୍ରଶ୍ନର ଏକ ନିର୍ଣ୍ଣାୟକ ଉତ୍ତର ମିଳିବା ଏତେ ସହଜ ନୁହେଁ। ଅବଶ୍ୟ ଏ କଥା ବି ନୁହେଁ ଯେ ନ୍ୟାୟ ଓ ନୀତି ଦୁଇଟି ସମାନ୍ତରାଳ ସରଳରେଖାରେ ଗତି କରି କେଉଁଠି ବି ମିଶିପାରନ୍ତି ନାହିଁ। ପରସ୍ପର ପ୍ରତିକୂଳ ଦିଗରେ ଗଲେ ବି ଏକ ବୃତ୍ତାକାର ପରିଧି ମଧ୍ୟରେ ଘୂରି ଘୂରି ପୁଣି ସାମ୍ନା ସାମ୍ନି ହୋଇଯା'ନ୍ତି।

ଆଜି ମନ୍ଦିରକୁ ଦିଅଁ ଦର୍ଶନ କରି ଗଲାବେଳେ ମନ୍ଦିର ବେଢ଼ା ବାହାରେ ଜୋତା ରଖି ଆମେ ଈଶ୍ୱରଙ୍କ ପ୍ରତି ଆମର ସମ୍ମାନ ଓ ସମର୍ପଣ ଭାବ ପ୍ରକଟ କରୁଛୁ। କାଲି କେହି ଜଣେ ଈଶ୍ୱରଙ୍କ ଅସ୍ତିତ୍ୱକୁ ଅବଜ୍ଞା କରି ଯଦି ଜୋତା ପିନ୍ଧି ମନ୍ଦିର ଭିତରେ ପଶେ, ତେବେ ପ୍ରତିବାଦକାରୀ ପୂଜକଙ୍କୁ ହୁଏତ ଜବାବ ମିଳିପାରେ, "ଦେଉଳ ଭିତରକୁ ଜୋତା ନେବା ଅନୈତିକ ହୋଇପାରେ, ମାତ୍ର ଅନ୍ୟାୟ ବା ଆଇନବିରୁଦ୍ଧ ନୁହେଁ।" ସେହିପରି ମାତାପିତା ବା ଗୁରୁ ଗୁରୁଜନଙ୍କୁ ଆଶାଳୀନ ମନ୍ତବ୍ୟ ଦେଇ ଅସମ୍ମାନ କଲେ ହୁଏତ ରାୟ ମିଳିପାରେ, "ପିଲାମାନଙ୍କର ଏପ୍ରକାର ଆଚରଣ ନୀତିହୀନ ସିନା, କିନ୍ତୁ ବେଆଇନ ନୁହେଁ।" ସତ୍ୟର ଅତି ସନ୍ନିକଟରେ ଥିବା ଏମିତି ସମ୍ଭାବନାର କି ନାମ ଦିଆଯାଇପାରେ? ମାନବୀୟ ସଂସ୍କାରର ସଙ୍କଟ ନା ବିଚାର ବିଶ୍ଳେଷଣରେ ବିଭ୍ରାଟ?

ଏସବୁ ସମ୍ଭାବନା ଅଧୁନା ପ୍ରକାଶ ପାଇଥିବା ସୁପ୍ରିମକୋର୍ଟଙ୍କ ରାୟ ପରିପ୍ରେକ୍ଷୀରେ ଅସାର ନୁହେଁ। ଯେତେ ଅରୁଚିକର, ଅସଙ୍ଗତ ମନେହେଲେ ବି ଉଚ୍ଚତମ ନ୍ୟାୟାଳୟର ବିଚାର ବିରୋଧରେ ତୁଣ୍ଡ ଖୋଲିଲେ ମୁଣ୍ଡକାଟ୍। ତେବେ ଆମ ନ୍ୟାୟ ବ୍ୟବସ୍ଥାକୁ ସମସ୍ତ ସମ୍ମାନ ଜଣାଇ ତୁଣ୍ଡ ବନ୍ଦ ରଖିଲେ ବି ମନ ମଧ୍ୟରେ ଅନୁଚ୍ଚାରିତ ଭାବେ ଉଙ୍କି ମାରୁଥିବା ବହୁପ୍ରଶ୍ନକୁ ଏଡାଇଯିବା ଆଦୌ ସମ୍ଭବ ନୁହେଁ। ସବୁଠୁଁ ପ୍ରମୁଖ ପ୍ରଶ୍ନଟି ହେଉଛି, "ନ୍ୟାୟ ଓ ନୈତିକତା କ'ଣ ଏକା କଥା ନୁହେଁ, ଯଦି ନୁହେଁ, ତେବେ ମଣିଷର ଜୀବନ ନିର୍ବାହରେ କାହାର ଭୂମିକା ଅଧିକ- ନ୍ୟାୟର ନା ନୈତିକତାର ?

ଆମ ସମ୍ବିଧାନର ୩୭୭ ଧାରାରେ ଥିବା ସମଲିଙ୍ଗୀ ସମ୍ପର୍କର ବାରଣନାମା ଭଳି ବ୍ୟବସ୍ଥାର ସମୀକ୍ଷା କରି ମାନ୍ୟବର କୋର୍ଟର ଏକ ଡିଭିଜନ ବେଞ୍ଚ କହିଛନ୍ତି ମଣିଷର ମୁକ୍ତ ଚେତନା ବିରୋଧରେ ଶକ୍ତ ପ୍ରାଚୀର ଭାବେ ଛିଡା ହୋଇଥିବା ଏହି ବ୍ରିଟିଶ୍ ଅମଳର ବାରଣନାମା ଆଦୌ ଗ୍ରହଣୀୟ ନୁହେଁ। ଏକ କଲ୍ୟାଣକାରୀ ରାଷ୍ଟ୍ରରେ ସମଲିଙ୍ଗୀମାନଙ୍କ ସ୍ୱାଧୀନ ଭାବେ ବଞ୍ଚିବାର ଅଧିକାର ଉପରେ ଅଙ୍କୁଶ ଲଗାଉଥିବା ଆଇନର ସଂଶୋଧନ ହେବା ଆବଶ୍ୟକ ବୋଲି ମତ ଦେଇ ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି ଯେ ଜଣେ ପ୍ରାପ୍ତବୟସ୍କ ପୁରୁଷ ଆଉ ଜଣେ ପ୍ରାପ୍ତ ବୟସ୍କ ପୁରୁଷ ସହ ସଂସାର ବାନ୍ଧିବାରେ କିଛି ବାଧକତା ନାହିଁ। ସାଧାରଣଭାବେ କହିବାକୁ ହେଲେ, ସମଲିଙ୍ଗୀ ସମ୍ପର୍କ ଆଉ ଅବୈଧ ସମ୍ପର୍କ ଭାବେ ବିବେଚିତ ହେବନାହିଁ।

ସମ୍ପର୍କ ସବୁବେଳେ ବହୁମୁଖୀ। ପୁରୁଷ ପୁରୁଷ ମଧ୍ୟରେ, ନାରୀ ନାରୀ ମଧ୍ୟରେ ବା ପୁରୁଷ ନାରୀ ମଧ୍ୟରେ ଥିବା ସମ୍ପର୍କର କେବେ କୌଣସି କାଳରେ କେବଳ ଗୋଟିଏ ନାଁ ନ ଥିଲା, ଏବେ ବି ନାହିଁ। ବାପା ମା, ଭାଇଭଉଣୀ, ଜେଜେନାତି, କକାଖୁଡୀ, ମାମୁମାଇଁ ବା ସ୍ୱାମୀ-ସ୍ତ୍ରୀ ଆଦି ବହୁବିଧ ସମ୍ପର୍କର ରଜ୍ଜୁରେ ବନ୍ଧା ମଣିଷର ଜୀବନ। ମାତ୍ର ଏସବୁ ମଧ୍ୟରେ ସ୍ୱାମୀ-ସ୍ତ୍ରୀ ସମ୍ପର୍କଟି ସଂସାର ଅନୁମୋଦିତ ସମ୍ପର୍କର ଇତିହାସରେ ସବୁଠୁଁ ପ୍ରାଚୀନ ଓ ପ୍ରଥମ ସମ୍ପର୍କ। ପୁରୁଷ ପ୍ରକୃତିର ଏହି ଆଦିମ ସମ୍ପର୍କଟି ମଧ୍ୟରୁ ଜନ୍ମ ନେଇଛି ଏ ବିଶାଳ ବିଶ୍ୱ, ସୃଷ୍ଟି ହୋଇଛି ସମଗ୍ର ସଂସାର। ଅନ୍ୟ ସବୁ ସମ୍ପର୍କ ଯେତେ ଯାହା ସାମାଜିକ ଅବକ୍ଷୟର ସମ୍ମୁଖୀନ ହେଲେ ବି ଯଦି କେବେ ସୃଷ୍ଟି ସର୍ଜନାର ଏହି ଆଦିମ ସମ୍ପର୍କଟି ତା'ର ପବିତ୍ରତା ହରାଇବସେ, ତେବେ ଧରିନେବାକୁ ହେବ ଯେ ବିବର୍ତ୍ତନର ଓଲଟ ଗତିରେ ମଣିଷ ଆଉ ଥରେ ପଶୁ ପାଲଟି ଯାଉଛି।

ଅଥଚ ବିଡମ୍ବନାର ବିଷୟ ଏହା ଯେ ଆଧୁନିକ ଜୀବନର ଉଦ୍ଦାମ ଆକର୍ଷଣ ମଧ୍ୟରେ ପରିପୁଷ୍ଟ ମୁକ୍ତ ଚେତନାର ଦ୍ୱାହିଦେଇ ମଣିଷ ସମାଜ ତା'ର ରଙ୍ଗ ବଦଳାଇ ଚାଲିଛି। ବଡ କ୍ଷିପ୍ର ଗତିରେ ଏ ସଂସାରରୁ ସଂସ୍କାର ଓ ସମାଜରୁ ନୈତିକତା ଉଜୁଡିଯିବାରେ ଲାଗିଛି। ନ୍ୟାୟୋଚିତ ବିଚାର ଓ ମୁକ୍ତ ଚେତନାର ଜୟଗାନ ମଧ୍ୟରେ ଗୌରବମଣ୍ଡିତ ହେଉଛି ପ୍ରକୃତି ବିରୋଧୀ ଓ ନୈତିକତା ବିଦ୍ୱେଷୀ ଏକ ବିଚିତ୍ର ସମ୍ପର୍କର ଅଭିନବ ପରିଭାଷା 'ସମଲିଙ୍ଗୀ ସମ୍ପର୍କ'। ପୁରୁଷ ଓ ନାରୀ ମଧ୍ୟରେ ଥିବା ବିପରୀତ ଲିଙ୍ଗୀ ସମ୍ପର୍କ କେବଳ ଏକ ଜୈବିକ ବିଭେଦଭିତ୍ତିକ ସାଧାରଣ ସମ୍ପର୍କ ନୁହେଁ। ଏହା ମଧ୍ୟରେ ଥିବା ପ୍ରେମ-ପ୍ରଣୟର ଦାନ-ପ୍ରତିଦାନ ବା ଯୌବନର ଯୌନ ଆକର୍ଷଣ କେବଳ ଦୁଇଟି ମନ ବା ହୃଦୟର ନୈକଟ୍ୟର କଥା ନୁହେଁ, ବରଂ ଏହି ସୃଷ୍ଟିର ଧାରା ଓ ପ୍ରବାହକୁ ଗତିଶୀଳ କରି ସୃଷ୍ଟିର ବିକାଶ ପଥରେ ଆଗେଇ ନେବାର ଏକ ଜୈବିକ ଆବଶ୍ୟକତା। ଏଥିପାଇଁ ଏହି ମହତ୍ତର ଲକ୍ଷ୍ୟର ଉପଲବ୍ଧି ଦିଗରେ ମାନବୀୟ ଚେତନା ଓ ସାମାଜିକ ଶୃଙ୍ଖଳା ମଧ୍ୟରେ ଆବଦ୍ଧ ଥିବା ନାରୀପୁରୁଷର ସମ୍ପର୍କକୁ ବିବାହ ଆଖ୍ୟା ଦେଇ ଏ ସୃଷ୍ଟି ଆଗେଇ ଚାଲିଛି କେଉଁ ଆବହମାନ କାଳରୁ। ଅଥଚ ସମଲିଙ୍ଗୀ ସମ୍ପର୍କ ! କେଉଁ ଲକ୍ଷ୍ୟ ସାଧନ ପାଇଁ ଏହା ଉଦ୍ଦିଷ୍ଟ ?

ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ବୈଚାରିକ ସିଦ୍ଧାନ୍ତ ପରେ ଏବେ ସମଲିଙ୍ଗୀଙ୍କ ଶିବିରରେ ଉଲ୍ଲାସର କୋଳାହଳ। ଏତେଦିନ ଧରି ଅପହୃତ ହୋଇଥିବା ସେମାନଙ୍କ ମୁକ୍ତ ଚେତନା ଏବେ ଫେରିଆସିଛି। ବିନା ଭୟରେ ଦୁଇ ପ୍ରେମୀ ଏବେ ଏକାଠି ରହିପାରିବେ। ମାତ୍ର ପ୍ରଶ୍ନ ଉଠୁଛି-କେଉଁ ରୂପରେ? ପତିପତ୍ନୀ ରୂପରେ ନା ପ୍ରେମିକଦ୍ୱୟ ଭାବେ କି ପ୍ରେମିକାଦ୍ୱୟ ଭାବେ। ଭାରତୀୟ ଆଇନର ବ୍ୟାଖ୍ୟାକାରମାନେ କହୁଛନ୍ତି ଯେ, ସାମ୍ପ୍ରତିକ ଆଇନର ବିଧିବିଧାନ ମଧ୍ୟରେ କେବଳ ପୁରୁଷ ଓ ନାରୀଙ୍କ ମଧ୍ୟରେ ବିବାହ ସମ୍ଭବ। ପୁରୁଷ ପୁରୁଷ ମଧ୍ୟରେ ବା ନାରୀ ନାରୀ ମଧ୍ୟରେ ବିବାହ ପାଇଁ ଆଇନରେ କିଛି ବ୍ୟବସ୍ଥା ନାହିଁ। ତା'ହେଲେ ମୁକ୍ତ ଚେତନାର ପୂଜାରୀ ସମଲିଙ୍ଗୀ ଦୁହେଁ ଏକାଠି ରହିବେ କେଉଁ ରୂପରେ? କ'ଣ ହେବ ସେମାନଙ୍କ ବିଚିତ୍ର ସମ୍ପର୍କର ପରିଚୟ?

ନୀତିଠାରୁ ନ୍ୟାୟର ଦୂରତା ମଧ୍ୟରେ, ବୈଧତା ଓ ନୈତିକତାର ଦ୍ୱନ୍ଦ୍ୱ ମଧ୍ୟରେ କେଇବର୍ଷ ତଳେ ନ୍ୟାୟାଳୟ ଦ୍ୱାରା ସବୁଜ ସଙ୍କେତ ପାଇଥିଲା ସମଲିଙ୍ଗୀ ସମ୍ପର୍କ ଭଳି ଆଉ ଏକ ସମ୍ପର୍କ। ଆମ ସଂସ୍କାର ଓ ସଂସ୍କୃତିଠାରୁ ଯୋଜନ ଦୂରତ୍ୱରେ ରହୁଥିବା ଏହି ସମ୍ପର୍କର ନାମ ଥିଲା 'ସହବାସୀ ସମ୍ପର୍କ' ବା ଲିଭ୍-ଇନ୍ ରିଲେସନଶିପ୍। ଆନୁଷ୍ଠାନିକ ଭାବେ ବିବାହ ନ କରି ଏକାଘରେ ରହୁଥିବେ ଦୁଇଜଣ ପୁରୁଷ ଓ ନାରୀ। ଏକା ବିଛଣାରେ ଶୋଉଥିବେ। ବିବାହ ପୂର୍ବରୁ ଯାହାକିଛି ଅକରଣୀୟ, ସବୁ କିଛି କରୁଥିବେ, ଅଥଚ ସେ ଦୁହେଁ ପତିପତ୍ନୀ ହୋଇ ନ ଥିବେ। ସେମାନଙ୍କ ସମ୍ପର୍କ ସପକ୍ଷରେ ନା ଥିବ ସାମାଜିକ ସ୍ୱୀକୃତି ନା କୌଣସି ବୈଦିକ ରୀତିନୀତି।

ଏମିତି ଏକ ବିଦେଶରୁ ଆମଦାନି ହୋଇଥିବା ସମାଜଛଡା ସମ୍ପର୍କ ଭାରତରେ କେବେ କେଉଁଠି ଆରମ୍ଭ ହୋଇଥିଲା କେଜାଣି, ଏବେ କିନ୍ତୁ ଦେଶର ଛୋଟବଡ ନଗରାଞ୍ଚଳଗୁଡିକରେ ଏମିତି ସମ୍ପର୍କ ବହୁଳ ଭାବେ ଦେଖିବାକୁ ମିଳୁଛି। ସହବାସୀ ସମ୍ପର୍କର ବୈଧତା ସମ୍ପର୍କରେ ନ୍ୟାୟାଳୟର ନ୍ୟାୟ ଭାରତୀୟ ସଂସ୍କାର, ରୀତିନୀତି ଓ ନୈତିକତାକୁ ସମୁଦ୍ର ଗର୍ଭରେ ଫିଙ୍ଗିଦେଇଛି। ନିଜ ରାଷ୍ଟ୍ରୀୟ ଚେତନାର ଆତ୍ମିକ ଉତ୍ତରଣରେ ସମଗ୍ର ବିଶ୍ୱର ଦୃଷ୍ଟିଆକର୍ଷଣ କରିଥିବା ଭାରତ ଆଉ ପୂର୍ବର ପରମ୍ପରାକୁ ନେଇ ଗର୍ବ କରିପାରୁନାହିଁ। ତାହାର ଯୁଗଯୁଗର ସଞ୍ଚିତ ସଂସ୍କାର ଓ ସଦାଚାର ସହବାସୀ ସମ୍ପର୍କର କଳଙ୍କ କାଳିମାରେ କଳୁଷିତ ହୋଇଛି। ଅଗ୍ନିକୁ ସାକ୍ଷୀ ରଖି ବିବାହ ବନ୍ଧନରେ ବାନ୍ଧି ହେବାକୁ ଗୋଟିଏ ଫୁତ୍‌କାରରେ ଉଡାଇଦେଇ ଯୁବତୀଯୁବକମାନେ ନିଜ ମାତାପିତାଙ୍କ ଅଜ୍ଞାତସାରରେ ଅବା ଇଚ୍ଛା ବିରୋଧରେ ସହବାସୀ ସମ୍ପର୍କରେ ବାନ୍ଧି ହୋଇଯାଉଛନ୍ତି। ଯୌବନର ଉତ୍ତାଳ ତରଙ୍ଗରେ ଭାସିଭାସି ସେମାନେ ଏମିତି ଏକ ସମୟରେ ପହଞ୍ଚୁଛନ୍ତି, ଯେତେବେଳେ ଦାମ୍ପତ୍ୟର ନକଲି ସଂସ୍କରଣ ଏହି ମିଥ୍ୟା ସମ୍ପର୍କଟି ନିମିଷକେ ନିଶ୍ଚିହ୍ନ ହୋଇଯାଉଛି। ପରିଣତି ହେଉଛି ଅତ୍ୟନ୍ତ ପ୍ରତ୍ୟାଶିତ। କେଉଁଠି ଯୁବତୀଟି ଗର୍ଭବତୀ ହୋଇ ଯୁବକର ଦାଣ୍ଡଦୁଆରେ ଅନଶନରେ ବସୁଛି ତ ଅନ୍ୟ କେଉଁଠି ଅକାଳରେ ଝରିପଡୁଛି ଅମୂଲ୍ୟ ଜୀବନ।

ସମଗ୍ର ବିଶ୍ୱବ୍ରହ୍ମାଣ୍ଡରେ ନୀତି ଓ ନୈତିକତାକୁ ନେଇ ସଂସ୍କାରସମ୍ପନ୍ନ ଭାରତଭୂଖଣ୍ଡର ଏକ ସ୍ୱତନ୍ତ୍ର ପରିଚୟ ଥିଲା। ଯୁବମାନସର ନୈତିକ ବିଚ୍ୟୁତି ଦିନେ ବିବେଚିତ ହେଉଥିଲା ଏକ ଅସ୍ପୃହଣୀୟ ଚାରିତ୍ରିକ ସ୍ଖଳନ ଭାବେ। ମାତ୍ର ଆଜି ଆଧୁନିକ ଜୀବନର ମୁକ୍ତ ଚେତନା ନାମରେ ନୈତିକତାଠୁଁ ନ୍ୟାୟକୁ ଭିନ୍ନ କରିଦିଆଯାଇଛି। ସହବାସୀ ସମ୍ପର୍କ ସଂସ୍କାର ଓ ବୈଦିକତାର ବିରୋଧୀ ହେଲେ ହେଁ ଏହା ପୁରୁଷ ଓ ନାରୀର ସମ୍ପର୍କ। ମାତ୍ର ସମଲିଙ୍ଗୀ ସମ୍ପର୍କ! ଆଇନ ଆଖିରେ ଏହା ଅବୈଧ ହୋଇ ନ ପାରେ। ମାତ୍ର ପ୍ରକୃତିର ଜୈବିକ ବ୍ୟବସ୍ଥା ବିରୋଧରେ ଏହା ଏକ ଅବାଞ୍ଛିତ ବିଦ୍ରୋହ ନିଶ୍ଚୟ। ଆଉ ପ୍ରକୃତି ବିରୋଧରେ ବିଦ୍ରୋହର ଭୟଙ୍କର ପରିଣତି ଅତ୍ୟନ୍ତ ଅକଳ୍ପନୀୟ।

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର, ମୋ-୮୮୯୫୬୨୪୧୦୫

# ପରବର୍ତ୍ତୀ ପ୍ରଧାନ ନ୍ୟାୟାଧୀଶ

ବ୍ୟକ୍ତିତ୍ୱ



ଜଷ୍ଟିସ ରଞ୍ଜନ ଗୋଗୋଇ

ଚଳିତବର୍ଷ ଜାନୁୟାରୀ ୧୨ରେ ନ୍ୟାୟପାଳିକାରେ ଦେଖାଦେଇଥିଲା ବିଦ୍ରୋହ। ପ୍ରଥମ ଥର ପାଇଁ ସୁପ୍ରିମକୋର୍ଟର ୪ ବରିଷ୍ଠ ବିଚାରପତି ଖବରଦାତା ସମ୍ମିଳନୀ କରି ନ୍ୟାୟ ପ୍ରଦାନ ବ୍ୟବସ୍ଥାର ବିଫଳତା ଓ ମାମଲା ଆବଣ୍ଟନରେ ଅସଙ୍ଗତି ଦେଖାଦେଉଥିବା ପ୍ରସଙ୍ଗ ଉଠାଇଥିଲେ। ଏହି ବିଚାରପତିମାନେ ହେଲେ ଜଷ୍ଟିସ ଜେ ଚେଲାମେଶ୍ୱର, ରଞ୍ଜନ ଗୋଗୋଇ, ଏମ୍.ବି. ଲକ୍ୟୁର ଏବଂ କୁରିଏନ୍ ଯୋଶେଫ୍। ବର୍ତ୍ତମାନର ପ୍ରଧାନ ବିଚାରପତିଙ୍କୁ ସମାଲୋଚନା କରି ଏମାନେ ନ୍ୟାୟ ବ୍ୟବସ୍ଥାରେ ଯେଉଁ ଝଡ଼ ସୃଷ୍ଟି କରିଥିଲେ ସେମାନଙ୍କ ମଧ୍ୟରୁ ରଞ୍ଜନ ଗୋଗୋଇ ସର୍ବୋଚ୍ଚ ନ୍ୟାୟାଳୟର ପରବର୍ତ୍ତୀ ପ୍ରଧାନ ନ୍ୟାୟାଧୀଶ ଭାବେ ନିଯୁକ୍ତ ହୋଇଛନ୍ତି। ପ୍ରଧାନ ବିଚାରପତି ଦୀପକ ମିଶ୍ର ଅବସର ଗ୍ରହଣ କରିବା ପରେ ଅକ୍ଟୋବର ୩ରେ ଗୋଗୋଇ ଦାୟିତ୍ୱ ଗ୍ରହଣ କରିବେ। ତାଙ୍କ ନିଯୁକ୍ତିକୁ ନିକଟରେ ରାଷ୍ଟ୍ରପତି ମୋହର ମାରିଛନ୍ତି। ଉତ୍ତର ପୂର୍ବାଞ୍ଚଳରୁ ପ୍ରଥମ ଥର ପାଇଁ ଶୀର୍ଷ ଅଦାଲତର ମୁଖ୍ୟ ହେବାକୁ ଯାଉଥିବାରୁ ଗୋଗୋଇଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ଆସାମର ଡିବ୍ରୁଗଡ଼ଠାରେ ୧୯୫୪ ନଭେମ୍ବର ୧୮ରେ ଗୋଗୋଇ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା କେଶବ ଚନ୍ଦ୍ର ଗୋଗୋଇ ଥିଲେ ଆସାମର ମୁଖ୍ୟମନ୍ତ୍ରୀ। ଆଇନଜୀବୀରୁ ମୁଖ୍ୟମନ୍ତ୍ରୀ ପାଲଟିଥିବା ପିତାଙ୍କୁ ଯେତେବେଳେ ପୁଅ ରଞ୍ଜନଙ୍କ ବିଷୟରେ ବଡ଼ ହେଲେ ସେ କ'ଣ ହେବେ ବୋଲି ପ୍ରଶ୍ନ କରାଯାଇଥିଲା, ସେତେବେଳେ କେଶବ କହିଥିଲେ ଯେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ହେବାର ସବୁ ସମ୍ଭାବନା ସେ ତାଙ୍କଠାରେ ଦେଖୁଛନ୍ତି। ଆଜି ପିତାଙ୍କ ଭବିଷ୍ୟବାଣୀ ସତ୍ୟ ହୋଇଥିବା ଆଲୋଚନା ହେଉଛି। ରଞ୍ଜନ ଗୋଗୋଇ ପିଲାଟି ବେଳୁ ମେଧାବୀ ଥିଲେ। ଡିବ୍ରୁଗଡ଼ସ୍ଥିତ ଡନ୍ ବୋସ୍କୋ ସ୍କୁଲରୁ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସେଣ୍ଟ ଷ୍ଟିଫେନ୍ସ କଲେଜରୁ ଇତିହାସରେ ଡିଗ୍ରୀ ଅର୍ଜନ କରିବା ପରେ ଆଇନ ପାଠ ପଢ଼ିଥିଲେ। ୧୯୭୮ରେ ସେ ଆଇନ ବ୍ୟବସାୟକୁ ଓହ୍ଲାଇ ନାମ ପଞ୍ଜୀକରଣ କରିଥିଲେ। ଗୁଆହାଟୀ ହାଇକୋର୍ଟରେ ସାମ୍ବିଧାନିକ, ଟିକସ ଓ କମ୍ପାନୀ ବ୍ୟାପାର ସଂକ୍ରାନ୍ତ ମାମଲା ଉପରେ ପ୍ରାକ୍ଟିସ୍ କରି ନାଁ କମାଇଥିଲେ। ୨୦୦୧ ଫେବୃୟାରୀ ୨୮ରେ ସେ ଗୁଆହାଟୀ ହାଇକୋର୍ଟର ସ୍ଥାୟୀ ବିଚାରପତି ହୋଇଥିଲେ। ୨୦୧୦ ସେପ୍ଟେମ୍ବର ୯ରେ ସେ ବଦଳି ହୋଇ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ବିଚାରପତି ହେବା ପରେ ୨୦୧୧ ଫେବୃୟାରୀ ୧୨ରେ ଏହାର ମୁଖ୍ୟ ବିଚାରପତି ପଦକୁ ଉନ୍ନୀତ ହୋଇଥିଲେ। ୨୦୧୨ ଏପ୍ରିଲ ୨୩ରେ ସେ ସୁପ୍ରିମକୋର୍ଟ ବିଚାରପତି ହେବାର ଗୌରବ ଅର୍ଜନ କରିଥିଲେ। ଜଷ୍ଟିସ ଗୋଗୋଇ ପ୍ରତ୍ୟେକ ମାମଲାକୁ ଅତି ସତର୍କତାର ସହ ବିଚାର କରିଥାନ୍ତି। ସ୍ୱଳ୍ପଭାଷୀ ଏହି ବରିଷ୍ଠ ବିଚାରପତି ସର୍ବୋଚ୍ଚ ଅଦାଲତରେ ଅନେକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆସାମର ନ୍ୟାଶନାଲ ରେଜିଷ୍ଟର ଅଫ୍ ସିଟିଜେନ୍ (ଏନ୍‌ଆର୍‌ସି), ଏମ୍‌ପି ଓ ଏମ୍‌ଏଲ୍‌ଏଙ୍କ ମାମଲାର ବିଚାର ସ୍ୱତନ୍ତ୍ର କୋର୍ଟ ସ୍ଥାପନ, ଲୋକପାଳ ଭଳି ଦୁର୍ନୀତି ବିରୋଧୀ ବ୍ୟବସ୍ଥା ନେଇ ତାଙ୍କ ରାୟ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ବୋଲି ବିଚାର କରାଯାଉଛି।

ଜଷ୍ଟିସ ଗୋଗୋଇ ସୁପ୍ରିମକୋର୍ଟର ୪୬ତମ ପ୍ରଧାନ ବିଚାରପତି ହେବାକୁ ଯାଉଛନ୍ତି । ସର୍ବୋଚ୍ଚ ଅଦାଲତଙ୍କ ନିଉଜ୍‌ଲେଟର ଅନୁଯାୟୀ ଏଠାରେ ୫୮ ହଜାରରୁ ଊର୍ଦ୍ଧ୍ୱ ମାମଲା ବିଚାରାଧୀନ ରହିଛି। ଏଗୁଡ଼ିକର ସଂଖ୍ୟା କିଭଳି କମିବ, କେଉଁ ବିଚାରପତିଙ୍କୁ କେଉଁ ମାମଲା ଆବଣ୍ଟନ କରାଯାଉଛି ଏବଂ ନ୍ୟାୟ ପ୍ରଦାନ ବ୍ୟବସ୍ଥା କିଭଳି ସୁଗମ ହୋଇପାରିବ ତାହା ତାଙ୍କ କାର୍ଯ୍ୟକାଳ ସମୟରେ ଆହ୍ୱାନ ଭାବେ ଉଭା ହେବ ବୋଲି ବିଶେଷଜ୍ଞମାନେ ମତ ଦେଲେଣି। ଆଶା କରାଯାଉଛି ସ୍ୱଚ୍ଛ ଭାବମୂର୍ତ୍ତି ବଜାୟ ରଖିଆସିଥିବା ଜଷ୍ଟିସ ଗୋଗୋଇ ଦେଶବାସୀଙ୍କୁ ଭବିଷ୍ୟତରେ ନୂଆ କିଛି ନ୍ୟାୟ ଭେଟି ଦେବେ ।

-ଜିତେନ୍ଦ୍ର

## ଏଇ ଭାରତରେ

ଜଣେ ସୁଇମିଂ କୋଚ୍ ଜଣେ ବାଳିକାକୁ ପହଁରା ଶିଖାଉଥିବା ବେଳେ ତାକୁ ଚାବୁକରେ ପିଟିବା ଘଟଣା ନିନ୍ଦନୀୟ ନିଶ୍ଚୟ। ଏହା ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ପରେ ଗୁଜରାଟ ମହିଳା ଓ ଶିଶୁ ଅଧିକାର କମିଶନ୍ ସମ୍ପୃକ୍ତ କ୍ଲବ୍‌କୁ ନୋଟିସ ଜାରି କରିଛି। ଅହମଦାବାଦ ନଗରୀର ରାଜପୁତ କ୍ଲବ୍‌ର ଜଣେ ସଦସ୍ୟ ଏହାର ଭିଡିଓ ପ୍ରସ୍ତୁତ କରିଥିଲେ। କ୍ଲବ୍ ଚେୟାରମ୍ୟାନ୍, ମହିଳା କମିଟି ମୁଖ୍ୟ ଏବଂ କୋଚ୍‌ଙ୍କୁ ସପ୍ତାହକ ମଧ୍ୟରେ ବ୍ୟକ୍ତିଗତ ଭାବରେ ହାଜର ହୋଇ ନିଜର ଉତ୍ତର ରଖିବାକୁ କୁହାଯାଇଥିବା ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷ ଲିଲାବେନ୍ ଆଙ୍କୋଲିୟା ପ୍ରକାଶ କରିଛନ୍ତି। ଏହି ଘଟଣାରେ ପୋଲିସ ତଦନ୍ତ କରିବା ପାଇଁ କୁହାଯାଇଛି। ଏଥି ସହିତ ଏଭଳି ଅନୁଷ୍ଠାନମାନଙ୍କରେ ମହିଳାଙ୍କ ଅଧିକାର ସୁରକ୍ଷା ପାଇଁ ମହିଳା କମିଟି ଅଛି କି ନାହିଁ ଜବାବ ଦେବାକୁ ଅନ୍ୟ କ୍ଲବ୍‌ମାନଙ୍କୁ କୁହାଯାଇଛି। ଗୁଜରାଟ ଶିଶୁ ସୁରକ୍ଷା ଅଧିକାର କମିଶନ ମଧ୍ୟ ଏହି ପ୍ରସଙ୍ଗ ଉପରେ କ୍ଲବ୍‌କୁ ନୋଟିସ ଜାରି କରିଥିବା କମିଶନ ଚେୟାରପର୍ସନ ଜାଗୃତି ପାଣ୍ଡ୍ୟା କହିଛନ୍ତି। ଅପରପକ୍ଷରେ ବାଳିକାର ମାତାପିତା ସମ୍ପୃକ୍ତ କୋଚ୍‌ଙ୍କ ବିରୋଧରେ କୌଣସି ଅଭିଯୋଗ କରି ନ ଥିଲେ ମଧ୍ୟ ଉକ୍ତ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିବାରୁ ଏହାର ତଦନ୍ତ ଜରୁରୀ ହୋଇପଡ଼ିଛି।

## ଚିରନ୍ତନୀ

ପକ୍ଷୀ ଡାକେ ମୋତେ ବନେ
କେତେ ଡାକରା ଆସେ ପବନେ
କେତେ ଆବାହନ ଭୁବନୁ ଆସିଛି
ମେଣ୍ଟାଇବି ପ୍ରାଣ କ୍ଷୁଧା।
ମୁଁ ତ ପିଇଛି ସ୍ୱପନ ସୁଧା।
(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଏକ ରାଷ୍ଟ୍ର ଏକ ନିର୍ବାଚନ

ମହାଶୟ,

ଲୋକ ସଭା, ବିଧାନସଭା ନିର୍ବାଚନକୁ ଏକ ସଙ୍ଗେ କରିବା ସପକ୍ଷରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ରାଜନେତା ମତବ୍ୟକ୍ତ କରିଛନ୍ତି। ଏକ ସଙ୍ଗେ ଏହି ନିର୍ବାଚନ ହେଲେ ଦେଶର ଅର୍ଥ ସଞ୍ଚୟ ସେବା ସହ ବିକାଶମୂଳକ କାର୍ଯ୍ୟ ବର୍ଷସାରା ନିରନ୍ତର ଚାଲୁରହିବ ଓ ମାନବ ସମ୍ବଳର ଦୁରୁପଯୋଗକୁ ରୋକାଯାଇ ପାରିବ। ମାତ୍ର କିପରି ଏହାକୁ ସଫଳତାର ସହ କାର୍ଯ୍ୟକାରୀ କରାଯିବ, ସେ ସମ୍ପର୍କରେ ବ୍ୟାପକ ବିଚାରବିମର୍ଶର ଆବଶ୍ୟକତା ରହିଛି। କିନ୍ତୁ ବର୍ତ୍ତମାନର ରାଜନୈତିକ ପାଣିପାଗ ଦୃଷ୍ଟିରୁ ଏକସଙ୍ଗେ ଲୋକ ସଭା ଓ ବିଧାନସଭା ନିର୍ବାଚନ ଭାଜପା ପାଇଁ ଶୁଭଙ୍କର ନ ହୋଇପାରେ।

ଅକ୍ଷୟ ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଚୋରା ଫୁଲରେ ଦିଅଁପୂଜା

ଧରିତ୍ରୀ (୩।୮)ରେ ପ୍ରକାଶିତ ରଞ୍ଜନ କୁମାର ଦାସଙ୍କ 'ଚୋରା ଫୁଲରେ ଦିଅଁପୂଜା' ନିବନ୍ଧଟି ଭଲ ଲାଗିଲା। ବାସ୍ତବରେ ପ୍ରାତଃଭ୍ରମଣ କାଳରେ ଅନେକ ବୟସ୍କ ବ୍ୟକ୍ତି ଖଣ୍ଡେ ଆଙ୍କୁଡି ଓ ପଲିଥିନ୍ ବ୍ୟାଗ୍ ଧରି ଆଖପାଖ ପାଚେରି ପାଖେ ନଇଁ ଆସିଥିବା ଗଛ ଡାଳରୁ ଫୁଲ ସଂଗ୍ରହ କରିବା ଦେଖାଯାଏ। ଏପରି ଚୋରା ଫୁଲରେ ପୂଜା କଲେ ପୂଜା ସାର୍ଥକ ହୋଇ ନ ଥାଏ। ଲେଖକ ଫୁଲ ଚୋରିକୁ ନାପସନ୍ଦ କରିବା ଗ୍ରହଣୀୟ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ପଟ୍ରୋଲ ଓ ଡିଜେଲରେ ଜିଏସ୍‌ଟି ଲାଗୁହେଉ

ସମ୍ପ୍ରତି ସମଗ୍ର ଦେଶରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବୃଦ୍ଧିଜନିତ ଅସନ୍ତୋଷ ବଢ଼ିଚାଲିଛି। ଗତ କିଛିଦିନ ମଧ୍ୟରେ ଏହି ମୂଲ୍ୟ ବୃଦ୍ଧି ଗ୍ରାହକମାନଙ୍କୁ ଖୁବ୍ ବାଧୁଛି। ଏଥିପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଦାୟୀ କରିଥିବାବେଳେ କେନ୍ଦ୍ର ସରକାର ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳର ଦରବୃଦ୍ଧିର ଆଳକରି ନୀରବ ରହିଯାଉଛନ୍ତି। ବିଭିନ୍ନ ପଡ଼ୋଶୀ ଦେଶରେ ଏହାର ମୂଲ୍ୟ ଆମଠାରୁ ବହୁତ କମ୍ ରହିଛି। ଏହି ଦରବୃଦ୍ଧି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମପରିମାଣରେ ଦାୟୀ। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଟିକସ ମିଶିବା ପରେ ଏସବୁର ମୂଲ୍ୟ ପ୍ରକୃତ ମୂଲ୍ୟଠାରୁ ପ୍ରାୟ ଦୁଇଗୁଣ ହୋଇଯାଇଛି। ଏଇ ପରିପ୍ରେକ୍ଷୀରେ ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ କରାଗଲେ ସବୁ ସମସ୍ୟାର ସମାଧାନ ହୋଇଯାଆନ୍ତା। ଏ ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ବିହିତ ପଦକ୍ଷେପ ନିଆଯିବା ଆବଶ୍ୟକ।

ଡ. ନିରଞ୍ଜନ ସାହୁ, ସାହୁପଡ଼ା, ବରୀ, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



"ନିର୍ବାଚନରେ ଅଧିକ କଳାଟଙ୍କା ଖର୍ଚ୍ଚ ହେଉଛି। ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ହେଉଥିବା ଟଙ୍କାର ଅପବ୍ୟବହାର ରୋକିବା ପାଇଁ ପ୍ରଚଳିତ ଆଇନ ଯଥେଷ୍ଟ ନୁହେଁ।
- ଓ.ପି. ରାୱତ୍, ମୁଖ୍ୟ ନିର୍ବାଚନ କମିଶନର

## ସଂକ୍ଷେପରେ

### ଏମ୍ସରେ ପାରିକର
#### ଚାଲିଛି ବିକଳ୍ପ ଖୋଜା

**ନୂଆଦିଲ୍ଲୀ, ୧୫।୯(ପି.ଟି.):** ଦୀର୍ଘଦିନ ହେଲା ଅସୁସ୍ଥ ଥିବା ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ



ସ୍ୱାସ୍ଥ୍ୟାବସ୍ଥା ପୁଣି ଗୁରୁତର ହୋଇଛି। ଶନିବାର ତାଙ୍କୁ ଦିଲ୍ଲୀସ୍ଥିତ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଗ୍ନାଶୟ କର୍କଟରେ ପୀଡ଼ିତ ପାରିକରଙ୍କ ଅବସ୍ଥା ଅଧିକ ବିଗିଡ଼ିବାରେ ଲାଗିଥିବାରୁ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ତାଙ୍କ ଚିକିତ୍ସା ଚଳାଇଥିବା ଏମ୍ସ ପକ୍ଷରୁ କୁହାଯାଇଛି। ୬୨ ବର୍ଷୀୟ ପାରିକର ନିକଟରେ ଆମେରିକା ଯାଇ ଚିକିତ୍ସିତ ହୋଇଥିଲେ। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ସେଠାରୁ ସେ ଫେରିଥିଲେ। ପାରିକର ବାରମ୍ବାର ଅସୁସ୍ଥ ହେଉଥିବାରୁ ଶାସନ ଭାର ବରିଷ୍ଠତମ ମନ୍ତ୍ରୀଙ୍କୁ ଦେଇଯାଉଛନ୍ତି। ଏନେଇ ଆପତ୍ତି ଉଠାଇଛି ଭାଜପାର ସହଯୋଗୀ ଦଳ ମହାରାଷ୍ଟ୍ରୱାଡ଼ି ଗୋମନ୍ତକ୍ ପାର୍ଟି (ଏମ୍‌ଜିପି)। ରାଜ୍ୟର ଶାସନ ବ୍ୟବସ୍ଥା ସ୍ଥାଣୁ ପାଲଟିଯାଇଛି। ତେଣୁ ଏହାର ସମାଧାନ ତୁରନ୍ତ ହେବା ଆବଶ୍ୟକ ବୋଲି ଏମ୍‌ଜିପି ଅଧକ୍ଷ ଦୀପକ ଧାବଲିକର କହିଛନ୍ତି। ସେପଟେ ପାରିକରଙ୍କ ବିକଳ୍ପ ଖୋଜା ଚାଲିଛି ଏବଂ ତାଙ୍କ ଜାଗାରେ ଅନ୍ୟ କାହାକୁ ମୁଖ୍ୟମନ୍ତ୍ରୀ କରାଯାଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଏନେଇ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ କହିଛନ୍ତି ଯେ, ଉପଯୁକ୍ତ ସମୟରେ ଉଚିତ ନିଷ୍ପତ୍ତି ନିଆଯିବ। ଏବେ ସଭିଏଁ ପାରିକରଙ୍କ ଆଶୁ ଆରୋଗ୍ୟ କାମନା କରୁଛନ୍ତି।

### ସେନା ହେଲିକପ୍ଟର ଦୁର୍ଘଟଣା: ୪ ମୃତ

**ହିରଟ,୧୫।୯(ପି.ଟି.):** ଆଫଗାନିସ୍ତାନରେ ସେନା ହେଲିକପ୍ଟର ଦୁର୍ଘଟଣାରେ ଶନିବାର ୪ ଜଣଙ୍କର ମୃତ୍ୟୁ ହୋଇଛି। ଏହି ହେଲିକ୍ପ୍ଟରଟି ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ନେଇ ପଡୋଶୀ ରାଜ୍ୟ ଫରାହ ଯାଉଥିବା ବେଳେ ଦୁର୍ଘଟଣା ଘଟିଛି। ଏଥିରେ ପାଇଲଟଙ୍କ ସହ ୪ ଜଣଙ୍କର ମୃତ୍ୟୁ ହୋଇଛି। ତଦନ୍ତ ପାଇଁ ଘଟଣାସ୍ଥଳକୁ ଟେକ୍ନିକାଲ ଟିମ୍‌କୁ ପଠାଇ ଦିଆଯାଇଛି ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ଅରୁଣାଚଳ ପ୍ରଦେଶରେ ବନ୍ୟା: ୬ ମୃତ

**ଇଟାନଗର, ୧୫।୯:** ଅରୁଣାଚଳପ୍ରଦେଶରେ ବାଦଲଫଟା ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବିଭିନ୍ନ ସ୍ଥାନରେ ବର୍ଷାଜନିତ ଦୁର୍ଘଟଣା ଘଟି ୬ ଜଣଙ୍କ ମୃତ୍ୟୁ ହୋଇଛି। ଇଟାନଗରରେ ୨ ଜଣ ବନ୍ୟାପାଣିରେ ନିଖୋଜ ହୋଇଯାଇଛନ୍ତି। ବନ୍ୟା ଯୋଗୁ ବିଭିନ୍ନ ସ୍ଥାନରେ ମଧ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ୧୦୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଯିବା ସହ ରାସ୍ତାଘାଟ ଧୋଇହୋଇଯାଇଛି।

### ଶ୍ରୀନଗର ହୋଟେଲରେ ନିଆଁ

**ଶ୍ରୀନଗର, ୧୫।୯:** ଜମ୍ମୁ-କଶ୍ମୀରର ଗ୍ରୀଷ୍ମ ରାଜଧାନୀ ଶ୍ରୀନଗରରେ ଥିବା ଏକ ୬ ମହଲା ବିଶିଷ୍ଟ ହୋଟେଲରେ ଶନିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଅନେକ କ୍ଷୟକ୍ଷତି ହୋଇଛି। କିନ୍ତୁ କୌଣସି ବ୍ୟକ୍ତି ମୃତାହତ ହୋଇ ନ ଥିବା ସୂଚନା ମିଳିଛି। ରେଗାଲ ଚୌକ୍ ନିକଟସ୍ଥ ପାମ୍‌ପୋଷ୍ ହୋଟେଲର ଉପର ମହଲାରେ ନିଆଁ ଲାଗିଯାଇଥିଲା। ଦମକଳ ବାହିନୀ ଏବଂ ପୋଲିସ ଟିମ୍ ଉଦ୍ଧାରକାର୍ଯ୍ୟରେ ଲାଗିପଡ଼ିଥିଲେ।

### [ଇତିହାସର ଆଇନାରେ]
### ସେପ୍ଟେମ୍ବର ୧୬ର ପ୍ରମୁଖ ଘଟଣା

୧୯୭୫ ସେପ୍ଟେମ୍ବର ୧୬ରେ ଅଷ୍ଟ୍ରେଲିଆ ଠାରୁ ପାପୁଆ ନ୍ୟୁଗିନି ସ୍ୱାଧୀନ ହୋଇଥିଲା। ଏହା ଉପରେ ଅଷ୍ଟ୍ରେଲିଆ ୬୦ବର୍ଷ ଶାସନ କରିଥିଲା। ଇଣ୍ଡୋନେସିଆ ନିକଟବର୍ତ୍ତୀ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଏହା ହେଉଛି ଏକ ସ୍ୱତନ୍ତ୍ର ରାଷ୍ଟ୍ର । ଏହାର ରାଜଧାନୀ ହେଉଛି ପୋର୍ଟ ମୋରିସବାଇ।

୨୦୦୭ ସେପ୍ଟେମ୍ବର ୧୬ରେ ୱାନ୍-ଟୁ-ଗୋ ଏୟାରଲାଇନ୍ସ ଫ୍ଲାଇଟ୍ ୨୬୯ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନଟି ବ୍ୟାଙ୍କକ୍‌ରୁ ଫୁକେଟ୍ ଆସୁଥିଲା। ବିମାନ କର୍ମଚାରୀଙ୍କ ସମେତ ୧୩୦ ଜଣ ଯାତ୍ରୀ ଏଥିରେ ଥିବା ବେଳେ ୮୯ ଜଣଙ୍କର ମୃତ୍ୟୁ ହୋଇଥିଲା।

## ■ ସିବିଏସ୍‌ଇ ଟପ୍ପରଙ୍କୁ ଗଣବଳାତ୍କାର
# ମୁଖ୍ୟ ଅଭିଯୁକ୍ତ ସେନା କର୍ମଚାରୀ

**ଚଣ୍ଡିଗଡ଼, ୧୫।୯(ପି.ଟି.)**

ହରିୟାଣାର ମହେନ୍ଦରଗଡ଼ ଜିଲାରେ ଜଣେ ପୂର୍ବତନ ସିବିଏସ୍‌ଇ ଟପ୍ପରଙ୍କୁ ଅପହରଣ ପରେ ଗଣବଳାତ୍କାର ଘଟଣା ସାମ୍ନାକୁ ଆସିବା ପରେ ଝିଅଙ୍କ ସୁରକ୍ଷାକୁ ନେଇ ଆରମ୍ଭ ହୋଇଯାଇଛି ବିତର୍କ। ଏହି ଘଟଣାକୁ ନେଇ ମନୋହରଲାଲ ଖଟ୍ଟାର ସରକାରଙ୍କୁ ବିଭିନ୍ନ ମହଲ ପକ୍ଷରୁ ସମାଲୋଚନା କରାଯାଉଛି। ଏହି ମାମଲାର ତଦନ୍ତ ଲାଗି ହରିୟାଣା ପୋଲିସ ଏକ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଛି। ରେୱାରୀ ନିବାସୀ ୧୯ ବର୍ଷୀୟା କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର କରି ଫେରାର ହୋଇଯାଇଥିବା ୩ ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି। ମୁଖ୍ୟ ଅଭିଯୁକ୍ତ ଜଣେ ସେନା କର୍ମଚାରୀ ବୋଲି ଜଣାପଡ଼ିଛି। ରାଜସ୍ଥାନରେ ନିଯୁକ୍ତ ଏହି ସେନା କର୍ମଚାରୀଙ୍କୁ ଗିରଫ କରିବା ପାଇଁ ପୋଲିସ ଟିମ୍ ପଠାଯାଇଥିବା ହରିୟାଣା ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ବି.ଏସ୍. ସାନ୍ଧୁ କହିଛନ୍ତି। ଦେଶବାସୀଙ୍କୁ ସ୍ତବ୍ଧ କରିଦେଇଥିବା ଏହି ଗଣବଳାତ୍କାର ଘଟଣାର ତୀବ୍ର ନିନ୍ଦା କରିଛନ୍ତି ଜାତୀୟ ମହିଳା କମିଶନ

- ■ଏସ୍‌ଆଇଟି ଗଠନ, ବିଭିନ୍ନ ସ୍ଥାନରେ ଚଢ଼ାଉ
- ■୩ ଅଭିଯୁକ୍ତଙ୍କ ଫଟୋ ଜାରି କଲା ପୋଲିସ
- ■ଘଟଣାକୁ ନିନ୍ଦା କଲେ ଏନ୍‌ସିଡବ୍ଲ୍ୟୁ ଅଧକ୍ଷା
- ■ମୁଖ୍ୟମନ୍ତ୍ରୀ ଖଟ୍ଟାରଙ୍କ ଇସ୍ତଫା ଦାବି ତେଜିଲା



(ଏନ୍‌ସିଡବ୍ଲ୍ୟୁ) ଅଧକ୍ଷା ରେଖା ଶର୍ମା। ଘଟଣାର ତଦନ୍ତ କେତେ ବାଟ ଆଗେଇଲା ସେ ସମ୍ପର୍କରେ ସୂଚନା ଦେବାକୁ ସେ ହରିୟାଣା ପୋଲିସ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସମସ୍ତ ଅଭିଯୁକ୍ତ ପୀଡ଼ିତାଙ୍କ ସହ ପରିଚିତ ବୋଲି ଡିଜିପି ସାନ୍ଧୁ କହିଛନ୍ତି। ୩ ଅଭିଯୁକ୍ତଙ୍କ ପରିଚୟ ମିଳିବା ପରେ ସେମାନଙ୍କ ଫଟୋ ଜାରି କରାଯାଇଥିବା ନୁହ ଏସ୍‌ପି ନାଜ୍‌ନୀନ ଭାସିନ୍ କହିଛନ୍ତି। ସେମାନଙ୍କୁ ଧରିବା ଲାଗି ସହଯୋଗ କଲେ ୧ ଲକ୍ଷ ଟଙ୍କା ପୁରସ୍କାର ମିଳିବ ବୋଲି ଘୋଷଣା କରାଯାଇଛି। ଏସ୍‌ଆଇଟିର ଅଧକ୍ଷତା କରୁଥିବା ଏସ୍‌ପି ଭାସିନ୍ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଅନ୍ୟପଟେ ଜୟପୁରରେ ସଦର୍ନ ୱେଷ୍ଟର୍ନ କମାଣ୍ଡ ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଚେରିଶ୍ କହିଛନ୍ତି ଯେ, ବଳାତ୍କାର ଅଭିଯୁକ୍ତ କର୍ମଚାରୀଙ୍କୁ ଖୋଜି ବାହାର କରିବାରେ ସେନା ସହଯୋଗ କରିବ। କାହିଁକି ନା ଅପରାଧୀଙ୍କୁ ସେମାନେ ଆଦୌ ଆଶ୍ରୟ ଦେବେ ନାହିଁ। ଅଭିଯୋଗ ଅନୁଯାୟୀ ଗତ ବୁଧବାର କୋଚିଂ ସେଣ୍ଟରକୁ ଯାଇଥିବା ଛାତ୍ରୀଜଣକ ମହେନ୍ଦରଗଡ଼ର କାନିନା ବସ୍‌ଷ୍ଟପ୍‌ରେ ଛିଡ଼ା ହୋଇଥିଲେ। ଅଭିଯୁକ୍ତମାନେ ତାଙ୍କୁ ସେଠାରୁ ଅପହରଣ କରିନେଇ ଝାଗରରେ ଥିବା ଏକ ଫାର୍ମକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ନିଶାଦ୍ରବ୍ୟ ପାନୀୟ ଦେଇ ଗଣବଳାତ୍କାର କରିଥିଲେ ଏବଂ ପରେ କାନିନା ବସ୍‌ଷ୍ଟପ୍ ନିକଟରେ ଫିଙ୍ଗିଯାଇଥିଲେ। ଡାକ୍ତରିମାଇନା ପରେ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିବା ସ୍ପଷ୍ଟ ହୋଇଛି ବୋଲି ଏସ୍‌ପି ଭାସିନ୍ ସୂଚନା ଦେଇଛନ୍ତି। ତେବେ ପୀଡ଼ିତା ୩ ଜଣ ଅଭିଯୁକ୍ତଙ୍କ ନାମ ପ୍ରକାଶ କରିଛନ୍ତି ସତ, କିନ୍ତୁ ସେଠାରେ ୮ରୁ ୧୦ ଜଣ ବ୍ୟକ୍ତି ଥିଲେ। ସମସ୍ତେ ତାଙ୍କ ସହ ପାଶବିକ ଆଚରଣ କରିଥିବା ପୀଡ଼ିତା ଛାତ୍ରୀଙ୍କ ବାପା ଅଭିଯୋଗ କରିଛନ୍ତି। ସେହିପରି ତାଙ୍କ ମା' ପୋଲିସର ସ୍ଥାଣୁତାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ତାଙ୍କ ଝିଅ ଯୌନ ନିର୍ଯାତନାର ଶିକାର ହୋଇ ମାନସିକ ସ୍ତରରେ ଶକ୍ତ ଆଘାତ ପାଇଥିବାବେଳେ ବଳାତ୍କାରୀମାନେ ଖୋଲାଖୋଲି ବୁଲୁଛନ୍ତି। ତେବେ ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ପୃଥକ୍ ଟିମ୍ ଗଠନ କରିଛି। ସେମାନେ ଖୁବ୍‌ଶୀଘ୍ର ଜାଲରେ ପଡ଼ିବେ ବୋଲି ମହେନ୍ଦରଗଡ଼ର ଜଣେ ପୋଲିସ ଅଧିକାରୀ କହିଛନ୍ତି। ଛାତ୍ରୀଙ୍କ ଗଣବଳାତ୍କାର ଘଟଣାକୁ ନେଇ ହରିୟାଣାରେ ରାଜନୀତି ଜୋର୍ ଧରିଛି। ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାର ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି ବିରୋଧୀ ଦଳ ଅଡ଼ିବସିଛନ୍ତି। ରାଜ୍ୟର ଝିଅମାନଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ ସାବ୍ୟସ୍ତ ହୋଇଥିବା ବିରୋଧୀ ନେତାମାନେ କହିଛନ୍ତି।

## ■ ଇମ୍ଫାଲରେ ଭିଡ଼ହିଂସା
# ଗାଡ଼ି ଚୋରି ସନ୍ଦେହରେ ଜଣଙ୍କୁ ହତ୍ୟା

**ଇମ୍ଫାଲ, ୧୫।୯(ପି.ଟି.)**



ମଣିପୁରର ପଶ୍ଚିମ ଇମ୍ଫାଲ ଜିଲାରେ ଘଟିଛି ଭିଡ଼ହିଂସା। ଗାଡ଼ି ଚୋରି ସନ୍ଦେହରେ ଏଠାରେ ଜଣେ ୨୬ ବର୍ଷୀୟ ବ୍ୟକ୍ତିଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତି ନେଇ ୫ ଅଭିଯୁକ୍ତ ଗିରଫ ହୋଇଥିବା ଶନିବାର ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଇଣ୍ଡିଆ ରିଜର୍ଭ ବାଟାଲିୟନ୍ (ଆଇଆର୍‌ବି)ର ଜଣେ ହାବିଲଦାର ଅଛନ୍ତି। ଇମ୍ଫାଲ ଭିଡ଼ହିଂସା ବେଳର ଦୃଶ୍ୟ ସମ୍ବଳିତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଛି।

ଥୌରୋଇଜାମ୍ ଅୱାଙ୍ଗ୍ ଲିକାଇ ଅଞ୍ଚଳରେ ଗତ ଗୁରୁବାର ଏହି ଜଘନ୍ୟ କାଣ୍ଡ ଘଟିଛି। କାର୍ ଚୋରି କରୁଥିବା ସନ୍ଦେହରେ ତିନିଜଣଙ୍କୁ ସ୍ଥାନୀୟ ଲୋକେ ଆକ୍ରମଣ କରିଥିଲେ। ଦୁଇ ବ୍ୟକ୍ତି ଖସିପଳାଇ ଗଲେ ସୁଦ୍ଧା ଜଣେ ସେମାନଙ୍କ ହାତରେ ପଡ଼ିଗଲେ। ତାଙ୍କୁ ଲୋକେ ନିସ୍ତୁକ ମାଡ଼ ମାରିଥିଲେ। ପୋଲିସ ସେଠାରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଆକ୍ରମଣର ଶିକାର ହୋଇଥିବା ଲୋକଙ୍କୁ ହସ୍ପିଟାଲ ପଠାଇଥିଲେ। ଅଧାବାଟରେ ତାଙ୍କର ମୃତ୍ୟୁ ହୋଇଛି। ଭିଡ଼ହିଂସାର ଶିକାର ହୋଇଥିବା ବ୍ୟକ୍ତି ଆଣିଥିବା କାରକୁ ଉତ୍ୟକ୍ତ ଲୋକେ ପୋଡ଼ିଦେଇଥିଲେ। ଏହାପରେ ପୋଲିସ ହତ୍ୟା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରିଥିଲା। କିନ୍ତୁ ଥୌରୋଇଜାମ୍ ଗ୍ରାମନିବାସୀ ଏହି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିବା ସହ ଗିରଫ ବ୍ୟକ୍ତିଙ୍କୁ ମୁକ୍ତ କରିବାକୁ ଦାବିକରି ପାଟ୍‌ସୋଇ ଥାନା ଘେରାଉ କରିଥିଲେ। ପୋଲିସ ସେମାନଙ୍କ ଦାବି ନ ଶୁଣିବାରୁ ଇଟାମାଡ଼ କରିଥିଲେ। ସେମାନଙ୍କୁ ଘଉଡ଼ାଇବା ଲାଗି ପୋଲିସ ଲାଠିଚାର୍ଜ କରିଥିଲା।

# 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଆରମ୍ଭ

**ନୂଆଦିଲ୍ଲୀ,୧୫।୯(ପି.ଟି.)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଶୁଭାରମ୍ଭ କରିଛନ୍ତି। ତାଙ୍କ ସହ ଭାଜପାର ବହୁ ନେତା ଏବଂ କର୍ମୀ ମଧ୍ୟ ଏଥିରେ ସାମିଲ ଦେଇଛନ୍ତି। ଏହା ହେଉଛି ସ୍ୱଚ୍ଛ ଭାରତର ଅଭିଯାନର ଏକ ଅଂଶ। ଭାରତକୁ ସ୍ୱଚ୍ଛ କରି ଗଢି ତୋଳିବା ଏହି ଅଭିଯାନର ଲକ୍ଷ୍ୟ।

ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରେ ସ୍ୱଚ୍ଛ ଭାରତ ଅଭିଯାନର ୪ର୍ଥ ବର୍ଷ ପୂର୍ତ୍ତି ହେବ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀକୁ ସ୍ମରଣ କରିବା ପାଇଁ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଆରମ୍ଭ ହୋଇଛି। ବଲିଉଡ ଷ୍ଟାର ଅମିତାଭ ବଚ୍ଚନ, ବିଶିଷ୍ଟ ଶିଳ୍ପପତି ରତନ ଟାଟା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ପ୍ରଧାନମନ୍ତ୍ରୀ ଭିଡିଓ କନଫରେନ୍ସିଂ ଯୋଗେ ୨ ଘଣ୍ଟା ଆଲୋଚନା କରିଥିଲେ। ସେ ମଧ ଜନସାଧାରଣ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ କଥା ହୋଇଥିଲେ। ଆସାମ, କେରଳ, ତାମିଲନାଡୁ, ବିହାର, କର୍ନାଟକ. ରାଜସ୍ଥାନ ଏବଂ ହରିୟାଣାବାସୀଙ୍କ ସହ ମଧ ପ୍ରଧାନମନ୍ତ୍ରୀ ଏହି ଅଭିଯାନ ସମ୍ପର୍କରେ ଆଲୋଚନା କରିଥିଲେ। ମୋଦି କହିଛନ୍ତି, ଦେଶର ସବୁ ବର୍ଗର ଲୋକେ 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ସାମିଲ ଦେଇଛନ୍ତି। ଗତ ୪ ବର୍ଷ ଭିତରେ ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ଦେଶବ୍ୟାପୀ ୯ ଲକ୍ଷ ପାଇଖାନା ନିର୍ମାଣ ହୋଇପାରିଛି। ୪.୫ ଲକ୍ଷ ଗାଁରେ ଲୋକେ ଖୋଲାରେ ଶୌଚ ହେଉନାହାନ୍ତି। ଗାନ୍ଧିଜୀଙ୍କ ସ୍ୱପ୍ନ ପୂରଣ କରିବାକୁ ଯାଉଛୁ ବୋଲି ମୋଦି ଛାତ୍ରଛାତ୍ରୀଙ୍କୁ କହିଛନ୍ତି।

## ■ ଭାଜପା ବିଧାୟିକାଙ୍କ ବିବାଦୀୟ ମନ୍ତବ୍ୟ
# ଯୁବକଙ୍କ ପାଖରେ ଚାକିରି ନାହିଁ ବୋଲି...

**ଚଣ୍ଡିଗଡ଼, ୧୫।୯**



ଛାତ୍ରୀଙ୍କ ଗଣବଳାତ୍କାର ଘଟଣାକୁ ନେଇ ହରିୟାଣାର ଭାଜପା ସରକାର ଚାରିଆଡ଼ୁ ସମାଲୋଚିତ ହୋଇଥିବାବେଳେ ଶାସକ ଦଳର ଜଣେ ବିଧାୟିକା ଅଡୁଆ ବଢ଼ାଇଦେଇଛନ୍ତି। ନିଯୁକ୍ତି ପାଉ ନ ଥିବାରୁ ଯୁବପିଢ଼ି ହତାଶ ହୋଇଯାଇଛନ୍ତି। ତେଣୁ ବେକାର ଯୁବକମାନେ ଏଭଳି (ବଳାତ୍କାର) ଅପରାଧ ଘଟାଉଛନ୍ତି ବୋଲି ଭାଜପା ବିଧାୟିକା ପ୍ରେମଲତା ସିଂ କହିଛନ୍ତି। ସେ ଆହୁରି କହିଛନ୍ତି, ଆମ ସମାଜରେ ଏକ ଖରାପ ପରମ୍ପରା ସୃଷ୍ଟି ହୋଇଛି। ପୁରୁଷମାନେ ମହିଳାଙ୍କୁ ଦେଖିବା ମାତ୍ରେ ସେମାନଙ୍କ ମନରେ ଖରାପ ପ୍ରବୃତ୍ତି ଜାତ ହେଉଛି। ପ୍ରେମଲତା ହେଉଛନ୍ତି କେନ୍ଦ୍ରମନ୍ତ୍ରୀ ବୀରେନ୍ଦର ସିଂଙ୍କ ସ୍ତ୍ରୀ। ତାଙ୍କର ଏହି ଦାୟିତ୍ୱହୀନ ମନ୍ତବ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ସୋସିଆଲ ମିଡ଼ିଆ ଜରିଆରେ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ହରିୟାଣାରେ ଗଣବଳାତ୍କାର ଘଟଣା ବୃଦ୍ଧି ହେଉଥିବାରୁ ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାର ହରଡ଼ଘଣାରେ ପଡ଼ିଥିବାବେଳେ ପ୍ରେମଲତା ସମାଲୋଚନା କରିବା ପାଇଁ ବିରୋଧୀଙ୍କୁ ସୁଯୋଗ ଦେଇଛନ୍ତି।

## ଫୁର୍‌ସତ

### ନାସା ଲଞ୍ଚ୍ କଲା 'ଆଇସ୍‌ସାଟ୍'



**ଭାଣ୍ଡେନବର୍ଗ:** ପୃଥିବୀର ମେରୁ ଅଞ୍ଚଳର ତୁଷାର ଗିରି, ଗ୍ଲେସିୟର ଏବଂ ସାମୁଦ୍ରିକ ବରଫର ପରିବର୍ତ୍ତନ ଆକଳନ କରିବା ପାଇଁ ନାସା 'ଆଇସ୍‌ସାଟ୍'-୨ ସାଟେଲାଇଟ୍ ମହାକାଶକୁ ଲଞ୍ଚ୍ କରିଛି। ଡେଲ୍‌ଟା-୨ ରକେଟ୍ ଦ୍ୱାରା ଏହି ସାଟେଲାଇଟକୁ ଭାଣ୍ଡେନବର୍ଗ ଏୟାରଫୋର୍ସ ବେସ୍‌ରୁ ଉତ୍କ୍ଷେପଣ କରାଯାଇଥିଲା। ଗ୍ରୀନ୍‌ଲାଣ୍ଡ ଏବଂ ଆଣ୍ଟାର୍କଟିକାର ବରଫ ପର୍ବତ ତରଳିବା ଦ୍ୱାରା ସମୁଦ୍ରପତ୍ତନ କିପରି ବୃଦ୍ଧିପାଉଛି ସେ ସମ୍ପର୍କରେ ଏହି ସାଟେଲାଇଟ୍ ସୂଚନା ଦେବ।

### ହୃତ୍‌ପିଣ୍ଡ ପ୍ରତିରୋପଣ ପାଇଁ ୭୦ ପୋଲିସ ମୁତୟନ

**ନୂଆଦିଲ୍ଲୀ:**



ହୃତ୍‌ପିଣ୍ଡ ପ୍ରତିରୋପଣ ଦ୍ୱାରା ଜଣେ ୬୩ ବର୍ଷ ବୟସ୍କ ବ୍ୟକ୍ତି ନୂଆ ଜୀବନ ପାଇଛନ୍ତି। ଏପରି ଏକ ଦୁସାଧ୍ୟ କାର୍ଯ୍ୟ ପାଇଁ ୭୦ ପୋଲିସ ନିୟୋଜିତ ହୋଇଥିଲେ। ଏଥିପାଇଁ ଦିଲ୍ଲୀ ପୋଲିସ ଇନ୍ଦିରା ଗାନ୍ଧୀ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟଠାରୁ ୨୩ କି.ମି. ବ୍ୟାପୀ ଏକ ଗ୍ରୀନ୍ କରିଡର ସୃଷ୍ଟିକରିଥିଲା। ଏହାଦ୍ୱାରା ହୃତ୍‌ପିଣ୍ଡକୁ ବହନ କରିନେଉଥିବା ଏକ ଆମ୍ବୁଲାନ୍ସ ମାତ୍ର ୧୯ମିନିଟ୍ ମଧରେ ଲକ୍ଷ୍ୟସ୍ଥଳରେ ପହଞ୍ଚାଇପାରିଥିଲା। ନୂଆଦିଲ୍ଲୀର ଆଇଜିଆଇ ଏୟାରପୋର୍ଟଠାରୁ ଫର୍ଟିସ ଏସ୍‌କର୍ଟସ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍ (ଏଫଇଏଚ୍‌ଆଇ)ମଧରେ ଆମ୍ବୁଲାନ୍ସ ଆଗରେ ଯେପରି ପ୍ରତିବନ୍ଧକ ସୃଷ୍ଟି ନ ହୁଏ ସେଥିପାଇଁ ସତର୍କ ହେବାକୁ ପଡ଼ିଥିଲା। ଏୟାରପୋର୍ଟର ୨୦ ପୋଲିସ ଏବଂ ୫୦ ଟ୍ରାଫିକ୍ ପୋଲିସ ଏଥିପାଇଁ ମୁତୟନ ହୋଇଥିଲେ। ୬୩ ବର୍ଷ ବୟସ୍କ ଏହି ବ୍ୟକ୍ତି ଜଣକ ଡିସିଏମ୍ (ଡାଇଲେଟେଡ କାର୍ଡିଓମିଓପାଥି) ରୋଗରେ ପୀଡ଼ିତ ଥାଇ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିଲେ। ତାଙ୍କର ହୃତ୍‌ପିଣ୍ଡ ପ୍ରତିରୋପଣ ଜରୁରୀ ହୋଇପଡ଼ିଥିଲା। ବାଙ୍ଗାଲୁରୁଠାରୁ ସୁସ୍ଥ ଲୋକର ହୃତ୍‌ପିଣ୍ଡ ଆଣି ଅସୁସ୍ଥ ବ୍ୟକ୍ତିଠାରେ ରୋପଣ କରାଯାଇଥିଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶା ସମେତ ବିଭିନ୍ନ ସ୍ଥାନରେ ଘଡଘଡି ସହ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୨୫.୧ |
| ଚାନ୍ଦବାଲି | ୩୩.୮ | ୨୬.୨ |
| କଟକ | ୩୩.୨ | ୨୫.୦ |
| ପାରାଦ୍ୱୀପ | ୩୩.୩ | ୨୫.୭ |
| ଭୁବନେଶ୍ୱର | ୩୪.୨ | ୨୫.୯ |
| ଗୋପାଳପୁର | ୩୪.୬ | ୨୫.୯ |
| ପୁରୀ | ୩୪.୨ | ୨୪.୯ |
| ଅନୁଗୋଳ | ୩୫.୧ | ୨୩.୬ |
| ବାରିପଦା | ୩୩.୦ | ୨୫.୮ |
| ଝାରସୁଗୁଡ଼ା | ୩୪.୦ | ୨୫.୦ |
| କେନ୍ଦୁଝର | ୩୧.୦ | ୨୩.୬ |
| ସମ୍ବଲପୁର | ୩୪.୮ | ୨୫.୦ |
| ସୁନ୍ଦରଗଡ଼ | ୩୩.୫ | ୨୧.୦ |
| ହୀରାକୁଦ | ୩୫.୦ | ୨୫.୪ |
| ତାଳଚେର | ୩୪.୬ | ୨୫.୫ |
| ଭବାନୀପାଟଣା | --- | ୨୩.୪ |
| ବଲାଙ୍ଗୀର | ୩୫.୦ | ୨୫.୦ |
| କୋରାପୁଟ | ୨୯.୮ | ୧୯.୮ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୫.୦ | ୨୩.୦ |
| ମାଲକାନଗିରି | ୩୫.୦ | --- |
| ସୋନପୁର | ୩୫.୮ | ୨୫.୦ |
| ଦାରିଙ୍ଗିବାଡ଼ି | ୨୯.୭ | ୨୦.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ଆମେ କାର୍ଯ୍ୟରେ ଭାରସାମ୍ୟ ବଜାୟ ରଖୁ



ଅନୁଷ୍କା ଶର୍ମା

**ନୂଆଦିଲ୍ଲୀ:** ଅନୁଷ୍କା ଶର୍ମା ଏବଂ ତାଙ୍କ ସ୍ୱାମୀ କ୍ରିକେଟର ବିରାଟ କୋହଲି ନିଜସ୍ୱ ପୃଥକ୍ ବୃତ୍ତିରେ ନିୟୋଜିତ ଥିବାରୁ ବ୍ୟକ୍ତିଗତ ଜୀବନରେ ଏହା ପ୍ରଭାବ ପକାଇପାରିନାହିଁ ବୋଲି ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ପ୍ରକାଶ କରିଛନ୍ତି। ତାଙ୍କ କହିବାନୁଯାୟୀ, ସେମାନଙ୍କ ବୃତ୍ତି ଦାମ୍ପତ୍ୟ ଜୀବନରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରିବା ଭଳି ପରିସ୍ଥିତି ସେମାନେ ଚାହାନ୍ତି ନାହିଁ।ଆମେ ବୃତ୍ତିରେ ଭାରସାମ୍ୟ ରଖିବାକୁ ଚାହୁଁ। ନିଜସ୍ୱ ବୃତ୍ତିକୁ ବେଶ୍ ପସନ୍ଦ କରୁ। କିନ୍ତୁ ଏତିକିବେଳେ ଆମେ କିଛି କାର୍ଯ୍ୟ ଏକତ୍ର କରିବାକୁ ସମୟ ବାହାର କରୁ। ନିଜର କ୍ୟାରିୟରକୁ ଅତି ଗୁରୁତର ମନେକରୁନା। ଆମେ ନିଜର ବୃତ୍ତିଗତ ବ୍ୟାପାର ନେଇ କାହା ଉପରେ ବୋଝ ହେବାକୁ ଚାହୁଁନା। ଏଠାରେ ଆୟୋଜିତ ଇଣ୍ଡିଆ ଟୁଡେ ମାଇଣ୍ଡ ରକ୍‌ସ-୨୦୧୮ କାର୍ଯ୍ୟକ୍ରମରେ ଯୋଗଦେଇ ଅନୁଷ୍କା ଏହା ପ୍ରକାଶ କରିଛନ୍ତି। ଅନୁଷ୍କା ତାଙ୍କର ଆଗାମୀ ଫିଲ୍ମ 'ସୁଇ ଧାଗା: ମେଡ ଇନ୍ ଇଣ୍ଡିଆ' ପାଇଁ କାର୍ଯ୍ୟ କରୁଥିବା ବେଳେ ସହ-ଅଭିନେତା ଅଛନ୍ତି ବରୁଣ ଧାବନ୍। ବିରାଟ କୋହଲି ଜଣେ ବିନୀତ ସ୍ୱଭାବର ବ୍ୟକ୍ତି ବୋଲି ବରୁଣ ବର୍ଣ୍ଣନା କରନ୍ତି। ସୂଚନାଯୋଗ୍ୟ ଯେ, ଅନୁଷ୍କା ଶର୍ମା ଏବଂ ବିରାଟ କୋହଲି ୨୦୧୭ ଡିସେମ୍ବରରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ୪ଜଣଙ୍କ ସଲିଳ ସମାଧି

ଖୋର୍ଦ୍ଧାଅଫିସ/ନୂଆଗାଁ,୧୫।୯(ଡି.ଏନ.ଏ.)- ଶନିବାର ୨ଟି ପୃଥକ୍ ଘଟଣାରେ ୪ଜଣଙ୍କ ପୋଖରୀରେ ସଲିଳ ସମାଧି ଘଟିଛି। ଗୋଟିଏ ଘଟଣା ଖୋର୍ଦ୍ଧା ଜିଲାରେ ଘଟିଥିବାବେଳେ ଅନ୍ୟଟି ଘଟିଛି ନୟାଗଡ଼ ଜିଲାରେ। ମୃତକଙ୍କ ମଧ୍ୟରେ ୨ ଶିଶୁକନ୍ୟା ଥିବାବେଳେ ଆଉ ୨ଜଣ ହେଉଛନ୍ତି ମହିଳା। ୨ ମୃତ ଶିଶୁକନ୍ୟା ହେଲେ ଖୋର୍ଦ୍ଧା ଟାଉନ ଥାନା ବାଘମାରୀ ଫାଣ୍ଡି ଅଧୀନ ଅଟ୍ରି ଗାଁର ରମେଶ ବେହେରାଙ୍କ ଝିଅ ଆରଶ୍ରୀ ବେହେରା(୪)ଏବଂ କାହ୍ନୁଚରଣ ବେହେରାଙ୍କ ଝିଅ ପୁଷ୍ପାଞ୍ଜଳି ଓରଫ ଶ୍ରାବଣୀ ବେହେରା(୪)। ସେହିପରି ମୃତ ୨ ମହିଳା ହେଲେ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତର ଗୁଣ୍ଡୁରାସାହିର ସୁଷମା ଜାନି (୩୦) ଓ ବାସନ୍ତୀ ଜାନି (୫୫)। ପୋଖରୀରେ ବାସନ୍ତୀ ବୁଡ଼ିଯାଉଥିବା ଦେଖି ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ ସୁଷମା। ହେଲେ ଉଦ୍ଧାର ତ କରିପାରିଲେନି, ତାଙ୍କ ସହ ନିଜେ ପାଣିରେ ବୁଡ଼ି ପ୍ରାଣ ହରାଇଲେ। ଶନିବାର ସକାଳ ସାଢ଼େ ୭ଟାରେ ଆରଶ୍ରୀ ମା'ଙ୍କ ସହ ଅଟ୍ରି କାଜୁ ଜଙ୍ଗଲ ପରିସରରେ ଥିବା ମାଟିଗାଡିଆ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେମାନଙ୍କ ସହ ଶ୍ରାବଣୀ ମଧ ଯାଇଥିଲେ। ଉଭୟ ଆରଶ୍ରୀ ଓ ଶ୍ରାବଣୀ ଗାଧୋଉଥିବାବେଳେ ଗୋଡ଼ ଖସିଯିବାରୁ ସେମାନେ ବୁଡି ଯାଇଥିଲେ। ଅନ୍ୟ ଘଟଣାରେ ଗୁଣ୍ଡୁରାସାହିର ବାସନ୍ତୀ ଜାନି ଗାଁ ପାଖ ପଞ୍ଚାୟତ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେ ସମୟରେ ଗ୍ରାମର ଜନାର୍ଦ୍ଦନ ଜାନିଙ୍କ ସ୍ତ୍ରୀ ସୁଷମା କୌଣସି କାମରେ ସେଠାକୁ ଯାଇଥିଲେ। ସେ ପୋଖରୀ କୂଳରେ ପହଞ୍ଚିଲାବେଳକୁ ବାସନ୍ତୀ ପାଣିରେ ବୁଡିଯାଉଥିବା ଦେଖିଥିଲେ। କାଳବିଳମ୍ବ ନ କରି ସେ ପୋଖରୀ ଭିତରେ ପଶିଥିଲେ। ଗ୍ରାମବାସୀ ଉଭୟ ମହିଳାଙ୍କୁ ଉଦ୍ଧାର କରିଥିଲେ। ହେଲେ ସେମାନଙ୍କୁ ବଞ୍ଚାଇବା ସମ୍ଭବ ହୋଇ ନ ଥିଲା।

# ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପାଇଁ ପରୀକ୍ଷା ଦେବ ବାଣୀବିହାର



- ସୋମବାର ଦିଲ୍ଲୀରେ ପ୍ରଦର୍ଶନ କରିବ ପାୱାର ପ୍ରେଜେଣ୍ଟେଶନ
- ଚୟନ ହେଲେ ରୁସା ପାଣ୍ଠିରୁ ମିଳିବ ୧୦୦ କୋଟି

ଭୁବନେଶ୍ୱର, ୧୫।୯(ବ୍ୟୁରୋ)

ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ବାଣୀବିହାର(ଉତ୍କଳ ବିଶ୍ୱବିଦ୍ୟାଳୟ)କୁ ପରୀକ୍ଷା ଦେବାକୁ ହେବ। ଏ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆସନ୍ତା ସୋମବାର କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ସମ୍ମିଳନୀ କକ୍ଷରେ ଏକ ପାୱାର ପ୍ରେଜେଣ୍ଟେଶନ ପ୍ରଦର୍ଶନ କରିବେ, ଯାହା ଅଭିନବ ଚିନ୍ତାଧାରାର ହୋଇଥିବ। କେନ୍ଦ୍ର ସରକାର ପ୍ରଥମ ପର୍ଯ୍ୟାୟରେ ୧୦ଟି ରାଜ୍ୟରୁ ଗୋଟିଏ ଲେଖାଏ ବିଶ୍ୱବିଦ୍ୟାଳୟକୁ ନେଇ ମୋଟ ୧୦ଟି ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ସ୍ଥିର କରିଛନ୍ତି। ଏଥିପାଇଁ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ପାୱାର ପ୍ରେଜେଣ୍ଟେଶନ କରିବାକୁ କୁହାଯାଇଛି। ଯେଉଁ ବିଶ୍ୱବିଦ୍ୟାଳୟର ପାୱାର ପ୍ରେଜେଣ୍ଟେଶନ ମନୋନୀତ ହେବ ତାହାକୁ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିବ। ଏହାପରେ ଭିତ୍ତିଭୂମି ବିକାଶ ଲାଗି ରୁସା ପ୍ରକଳ୍ପରେ ଉକ୍ତ ୧୦୦ କୋଟି ଟଙ୍କା ଅନୁଦାନ ମିଳିବ। ଏଥିରୁ ୬୦% କେନ୍ଦ୍ର ସରକାର ମଞ୍ଜୁର କରିବାକୁ ଥିବାବେଳେ ୪୦% ରାଜ୍ୟ ସରକାର ପ୍ରଦାନ କରିବେ। ମାତ୍ର ପାୱାର ପ୍ରେଜେଣ୍ଟେଶନ ଅଭିନବ ଚିନ୍ତାଧାରାର ହୋଇ ନ ଥିଲେ ମାନ୍ୟତା ମିଳିବା ସମ୍ଭାବନା କ୍ଷୀଣ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପାୱାର ପ୍ରେଜେଣ୍ଟେଶନ ସମୟରେ କୁଳପତିଙ୍କ ସହିତ ଅନ୍ୟ କର୍ମଚାରୀ ଏବଂ ଉଚ୍ଚଶିକ୍ଷା ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ମନ୍ତ୍ରଣାଳୟ ସମ୍ମିଳନୀ କକ୍ଷରେ ଉପସ୍ଥିତ ରହିବେ।

ମିଳିଥିବା ସୂଚନା ମୁତାବକ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମଧ ଅଭିନବ ଚିନ୍ତାଧାରାରେ ଏକ ପାୱାର ପ୍ରେଜେଣ୍ଟେଶନ ପ୍ରସ୍ତୁତ କରିଛନ୍ତି। ବିଶ୍ୱବିଦ୍ୟାଳୟର ଭିତ୍ତିଭୂମିକୁ କିଭଳି ବିକାଶ କରାଯାଇ ପାରିଲେ ବିଶ୍ୱବିଦ୍ୟାଳୟଟି ଆଗାମୀ ଦିନରେ ବିଶ୍ୱସ୍ତରୀୟ ହୋଇପାରିବ ତାହାକୁ ଲକ୍ଷ୍ୟ କରି ପାୱାର ପ୍ରେଜେଣ୍ଟେଶନ ପ୍ରସ୍ତୁତ ହୋଇଛି। ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ କରିବା ପାଇଁ ମନ୍ତ୍ରଣାଳୟ ରୁଷା ପ୍ରକଳ୍ପ ଅଧୀନରେ ଏନ୍‌ହାନ୍ସ କ୍ୱାଲିଟି ଆଣ୍ଡ୍ ଏକ୍ସଲେଣ୍ଟ୍ ଇନ୍ ଷ୍ଟେଟ୍ ୟୁନିଭର୍ସିଟି ନାମକ ଏକ ପ୍ରକଳ୍ପ ଆରମ୍ଭ କରିଛି। ପ୍ରକଳ୍ପର ଅବଧି ୨୦୨୦ ମାର୍ଚ୍ଚ ରହିଛି। ଆବଶ୍ୟକସ୍ଥଳେ ମନ୍ତ୍ରଣାଳୟ ପ୍ରକଳ୍ପର ସମୟସୀମା ବୃଦ୍ଧି କରିପାରନ୍ତି।

## ■ ପୋଲିସର ଧମକରେ ଅତିଷ୍ଠ
# ବିଷ ପିଇ ଆତ୍ମହତ୍ୟା କଲେ ଶ୍ରୀବସ୍ତ

ଫୁଲବାଣୀ ଅଫିସ, ୧୫।୯

ପୋଲିସ ଏବେ ଜଜ୍ ସାଜୁଛି । ସ୍ୱାମୀ ସ୍ତ୍ରୀଙ୍କ ଗଣ୍ଡଗୋଳକୁ ସମାଧାନ କରିବା ଅବା କୋର୍ଟକୁ ପଠାଇବା ବନ୍ଦୋବସ୍ତ ପରିବର୍ତ୍ତେ ନିଜେ ଛାଡପତ୍ର କରାଉଛି । ଏଥିରେ ରାଜି ନ ହେଲେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ମିଥ୍ୟା ଦଫାରେ ଗିରଫ କରିବା ନେଇ ଧମକ ଦେଉଛି। ପୋଲିସର ଏଭଳି ଜୁଲମ ସହି ନ ପାରି ଜଣେ ବ୍ୟକ୍ତି କୀଟ ନାଶକ ପିଇ ଆତ୍ମହତ୍ୟା କରିଛନ୍ତି । ଏଭଳି ଘଟଣା କନ୍ଧମାଳ ଜିଲା ଫିରିଙ୍ଗିଆରେ ଶନିବାର ଦେଖିବାକୁ ମିଳିଛି। ଧମକ ଦେଇଥିବା ପୋଲିସ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୃତକଙ୍କ ପୁଅ ଶନିବାର ଏସ୍‌ପିଙ୍କ ପାଖରେ ଅଭିଯୋଗ କରିଛନ୍ତି। ଏସ୍‌ପି ଘଟଣାର ତଦନ୍ତ ନିର୍ଦ୍ଦେଶ ଜଣେ ବରିଷ୍ଠ ଅଧିକାରୀଙ୍କୁ ଦେଇଛନ୍ତି। ମୃତକ ହେଲେ ଫିରିଙ୍ଗିଆ ଥାନା ସଖିପଡା ଗ୍ରାମର ଶ୍ରୀବସ୍ତ ନାୟକ । ଗତ ସପ୍ତାହେ ହେବ ଶ୍ରୀବସ୍ତ ଏବଂ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ଘଟିଥିଲା। ୧୩ ତାରିଖରେ ସ୍ତ୍ରୀ ସଲମୀ ଫିରିଙ୍ଗିଆ ଥାନାକୁ ଯାଇ ଅଭିଯୋଗ କରିଥିଲେ । ପୋଲିସ ଶ୍ରୀବସ୍ତ ଏବଂ ତାଙ୍କ ଦୁଇ ପୁଅଙ୍କୁ ଥାନାକୁ ଡାକିଥିଲା। ସେଠାରେ ପହଞ୍ଚିବା ପରେ ପୋଲିସ ସେମାନଙ୍କୁ ଦୁର୍ବ୍ୟବହାର କରିବା ସହ ସ୍ତ୍ରୀଙ୍କୁ ଛାଡପତ୍ର ଦେବାକୁ ଶ୍ରୀବସ୍ତଙ୍କୁ କହିଥିଲା। ଏଥିରେ ସେ ରାଜି ନ ହେବାରୁ ବିଭିନ୍ନ ମିଥ୍ୟା ମାମଲାରେ ଫସାଇ ଦେବାକୁ ଧମକ ଦେଇଥିଲା । ୧୪ ତାରିଖରେ ପୋଲିସ ଶ୍ରୀବସ୍ତଙ୍କୁ ଫୋନ କରି ତୁମର ଛାଡପତ୍ର ସରିଛି। ପୁଣି କାହିଁ ତୁ ସେଠାକୁ ଯାଇଥିଲୁ ବୋଲି ଧମକ ଦେଇଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ ଶ୍ରୀବସ୍ତ ଘରୁ କେଉଁଆଡେ ଚାଲି ଯାଇଥିଲେ। ଶେଷରେ ସେ ଆତ୍ମହତ୍ୟା କରିଥିଲେ।

# ପ୍ରିୟଙ୍କାଙ୍କ ହଲିଉଡ୍ ଖ୍ୟାତିକୁ ପ୍ରଶଂସା କଲେ ରାଧିକା

ନୂଆଦିଲ୍ଲୀ



ଅଭିନେତ୍ରୀ ରାଧିକା ଆପ୍ଟେ ହଲିଉଡ୍‌ରେ ପ୍ରଥମ କରି ଅଭିନୟ କରିବାକୁ ଯାଉଛନ୍ତି। ଏହି ଅବସରରେ ପ୍ରିୟଙ୍କା ଚୋପ୍ରାଙ୍କର ହଲିଉଡ୍ ଖ୍ୟାତିକୁ ସେ ପ୍ରଶଂସା କରିଛନ୍ତି। ଶନିବାର ଏଠାରେ ଇଣ୍ଡିଆ ଟୁଡେ ମାଇଣ୍ଡ ରକ୍ସ ୟୁଥ୍ ସମିତି -୨୦୧୮ କାର୍ଯ୍ୟକ୍ରମରେ ଯୋଗଦେଇ ରାଧିକା କହିଲେ, ପ୍ରିୟଙ୍କାଙ୍କ କାର୍ଯ୍ୟକୁ ମୁଁ ପ୍ରଶଂସା କରେ। ସେ ଚମତ୍କାର ଅଭିନୟ ପ୍ରଦର୍ଶନ କରନ୍ତି। ସେ କିଛିଦିନ ଧରି ହଲିଉଡ୍‌ରେ କାର୍ଯ୍ୟ କରିଆସୁଛନ୍ତି ଏବଂ ଅନେକ ପ୍ରତିବନ୍ଧକ ସହ ଲଢ଼େଇ ଜାରି ରଖିଛନ୍ତି। ତଥାପି ବିଶ୍ୱ ସ୍ତରୀୟ ସିନେମାରେ ଦକ୍ଷିଣ ଏସୀୟ ମହିଳାଙ୍କ ଅଭାବ ସେ ଅନୁଭବ କରନ୍ତି।

କାନାଡା ଏବଂ ଲସ୍ ଏଞ୍ଜେଲସ୍‌ରେ ଅନେକ ଦକ୍ଷିଣ-ଏସୀୟ ମହିଳା ଅଛନ୍ତି। କିନ୍ତୁ ଅଭିନୟ କରିବାରେ ସେମାନଙ୍କ ସଂଖ୍ୟା ଖୁବ୍ କମ୍। ଆମ ପିଢ଼ି ସାମାଜିକ ପ୍ରତିବନ୍ଧକ ଏଡି ହଲିଉଡ୍‌ରେ ସବୁ ପ୍ରକାର ଚରିତ୍ରରେ ଅଭିନୟ କରିବା ମୁଁ ଚାହେଁ। ହଲିଉଡ୍‌ରେ ଅଭିନୟ କରିବାକୁ ସ୍ୱପ୍ନ ଦେଖିବା ସହିତ ବିଶ୍ୱର ବିଭିନ୍ନ ଦେଶର ଚଳଚ୍ଚିତ୍ରରେ ସମାନ ପ୍ରତିନିଧିତ୍ୱ ରହିବା ଆବଶ୍ୟକ ବୋଲି ଦି 'ପ୍ୟାଡ ମ୍ୟାନ୍' ଅଭିନେତ୍ରୀ ପ୍ରକାଶ କରିଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT 7749095348, 8249919890

B.Ed @ Rs 65,000/- Only
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300 7682826301
BRAHAMPUR 7682826307 7377730723

SPOT ADMISSION
B.Ed CT(D.EL.Ed) & M.Ed
Admission Closing Soon
Acharya Nagarjuna University UGC & NCTE Approved Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

I need a FINANCER INVEST In Land around 1 crore & get a 1 crore profit in one month only.
CONTACT: 9938622847

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ
ଭୁବନେଶ୍ୱର - 9870548744
କଟକ - 7290022882
ଅନୁଗୁଳ - 7290027866
ବଲାଙ୍ଗୀର - 9870548676
ପୁରୀ - 7290022876
ବରଗଡ଼ - 7290027864
ଭଦ୍ରକ - 7290022886
ଗଞ୍ଜାମ - 7290027860
ଯାଜପୁର - 9870548373
ଖୋର୍ଦ୍ଧା - 9870549050
କୋରାପୁଟ - 9870549092
ମୟୂରଭଞ୍ଜ - 7290022884
ସମ୍ବଲପୁର - 7290022879
ସୁନ୍ଦରଗଡ଼ - 7290027868
Shop No. 108, 1st Floor, M.G. Road, Gurgaon

9114367726, 9540938429

SMS JOB
ସ୍ୟାମସଙ୍ଗ୍ କମ୍ପାନୀରେ SMS JOB କରି Part/Full Time ଘରେବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Bike + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
09631847145 09006905977

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527 +91 8126673652
ଠକମାନଙ୍କ ପ୍ରତି ସାବଧାନ

ଭାରତର ନଂ.1 କମ୍ପାନୀ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଘରେ ବସି ସମସ୍ତ ଋଣ ମାତ୍ର 3 ଘଣ୍ଟାରେ ପ୍ରାପ୍ତ କରନ୍ତୁ
ମାର୍କଶିଟ୍, ପର୍ସନାଲ, ଗୃହ ଋଣ
1% ସୁଧ 50% ରିହାତି
HELPLINE 6388753739 6399376206
Add:- 41/14, Sec-1 Pushp Vihar, Delhi

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 2% ବାର୍ଷିକ ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190 7895084744

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

OM SAI FINANCE LTD
(Govt. Registered)
Regd. No.:- odh16652AD
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 3ରୁ 4 ଦିନରେ 1% ସୁଧ, 40% govt. subsidy ମହିଳାଙ୍କ ପାଇଁ ବିଶେଷ ରିହାତି।
J/6, B Block, Jiwan Park, Delhi
Call Now 9953851922

Global Communication Group
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୨୦ ଲକ୍ଷ, ଭଡ଼ା ୨୦,୦୦୦ + 30,000ର ଅନ୍ୟାନ୍ୟ ସୁବିଧା ସୁଯୋଗ + କୋର୍ଟ ଏଗ୍ରିମେଣ୍ଟ।
HN 6/4, Azad Nagar, 29, Lohara, Ludhiana
Call Now: 07496875194 07496852157

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ପ୍ରଥମେ କାମ ପରେ ଦାମ୍
ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ ସମସ୍ତ ଋଣ 2% ସୁଧ, 40% ରିହାତି, ଘରେ ବସି ଉପଲବ୍ଧ।
MUDRA FINANCE
Ram Nagar, Narnel, Haryana
7310625906 7310568831

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765 8512004851

SMS JOB Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638 9667693639

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188 8556894339
Office Add.: 102, Dalamal House, 3rd Floor, Nariman Point, Mumbai

FINANCE
Ganesh Puja Dhamaka
ଗଣପତି ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ । ୧% ସୁଧ ୫୦% ଛାଡ। ଘରେ ବସି ପାଆନ୍ତୁ
Sec-7/87, Old Airport Road, Kodihalli, Bangalore
9053123802 7027318854

ALL INDIA NETWORK GROUP
(Govt. Approved)
ନିଜର ଖାଲି ଜମି, ଛାତ, ପ୍ଲଟ୍ ଏବଂ କ୍ଷେତିରେ ସବୁ କମ୍ପାନୀର ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ 70 ଲକ୍ଷ ଅଗ୍ରିମ, 45000 ଭଡ଼ା + 25000ର ଅନ୍ୟାନ୍ୟ ଲାଭ। ଜମି ମଞ୍ଜୁର ହେବା ପରେ Registration fees - 1000 ଟଙ୍କା।
Makrouli, Kalan (64), Rohtak Haryana - 124001
Call Now: 8826821679

GTL Network Company
ନିଜର ଖାଲି ଜମି, କୃଷି ଜମି, ଛାତରେ ନେଟ୍‌ୱର୍କ ଉପକରଣ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦/- ଭଡ଼ା - 50,000/-। ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ତଥା ଉପକରଣ ସ୍ଥାପନ + ମାସିକ 30,000ର ଅନ୍ୟାନ୍ୟ ସୁବିଧାସୁଯୋଗ।
ଯୋଗାଯୋଗ: ପଓନ କୁମାର
G-57, Gunjan Bihar, Karolbhag, Delhi
9776389958 7894865967


## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ଭାରତର ସର୍ବଶ୍ରେଷ୍ଠ କମ୍ପାନୀ
BALAJI FINANCE
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ଜନକଲ୍ୟାଣ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗାଡ଼ି, ବ୍ୟବସାୟ, ପଶୁପାଳନ, କୃଷି ଏବଂ ଗ୍ରୁପ୍ ଋଣ ପାଆନ୍ତୁ 1 ଲକ୍ଷରୁ ୨୫ ଲକ୍ଷ ପର୍ଯ୍ୟନ୍ତ 2% ସୁଧ 40% ରିହାତି ମାତ୍ର 12 ଘଣ୍ଟାରେ। ପ୍ରଥମେ ଆସନ୍ତୁ ପ୍ରଥମେ ପାଆନ୍ତୁ।
J/6, B Block, Jiwan Park, Delhi
********* Call Now *********
7310644383

!! LOAN LOAN LOAN !!
CAPITAL FINANCE LTD.
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ 10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି (1ରୁ 50 ଲକ୍ଷ) ଋଣ ଉପଲବ୍ଧ
9667895027 7835981792
capitalfinanceindialtd@gmail.com
Add : - 41/14, Sec.1, Pushp Vihar, Delhi

ସାକ୍ଷୀ ଫାଇନାନ୍ସ
ଋଣ ଋଣ ଋଣ
ସରକାରୀ ଜନକଲ୍ୟାଣ ଋଣ ମାତ୍ର 24 ଘଣ୍ଟାରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ସୁଧ 1% ବାର୍ଷିକ, ରିହାତି 45% (ମହିଳାଙ୍କ ପାଇଁ ବିଶେଷ ରିହାତି)
At: 208, Jiwan Park, Delhi - 110059
Mob: 07310616779

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501 7787907927
pmjansamridhi@gmail.com

LOAN
Loan for Personal Mortgage, Industrial (New/Old), Project, New Business. Commercial for New and Old purchase. Quick Sanction for proper documents. Loan only in Odisha.
CONTACT: 9658805048

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିଷ୍କରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor, Cell : 7873239883



ଗୋଟିଏ ନୀତିକୁ କାର୍ଯ୍ୟକାରୀ କରିବାର ଯଦି କୌଣସି ପରିକଳ୍ପନା ନାହିଁ, ତେବେ ସେ ନୀତି ବୟାନ କରିବାର କୌଣସି ଅର୍ଥ ନାହିଁ।
- ଜର୍ଜ ବର୍ଣ୍ଣାଡ ଶ'



## ସଂକ୍ଷେପରେ

### ସ୍ୱଚ୍ଛ ଭାରତ ଅଭିଯାନ ବଟବୃକ୍ଷରେ ପରିଣତ ହୋଇଛି: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୫।୯(ବ୍ୟୁରୋ):** ଚାରିବର୍ଷ ପୂର୍ବେ ଆରମ୍ଭ ହୋଇଥିବା ସ୍ୱଚ୍ଛ ଭାରତ ଅଭିଯାନ ବିରାଟ ବଟବୃକ୍ଷରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଅଭିଯାନ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି ବୋଲି କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ ହୋଇଥିବା ସ୍ୱଚ୍ଛତା ପକ୍ଷ ଉପରେ ବକ୍ତବ୍ୟ ରଖି ପ୍ରଧାନ ଏହା କହିଛନ୍ତି। ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ଦେଶର କୋଣ ଅନୁକୋଣରେ ସାମାନ୍ୟ ନାଗରିକଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ ସମସ୍ତେ ଏଥିରେ ସାମିଲ ହେବାରେ ଲାଗିଛନ୍ତି। ୧୫ ସେପ୍ଟେମ୍ବରରୁ ୨ ଅକ୍ଟୋବର ସାରା ଦେଶରେ ଏହାକୁ ସ୍ୱଚ୍ଛତା ପକ୍ଷ ଭାବେ ପାଳନ କରାଯାଉଛି। ଏହା ଏକ ବିରାଟ ଜନଜାଗୃତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କହିଛନ୍ତି।

### ଆନ୍ତର୍ଜାତିକ ଇଞ୍ଜିନିୟରିଂ ଦିବସ ପାଳନ

**ଭୁବନେଶ୍ୱର,୧୫।୯(ବ୍ୟୁରୋ):** ଆନ୍ତର୍ଜାତିକ ଇଞ୍ଜିନିୟରିଂ ଦିବସ ତଥା ଭାରତରତ୍ନ ଇଂ. ଏମ୍. ବିଶେଶ୍ୱରାୟାଙ୍କ ଜୟନ୍ତୀ ଅବସରରେ ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ପ୍ରଚେଷ୍ଟାରେ 'ଜୀବନ ବିନ୍ଦୁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ଶନିବାର ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏବଂ କର୍ମକର୍ତ୍ତା ଏଥିରେ ଭାଗ ନେଇଥିଲେ। ଶିବିରରେ ରକ୍ତଦାତାଙ୍କୁ ଉତ୍ସାହିତ କରିବା ପାଇଁ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଓଡ଼ିଶା ବିପିୟୁଟି ଛାତ୍ର ସଂଘର ପ୍ରତିଷ୍ଠାତା ତଥା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ବିଜେଡି ରାଜ୍ୟ ସମ୍ପାଦକ ତଥା ଜୀବନ ବିନ୍ଦୁ ରାଜ୍ୟ ସଂଯୋଜକ (ପ୍ରୋଗ୍ରାମ ଓ ମିଡିଆ) ବିଜୟ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

### ପ୍ରଧାନମନ୍ତ୍ରୀଙ୍କ ଗସ୍ତର ସମୀକ୍ଷା କରିବେ ଦୁଇ କେନ୍ଦ୍ରମନ୍ତ୍ରୀ

**ଝାରସୁଗୁଡା ଅଫିସ,୧୫।୯:** ସେପ୍ଟେମ୍ବର ୨୨ରେ ଝାରସୁଗୁଡା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡା ଗସ୍ତର ଆୟୋଜନ ସମୀକ୍ଷା ପାଇଁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଆସୁଛନ୍ତି। ରବିବାର ସନ୍ଧ୍ୟାରେ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଝାରସୁଗୁଡାରେ ପହଞ୍ଚିବେ। ସେହିପରି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମଧ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସଫଳ କରିବା ପାଇଁ ଦୁଇମନ୍ତ୍ରୀଙ୍କ ଉପସ୍ଥିତିରେ ଏକ ଜରୁରୀ ସମୀକ୍ଷା ବୈଠକ ଏବଂ କାର୍ଯ୍ୟକ୍ରମ ଅଗ୍ରଗତୀର ମଧ ସମୀକ୍ଷା କରାଯିବ ବୋଲି ଭାଜପା ମିଡିଆ ସେଲ୍ ତରଫରୁ ସୂଚନା ଦିଆଯାଇଛି।

# ଗୁରୁଦତ୍ତ ନିର୍ମାଣ କଲେ ସାଟେଲାଇଟ୍

**ବ୍ରହ୍ମପୁର ଅଫିସ୍,୧୫।୯**

ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟାରେ ବ୍ରହ୍ମପୁରର ଯୁବକମାନେ ଏବେ ସଫଳତା ହାସଲ କରିବାରେ ଲାଗିଛନ୍ତି। ଏହାର ଉଦାହରଣ ହେଲେ ବ୍ରହ୍ମପୁରର ଗୁରୁଦତ୍ତ ପଣ୍ଡା(୨୮) । ଏହି ଯୁବକ ଜଣକ କ୍ଷୁଦ୍ର ଆକୃତିର ଏକ ସାଟେଲାଇଟ୍ ନିର୍ମାଣ କରିଛନ୍ତି । ଯାହାକୁ ଏବେ ସର୍ବତ୍ର ପ୍ରଶଂସା କରାଯାଉଛି ।

ନିଷ୍ଟରୁ ଚଳିତ ବର୍ଷ ଏମ୍‌ଟେକ୍‌ରେ ଉତ୍ତୀର୍ଣ୍ଣ ହେବା ପରେ ଗୁରୁଦତ୍ତ ହାଇଦ୍ରାବାଦ୍‌ସ୍ଥିତ ଏକ ଘରୋଇ ସାଟେଲାଇଟ୍ ନିର୍ମାଣକାରୀ କମ୍ପାନୀରେ କାର୍ଯ୍ୟ କରୁଛନ୍ତି । ସେ ତାଙ୍କର ଜଣେ ସହକର୍ମୀ ଅସର୍ ଫରହନ୍‌ଙ୍କ ସହ ମିଶି ଗତ କିଛି ମାସ ହେଲା ଏହି ସାଟେଲାଇଟ୍ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ, ଯାହା ବର୍ତ୍ତମାନ ସମ୍ପୂର୍ଣ୍ଣ ହୋଇଛି । ନିର୍ମାଣ ହୋଇଥିବା ଏହି ସାଟେଲାଇଟ୍‌ରର ଆକାର ୧୦ସେମି, ଓଜନ ମାତ୍ର ଏକ କିଲୋ ରହିଛି । ସାଟେଲାଇଟ୍ ସମ୍ପର୍କରେ ଗୁରୁଦତ୍ତ କୁହନ୍ତି, ନିଷ୍ଟରେ ଇଲେକ୍ଟ୍ରୋନିକ୍ ଆଣ୍ଡ ଟେଲି କମ୍ୟୁନିକେଶନ୍ ବିଷୟ ଅଧ୍ୟୟନ କରିଥିବା ଯୋଗୁ ସାଟେଲାଇଟ୍ ନିର୍ମାଣରେ ଏହା ସହାୟକ ହେଲା । ଏହି ସାଟେଲାଇଟ୍‌କୁ ବର୍ତ୍ତମାନ ଭାରତୀୟ ଅନ୍ତରୀକ୍ଷ ଗବେଷଣା ସଂସ୍ଥା(ଇସ୍ରୋ)କୁ ପ୍ରଦାନ କରାଯିବ । ତେବେ ଇସ୍ରୋ ନିଜେ ଏହାକୁ ମହାକାଶକୁ ପଠାଇ ପାରିବ ନାହିଁ । ଏଣୁ ଆମେରିକାର 'ସ୍ପେସ୍-ଏକ୍ସ'କୁ ଦିଆଯିବ । 'ସ୍ପେସ୍-ଏକ୍ସ' ତାହାର ଅନ୍ୟ ଉପଗ୍ରହ ସହ ଏହାକୁ ମହାକାଶକୁ ପଠାଇବ। ଏହି ସାଟେଲାଇଟ୍ ବାର୍ତ୍ତା ପରିବହନରେ ବେଶ୍ ସହାୟକ ହେବ। ମହାକାଶରେ ଥିବା ଅନ୍ୟାନ୍ୟ ସାଟେଲାଇଟ୍ ଯେଉଁ ବାର୍ତ୍ତା ଭୂପୃଷ୍ଠକୁ ପଠାଇଥାଏ, ସେହି ବାର୍ତ୍ତା ପରିବହନରେ ଏହା ସାହାଯ୍ୟ କରିବ । ଯଦି ଅନ୍ୟ ସାଟେଲାଇଟ୍‌ଗୁଡ଼ିକ କୌଣସି କାରଣରୁ ଖରାପ ହୋଇଯାଏ, ତେବେ ମଧ୍ୟ ଏହି କ୍ଷୁଦ୍ର ସାଟେଲାଇଟ୍‌କୁ ବ୍ୟବହାର କରାଯାଇ ପାରିବ। ସେହିଭଳି ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ମଧ୍ୟ ଏହା ଆଗୁଆ ସୂଚନା ପ୍ରଦାନ କରିବ। ବ୍ୟାଟେରିଚାଳିତ ଏହି ସାଟେଲାଇଟ୍ ମହାକାଶରେ ୨ ବର୍ଷ ଯାଏ ରହିବ ବୋଲି ସେ ପ୍ରକାଶ କରିଛନ୍ତି । ବ୍ରହ୍ମପୁର ଅନନ୍ତ ନଗର ପଞ୍ଚମ ଲେନ୍‌ର ଡ. ପ୍ରାଣଚାନ୍ଦ ପଣ୍ଡାଙ୍କ ପୁଅ ହେଉଛନ୍ତି ଗୁରୁଦତ୍ତ।



ନିର୍ମିତ ସାଟେଲାଇଟ୍ ସହ ଗୁରୁଦତ୍ତ ପଣ୍ଡା ।

## ୨୫୦ ସିଟ୍ କ୍ଲବ୍‌ରେ ସାମିଲ୍ ହେଲା ଏସ୍‌ସିବି ମେଡିକାଲ କଲେଜ

**କଟକ ଅଫିସ, ୧୫।୯**

ଏସ୍‌ସିବି ମେଡିକାଲ କଲେଜର ବର୍ଦ୍ଧିତ ୧୦୦ ଏମ୍‌ବିବିଏସ୍ ସିଟକୁ ମେଡିକାଲ କାଉନସିଲ ଅଫ୍ ଇଣ୍ଡିଆ(ଏମ୍‌ସିଆଇ) ପୂର୍ଣ୍ଣ ସ୍ୱୀକୃତି ପ୍ରଦାନ କରିଛି। ଏ ସଂକ୍ରାନ୍ତ ଏକ ଚିଠି କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚିଛି। ଫଳରେ ଭାରତର ଏହି ପ୍ରିମିୟର ମେଡିକାଲ କଲେଜ ଏବେ ଦେଶର ୨୫୦ ସିଟ୍ କ୍ଲବ୍‌ରେ ନିୟମିତ ଭାବେ ସାମିଲ୍ ହୋଇଛି। ୨୦୧୩ରେ ଏସ୍‌ସିବି ମେଡିକାଲ କଲେଜର ୧୫୦ ଏମ୍‌ବିବିଏସ୍ ସିଟ୍‌କୁ ୨୫୦ ବିଶିଷ୍ଟ କରାଯାଇଥିଲା। ବର୍ଦ୍ଧିତ ୧୦୦ ସିଟ୍ ପାଇଁ ଏମ୍‌ସିଆଇ ଅନୁମତି ପ୍ରଦାନ କରିଥିଲା। ତେବେ ବର୍ଦ୍ଧିତ ୧୦୦ ସିଟ୍‌ର ଭିତ୍ତିଭୂମି ତଦାରଖ କରିବା ପାଇଁ ୨୦୧୩ରୁ ଏମ୍‌ସିଆଇର ପ୍ରତିନିଧିମାନେ ନିୟମିତଭାବେ ଏସ୍‌ସିବି ମେଡିକାଲ କଲେଜକୁ ନିରୀକ୍ଷଣ କରିବାକୁ ଆସୁଥିଲେ। ଏଥିପାଇଁ କଲେଜ ହଷ୍ଟେଲଠାରୁ ଆରମ୍ଭ କରି ଅଡିଟୋରିୟମ, ଲେକଚର ଥିଏଟର, ଲାଇବ୍ରେରୀ ଆଦି ନିର୍ମାଣ କରାଯାଇଥିଲା। ଶେଷରେ ଏମସିଆଇ ପ୍ରତିନିଧି ଦଳ ଗତ ମେ ୨୯, ଜୁଲାଇ ୭ ଓ ୮ ତାରିଖରେ ଚୂଡାନ୍ତ ଗସ୍ତ କରିଥିଲା। ତେବେ ଏହି ସମୟରେ ଏମ୍‌ସିଆଇ ପ୍ରତିନିଧି ମଣ୍ଡଳୀ ସନ୍ତୋଷବ୍ୟକ୍ତ କରିବା ସହ ଏ ସମ୍ପର୍କିତ ରିପୋର୍ଟ ଏମ୍‌ସିଆଇର କାର୍ଯ୍ୟ ନିର୍ବାହୀ କମିଟିକୁ ପ୍ରଦାନ କରିଥିଲା। ଅଗଷ୍ଟ ୭ରେ ଏମସିଆଇ କାର୍ଯ୍ୟ ନିର୍ବାହୀ କମିଟି ବୈଠକରେ ଏସ୍‌ସିବିର ବର୍ଦ୍ଧିତ ୧୦୦ ସିଟ୍‌କୁ ପୂର୍ଣ୍ଣ ସ୍ୱୀକୃତି ଦେବା ପାଇଁ ସ୍ଥିର କରିବା ପରେ ଏମ୍‌ସିଆଇର ଏଭରସାଇଟ୍ କମିଟି ଏହା ଉପରେ ଅଗଷ୍ଟ ୨୮ରେ ମୋହର ମାରିଥିଲା। ଏମସିଆଇର ଚିଠି ପହଞ୍ଚିବା ପରେ ଏସସିବି ମେଡିକାଲ କଲେଜର ଛାତ୍ରୀଛାତ୍ରଙ୍କ ମଧରେ ଆନନ୍ଦର ଲହରି ଖେଳି ଯାଇଛି। କାରଣ ୨୦୧୫ରେ ଏମସିଆଇ ଗସ୍ତ ସମୟରେ ମେଡିକାଲ କଲେଜର କେତେକ ଦୁର୍ବଳ ଦିଗ ଉପରେ ପ୍ରଶ୍ନ ଉଠାଇଥିଲା। ଫଳରେ ବର୍ଦ୍ଧିତ ୧୦୦ ସିଟ୍‌ର ଭାଗ୍ୟକୁ ନେଇ ଆଶଙ୍କା ଲାଗି ରହିଥିଲା।

**ମହିଳା ଡାକ୍ତରଙ୍କ ମୃତ୍ୟୁ ଘଟଣା**

# 'ପୁରୁଷ ବନ୍ଧୁ ସହ ଝଗଡ଼ାରୁ ଆତ୍ମହତ୍ୟା'

**ଭୁବନେଶ୍ୱର,୧୫।୯(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶ୍ରୀବିହାରରେ ରହୁଥିବା ମହିଳା ଡାକ୍ତର ମନସ୍ୱିନୀ ବାରିକ ମୃତ୍ୟୁ ରହସ୍ୟ ଉପରୁ ଶନିବାର ପୋଲିସ ପରଦା ହଟାଇଛି। ପୁରୁଷ ବନ୍ଧୁଙ୍କ ସହ ମନସ୍ୱିନୀଙ୍କ ଝଗଡ଼ ହେବାରୁ ସେ ଆତ୍ମହତ୍ୟା କରିଥିବା ଥାନାଧିକାରୀ ଦୀପକ ମିଶ୍ର କହିଛନ୍ତି। ଶନିବାର ଥାନାଧିକାରୀ ମିଶ୍ର ମନସ୍ୱିନୀ କାମ କରୁଥିବା ହସ୍ପିଟାଲକୁ ଯାଇ ସହଯୋଗୀ ଡାକ୍ତରମାନଙ୍କୁ ପଚରାଉଚରା କରିଥିଲେ। ମନସ୍ୱିନୀ ଉକ୍ତ ହସ୍ପିଟାଲର ଅନ୍ୟ ଜଣେ ଡାକ୍ତରଙ୍କୁ ଭଲ ପାଉଥିଲେ। ମାତ୍ର ମନସ୍ୱିନୀ ସମସ୍ତଙ୍କ ସହ ଖୁସିମଜାରେ କଥା ହେଉଥିବାରୁ ସେ ଏହାକୁ ଗ୍ରହଣ କରୁ ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ମତାନ୍ତର ଥିଲା। ତେଣୁ ମନସ୍ୱିନୀ କିଛିଦିନ ହେବ ଚାପଗ୍ରସ୍ତ ଥିଲେ। ମାତ୍ର ଏ ସଂକ୍ରାନ୍ତରେ ସେ ପରିବାର ଲୋକଙ୍କୁ ଜଣାଇ ନ ଥିଲେ। ମନସ୍ୱିନୀଙ୍କ ଘର ବରଗଡ଼ ଜିଲା ମେଲ୍‌ଛାମୁଣ୍ଡା ଅଞ୍ଚଳରେ। ତାଙ୍କ ପାଖରେ ରହୁଥିବା ଭାଇ ନୂଆଖାଇ ପାଇଁ ଗାଁକୁ ଚାଲିଯାଇଥିବାରୁ ସେ ଏକୁଟିଆ ଥିଲେ। ଗୁରୁବାର ବିଳମ୍ବିତ ରାତିରେ ମନସ୍ୱିନୀ ଶେଷଥର ପାଇଁ ତାଙ୍କ ପୁରୁଷ ବନ୍ଧୁ ଡାକ୍ତରଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ମନସ୍ୱିନୀ ମାନସିକ ଭାରସ୍ୟାମ ହରାଇ ଆତ୍ମହତ୍ୟା କରିଥିବା ତଦନ୍ତରୁ ଜାଣିବାକୁ ପାଇଛି। ତେବେ ନିଜେ ଦୁଇଟି ବିଷ ଇଞ୍ଜେକ୍ସନ ନେବାର କିଛି ସମୟ ମଧ୍ୟରେ ତାଙ୍କର ମୃତ୍ୟୁ ଘଟିଥିଲା। କିନ୍ତୁ ତାଙ୍କ ପରିବାର ଯେଉଁ ହତ୍ୟା ଅଭିଯୋଗ ଆଣିଛନ୍ତି ତାହାର କୌଣସି ସତ୍ୟତା ଥିବା ନେଇ ପ୍ରମାଣ ହସ୍ତଗତ ହୋଇ ନ ଥିବା ଥାନାଧିକାରୀ ମିଶ୍ର କହିଛନ୍ତି।

ତାଙ୍କ ସୂଚନାନୁସାରେ, ମନସ୍ୱିନୀ ପୂର୍ବରୁ ବିବାହ କରିଥିଲେ। କୌଣସି କାରଣରୁ ବିବାହ ବିଚ୍ଛେଦ ପରେ ସେ କଟକର ଦୁଇଟି ହସ୍ପିଟାଲରେ କାର୍ଯ୍ୟ କରୁଥିଲେ। ପରେ ସେ ଭୁବନେଶ୍ୱର ଆସି ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଉକ୍ତ ଘରୋଇ ହସ୍ପିଟାଲରେ କାମ କରିବା ସହ ଭାଇଙ୍କ ସହ ଶ୍ରୀବିହାର ଅଞ୍ଚଳରେ ରହୁଥିଲେ।

## ମାଣିକେଶ୍ୱରୀଙ୍କ ନବାନ୍ନ ଲଗ୍ନ ଧାର୍ଯ୍ୟ

**ଭବାନୀପାଟଣା,୧୫।୯(ଡି.ଏନ୍.ଏ.)**

ଭାଦ୍ରବ ଶୁକ୍ଳ ପକ୍ଷ ଦଶମୀ ତିଥି ବୁଧବାର ୧୯ ତାରିଖରେ କଳାହାଣ୍ଡି ଜିଲାର ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ନିକଟରେ ନବାନ୍ନ ଭୋଗ ଲାଗି କରିବାକୁ ଲଗ୍ନ ଧାର୍ଯ୍ୟ କରାଯାଇଛି। ଏ ସମ୍ପର୍କରେ କଳାହାଣ୍ଡି ମହାରାଜ ଉଦିତ ପ୍ରତାପ ଦେଓ ସୂଚନା ପ୍ରଦାନ କରିଛନ୍ତି। ବୁଧବାର ସକାଳ ୬.୨୪ ମିନିଟରୁ ୮.୦୩ ମିନିଟ ମଧ୍ୟରେ ମାଣିକେଶ୍ୱରୀଙ୍କଠାରେ ନବାନ୍ନ ଭୋଗ ଲାଗି କରାଯିବ। ମାଣିକେଶ୍ୱରୀଙ୍କ ନିକଟରେ ନବାନ୍ନ ଭୋଗ ଲାଗି ପରେ ଭବାନୀପାଟଣାର ଜନସାଧାରଣ ନୂଆଁଖାଇ ପାଳନ କରିବେ। ପରମ୍ପରା ଅନୁଯାୟୀ କଳାହାଣ୍ଡିର ଇଷ୍ଟ ଦେବୀ ମା' ମାଣିକେଶ୍ୱରୀଙ୍କ ନବାନ୍ନ ଲାଗି ସହ ଭବାନୀପାଟଣା ସମେତେ ପୂର୍ବତନ କଳାହାଣ୍ଡି ଗଡଜାତର ଜମିଦାରୀ ଅଞ୍ଚଳ ଥୁ.ରାମପୁର, କର୍ଲାପାଟ, ମହୁଲପାଟଣା, ଜୟପାଟଣା, ମ.ରାମପୁର, ଲାଞ୍ଜିଗଡ଼, ଯୁଗସାଇପାଟଣା ଆଦି ଅଞ୍ଚଳର ଜନସାଧାରଣ ମଧ ନବାନ୍ନ ଭକ୍ଷଣ କରିବେ।

# ନକଲି ଜର୍ଦ୍ଦା କାରଖାନା ଠାବ

**ଭଦ୍ରକ ଅଫିସ,୧୫।୯**

**ସିଲ୍ ମେଶିନ, ଯନ୍ତ୍ରାଂଶ ସମେତ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ନକଲି ସାମଗ୍ରୀ ଜବତ**

ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ପୋଲିସ ଶନିବାର ସନ୍ଧ୍ୟାରେ ପୁଣି ଏକ ନକଲି ଜର୍ଦ୍ଦା ପ୍ରସ୍ତୁତକାରୀ କାରଖାନା ଠାବ କରିଛି। ଭଦ୍ରକ ସହର ପ୍ରାଚୀନଗରର ଶେଷ ମୁଣ୍ଡରେ ଥିବା ଏକ ଭଡ଼ା ଘରୁ ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରସ୍ତୁତକାରୀ ସାମଗ୍ରୀ ଜବତ ହୋଇଛି। ଜବତ ସାମଗ୍ରୀ ମଧ୍ୟରେ ପ୍ୟାକିଂ ମେଶିନ, କଟର ମେଶିନ, ଜର୍ଦ୍ଦା ଲିକ୍ୟୁଇଡ, ଜର୍ଦ୍ଦା ସେଣ୍ଟ, ନକଲି ଜର୍ଦ୍ଦା, ବିଭିନ୍ନ କମ୍ପାନୀର ଜର୍ଦ୍ଦା, ଶତାଧିକ ଛୋଟବଡ଼ ଖାଲି ଡବା, ନକଲି ପ୍ୟାକିଂ ଷ୍ଟିକର, ପ୍ୟାକିଂ ସାମଗ୍ରୀ ଓ ପିପରମେଣ୍ଟ ରହିଛି। ପୋଲିସର ଚଢ଼ାଉ ଖବର ପାଇ ପୁରୁଣାବଜାର ଥାନା ଅଞ୍ଚଳର ମୁଖ୍ୟ ପ୍ରସ୍ତୁତକାରୀ ଫେରାର ହୋଇଯାଇଛନ୍ତି। ପୁରୁଣାବଜାର ଅଞ୍ଚଳରେ ପୋଲିସ ବାରମ୍ବାର ଚଢ଼ାଉ କରିବାରୁ ଉକ୍ତ ଅଞ୍ଚଳର ନକଲି ଜର୍ଦ୍ଦା ପ୍ରସ୍ତୁତକାରୀମାନେ ସ୍ଥାନ ପରିବର୍ତ୍ତନ କରି ଏହି ବ୍ୟବସାୟ ଚଳାଇ ଆସୁଥିଲେ। ନିର୍ଦ୍ଦିଷ୍ଟ ଏକ ସୂତ୍ରରୁ ଖବର ପାଇ ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସ ଶନିବାର ସନ୍ଧ୍ୟାରେ ଚଢ଼ାଉ କରିଥିଲେ। ସୂଚନାଥାଉ କି, ଏହି ନକଲି ଜର୍ଦ୍ଦା ପ୍ରସ୍ତୁତକାରୀ କମ୍ପାନୀ କେବଳ ରାତିରେ ଚାଲୁଥିଲା। ଉକ୍ତ ଅଞ୍ଚଳର ଲୋକେ ଏହାକୁ ନେଇ ସନ୍ଦେହ କରିଥିଲେ। ରାତି ସାରା କମ୍ପାନୀ ଚାଲୁଥିଲା ଓ ଭୋର ପାହାନ୍ତାରୁ ବିଳାସପୂର୍ଣ୍ଣ ଗାଡ଼ିରେ ବିଭିନ୍ନ ଜିଲାକୁ ଚାଲାଣ ହେଉଥିଲା। ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ବ୍ୟକ୍ତି ଉକ୍ତ ଘରକୁ ଭଡ଼ାରେ ନେଇ ଏହି କମ୍ପାନୀ ଚଳାଉଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଉଲ୍ଲେଖନୀୟ ଯେ, ଅଗଷ୍ଟ ୧୨ ଓ ୩୦ ତାରିଖରେ ୨ଟି ଅନୁରୂପ ନକଲି ଜର୍ଦ୍ଦା କାରଖାନାକୁ ପୁରୁଣାବଜାର ପୋଲିସ ଠାବ କରିବା ସହ ୫ ଜଣଙ୍କୁ ଗିରଫ କରିଥିଲା। ଭଦ୍ରକ ଓ ପୁରୁଣାବଜାର ଅଞ୍ଚଳକୁ ନକଲି ହବ୍ ବୋଲି କୁହାଯାଉଥିବା ନେଇ ପ୍ରଥମେ ଧରିତ୍ରୀରେ ଅଗଷ୍ଟ ୯ରେ ଖବର ପ୍ରକାଶିତ ହୋଇଥିଲା। ଶିଶୁ ଖାଦ୍ୟଠାରୁ ଆରମ୍ଭ କରି ସମସ୍ତ ପ୍ରକାରର ନକଲି କାରଖାନା ଏଠି ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ତଦନ୍ତଭିତ୍ତିକ ରିପୋର୍ଟ ଧରିତ୍ରୀରେ ପ୍ରକାଶ ପରେ ପୋଲିସ ତଦନ୍ତ ଚଳାଇ ଗୋଟିଏ ପରେ ଗୋଟିଏ ସଫଳତା ପାଇବାରେ ଲାଗିଛି। ରିପୋର୍ଟ ଲେଖା ହେବା ସୁଦ୍ଧା ପୋଲିସ ଉକ୍ତ ଅଞ୍ଚଳରେ ଚଢ଼ାଉ ଜାରି ରଖିଛି।

## ଦୁର୍ଘଟଣା: ପୋଲିସ କର୍ମଚାରୀ ମୃତ

**ଝାରସୁଗୁଡା ଅଫିସ,୧୫।୯**

ଝାରସୁଗୁଡା ବକ୍ସିଛକ ନିକଟରେ ଏକ ବାଇକ୍ ଦୁର୍ଘଟଣା ଘଟି ଜଣେ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତ ପୋଲିସ କର୍ମଚାରୀ ଜଣକ ହେଲେ ଗଣେଶ ରାମ କୁଲୁ(୨୮)। ବାଇକରେ ବସିଥିବା ଡୋଳାମଣି ମହାନନ୍ଦଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ସୂଚନା ଅନୁସାରେ, ଗଣେଶ ଏବଂ ଡୋଳାମଣି ଏକ ବାଇକରେ ଯାଉଥିବା ବେଳେ ବକ୍ସିଛକ ପାଖ ଶିବମନ୍ଦିର ନିକଟରେ ଏକ ଟ୍ରକର ପଛପଟୁ ଧକ୍କା ଦେଇଥିଲେ। ରାସ୍ତା ଉପରେ ଦୁଇଜଣ ପଡିଯାଇଥିଲେ। ଉଭୟଙ୍କୁ ଉଦ୍ଧାରକରି ହସ୍ପିଟାଲ ନିଆଯାଇଥିଲା। ଡାକ୍ତର ଗଣେଶଙ୍କୁ ମୃତ ଘୋଷଣା କରିଥିବା ବେଳେ ଡୋଳାମଣିଙ୍କୁ ଚିକିତ୍ସା କରାଯାଉଛି।

# ଏକତା ସୂତ୍ରରେ ବାନ୍ଧିରଖିଛି ନୂଆଁଖାଇ ଭେଟଘାଟ୍

**ଝାରସୁଗୁଡା ଅଫିସ,୧୫।୯**

ବିଶ୍ୱରେ ପରିଚିତ ହୋଇସାରିଛି ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। କୃଷିଭିତ୍ତିକ ଏହି ପର୍ବରେ ଦେଖିବାକୁ ମିଳେ ଭାଇଚାରାର ଅନୁଭୂତି, ପରମ୍ପରାର ଝଲକ ଏବଂ ସଂସ୍କୃତିର ମହକ। ଏଭଳି ପର୍ବ ଏଭଳି ସଂସ୍କାର ଓ ସଂସ୍କୃତି ଆଉ କେଉଁଠି ନ ଥିବ। ପଶ୍ଚିମ ଓଡ଼ିଶାର ନୂଆଁଖାଇ ଏବଂ ଭେଟଘାଟ୍‌ର ପରମ୍ପରା ସାରା ବିଶ୍ୱକୁ ଏକତାର ବାର୍ତ୍ତା ଦେଉଛି ବୋଲି ବୋଲି ଅତିଥିମାନେ କହିଛନ୍ତି। ବେହେରାମାଲ ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ କିଷାନ୍ ଛକ ଠାରେ ଶନିବାର ସନ୍ଧ୍ୟାରେ ନୂଆଁଖାଇ ଭେଟଘାଟ୍ ଉତ୍ସବ ଆୟୋଜନ ହୋଇଯାଇଛି। ଅତିଥିଭାବେ ସଲାବୁଢା ଏବଂ ଆଦିମ୍ ବିଚାର ଭଳି ଫିଲ୍ମ ଅଭିନେତା ଅଟଳ ବିହାରୀ ପଣ୍ଡା, ଗାନ୍ଧୀ ମେମୋରିଆଲ କଲେଜର ଅଧକ୍ଷ ମୋହନ ସାହୁ, ସାସ୍ୱତ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ମାଫିଦାର, ପ୍ର. ଟହଲୁ ସାହୁ, ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ନିଜ ଉଦ୍‌ବୋଧନରେ ନୂଆଁଖାଇର ସ୍ୱତନ୍ତ୍ରତା ଏବଂ ପାରମ୍ପରିକ ଏକତାର ଉଦାହରଣ ଦେଇଥିଲେ। ଏହି କୃଷିଭିତ୍ତିକର ପର୍ବ 'ନୂଆଁଖାଇ' ପାଳନ ପାଇଁ ପୁରା ପଶ୍ଚିମ ଓଡ଼ିଶା ଉତ୍ସବମୁଖର ହୋଇଉଠୁଥିବା ଅତିଥିମାନେ କହିଥିଲେ। ଉତ୍ସବ ଅବସରରେ ବରିଷ୍ଠ, ବୟୋଜ୍ୟେଷ୍ଠଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଗଜଲକ୍ଷ୍ମୀ ପୂଜା କମିଟିର ସଦସ୍ୟମାନେ ନୂଆଁଖାଇ ଭେଟଘାଟ୍‌ର ସଫଳ ଆୟୋଜନ ଏବଂ ପରିଚାଳନା କରିଥିଲେ।




ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ଡିଜିପିଙ୍କ ବୈଠକ**

# ବିମାନବନ୍ଦର, ସଭାସ୍ଥଳରେ କଡ଼ା ସୁରକ୍ଷା ବ୍ୟବସ୍ଥା

**ଭୁବନେଶ୍ୱର, ୧୫।୯(ବ୍ୟୁରୋ)**

ଆସନ୍ତା ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶା ଆସୁଛନ୍ତି। ପ୍ରଧାନମନ୍ତ୍ରୀ ପ୍ରଥମେ ତାଳଚେରର ଦୁଇଟି ସ୍ଥାନକୁ ଯିବେ, ପରେ ଝାଡସୁଗୁଡା ଯାଇ ବିମାନବନ୍ଦର ଉଦ୍‌ଘାଟନ କରିବେ। ଏହାପରେ ରାୟପୁର ଯାଇ ସେଠାରୁ ଦିଲ୍ଲୀ ଯିବେ ବୋଲି ଜଣାପଡିଛି। ପ୍ରଧାନମନ୍ତ୍ରୀଙ୍କ ଗ୍ରସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥା କିଭଳି ରହିବ ସେନେଇ ଡିଜିପି ଆର.ପି. ଶର୍ମାଙ୍କ ଅଧକ୍ଷତାରେ ଶନିବାର ଏକ ବୈଠକ ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ ଅଫିସରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗୋଇନ୍ଦା ନିର୍ଦ୍ଦେଶକ ସୁନୀଲ ରୟ, ଏଡିଜି (ଅପରେଶନ), ଆଇଜି (ଆଇନ ଶୃଙ୍ଖଳା)ଙ୍କ ସହିତ ପୋଲିସ କମିଶନର ସତ୍ୟଜିତ ମହାନ୍ତି ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ବିମାନରେ ଆସି ସକାଳ ପ୍ରାୟ ୯ଟାରେ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଓହ୍ଲାଇବେ। ପ୍ରଧାନମନ୍ତ୍ରୀଙ୍କ ଗ୍ରସ୍ତକୁ ନଜରରେ ରଖି ବିମାନବନ୍ଦର ଓ ସଭା ସ୍ଥଳରେ ପାଖାପାଖି ୪୦ ପ୍ଲାଟୁନ ପୋଲିସ ଫୋର୍ସ ସହ ୪ଶହରୁ ଉର୍ଦ୍ଧ୍ୱ ଅଫିସର ନିୟୋଜିତ ହେବେ ବୋଲି ବୈଠକରୁ ଜଣାପଡିଛି। ଏହାସହ ଟ୍ରାଫିକ ବ୍ୟବସ୍ଥା କିଭଳି ହେବ ତାହା ଉପରେ ମଧ ଆଲୋଚନା ହୋଇଥିଲା। ୭ ଦିନ ପୂର୍ବରୁ ସଭାସ୍ଥଳକୁ କଡାକଡି ଯାଞ୍ଚ କରାଯିବା ସହ ପୋଲିସ ନିଜର ସୁରକ୍ଷା ବଳୟ ଭିତରେ ରଖିବ। ସଭାସ୍ଥଳରେ ଗୋଇନ୍ଦା ପୋଲିସ ମୁତୟନ ହେବା ସହ ବୋମା ନିଷ୍କ୍ରିୟକାରୀ ଦଳ ଓ ସ୍ପେଶାଲ ପୋଲିସ ଅଫିସର ମୁତୟନ ରହିବେ। ପ୍ରଧାନମନ୍ତ୍ରୀଙ୍କୁ ଆତଙ୍କବାଦୀ ସଂଗଠନ ହତ୍ୟା ଯୋଜନା କରୁଥିବା ନେଇ କେନ୍ଦ୍ରୀୟ ଗୋଇନ୍ଦା ବ୍ୟୁରୋ ଗୃହ ବିଭାଗକୁ ତଥ୍ୟ ଦେବା ପରେ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଗସ୍ତ ସମୟରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ: ଓଡ଼ିଶାରେ ସାଢେ ୫ ଘଣ୍ଟାର ମାରାଥନ କାର୍ଯ୍ୟକ୍ରମ

**ଝାରସୁଗୁଡା ଅଫିସ,୧୫।୯**

ସେପ୍ଟେମ୍ବର ୨୨ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତନେଇ ଚୂଡାନ୍ତ ନ ହେଲେ ମଧ ଏକ ଟେଣ୍ଟାଟିଭ୍ କାର୍ଯ୍ୟସୂଚୀ ରାଜ୍ୟକୁ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତର ଏକ ସମ୍ଭାବ୍ୟ ସମୟ ସୂଚୀ ସମ୍ପର୍କରେ ଦିଲ୍ଲୀ ସ୍ଥିତ ସ୍ୱତନ୍ତ୍ର ନିରାପତ୍ତା ବାହିନୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ଓଡ଼ିଶା ମୁଖ୍ୟ ଶାସନସଚିବ, ପୋଲିସ ମହାନିର୍ଦ୍ଦେଶକ, ଗୃହ ବିଭାଗ ସଚିବ, ଗୁଇନ୍ଦା ନିର୍ଦ୍ଦେଶକ, ଟ୍ୱିନସିଟି କମିଶନର, ଏସ୍‌ପି(ସିକ୍ୟୁରିଟି) ସମେତ ଝାରସୁଗୁଡା ଏବଂ ଅନୁଗୁଳ ଜିଲାପାଳ ଏବଂ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଏହି ସୂଚନା ପ୍ରଦାନ କରାଯାଇଛି। ଦିଆଯାଇଥିବା ସମୟ ସୂଚୀ ଅନୁସାରେ ୨୨ ତାରିଖ ସକାଳ ୬.୫୦ରେ ଦିଲ୍ଲୀ ଏୟାରପୋର୍ଟରୁ ବାହାରି ୮.୫୫ରେ ଭୁବନେଶ୍ୱରରେ ପହଞ୍ଚିବେ। ସେହିପରି ୯.୪୫ରେ ତାଳଚେର ଏବଂ ଦିନ ୧୨.୩୫ରେ ଝାରସୁଗୁଡାରେ ପହଞ୍ଚିବା ନେଇ ସୂଚନା ପ୍ରଦାନ କରାଯାଇଛି। ଝାରସୁଗୁଡାରେ ଆୟୋଜିତ ଜନସଭାରେ ଉଦ୍‌ବୋଧନ ଦେବାପରେ ଛତିଶଗଡ ଜାଞ୍ଜିଗିର୍-ଚାମ୍ପାରେ ପହଞ୍ଚିବାର କାର୍ଯ୍ୟକ୍ରମ ଉଲ୍ଲେଖ କରାଯାଇଛି।

# ଅକ୍ଟୋବର ୧୫ ସୁଦ୍ଧା ଓଡ଼ିଆରେ ନାମଫଳକ

**ଖିଲାପକାରୀଙ୍କ ନାଁରେ ୱେବସାଇଟ୍‌ରେ ଅଭିଯୋଗ କରିପାରିବେ ଜନସାଧାରଣ**

**ଭୁବନେଶ୍ୱର, ୧୫।୯(ବ୍ୟୁରୋ)**

ଅକ୍ଟୋବର ୧୫ ସୁଦ୍ଧା ଭୁବନେଶ୍ୱରର ସମସ୍ତ ବ୍ୟବସାୟିକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ନିଜ ସଂସ୍ଥାର ନାମଫଳକ ଓଡ଼ିଆ ଭାଷାରେ ଲେଖିବା ପାଇଁ ସରକାରଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ କେହି ଖିଲାପ କଲେ ରାଜ୍ୟ ସରକାର ସେମାନଙ୍କ ପାଇଁ ଏକ ୱେବ୍‌ସାଇଟ୍ ତିଆରି କରିବେ। କୌଣସି ସଂସ୍ଥା ନାମଫଳକକୁ ଓଡ଼ିଆ ଭାଷାରେ ଲେଖି ନ ଥିଲେ ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ସେହି ସଂସ୍ଥାର ନାମଫଳକ ଫଟୋକୁ ଉତ୍ତୋଳନ କରି ୱେବସାଇଟ୍‌ରେ ଅପ୍‌ଲୋଡ୍ କରି ଅଭିଯୋଗ ଜଣାଇପାରିବେ। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଶନିବାର ବିଏମ୍‌ସି ସଭାଗୃହରେ ଓଡ଼ିଆ ଭାଷାରେ ନାମଫଳକ ଲେଖାଇବା ନିୟମକୁ କଡାକଡି କରିବା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉନ୍ନୟନ କମିଶନର ଆର. ବାଲକ୍ରିଷ୍ଣନ ସଭାପତିତ୍ୱ କରି କହିଥିଲେ, ମାତୃଭାଷା ବ୍ୟବହାର ନିଜର ସଂସ୍କୃତି ଏବଂ ପରମ୍ପରାକୁ ସମ୍ମାନ ଦେଇଥାଏ। ଏହାଦ୍ୱାରା ଜଣେ ନିଜର ଭାଷାଗତ ଉତ୍ପତ୍ତିକୁ ଜାଣିଥାଏ। ଓଡିଶାରେ ପ୍ରଚଳିତ ଓଡିଆ ଭାଷା ଷଷ୍ଠ ଶାସ୍ତ୍ରୀୟ ଭାଷାଭାବେ ମାନ୍ୟତା ପାଇଛି, ଯାହା ସମଗ୍ର ରାଜ୍ୟ ପାଇଁ ଗର୍ବର ବିଷୟ। ତେବେ ବର୍ତ୍ତମାନ ସମୟ ଆସିଛି ପ୍ରତ୍ୟେକ ଅନୁଷ୍ଠାନ ମିଳିମିଶି ଏହି ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବା। ବିଭିନ୍ନ ଅନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ, ଦୋକାନ ଏବଂ ସ୍ୱାସ୍ଥ୍ୟ ଅନୁଷ୍ଠାନ ନିଜ ଅନୁଷ୍ଠାନର ନାମଫଳକକୁ ଓଡିଆ ଭାଷାରେ ଲେଖିବାକୁ ସେ ପରାମର୍ଶ ଦେଇଛନ୍ତି। ଓଡିଆଭାଷାର ବ୍ୟବହାର କରି ଆମେ ନିଜକୁ ଗର୍ବ ଅନୁଭବ କରିବା ଦରକାର। ସମସ୍ତ ସ୍ଥାନରେ, ଏପରି କି ସ୍ମାର୍ଟସିଟି ପ୍ରକଳ୍ପରେ ମଧ ସ୍ଥାନ ପାଇବା ଦରକାର। ଆମେ ଅକ୍ଳାନ୍ତ ପରିଶ୍ରମ କରି ସ୍ମାର୍ଟ ସିଟିର ମାନ୍ୟତା ପାଇଥିବାବେଳେ ଆମର କ୍ରିୟାଶୀଳ ମନୋଭାବ ଦେଖାଇ ଓଡିଆ ଭାଷାର ବ୍ୟବହାର କଲେ ଆମେ ନିଶ୍ଚିତଭାବରେ ସ୍ମାର୍ଟେଷ୍ଟ ହୋଇପାରିବା ବୋଲି ବାଲକ୍ରିଷ୍ଣନ ମତପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶ୍ରମ ବିଭାଗ ସଚିବ ଅନୁ ଗର୍ଗ, ଉଚ୍ଚଶିକ୍ଷା ସଚିବ ବିଷ୍ଣୁପଦ ସେଠୀ, କ୍ରୀଡା ଏବଂ ପର୍ଯ୍ୟଟନ ସଚିବ ବିଶାଳ ଦେବ, ବିଏମ୍‌ସି କମିଶନର କ୍ରିଷନ କୁମାର, ଅତିରିକ୍ତ ଆୟୁକ୍ତ ଶୁଭମ୍ ସାକ୍‌ସେନା, ନିର୍ଦ୍ଦେଶକ (ପୌର ପ୍ରଶାସନ) ସଂଗ୍ରାମଜିତ ନାୟକଙ୍କ ସମେତ ଅନେକ ବରିଷ୍ଠ ସରକାରୀ ଅଧିକାରୀ, ବିଭିନ୍ନ ବିଭାଗର ସଦସ୍ୟ ଶିକ୍ଷାବିତ୍ ଏବଂ ଶିଳ୍ପାନୁଷ୍ଠାନର ନେତୃବୃନ୍ଦ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ଗତ ମେ ୨୫ରେ ବିଧାନସଭାରେ ଅନୁମୋଦିତ ହୋଇଥିବା ଓଡିଶା ଦୋକାନ ଏବଂ ବ୍ୟବସାୟ ପ୍ରତିଷ୍ଠାନ ଆଇନ ୨୦୧୮ ଆଧାରରେ ବିଏମ୍‌ସି ପକ୍ଷରୁ ଏକ ସଂଯୋଜନା କାର୍ଯ୍ୟକ୍ରମ ମାଧ୍ୟମରେ କିପରି ସମସ୍ତ ଦୋକାନ ଏବଂ ବ୍ୟବସାୟ ପ୍ରତିଷ୍ଠାନରେ ଓଡିଆ ନାମଫଳକ ବ୍ୟବହାର କରାଯିବ ସେଥିପାଇଁ ପଦକ୍ଷେପ ନିଆଯିବ।



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ,
ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ



## ସଂକ୍ଷେପରେ

### ବାପଘରକୁ ଗଲେନି ବୋଲି ବିଷ ପିଇଲେ ନବବିବାହିତା

ବାମରା,୧୫।୯(ସ୍ୱ.ପ୍ର.)
ସମ୍ବଲପୁର ଜିଲା ବାମରା ବ୍ଲକ ବାଉଁଶଲଗା ପଞ୍ଚାୟତ ସାଲେଟିକ୍ରା ଗ୍ରାମରେ ଜଣେ ନବବିବାହିତା ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଆରତି କର୍ସେଲ (୨୦)। ସୁରେନ୍ଦ୍ର କର୍ସେଲଙ୍କୁ ଗତ ୬ମାସ ତଳେ ସେ ବିବାହ କରିଥିଲେ । ବିବାହ ପରଠାରୁ ଶ୍ୱଶୁର ଘରେ ପାଟିତୁଣ୍ଡ ଲାଗି ରହିଥିଲା। ନୂଆଁଖାଇରେ ଆରତି ବାପ ଘରକୁ ଯିବା ପାଇଁ ଜିଦ ଧରିଥିଲେ । ହେଲେ ଶ୍ୱଶୁର ଘର ଲୋକେ ବାରଣ କରିବାରୁ ରାଗିଯାଇ ସେ ଘରେ ଥିବା ଘାସମରା ବିଷ ପିଇ ଦେଇଥିଲେ। ତାଙ୍କୁ ପ୍ରଥମେ ସୁନ୍ଦରଗଡ ଓ ପରେ ବୁର୍ଲା ନେଇ ଚିକିତ୍ସା କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଏ ନେଇ ଗୋବିନ୍ଦପୁର ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

### ମୁଦିପଡା ନବରାତ୍ର ଦୁର୍ଗା ପ୍ରସ୍ତୁତି ବୈଠକ

ସମ୍ବଲପୁର,୧୫।୯(ବ୍ୟୁରୋ)
ମୁଦିପଡା ଶାରଦୀୟ ନବରାତ୍ର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଶନିବାର ରାତିରେ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତବର୍ଷ କର୍ମକର୍ତ୍ତା ଗଠନ କରାଯାଇଛି । ସେହିପରି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା । ନୀଳମଣି ପ୍ରଧାନ ସଭାପତି, ଆନନ୍ଦ ଜେନା ମୁଖ୍ୟ ଉପଦେଷ୍ଟା, ନବକିଶୋର ଦାସ ପୃଷ୍ଠପୋଷକ ଏବଂ ଲକ୍ଷ୍ମୀନାରାୟଣ ପଣ୍ଡା, ପ୍ରଦୀପ ପ୍ରଧାନ ଓ ଲକ୍ଷ୍ମୀନାରାୟଣ ପଟେଲ ଉପସଭାପତି ଭାବେ ରହିଛନ୍ତି । ସେହିପରି ବିଚିତ୍ର ସାହୁ ସାଧାରଣସମ୍ପାଦକ, ରୋହିତ ଗହୀର, ଡିଲେଶ୍ୱର ପାଣ୍ଡେ, ଭବାନୀଶଙ୍କର ପଣ୍ଡା , ଅତିକେଶ ଜେନା, ସୁରଜ ଭିତିରିଆ ସମ୍ପାଦକ, ଶ୍ରୀବତ୍ସ ଜେନା କୋଷାଧ୍ୟକ୍ଷ, ଫକୀର ପଟେଲ ସହ କୋଷାଧ୍ୟକ୍ଷ, ଦେବେନ୍ଦ୍ର ଭିତିରିଆ ଓ ଲକ୍ଷ୍ମୀଦତ୍ତ ତରିଆ ଆଖଡା କମିଟି, ସନ୍ତୋଷ କାଣ୍ଡ ଓ ଅଶିକେଶ ଜେନା ଭସାଣି କମିଟି ଭାବେ ମନୋନୀତ ହୋଇଛନ୍ତି। ଚୈତନ୍ୟ କର, ଦିଲୀପ ତ୍ରିପାଠୀ ଓ ଅଖିକେଶ ଜେନା ରାବଣପୋଡି କମିଟି ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। ପ୍ରସ୍ତୁତି ବୈଠକରେ ନୃସିଂହଦାସ, ଡା. ଅଶ୍ୱିନୀ ନାୟକ, ଅକ୍ଷୟ ପ୍ରଧାନ, ପ୍ରମୋଦ କର, ପ୍ରକାଶ ପ୍ରଧାନ, ଜିତୁ ପାତ୍ର, ନଳିନୀ ପ୍ରଧାନ, ଅବିନାଶ ଜେନା, ନିରୁପମା ନାୟକ, କିରଣବାଳା ଜେନା ଓ ଶୈଳବାଳା ସେନ ଭାଗ ନେଇଥିଲେ। ଏତଦ୍‌ବ୍ୟତୀତ ପଦ୍ମକେଶରୀ ଯୁବକ ସଂଘ କର୍ମକର୍ତ୍ତା ସଭ୍ୟମାନେ ସାମିଲ ଥିଲେ।

## ସୂଚନା ଅଧିକାର କର୍ମୀ ପର୍ଶୁରାମ ପ୍ରଧାନ ହତ୍ୟା ଘଟଣା

# କ୍ରାଇମବ୍ରାଞ୍ଚ ତଦନ୍ତ ଦାବିରେ ଗର୍ଜିଲା ଭାଜପା

ନାକଟୀଦେଉଳ, ୧୫।୯(ଡି.ଏନ.ଏ.)



ଶନିବାର ଭାଜପା ପକ୍ଷରୁ ସାଲେଭଟାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ନାକଟୀଦେଉଳ ବ୍ଲକ ଅନ୍ତର୍ଗତ ସାଲେଭଟା ଗ୍ରାମର ପୂର୍ବତନ ସରପଞ୍ଚ ତଥା ସୂଚନା ଅଧିକାର କର୍ମୀ ପର୍ଶୁରାମ ପ୍ରଧାନଙ୍କ ହତ୍ୟା ଘଟଣାରେ ଏ ଯାଏ କେହି ଗିରଫ ହେଲେନି। ମୁଖ୍ୟ ଷଡଯନ୍ତ୍ରକାରୀ ସାଲେଭଟା ସେବା ସମବାୟ ସମିତିର ନିଲମ୍ବିତ ସମ୍ପାଦକ ଦଶରଥ ଧଳ ଏବଂ ଅନ୍ୟ ଫେରାର ୫ଜଣ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯାଉ। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଉ। ଏହି ଦାବିରେ ଶନିବାର ଭାଜପା ପକ୍ଷରୁ ସାଲେଭଟାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥି ସହିତ ଦଳୀୟ କର୍ମୀମାନେ ସେବା ସମବାୟ ସମିତିରେ ତାଲା ମଧ୍ୟ ପକାଇଛନ୍ତି । ଶନିବାର ଭାଜପା ନେତା ସୁରେଶ ପୂଜାରୀଙ୍କ ନେତୃତ୍ୱରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ସାଲେଭଟା ହାଇସ୍କୁଲ ପଡିଆରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶ କରିଥିଲେ । ଭାଜପା କିସିଣ୍ଡା ମଣ୍ଡଳ ସଭାପତି ନେତ୍ରାନନ୍ଦ ରାଉଳଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା । ଏଥିରେ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଗଡତ୍ୟା, ପ୍ରମୋଦ ସାହୁ, ସୁରେଶ କିସାନ, ହରିହର ପ୍ରଧାନ, ଦିବାକର ପ୍ରଧାନ ପ୍ରମୁଖ ଯୋଗ ଦେଇ କହିଥିଲେ ଯେ, ସାଲେଭଟା ସମବାୟ ସମିତିରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ସୂଚନା ଆଇନ ବଳରେ ତଥ୍ୟ ମାଗି ଏହାର ପର୍ଦ୍ଦାଫାସ କରିବାରୁ ପର୍ଶୁରାମଙ୍କୁ ହତ୍ୟା କରାଗଲା । ତେଣୁ ଏହାର କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଉ ବୋଲି ସେମାନେ ଦାବି କରିଥିଲେ। ଅପରପକ୍ଷରେ ସାଲେଭଟା ସେବା ସମବାୟ ସମିତିର ସମ୍ପାଦକ ଦଶରଥ ଧଳଙ୍କ ଦ୍ୱାରା ଚାଷୀମାନଙ୍କୁ ଋଣ ଦେବା ନାମରେ କୋଟି କୋଟି ଟଙ୍କା ହେରଫେର ହୋଇଛି । ଏ ନେଇ ପର୍ଶୁରାମ ଆରଟିଆଇରେ ତଥ୍ୟ ମାଗି ଦୁର୍ନୀତିର ପର୍ଦ୍ଦାଫାସ କରିଥିଲେ। ଏଥିରେ ରାଗ ରଖି ଦଶରଥ ଧଳ ଏବଂ ତାଙ୍କ ସହଯୋଗୀମାନେ ଗତ ୨୭ ତାରିଖରେ ପର୍ଶୁରାମଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଘଟଣାର ଏତେଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ଏହି ଘଟଣାରେ ମାତ୍ର ୨ ଜଣଙ୍କୁ ଗିରଫ କରି ଚୁପ୍ ବସିଛି ବୋଲି ଏମାନେ ଅଭିଯୋଗ କରିଥିଲେ। ସ୍ୱଚ୍ଛତାର ଦ୍ୱାହି ଦେଉଥିବା ରାଜ୍ୟ ସରକାର ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରିବା ସହ ସଂପୃକ୍ତ ସମସ୍ତ ଅଭିଯୁକ୍ତ ଏବଂ ହତ୍ୟା ଘଟଣାର ପ୍ରଚ୍ଛଦପଟର ନାୟକମାନଙ୍କୁ ଶୀଘ୍ର ଗିରଫ କରନ୍ତୁ । ଏଥିସହିତ ସମବାୟ ସମିତିର ଦୁର୍ନୀତି ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଅର୍ଥ ଫେରସ୍ତ କରାଯିବାକୁ ମଧ୍ୟ ଏମାନେ ଦାବି କରିଥିଲେ। ପରେ ସମବାୟ କାର୍ଯ୍ୟାଳୟରେ ତାଲା ପକାଯାଇଥିଲା । ସେଠାରୁ ଦଳୀୟ ନେତା ଓ କର୍ମୀମାନେ ନାକଟୀଦେଉଳ ଥାନାକୁ ଏକ ବାଇକ ଶୋଭାଯାତ୍ରାରେ ଆସିଥିଲେ। ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ ଓ ଆଇଆଇସି ବିନୋଦ ଲାକ୍ରାଙ୍କ ସହିତ ଆଲୋଚନା କରାଯାଇଥିଲା। ପର୍ଶୁରାମ ପ୍ରଧାନଙ୍କ ହତ୍ୟା ମାମଲାରେ ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ କ'ଣ ପାଇଁ ଗିରଫ କରାଯାଉନାହିଁ ବୋଲି ପ୍ରଶ୍ନ କରିଥିଲେ। ଶୀଘ୍ର ଗିରଫ ନ କଲେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ଚେତାବନୀ ଦେଇଥିଲେ। ନାକଟିଦେଉଳ ମଣ୍ଡଳ ସଭାପତି ସୁଜିତ ପ୍ରଧାନ, ହରିହର ସାହୁ, କୁମାରେଶ ସ୍ୱାଇଁ, ଦିଲୀପ ସାହୁ, ଭାଜପା ନେତା ଦେବେନ୍ଦ୍ର ମହାପାତ୍ର, ଗୋବିନ୍ଦ ଅଗ୍ରୱାଲ, ରେଢାଖୋଲ ନଗର ସଭାପତି ଶିବ ରାମ ସାହୁ, ଯଜ୍ଞେଶ୍ୱର ସାହୁଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ।

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ, ୨ ଗୁରୁତର

ଜମନକିରା,୧୫।୯(ଡି.ଏନ୍.ଏ)
ସମ୍ବଲପୁର ଜିଲା ଜମନକିରା ଥାନା ଅଧୀନ ସାଲେଭାଡି ଛକରେ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଛି। ବାଇକ୍‌ରେ ଯାଉଥିବା ୩ ଜଣ ଯୁବକଙ୍କୁ ଏକ ଟ୍ରକ୍ ଦେଇ ଖସି ପଳାଇଥିଲା। ଏଥିରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ଚିକିଲିପଡ଼ା ଗାଁର ବାପି ଭୋଇ (୩୦)। ବାପିଙ୍କ ସହ ବାଇକ୍‌ରେ ବସିଥିବା ଚିତ୍ତରଞ୍ଜନ ଭୋଇ (୨୮) ଓ ସରୋଜ ଭୋଇ (୩୫) ଗୁରୁତର ହୋଇଛନ୍ତି। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଚିତ୍ତ ଓ ସରୋଜଙ୍କୁ ପ୍ରଥମେ ଜମନକିରାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଜମନକିରା ଥାନାରେ ଏକ ମାମଲା (ନଂ.୧୨୭/୧୮)ରୁଜୁ ହୋଇଛି।

ବାପି, ଚିତ୍ତ ଓ ସରୋଜ ଏକ ବାଇକରେ ଜମନକିରା ଅର୍ଜ୍ଜୁନପାଲି ଢାବାରୁ ଖାଇପିଇ ନିଜ ଗାଁ ଚିକିଲିପଡ଼ାକୁ ଫେରୁଥିଲେ। ହେଲେ ସାଲେଭାଡି ଛକରେ ସେମାନଙ୍କ ବାଇକକୁ ପଛପଟୁ ଏକ ଟ୍ରକ୍ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣା ସ୍ଥଳରେ ବାପିଙ୍କ ଉପରେ ଗାଡ଼ି ଚଢ଼ିଯାଇଥିଲା। ଏହି ଘଟଣା ପରେ ସେହି ବାଟେ ଯାଉଥିବା କିଛି ଯୁବକ ଟ୍ରକ୍‌ର ପିଛା କରିଥିଲେ ବି ଧରିବାରେ ବିଫଳ ହୋଇଥିଲେ।

## ରେଳମଣ୍ଡଳରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ସମ୍ବଲପୁର,୧୫।୯(ବ୍ୟୁରୋ)
ସମ୍ବଲପୁର ରେଳ ମଣ୍ଡଳରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଶନିବାର ଆରମ୍ଭ ହୋଇଛି । ଏହି ସ୍ୱଚ୍ଛତା ପକ୍ଷ ଅକ୍ଟୋବର ୨ ତାରିଖ ଉଦ୍‌ଯାପିତ ହେବ । ତେଣୁ ରେଳମଣ୍ଡଳ ପକ୍ଷରୁ ସଚେତନତା, ଖବର ପରିବେଷଣ, ରେଳ ଷ୍ଟେଶନ ଓ ରେଳଗାଡି, ଆହାର, ନୀର, ପ୍ରସାଧନ ସ୍ୱଚ୍ଛତାକୁ ନେଇ ବିବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମଣ୍ଡଳ ରେଳପ୍ରବନ୍ଧକ ଜୟଦୀପ ଗୁପ୍ତାଙ୍କ ନେତୃତ୍ୱରେ ପ୍ରଭାତ ଫେରି ହୋଇଥିଲା। ଏହାପରେ ପ୍ରବନ୍ଧକଙ୍କ ଅଫିସରେ ରେଳ ଅଧିକାରୀ, କର୍ମଚାରୀ, ଏନସିସି କ୍ୟାଡେଟ, ସ୍କାଉଟ ଓ ଗାଇଡମାନେ ଶପଥ ପାଠ କରିଥିଲେ। ସେହିପରି ସୋସିଆଲ ଷ୍ଟାର କ୍ଲବ, ଗୁଜରାଟୀ କ୍ଷତ୍ରିୟ ସମାଜ ସଫେଇ କାର୍ଯ୍ୟକ୍ରମରେ ସାମିଲ ଥିଲେ। ରେଳବାଇ ଷ୍ଟାଡିୟମ, ମଣ୍ଡଳ ରେଳ ଅଫିସ, ହେରିଟେଜ ଗାର୍ଡେନ ପ୍ରଭୃତି ସଫା କରାଯାଇଥିଲା ।


ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ରେଳ ଷ୍ଟାଡିୟମରେ ଘାସ କାଟୁଛନ୍ତି ।

## ଦଶରଥ ଭୋଇଙ୍କ ଶେଷକୃତ୍ୟ ସମ୍ପନ୍ନ

ନାକଟୀଦେଉଳ, ୧୫।୯(ଡି.ଏନ.ଏ.)
ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ମୃଷାକାନୀ ଗାଁର ଯବାନ ଦଶରଥ ଭୋଇଙ୍କ ମୃତଦେହ ଶନିବାର ଗାଁରେ ପହଞ୍ଚିଛି। ଏହାପରେ ଗାଁ ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନଭାଇ ତପନ କୁମାର ଭୋଇ ମୁଖାଗ୍ନି ଦେଇଥିଲେ। ସମ୍ବଲପୁର ସେନା କାର୍ଯ୍ୟାଳୟର ୨ଜଣ ଅଧିକାରୀ ଉପସ୍ଥିତ ରହି ଶେଷ ସମ୍ମାନ ଜଣାଇଥିଲେ। ଦଶରଥଙ୍କ ପାର୍ଥିବ ଶରୀର ଉପରେ ବିଛା ଯାଇଥିବା ଜାତୀୟ ପତାକାକୁ ତାଙ୍କ ସ୍ତ୍ରୀ ଦୀପ୍ତିମୟୀଙ୍କୁ ଏହି ସେନା ଅଧିକାରୀ ହସ୍ତାନ୍ତର କରିଥିଲେ। ନାକଟିଦେଉଳ ସରପଞ୍ଚ ଶଙ୍କର୍ଷଣ ବିଶି, ସାହେବୀ ସରପଞ୍ଚ ଯଶୋବନ୍ତୀ ମାଝି, ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ ପ୍ରମୁଖ ଶେଷ ଦର୍ଶନ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସେହିଭଳି ରେଢାଖୋଲ ବିଧାୟକ ରୋହିତ ପୂଜାରୀ ମଧ୍ୟ ଗଭୀର ଦୁଃଖ ପ୍ରକାଶ କର ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ଦଶରଥଙ୍କ ଅକାଳ ବିୟୋଗରେ ଗାଁରେ ମଧ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।
ଆସାମ ରାଇଫଲ୍ସରେ ନିଯୁକ୍ତ ଦଶରଥ ମଣିପୁରରେ କାର୍ଯ୍ୟରତ ଥଲେ। ଗତ ୬ ମାସ ପୂର୍ବରୁ ତାଙ୍କ ମସ୍ତିଷ୍କ ଅପରେସନ କରାଯାଇଥିଲା। ପରେ ସେ ଅସୁସ୍ଥ ହୋଇ ପଡିଥିଲେ। ଗତ ୪ମାସ ହେବ କଲିକତା ଆର୍ମି ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ହେଲେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନାଯୋଗ୍ୟ, ନିକଟରେ ରେଢାଖୋଲ ଉପଖଣ୍ଡ ଧଉରାଖମନ ଗାଁର ଚମ୍ପେଶ୍ୱର ମହାକୁଡ ଶହୀଦ ହୋଇଛନ୍ତି।



ଯବାନ ଦଶରଥ ଭୋଇଙ୍କ ପାର୍ଥିବ ଶରୀର ନିକଟରେ ସ୍ତ୍ରୀ ଦୀପ୍ତିମୟୀ ଓ ଅନ୍ୟମାନେ।

### ଓକିଲ ନିଖୋଜ, ଥାନାରେ ଅଭିଯୋଗ

ସମ୍ବଲପୁର,୧୫।୯(ବ୍ୟୁରୋ)
ସମ୍ବଲପୁର ଟାଉନ ଥାନା ଅଧୀନ ଦ୍ୱିତୀୟ ମହାନଦୀ ସେତୁ ଉପରୁ ଜଣେ ଓକିଲ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ବରଗଡର ମୁରଲୀ ସାଏ କ୍ରିଷ୍ଣା (୪୬)। ବରଗଡର ଓକିଲ ପ୍ରତିନିଧି ଦଳ ଆସି ଟାଉନ ଥାନାରେ ଏହି ଅଭିଯୋଗ କରିଛନ୍ତି। ଶନିବାର ଅପରାହ୍ନରେ ସେ ମହାନଦୀକୁ ଡେଇଁ ଭାସିଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ଏ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ସମ୍ବଲପୁର ଅଗ୍ନିଶମ ବିଭାଗ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲା।

## ନୂଆଁଖାଇ ଭେଟଘାଟ, ଜମିଲା ନାଚଗୀତର ଆସର

ରେଙ୍ଗାଲି, ୧୫।୯(ଡି.ଏନ.ଏ.)
ସାଲଡ ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ସମଲେଇ ମନ୍ଦିରରୁ ଏକ ମଶାଲ ଯାତ୍ରା ଗ୍ରାମ ପରିକ୍ରମା କରିଥିଲା । ନୂଆଁଖାଇ ଭେଟଘାଟ କମିଟିର ସଭାପତି ଅନ୍ତର୍ଯ୍ୟାମୀ ପାଣିଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଗବତ ପ୍ରସାଦ ନନ୍ଦ, ସମ୍ବଲପୁର ଲେଖକ ପରିଷଦର ସଭାପତି ଶୀତିକଣ୍ଠ ପ୍ରଧାନ, ଦେବାର୍ଚ୍ଚନ ଠାକୁର ଓ ହାସ୍ୟ କବି ଗୁଣରଞ୍ଜନ ସାଲିମା ଯୋଗ ଦେଇଥିଲେ। ଏହି ଅବସରରେ ହାସ୍ୟ କବି ଗୁଣ ରଞ୍ଜନ ସାଲିମାଙ୍କୁ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ରମାକାନ୍ତ ବିଶ୍ୱାଳ ସଂଯୋଜନା କରିଥିବାବେଳେ କମିଟିର ସମ୍ପାଦକ ବିରଞ୍ଚି ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଶ୍ୱ କେଶନ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବାବେଳେ ଗ୍ରାମର ବରିଷ୍ଠ ନାଗରିକ ଭିକାରି ଚରଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।
ମାନେଶ୍ୱର,୧୫।୯(ଡି.ଏନ.ଏ.)- ଝୁଝୁମୁରା ବ୍ଲକ କେଶାପାଲିରେ ନୂଆଖାଇ ଭେଟ୍ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ପଣ୍ଡା ଓ ଶରତ କୁମାର ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇ ନୂଆଁଖାଇର ମହତ୍ତ୍ୱ ଓ ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ଦେଇଥିଲେ। ପରେ ଗ୍ରାମର କୁନି କୁନି ପିଲା ଓ ଯୁବକମାନେ ସମ୍ବଲପୁରୀ ନୃତ୍ୟ, ଗୀତ ପରିବେଷଣ କରିଥିଲେ। ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଉପସ୍ଥିତ ଦର୍ଶକ ଝୁମି ଉଠିଥିଲେ । ଗିରି ଗୋବର୍ଦ୍ଧନ ଯୁବକ ସଂଘ ସଦସ୍ୟ ପ୍ରଗତି ପଣ୍ଡା ଓ ପୂଜା ନାୟକ ମଞ୍ଚ ପରିଚାଳନା କରିଥିଲେ। ଓମ୍ ପ୍ରକାଶ ସାହୁ, ଦୀପକ ବିଶ୍ୱାଳ, ରଞ୍ଜିତ ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ଖିଣ୍ଡା ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ଉଦ୍‌ଯାପିତ

ରେଙ୍ଗାଲି, ୧୫।୯(ଡି.ଏନ.ଏ.)
ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡାସ୍ଥିତ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ପରିଷ୍କାର ପରିଚ୍ଛନ୍ନତା ସମ୍ପର୍କରେ ସଚେତନ କରିବା ପାଇଁ ଆୟୋଜିତ ସ୍ୱଚ୍ଛତାପକ୍ଷ ଉଦ୍‌ଯାପିତ ହୋଇଛି। ଶନିବାର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଖିଣ୍ଡା ସମିତି ସଭ୍ୟ କମଳିନୀ ଭୁଏ, ପୁରାତନ ଛାତ୍ର ସଂସଦ ସଭାପତି ପ୍ରଣୟ କୁମାର ଶତପଥୀ ଅତିଥି ଭାବରେ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାରେ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡାଶିକ୍ଷକ ପ୍ରଫୁଲ୍ଲ କୁମାର ଗହୀର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଗୌରୀ ଦାସ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ମାଳରେ କଂଗ୍ରେସର ସାଙ୍ଗଠନିକ ବୈଠକ

ରେଢ଼ାଖୋଲ,୧୫।୯(ଡି.ଏନ.ଏ.)
ରେଢ଼ାଖୋଲ ବ୍ଲକର ବଡମାଳଠାରେ କଂଗ୍ରେସ ଦଳର ଏକ ସାଙ୍ଗଠନିକ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ବରିଷ୍ଠ କଂଗ୍ରେସ ନେତା ରମେଶ ମାଝି ଏଥିରେ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ଆସଫ ଅଲ୍ଲିଖାଁ, ଜିଲା କଂଗ୍ରେସ ସମ୍ପାଦିକା ସୁରଞ୍ଜିନୀ ବାରିକ, ଝୁଝୁମୁରା ବ୍ଲକ ଜୋନ (୨) ସଭାପତି ସୁରେଶ ପ୍ରଧାନ, ରେଢ଼ାଖୋଲ ଜୋନ (୧) ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ପ୍ରମୁଖ ଯୋଗ ଦେଇ ଥିଲେ। ବୁଥ୍ କମିଟି ଗଠନ କରିବା ସହ ୩ଟି ପଞ୍ଚାୟତର ସଭାପତି ଚୟନ କରାଯାଇଥିଲା। ବଡମାଳ ପଞ୍ଚାୟତର ସଭାପତି ଭାବେ ବିଜୟ କୁମାର ଦେହୁରୀ, ଭାଲିଆକଟାର ସଭାପତି ଭାବେ ଶେଷଦେବ ପ୍ରଧାନ, ରେଙ୍ଗାଳିର ଜ୍ଞାନେନ୍ଦ୍ର ଜେନାଙ୍କୁ ସଭାପତି ଭାବେ ଚୟନ କରାଯାଇଥିଲା। ମୋଚିବାହାଲଠାରୁ ବଡମାଳ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇଥିବା ଯୋଗୁ ସରକାରୀ କଳକୁ ଦାୟୀ କରାଯାଇଛି। ବଡମାଳ, ରେଙ୍ଗାଳି ଭାଲିଆକଟା, ମୋଚିବାହାଳ ଓ ଗରଗଡବାହାଳ ପଞ୍ଚାୟତ ଅଞ୍ଚଳରେ ହାତୀ ଉପଦ୍ରବର ସ୍ଥାୟୀ ପ୍ରତିକାର ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନ ଗଲେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଆସଫ ଅଲ୍ଲିଖାଁ କହିଥିଲେ। ବୈଠକରେ ୩ଟି ପଞ୍ଚାୟତରୁ ୫ଶହରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ୬୦ଜଣ ଦଳରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ ଭାଘ, ଅମରେଶ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



ରେଢ଼ାଖୋଲ ବ୍ଲକର ବଡମାଳଠାରେ କଂଗ୍ରେସର ସାଙ୍ଗଠନିକ ବୈଠକରେ ଏକାଠି ହୋଇଥିବା ନେତା ଓ କର୍ମୀ।

## ଓଡ଼ିଶା ଦଳର କେରଳ ଅଭିମୁଖେ ଯାତ୍ରା

### ୧୯ରୁ ସର୍ବଭାରତୀୟ ସୁଇମିଂ ଚାମ୍ପିୟନଶିପ

ସମ୍ବଲପୁର,୧୫।୯(ବ୍ୟୁରୋ)
ସର୍ବଭାରତୀୟ ସୁଇମିଂ ଚାମ୍ପିୟନଶିପ -୨୦୧୮ ଚଳିତ ମାସ ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ କେରଳ ରାଜ୍ୟର ଥିରୁଭାନନ୍ତପୁରମଠାରେ ହେବ। ଏଥିରେ ଯୋଗ ଦେବାକୁ ଶନିବାର ରାତିରେ ଓଡିଶା ସୁଇମିଂ ଦଳ କେରଳ ଯାତ୍ରା କରିଛି। ଦେବଗଡର ତୁଳସୀ କିସାନ, ସମ୍ବଲପୁରର ବିକାଶ ହରିପାଲ, ଭୁବନେଶ୍ୱରର ଯଦୁ ବୁଡେକ ଓ ସୋନିଆ ପଟେଲ ଏଥିରେ ସାମିଲ ଅଛନ୍ତି । ଜୟକୃଷ୍ଣ ପଟେଲ ମ୍ୟାନେଜର ରହିଛନ୍ତି। ସେହିପରି ଭୁବନେଶ୍ୱରର ପ୍ରତ୍ୟାଶ୍ୟା ରାୟ, କୋଚ ସୁରେନ୍ଦ୍ର ନାଏକଙ୍କ ସହ ଭୁବନେଶ୍ୱରରୁ କେରଳ ଯାଇଛନ୍ତି । ଏ ନେଇ ସମ୍ବଲପୁର ଡା. ଝସକେତନ ସାହୁ ସୁଇମିଂପୁଲଠାରେ ଓଡିଶା ରାଜ୍ୟ ସନ୍ତରଣସଂଘ କାର୍ଯ୍ୟକାରୀ ସଭାପତି ପ୍ରଦୀପ ପାଢୀ, ଓଡିଶା ମାଷ୍ଟର୍ସ ସୁଇମର୍ସ କ୍ଲବ କାର୍ଯ୍ୟକାରୀ ସମ୍ପାଦକ ସୁନ୍ଦରମଣି ବାରିକ, ପ୍ରେମ ରଞ୍ଜନ ପ୍ରଧାନ, ସନ୍ତରଣ କୋଚ ଆଶୁତୋଷ ନାୟକ, ଈଶ୍ୱର ପ୍ରସାଦ ବାରିକ, ଚିନ୍ତନ ନାୟକ ଉପସ୍ଥିତ ରହି କ୍ରୀଡାବିତମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।


ଶନିବାର ସମ୍ବଲପୁର ଡା. ଝସକେତନ ସାହୁ ସୁଇମିଂ ପୁଲଠାରେ କେରଳ ଯାତ୍ରା ପୂର୍ବରୁ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ସହ ।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ

### ହୀରାକୁଦ ଡ୍ୟାମ୍‌ର ସବୁ ଗେଟ୍ ବନ୍ଦ

ସମ୍ବଲପୁର, ୧୫।୯(ବ୍ୟୁରୋ) ହୀରାକୁଦ ଉପରମୁଣ୍ଡରୁ ଜଳ ପ୍ରବାହ ହ୍ରାସ ପାଇଛି । ଶନିବାର ରାତି ୯ଟା ସୁଦ୍ଧା ହୀରାକୁଦ ଜଳସ୍ତର ୬୨୫.୩୫ଫୁଟ ରହିଛି। ଏହାକୁ ଦୃଷ୍ଟିରେ ରଖି ଡ୍ୟାମ କର୍ତ୍ତୃପକ୍ଷ ସମସ୍ତ ସ୍ଲୁଇସ ଗେଟ୍‌କୁ ବନ୍ଦ କରିଛନ୍ତି । ଡ୍ୟାମକୁ ପ୍ରତି ସେକେଣ୍ଡରେ ୨୭,୯୯୦ କ୍ୟୁସେକ ଜଳ ପ୍ରବେଶ କରୁଛି। ବରଗଡ, ଶାସନ କେନାଲ, ପାୱାର ଚ୍ୟାନେଲ ଓ ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ ମାଧ୍ୟମରେ ୧୫,୨୮୧ କ୍ୟୁସେକ ଜଳ ପ୍ରତି ସେକେଣ୍ଡରେ ନିଷ୍କାସନ କରାଯାଉଛି ।

### ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ସ୍ଥଳ ସଫେଇ

ସମ୍ବଲପୁର,୧୫।୯(ବ୍ୟୁରୋ) ଜେଲ ଛକସ୍ଥିତ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଅଞ୍ଚଳକୁ ଶନିବାର ଜିଲା ଭାଜପା ପକ୍ଷରୁ ସଫେଇ କରାଯାଇଛି। ପ୍ରଥମେ ନେତା ଓ କର୍ମୀମାନେ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହା ପରେ ଅଞ୍ଚଳ ସଫେଇ କରାଯାଇଥିଲା। ଏଥିରେ ସହରର ବିଭିନ୍ନ ଅଞ୍ଚଳରୁ ଭାଜପା କର୍ମୀ ଓ ନେତାମାନେ ସାମିଲ ହୋଇଥିଲେ।

### କାକୀଙ୍କୁ ବଳାତ୍କାର ଉଦ୍ୟମ କରି ପୁତୁରା ଗିରଫ

ରେଙ୍ଗାଲି,୧୫।୯(ଡି.ଏନ.ଏ.)- ସମ୍ବଲପୁର ଜିଲା କତରବଗା ଥାନା ଅନ୍ତର୍ଗତ କଦଳୀପିଠା ଗ୍ରାମରେ ଜଣେ ଯୁବକ ନିଜର ସମ୍ପର୍କୀୟ କାକିଙ୍କୁ ବଳାତ୍କାର ଉଦ୍ୟମ କରି ଗିରଫ ହୋଇଛନ୍ତି। ସେ ହେଲେ ଡାକ୍ତର ଖଡିଆ(୨୪)। ମହିଳା ଜଣକ ନାଳାକୁ ଗାଧୋଇବା ପାଇଁ ଯାଇଥିବାବେଳେ ଅଭିଯୁକ୍ତ ତାଙ୍କୁ ଏକୁଟିଆ ପାଇ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣକ କତରବଗା ଥାନାରେ ଏ ନେଇ ଲିଖିତ ଅଭିଯୋଗ କଲା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଛି। ରବିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ।

### ୨ ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

କାକିନାଡା,୧୫।୯(ପି.ଟି.)- ଓଡିଶାର ୨ଜଣ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ୨୦୦୮ରେ ଏକ ପୋଲିସ୍ ଭ୍ୟାନ୍ ବିସ୍ଫୋରଣରେ ଜଡିତ ଥିଲେ। ଏହି ଘଟଣାରେ ୨୧ଜଣ ପୋଲିସ ପ୍ରାଣ ହରାଇଥିଲେ। ଆତ୍ମସମର୍ପଣ କରିଥିବା ଦୁଇ ମହିଳା ମାଓବାଦୀ ହେଉଛନ୍ତି ମାଡି ଶାନ୍ତି (୨୫) ଏବଂ ଚୋଡେ ଲାଖେ (୩୦)। ସେମାନେ ପୋଲିସ ଏନକାଉଣ୍ଟର ଭୟରେ ଆତ୍ମସମର୍ପଣ କରିଥିବା ପୂର୍ବ ଗୋଦାବରୀ ଜିଲା ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ବିଶାଲ ଗୁନି ପ୍ରକାଶ କରିଛନ୍ତି। ଶାନ୍ତି ୭ଟି ବଡ ଧରଣର ଆକ୍ରମଣରେ ଜଡିତ ରହିଥିଲା। ତନ୍ମଧ୍ୟରୁ ୨୦୦୮ ବିସ୍ଫୋରଣ ଥିଲା ଅତ୍ୟନ୍ତ ଭୟାବହ। ଟେଲାରାଇ ଗାଁ ନିକଟରେ ଘଟିଥିବା ଏହି ବିସ୍ଫୋରଣରେ ୨୧ଜଣ ଏସ୍‌ଓଜି କମାଣ୍ଡୋ ନିହତ ହୋଇଥିଲେ। ସେ ମଧ ପୋଲିସ ଇନ୍‌ଫର୍ମର ସନ୍ଦେହରେ ୨ ଜଣଙ୍କୁ ହତ୍ୟା କରିଥିଲେ। ବର୍ତ୍ତମାନ ସେ ମାଓ ଆନ୍ଦୋଳନ ଛାଡିଦେଇ ୨୦୧୬ରୁ ନିଜ ଗାଁରେ ରହି ଆସୁଛନ୍ତି। ଲାଖେ ମଧ ୨ଜଣଙ୍କୁ ହତ୍ୟା କରିଥିଲେ। ସେ ୨୦୧୫ ଠାରୁ ଏରିଆ କମିଟି ଛାଡି ଦେଇଛନ୍ତି।



ଗଣେଶ ପୂଜା କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଉଛି।



ୱାଟର ବୋଟିଂ ଖେଳରେ ଶିଶୁମାନେ ମଜା ନେଉଛନ୍ତି।

# ଦେବଗଡ଼ ଗଣେଶ ମେଳାର ତୃତୀୟ ଦିନ

- ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ
- ଭଜନ ସନ୍ଧ୍ୟା, ଫ୍ରି ଶୋ ଅପେରା, ସମ୍ବଲପୁରୀ ମେଲୋଡିର ମଜା ଉଠାଇଲେ ଲୋକେ
- ଶିଶୁଙ୍କ ମନ ଛୁଉଁଛି ୱାଟର୍ ବୋଟିଂ ଖେଳ

ଦେବଗଡ଼,୧୫।୯(ସ୍ୱ.ପ୍ର)

ଦେବଗଡ଼ ଗଣେଶପୂଜା ଉତ୍ସବର ଶନିବାର ତୃତୀୟ ଦିନରେ ଗୁଳୁଗୁଳି ତଥା ମେଘୁଆ ପାଗ ସତ୍ତ୍ୱେ ପାଖାପାଖି ୩୦ ହଜାର ଭକ୍ତଙ୍କ ସମାଗମ ହୋଇଥିବା ଜଣାପଡିଛି। ସଭାଗୋଲି ପରିସରରେ ଅସ୍ଥାୟୀ ଭାବେ ନିର୍ମିତ ୱାଟର ବୋଟିଂ ଖେଳକୁ ଶିଶୁମାନେ ମନଭରି ଉପଭୋଗ କରିଥିବା ଦେଖିବାକୁ ମିଳିଥିଲା। ସଭାପତି ଧର୍ମେନ୍ଦ୍ର ଦେବତା, ସମ୍ପାଦକ ଶଶାଙ୍କ ଶେଖର ଝାଙ୍କରଙ୍କ ତତ୍ତ୍ୱାବଧାନରେ କମିଟି ପକ୍ଷରୁ ଶନିବାର ସନ୍ଧ୍ୟାରେ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। ଦେବଗଡ଼ ପୌରାଧ୍ୟକ୍ଷା ଅନୀତା ପାତ୍ର ସନ୍ଧ୍ୟା ଆଳତି କରିବା ପରେ ଅନ୍ନ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେହିପରି ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ଆୟୋଜିତ ସ୍ଥାନୀୟ ଗୋପବନ୍ଧୁ ଛକରେ ଅସ୍ଥାୟୀ ସାଂସ୍କୃତିକ ମଣ୍ଡପରେ ସମ୍ବଲପୁରରୁ ଆସିଥିବା କିଶୋର ବାଗ ଏବଂ ତାଙ୍କ ସାଥୀ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ମେଲୋଡି କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ଭୁବନେଶ୍ୱରରୁ ଆସିଥିବା କାଳକାରଙ୍କ ଦ୍ୱାର ଭଜନ ସନ୍ଧ୍ୟା ପରିବେଷଣ ହୋଇଥିଲା। ପରେ ନୃତ୍ୟ ପ୍ରତିଯୋଗିତା, ପାଲା ସାଙ୍ଗକୁ ଗୋପାଳଜୀ ମନ୍ଦିରରେ ଫ୍ରୀ ଶୋ ଅପେରା ସହ ବିଭିନ୍ନ ସ୍ଥାନରେ ପଡିଥିବା ଡ୍ରାଗନ ଟ୍ରେନ୍, ବ୍ରେକଡ୍ୟାନ୍ସ, ରାମଦୋଳି ଏବଂ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଦୋଳି ଖେଳ ଦର୍ଶକଙ୍କୁ ବେଶ୍ ଆମୋଦିତ କରିଥିଲା। ସେହିପରି ପୁରୁଣା ଅଗ୍ନିଶମ କାର୍ଯ୍ୟାଳୟ ତଥା ରାଜବାଟି ପଡ଼ିଆରେ ତ୍ରିନାଥ ଅପେରା ଦେଖିବା ପାଇଁ ଲୋକଙ୍କ ପ୍ରବଳ ଭିଡ ହୋଇଥିଲା। ସ୍ଥାନୀୟ ସଭାଗୋଲିଠାରେ ପଡିଥିବା ସୁପର ମାର୍କେଟ, ରାଜ ପ୍ରସାଦ ପରିସରର ସମେତ ସରକାରୀ ବସ୍‌ଷ୍ଟାଣ୍ଡ ଓ ଗୋହିରୀ ବନ୍ଧ ନିକଟରେ ଖୋଲା ଯାଇଥିବା ମିନାବଜାର ଏବଂ ବାଣିଜ୍ୟ ମେଳାରେ ଗହଳି ପରିଲକ୍ଷିତ ହୋଇଥିଲା। ଭିଡକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମକୁ କମିଟି ସଭାପତି ଓ ସମ୍ପାଦକଙ୍କ ସମେତ ଉପ ସଭାପତି ମୋତିଲାଲ ବେହେରା, କୋଷାଧ୍ୟକ୍ଷ ରାଜେନ୍ଦ୍ର ଆଚାର୍ଯ୍ୟ, ମିଡିଆ ସେଲର ମୋତିଲାଲ ଶର୍ମା, ସୁଶାନ୍ତ ନନ୍ଦ, ପିଣ୍ଟୁ ଦ୍ୱିବେଦୀଙ୍କ ସହ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ସହଯୋଗ କରୁଛନ୍ତି। ସେହିପରି ଶନିବାରଠାରୁ ପୂଜା ଶେଷ ପର୍ଯ୍ୟନ୍ତ ପୋଲିସ ବିଭାଗ ପକ୍ଷରୁ କଣ୍ଢେଇ ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଗଠନ କରାଯାଇଥିବା ସ୍କୁଲ ପୋଲିସ କ୍ୟାଡେଟ(ଏସ୍‌ପିସି) ପୂଜାରେ ସହଯୋଗ କରିବେ ବୋଲି ଜଣାପଡିଛି।

### ରୁପ୍ରାରୋଡ ଷ୍ଟେଶନରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ଭବାନୀପାଟଣା,୧୫।୯(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ରୁପ୍ରାରୋଡ ରେଳ ଷ୍ଟେଶନ ଓଭରବ୍ରିଜ ତଳୁ ଶୁକ୍ରବାର ରାତିରେ ଜଣେ ବୃଦ୍ଧାଙ୍କ ମୃତଦେହ ଜିଆର୍‌ପି ପୋଲିସ ଉଦ୍ଧାର କରିଛି। ବୃଦ୍ଧାଙ୍କ ପରିଚୟ ମିଳିପାରି ନାହିଁ। ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ରାତିରେ ଓଭରବ୍ରିଜ ତଳେ ଜଣେ ବୃଦ୍ଧାଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ଷ୍ଟେଶନ ମାଷ୍ଟରଙ୍କୁ ଜଣାଇଥିଲେ। ଖବର ପାଇ ଷ୍ଟେଶନ ମାଷ୍ଟର ପି. ବାରା ଟିଟିଲାଗଡ଼ ଆର୍‌ପିଏଫ, ଜିଆର୍‌ପି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ନୂଆଁଖାଇ ବାସିରେ ମାଂସ ଦୋକାନରେ ଭିଡ଼

କେସିଙ୍ଗା,୧୫।୯(ଡି.ଏନ୍.ଏ.)

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଶୁକ୍ରବାର ଧୁମ୍‌ଧାମରେ ପାଳିତ ହୋଇଯାଇଛି । ଶନିବାର ନୂଆଁଖାଇ ବାସି ଅବସରରେ ମାଂସ ଦୋକାନଗୁଡିକରେ ଲୋକଙ୍କ ଭିଡ ଜମିଥିଲା। ଖାସି ମାଂସ କେଜି ପ୍ରତି ୫୦୦ରୁ ୬୦୦ ଟଙ୍କାରେ ବିକ୍ରି ହୋଇଥିବା ବେଳେ କୁକୁଡା ମାଂସ କେଜି ପ୍ରତି ୪୦୦ ଟଙ୍କାରେ ବିକ୍ରୟ ହୋଇଥିଲା। ଅନ୍ୟପକ୍ଷେ କେସିଙ୍ଗା ବ୍ଲକର ୧୦୨ଟି ଗ୍ରାମର ପ୍ରତ୍ୟେକ ଘରେ ଭୋଜିଭାତର ଆସର ଜମିଥିଲା।



ବିଧାୟିକାଙ୍କ ଗହଣରେ ଜୁଡୋ ଖେଳାଳିମାନେ।

# ଜୁଡୋ ଖେଳାଳିଙ୍କୁ ବିଧାୟିକା ସମ୍ବର୍ଦ୍ଧିତ କଲେ

ସମ୍ବଲପୁର,୧୫।୯(ବ୍ୟୁରୋ)

ସାଓଲିନ କୁଂଫୁ ଆସୋସିଏସନ ଦ୍ୱାରା ପରିଚାଳିତ ଜିଲା ଜୁଡୋ ଖେଳାଳିମାନଙ୍କୁ ଶୁକ୍ରବାର ସନ୍ଧ୍ୟାରେ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ସମ୍ବର୍ଦ୍ଧିତ କରିଛନ୍ତି । ଜିଲା ଜୁଡୋ ସଂଘ ସମ୍ପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ସୁବାସ ବେହେରାଙ୍କ ସମେତ ପ୍ରିୟଙ୍କା ମିଶ୍ରା, ଗାୟତ୍ରୀ ମିଶ୍ର, ସେହେନାଜ ଖାତୁନ, ରୋସନୀ ସିଂ, ସ୍ନିଗ୍ଧାରାଣୀ ଭାଜି, ଦିବ୍ୟଲକ୍ଷ୍ମୀ ମାଝି, ପୁଷ୍ପାଞ୍ଜଳି ସାହୁ, ଶିବାନୀ ଅଗ୍ରୱାଲ, ଜାଫ୍ରି ଚୌଧୁରୀ, ସୋନୁ ପ୍ରସାଦ ସୋନାର, ଆଶିଷ କୁମାର ସାହୁ, ଅମ୍ରିତ ବାହାଦୂର ଥାପା, ସଗୁନ ଅଗ୍ରୱାଲ, ରଶ୍ମିରଞ୍ଜନ ବାରିକ, ଶକ୍ତିଧର ପ୍ରଧାନ, ବୀରେନ୍ଦ୍ର ବେହେରା, ମନୋରଞ୍ଜନ ବାରିକ, ଅମନ ଗୋୟେଲ, ବିନୋଦ ଚୌଧୁରୀ, ନରେଶ ସା, ନିରୋଜ ପଧାନ, ଦିଗବିଜୟ ଗୁପ୍ତା, ଶିବ ପ୍ରସାଦ ରାୟଙ୍କୁ ବିଧାୟିକାଙ୍କ କାର୍ଯ୍ୟାଳୟରେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ବାଇକ୍ ଧକ୍କାରେ ଜଣେ ମୃତ

ଭବାନୀପାଟଣା,୧୫।୯(ଡି.ଏନ୍.ଏ.)

ଭବାନୀପାଟଣା ସଦର ଅଧୀନ କନ୍ଧବାନ୍ଧୋପଲା ଛକଠାରେ ଶୁକ୍ରବାର ରାତି ପ୍ରାୟ ୧୧ଟାରେ ଏକ ବାଇକ୍ ଧକ୍କାରେ ମୋହନ ମାଝି(୫୫)ଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ବାଇକ୍‌କୁ ଛାଡି ଚାଳକ ଜଣକ ଫେରାର ହୋଇଯାଇଥିବା ଜଣାପଡିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ମୋହନ ରାତି ପ୍ରାୟ ୧୧ଟାରେ ରାସ୍ତାରେ ଚାଲିକି ଛକକୁ ଯାଉଥିଲେ। ସେତିକିବେଳେ ଏକ ବାଇକ୍(ନଂ.ଓଡି ୧୫ ଜି ୩୩୭୪) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭବାନୀପାଟଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ ବୁର୍ଲା ମେଡିକାଲକୁ ନିଆଯାଉଥିଲା। ହେଲେ ବାଟରେ ମୋହନଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି।




ସ୍ୱଚ୍ଛତା ହିଁ ସେବା ଅଭିଯାନର ଶୁଭାରମ୍ଭ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

# ସ୍ୱଚ୍ଛତା ହିଁ ସେବା ଅଭିଯାନ ଶୁଭାରମ୍ଭ

ଦେବଗଡ଼,୧୫।୯(ସ୍ୱ.ପ୍ର.)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ଦେବଗଡ଼ ଓ ରାଧାକୃଷ୍ଣ କ୍ଲବର ମିଳିତ ସହଯୋଗରେ ବାରକୋଟ ବ୍ଲକର ମରଡଙ୍ଗ୍ ଗ୍ରାମରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଶନିବାର ଶୁଭାରମ୍ଭ କରାଯାଇଛି। ଯୁବକେନ୍ଦ୍ର କୋଅର୍ଡିନେଟର ପ୍ରଦୀପ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କିଶୋରଚନ୍ଦ୍ର ନାଏକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସ୍ୱପ୍ନେଶ୍ୱର ନାୟକ, କାଦୋପଡ଼ା ସରପଞ୍ଚ ଦମୟନ୍ତୀ ମାଝି, ସ୍ୱଚ୍ଛ ଭାରତ ମିଶନ ମନିଟର ପୁଷ୍ପାଞ୍ଜଳି ସାହୁ ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ଓ ପରିଚ୍ଛନ୍ନତା, ଗାଁ ପରିବେଶକୁ ସଫାସୁତରା ରଖିବା, ନିୟମିତ ପାଇଖାନା ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ କ୍ଲବ ସଦସ୍ୟ, ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟାମାନେ ଅଂଶଗ୍ରହଣ କରିଥିଲେ। କ୍ଲବର ସଭାପତି ଜୟପ୍ରକାଶ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ସୁବ୍ରତ ମହାକୁଳ ଧନ୍ୟବାଦ ଦେଇଥିଲେ।

# ନବୋଦୟ ସ୍କୁଲରେ ସ୍ୱଚ୍ଛତା ପକ୍ଷ ଉଦ୍‌ଯାପିତ

ଦେବଗଡ଼,୧୫।୯(ସ୍ୱ.ପ୍ର.)

ସୁନାମୁଣ୍ଡାସ୍ଥିତ ଜବାହର ନବୋଦୟ ସ୍କୁଲରେ ସେପ୍ଟେମ୍ବର ୧ରୁ ଚାଲିଥିବା ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପ୍ରବନ୍ଧ, କବିତା, ଚିତ୍ର, କାର୍ଟୁନ ଓ ସ୍ଲୋଗାନ ପ୍ରତିଯୋଗିତା ହେବାସହ କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ସେହିପରି ହାତ ଧୂଆ, ନଖ ପରିଷ୍କାର, ଜଳ ବିଶୋଧନ, ଜଳର ଉପଯୋଗିତା, ସ୍ୱାସ୍ଥ୍ୟ ସଚେତନତା, ଜଳ ଉତ୍ସର ପ୍ରାକୃତିକ ବିଶୋଧନ କାର୍ଯ୍ୟକ୍ରମ ମଧ ହୋଇଥିଲା। ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମକୁ କୋଅର୍ଡିନେଟର ତଥା ଅଧ୍ୟାପକ ଡ. ସୁରେନ୍ଦ୍ରନାଥ ତ୍ରିପାଠୀ ପରିଚାଳନା କରିଥିଲେ । ଉଦ୍‌ଯାପନୀ ଅବସରରେ ସ୍କୁଲର ଶତାଧିକ ଛାତ୍ରୀଛାତ୍ର ବ୍ୟାନର, ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ବାହାରି ସୁନାମୁଣ୍ଡା ଗ୍ରାମ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ସ୍କୁଲର ଅଧ୍ୟକ୍ଷ ତାପସ କୁମାର ଚଟ୍ଟୋପାଧ୍ୟାୟ ଯୋଗଦେଇ ପତାକା ଦେଖାଇ ଏହାର ଉଦ୍‌ଘାଟନ କରିଥିଲେ। ସ୍କୁଲର ଅଧ୍ୟାପକ ଜଗଦୀଶ ପାତ୍ର, ସୁଜିତ ସାମଲ, ଅନୁପମା ରାଉତ, ଅନନ୍ତଚରଣ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ।




ସ୍ୱଚ୍ଛତା ପକ୍ଷ ଉଦ୍‌ଯାପନୀ ଅବସରରେ ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି।

## ଫଟୋରେ ଖବର



ସମ୍ବଲପୁର କଚେରି ଛକ–ଚାଉଁରପୁର ମଧ୍ୟରେ ନିର୍ମିତ ମହାନଦୀର ଦ୍ୱିତୀୟ ସେତୁର ଗଡାଣିଆରେ ଶନିବାର କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଠାରେ ପ୍ରତିଦିନ ଦୁର୍ଘଟଣା ଘଟୁଛି।

■ ଯୁବତୀ ନିଖୋଜର ୨୦ଦିନ ବିତିଲା

# ବିକ୍ରି କରି ଦିଆଯାଇଥିବା ଅଭିଯୋଗ

**ଲରମ୍ବା ଥାନା**

- ପୋଲିସ ଉଦାସୀନତାକୁ ଦାୟୀ କଲେ ପରିବାର ଲୋକ
- ଆନ୍ଦୋଳନ ଚେତାବନୀ ଦେଲେ ଗ୍ରାମବାସୀ

ଖପ୍ରାଖୋଲ, ୧୫।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲରମ୍ବା ଥାନା ତଥା ଲୁହାସିଂହା ପଞ୍ଚାୟତ ଅନ୍ତର୍ଗତ ଟେଙ୍ଗରାପଥର ଗାଁର ଜଣେ ଯୁବତୀ ନିଖୋଜ ହେବା ଇତିମଧ୍ୟରେ ୨୦ଦିନ ବିତିଛି। ଏ ନେଇ ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ ବି ପୋଲିସ ତାଙ୍କୁ ଠାବ କରି ପାରିନାହିଁ। ମାମଲା ରୁଜୁ କରି ଚୁପ୍ ହୋଇ ବସିଛି । ଗାଁର ଜଣେ ଯୁବକଙ୍କ କୌଶଳକ୍ରମେ ଏଠାରୁ ନେଇ ଯାଇ ପରେ ବାହାରେ ବିକ୍ରି କରି ଦେଇଥିବା ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ଯୁବତୀଙ୍କ ପରିବାର ଲୋକେ। ଅବିଳମ୍ବେ ଉଦ୍ଧାର ନ କଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁସାରେ ଟେଙ୍ଗରାପଥର ଗାଁର ଏହି ୩୨ବର୍ଷୀୟା ଅବିବାହିତା ଝିଅ ଯୁବତୀ ଜଣକ ଗତ ମାସ ୨୭ ତାରିଖ ଦିନ ନିଜ ଚାଷ ଜମିକୁ କାମ କରିଯାଇ ଆଉ ଘରକୁ ଫେରି ନଥିଲେ। ଏ ନେଇ ତାଙ୍କ ପିତା ୨୮ତାରିଖ ଦିନ ଲରମ୍ବା ଥାନାରେ ଅଭିଯୋଗ କରିଥିଲେ। ଗାଁର ଜଣେ ଯୁବକ ପୂର୍ବରୁ ଉକ୍ତ ଯୁବତୀଙ୍କ ସହ ଫୋନରେ କଥାବାର୍ତ୍ତା ହେଉଥିବା ଏବଂ ଏହି ନିଖୋଜ ପଛରେ ତାର ହାତ ଥିବା ନେଇ ଗାଁରେ ମଧ୍ୟ ଏକ ସଭା ଆୟୋଜନ ହୋଇଥିଲା। ଏହି ଘଟଣା ପଛରେ ତାଙ୍କର କୌଣସି ସମ୍ପର୍କ ନ ଥିବା ଯୁବକ ଜଣ ସଭାରେ କହିଥିଲେ। ତେବେ ପରିବାର ଲୋକେ ଏହାକୁ ସହଜରେ ବିଶ୍ୱାସ କରୁ ନାହାନ୍ତି। ଏହାପରେ ଗ୍ରାମବାସୀ ପୁଣିଥରେ ସମ୍ପୃକ୍ତ ଯୁବକ ଏହି ଘଟଣାରେ ସାମିଲ ଥିବା ଏବଂ ଯୁବତୀଙ୍କୁ ବାହାରେ ବିକ୍ରି କରିଦେଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୁକ୍ତକୁ ଧରିବାରେ ପୋଲିସର ନିଷ୍କ୍ରିୟତା ନେଇ ପରିବାର ସମେତ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ଲରମ୍ବା ଥାନା ଅଧିକାରୀ କିଶୋର ପ୍ରଧାନଙ୍କୁ ପଚାରିବାରୁ ଯୁବତୀ ନିଖୋଜ ନେଇ ଏକ ମାମଲା ରୁଜୁ ହୋଇଛି। ଘଟଣାରେ ସମ୍ପୃକ୍ତଙ୍କ ସମ୍ପର୍କରେ ମଧ୍ୟ ଅଭିଯୋଗ ହୋଇଛି। ନିଖୋଜ ଘଟଣା ହୋଇଥିବାରୁ ଏହାର ବିଭିନ୍ନ ଦିଗ ନେଇ ଅନୁସନ୍ଧାନ ଚାଲିଛି ବୋଲି କହିଛନ୍ତି।



“ଏସିଆନ ଗେମ୍ସରେ ମାଲେସିଆ ବିପକ୍ଷ ମ୍ୟାଚରେ ପରାଜୟ ଜନିତ ଗ୍ଲାନି ଯୋଗୁ ମୁଁ କିଛି ରାତି ଶୋଇ ପାରି ନ ଥିଲି।

–ସର୍ଦ୍ଦାର ସିଂ, ଅବସରପ୍ରାପ୍ତ ହକି ଖେଳାଳି



“ଟେନିସରେ ମହିଳାଙ୍କ ପ୍ରତି ସମାନ ନୀତି ଅବଲମ୍ବନ କରାଯାଉ ନାହିଁ ବୋଲି ଅଭିଯୋଗ ଆସେ, କିନ୍ତୁ ଜଣେ ପୁରୁଷ ଖେଳାଳି ଯଦି ଅନୁରୂପ ଅଭିଯୋଗ ଆଣନ୍ତି ତାହାର ପ୍ରଭାବ ପଡ଼େନା।

–ବିଲି ଜିନ୍ କିଙ୍ଗ୍, ଟେନିସ୍ ଆଇକନ

## ସଂକ୍ଷେପରେ

### ଟାଟା ଷ୍ଟିଲ ରାପିଡ୍ ବ୍ଲିଜ୍ ଆନନ୍ଦ ମୁଖ୍ୟ ଆକର୍ଷଣ



**କୋଲକାତା, ୧୫।୯ (ପି.ଟି.):** ଏଠାରେ ନଭେମ୍ବର ୯ରୁ ୧୪ ପର୍ଯ୍ୟନ୍ତ ହେବାକୁଥିବା ଟାଟା ଷ୍ଟିଲ୍ ରାପିଡ୍ ଓ ବ୍ଲିଜ୍ ଟୁର୍ନାମେଣ୍ଟରେ ୫ଥର ପୂର୍ବତନ ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ ମୁଖ୍ୟ ଆକର୍ଷଣ ହେବେ। ଦୀର୍ଘ ୩୨ ବର୍ଷ ପରେ ଆନନ୍ଦ କଲିକତାରେ ଏକ ଗ୍ରାଣ୍ଡମାଷ୍ଟର୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ୪୦,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ୩ ଜଣ ୨୮୦୦ରୁ ଅଧିକ ଏଲୋ ରେଟିଂପ୍ରାପ୍ତ ଖେଳାଳି ଭାଗ ନେବେ। ଏହା ଭାରତର ପ୍ରଥମ ଇଣ୍ଟରନ୍ୟାଶନାଲ ଚେସ୍ ଟୁର୍ନାମେଣ୍ଟ ହେବ। ଏଥିରେ ଅଂଶଗ୍ରହଣ କରିବାକୁ ଥିବା ନାମୀ ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ଆଜରବୈଜାନ ଗ୍ରାଣ୍ଡମାଷ୍ଟର ଏବଂ ବିଶ୍ୱର ୩ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଶାଖ୍ରିୟାର ମାମେଦ୍ୟାରୋଭ, ଆର୍ମେନିଆ ଗ୍ରାଣ୍ଡମାଷ୍ଟର ତଥା ବିଶ୍ୱର ୬ନମ୍ବର ଖେଳାଳି ଲେଭନ ଆରୋନିଆନ, ଆମେରିକୀୟ ଗ୍ରାଣ୍ଡମାଷ୍ଟର ବିଶ୍ୱର ୯ ନମ୍ବର ଖେଳାଳି ୱେସ୍‌ଲେ ସୋ, ଜାପାନିଜ୍-ଆମେରିକାନ ଗ୍ରାଣ୍ଡମାଷ୍ଟର ହିକାରୁ ନାକାମୁରା ଏବଂ ରୁଷୀୟ ଗ୍ରାଣ୍ଡମାଷ୍ଟର ସର୍ଗେ କାର୍ଜାକିନ୍। ଆନନ୍ଦ କହିଛନ୍ତି କଲିକତାରେ ମୁଁ ମୋ ପ୍ରଥମ ଗ୍ରାଣ୍ଡମାଷ୍ଟର ଟୁର୍ନାମେଣ୍ଟ ୧୯୮୬ରେ ଖେଳିଥିଲି। ସେତେବେଳେ ଟାଟା ଷ୍ଟିଲ ମଧ ଏହି ଇଭେଣ୍ଟର ଆୟୋଜକ ରହିଥିଲା।

### ଶାସ୍ତ୍ରୀଙ୍କ ସୁପାରିସରେ 'ସିଏ' ରାଜି

**ମେଲବର୍ନ,୧୫।୯:** ନିକଟରେ ଭାରତୀୟ ଦଳର ମୁଖ୍ୟକୋଚ୍ ରବି ଶାସ୍ତ୍ରୀ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍ ପୂର୍ବରୁ ଅଧିକ ଅଭ୍ୟାସ ମ୍ୟାଚ୍ ଲାଗି ଦାବି କରିଥିଲେ। କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ଏହାର ସକାରାତ୍ମକ ଜବାବ ଦିଆଯାଇଛି। ଭାରତକୁ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ପୂର୍ବରୁ ଅଭ୍ୟାସ ଲାଗି କେବଳ ଏକ ମ୍ୟାଚ୍ ଖେଳିବାକୁ ସୁଯୋଗ ଦିଆଯାଇଥିଲା। ଏହି ସିରିଜ୍‌ରେ ଭାରତ ୧-୪ ବ୍ୟବଧାନରେ ପରାଜିତ ହୋଇଥିଲା। ଶାସ୍ତ୍ରୀଙ୍କ ଅନୁଯାୟୀ ଅଭ୍ୟାସ ଲାଗି ଅଧିକ ମ୍ୟାଚ୍ ମିଳିଲେ ଭାରତୀୟ ଦଳ ଅଷ୍ଟ୍ରେଲିଆରେ ଭଲ ପ୍ରଦର୍ଶନ କରିବ। "ଆମେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସହ ବିକଳ୍ପ ସମ୍ପର୍କରେ ଆଲୋଚନା କରିବାକୁ ପ୍ରସ୍ତୁତ। କିନ୍ତୁ ଅଭ୍ୟାସ ମ୍ୟାଚ୍ ସଂଖ୍ୟା ବଢ଼େଇବା ଲାଗି ବିସିସିଆଇ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ" ବୋଲି ସିଏ ପ୍ରବକ୍ତା କହିଛନ୍ତି। ଉଲ୍ଲେଖଥାଉ କି, ଏଥିପୂର୍ବରୁ ୨୦୧୪ ଭାରତୀୟ ଦଳ ଟେଷ୍ଟ ସିରିଜ୍‌ରେ ୨-୦ ବ୍ୟବଧାନରେ ପରାସ୍ତ ହୋଇଥିଲା। ଭାରତୀୟ ଦଳ ନଭେମ୍ବରରେ ଅଷ୍ଟ୍ରେଲିଆ ଗସ୍ତ କରିବ। ସେଠାରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ପରେ ଚାରିଟିକିଆ ଟେଷ୍ଟ ଶୃଙ୍ଖଳା ଖେଳିବ।

### ସମୀରଙ୍କ ଲଢୁଆ ବିଜୟ

**ଭୁବନେଶ୍ୱର, ୧୫।୯(ସ୍ପୋର୍ଟ୍ସ ବ୍ୟୁରୋ):** ଏଠାରେ ଚାଲିଥିବା ପ୍ରଥମ ଅଲ ଓଡ଼ିଶା ୬ ରେଡ୍ ସ୍ନୁକର ଚାମ୍ପିୟନଶିପ୍ ଦ୍ୱିତୀୟ ଦିବସରେ ୧୪ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ସବୁ ମ୍ୟାଚ୍‌ଗୁଡିକ ବେଷ୍ଟ ଅଫ୍ ୭ ଫ୍ରେମ୍ସରେ ଖେଳାଯାଇଥିଲା। ସମୀର ଅଲୀ ଓ ବିରାଜ ଦାସଙ୍କ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ସବୁଠାରୁ ରୋମାଞ୍ଚକ ଥିଲା। ୩-୧ ପଛରେ ଥାଇ ମଧ ପରେ ପ୍ରତ୍ୟାବର୍ତ୍ତନ କରି ସମୀର ୪-୩ରେ ମ୍ୟାଚ୍ ହାତେଇ ନେଇଥିଲେ। ଦ୍ୱିତୀୟ ଦିନରେ ଶ୍ୟାମ ଅଗ୍ରୱାଲ ୪-୩ରେ ହନୀ ଗୁରୁଙ୍କୁ, ଅବିନାଶ ୪-୨ରେ ଅଙ୍କିତଙ୍କୁ, ଗୋବିନ୍ଦ ଶର୍ମା ୪-୩ରେ ରାହୁଲ ହାଲିଙ୍କୁ, ଜାକିର ୪-୩ରେ ନିଶିଙ୍କୁ, ଆକାଶ ମହାପାତ୍ର ୪-୦ରେ ଅବିନାଶ ମହାପାତ୍ରଙ୍କୁ, ରୁମି ଗୁପ୍ତା ୪-୨ରେ ଅର୍ପିତ ଅଗ୍ରୱାଲଙ୍କୁ, ଅଶ୍ୱିନୀ ପଟ୍ଟନାୟକ ୪-୧ରେ ରାହୁଲ ନାଏକଙ୍କୁ, ଅନୁଜ ପଣ୍ଡା ୪-୦ରେ ଶ୍ୟାମ ଅଗ୍ରୱାଲଙ୍କୁ, ରଞ୍ଜିତ ପତି ୪-୧ରେ ଶୁଭ୍ରଜିତ୍ ପଟ୍ଟନାୟକଙ୍କୁ, ସତ୍ୟଦୀପ ଦାସ ୪-୧ରେ ସ୍ପନ୍ଦନ ଦେବତାଙ୍କୁ ଓ ବିଶାଲ ସ୍ୱାଇଁ ୪-୦ରେ ଗୋବିନ୍ଦ ଶର୍ମାଙ୍କୁ ପରାସ୍ତ କରିଛନ୍ତି। ଭୁବନେଶ୍ୱର ୬ ପକେଟ୍ସ କ୍ଲବ ପ୍ରଥମଥର ପାଇଁ ଏହି ଟୁର୍ନାମେଣ୍ଟ ଆୟୋଜନ କରୁଛି।

# ଶ୍ରୀଲଙ୍କାକୁ ହରାଇଲେ ମୁଶ୍‌ଫିକର

**ଏସିଆ କପ୍ କ୍ରିକେଟ**

**ଦୁବାଇ, ୧୫।୯(ପି.ଟି.)**

ସ୍ଥାନୀୟ ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ମୁଶ୍‌ଫିକର ରହିମଙ୍କ ଆକର୍ଷଣୀୟ ଶତକ ଏବଂ ପରେ ବୋଲରମାନଙ୍କ ଚମତ୍କାର ବୋଲିଂ ଯୋଗୁ ବାଂଲାଦେଶ ଏସିଆକପ୍ ଉଦ୍‌ଘାଟନୀ ମ୍ୟାଚରେ ଶ୍ରୀଲଙ୍କାକୁ ୧୩୭ ରନରେ ପରାସ୍ତ କରିଛି। ଶନିବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୪୯. ୩ ଓଭରରେ ୨୬୧ ରନ କରି ଅଲଆଉଟ ହୋଇଯାଇଥିଲା। ୨୬୨ ରନର ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ଶ୍ରୀଲଙ୍କା ୩୫.୨ ଓଭରରେ ୧୨୪ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଦିଲରୁୱାନ ପେରେରା ସର୍ବାଧିକ ୨୯ ରନ କରିଥିଲେ। ବାଂଲାଦେଶ ପକ୍ଷରୁ ମାଶ୍ରାଫି ମୋର୍ତାଜା, ମୁସ୍ତାଫିଜୁର ରହମନ, ମେହିଦି ହସନ ୨ଟି ଲେଖାଏଁ ଉଇକେଟ ନେଇଥିବା ବେଳେ ଶକିବ ଅଲ୍ ହସନ,ରୁବେଲ ହୋସେନ ଓ ମୋସାଡେକ୍ ହୋସେନ ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।



ଶତକ ହାସଲକାରୀ ମୁଶ୍‌ଫିକର ରହିମ।

ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ମାତ୍ର ୨ ରନରେ ଟପ୍ ଅର୍ଡରର ୨ଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଉଇକେଟକିପର ବ୍ୟାଟ୍ସମ୍ୟାନ ମୁଶଫିକର ରହିମ ଓ ମହମ୍ମଦ ମିଥୁନ ଲଢୁଆ ବ୍ୟାଟିଂ କରି ସ୍ଥିତି ସମ୍ଭାଳିବା ସହ ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଚତୁର୍ଥ ଉଇକେଟ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୧୩୧ ରନ ସଂଗ୍ରହ କରି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ମୁଶଫିକର ୧୫୦ଟି ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ୪ ଛକା ସହ ୧୪୪ ରନର ଦମ୍‌ଦାର ଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ସେହିପରି ମିଥୁନ ୬୮ ବଲରୁ ୫ ଚୌକା ଓ ୨ ଛକା ସହ ୬୩ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ମେହିଦି ହାସନ ମିର୍ଜା ୧୫, ଅଧିନାୟକ ମାଶ୍ରାଫି ମୋର୍ତ୍ତାଜା ୧୧ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଶ୍ରୀଲଙ୍କା ତରଫରୁ ବୋଲିଂରେ ଦୀର୍ଘଦିନ ପରେ ପ୍ରତ୍ୟାବର୍ତ୍ତନ କରିଥିବା ଅଭିଜ୍ଞ ବୋଲର ଲସିଥ ମାଲିଙ୍ଗା ସର୍ବାଧିକ ୪, ଧନଞ୍ଜୟ ଡି ସିଲଭା ୨, ସୁରଙ୍ଗା ଲଗକମଲ, ଅମିଲ ଅପୋନ୍ସୋ, ଥିସାରା ପରେରା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

**ବାଂଲାଦେଶ ଇନିଂସ:** ୪୯.୩ ଓଭରରେ ୨୬୧ ଅଲଆଉଟ୍ (ମୁଶଫିକର–୧୪୪, ମିଥୁନ– ୬୩, ମାଲିଙ୍ଗା– ୪/୨୩, ଧନଞ୍ଜୟ –୨/୩୮)।

**ଶ୍ରୀଲଙ୍କା ଇନିଂସ:** ୩୫.୨ ଓଭରରେ ୧୨୪/ଅଲଆଉଟ (ଦିଲରୁୱାନ ପେରେରା–୨୯, ମାଶ୍ରାଫି ମୋର୍ତାଜା–୨/୨୫, ମୁସ୍ତାଫିଜୁର ରହମାନ–୨/୨୦, ମେହିଦି ହସନ–୨/୨୧)।

## ସାଫ୍ କପ୍: ଭାରତ ରନର୍ସଅପ୍

**ଢାକା, ୧୫।୯ (ପି.ଟି.)**

ଭାରତ ୮ମ ଥର ପାଇଁ ସାଉଥ ଏସିଆନ ଫୁଟବଲ୍ ଫେଡେରେଶନ (ସାଫ୍) କପ୍ ଟୁର୍ନାମେଣ୍ଟ ଜିତିବାରେ ଅସଫଳ ରହିଛି। ସ୍ଥାନୀୟ ବଙ୍ଗବନ୍ଧୁ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଟାଇଟଲ ମୁକାବିଲାରେ ଦଳ ୧–୨ ଗୋଲରେ ମାଲଦ୍ୱୀପଠାରୁ ହାରିଯାଇଛି। ଗତଥରର ଚାମ୍ପିୟନ ଭାରତ ମ୍ୟାଚରେ ଅଧିକାଂଶ ସମୟ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲା। ଅନେକ ଗୋଲ ଦେବାର ସୁଯୋଗ ପାଇ ମଧ ହାତଛଡ଼ା କରିଥିଲା। ଅନ୍ୟପକ୍ଷରେ ମାଲଦ୍ୱୀପ ଯେଉଁ କେତୋଟି ସୁଯୋଗ ପାଇଥିଲା ତାହାର ସଦୁପଯୋଗ କରିଥିଲା। ମାଲଦ୍ୱୀପ ଦ୍ୱିତୀୟ ଥର ପାଇଁ ଟ୍ରଫି ହାସଲ କରିଛି। ପୂର୍ବରୁ ଏହି ଦେଶ ୨୦୦୮ରେ ଚାମ୍ପିୟନ ହୋଇଥିଲା। ମାଲଦ୍ୱୀପ ତରଫରୁ ଇବ୍ରାହିମ୍ ମାହୁଧି ହୁସେନ ଓ ଅଲି ଫାସିର ୧୯ତମ ଓ ୬୬ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଭାରତ ତରଫରୁ ଇଞ୍ଜୁରି ଟାଇମ୍‌ର ଦ୍ୱିତୀୟ ମିନିଟ୍‌ରେ ସୁମିତ ପାସି ଏକ ମାତ୍ର ଗୋଲ୍ ଦେଇଥିଲେ।

## ବିବାହ ବନ୍ଧନରେ ସ୍ମିଥ୍

**ମେଲବୋର୍ନ, ୧୫।୯**



ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ ଷ୍ଟିଭେନ ସ୍ମିଥ୍ ଶନିବାର ତାଙ୍କ ଦୀର୍ଘ ଦିନର ପ୍ରେମିକା ଡାନି ୱିଲିସ୍‌ଙ୍କୁ ବିବାହ କରିଛନ୍ତି। ମେଲବୋର୍ନରେ ଅଲାନ ବର୍ଡର ପଦକ ଉତ୍ସବ ଶେଷ ହେବା ପରେ ସଦର୍ନ ହାଇଲାଣ୍ଡସଠାରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଭୟେ ଖୁବ୍ ନିକଟରେ ବିବାହ କରିବାକୁ ଯାଉଛନ୍ତି ବୋଲି ପୂର୍ବରୁ ସୂଚନା ଦେଇ ସାରିଥିଲେ। ସ୍ମିଥ୍‌ଙ୍କ ପ୍ରେମିକା ହେଉଛନ୍ତି ଜଣେ ଆଇନ ଛାତ୍ରୀ। ୨୦୧୭ରେ ନ୍ୟୁୟର୍କସ୍ଥିତ ପ୍ରସିଦ୍ଧ ରକେଫ୍‌ଲର ସେଣ୍ଟରଠାରେ ସ୍ମିଥ୍ ୱିଲିସଙ୍କ ବିବାହ ଲାଗି ପ୍ରସ୍ତାବ ଦେଇଥିଲେ। ଉଭୟଙ୍କ ମଧ୍ୟରେ ନିର୍ବନ୍ଧ ମଧ୍ୟ ସରିଥିଲା। ବିବାହ ଉତ୍ସବରେ ଉପସ୍ଥିତଥିବା କ୍ରିକେଟରମାନେ ହେଲେ ଆରୋନ ଫିଞ୍ଚ୍, ଉସ୍‌ମାନ ଖ୍ୱାଜା, ନାଥାନ ଲିୟନ, ମିଚେଲ ମାର୍ଶ, ପ୍ୟାଟ୍ କମିନ୍ସ ଓ ମୋଇସେସ୍ ହେନରିକ୍ସ। ସୂଚନାଯୋଗ୍ୟ ସ୍ମିଥ୍ ବର୍ତ୍ତମାନ ବଲ୍ ଟ୍ୟାମ୍ପରିଂ ସ୍କାଣ୍ଡାଲରେ ଡେଭିଡ ୱାର୍ନରଙ୍କ ସହିତ ବାସନ୍ଦ ଦଣ୍ଡ ଭୋଗୁଛନ୍ତି।

**ବିଶ୍ୱ ସିପକ୍ଟାକ୍ରୋ ଚାମ୍ପିୟନଶିପ୍**

## ଜାତୀୟ ଦଳରେ ଓଡ଼ିଶାର ୩



ଦିଲ୍ଲୀ ଯାତ୍ରା ପୂର୍ବରୁ ୩ ସିପକ୍ଟାକ୍ରୋ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କଟକ ଅଫିସ,୧୫।୯**

ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ସେପ୍ଟେମ୍ବର ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ୩୩ତମ କିଙ୍ଗ୍ସ ସିପକଟାକ୍ରୋ ବିଶ୍ୱକପ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିନିମନ୍ତେ ଦିଲ୍ଲୀରେ ୨୦ ତାରିଖ ପର୍ଯ୍ୟନ୍ତ ଜାତୀୟ ଦଳର ପ୍ରସ୍ତୁତି ଶିବିର ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୩ଖେଳାଳି ସ୍ଥାନ ପାଇଥିବା ଓଡ଼ିଶା ରାଜ୍ୟ ସିପକ୍ଟାକ୍ର ଆସୋସିଏଶନ ସମ୍ପାଦକ ମନୋଜ ପଟ୍ଟନାୟକ ସୂଚନା ଦେଇଛନ୍ତି। ପୁରୁଷ ବର୍ଗରେ ବୁଲୁ ପାତ୍ରଙ୍କୁ ଜାତୀୟ ଶିବିରରେ ସ୍ଥାନ ମିଳିଥିବା ବେଳେ ମହିଳା ବର୍ଗରେ ଇତିଶ୍ରୀ ସାମଲ ଓ ମଧୁସ୍ମିତା ବେହେରା ରହିଛନ୍ତି। ତିନିଜଣ ଯାକ ଶନିବାର ଦିଲ୍ଲୀ ଯାତ୍ରା କରିଛନ୍ତି। ଔରଙ୍ଗାବାଦ୍‌ଠାରେ ଅନୁଷ୍ଠିତ ଗତ ଶିବିରରେ ଉଚ୍ଚକୋଟୀର ପ୍ରଦର୍ଶନ ଯୋଗୁ ଏମାନଙ୍କୁ ଜାତୀୟ ଶିବିରରେ ସ୍ଥାନ ମିଳିଛି ବୋଲି ସମ୍ପାଦକ ପଟ୍ଟନାୟକ କହିଛନ୍ତି। ଶିବିରରୁ ସେମାନେ ଜାତୀୟ ଦଳ ସହ ସିଧାସଳଖ ଥାଇଲାଣ୍ଡ ଯାତ୍ରା କରିବେ ବୋଲି ସେ କହିଛନ୍ତି। ରାଜ୍ୟ ଆସୋସିଏଶନ ଉପସଭାପତି ବିଜୟ କୁମାର ସାମଲ, ମହମ୍ମଦ ଗୁଲଫାମ୍, ବିଶ୍ୱନାଥ ମିଶ୍ର, ଲିଙ୍ଗରାଜ ପୃଷ୍ଟି ପ୍ରମୁଖ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ସନ୍‌ରାଇଜ୍, ଲାଲ୍‌ବାଗ୍ ବିଜୟୀ

**କଟକ ଅଫିସ, ୧୫।୯**

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ଶନିବାର ୨ଟି ମ୍ୟାଚ ଖେଳାଯାଇଛି। ଏଥିରେ ଲାଲ୍‌ବାଗ୍ କ୍ଲବ ଓ ସନ୍‌ରାଇଜ୍ କ୍ଲବ ବିଜୟୀ ହୋଇଛନ୍ତି। ଶ୍ରୀକାନ୍ତ ବେହେରାଙ୍କ ୩୪ତମ ମିନିଟରେ ଏକ ଗୋଲ ବଳରେ ଲାଲବାଗ ୧–୦ ଗୋଲରେ ଆଜାଦ ହିନ୍ଦ କ୍ଲବକୁ ପରାସ୍ତ କରିଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ସନ୍‌ରାଇଜ୍ କ୍ଲବ ୩–୦ ଗୋଲରେ ପୂର୍ବତଟ ରେଲୱେକୁ ପରାସ୍ତ କରିଛି।

## ଫାଇନାଲରେ ପିଙ୍କି

**ନୂଆଦିଲ୍ଲୀ, ୧୫।୯(ପି.ଟି.):** ତୁର୍କୀର ଇସ୍ତାନବୁଲରେ ଚାଲିଥିବା ଅହମେଟ କମାର୍ଟ ଟୁର୍ନାମେଣ୍ଟରେ ଭାରତର ପିଙ୍କି ଜାଙ୍ଗ୍ରା ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଅନ୍ୟ ୫ ଭାରତୀୟ ପ୍ରତିଯୋଗୀ ସେମିଫାଇନାଲକୁ ଉଠିଛନ୍ତି। ୫୧ କେ.ଜି. ବର୍ଗ ଇଭେଣ୍ଟରେ ପିଙ୍କି ପୂର୍ବତନ ବିଶ୍ୱ ଚାମ୍ପିୟନ ଷ୍ଟେଲୁଟା ଡୁଟଙ୍କୁ କ୍ୱାର୍ଟର ଫାଇନାଲରେ ୫–୦ରେ ଓ ପରେ ସେମିଫାଇନାଲରେ ଅଷ୍ଟ୍ରେଲିଆର ଟେଲା ରୋବର୍ଟସନଙ୍କୁ ହରାଇ ଫାଇନାଲକୁ ଉଠିଛନ୍ତି। ସେହିପରି ସେମିଫାଇନାଲରେ ପ୍ରବେଶ କରିଥିବା ଖେଳାଳିମାନେ ହେଲେ ବିଶ୍ୱଚାମ୍ପିୟନ ରୌପ୍ୟ ପଦକ ବିଜୟିନୀ ସୋନିଆ ଲାଥର। ସେ ୫୭ କେ.ଜି. ବର୍ଗରେ, ମୋନିକା ୪୮ କେ.ଜି. ବର୍ଗରେ, ମୀନା କୁମାରୀ ୫୪ କେ.ଜି. ବର୍ଗରେ, ସିମରନଜିତ କୌର ୬୪ କେ.ଜି. ବର୍ଗରେ ଓ ଭଗୱତୀ କଚାରୀ ୮୧ କେ.ଜି. ବର୍ଗରେ ସେମିରେ ପ୍ରବେଶ କରିଛନ୍ତି। ଦୁଇଥର ଏସିଆନ ରୌପ୍ୟ ପଦକ ବିଜୟିନୀ ସୋନିଆ ଗତମାସ ଏସିଆନ ଗେମ୍ସରେ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଥିଲେ। ତେବେ ଏହିଇଭେଣ୍ଟରେ ସେ ହୋମ ଫେଭରାଇଟ୍ ବିନାଜ ଓଜଡେମଙ୍କୁ ହରାଇ ସେମି ଟିକେଟ ହାସଲ କରିଛନ୍ତି। ସେହିପରି ଜାତୀୟ ଚାମ୍ପିୟନଶିପ୍ ବ୍ରୋଞ୍ଜ୍ ପଦକ ବିଜୟିନୀ ମୋନିକା ବୁଲଗେରିଆର ଏମି ମାରି ଟୋଡୋରୋଭାଙ୍କୁ ୪–୧ରେ, ମୀନା ସ୍ଥାନୀୟ ବକ୍ସର ତୁଗସେନାଜ ସର୍ମେନେଲିଙ୍କୁ ହରାଇ ସେମିକୁ ଉଠିଛନ୍ତି। ଅନ୍ୟପଟେ ପୂର୍ବତନ ଜାତୀୟ ଚାମ୍ପିୟନଶିପ୍ ପଦକ ବିଜୟିନୀ ସିମରନଜିତ ୫–୦ରେ ରୁଷିଆର ଆଲେକଜାଣ୍ଡ୍ରା ଅର୍ଡିନାଙ୍କୁ ହରାଇ ଓ ଭଗୱତୀ ତୁର୍କ ତୁଗ୍‌ବା ଓଜଙ୍କୁ ମାତ୍ ଦେଇ ସେମିରେ ପ୍ରବେଶ କରିଛନ୍ତି।

**ଅଂଶିକାଙ୍କ ନୂତନ ମିଟ୍ ରେକର୍ଡ**

## ପ୍ରଥମ ଦିବସରେ ଓଡ଼ିଶାକୁ ୨୩ ପଦକ

**କଟକ ଅଫିସ,୧୫।୯**



ଅଂଶିକା ରାଉତରାୟ

ବିହାରର ପାଟନାଠାରେ ଶନିବାରଠାରୁ ଆରମ୍ଭ ହୋଇଥିବା ୩୦ତମ ପୂର୍ବାଞ୍ଚଳ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପର ପ୍ରଥମ ଦିବସରେ ଓଡ଼ିଶାକୁ ବଡ଼ ସଫଳତା ମିଳିଛି। ୬ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୯ ବ୍ରୋଞ୍ଜ ସହ ଓଡ଼ିଶା ୨୩ଟି ପଦକ ବିଜୟୀ ହୋଇଛି। ୨୦ ବର୍ଷରୁ କମ୍ ବାଳକ ହାଇଜମ୍ପରେ ସ୍ୱାଧୀନ କୁମାର ମାଝି, ୧୪ବର୍ଷରୁ କମ୍ ବାଳିକା ଶଟ୍‌ପୁଟରେ ଅଂଶିକା ରାଉତରାୟ, ୧୮ବର୍ଷରୁ କମ୍ ବାଳିକା ୧୦୦ମିଟର ଦୌଡ଼ରେ ମନୀଷା ମେରେଲ, ୨୦ବର୍ଷରୁ କମ୍ ବାଳକ ଲଙ୍ଗଜମ୍ପରେ ସରୁନ ପାୟାସିଂ, ୧୪ ବର୍ଷରୁ କମ୍ ବାଳକ ୬୦୦ ମିଟର ଦୌଡ଼ରେ ସୁରେନ୍ଦ୍ର ଖାରା ଓ ୨୦ବର୍ଷରୁ କମ୍ ବାଳିକା ଡିସ୍‌କସରେ ଉତ୍କଳିକା ପ୍ରିୟଦର୍ଶିନୀ ରାଜ୍ୟ ପାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୧୪ବର୍ଷରୁ କମ୍ ବାଳିକା ଶଟ୍‌ପୁଟ୍ ଥ୍ରୋରେ ସ୍ୱର୍ଣ୍ଣ ବିଜୟୀ ଅଂଶିକା ଫାଇନାଲରେ ୧୧.୪୭ ମିଟର ଫିଙ୍ଗି ନୂତନ ମିଟ୍ ରେକର୍ଡ ମଧ୍ୟ ସୃଷ୍ଟି କରିଛନ୍ତି। ଅଂଶିକା ହେଉଛନ୍ତି ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କ କନ୍ୟା। ରାଜ୍ୟର ଜଣେ ସଫଳ କ୍ରୀଡ଼ାବିତଙ୍କ ଝିଅ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସଫଳତା ଆଣିଦେଇଥିବାରୁ ସେ ନେଇ ଚର୍ଚ୍ଚା ଜୋର ଧରିଛି ।

ପ୍ରତିଯୋଗିତାର ୧୮ ବର୍ଷରୁ କମ୍ ବାଳକ ୧୧୦ ମିଟର ହର୍ଡଲ୍ସରେ ପୁଙ୍ଗା ସୋରେନ୍, ୧୮ ବର୍ଷରୁ କମ୍ ବାଳିକା ୧୦୦ ମିଟର ଦୌଡ଼ରେ ସୁଖୀ ବାସ୍‌କି, ୧୬ବର୍ଷରୁ କମ୍ ବାଳିକା ଡିସ୍‌କସ୍ ଥ୍ରୋରେ ବୁଦ୍ଧିନୀ ମାଝି, ୧୮ ବର୍ଷରୁ କମ୍ ବାଳିକା ଲଙ୍ଗଜମ୍ପରେ ମନୀଷା ମେରେଲ, ୧୮ ବର୍ଷରୁ କମ୍ ବାଳିକା ୧୫୦୦ ମିଟର ଦୌଡ଼ରେ ସବିତା ମହାନ୍ତ, ୨୦ବର୍ଷରୁ କମ୍ ବାଳକ ୧୫୦୦ ମିଟର ଦୌଡ଼ରେ ଭୀମସେନ ଜେଙ୍କା, ୨୦ ବର୍ଷରୁ କମ୍ ବାଳିକା ଜାଭେଲିନ୍‌ରେ ପ୍ରିୟଙ୍କା ଟପ୍ପୋ, ୧୮ ବର୍ଷରୁ କମ୍ ବାଳିକା ୫ ହଜାର ମିଟର ଚାଲିବାରେ ତେଜସ୍ୱିନୀ କିସ୍‌ପୋଟା ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ସେହିପରି ୧୮ ବର୍ଷରୁ କମ୍ ବାଳିକା ଡିସ୍‌କସ୍‌ରେ ଇଭା ଡାଙ୍ଗ, ୨୦ବର୍ଷରୁ କମ୍ ବାଳକ ୧୧୦ମିଟର ହର୍ଡଲ୍ସରେ ପ୍ରସନଜିତ ଖାଖା, ୧୮ ବର୍ଷରୁ କମ୍ ବାଳକ ଡିସ୍‌କସରେ ଅଭିଷେକ ପଣ୍ଡା, ୧୪ବର୍ଷରୁ କମ୍ ବାଳିକା ୧୦୦ମିଟର ଦୌଡ଼ରେ ଯମୁନା ଟୁଡ୍ଡୁ, ୨୦ବର୍ଷରୁ କମ୍ ବାଳକ ୧୦୦ମିଟର ଦୌଡ଼ରେ ପ୍ରସନଜିତ କୁଜୁର, ୧୪ ବର୍ଷରୁ କମ୍ ବାଳିକା ୬୦୦ମିଟର ଦୌଡ଼ରେ ବାସନ୍ତୀ ମାଝି, ୨୦ବର୍ଷରୁ କମ୍ ବାଳିକା ୧୫୦୦ମିଟର ଦୌଡ଼ରେ ଅମ୍ବିକା ଦିଲା, ୧୮ବର୍ଷରୁ କମ୍ ବାଳିକା ୫ହଜାର ମିଟର ଚାଲିରେ ମାଳତୀ ମୁର୍ମୁ ଓ ୧୪ବର୍ଷରୁ କମ୍ ବାଳକ ଟ୍ରାଇଥଲନ୍‌ରେ ବିକ୍ରମ ଟୁନିକା ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ରବିବାର ଚାମ୍ପିୟନଶିପ୍ ଉଦ୍‌ଯାପିତ ହେବ।





ବେଙ୍ଗାଲୁରୁରେ ସେପ୍ଟେମ୍ବର ୧୮ରୁ ହେବାକୁ ଥିବା ୫-ଏ-ସାଇଡ୍ ଜାତୀୟ ସିନିୟର ହକି ଚାମ୍ପିୟନଶିପ୍ ପାଇଁ ମନୋନୀତ ହକି ଓଡ଼ିଶା ମହିଳା ଓ ପୁରୁଷ ଦଳ।

“ପଲ୍ ପୋଗ୍‌ବାଙ୍କୁ ନେଇ ତାଙ୍କ ଏଜେଣ୍ଟ ମିନୋ ରାଇଓଲାଙ୍କ ଯୋଜନା ସମ୍ପର୍କରେ ମୋତେ ଗୋପନ ରଖାଯାଇଥିଲା।
–ଜୋସ୍ ମୋରିନୋ
ମାଞ୍ଚେଷ୍ଟର ୟୁନାଇଟେଡ ମ୍ୟାନେଜର



“ଲେରୟ ସାନେ ଜଣେ ପ୍ରତିଭାସମ୍ପନ୍ନ ଖେଳାଳି ହୋଇଥିଲେ ମଧ୍ୟ ମାଞ୍ଚେଷ୍ଟର ସିଟି ଦଳରେ ସ୍ଥାନ ପକ୍କା କରିବା ଲାଗି ତାଙ୍କୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ।
–ପେପ୍ ଗାର୍ଡିଓଲା, ମାଞ୍ଚେଷ୍ଟର ସିଟି ମ୍ୟାନେଜର



## ସଂକ୍ଷେପରେ

### ସରିତାଙ୍କୁ ବ୍ରୋଞ୍ଜ



**ନୂଆଦିଲ୍ଲୀ,୧୫।୯(ପି.ଟି.):** ପୋଲାଣ୍ଡର ଗ୍ଲିଓ୍ବିସେଠାରେ ଚାଲିଥିବା ୧୩ତମ ସିଲେସିଆନ ଓପନ ବକ୍ସିଂ ଟୁର୍ନାମେଣ୍ଟରେ ପୂର୍ବତନ ବିଶ୍ୱ ଚାମ୍ପିୟନ ବକ୍ସର ଏଲ. ସରିତା ଦେବୀ (୬୦ କିଗ୍ରା) ବ୍ରୋଞ୍ଜ ପଦକ ସହ ସନ୍ତୁଷ୍ଟ ରହିଛନ୍ତି। ଏହି ଇଭେଣ୍ଟରେ ଭାରତୀୟ ଜୁନିୟର ବକ୍ସରମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ବହୁଥର ଏସିଆନ୍ ଚାମ୍ପିୟନ ସରିତା, ଲୋଭଲିନା ବୋର୍ଗୋହାନ (୬୯ କିଗ୍ରା) ଓ ପୂଜା ରାଣୀ (୮୧ କିଗ୍ରା) ନିଜ ନିଜ ବର୍ଗର ସେମିଫାଇନାଲରେ ପରାସ୍ତ ହୋଇଛନ୍ତି। ବିଶ୍ୱ ଚାମ୍ପିୟନ ଏମ୍. ସି. ମେରୀକମ୍ (୪୮ କିଗ୍ରା) ଓ ମନୀଷା (୫୪ କିଗ୍ରା) ଫାଇନାଲରେ ସ୍ଥାନ ପକ୍କା କରି ପଦକ ନିଶ୍ଚିତ କରିଛନ୍ତି। ସରିତା ୦-୫ ବ୍ୟବଧାନରେ କାଜାଖସ୍ତାନର କାରିନା ଇବ୍ରାଗିମୋଭଙ୍କଠାରୁ ପରାସ୍ତ ହୋଇଥିଲେ। ଏହି ମୁକାବିଲା ଅତ୍ୟନ୍ତ ବିବାଦୀୟ ଥିଲା। ସରିତା ଭଲ ପ୍ରଦର୍ଶନ କରିବା ସତ୍ତ୍ୱେ ଜଜ୍‌ଙ୍କ ନିଷ୍ପତ୍ତି ତାଙ୍କ ସପକ୍ଷରେ ଯାଇ ନ ଥିଲା। ଏହାକୁ ଉପସ୍ଥିତ ଦର୍ଶକମାନେ ମଧ୍ୟ ବିରୋଧ କରିଥିଲେ। ସେହିଭଳି ଲୋଭଲିନା ପୋଲାଣ୍ଡ ୧-୪ ବାଉଟରେ କାରୋଲିନା କୋଜେଓ୍ବସ୍କାଙ୍କ ଠାରୁ ହାରି ଯାଇଛନ୍ତି। ଅନ୍ୟପକ୍ଷରେ ପୂଜା ସ୍ଥାନୀୟ ବକ୍ସର ଆଗାତା କାଜମାର୍ସ୍କାଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ଏହାସତ୍ତ୍ୱେ ସେ ୨-୩ ବ୍ୟବଧାନରେ ହାରି ଯାଇଥିଲେ। ଏଥିପୂର୍ବରୁ ଜୁନିୟର ବକ୍ସରମାନେ ୧୩ ପଦକ ଜିତିଥିଲେ। ଏଥିରେ ୬ ସ୍ୱର୍ଣ୍ଣ ସମେତ ୬ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ରହିଛି।

### ଫିଟ୍ ଅଛନ୍ତି ଯୁବି

**ଚଣ୍ଡିଗଡ଼,୧୫।୯:** ପ୍ରାୟ ଏକ ବର୍ଷ ହେଲା ଜାତୀୟ ଦଳରୁ ବାଦ୍ ପଡ଼ିଥିବା ବିସ୍ଫୋରକ ବ୍ୟାଟ୍ସମ୍ୟାନ ଯୁବରାଜ ସିଂ ଏବେ ମଧ୍ୟ ଫିଟ୍ ଅଛନ୍ତି। ସୋସିଆଲ ମିଡିଆରେ ତାଙ୍କୁ ଅଧିକ ବୟସ ଯୋଗୁ ଭାରତୀୟ ଦଳକୁ ଫେରିପାରିବେ ନାହିଁ ବୋଲି ସମାଲୋଚନା କରାଯାଉଥିଲା। ଏହାର ଜବାବରେ ଯୁବି ଟୁଇଟରରେ ଏକ ଭିଡିଓ ଅପଲୋଡ କରିଛନ୍ତି। ଏଥିରେ ସେ ସଫଳତାର ସହ ଶକ୍ତିଉତ୍ତୋଳନ କରୁଥିବା ଦେଖିବାକୁ ମିଳିଛି। ଏହାର କ୍ୟାପଶନରେ ୩୬ ବର୍ଷୀୟ ବ୍ୟାଟ୍ସମ୍ୟାନ ଲେଖିଛନ୍ତି, ଗତବର୍ଷ ବୟସ ଯୋଗୁ ମୋତେ ଶକ୍ତିଉତ୍ତୋଳନ ଲାଗି ପ୍ରଶିକ୍ଷଣ ନେବାକୁ ବାରଣ କରାଯାଇଥିଲା ଏବଂ ସାଧାରଣ ଅଭ୍ୟାସ ଜାରି ରଖିବାକୁ କୁହାଯାଇଥିଲା। ମୋତେ କୌଣସି କାର୍ଯ୍ୟ ଆରମ୍ଭ କରିବାରୁ ବାରଣ କରାଯିବା ଠିକ ନୁହେଁ କାରଣ ଯେଉଁ ପର୍ଯ୍ୟନ୍ତ ମୋ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ଯାଇନାହିଁ ମୁଁ ବାରମ୍ବାର କରିବି।

### ଅଷ୍ଟ୍ରେଲିଆ ଖେଳାଳି ଓସାମା ଡାକୁଥିଲେ- ଅଲି



**ମେଲବର୍ନ,୧୫।୯:** ଇଂଲଣ୍ଡ ଦଳର ସ୍ପିନ ଅଲରାଉଣ୍ଡର ମୋଇନ ଅଲି ଅଷ୍ଟ୍ରେଲିଆ କ୍ରିକେଟରଙ୍କ ବ୍ୟବହାର ସମ୍ପର୍କରେ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ କରିଛନ୍ତି। ୨୦୧୫ ଆଶେସ ସିରିଜ୍ ବେଳେ ଅଷ୍ଟ୍ରେଲିଆ ଖେଳାଳି ତାଙ୍କୁ ଓସାମା ଡାକିଥିଲେ। ଅଲରାଉଣ୍ଡରଙ୍କ ଅନୁଯାୟୀ କାର୍ଡିଫଠାରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ରେ ଏହି ଘଟଣା ଘଟିଥିଲା। ଏଥିଯୋଗୁ ଟେଷ୍ଟ ମ୍ୟାଚ୍ ପ୍ରତି ସେ ବିମୁଖ ହୋଇପଡ଼ିଥିଲେ ବୋଲି ସେ ନିଜ ଆତ୍ମଜୀବନୀରେ ଲେଖିଛନ୍ତି। ‘‘ଆଶେସ ସିରିଜ୍ ପଦାର୍ପଣରେ ମୁଁ ଭଲ ପ୍ରଦର୍ଶନ କରିଥିଲି। କିନ୍ତୁ ସେଠାରେ ଘଟିଥିବା ଘଟଣା ଯୋଗୁ ଟେଷ୍ଟ କ୍ରିକେଟ ପ୍ରତି ବିମୁଖ ହୋଇ ପଡ଼ିଥିଲି। ଫିଲ୍ଡରେ ଜଣେ ଅଷ୍ଟ୍ରେଲିଆ କ୍ରିକେଟର ମୋତେ ଓସାମା ଡାକିଥିଲେ। ଏଥି ନେଇ ଦଳୀୟ ଖେଳାଳିମାନେ ମୋତେ ଜଣାଇଥିଲେ। ଏ ସମ୍ପର୍କରେ କୋଚ୍ ଟ୍ରେଭର ବାଇଲିସ ଅଷ୍ଟ୍ରେଲିଆ କୋଚ୍ ଡାରେନ ଲେମାନଙ୍କ ସହ ଆଲୋଚନା କରିଥିଲେ। ପରେ ଲେମାନ ଉକ୍ତ ଖେଳାଳିଙ୍କୁ ପଚାରିବାରୁ ସେ ମନା କରି ଦେଇଥିଲେ’’ ବୋଲି ତାଙ୍କ ଆତ୍ମଜୀବନୀରେ ପ୍ରକାଶ କରିଛନ୍ତି।

■ ଓଡ଼ିଶା ସରକାରଙ୍କ ଅଭିନବ ପ୍ରୟାସ

# ସିଡନୀ, ମ୍ୟୁନିକରେ ହକି ବିଶ୍ୱକପ୍ ପ୍ରଚାର

**ଭୁବନେଶ୍ୱର,୧୫।୯ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ନଭେମ୍ବର- ଡିସେମ୍ବରରେ ଆୟୋଜନ ହେବାକୁଥିବା ପୁରୁଷ ହକି ବିଶ୍ୱକପ୍‌ର ପ୍ରଚାର ତଥା ପ୍ରସାର ପାଇଁ ଓଡ଼ିଶା ସରକାର ତାଙ୍କର ପ୍ରୟାସ ଜାରି ରଖିଛନ୍ତି। କେବଳ ଦେଶ ନୁହଁ, ବିଦେଶରେ ମଧ୍ୟ ସରକାର ଏ ନେଇ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ଅଷ୍ଟ୍ରେଲିଆର ସିଡନୀ ଓ ଜର୍ମାନୀର ମ୍ୟୁନିକ୍ ସହରର ବସଗୁଡିକୁ ଏବେ ସରକାର ପ୍ରଚାର ପାଇଁ ହାତକୁ ନେଇଛନ୍ତି। ଏହି ସହରଗୁଡିକରେ ବସ୍ ହେଉଛି ସବୁଠାରୁ ଲୋକପ୍ରିୟ ପରିବହନର ମାଧ୍ୟମ। ଏହି ବସ୍‌ଗୁଡିକରେ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଜ୍ଞାପନ ଦେଖିବାକୁ ମିଳିବ। ବସ୍‌ଗୁଡିକ ଉପରେ ଏହି ବିଜ୍ଞାପନ ଅଭିଯାନର ଶୀର୍ଷକ ‘ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ’ ଲେଖାଯାଇଛି। ଓଡ଼ିଶା ସରକାରଙ୍କ ଏହି ବସ୍ ବିଜ୍ଞାପନ ଦ୍ୱାରା ବିଶ୍ୱବ୍ୟାପୀ ହକି ପ୍ରଶଂସକମାନ, ପର୍ଯ୍ୟଟକ ଓ ଅନ୍ୟ ବ୍ୟକ୍ତିବିଶେଷଙ୍କୁ ଏଠାକୁ ଆକର୍ଷିତ କରିହେବ। ଓଡ଼ିଶାକୁ ଆସି ମ୍ୟାଚ୍ ମଜା ଉଠାଇବା ସହ





ବସ୍‌ରେ ହକି ବିଶ୍ୱକପ୍ ବିଜ୍ଞାପନ।

ଏମାନେ ଭୁବନେଶ୍ୱର ସୌନ୍ଦର୍ଯ୍ୟକୁ ମଧ୍ୟ ଉପଭୋଗ କରିପାରିବେ।

ଏହି ଚିତ୍ତାକର୍ଷକ ବସ୍ ବିଜ୍ଞାପନ ଆସନ୍ତା ୨୪ ତାରିଖରୁ ସିଡନୀରେ ଓ ଅକ୍ଟୋବର ପହିଲାରେ ମ୍ୟୁନିକ୍‌ରେ ଦୃଶ୍ୟମାନ ହେବ। ସିଡନୀରେ ହକିର ଲୋକପ୍ରିୟତା ବେଶ୍ ପରିଲକ୍ଷିତ ହୋଇଛି। ଏହା ଦ୍ୱାରା ସିଡନୀରୁ ବହୁ ସଂଖ୍ୟକ ପ୍ରଶଂସକ ହକି ବିଶ୍ୱକପ୍‌ର ମଜା ନେବା ପାଇଁ ଓଡ଼ିଶା ଗସ୍ତ କରିବା ଆଶା କରାଯାଉଛି। କେବଳ ହକି ନୁହେଁ, ଓଡ଼ିଶା ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଥିବାରୁ ପ୍ରଶଂସକମାନେ ଆକର୍ଷିତ ହୋଇ ଏଠାକୁ ଆସିବେ। ପ୍ରଶଂସକମାନେ ନିଜ ପରିବାର ସହ ଦିନରେ ଭୁବନେଶ୍ୱର ଭ୍ରମଣ କରିବେ ଓ ରାତିରେ ବିଶ୍ୱକପ ମ୍ୟାଚ୍ ଦେଖି ହକିର ମଜା ନେବେ। ବସ୍‌ର ବିଜ୍ଞାପନଗୁଡିକ କେବଳ ପ୍ରଶଂସକଙ୍କୁ ଆକର୍ଷିତ କରିବା ସହ ଯେଉଁମାନେ ଓଡ଼ିଶା ଆସିବାକୁ ଯୋଜନା କରିଛନ୍ତି ସେମାନଙ୍କର ମଧ୍ୟ ଦୃଷ୍ଟି ଆକର୍ଷଣ କରିବ। ସିଡନୀ ଓ ମ୍ୟୁନିକର ବସ୍‌ଗୁଡିକରେ ଆୟୋଜକ ଓଡ଼ିଶା ସରକାରଙ୍କ ଲୋଗୋ, କୋଣାର୍କ ମନ୍ଦିର ଓ ପର୍ଯ୍ୟଟନ ବିଭାଗର ଓ୍ୱେବସାଇଟ୍ ଦେଖିବାକୁ ମିଳିବ।

ସରକାରଙ୍କ ଏହି ବସ୍ ବିଜ୍ଞାପନ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ ଓ ଏହା ପ୍ରଶଂସକଙ୍କୁ ବେଶ୍ ପ୍ରଭାବିତ କରିବ ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ପର୍ଯ୍ୟଟନ ବିଭାଗ କମିଶନର ତଥା ସଚିବ ବିଶାଲ ଦେବ କହିଛନ୍ତି। ଏହି ବସ୍ ବିଜ୍ଞାପନ ଅଭିଯାନ ଦ୍ୱାରା ସାରା ବିଶ୍ୱରେ ଓଡ଼ିଶା ଏକ କ୍ରୀଡ଼ା ଓ ପର୍ଯ୍ୟଟନ କ୍ଷେତ୍ର ହିସାବରେ ଆହୁରି ଲୋକପ୍ରିୟତା ହାସଲ କରିବ ବୋଲି ସେ କହିଛନ୍ତି। ତେବେ ଏହି ବସ୍ ବିଜ୍ଞାପନ ଅଭିଯାନ ଆଦୌ ନୂଆ ନୁହଁ, ପୂର୍ବରୁ ମଧ୍ୟ ଏପରି ପ୍ରୟାସ ହୋଇଛି। ଲଣ୍ଡନରେ ଅନୁଷ୍ଠିତ ମହିଳା ହକି ବିଶ୍ୱକପ୍ ଅବସରରେ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ବସ୍ ବିଜ୍ଞାପନର ବ୍ୟବସ୍ଥା କରାଯାଇଥିଲା ଓ ଏହା ସେତେବେଳେ ବିଶ୍ୱବ୍ୟାପୀ ଚର୍ଚ୍ଚା ସୃଷ୍ଟି କରିବା ସହ ଲୋକମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା।

### ମୁମ୍ବାଇ ମାରାଥନକୁ ଆଇଏଏଏଫ୍ ଗୋଲ୍ଡ ଲେଭଲ

**ମୁମ୍ବାଇ, ୧୫।୯ (ପି.ଟି.):** ଆସନ୍ତା ବର୍ଷ ଜାନୁୟାରୀ ୨୦ ରେ ଟାଟା ମୁମ୍ବାଇ ମାରାଥନ ଅନ୍ତର୍ଜାତୀୟ ଆସୋସିଏଶନ ଅଫ୍ ଆଥ୍‌ଲେଟିକ୍ସ ଫେଡେରେଶନ(ଆଇଏଏଏଫ୍)ର ଗୋଲ୍ଡ ଲେବଲ ପ୍ରତିଯୋଗିତା ହେବ। ଏହା ଦେଶର ପ୍ରଥମ ଶୀର୍ଷ ସ୍ତରୀୟ ମାରାଥନ ମାନ୍ୟତା ପାଇଥିବା ଆୟୋଜକ ପ୍ରୋକାମ ଇଣ୍ଟରନ୍ୟାଶନାଲ ଶନିବାର ଘୋଷଣା କରିଛି। ୪ ଲକ୍ଷ ୫ ହଜାର ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ମାରାଥନର ୬ ବର୍ଗରେ ୪୬,୦୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। କେତେକ ମାନଦଣ୍ଡକୁ ଦୃଷ୍ଟିରେ ରଖି ମାରାଥନକୁ ଆଇଏଏଏଫ୍ ଗୋଲ୍ଡ ଲେଭଲ ପ୍ରଦାନ କରାଯାଇଥାଏ। ଏହି ମାନ୍ୟତା ଲାଗି ମହିଳା ଓ ପୁରୁଷ ବର୍ଗର ବିଜେତାଙ୍କ ଲାଗି ପୁରସ୍କାର ରାଶି, ବିଶ୍ୱସ୍ତରୀୟ ଫିଲ୍ଡ, ସମ୍ପୂର୍ଣ୍ଣ ମେଡିକାଲ ବ୍ୟବସ୍ଥା, ସିଧା ପ୍ରସାରଣ, ଟାଇମିଂ ଓ ଦକ୍ଷ ପରିଚାଳକଙ୍କ ଭଳି ସୁବ୍ୟବସ୍ଥାର ଆବଶ୍ୟକତା ରହିଛି। ଆୟୋଜକ ପ୍ରୋକାମ ଅନ୍ତର୍ଜାତୀୟ ଯୁଗ୍ମ ମୁଖ୍ୟ ବିବେକ ସିଂ କହିଛନ୍ତି, ଟାଟା ମୁମ୍ବାଇ ମାରାଥନ ଆଇଏଏଏଫ୍ ଗୋଲ୍ଡ ଲେଭଲ ସ୍ତରୀୟ ମାନ୍ୟତା ପାଇଥିବାରୁ ଆମେ ବହୁତ ଖୁସି। ଏହା ଆମ ମିଳିତ ଉଦ୍ୟମ ଯୋଗୁ ସମ୍ଭବପର ହୋଇପାରିଛି।

■ ସିବିଏସ୍ଇ କ୍ଲଷ୍ଟର-୨ ଟିଟି

## ଫାଇନାଲରେ ଟେକ୍ନୋ ଇଣ୍ଡିଆ ଜିଆରପି



ଦ୍ୱିତୀୟ ଦିବସର ଖେଳ।

**ଭୁବନେଶ୍ୱର, ୧୫।୯(ସ୍ପୋର୍ଟ୍ସ ବ୍ୟୁରୋ)**

ବିକାଶ ଆବାସିକ ବିଦ୍ୟାଳୟ ପରିସରରେ ଚାଲିଥିବା ସିବିଏସ୍ଇ କ୍ଲଷ୍ଟର-୨ ଟେବୁଲ ଟେନିସ (ଟିଟି)ଚାମ୍ପିୟନଶିପ୍‌ର ଶନିବାର ଥିଲା ଦ୍ୱିତୀୟ ଦିବସ। ୧୯, ୧୭ ଓ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗରେ ଅନୁଷ୍ଠିତ ଖେଳରେ ଟେକ୍ନୋ ଇଣ୍ଡିଆ ଜିଆର୍‌ପି ବିଦ୍ୟାଳୟ (ଡାର୍ଜିଲିଂ) ପ୍ରଭାବୀ ପ୍ରଦର୍ଶନ କରିଛି। ଟେକ୍ନୋ ଇଣ୍ଡିଆ ୧୯ ଓ ୧୭ ବର୍ଷରୁ କମ୍ ବାଳକ, ବାଳିକା ଏବଂ ୧୪ ବର୍ଷରୁ କମ୍ ବାଳକ ବର୍ଗରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ସେହିଭଳି ସେଣ୍ଟ୍ରାଲ ମଡେଲ ସ୍କୁଲ (ପଶ୍ଚିମବଙ୍ଗ) ୧୭ ବର୍ଷରୁ କମ୍ ବାଳକ ଓ ୧୪ ବର୍ଷରୁ କମ୍ ବାଳିକା, କଲ୍ୟାଣୀ ପବ୍ଲିକ ସ୍କୁଲ (ବାରାସାତ୍) ୧୯ ବର୍ଷରୁ କମ୍ ବାଳକ ଓ ୧୪ ବର୍ଷରୁ କମ୍ ବାଳିକା, ଜି.ଡି. ଗୋଏଙ୍କା ବିଦ୍ୟାଳୟ (ସିଲିଗୁଡ଼ି) ୧୯ ବର୍ଷରୁ କମ୍ ବାଳିକା, ଗୋଖ୍ଲେ ମେମୋରିଆଲ ବାଳିକା ବିଦ୍ୟାଳୟ (କୋଲକାତା) ୧୭ ବର୍ଷରୁ କମ୍ ବାଳିକା, ସେଣ୍ଟ୍ରାଲ ମଡେଲ ବିଦ୍ୟାଳୟ (ବାରାକପୁର) ୧୪ ବର୍ଷରୁ କମ୍ ବାଳିକା ଏବଂ ସାଉଥ୍ ପଏଣ୍ଟ ଉଚ୍ଚ ବିଦ୍ୟାଳୟ (କଲିକତା) ୧୪ ବର୍ଷରୁ କମ୍ ବାଳକ ଦଳ ସେମିଫାଇନାଲରେ ବିଜୟ ହାସଲ କରି ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଟ୍ୟୁସନ ଶିକ୍ଷା ବିଭାଗର ନିର୍ଦ୍ଦେଶକ ଭି. ଶ୍ରୀନିବାସନ, ସି.ଏଚ୍. ସୁନୀଲ ପିଲାଇ, ପିତାମ୍ବର ଦାସ, ବିଜୟାଲକ୍ଷ୍ମୀ ଦାସ, ଆର୍. ବିଜୟ କୁମାର ପ୍ରଧାନ, ସଞ୍ଜୀବ କୁମାର ଦାସ ଓ ବିକାଶ ଗ୍ରୁପ୍‌ର ସମସ୍ତ ସଦସ୍ୟ, ସଦସ୍ୟା, କ୍ରୀଡ଼ାବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ମହିଳା କ୍ରିକେଟ ଭାରତ-ଶ୍ରୀଲଙ୍କା ଅନ୍ତିମ ଦିନିକିଆ ଆଜି

**କତୁନାୟକେ (ଶ୍ରୀଲଙ୍କା), ୧୫।୯:** ଘରୋଇ ଶ୍ରୀଲଙ୍କା ଓ ଭାରତ ମହିଳା କ୍ରିକେଟ ଦଳ ମଧ୍ୟରେ ଚାଲିଥିବା ଦିନିକିଆ ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ରବିବାର ଏଠାରେ ଖେଳାଯିବ। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚ୍ ଜିତି ଭାରତୀୟ ମହିଳା କ୍ରିକେଟ ଦଳ ୨-୦ରେ ଆଗୁଆ ସିରିଜ କବ୍‌ଜା କରିସାରିଛି। ତେଣୁ ଏହି ମ୍ୟାଚ୍ ଜିତି ମିଥାଲି ରାଜଙ୍କ ନେତୃତ୍ୱାଧୀନ ଭାରତ ସିରିଜ କ୍ଲିନ ସୁଇପ୍ କରିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଘରୋଇ ଦଳ ଏହି ମ୍ୟାଚ୍ ଜିତି ଆଗାମୀ ଟି୨୦ ସିରିଜ ପୂର୍ବରୁ ମନୋବଳ ଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ଗାଲେରେ ଖେଳାଯାଇଥିବା ପ୍ରଥମ ଦୁଇଟି ଦିନିକିଆକୁ ଭାରତ ଯଥାକ୍ରମେ ୯ ଉଇକେଟ୍ ଓ ୭ ରନରେ ଜିତିଥିଲା। ଦିନିକିଆ ସିରିଜ ସମାପ୍ତ ପରେ ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବ।

## ୧୦୨ ବର୍ଷୀୟା ଭାରତୀୟ ଜିତିଲେ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ,୧୫।୯**

୧୦୨ ବର୍ଷୀୟ ଭାରତୀୟ ବୟୋଜ୍ୟେଷ୍ଠ ମହିଳା ଆଥ୍‌ଲେଟ୍ ମନ୍‌କୌର ୨୦୦ ମିଟର ଦୌଡ଼ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସ୍ପେନର ମାଲାଗାଠାରେ ଚାଲିଥିବା ଓ୍ୱାର୍ଲ୍ଡ ମାଷ୍ଟର୍ସ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ଏହି ସଫଳତା ପାଇଛନ୍ତି। ଏହି

**ଓ୍ୱାର୍ଲ୍ଡ ମାଷ୍ଟର୍ସ ଆଥ୍‌ଲେଟିକ୍ସ**

ପ୍ରତିଯୋଗିତା ବୟୋଜ୍ୟେଷ୍ଠ ଆଥ୍‌ଲେଟଙ୍କ ଲାଗି ଅଲିମ୍ପିକ୍ସ ଭାବେ ଜଣାଶୁଣା। ୧୦୦ରୁ ୧୦୪ ବର୍ଷ ବୟସ ବର୍ଗର ଦୌଡ଼କୁ କୌର ୨ ମିନିଟ୍ ୧୪.୬୫ ସେକେଣ୍ଡରେ ଶେଷ କରିଥିଲେ। ବୟସାଧିକ ସତ୍ତ୍ୱେ କୌରଙ୍କ ଦୃଢ଼ ଇଚ୍ଛା ଶକ୍ତିକୁ ବଲିଉଡ ଆକ୍ଟର ମିଲିନ୍ଦ ସୁମନ ପ୍ରଶଂସା କରିଛନ୍ତି। ତେବେ ଏହା ତାଙ୍କ କ୍ୟାରିୟରର ପ୍ରଥମ ସ୍ୱର୍ଣ୍ଣ ପଦକ ନୁହେଁ। ଗତବର୍ଷ ଅକ୍‌ଲାଣ୍ଡଠାରେ ଅନୁଷ୍ଠିତ ୧୦୦ ମି. ରେସ୍‌ରେ ସମାନ ସଫଳତା ପାଇଥିଲେ। ଏଥିପୂର୍ବରୁ ୨୦୧୬ରେ ଆମେରିକାନ ମାଷ୍ଟର୍ସରେ ସ୍ୱର୍ଣ୍ଣ ପଦକ ଜିତି ୧୦୦ ବର୍ଷରୁ ଊର୍ଦ୍ଧ୍ୱ ବୟସ ବର୍ଗରେ ବିଶ୍ୱର ଦ୍ରୁତତମ ମହିଳା ସାବ୍ୟସ୍ତ ହୋଇଥିଲେ। ଉଲ୍ଲେଖଥାଉ କି, କୌର ୯୩ ବର୍ଷ ବୟସରେ ଦୌଡ଼ିବା ଆରମ୍ଭ କରିଥିଲେ। ସେତେବେଳେ ସେ ୧୦୦ ମି. ଦୌଡ଼କୁ ୧ ମି. ୧ ସେ. ଅତିକ୍ରମ କରିଥିଲେ। ଏହା ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପ୍ରଭାବ ପକାଇ ନ ଥିଲା।





ସ୍ୱର୍ଣ୍ଣ ବିଜୟିନୀ ମନ୍ କୌର।

## ମହିଳା ଏଏଫ୍‌ସି କ୍ୱାଲିଫାୟର୍ସ: ଭାରତର ବୃହତ୍ ବିଜୟ

**ନୂଆଦିଲ୍ଲୀ, ୧୫।୯:** ମଙ୍ଗୋଲିଆର ଉଲାନ ବାଟୋରଠାରେ ଚାଲିଥିବା ୧୬ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ଏଏଫ୍‌ସି କ୍ୱାଲିଫାୟର୍ସରେ ଭାରତୀୟ ଦଳ ବୃହତ୍ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୬-୧ ବ୍ୟବଧାନରେ ହଂକଂକୁ ପରାସ୍ତ କରିଛି। ଲିଣ୍ଡା କୋମ ହ୍ୟାଟ୍ରିକ ଗୋଲ ଦେଇ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ବ୍ୟତୀତ ଶିଲକି ଦେବୀ ୨ ଓ ସୁନୀତା ମୁଣ୍ଡା ଗୋଟିଏ ଗୋଲ ଦେଇଥିଲେ। ଗତ ମାସରେ ସାଫ ୧୫ ବର୍ଷରୁ କମ୍ ଟୁର୍ନାମେଣ୍ଟରେ ଟାଇଟଲ ଜିତିଥିବା ଭାରତୀୟ ଦଳ ଏବେ ଏଏଫ୍‌ସି କପ୍ ମୁଖ୍ୟ ପର୍ଯ୍ୟାୟରେ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଛି। ଭାରତୀୟ ଦଳ ତା’ର ଆଗାମୀ ମ୍ୟାଚ୍‌ରେ ପାକିସ୍ତାନକୁ ଭେଟିବ।

# ଗମ୍ଭୀର ଦିଲ୍ଲୀ ଅଧିନାୟକ, ପନ୍ତ ଖେଳିବେ

**ନୂଆଦିଲ୍ଲୀ, ୧୫।୯ (ପି.ଟି.)**

ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାକୁଥିବା ବିଜୟ ହଜାରେ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଦିଲ୍ଲୀ ଦଳ ଘୋଷଣା କରାଯାଇଛି। ଇଂଲଣ୍ଡରେ ତାଙ୍କର ପ୍ରଥମ ଟେଷ୍ଟ ଶତକ ହାସଲ କରିଥିବା ରିଶଭ ପନ୍ତ ଦଳ ତରଫରୁ ପ୍ରଥମ ତିନୋଟି ମ୍ୟାଚ ଖେଳିବେ। ଭେଟେରାନ ଇଶାନ୍ତ ଶର୍ମାଙ୍କୁ ବିଶ୍ରାମ ଦିଆଯାଇଛି। ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟର ଚତୁର୍ଥ ଦିବସ ଖେଳରେ ପାଦରେ ଆଘାତ ଲାଗିଥିବାରୁ ସେ ଖେଳିବା ପାଇଁ ଫିଟ୍ ନାହାନ୍ତି। ଏକ ବର୍ଷ ବ୍ୟବଧାନରେ ଗୌତମ ଗମ୍ଭୀର ଦିଲ୍ଲୀ ଦଳର ଅଧିନାୟକ ପଦକୁ

**ବିଜୟ ହଜାରେ ଟ୍ରଫି**

ଫେରିଛନ୍ତି। ଧ୍ରୁବ ଶୋରେଙ୍କୁ ତାଙ୍କ ଡେପୁଟି ଭାବେ ମନୋନୟନ କରାଯାଇଛି। ପନ୍ତ ଗତବର୍ଷ ରଣଜୀ ଟ୍ରଫି ଫାଇନାଲରେ ଦିଲ୍ଲୀର ଅଧିନାୟକତ୍ୱ କରିଥିଲେ। ଅକ୍ଟୋବର ୪ରୁ ଆରମ୍ଭ ହେବାକୁଥିବା ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇବା ନିଶ୍ଚିତ ଥିବାରୁ ତାଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇ ନାହିଁ। ଭଲ ପ୍ରଦର୍ଶନ କରି ଆସୁଥିବାରୁ ଶୋରେ ଭାରତ ଏ’ ଟିମ୍ ସହିତ ନ୍ୟୁଜିଲାଣ୍ଡ ଟୁର୍‌ରେ ଯାଇ ପାରନ୍ତି। ତେଣୁ ଅମିତ ଭଣ୍ଡାରୀଙ୍କ ଅଧକ୍ଷତାରେ ସିଲେକ୍ସନ କମିଟି ଅଭିଜ୍ଞ ଗମ୍ଭୀରଙ୍କୁ ଅଧିନାୟକ ଭାବେ ମନୋନୀତ କରିଛି। ଦଳରେ ଜଣେ ନୂଆ ଖେଳାଳି ସ୍ଥାନ ପାଇଛନ୍ତି। ସେ ହେଲେ ଅଲରାଉଣ୍ଡର ପ୍ରାଂଶୁ ବିଜେରାନ। ସେ ଜଣେ ବାମହାତୀ ବ୍ୟାଟ୍ସମ୍ୟାନ ଏବଂ ମିଡିୟମ ପେସ୍ ବୋଲର। ଦିଲ୍ଲୀ ଏଲିଟ୍ ବି’ଗ୍ରୁପ୍ ରେ ସ୍ଥାନ ପାଇଛି। ଦଳ ଏହାର ସମସ୍ତ ମ୍ୟାଚ କୋଟଲା ଓ ପାଲାମଠାରେ ଖେଳିବ।

**ଦିଲ୍ଲୀ ଦଳ:** ଗୌତମ ଗମ୍ଭୀର (ଅଧିନାୟକ), ଧ୍ରୁବ ଶୋରେ (ଉପଅଧିନାୟକ), ରିଶଭ ପନ୍ତ (ଉଇକେଟକିପର), ଉନ୍ମୁକ୍ତ ଚାନ୍ଦ, ନୀତିଶ ରାଣା, ହିମତ ସିଂ, ମନନ ଶର୍ମା, ପଓ୍ୱନ ନେଗି, ହିତେନ ଦଲାଲ, ଲଳିତ ଯାଦବ, ନବଦୀପ ସଇନୀ, ଗୌରବ କୁମାର, କୁଲଓ୍ୱନ୍ତ ଖେଜ୍ରୋଲିୟା, ସିମରଜିତ୍ ସିଂ, ପ୍ରାଂଶୁ ବିଜେରାନ।

**ଦିଲ୍ଲୀ କାର୍ଯ୍ୟସୂଚୀ**

ସେପ୍ଟେମ୍ବର ୨୦: ବନାମ ସୌରାଷ୍ଟ୍ର
ସେପ୍ଟେମ୍ବର ୨୧: ବନାମ ହାଇଦ୍ରାବାଦ
ସେପ୍ଟେମ୍ବର ୨୪: ବନାମ ଉତ୍ତର ପ୍ରଦେଶ
ସେପ୍ଟେମ୍ବର ୨୬: ବନାମ ଓଡ଼ିଶା
ସେପ୍ଟେମ୍ବର ୨୮: ବନାମ କେରଳ
ଅକ୍ଟୋବର ୨: ବନାମ ଆନ୍ଧ୍ର ପ୍ରଦେଶ
ଅକ୍ଟୋବର ୪: ବନାମ ମଧ୍ୟପ୍ରଦେଶ
ଅକ୍ଟୋବାର ୮: ବନାମ ଛତିଶଗଡ଼।

# ରାଉରକେଲାରେ ହକି କର୍ମଶାଳା

**ରାଉରକେଲା ଅଫିସ, ୧୫। ୯**

ଓଡିଶାରେ ହକି ବିଶ୍ୱକପ ଆୟୋଜନ ନେଇ ଉତ୍ସୁକତା ଲାଗି ରହିଥିବା ବେଳେ ଶନିବାର ରାଉରକେଲାର ଏକ ଘରୋଇ ହୋଟେଲରେ ହକି ଇଣ୍ଡିଆ, ରାଜ୍ୟ ଯୁବ ଓ କ୍ରୀଡା ବିଭାଗ ପକ୍ଷରୁ ଏକ ୩ ଦିନିଆ କର୍ମଶାଳା ଆରମ୍ଭ ହୋଇଛି। ଏଥିରେ ବିଭିନ୍ନ ଜିଲାରୁ ୮୦ଜଣ ହକି ଖେଳାଳି ଯୋଗଦେଇଛନ୍ତି। କର୍ମଶାଳାରେ ଅନ୍ତର୍ଜାତୀୟ ଅମ୍ପାୟର ଜାଭେଦ ସେଖ,ବୈଷୟିକ ମୁଖ୍ୟ ଏମଏମ ମୁନୀର, ସୁନ୍ଦରଗଡ ଜିଲା କ୍ରୀଡା ଅଧିକାରୀ ତେଜ କୁମାର ଖେସ, ହକି କୋଚ୍ ମିଲଟନ ବିଲୁଙ୍ଗ, କ୍ରୀଡା ସଂଗଠକ ସୁଶାନ୍ତ ବେହେରା ଓ ନିଶାନ ଜ୍ୟୋତି ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

**ଭାଗନେଲେ ରାଜ୍ୟର ୮୦ ଖେଳାଳି**

ଦୁଇ ପର୍ଯ୍ୟାୟରେ ଏହି କର୍ମଶାଳା ପୂର୍ବାହ୍ନ ୧୧ରୁ ୧ଟା ଓ ୩ରୁ ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ଖେଳାଳିଙ୍କୁ ବିଭିନ୍ନ ପ୍ରସଙ୍ଗରେ ବୈଷୟିକ ମାର୍ଗ ଦର୍ଶନ କରାଯିବ। ଅପରାହ୍ନରେ ଅନୁଷ୍ଠିତ ୨ୟ ପର୍ଯ୍ୟାୟ କର୍ମଶାଳାରେ ପାନପୋଷ କ୍ରୀଡା ଛାତ୍ରାବାସଠାରେ ଖେଳାଳିଙ୍କ ବ୍ୟବହାରିକ କ୍ଲାସ ନିଆଯାଉଛି। ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ହକି ଖେଳର ଲୋକପ୍ରିୟତା ପରିପ୍ରେକ୍ଷୀରେ କିଭଳି ଦକ୍ଷ ଅମ୍ପାୟର ଓ ବୈଷୟିକ ବିଶେଷଜ୍ଞ ସୃଷ୍ଟି ହେବେ ସେନେଇ ଏହି କର୍ମଶାଳାରେ ବିଚାରବିମର୍ଶ କରାଯିବ ବୋଲି କୁହାଯାଇଛି।



ହକି ଇଣ୍ଡିଆ କର୍ମଶାଳାରେ ଯୋଗ ଦେଇଥିବା ଖେଳାଳିମାନେ।

## ଏ ସପ୍ତାହର ପ୍ରଶ୍ନ

୧– 'ଇମ୍‌ପରଫେକ୍ଟ' ହେଉଛି ଭାରତୀୟ କ୍ରିକେଟ୍ ଖେଳାଳି....... ଙ୍କ ଆତ୍ମଜୀବନୀ ?

୨– ଭାରତର କ୍ଷୁଦ୍ରତମ ୟୁନିଅନ୍ ଟେରିଟୋରି........ ?

୩– ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ମହିଳା ସଭାପତି........ ?

୪– ଆମ ଦେଶର ଜାତୀୟ ଜଳଚର ପ୍ରାଣୀ.......... ?

୫– କେବଳ ମହିଳାଙ୍କ ଲାଗି କାର୍ ଶୋ' ରୁମ୍ ଖୋଲିଥିବା ପ୍ରଥମ ଦେଶ........ ?

## ଗତ ସପ୍ତାହର ଉତ୍ତର

୧ ରାଜସ୍ଥାନ

୨ ଆରିଫ୍ ଆଲ୍‌ଭି

୩ ୟୁକ୍ରେନ୍

୪ ବ୍ରିଜେନ୍ଦ୍ର ରେହି

୫ ୨୪

## ଉତ୍ତର ଦାତା


ପ୍ରମୋଦିନୀ ନାୟକ
ସୁବର୍ଣ୍ଣପୁର


ରାଜେଶ କୁମାର ଦାସ
ବାଲେଶ୍ୱର


ପ୍ରଭୁ ରଞ୍ଜନ ମୁଦୁଲି
ଖୋର୍ଦ୍ଧା

# ପେଶା ବ୍ୟବସାୟ, ନିଶା ସେବା

ଯୁବ ପ୍ରତିଭା


ସନ୍ତୋଷ ଶେଖର ମହାନ୍ତି

ପେସାରେ ସେ ଜଣେ ବ୍ୟବସାୟୀ। ହେଲେ ନିଶା ତାଙ୍କର ସାମାଜିକ ସେବା। ବିଶେଷକରି ଦୁର୍ଘଟଣାର ଶିକାର ହୋଇଥିବା ଗୃହପାଳିତ ପ୍ରାଣୀଙ୍କ ସେବା କରିବାରେ ତାଙ୍କର ପୁରୀ ସହରରେ ରହିଛି ଏକ ସ୍ୱତନ୍ତ୍ର ପରିଚୟ। କେବଳ ଗୋସେବା ନୁହେଁ, ଅସହାୟଙ୍କୁ ସହାୟତାଠାରୁ ଆରମ୍ଭ କରି ଅପରିଚିତଙ୍କ ଶବଦାହ କରିବା ପର୍ଯ୍ୟନ୍ତ କାର୍ଯ୍ୟରେ ବି ସେ ସର୍ବଦା ଆଗଭର ହୋଇ ଉଠନ୍ତି। ଏଭଳି ଜଣେ ନିଆରା ଯୁବକ ହେଉଛନ୍ତି ପୁରୀ ସହର ଦୋଳମଣ୍ଡପ ସାହିରେ ରହୁଥିବା ସନ୍ତୋଷ ଶେଖର ମହାନ୍ତି।

ଛାତ୍ର ଜୀବନରୁ ପରିବେଶ ସୁରକ୍ଷା ତଥା ଅନ୍ୟର ସେବା ଲାଗି ତାଙ୍କର ରହିଥିଲା ଅଦମ୍ୟ ଆଗ୍ରହ। ହାଇସ୍କୁଲରେ ଅଧ୍ୟୟନ ସମୟରେ ସହପାଠୀଙ୍କୁ ଧରି ବିଦ୍ୟାଳୟ ସଫେଇ, ଚାରାରୋପଣ, କାହାର କିଛି ଆବଶ୍ୟକତା ପଡ଼ିଲେ ସେ ତାଙ୍କୁ ସହଯୋଗର ହାତ ବଢ଼ାଇବା ଆଦି କାର୍ଯ୍ୟ କରୁଥିଲେ। ବୟସ ବଢ଼ିବା ସହିତ ଏହା ତାଙ୍କର ନିଶାରେ ପରିଣତ ହୋଇଯାଇଛି। ସାହିରେ କୌଣସି ସମସ୍ୟା ପଡ଼ିଲେ ଅଥବା ରାସ୍ତାକଡ଼ରେ କୌଣସି ଗୃହପାଳିତ ପ୍ରାଣୀଟିଏ ପଡ଼ି ଛଟପଟ ହେଉଥିବା ଖବରପାଇଲେ, ସେ ସବୁ କାମ ଛାଡ଼ି ସେଠାରେ ପହଞ୍ଚି ତା'ର ସେବା ଶୁଶ୍ରୂଷାରେ ଲାଗି ପଡ଼ନ୍ତି। କେବଳ ଏତିକି ନୁହେଁ, ଇତିମଧ୍ୟରେ ସେ ଶତାଧିକ ବ୍ୟକ୍ତିଙ୍କ ଶବଦାହ କରିଛନ୍ତି। ଏଥିରୁ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଅସହାୟ ମହିଳା,ପୁରୁଷଙ୍କ ଶବ ରହିଛି। ପୁରୀ ସହରରେ ସେବା ଲାଗି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସନ୍ତୋଷ କୁହନ୍ତି, ''ପିଲାବେଳୁ ଦୋଳମଣ୍ଡପ ସାହିର ବ୍ରଜବନ୍ଧୁ ସାର୍‌ଙ୍କ ସଂସ୍ପର୍ଶରେ ଆସିବା ପରେ ସେବା ଲାଗି ମନରେ ଆଗ୍ରହ ଜାତ ହୋଇଥିଲା। ସେବେଠୁ ତାଙ୍କ ସହିତ ବିଭିନ୍ନ ସ୍ଥାନକୁ ଯାଇ ଚାରା ଲଗାଇବା, ଗୋମାତା ସେବା ଶୁଶ୍ରୂଷା ଆଦି କାର୍ଯ୍ୟ କରିଛି। ସାର୍ ଅନେକ ସମୟରେ ସ୍ୱର୍ଗଦ୍ୱାରକୁ ଶବ ପୋଡ଼ିବାକୁ ଯାଆନ୍ତି। ତାଙ୍କଠାରୁ ପ୍ରେରଣା ପାଇ ପ୍ରଥମେ ଜଣେ ଅସହାୟା ମହିଳାଙ୍କ ଶବ ପୋଡ଼ିଥିଲି। ଆମର ନିଜର ଏକ ସେବା ଅନୁଷ୍ଠାନ ମଧ୍ୟ ରହିଛି।'' କୌଣସି ସ୍ଥାନରେ, ରାସ୍ତା କଡ଼ରେ କୌଣସି ବ୍ୟକ୍ତି ଅସହାୟ ଅବସ୍ଥାରେ ପଡ଼ିଥିବା ଖବର ପାଇଲେ କିମ୍ବା ପୁରୀକୁ ଆସୁଥିବା କୌଣସି ଭକ୍ତ ଅସୁବିଧାରେ ପଡ଼ିଥିବା ଜାଣିଲେ ସମସ୍ତ କାମ ଛାଡ଼ି ସନ୍ତୋଷ ଅନ୍ୟ ସହଯୋଗୀମାନଙ୍କ ସହିତ ସେଠାରେ ପହଞ୍ଚି ଯାଆନ୍ତି। ସେହିପରି ରାସ୍ତାକଡ଼ରେ ଦୁର୍ଘଟଣାର ଶିକାର ହୋଇ ପଡ଼ିଥିବା ଲୋକଙ୍କୁ ଉଦ୍ଧାର କରି ତାଙ୍କୁ ମେଡିକାଲରେ ଭର୍ତ୍ତି କରି ଭଲ ହେବା ପର୍ଯ୍ୟନ୍ତ ସେବା ଯୋଗାଇଥା'ନ୍ତି। ତାଙ୍କର ଏହି ନିଆରା ବ୍ୟକ୍ତିତ୍ୱ ଲାଗି ସେ ଅନେକ ଅନୁଷ୍ଠାନ ପକ୍ଷରୁ ସେବା ସମ୍ମାନ, ଯୁବ ବ୍ୟକ୍ତିତ୍ୱ, ଶ୍ରୀକ୍ଷେତ୍ର ଗୌରବ ସମ୍ମାନରେ ସମ୍ମାନିତ ମଧ୍ୟ ହୋଇଛନ୍ତି। ଏପରିକି କାହାର କୌଣସି କାର୍ଯ୍ୟକ୍ରମରେ ଖାଦ୍ୟ ବଳକା ରହିଯାଇଥିଲେ, ତାହାକୁ ନେଇ ସେ ଷ୍ଟେଶନ, ବସଷ୍ଟାଣ୍ଡ ଆଦି ସ୍ଥାନରେ ରାତ୍ରିଯାପନ କରୁଥିବା ଲୋକଙ୍କୁ ବଣ୍ଟନ କରନ୍ତି। ଏମିତିକି ବାଇକ୍‌ରେ ଘରୁ ବାହାରି ଦୋକାନକୁ ଯିବା ବେଳେ ରାସ୍ତାକଡ଼ରେ ଗର୍ଭିଣୀ ଗାଈଟିଏ ଛଟପଟ ହେଉଥିବା ଦେଖିଲେ ନିଜ କାମ ଛାଡ଼ି ପ୍ରଥମେ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ତା'ର ପ୍ରସବରେ ସହଯୋଗ କରନ୍ତି। ତାଙ୍କର ଏହି ଅନନ୍ୟ ସେବାକାର୍ଯ୍ୟ ଦେଖି ସ୍ଥାନୀୟ ବାସିନ୍ଦା, ପୁରୀକୁ ଆସୁଥିବା ଅଗଣିତ ଭକ୍ତ ଓ ପର୍ଯ୍ୟଟକ ମଧ୍ୟ ସନ୍ତୋଷଙ୍କର ଭୂୟସୀ ପ୍ରଶଂସା କରିବାକୁ ପଛାନ୍ତି ନାହିଁ। – ପ୍ରଭାତ ପାଣିଗ୍ରାହୀ


ଜଣେ ଅସହାୟ ବୃଦ୍ଧାଙ୍କୁ ଖାଦ୍ୟ ଦେଉଛନ୍ତି ସନ୍ତୋଷ।

# କ୍ରେଡିଟ୍ କାର୍ଡ








**ଦିନଥିଲା, ପାଖରେ ଆବଶ୍ୟକ ଅର୍ଥ ନ ଥିଲେ କୌଣସି ଏକ ଦାମୀ ଜିନିଷ କିଣିବାର ଇଚ୍ଛାକୁ ବଳିଦେବାକୁ ପଡୁଥିଲା କିମ୍ବା ଅର୍ଥ ଯୋଗାଡ଼ ପର୍ଯ୍ୟନ୍ତ ଅପେକ୍ଷା କରି ରହିବାକୁ ହେଉଥିଲା। ହେଲେ ଏବେ ସେ ସମୟ ଆଉ ନାହିଁ। ପସନ୍ଦ ହେଲେ ଆଗ ମିଳୁଛି ଜିନିଷ ଏବଂ ପରେ ଧୀରେ ଧୀରେ ମୂଲ୍ୟ ଦେବାର ସୁଯୋଗ ଆଣି ଦେଇଛି କ୍ରେଡିଟ୍ କାର୍ଡ। ଆଉ ଏହି ସୁବିଧାର ଭରପୂର ଫାଇଦା ଉଠାଇବାରେ ଏବେ ଯୁବପିଢ଼ି ବି ବେଶ୍ ଆଗରେ...**





ବର୍ତ୍ତମାନ ଶପିଂଠାରୁ ଆରମ୍ଭ କରି ଅନ୍‌ଲାଇନ୍ ବିଲ୍ ପେମେଣ୍ଟ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟ କ୍ରେଡିଟ୍ କାର୍ଡ ଦ୍ୱାରା ସହଜରେ କରିହେଉଛି। ଯେଉଁଥିପାଇଁ ଯୁବପିଢ଼ି ଏହା ଉପରେ ଦିନକୁ ଦିନ ଅଧିକ ନିର୍ଭର କରୁଥିବା ଦେଖିବାକୁ ମିଳୁଛି। ହେଲେ ବ୍ୟବହାର ସମୟରେ ସାମାନ୍ୟ ଅସତର୍କତା ବି ବେଳେବେଳେ ବଡ଼ ଅସୁବିଧାର କାରଣ ସାଜୁଛି। ତେଣୁ କ୍ରେଡିଟ୍ କାର୍ଡ ବ୍ୟବହାର କରୁଥିଲେ କେଉଁସବୁ ଦିଗ ପ୍ରତି ସଜାଗ ରହିବେ ଜାଣି ରଖନ୍ତୁ...

- ପ୍ରଥମ କଥା ହେଉଛି କେତେ ମୂଲ୍ୟ ପର୍ଯ୍ୟନ୍ତ କ୍ରେଡିଟ୍ କାର୍ଡ କରିବେ, କେଉଁ ବ୍ୟାଙ୍କ୍ ବା ସଂସ୍ଥା ପକ୍ଷରୁ ଆଣିବେ, କେତେ ସୁଧ ଦେବାକୁ ପଡିବ, କାର୍ଡର ଅବଧି କେତେ ଇତ୍ୟାଦି ଭଳି ବିଭିନ୍ନ ତଥ୍ୟ କୌଣସି ଫାଇନାନ୍‌ସିଆଲ୍ ଏକ୍ସପର୍ଟଙ୍କଠାରୁ ପରାମର୍ଶ ନିଅନ୍ତୁ। ନଚେତ୍ ଠକାମିର ଶିକାର ହୋଇପାରନ୍ତି।
- ମୋବାଇଲ୍‌ରେ ଆସୁଥିବା ମେସେଜ୍ କିମ୍ବା ଇ–ମେଲ୍‌ରେ କ୍ରେଡିଟ୍ କାର୍ଡର ଆକର୍ଷଣୀୟ ଅଫର ଦେଖି ତତ୍କ୍ଷଣାତ୍ ଏହାକୁ ନେବାର ନିଷ୍ପତ୍ତି ନ ନେଇ ପ୍ରଥମେ ବ୍ୟାଙ୍କ୍ ପକ୍ଷରୁ ଭଲ ଭାବେ ଡାଟା ସଂଗ୍ରହ କରନ୍ତୁ। କାରଣ ଏଥିରେ ଅନେକ ନିୟମ ଏବଂ ସର୍ତ୍ତାବଳି ଲାଗୁଥାଏ, ଯାହାକି ପରବର୍ତ୍ତୀ ସମୟରେ ଆପଣଙ୍କୁ ଅସୁବିଧାରେ ପକାଇପାରେ।
- ସେହିପରି କ୍ରେଡିଟ୍ କାର୍ଡ ଆପ୍ଲାଏ କରିବା ସମୟରେ ମଧ ଫର୍ମକୁ ଭଲ ଭାବେ ପଢ଼ି ପୂରଣ କରନ୍ତୁ।
- ନିଜ ଆବଶ୍ୟକତା ଅନୁସାରେ କ୍ରେଡିଟ୍ କାର୍ଡ ନିଅନ୍ତୁ। ଅଧିକ ଅଫର କିମ୍ବା ରିୱାର୍ଡ ପଏଣ୍ଟ ଆଦିର ଲୋଭରେ ଅଧିକ ଟଙ୍କାର କାର୍ଡ କରନ୍ତୁ ନାହିଁ। ଏହାଦ୍ୱାରା ପରବର୍ତ୍ତୀ ସମୟରେ ଆପଣଙ୍କ ଖର୍ଚ୍ଚ ବଢ଼ିପାରେ।
- କ୍ରେଡିଟ୍ କାର୍ଡ ମିଳିବା ପରେ କାର୍ଡର ନମ୍ବର, ପିନ୍, ବୈଧତା, କାର୍ଡ କମ୍ପାନି ନମ୍ବର ଏବଂ ଏହା ସମ୍ବନ୍ଧିତ ସବୁ ଜରୁରୀ ତଥ୍ୟ ଯତ୍ନରେ ଲେଖି ରଖନ୍ତୁ ଏବଂ ଧ୍ୟାନ ଦିଅନ୍ତୁ ଏହା ଯେପରି ଅନ୍ୟମାନଙ୍କ ହାତରେ ନ ପଡ଼େ। ଏହାର ଫଟୋ କପି ମଧ୍ୟ ଜେରକ୍ସ କରି ରଖିବାକୁ ଭୁଲନ୍ତୁ ନାହିଁ।
- କ୍ରେଡିଟ୍ କାର୍ଡରେ ନିଜେ ସାଇନ୍ କରନ୍ତୁ। ଏହାଦ୍ୱାରା ଅନ୍ୟ କେହି ଏହାର ନକଲ କରିପାରିବେ ନାହିଁ ବା ଅପବ୍ୟବହାର କରିପାରିବେ ନାହିଁ।
- କ୍ରେଡିଟ୍ କାର୍ଡ ଟ୍ରାଞ୍ଜାକ୍‌ଶନ ଲାଗି ବ୍ୟବହାର କରୁଥିବା ପାସ୍‌ୱାର୍ଡକୁ ଏଭଳି କରନ୍ତୁ, ଯାହାକୁ ସହଜରେ ହ୍ୟାକ୍ କରି ହେବନାହିଁ। ପାସ୍‌ୱାର୍ଡକୁ ଗୋପନ ରଖନ୍ତୁ। ଏହାକୁ ଏଣେତେଣେ ଲେଖିବାର ଭୁଲ ଆଦୌ କରନ୍ତୁ ନାହିଁ। ମନେରଖନ୍ତୁ, ସୁରକ୍ଷା ଦୃଷ୍ଟିରୁ ମଝିରେ ମଝିରେ ପାସ୍‌ୱାର୍ଡ ବଦଳାଇ ଦିଅନ୍ତୁ।
- କ୍ରେଡିଟ୍ କାର୍ଡର ନିର୍ଦ୍ଧାରିତ ସମୟ ମଧ୍ୟରେ ଏହାକୁ ବ୍ୟବହାର କରନ୍ତୁ। ସେହିପରି ସମୟ ମଧ୍ୟରେ ଟଙ୍କା ଶୁଝି ଦେବାକୁ ଚେଷ୍ଟା କରନ୍ତୁ। ନଚେତ ଆପଣଙ୍କୁ ଅଧିକ ସୁଧ ସହିତ ଜରିମାନା ବାବଦକୁ ମଧ ମୂଲ୍ୟ ଦେବାକୁ ପଡ଼ିପାରେ।
- ଯଦି ଆପଣ କ୍ରେଡିଟ୍ କାର୍ଡ କିମ୍ବା ବ୍ୟାଙ୍କିଙ୍ଗ୍ ସୁବିଧା ନେଉଥିବା ମୋବାଇଲ୍ ବଦଳାଇବା ଅବା ବିକ୍ରି କରିବାକୁ ଚାହୁଁଥା'ନ୍ତି, ତେବେ ପ୍ରଥମେ ସେଥିରୁ ସମସ୍ତ ଜରୁରୀ ଡକ୍ୟୁମେଣ୍ଟ ଡିଲିଟ୍ କରନ୍ତୁ। ନଚେତ୍ ଏଥିରୁ ଆପଣଙ୍କ ବ୍ୟାଙ୍କ ଡିଟେଲ୍ ଚୋରି କିମ୍ବା ହ୍ୟାକ୍ ହୋଇପାରେ।
- ଯେକୌଣସି ସାଇଟ୍‌ରେ କ୍ରେଡିଟ୍ କାର୍ଡ ବ୍ୟବହାର କରିବା ନିରାପଦ ନୁହେଁ। ତେଣୁ ସବୁବେଳେ ଏଥିପାଇଁ ସେଫ୍ ସାଇଟ୍ ହିଁ ବ୍ୟବହାର କରନ୍ତୁ। ଆଉ ଏହାକୁ ନିଜ କମ୍ପ୍ୟୁଟର, ଲାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ବୁକ୍‌ମାର୍କ କରି ରଖିଦିଅନ୍ତୁ। କୌଣସି ସାଇଟ୍‌ରେ କ୍ରେଡିଟ୍ କାର୍ଡ ବ୍ୟବହାର କରୁଥିଲେ କାମ ସରିବା ପରେ ଏହାକୁ ଲଗ୍‌ଆଉଟ୍ କରିବାକୁ ଭୁଲନ୍ତୁ ନାହିଁ। ମନେରଖନ୍ତୁ, ସାଇବର କାଫେ କିମ୍ବା ଅନ୍ୟ ପବ୍ଲିକ୍ କମ୍ପ୍ୟୁଟରରେ କ୍ରେଡିଟ୍ କାର୍ଡ ବ୍ୟବହାର କରିବା ବିପଦ। ଏହାଦ୍ୱାରା ଆପଣଙ୍କ ଡାଟା ହ୍ୟାକ୍ ହେବାର ଆଶଙ୍କା ବେଶୀ।
- ଆପଣଙ୍କ ପର୍ସନାଲ୍ କମ୍ପ୍ୟୁଟରକୁ ଯଦି ସାଙ୍ଗସାଥୀ କିମ୍ବା କେହି ବ୍ୟବହାର କରୁଥା'ନ୍ତି, ତେବେ କ୍ରେଡିଟ୍ କାର୍ଡ ବ୍ୟବହାର ପରେ ବ୍ରାଉଜି ହିଷ୍ଟ୍ରିକୁ ଡିଲିଟ୍ କରିଦିଅନ୍ତୁ।
- ଏଥିରେ ଶପିଂ କରୁଥିଲେ ଟ୍ରାଞ୍ଜାକ୍‌ଶନ୍ ସମୟରେ ଆଲର୍ଟ ରୁହନ୍ତୁ ଏବଂ ଏହାର ବିଲ୍, ରସିଦ୍ ଆଦିକୁ ସାଇତି ରଖନ୍ତୁ। ମାସ ଶେଷରେ ଏହାକୁ ମନ୍ଥଲି ଷ୍ଟେଟ୍‌ମେଣ୍ଟ ସହ ମିଳାନ୍ତୁ। ଯଦି ଆକାଉଣ୍ଟରୁ ଏକ୍ସଟ୍ରା ଟଙ୍କା କଟିଥିବା ଜାଣିବାକୁ ପାଆନ୍ତି, ତେବେ ତୁରନ୍ତ ଏ ନେଇ କମ୍ପ୍ଲେନ୍ କରନ୍ତୁ।
- କୌଣସି କାରଣରୁ ଯଦି କାର୍ଡ଼ ନ ମିଳେ, ହଜିଯାଏ କିମ୍ବା ଆପଣ ଚୋରି ହୋଇଥିବା ଆଶଙ୍କା କରନ୍ତି, ତେବେ ତୁରନ୍ତ ଏନେଇ କମ୍ପାନିକୁ ସୂଚିତ କରନ୍ତୁ ଏବଂ କମ୍ପ୍ଲେନ୍ କରନ୍ତୁ। ନଚେତ୍ ବିଳମ୍ବ ହେଲେ କମ୍ପାନି ଏଥିପାଇଁ ଦାୟୀ ହେବ ନାହିଁ କିମ୍ବା କ୍ଷତିପୂରଣ ଦେବନାହିଁ।

## କ'ଣ କରନ୍ତି ଏମାନେ...


ଶୁଭଜିତ୍

**ଶୁଭଜିତ୍ ଜେନା** (କର୍ମଜୀବୀ, ଭୁବନେଶ୍ୱର)– କ୍ରେଡିଟ୍ କାର୍ଡ ନିଶ୍ଚିତ ଭାବେ ଆମର ସୁବିଧା ପାଇଁ ହୋଇଛି। କିନ୍ତୁ ଏହାର ବ୍ୟବହାର ଠିକ୍ ଭାବେ ନ କଲେ କିମ୍ବା ନିର୍ଦ୍ଧାରିତ ସମୟରେ ଏହାର ଟଙ୍କା ଡିପୋଜିଟ୍ ନ କଲେ ବର୍ଦ୍ଧିତ ଇଣ୍ଟରେଷ୍ଟ ଏବଂ ପେନାଲ୍ଟି ବାଧିଥାଏ। ତେଣୁ ଏହାର ରୁଲ୍ ରେଗୁଲେଶନ୍ ଠିକ୍ ଭାବେ ମାନିଲେ ଏହାର ଭରପୂର ସୁବିଧା ନେଇ ହେବ ବୋଲି ମୋର ବିଶ୍ୱାସ।


ସୁଚିସ୍ମିତା

**ସୁଚିସ୍ମିତା ପଣ୍ଡା** (କର୍ମଜୀବୀ, ଭୁବନେଶ୍ୱର)– ବର୍ତ୍ତମାନ ସମୟରେ ପାଖରେ ଆବଶ୍ୟକ ଅର୍ଥ ନ ଥିଲେ ସୁଦ୍ଧା ହଠାତ୍ କିଛି କିଣିବାକୁ ଇଚ୍ଛା ହେଲେ କ୍ରେଡିଟ୍ କାର୍ଡ ବେଶ୍ କାମରେ ଆସୁଛି। ଯଦି ବ୍ୟାଙ୍କ୍ ପ୍ରଥମେ ଟଙ୍କା ଦେଉଛି ଏବଂ ପରେ ନେଉଛି, ତେବେ ଯଥାସମୟରେ ବ୍ୟାଙ୍କ୍‌କୁ ଟଙ୍କା ଫେରାଇ ଦେବା ବି ଉପଭୋକ୍ତା ଭାବେ ଆମର କର୍ତ୍ତବ୍ୟ। ଆଉ ଏଥିରେ ଅବହେଳା କଲେ ନିଜକୁ ହିଁ ଭାରି ମୂଲ୍ୟ ଦେବାକୁ ହେବ। ତେଣୁ ମୋ' ମତରେ କ୍ରେଡିଟ୍ କାର୍ଡର ସଠିକ ବ୍ୟବହାର ସମସ୍ତଙ୍କ ପାଇଁ ଲାଭଦାୟକ। ତେବେ ଚୋରି, ଡକାୟତି ଆଦିରୁ ସୁରକ୍ଷା ଦୃଷ୍ଟିରୁ ଏହାର ବ୍ୟବହାର ସମୟରେ ବିଶେଷ ସତର୍କ ରହିବା ଆବଶ୍ୟକ।

## ପାଠକଙ୍କ ମତ

❖ଆଜିର ଯୁବପିଢ଼ିଙ୍କ ବାଇକ୍ ଷ୍ଟିକରିଂକୁ ନେଇ ବଢୁଥିବା କ୍ରେଜ୍ ସମ୍ପର୍କରେ ପ୍ରକାଶିତ ପାଠଟି ମନଛୁଆଁ ହୋଇଥିଲା ଏବଂ ସେଥିରୁ ଏନେଇ କିଛି ଆଇଡିଆ ମଧ୍ୟ ମିଳିପାରିଲା।
*– ଲୁନା ଭୋଇ, ବକ୍ସିବଜାର, କଟକ*

❖ଗତ ସପ୍ତାହରେ ୟୁଥ୍ ଆଲର୍ଟ ସ୍ତମ୍ଭରେ ପ୍ରକାଶିତ 'ପାଦରେ ଫୋଟକା ହେବାର କାରଣ' ଏବଂ ଏହାର ବିଭିନ୍ନ ଘରୋଇ ଉପଚାର ବେଶ୍ ଉପଯୋଗୀ।
*– ଚିରସ୍ମିତା ସୂତାର, ବଲାଙ୍ଗୀର*

❖ଯୁବପିଢ଼ିଙ୍କ ଉପରେ ଇଣ୍ଟରନେଟ୍‌ର ପ୍ରଭାବକୁ ନେଇ କଲେଜ ଖଟି ପଢ଼ିବାକୁ ନୂଆ ଧରଣର ଲାଗିଲା।
*– ଶାନ୍ତନୁ ପ୍ରଧାନ, ନୂଆପଡ଼ା*

❖ଏହି ପୃଷ୍ଠାରେ ପ୍ରକାଶିତ ପ୍ରତ୍ୟେକ ସ୍ତମ୍ଭ ଶିକ୍ଷଣୀୟ। ବିଶେଷ କରି ୟୁଥ୍ ଆଲର୍ଟ ଏବଂ ଜାଣନ୍ତୁ ଦୁନିଆରେ ପ୍ରତିଥର କ'ଣ ନୂଆ ତଥ୍ୟ ପ୍ରକାଶ ପାଇବ ତାହାକୁ ଉତ୍କଣ୍ଠାରେ ଅପେକ୍ଷା କରି ରହିଥାଏ।
*– ଗୋପୀନାଥ ଖଟୁଆ, ଖୋର୍ଦ୍ଧା*

❖କିଛି ସପ୍ତାହ ହେବ ସେଲିବ୍ରିଟିଙ୍କ ଅନୁଭୂତି ପ୍ରକାଶ ପାଉନାହିଁ। ଦୟାକରି ପୁନର୍ବାର ପ୍ରକାଶ କରନ୍ତୁ।
*–ରତିକାନ୍ତ ବେହେରା*
*ନିକିରେଇ, କେନ୍ଦ୍ରାପଡ଼ା*

**ବିଦ୍ର:** ଉତ୍ତର ଲେଖି ଫଟୋ ସହ ନିମ୍ନ ଠିକଣାରେ ପଠାନ୍ତୁ। ଉତ୍ତର ସମ୍ପୂର୍ଣ୍ଣ ଠିକ୍ ହେଲେ ନାମ ସହ ଫଟୋ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitri-agamiasha @gmail.com

ୟୁଥ୍ ଆଲର୍ଟ

# ଶୀଘ୍ର ଚାର୍ଜ କମୁଥିଲେ




ଆଜିକାଲି ସ୍ମାର୍ଟ ଫୋନ୍ ଯେମିତି ଯୁବପିଢ଼ିଙ୍କ ଆବଶ୍ୟକତାରେ ପରିଣତ ହୋଇଗଲାଣି। ପାଠପଢ଼ା, ମନୋରଞ୍ଜନ, ଶପିଂ, ଫଟୋଉଠା, ସାଙ୍ଗସାଥୀଙ୍କ ସହ ଯୋଗାଯୋଗ, ଅନ୍‌ଲାଇନ୍ ବିଲ୍ ପେମେଣ୍ଟ ଭଳି ସେମାନଙ୍କର ଅନେକ କାର୍ଯ୍ୟ ପାଇଁ ବର୍ତ୍ତମାନ କେବଳ ସ୍ମାର୍ଟଫୋନ୍ ହିଁ ପାଲଟିଛି ଯଥେଷ୍ଟ। ତେବେ ଏତେସବୁ ଆବଶ୍ୟକତା ପୂରଣ କରୁଥିବା ଏହି ସ୍ମାର୍ଟଫୋନ୍‌ଗୁଡ଼ିକୁ ବାରମ୍ବାର ଚାର୍ଜ କରିବାକୁ ପଡୁଥିବାର ଅଭିଯୋଗ ଅନେକଙ୍କର ରହୁଛି। ଯଦି ଆପଣ ଏଥିପାଇଁ ଚିନ୍ତିତ, ତେବେ ଜାଣିରଖନ୍ତୁ ଏହାର କାରଣ ଏବଂ ପ୍ରତିକାର ସମ୍ପର୍କରେ...

- ମୋବାଇଲ ସ୍କ୍ରିନର ବ୍ରାଇଟ୍‌ନେସ୍ ସବୁବେଳେ ସାମାନ୍ୟ ରଖନ୍ତୁ । କାରଣ ଅଧିକ ବ୍ରାଇଟ୍‌ନେସ୍ ରଖିବା ଦ୍ୱାରା ମୋବାଇଲ ବ୍ୟାଟେରି ସର୍ବାଧିକ ଖର୍ଚ୍ଚ ହୋଇଥାଏ।
- ଯଦି ଫୋନ୍‌କୁ ଭାଇବ୍ରେଶନ ମୋଡ୍‌ରେ ରଖିଲେ ବ୍ୟାଟେରି କମ୍ ଖର୍ଚ୍ଚ ହୋଇଥାଏ ବୋଲି ଭ୍ରାନ୍ତ ଧାରଣା ଆପଣଙ୍କ ମନରେ ରହିଛି, ତେବେ ଏହାକୁ ବଦଳାନ୍ତୁ। କାରଣ ଏହାଦ୍ୱାରା ଅଧିକ ଚାର୍ଜ ସରିଥାଏ। ତେଣୁ ଫୋନ୍‌କୁ ଭାଇବ୍ରେଶନ ପରିବର୍ତ୍ତେ ସ୍ଲୋ ରିଂ ଟୋନ୍‌ରେ ରଖନ୍ତୁ।
- କୌଣସି ଜରୁରୀ କାର୍ଯ୍ୟରେ, ପ୍ଲେନ୍‌ରେ ଥିବା ବେଳେ କିମ୍ବା ଶୋଇଥିଲେ ଫୋନ୍‌କୁ ସ୍ଲିପିଂ, ଇନଆକ୍ଟିଭ୍ କିମ୍ବା ଫ୍ଲାଇଟ୍ ମୋଡ୍‌ରେ ନ ରଖି ସୁଇଚ୍ ଅଫ୍ କରିଦିଅନ୍ତୁ। ଏହାଦ୍ୱାରା ବି ମୋବାଇଲ୍‌ର ବ୍ୟାଟେରୀ ବ୍ୟାକ୍‌ଅପ୍ କମିଥାଏ।
- ଫୋନ୍ ସ୍କ୍ରିନ ଉପରେ ଏକାଧିକ ଆପ୍ଲିକେଶନ ରଖିବା ଦ୍ୱାରା ବ୍ୟାଟେରି ଶୀଘ୍ର ସରିଥାଏ। ତେଣୁ ସର୍ବଦା କାମରେ ଆସୁଥିବା ଆପ୍ଲିକେଶନ୍ ବ୍ୟତୀତ ଅନ୍ୟଗୁଡ଼ିକୁ ଅନ୍‌ଇନ୍‌ଷ୍ଟଲ କରିଦିଅନ୍ତୁ। ତା'ଛଡା ସ୍କ୍ରିନ ଉପରେ ଏକାସାଙ୍ଗେ ଏକାଧିକ ଆପ୍ଲିକେଶନ୍ ଓପନ କରି ରଖନ୍ତୁ ନାହିଁ ଏବଂ ନୋଟିଫିକେଶନଗୁଡ଼ିକୁ ମଧ୍ୟ ମିନିମାଇଜ୍ କରି ରଖନ୍ତୁ।
- ସେହିପରି ଇଣ୍ଟରନେଟ୍, ୱାଇଫାଇ, ଜିପିଏସ୍ ଏବଂ ବ୍ଲୁ ଟୁଥ୍ ଆଦି ବ୍ୟବହାର ନ କରୁଥିବା ସମୟରେ ଏହାକୁ ଖୋଲା ରଖନ୍ତୁ ନାହିଁ। ନଚେତ୍ ଏହାଦ୍ୱାରା ମଧ୍ୟ ଖୁବ୍ ଶୀଘ୍ର ଚାର୍ଜ କମିଥାଏ।
- ଯଦି ମୋବାଇଲକୁ ସାରା ରାତି ଚାର୍ଜରେ ବସାଇଲେ ଅଧିକ ସମୟ ଚାର୍ଜ ରହିବ ବୋଲି ଭାବୁଥାନ୍ତି, ତେବେ ଏହି ଧାରଣା ଭୁଲ। ବରଂ ଏହାଦ୍ୱାରା ବ୍ୟାଟେରି ଚାର୍ଜ କ୍ଷମତା ହ୍ରାସ ହେବା ସହ ଅନେକ ସମୟରେ ଫାଟିଯିବାର ବି ନଜିର ରହିଛି।
- ମୋବାଇଲ୍‌ର ବ୍ୟାକ୍ ଲାଇଟ୍ ଟାଇମ୍ ବା ସ୍କ୍ରିନ ଟାଇମ୍ ଯେତେ ସମ୍ଭବ କମ୍ ରଖନ୍ତୁ। ଫୋନ୍‌କୁ ପ୍ରତ୍ୟକ୍ଷ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବା କିମ୍ବା ଗରମ ସ୍ଥାନରେ ରଖିବାକୁ ଦିଅନ୍ତୁ ନାହିଁ। ଏହା ବି ବ୍ୟାଟେରି ଚାର୍ଜ ସରାଇବାର ଅନ୍ୟ ଏକ କାରଣ। ତେଣୁ ଏହାକୁ ସାମାନ୍ୟ ତାପମାତ୍ରା ଥିବା ସ୍ଥାନରେ ରଖନ୍ତୁ।





ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।
- ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ରାଜମିସ୍ତ୍ରି ମୃତ

**ଝାରସୁଗୁଡ଼ା ଅଫିସ/କୋଲାବିରା୧୫।୯ (ଡି.ଏନ.ଏ.)**-କୋଲାବିରା ଥାନା ଅନ୍ତର୍ଗତ ୪୯ନଂ. ଜାତୀୟ ରାଜପଥର ପତ୍ରାପାଲି ଛକରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ରାଜମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିହାର ପ୍ରଦେଶର ମୂଳବାସିନ୍ଦା ତଥା ଏବେ ଝାରସୁଗୁଡ଼ା ପୂର୍ଣ୍ଣା ନିକଟରେ ରହୁଥିବା ମିଥିଳେଶ ଯାଦବ (୫୫)। ସେ କୁଚିଣ୍ଡା ଯୁନାନିଠାରୁ କାମ ତଦାରଖ କରି ଘରକୁ ଫେରୁଥିବା ବେଳେ ଅପରାହ୍ନ ପ୍ରାୟ ୨ଟାରେ ପତ୍ରାପାଲି ଛକରେ ଦୁର୍ଘଟଣାର ସମ୍ମୁଖୀନ। ସେଠାରେ ଥିବା ଏକ ତୁଳସୀ ଚଉଁରା ଦେହରେ ତାଙ୍କ ବାଇକ ପିଟି ହୋଇ ଛିଟିକି ପଡିଥିଲା। ଏଥିରେ ମିଥିଲେଶ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଝାରସୁଗୁଡା ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଉଥିଲେ। ହେଲେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। କୋଲାବିରା ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ମାନବ ବିକାଶ ସୂଚକାଙ୍କ: ଭାରତର ର୍‍ୟାଙ୍କ୍ ୧୩୦



**ନୂଆଦିଲ୍ଲୀ:** ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ ଦ୍ୱାରା ପ୍ରକାଶିତ ମାନବ ବିକାଶ ସୂଚକାଙ୍କ(ଏଚ୍‌ଡିଆଇ)ରେ ୧୮୯ଟି ଦେଶ ମଧ୍ୟରେ ଭାରତ ୧୩୦ତମ ସ୍ଥାନରେ ରହିଛି। ଦକ୍ଷିଣ ଏସିଆରେ ଭାରତର ମାନବ ଉନ୍ନୟନ ସୂଚକାଙ୍କ ମୂଲ୍ୟ ଉକ୍ତ ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ହାରାହାରି ୦.୬୩୮ଠାରୁ ଅଧିକ ରହିଛି। ବାଂଲାଦେଶ ଓ ପାକିସ୍ତାନର ପାଖାପାଖି ସମାନ ଲୋକସଂଖ୍ୟା ଥାଇ ୧୩୬ ଓ ୧୫୦ତମ ସ୍ଥାନରେ ରହିଛନ୍ତି। ୨୦୧୬ରେ ଭାରତର ଏଚ୍‌ଡିଆଇ ଭାଲ୍ୟୁ ୦.୬୨୪ ଥାଇ ଏହାକୁ ୧୩୧ ର୍‍ୟାଙ୍କ୍ ଦେଇଥିଲା। ଏଚ୍‌ଡିଆଇ ହେଉଛି ମାନବ ଉନ୍ନୟନ ନିମିତ୍ତ ୩ଟି ମୌଳିକ କ୍ଷେତ୍ରରେ ଦୀର୍ଘସୂତ୍ରୀ ପ୍ରଗତି। ସେହିସବୁ କ୍ଷେତ୍ର ହେଲା–ଦୀର୍ଘ ଓ ସୁସ୍ଥ ଜୀବନ, ଜ୍ଞାନ ଆହରଣ ଏବଂ ଏକ ସୁନ୍ଦର ଜୀବନ ଯାପନ। ଭାରତର ଏଚ୍‌ଡିଆଇ ମୂଲ୍ୟ ୨୦୧୭ରେ ୦.୬୪୦। ୧୯୯୦ରୁ ୨୦୧୭ ମଧ୍ୟରେ ଭାରତର ଏଚଡିଆଇ ମୂଲ୍ୟ ୦.୪୨୭ରୁ ବୃଦ୍ଧିପାଇ ୦.୬୪୦ରେ ପହଞ୍ଚିପାରିଛି। ଦେଶର ଦାରିଦ୍ର୍ୟ ଦୂର ସହିତ ଲକ୍ଷଲକ୍ଷ ଲୋକ ଉଲ୍ଲେଖନୀୟ ପ୍ରଗତି ହାସଲ କରିଥିବା ସୂଚନା ମିଳୁଛି। ନର୍‌ୱେ, ସୁଇଜରଲାଣ୍ଡ, ଅଷ୍ଟ୍ରେଲିଆ, ଆୟର୍ଲାଣ୍ଡ ଏବଂ ଜର୍ମାନୀ ତାଲିକାର ଶୀର୍ଷରେ ରହିଥିବା ବେଳେ ନାଇଜର, ଦି ସେଣ୍ଟ୍ରାଲ ଆଫ୍ରିକାନ୍ ରିପବ୍ଲିକ୍, ସାଉଥ ସୁଦାନ, ଚାଦ ଏବଂ ବୁରୁଣ୍ଡି ନିମ୍ନରେ ରହିଛନ୍ତି।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ବେଲପାହାଡ଼,୧୫।୯(ଡ଼ି.ଏନ୍.ଏ.)**

ଗତ ଗୁରୁବାର ରାତି ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅଧୀନ ପିପିଲିମାଲ ଗାଁ ଛକ ନିକଟ ୪୯ ନମ୍ବର ଜାତୀୟ ରାଜପଥରେ ଏକ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକଙ୍କ ନାମ ଚନ୍ଦ୍ର ଶେଖର ଭୋଇ (୨୦) ଏବଂ ଆହତ ଯୁବକଙ୍କ ନାମ ମାନସ ବେନିଆ (୨୧)। ଉଭୟଙ୍କ ଘର ଲଖନପୁରରେ। ଗତ ଗୁରୁବାର ଅପରାହ୍ନରେ ଚନ୍ଦ୍ରଶେଖର ଓ ମାନସ ଏକ ବାଇକରେ ବେଲପାହାଡ଼ ସହର ଜାମକାନି ଗାଁରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ରାତି ୧୧ଟାରେ ଉଭୟେ ଲଖନପୁରକୁ ବାଇକ୍(ନଂଓଆର୍୨୩ବି–୯୮୯୪)ରେ ଫେରୁଥିଲେ। ବାଟରେ ବାଇକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ବାରିକେଡ଼ରେ ପିଟି ହୋଇଥିଲା। ବାଇକ ଚାଳକ ଚନ୍ଦ୍ରଶେଖରଙ୍କ ମୁଣ୍ଡରେ ଆଘାତ ଲାଗିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମାନସଙ୍କ ଗୋଡ଼ ଭାଙ୍ଗିଯାଇଛି। ଦୁର୍ଘଟଣା ଖବର ପାଇଲା ପରେ ପୋଲିସ ଆହତ ମାନସଙ୍କୁ ଉଦ୍ଧାର କରି ବୁର୍ଲା ପଠାଇଛି। ଏସଂକ୍ରାନ୍ତରେ ବେଲପାହାଡ଼ ଥାନାରେ ଏକ ମାମଲା (ନଂ. ୧୬୩/୧୮) ରୁଜୁ ହୋଇଛି।

## ଟାଙ୍ଗେଣୀ ପାହାଡରେ ସିରିଜ ବୋମାମାଡ଼

**ଖୋର୍ଦ୍ଧା ଅଫିସ,୧୫।୯:** ଖୋର୍ଦ୍ଧା ତହସିଲ ଟାଙ୍ଗେଣୀ ପାହାଡରେ ଶୁକ୍ରବାର ରାତି ପ୍ରାୟ ସାଢ଼େ ୮ଟାରେ ସିରିଜ ବୋମାମାଡ ହୋଇଛି। ଗ୍ରାମବାସୀଙ୍କ ଉପରକୁ ଫୋପଡା ଯାଇଥିବା ଏହି ବୋମାରେ କାଇପଦର ସରପଞ୍ଚଙ୍କ ସ୍ୱାମୀଙ୍କ ସମେତ ୧୫ଜଣ ଅଳ୍ପକେ ରକ୍ଷା ପାଇଛନ୍ତି। ଖବରପାଇ ସରପଞ୍ଚ ରାଜଶ୍ରୀ ଚମ୍ପତିରାୟଙ୍କ ସ୍ୱାମୀ ସୁଧାଂଶୁଙ୍କ ନେତୃତ୍ୱରେ ଏକ ୧୫ ଜଣିଆ ଦଳ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିଥିଲେ।

# ନୂଆ ରାଜନୈତିକ ବିକଳ୍ପ ପାଇଁ ଦାମଙ୍କ ସୂଚନା

**ଭୁବନେଶ୍ୱର,୧୫।୯(ବ୍ୟୁରୋ)**

ରାଜ୍ୟ ରାଜନୀତିର ନୂତନ ଆଞ୍ଚଳିକ ବିକଳ୍ପ ଗଠନ ନେଇ ବରିଷ୍ଠ ନେତା ଦାମୋଦର ରାଉତ ପରୋକ୍ଷ ସୂଚନା ଦେଇଛନ୍ତି। ୨୦୧୯ରେ ଲୋକ ସଭା ସାଙ୍ଗରେ ବିଧାନସଭା ନିର୍ବାଚନ ହେବ। ଏହା ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଅନୁଗାମୀଙ୍କୁ ନେଇ ଏଭଳି ଏକ ବିକଳ୍ପ ଦଳ ଗଠନ ପାଇଁ ମସୁଧା ଚାଲିଛି। ଦାମୋଦରଙ୍କ ସହ ବ୍ରଜ କିଶୋର ତ୍ରିପାଠୀ, ପଞ୍ଚାନନ କାନୁନଗୋ, ବିଜୟ ମହାପାତ୍ର, ଦିଲ୍ଲୀପ ରାୟ, ଜୟରାମ ପାଙ୍ଗୀ, ପ୍ରଫୁଲ୍ଲ ଘଡାଇ ଏବଂ ବୈଜୟନ୍ତ ପଣ୍ଡାଙ୍କୁ ନେଇ ଏହି ବିକଳ୍ପ କଥା ଚିନ୍ତା କରାଯାଉଛି।

ଦାମ ରାଉତ କହିଛନ୍ତି ଯେ, ବିଜୁଙ୍କ ନାଁରେ ଗଠିତ ହୋଇଥିବା ଦଳ ପ୍ରଶାସକଙ୍କ ଦ୍ୱାରା ଚାଲୁଛି। ଦୀର୍ଘ ୧୮ ବର୍ଷରେ ନବୀନ ପ୍ରାୟ ୪୦ ନେତା ଓ ମନ୍ତ୍ରୀଙ୍କୁ ବିଭିନ୍ନ କାରଣ ଦର୍ଶାଇ ବିଦା କରିଛନ୍ତି। ବର୍ତ୍ତମାନ ଦୁର୍ନୀତିଖୋରଙ୍କୁ ପ୍ରଶ୍ରୟ ଦେଉଛନ୍ତି। ତେଣୁ ବିଜୁବାବୁଙ୍କ ଆଦର୍ଶକୁ ନେଇ ସେ ଲଢିବେ ଏବଂ ରାଜନୀତି କରିବେ ବୋଲି ଦାମ କହିଛନ୍ତି।

ଦାମଙ୍କ ଏପରି ଦମ୍ଭୋକ୍ତିକୁ କଟାକ୍ଷ କରିଛନ୍ତି ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର। ସେ କହିଛନ୍ତି ଯେ, ବିଜୁଙ୍କ ଆଦର୍ଶରେ ବିଜେଡି ପରଚାଳିତ। ତାଙ୍କ ରାଜନୈତିକ ଲିଗାସି ହେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦୀର୍ଘ ଦୁଇ ଦଶନ୍ଧି ଧରି ଓଡ଼ିଶାବାସୀ ଏହାକୁ ଗ୍ରହଣ କରି ସାରିଛନ୍ତି, ଏଣୁ ବିଜୁଙ୍କ ଆଦର୍ଶରେ ଅନ୍ୟ କୌଣସି ଦଳର ଆବଶ୍ୟକତା ନାହିଁ।

# ଆଇସିସିଆର୍‌ର 'ହରାଇଜନ୍ ସିରିଜ୍'



**ଭୁବନେଶ୍ୱର,୧୫।୯(ବ୍ୟୁରୋ)**

ଜ୍ଞାନ, ବୁଦ୍ଧି, ସଙ୍ଗୀତ ଓ କଳାର ଅଧିଷ୍ଠାତ୍ରୀ ଦେବୀ ସରସ୍ୱତୀଙ୍କ ବନ୍ଦନାରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ ସନ୍ଧ୍ୟା। ତାଳ ଚମ୍ପା ଓ ରାଗ କେଦାରରେ ନୃତ୍ୟଶିଳ୍ପୀ ସ୍ୱପ୍ନାରାଣୀ ସିହ୍ନା, ଅନୀଷା ସିହ୍ନା ଓ ତମନ୍ନା ପାତ୍ର ମା' ସରସ୍ୱତୀଙ୍କୁ ଅର୍ପଣ ପୂର୍ବକ ମଙ୍ଗଳାଚରଣ ନୃତ୍ୟ ପରିବେଷଣ କରିଥିଲେ। ଅବସର ଥିଲା ଭାରତୀୟ ସାଂସ୍କୃତିକ ସମ୍ବନ୍ଧ ପରିଷଦ ଓ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ 'ହରାଇଜନ୍ ସିରିଜ୍' ସନ୍ଧ୍ୟା। ଏହି ଅବସରରେ ଚକ୍ରବାକ ପଲ୍ଲବୀ, ସୂର୍ଯ୍ୟସ୍ତୁତି ଉପରେ ଆଧାରିତ ସୂର୍ଯ୍ୟାଷ୍ଟକ ଓ ଶିବଶଙ୍କର ଉପାସନାକୁ ନୃତ୍ୟଶିଳ୍ପୀମାନେ ଶିବ ଷଡ଼ାକ୍ଷର ସ୍ତୋତ୍ର ନୃତ୍ୟାଭିନୟ ମାଧ୍ୟମରେ ଅତି ଚମତ୍କାର ଭାବେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଏନ୍‌ଟିପିସିର ସହାକରୀ ମୁଖ୍ୟ ପରିଚାଳକ ସୋମନାଥ ଦାସ, ଗୁରୁ ଦୁର୍ଗାଚରଣ ରଣବୀର, ପରିଷଦର ଆଞ୍ଚଳିକ ଅଧିକାରୀ ବଲବୀର ସିଂ ନେଗି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।

# ୧୦ ଜିଲାର ୯୬ ଗାଁକୁ ନେଇ ଲାଗି ରହିଛି ସୀମା ବିବାଦ

- କେବଳ କୋଟିଆକୁ ଗୁରୁତ୍ୱ
- ସମାଧାନ ପାଇଁ ଆନ୍ତରିକତା ଅଭାବ

**ଭୁବନେଶ୍ୱର,୧୫।୯(ବ୍ୟୁରୋ)**

ରାଜ୍ୟର ୧୦ଟି ଜିଲାର ୯୬ଟି ଗ୍ରାମର ପଡୋଶୀ ରାଜ୍ୟ ସହ ସୀମା ବିବାଦ ରହିଛି। କୋରାପୁଟ କୋଟିଆ ଘଟଣା ଜୋର ଧରିବା ପରେ ଏପରି ତଥ୍ୟ ସାମ୍ନାକୁ ଆସିଛି। କୋଟିଆ ବିବାଦରେ ଅପଦସ୍ଥ ହୋଇଥିବା ରାଜସ୍ୱ ବିଭାଗ ଯେନତେନ ପ୍ରକାରେ କୋଟିଆରେ କାର୍ଯ୍ୟ ଜାରି ରଖିଛି। ହେଲେ ଦୀର୍ଘଦିନ ଧରି ବିବାଦରେ ଥିବା ଶହେ ପାଖାପାଖି ଗାଁର ସୀମା ବିବାଦ ସମାଧାନ ପାଇଁ ଆଖିଦୃଶିଆ ସମାଧାନ ପନ୍ଥା ଗ୍ରହଣ କରୁ ନ ଥିବା ମନେ ହେଉଛି।

ରାଜସ୍ୱ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ କୋରାପୁଟ ଜିଲାର କୋଟିଆକୁ ବାଦ୍ ଦେଇ ଅନ୍ୟ ୨୦ଟି ଗାଁ ସହ ସୀମା ବିବାଦ ରହିଛି। ଉକ୍ତ ଗ୍ରାମଗୁଡିକ ହେଉଛି– ଗଞ୍ଜେଇପଦର, ପୋନିକି, ସିଥିଭିଲିସା, ରଣସିଙ୍ଗା, ସାମାଓଗଡା, ନଳୀଭଲସା, ଅର୍ଜୁ ଭଲସା, ତାଡିଭଲସା, ଭୋଲିପଦର, ତଳସେମ୍ଭି, ଉପରସେମ୍ଭି, ବରଣପାଦ୍ରୁ, କାହ୍ନାଡୋରା, ଶାଳୀପଗୁଡା, ହରମଣ୍ଡି ଗାଁ, ମହିପାଣି, ହାଟସୁନାରୀ, ଫଗୁ ସୁନାରୀ, ଡୋଲି ଆମ୍ବ ଏବଂ ମଦାକର। ଏହାଛଡା ବୋରାମୁଥା ଓ ଏହାର ୧୨ଟି ପଡା ଗ୍ରାମକୁ ନେଇ ସୀମା ବିବାଦ ରହିଛି। ସେହିପରି ଗଞ୍ଜାମ ଜିଲାର ପୁରିଆସାହି, ସୁନ୍ଦରାବାଡ, କୁଳାସାହି, ଗଉଡୁଣୀ, ଶାସନ ସମେତ ଗାଁଗୁଡିକର ଆନ୍ଧ୍ର ସହ ମିଳିତ ସ୍କେଚରେ ଆନ୍ଧ୍ର ରାଜ୍ୟ ଅଧିକାରୀଙ୍କ ଦସ୍ତଖତ ହୋଇଥିବାରୁ ସୀମା ବିବାଦ ଜାରି ରହିଛି। ବିଭିନ୍ନ ସମୟରେ ପଡୋଶୀ ରାଜ୍ୟର ଅସହଯୋଗ ପାଇଁ ଯୁଗ୍ମ ତଦନ୍ତ ବାକି ରହିଛି। ଗଜପତି ଜିଲାର ୧୬ଟି ଗାଁ ସୀମା ବିବାଦରେ ରହିଛି। ରାୟଗଡାର ୫ଟି ଗାଁର ସୀମା ବିବାଦୀୟ ବୋଲି ରାଜସ୍ୱ ବିଭାଗ ସ୍ୱୀକାର କରିଛି। ହେଲେ ଆରଡିସି ପାଖରେ ଏନେଇ ତଥ୍ୟ ନାହିଁ।

ଆନ୍ଧ୍ର ପରି ପଡୋଶୀ ପଶ୍ଚିମବଙ୍ଗ ସହ ମଧ୍ୟ ସୀମା ବିବାଦ ରହିଛି। ସାହାବାଜପୁର, ଶଙ୍ଖଭଙ୍ଗା, ବିଳାସପୁର, ମାଙ୍କଡିଆ, ଶଙ୍ଖମେଦି ଏବଂ ଉଦୟପୁର ଅଞ୍ଚଳଗୁଡିକର ପଶ୍ଚିମବଙ୍ଗ ସହ ବିବାଦ ଲାଗି ରହିଛି। ମୟୂରଭଞ୍ଜ ଜିଲାର ହାତୀବାରି, କଖାରୁସୁଳ, ହାଣ୍ଡିଭଙ୍ଗା, ଉଗୁଡାକଟା, ପୁରୁଣାପାଣି, ଭୁରୁଷାପାଣି,ନୂଆମାଳିଆ ଏବଂ ବାଙ୍କ ନଳା ଗ୍ରାମର ସୀମା ବିବାଦ ଲାଗି ରହିଛି। ପଡୋଶୀ ଝାଡଖଣ୍ଡ ସହ ମୟୂରଭଞ୍ଜ ଜିଲାର ୨ଟି ଗ୍ରାମର ସୀମା ବିବାଦ ରହିଛି। କେନ୍ଦୁଝର ଜିଲାର ଚମ୍ପୁଆ, କଙ୍କଡାପାଟ, ଜଗନ୍ନାଥପୁର, ଲିମିଠୁର, ପୁରୁଷୋତ୍ତମପୁର ଗ୍ରାମର ଝାଡଖଣ୍ଡ ସହ ସୀମା ବିବାଦ ରହିଛି। ଅନୁରୂପ ଭାବେ ବୁଢାପାହାଡ, ଚୋପଡିହ,ଲଙ୍ଗଳକଣ୍ଟା, ମହୁପଦା ଏବଂ କୋରଡା ପ୍ରଭୃତି ଗାଁର ଝାଡଖଣ୍ଡ ସହ ସୀମା ବିବାଦ ରହିଛି। ମହାନଦୀକୁ ନେଇ ଛତିଶଗଡ ସହ ବିବାଦ ଜୋର ଧରିଛି, ସମାନ ଭାବେ ଛତିଶଗଡ ସହ ସୀମା ବିବାଦ ମଧ୍ୟ କିଛି କମ୍ ନୁହେଁ। ରାଜସ୍ୱ ବିଭାଗୀୟ ତଥ୍ୟ ଅନୁଯାୟୀ ନବରଙ୍ଗପୁର ଜିଲା ଭାସ୍କେଲ ନଦୀର ଗତି ପରିବର୍ତ୍ତନ ହେତୁ ଘାଟବାସୁଲି, ଉଦୟପୁର ଅଞ୍ଚଳରେ ସୀମା ବିବାଦ ରହିଛି। ଓଡେଣ୍ଡା ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ଆନ୍ତଃରାଜ୍ୟ ସୀମାଖୁଣ୍ଟ ଉପୁଡା ଯାଇ ନାଳ ଖୋଳିବା ଯୋଗୁ ସୀମା ବିବାଦ ସୃଷ୍ଟି ହୋଇଛି। ଝାରସୁଗୁଡା ଝାରଙ୍ଗାଠାରେ ପଡୋଶୀ ଛତିଶଗଡ ଖାତ ଖୋଳିବା ପରେ ସୀମା ବିବାଦ ଦେଖାଦେଇଛି।

ସୀମା ବିବାଦଗୁଡିକର ସ୍ଥାୟୀ ସମାଧାନ ପାଇଁ ବିଭାଗୀୟ ମନ୍ତ୍ରୀ ମହେଶ୍ୱର ମହାନ୍ତି ବିଧାନସଭାରେ ଉତ୍ତର ମଧ୍ୟ ରଖିଥିଲେ। ଉତ୍ତରରେ ସେ କହିଛନ୍ତି ଯେ, ବିବାଦର ସମାଧାନ ପାଇଁ ୨ଟି ମାମଲା ରହିଛି। ସୁପ୍ରିମକୋର୍ଟଙ୍କ ଆଦେଶକ୍ରମେ ସ୍ଥିତାବସ୍ଥା ଜାରି ରହିଛି। ନିକଟରେ ସୀମା ବିବାଦ ସଂକ୍ରାନ୍ତରେ ବୈଠକ ହୋଇଥିଲେ ମଧ୍ୟ କେବଳ କୋଟିଆ ସମ୍ପର୍କିତ ବିଷୟରେ ଆଲୋଚନାକୁ ଗୁରୁତ୍ୱ ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି। ଷଢେଇକଳା, ଖରସୁଆଁ ବିବାଦ ଆଜି ବି ଓଡ଼ିଶାଙ୍କୁ ବ୍ୟଥିତ କରେ। ସେହି ନ୍ୟାୟରେ ଯଦି ସୀମା ବିବାଦଗୁଡିକର ସମାଧାନ ନ ହୁଏ, ତେବେ ରାଜ୍ୟର ଅନେକ ଗାଁ ଆଇନର ଦସ୍ତାବିଜ୍‌ରେ ହଜିଯିବ। ସେଠାକାର ଲୋକେ ଓଡ଼ିଆ କହୁଥିବେ, ଯାନିଯାତ୍ରା ପାଳୁଥିବେ ହେଲେ ପ୍ରଶାସନିକ ଅପାରଗତା କାରଣରୁ ସେମାନେ ଓଡ଼ିଶାର ବୋଲି ଦାବି କରି ପାରୁ ନ ଥିବେ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ଣ୍ଣର



@ ବାବୁଲା



@ ପ୍ରଶାନ୍ତ



@ ବିବେକାନନ୍ଦ

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କଟକ**

ଡିଜେଲ ଚାଳିତ ସରକାରୀ ଜିପ୍ ନଂ.– OR 05 - D 7172 ନିଲାମ ମାଧ୍ୟମରେ ବିକ୍ରି ହେବ। ଇଚ୍ଛୁକ ପ୍ରାର୍ଥୀମାନେ ଉପରୋକ୍ତ ଟେଣ୍ଡର ସମ୍ବନ୍ଧୀୟ ସମସ୍ତ ତଥ୍ୟ **www.cuttack.nic.in**ରେ ପାଇପାରିବେ।

ସ୍ୱା./– ପ୍ରକଳ୍ପ ନିର୍ଦ୍ଦେଶକ
ଜିଲ୍ଲାଗ୍ରାମ୍ୟ ଉନ୍ନୟନ ସଂସ୍ଥା, କଟକ

**ODISHA CO-OPERATIVE TASAR & SILK FEDERATION LTD., (SERIFED)**
Sahid Nagar, Janpath, Bhubaneswar-751007
**Tel.:** (0674)- 2545586, 2545852, **Email:** serifedodisha@gmail.com

No-VI-29(19)SERIFED/2018-19/1024 Date: 15.09.2018

**TENDER CALL NOTICE**

Sealed tenders are invited from the registered contractors with experience in Interior decoration work of Handloom Showrooms for the Renovation & Interior Furnishing work of Bargarh Showroom No.-1 of Sambalpuri Bastralaya at Bargarh as follows.

| | | |
|---|---|---|
| 1. | Tender value | : Rs.16,60,349/- (Excluding GST) |
| 2. | Cost of Tender Paper | : Rs.6,000/- (Non-refundable) |
| 3. | E.M.D. | : Rs.16,600/- |
| 4. | Class of Contractor | : "C" & "B" Class. |
| 5. | Date & Time of availability of Tender Paper | : **Office of SERIFEED.** (up to 30.09.2018, 10:00 A.M. to 5:00 P.M.). Website 11:00 A.M. on Dt.18.09.2018 to Dt.30.09.2018 (5:00 P.M.). |
| 6. | Last date of Submission of Tender | : Up to 1:00 P.M. Dt.01.10.2018. |
| 7. | Opening of Tender | : 3:00 P.M. on Dt.01.10.2018. |

For details of tender document, Terms & Conditions and further corrigenda, please visit Serifed own website **www.serifed.in**.

Sd/- MANAGING DIRECTOR

**GOVERNMENT OF ODISHA** No.: 581-B
**OFFICE OF THE EXECUTIVE ENGINEER, RAIRANGPUR (R&B) DIVISION**
E-mail ID: eerbrairangpur@yahoo.co.in
**e-Procurement Notice**
**Bid Identification No.: E.E. 07 of 2018-19**

| | | | |
|---|---|---|---|
| 1. | The Executive Engineer, Rairangpur (R&B) Division on behalf of Governor of Odisha invites double cover percentage rate bid in ONLINE MODE for Building & Road works from eligible contractors as detailed below. | | |
| 2. | Nature of Works | : | Building & Road Works |
| 3. | No. of Works | : | 3 Nos. |
| 4. | Estimated Cost put to tender | : | Rs.41,54,100/- to Rs.86,75,000/- |
| 5. | Class of Contractor | : | B & A Class |
| 6. | Date & Time of Sale & Receipt of Bids | : | 10.00 A.M. of 17.09.18 to 4.00 P.M. of 26.09.18 |
| 7. | Date of Opening of Bid | : | 27.09.18 at 4.00 P.M. |
| 8. | The bidders have to participate in ONLINE bidding only. Further details can be seen from the website **http://tendersorissa.gov.in**. | | |

Sd./- Executive Engineer
Rairangpur (R&B) Division
34041/11/0004/1819

No.: 583-B
**GOVERNMENT OF ODISHA**
**OFFICE OF THE EXECUTIVE ENGINEER, PARALAKHEMUNDI (R&B) DIVISION, PARALAKHEMUNDI**
Tel. Ph. No.: 6815-222542, Fax: 06815-222542
E-mail ID: eerbparala@yahoo.com
**TENDER CALL NOTICE**
**Bid Identification No. E.E., P.K.D. R&B Divn.- 05/2018-19**

| | | | |
|---|---|---|---|
| 1. | The Executive Engineer, Paralakhemundi (R&B) Division on behalf of Governor of Odisha Invites Percentage Rate Bid in Single Cover system to be received in on ONLINE MODE only for the work as detailed below. | | |
| 2. | Nature of the Work | : | Road Works |
| 3. | No. of Works | : | (1) One Number only |
| 4. | Tender Paper Cost (Online) | : | 6,000/- |
| 5. | Class of Contractor | : | "C" & "D" |
| 6. | Availability of Bid documents in Website | : | From Dt.17.09.2018 (10.00 A.M.) to 24.09.2018 (05.00 P.M.) |
| 7. | Date of Opening of Bid (Cover-1) | : | 26.09.2018 at 12.00 Noon |
| 8. | The Bidders have to participate in ONLINE bidding only. Further details can be seen from the website **http://tendersorissa.gov.in**. | | |

Sd./- Executive Engineer
Paralakhemundi (R&B) Division
34065/11/0003/1819

No.: 584-B
**GOVERNMENT OF ODISHA**
**OFFICE OF THE EXECUTIVE ENGINEER, SAMBALPUR (R&B) DIVISION NO.-1, SAMBALPUR**
E-mail: exeengsbp@rediffmail.com, Phone/Fax: 0663-2548013
**e-Procurement Notice**
**Bid Identification No.: EE/R&B/SBP/15/2018-19**
**No.: 4351** **Dated: 06.09.2018**

| | | | |
|---|---|---|---|
| 1. | The Executive Engineer, Sambalpur (R&B) Division No.-1, Sambalpur on behalf of Governor of Odisha, invites **Percentage Rate** bids in **Double/Single Cover System** in **ONLINE MODE** for construction of **Building Works** as detailed in the DTCN from the eligible class of contractors. | | |
| 2. | No. of Work | : | 03 (Three) |
| 3. | Tender Cost | : | Rs.10,000/- and Rs.6,000/- (Online) |
| 4. | Class of Contractor | : | "B" Class & "A" Class |
| 5. | Date and time available in website & receipt of Bids | : | 16.00 Hrs. 17.09.2018 to 17.00 Hrs. of 26.09.2018. |
| 6. | Date of Opening of Tender | : | 27.09.2018 at 11.30 Hrs. |
| 7. | The Bidders have to participate in ONLINE bidding only. Further details can be seen from the website. | | |
| 8. | Any Corrigendum/Addendum will be displayed in the website **www.tendersodisha.gov.in** only. | | |

Sd./- Executive Engineer
Sambalpur (R&B) Division No.-1
34042/11/0011/1819

**BERHAMPUR MUNICIPAL CORPORATION**
**No.: 14894** **Date: 12.09.18**
**QUOTATION CALL NOTICE**

No.: 261-C: Sealed quotations are invited to be reached by Speed Post/Registered Post only from reputed agencies/firms for **"Supply and Installation of CC Camera in BeMC Campus and eLibrary with 3 years Comprehensive Warrantee and Support"**. The detailed terms & conditions are available at our office website **www.berhampur.gov.in**. The last date of receipt of tenders in this office by 27.09.18 5.00 P.M. and will be opened on 28.09.18 at 11.00 A.M. in the Office of undersigned.
The authority reserves the right to accept or reject any quotation without assigning any reason thereof.

Sd./- Commissioner
Berhampur Municipal Corporation
13035/11/0109/1819




## BRIDE WANTED

**Wanted suitable match (preferably working) for Central Government Class one Gazetted Officer (Indian Army Officer- Captain) 27/6' (Gudia). Contact: 09619918958. email-jps612007@yahoo.co.in.** D-64011

## GROOM WANTED

Divorcee bride Clerk 39, Business 41(caste-no-bar). Contact: 7873374269. D-63496




## SALE

Indigo ECS for sale 29000 kms. done. 2016 Sept. Model. 9437012444. D-58695




## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64153

4800 sft. gharabari corner plot, BDA yellowzone Mendhasal near Infocity-2. 9778822122. D-8391

Immediate ready for construction land at Rasulgarh near Hitech Square (NH-5). 16,20,000/-. 9938771877. D-64307

1300, 2500, 4500 sqft. individual boundary wall residential plot at Canal Road, Hanspal. Owner: 9437033320. D-64308

**2/3BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs. 30 lakhs Contact: 9937059891, 8908312315, 8908292617.** D-8388

One two storied residential building on 16 Decimal land at Kanchan Bazar, Dhenkanal is ready for sale. 9437864529, 7978040150, 9090677600. D-59519

14000 sft. gharabari corner plot (commercial) near East College Phulnakhara for O/R/ Sharing lease. Suitable for godown and hospital. 9778822122. D-8390

ଜଟଣୀଗେଟ୍ ପାଖରେ NHକୁ ଲାଗି ଘରବାରି ପାଚେରି plot ମିଳୁଅଛି। 9778556265. D-64313

Readymade new 3BHK flat at BJB Nagar, No tax 9439716901 (Broker not allowed). D-64158

ମୋର ନିଜସ୍ୱ ସ୍ଥିତିବାନ plot ଜାମୁକୋଳି ମୌଜାରେ 4270 sqft. ସୁନ୍ଦରପଦା ଜଟଣୀ ରୋଡ Lingaraj Railway Stationଠାରୁ 7km. ବିକ୍ରିହେବ। 9238896887, 8249821200. D-62126

Booking simplex 2BHK 1200 sqft. Tankapani road Sai Temple 26,19,000/- 7735738102. D-8375

ଭୁବନେଶ୍ୱର ହଂସପାଳ ପାଖାପାଖି ଘରବାରି boundary 30ft. road ଥାଇ ପ୍ଲଟ ମିଳୁଛି। 9668194157. D-63493

ଘରବାରି plot sale in Bhubaneswar ନଖରା sqft.- 580/-, ଅରଗୁଳ sqft.- 170/-, ପାହାଳ sqft.- 700/- Smruti. 7749090720. D-64314

Bhubaneswar AIIMS Hospital, DOON School 30' road gharabari possession plot. Registration free puja offer. 9777553622. D-62791

4BHK duplex at Balianta (land-1400, construction-2100) @ 50 lakh. Residential gharabari land at Patrapada @ 2100, Malipada @ 1050, Nuagaon @ 800/ 1400, Hanspal @ 1700. Contact: M-Planets. 9861022055, 9938219397. D-8378

3000 sft. homestead land immediately for sale Chandrasekharpur, Bhubaneswar. Genuine buyer directly contact Deepak. 9937329999. D-61498

3150 sqft. land near Station Square, Cuttack road for godown or semi commercial purpose for immediate sale. 9861887069. D-63094

Ready to occupy two BHK flats in a RERA registered project in Kumutipatana, Puri. Available for immediate sale. Price between Rs. 31.5 lakh- Rs. 34.5 lakh. Contact: 9515105824. D-63723

Freehold land private plot on sale in Bhubaneswar at Kalinga Nagar and Infocity- 2. Contact: 9437788324 after 10am. D-8394

**Bhubaneswar Hanspal** ସୁଧାନନ୍ଦ କଲେଜଠାରେ ଘରବାରି **boundary plot 80'** ପିଚୁରୋଡ୍‌କୁ ଲାଗି ବିକ୍ରିହେବ। **9437003399, 9437240295.** D-64317

Independent house for sale at Khandagiri and Jayadev Vihar. Contact: 9937447564. D-8395

Ready 2BHK flat near ZEE School kateni, Bhubaneswar is immediate for sale. 9937162220. D-62794




**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan- SMPL: 9439483779.** D-8389

## GENERAL

## SALE

Gun for sale, 12 bore webly & scott, single barrel, good condition: 9437009519. D-63367

Furnished AC restaurant, Lewis road, Ravi Talkies Square, Bhubaneswar. 9437283845. D-63369

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64312




3500 sqft. (1st floor) commercial space available for rent on Station Road, BARIPADA town opposite HDFC Bank. Contact: 9861392999, 9861275600. D-8392

1500 sqft. 2BHK. 1st floor with modern fitting, 408, Paik Nagar 1st lane, Delta Square, Unit-8, Bhubaneswar. 2560320, 8249219060. D-64157

Commercial 2000 sqft., 1st floor house near main road side, Ekamra Kanan, Jaydev Vihar, Bhubaneswar with 3AC, chairs and partitions, conference hall on rent bank and corporate houses preferred. 9437267037, 8895704207, 7978915845. D-64146

4400 sft. GA 267 available in Sailashree Vihar for companies and residences etc. Contact No: 9437284089. D-63838

4400 sft. GA 267 available in Sailashree Vihar for companies and residences etc. Contact No: 9437284089. D-63838

3BHK flat, garage, first floor, NC Gita Apartment, N1, Swapneswar Mandir front, IRC Village. 9437015191. D-61499

1000sqft 2BHK flat in 2nd floor available for family and 1000sqft. office space in ground floor for rent at N-3, IRC Village, Nayapalli. Contact: 7894450200. D-63494

1BHK tile flooring house near CRP Square for Govt. employees. Contact: 9438048807. D-64501

3BHK @ 3,500/- (for family only), At- Johal, near Pahal, 1.5 km. from Pahala Chhak. Contact: 8249669102. D-63842




Shivam logistic packers movers. Household/ car relocation countrywide. 9777044177, 9338461133. D-8330

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Fully refreshed/ relaxed body massage by expert therapist, Shastrinagar. 7377984773. D-64136

Rejuvenate and Ayurvedic full body massage by smart therapist. 9114402304. D-64138

Pamper yourself this Mansoon profesional massage. Contact Purple Orchid. 9776598888. D-64137

Singar massage club fully relaxed by expert lady also home service available. Contact: 9937637219. D-8319

Newly opening ayurvedic body massage in joint pains, smart therapist. 9776383819. D-64150

Newly opening ayurvedic body massage smart therapist, Shree Herbal. 7750020754. D-64151

Herbal full body massage by smart/ expert therapist. Contact: 8338067247. D-64152

Newly open herbal full body massage with re-freshment well trained therapist. 7381239385. D-63091

G.S Spa herbal full body massage ladies/ gents. 9078429117, 7683840853. D-63092

Experience full body massage with us by experts. Enquiry: 7377048581. D-64155

Bangkok spa special offer 50% off on all 1hrs any full body massage. 9861688844, 8018739084. D-64310

Sonali ayurvedic full body massage/ smart lady expert therapist. Best facility. 9661643016, 9572698260, 9934132232, 9631368840. D-8096

All type of massage and good therapy full body massage Sai herbal spa. 7609005923. D-64202

Opening newly ayurvedic full body massage ladies, gents. 7609923705, 7438851534. D-38529

Lady Diana massage centre full body massage by high profile smart female therapist. 9199941577, 9135760601. D-8393

Herbal body massage relax, back joint pain treatment. 9114225221, 9437453813. D-61500




Doodh Sagar Company ସହିତ ଗୋପାଳନ ବ୍ୟବସାୟର ଅଂଶୀଦାର ହୋଇ ଘରେବସି ଚୁକ୍ତିଭିତ୍ତିକ ମାସିକିଆ ଅର୍ଥ ଉପାର୍ଜନ କରନ୍ତୁ। 8763244211. D-63840

Business project registration opens for NGO, SHG. Contact for new registration of NGO. 9428744117, 9438804164. Rashtriya NGO Munch. D-8370

Textile stitching project contract for 5 years. Registration opens. Free distributorship. Contact Gujarat Textile. 7978852917. D-8371

**ଜନ୍ମଦିନ ଶୁଭେଚ୍ଛା**



**ଦେବାଂଶୀ ପ୍ରତିହାରୀ**

ଆଜି ତୋ ଜନ୍ମଦିନର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଚଲାପଥ କୁସୁମିତ ହେବାସହ ଦୀର୍ଘାୟୁ, ଯଶସ୍ୱୀ ଓ ଉଜ୍ଜ୍ୱଳମୟ ହେଉ। ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଅଜା, ଆଈ, ବାପା, ମା, ପିଇସା, ପିଉସୀ, ମଉସା, ମାଉସୀମାନଙ୍କର ଶତକୋଟି ଆଶୀର୍ବାଦ। ଧ-୮୩୯୭

**ଜନ୍ମଦିନ ଶୁଭେଚ୍ଛା**



**Aqsa Fatma**

**ବେଣାପଞ୍ଜୁରୀ, ଜଟଣୀ, ଖୋର୍ଦ୍ଧା**

ତୁମ ଯିଓ ହଜାରୋଂ ଶାଲ୍
ଏହି ଦୁଆ ହେ ହମାରୀ
ଅଜା, ଆଈ, ମାମୁ, ମାଇଁ,
ଭାଇ, ଭଉଣୀ। ଧ-୮୩୯୬

**Birthday Wish**



**(Juju)**

**Raj Sambit Swain**

Happy Birthday

**Nankar, Jagatpur**

Best wishes from:
Family & Relative. D-8399

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

# CLASSIFIED BOOKING STATIONS

**BERHAMPUR DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**PADMINI LADIES CORNER**
Bhagban Sasmal, Sanjibani Market, Angul, Mob : 9668600631, 7788997720

**JAGADAMBA GIFT MALL**
Manoj Ku. Sahoo, Convent Road, Rayagada, Mob : 9439530999

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**BS COMMUNICATION**
Malipada Fatak, Sambalpur, Contact : Nabin Kumar Dash, Mob: 9776813356

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878.

**CUTTACK DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**WELCOME**
Buxi Bazar, Cuttack, Pratap Kumar Sahoo, Mob : 986134039

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph-2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph-9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674- 2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

**MAHALAXMI VARIETY STORE**
Badagada Brit Colony, J. K. Panigrahy, Mob : 9437941222

**KANAN COMPUTERS**
Samantrapur, Ramakanta Sasmal, Mob : 9437439164

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

Now Matrimonial ads. only on Wednesday & Sunday Book 1 Get 1 FREE

**MAA SARALA ENTERPRISERS**
N-5/37, Nayapalli, BBSR, Tushar Pattnaik, 8018202611, 9937071279.

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

**STUDIO MUNNA PHOTOGRAPHY**
N-6, 311, IRC Village, Nayapali, BBSR, Chitta Ranjan Patra, Mob- 9337180581, 9124380581

**EUREKA ADVERTISER**
N-6/259, IRC Village,Nayapali, BBSR, Nihar Ranjan Mohanty, Ph:0674-2360820, 9337111752

**ANITA ADVERTISERS**
S-17, BDA Market Complex, Nilakantha Nagar, near Passport Office, Nayapalli, BBSR-12, Chinmaya Choudhury, Ph: 9338991113, 9861678764, 0674-2564277

**MAA TARINI COMMUNICATION**
Plot No.-1450, IRCVillage, Infront of Travancore Bank, BBSR, Susanta Nanda. Mob- 9437211887

**TAMANNA COMMUNICATION**
Plot-2132/ 4177(B), Vivekananda Marg, BBSR-2, Babina/ Dudu Mohanty, Mob- 9438092141, 9937073667

**GYANA BHANDAR**
Tamando, Bhubaneswar, Rohit Behera, Ph: 9438621987

**NET POINT**
Plot No. 516/1758, Sujata House, KIIT Square, Patia, Binit Ku. katual, Ph: 0674-2726335, 9337013246

**ANNAPURNA COMMUNICATION**
Qtr.-LC 133/24, C.S Pur, BBSR. Prabina Kumar Mohanty, Ph- 2551286,9337336614

**JM GRAPHICS**
SA-12, VSS Nagar, IDCO Market Complex, mancheswar I.E., Bhubaneswar-10, Jitendriya Mansingh, Ph:0674-2582095

**MEDIA SOLUTION**
VSS Nagar, Santosh Ku. Tripathy, Mob : 7735510493

**M/S. SREE JAYADEV JAGANNATH PHOTOSHOP**
Balianta Bazar, Balianta, Khurda Nilamadhab Sahoo, Mob: 9439897622, 9777927622

**BEEZY'S & ADD**
Balakati, Khurda, Giridhari Lal Saranga, Mob : 9438302811

**SUMIT COMMUNICATION**
Hruda Nanda Behera, Plot No.-983, Mancheswar, BBSR, Mob : 9938965727

**AMAN ADDCARE**
Niranjan Sahoo, Plot No.-114/7, Airport Square, Bhimpur, BBSR, Mob : 9937426436

**MARUTI STD**
Infront of Big Bazar, Satya Nagar, V.L. Raju, Narayan Raja, Ph: 9861245489, 9861712131

**S S ENTERPRISES**
2943, Palasuni near ISA Daignosics, Rasulgarh BBSR, Pabana Garnayak, Mob: 9348737060, 7381305892

**SAGAR COMMUNICATION**
Damana Square, Chandrasekharpur, BBSR-16, Infront of Metro Homes & IDBI Bank. Mr. Sagar Sahoo, Ph: 9861237341, 0674-2744077.

**PANCHAMUKHI ADVERTISERS**
Baramunda, Jagannath Vihar, Lane no-4, Road No-2, BBSR. Mr. Prasanta Kumar Nayak, Mob: 9438689186.

# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଈଶ୍ୱର ଚନ୍ଦ୍ର ବେହେରା**

SN. 70 ସୁଦର୍ଶନନଗର, ବଡ଼ଶଙ୍ଖ, ପୁରୀ

ଚାହୁଁ ଚାହୁଁ ୧ବର୍ଷ ବିତିଗଲାଣି। ଆପଣଙ୍କର ସେହି ସ୍ନେହ, ଶ୍ରଦ୍ଧା, ସର୍ବଦା ଆମମାନଙ୍କୁ ଅନୁପ୍ରାଣିତ କରିଛି। ମହାପ୍ରଭୁ ଆପଣଙ୍କ ଆତ୍ମାର ସଦ୍‌ଗତି ଦିଅନ୍ତୁ। ଶୋକସନ୍ତପ୍ତ: ପରିବାର ଓ ବନ୍ଧୁବର୍ଗ। ଧ-୬୩୭୨୪

**୧୧ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଦିଗମ୍ବର ନାୟକ**

ମଠକରଗୋଳା, ଢେଙ୍କାନାଳ
ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ
ଆବିର୍ଭାବ: ୧୨।୦୭।୧୯୬୩
ତିରୋଧାନ: ୦୬।୦୯।୨୦୦୮
(ଭାଦ୍ରବମାସ, ସପ୍ତମୀ)

ହେ ବିଶ୍ୱ ନିୟନ୍ତା, ତୁମ ବିଚାର ବଡ଼ ବିଚିତ୍ର। ତୁମେ ଏ ବିକଶିତ କଳିକାଟିକୁ ଆମ କୋଳରୁ ଖିନ୍ନଭିନ୍ କରି ଛଡାଇନେଲ କାହିଁକି? ଏକ ସ୍ନେହ, ଶାନ୍ତ, ସରଳ, ସୌମ୍ୟ, ନିଷ୍କପଟ, ନିଆରା ଚେତନାକୁ ଆମେ ଭୁଲିବୁ କେମିତି? ତୁମେ ଯେଉଁଠି ଥାଅ, ଆଜି ତୁମ ୧୧ତମ ଶ୍ରାଦ୍ଧବାର୍ଷିକୀରେ ତୁମ ଅମରାତ୍ମାର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ଏତିକି ଆମର ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ- ପ୍ରଜିଳା, ପୁତ୍ର- ଦୀପୁ, ଲିପୁ, ବୋହୂ- ଇଲା, ଶାଶୁ, ଶ୍ୱଶୁର, ଦେଢଶାଶୁ, ସଢୁ, ଶାଳୀ, ପୁତୁରା, ଝିଆରୀ ଓ ପରିବାରବର୍ଗ। ଧ-୬୨୦୪୨

Dollar 71.84 (34)
Sensex 38,090.64 (372.68)
Nifty 11,515.20 (145.30)
Gold 31,420.00 (₹ 20)
Silver 37,500.00 (₹150)

"ଯୁବକମାନେ ଭବିଷ୍ୟତର ନିଯୁକ୍ତି ପ୍ରତି ସଜାଗ ରହି ନିଜର କ୍ୟାରିୟର ଚୟନ କରନ୍ତୁ । କାରଣ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ଅନ୍ୟ ଆଧୁନିକ ଟେକ୍ନୋଲୋଜି ଯୋଗୁ ବେକାର ସଂଖ୍ୟା ବଢ଼ିବ ।"

– ଏସ.କ୍ରିଷ୍. ଗୋପାଳକ୍ରିଷ୍ଣନ, ସହ ପ୍ରତିଷ୍ଠାତା ତଥା ପୂର୍ବତନ ସିଇଓ, ଇନଫୋସିସ୍



"ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ଚିନ୍ତାର ବିଷୟ । କେନ୍ଦ୍ର ସରକାର ଉପାୟ ଖୋଜିବାରେ ବ୍ୟସ୍ତ । ଏହାକୁ ନେଇ ସରକାର ଖୁବଶୀଘ୍ର ନିଜର ସ୍ଥିତି ସ୍ପଷ୍ଟ କରିବେ ।"

– ଅମିତ ଶାହ, ଅଧ୍ୟକ୍ଷ, ଭାଜପା



## ଖବର ଏଇ ସପ୍ତାହ

### ୪୦ଟ୍ରେନରୁ ଫ୍ଲେକ୍ସି ଫେୟାର ପ୍ରତ୍ୟାହାର

ରେଳଯାତ୍ରୀଙ୍କ ଲାଗି ଖୁସିଖବର। ଭାରତୀୟ ରେଲୱେ ୪୦ଟି ପ୍ରିମିୟମ ଟ୍ରେନରୁ ଫ୍ଲେକ୍ସି ଫେୟାର ପ୍ରାଇସିଂ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି। କେବଳ ଏତିକି ନୁହେଁ ଅବଶିଷ୍ଟ ୧୦୨ ପ୍ରିମିୟମ ଟ୍ରେନ ଯାତ୍ରୀଙ୍କଠାରୁ ଶେଷ ମୁହୂର୍ତ୍ତରେ ବୁକିଂ ବେଳେ ଭଡାରେ ୫୦% ଡିସ୍‌କାଉଣ୍ଟ ଦେବାକୁ ରେଲୱେ ଯୋଜନା ପ୍ରସ୍ତୁତ କରୁଛି। ଫଳରେ ଯାତ୍ରୀ ମାନେ କମ୍ ଭଡା ଗଣିବେ।

### ଟଙ୍କାରେ ସ୍ଥିରତା ଲାଗି ୫ସୂତ୍ରୀ ଫର୍ମୁଲା

ଟଙ୍କାର ମୂଲ୍ୟରେ ସ୍ଥିରତା ଆଣିବା ତଥା ଏଥିଯୋଗୁ ଉପୁଜୁ ଚଳନ୍ତି ଜମା ନିଅଣ୍ଟ(ସିଏଡି)କୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ୫ସୂତ୍ରୀ ଫର୍ମୁଲା ସ୍ଥିର କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ଆର୍ଥିକ ସମୀକ୍ଷା ବୈଠକ ଶେଷରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ଏଠାରେ ଆୟୋଜିକ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇ ଜେଟ୍‌ଲୀ କହିଛନ୍ତି ଯେ, ଆର୍ଥିକ ସମୀକ୍ଷା ବୈଠକରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଉର୍ଜିତ ପଟେଲ ପ୍ରଧାନମନ୍ତ୍ରୀଙ୍କୁ ଦେଶର ଆର୍ଥିକ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଚଳନ୍ତି ଜମା ନିଅଣ୍ଟ ପରିମାଣକୁ ହ୍ରାସ କରିବା, ଟଙ୍କାର ମୂଲ୍ୟକୁ ସ୍ଥିର କରିବା ଏବଂ ବିଦେଶୀ ମୁଦ୍ରା ପ୍ରବାହକୁ ବଢ଼ାଇବା ଲାଗି ସେ କେନ୍ଦ୍ର ସରକାରଙ୍କୁ କେତେକ ପରାମର୍ଶ ଦେଇଛନ୍ତି।

### ଡେଏରୀ ବ୍ୟବସାୟକୁ ଓହ୍ଲାଇଲା ପତଞ୍ଜଳି

ଯୋଗଗୁରୁ ବାବା ରାମଦେବଙ୍କ ପତଞ୍ଜଳି ଆୟୁର୍ବେଦ ଏବେ ଡେଏରୀ ବ୍ୟବସାୟକୁ ଓହ୍ଲାଇଛି। ଏଣିକି ପତଞ୍ଜଳି ଷ୍ଟୋରରେ କ୍ଷୀର, ଦହି, ପନିର, ଘୋଳ ଦହି ଆଦି ଦୁଗ୍ଧଜାତ ପଦାର୍ଥ ବିକ୍ରି କରାଯିବ। ଖାଲି ସେତିକି ନୁହେଁ, ଫ୍ରୋଜନ ପନିପରିବା ଓ ଦିବ୍ୟଜଳ ନାମରେ ମିନେରାଲ ୱାଟର ମଧ କମ୍ପାନୀ ବିକ୍ରି କରିବ। ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇ ବାବା ରାମଦେବ କହିଛନ୍ତି ଯେ, ଅନ୍ୟ ବ୍ରାଣ୍ଡ ଅପେକ୍ଷା ପତଞ୍ଜଳି ଦ୍ୱାରା ଟେଟ୍ରା ପ୍ୟାକ୍‌ରେ ବିକ୍ରି ହେବାକୁ ଥିବା କ୍ଷୀର ୨ ଟଙ୍କା ଶସ୍ତା ହେବ। କମ୍ପାନୀ ଏଥିଲାଗି ଦିଲ୍ଲୀ-ଏନ୍‌ସିଆର, ପୁଣେ, ରାଜସ୍ଥାନ ଓ ମୁମ୍ବାଇର ୫୬ ହଜାର ଦୁଗ୍ଧ ବିକ୍ରେତାଙ୍କ ସହ ଚୁକ୍ତି କରିଛି। କମ୍ପାନୀ ୨୦୧୯-୨୦ ସୁଦ୍ଧା ପ୍ରାୟ ୧୦ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ କରିବାର ଲକ୍ଷ୍ୟ ରଖିଛି। କମ୍ପାନୀ ଏଥିରୁ ପ୍ରାୟ ୧ ହଜାର କୋଟି ଟଙ୍କାର ବ୍ୟବସାୟ କରିବାର ଲକ୍ଷ୍ୟ ରଖିଛି ବୋଲି ଯୋଗଗୁରୁ କହିଛନ୍ତି।

### ୩୨୮ ପ୍ରକାର ଔଷଧ ନିଷିଦ୍ଧ

କେନ୍ଦ୍ର ସରକାର ଉଭୟ ସ୍ୱଦେଶୀ ଓ ବିଦେଶୀ ଔଷଧ କମ୍ପାନୀଙ୍କୁ ଝଟକା ଦେଇଛନ୍ତି। ସାରିଡନ ଭଳି ଯନ୍ତ୍ରଣାନାଶକ ଔଷଧ ଠାରୁ ଆରମ୍ଭ କରି ସ୍କିନ କ୍ରିମ୍ ପେନ୍‌ଡ୍ରମ ସମେତ ଏକାଧିକ କମ୍ବିନେଶନର ୩୨୮ ପ୍ରକାର ଔଷଧକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିଷିଦ୍ଧ କରିଛନ୍ତି। ଅତ୍ୟଧିକ ରସାୟନରେ ପ୍ରସ୍ତୁତ ଏଭଳି ଔଷଧର ବ୍ୟବହାର ଦ୍ୱାରା ଲୋକଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସୁ ନ ଥିବାରୁ ଏଗୁଡିକୁ ନିଷିଦ୍ଧ କରାଗଲା ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମିଳିଥିବା ତଥ୍ୟ ଅନୁଯାୟୀ ଏଭଳି ଔଷଧର ଉତ୍ପାଦନ, ବିତରଣ ତଥା ବିକ୍ରିକୁ ତତ୍କାଳ ରୋକିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ନିଷିଦ୍ଧ ହୋଇଥିବା ଔଷଧ ମଧ୍ୟରେ ଏକାଧିକ କଫ୍ ସିରପ, ଥଣ୍ଡା, କାଶ ବ୍ୟତୀତ କିଛି ଆଣ୍ଟିବାୟୋଟିକ ଔଷଧ ସାମିଲ ହୋଇଛି। କେନ୍ଦ୍ର ସରକାର ୨୦୧୬ରେ ଏଭଳି ୩୫୦ ଔଷଧକୁ ନିଷିଦ୍ଧ ଘୋଷଣା କରିଥିଲେ।

■ ଭାରତ–ଆଫଗାନିସ୍ତାନ ପ୍ରତି ନରମିଲା ପାକିସ୍ତାନ

# ନିଜ ମାଟି ଦେଇ ବାଣିଜ୍ୟକୁ ଦେବ ଅନୁମତି

ମୁମ୍ବାଇ,୧୫–୯

ନିଜ ମାଟି ଦେଇ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ବାଣିଜ୍ୟ କାରବାର ପାଇଁ ପାକିସ୍ତାନ ଏବେ ରାଜି ହୋଇଛି। ଚଳିତ ବର୍ଷ ଆରମ୍ଭରେ ଆଫଗାନିସ୍ତାନର ନେତୃମଣ୍ଡଳୀଙ୍କୁ ଭେଟି ପାକିସ୍ତାନ ଏସମ୍ପର୍କରେ ପ୍ରସ୍ତାବ ଦେଇଛି ବୋଲି ଆଫଗାନିସ୍ତାନସ୍ଥିତ ଆମେରିକା ରାଷ୍ଟ୍ରଦୂତ ଜନ ବାସ୍ ପ୍ରକାଶ କରିଛନ୍ତି। ପାକିସ୍ତାନର ମନୋଭାବରେ ପରିବର୍ତ୍ତନ ଉଭୟ ଭାରତ ଓ ଆଫଗାନିସ୍ତାନ ପାଇଁ ବରଂ ସମଗ୍ର ଦକ୍ଷିଣ ଏସିଆ ଲାଗି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ମନେକରାଯାଉଛି। ପୂର୍ବରୁ ପାକିସ୍ତାନ ଏହାକୁ ବାରଣ କରିଥିଲା।



■ ଆମେରିକା ରାଷ୍ଟ୍ରଦୂତ ଜନ୍ ବାସ୍‌ଙ୍କ ସୂଚନା
■ ବାଣିଜ୍ୟ ଶୋ'ରେ ୨୭ ମିଲିୟନ ଡଲାର ନିବେଶ ଚୁକ୍ତି
■ ପୂର୍ବରୁ ୨୦୦ ମିଲିୟନ ଡଲାର ନିବେଶ ହୋଇଛି

ବାସ୍ କହିଛନ୍ତି ଯେ, ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରୁ ପାକିସ୍ତାନର ମନୋଭାବରେ ପରିବର୍ତ୍ତନ ଆସିଥିବା ମନେହୁଏ। ଆକାଶ ପଥରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଏବଂ ଆଫଗାନିସ୍ତାନ ଓ ଉଜବେକିସ୍ତାନ ମଧ୍ୟରେ ବାଣିଜ୍ୟ କାରବାର ବଢ଼ିବା ପାକିସ୍ତାନ ଲାଗି ଦୁଇଟି ଗୁରୁତ୍ୱପୂର୍ଣ୍ଣ କାରଣ ହୋଇପାରେ। ଏହି ଦୁଇଟି ଘଟଣା ଏହାର ମନୋଭାବ ପରିବର୍ତ୍ତନର ମୁଖ୍ୟ କାରଣ ବୋଲି ସେ ଉଲ୍ଲେଖ କରିଛନ୍ତି। ଏହାଛଡା ନିଜର ବାଣିଜ୍ୟ ବୃଦ୍ଧି ଉପରେ ପାକିସ୍ତାନ ଜୋର ଦେଉଛି। ଏହାଛଡା ଆଫଗାନିସ୍ତାନ ଓ ଉଜବେକିସ୍ତାନ ସହ ଏହା ନିଜର ରାଜନୈତିକ ସମ୍ପର୍କ ସୁଧାରିବାକୁ ଚାହୁଁଛି। ଏହି କାରଣରୁ ହିଁ ଆଫଗାନିସ୍ତାନ ସରକାର ସହ ପାକିସ୍ତାନ କଥାବାର୍ତ୍ତା ଆରମ୍ଭ କରିଥିଲା। ଭାରତ ଓ ଆଫଗାନିସ୍ତାନ ମଧ୍ୟରେ କାରବାର ଆରମ୍ଭ କରିବାର ରୂପରେଖ ତଥା ମାନଦଣ୍ଡ ନିର୍ଦ୍ଧାରଣ ଲାଗି ଆଲୋଚନା ଆରମ୍ଭ କରିଥିଲା ପାକିସ୍ତାନ। ଏଠାରେ ଆୟୋଜିତ ଇଣ୍ଡିଆ–ଆଫଗାନିସ୍ତାନ ବାଣିଜ୍ୟ ଏବଂ ପୁଞ୍ଜିନିବେଶ ଶୋ'ରେ ଅଂଶଗ୍ରହଣ କରିବା ଅବସରରେ ବାସ୍ କହିଛନ୍ତି ଯେ, ଆଫଗାନିସ୍ତାନରେ ଭାରତୀୟ କମ୍ପାନୀଙ୍କ ପୁଞ୍ଜିନିବେଶ ବଢ଼ିବାରେ ଲାଗିଛି। କେବଳ ଏହି ଶୋ'ରେ ହିଁ ୨୭ ମିଲିୟନ ଡଲାର ନିବେଶ ଚୁକ୍ତି ସ୍ୱାକ୍ଷର ହୋଇଛି। ଇତିମଧ୍ୟରେ ଭାରତୀୟ କମ୍ପାନୀମାନେ ଆଫଗାନିସ୍ତାନରେ ୨୦୦ ମିଲିୟନ ଡଲାର ନିବେଶ କରିସାରିଛନ୍ତି। ଆଫଗାନିସ୍ତାନରେ ରାଜନୈତିକ ସଙ୍କଟ ଟଳିବା ପାକିସ୍ତାନ ସ୍ୱାର୍ଥ ସହ ଜଡିତ। ପାକିସ୍ତାନ ନିଜ ଜିଦ୍‌ରେ ଅଟଳ ରହିଲେ ଉଭୟ ପଟୁ କାରବାର ବଢ଼ିପାରିବ ନାହିଁ କି କେନ୍ଦ୍ରୀୟ ଏବଂ ଦକ୍ଷିଣ ଏସିଆର ଦେଶମାନଙ୍କ ମଧ୍ୟରେ ଗମନାଗମନ ସମ୍ଭବ ହୋଇପାରିବ ନାହିଁ। ଫଳରେ ଅଞ୍ଚଳବାସୀ ଏକ ସୁବର୍ଣ୍ଣ ସୁଯୋଗ ହରାଇବେ। ଅନ୍ୟ ଏକ ପ୍ରସଙ୍ଗରେ ବାସ୍ କହିଛନ୍ତି ଯେ, ଇରାନ ବିରୋଧରେ ଆମେରିକାର କଟକଣା ଯୋଗୁ ଚାବହର ବନ୍ଦରରେ ବିପୁଳ ନିବେଶ କରିଥିବା ଭାରତ ପାଇଁ ଏହା କେତେ କ୍ଷତିକାରକ ହେବ ତାହା ଆମେରିକା ବୈଦେଶିକ ସଚିବ ମାଇକ ପମ୍ପିଓ ଓ ପ୍ରତିରକ୍ଷା ସଚିବ ଜିମ୍ ମାଟିସଙ୍କ ଗସ୍ତ ବେଳେ ଭାରତ ଜଣାଇ ଦେଇଛି। ଆଫଗାନିସ୍ତାନରେ ସୃଷ୍ଟି ହୋଇଥିବା ରାଜନୈତିକ ସଙ୍କଟ କେବଳ ରାଜନୈତିକ ସ୍ତରରେ ହିଁ ସମାଧାନ ହୋଇପାରିବ ବୋଲି ଆମେରିକା ପ୍ରଶାସନ ମନେ କରୁଛି। ସାମରିକ ଶକ୍ତି ବଳରେ ଏହା ସମ୍ଭବ ହେବ ନାହିଁ ବୋଲି ଆମେରିକା ନିଶ୍ଚିତ ହୋଇଛି ବୋଲି ବାସ୍ କହିଛନ୍ତି।

## ସାପ୍ତାହିକ ସମୀକ୍ଷା

### କ୍ରମାଗତ ଦ୍ୱିତୀୟ ସପ୍ତାହ ସେନସେକ୍ସ ହ୍ରାସ

ମୁମ୍ବାଇ,୧୫–୯




କ୍ରମାଗତ ଦ୍ୱିତୀୟ ସପ୍ତାହ ହେଲା ଦେଶର ଷ୍ଟକ୍ ବଜାରରେ ହ୍ରାସ ପରିଲକ୍ଷିତ ହୋଇଛି। ଚଳିତ ସପ୍ତାହରେ ବିଏସ୍‌ଇ ସେନସେକ୍ସ ୨୯୯.୧୮ ପଏଣ୍ଟ ହ୍ରାସ ପାଇ ୩୮,୦୯୦.୬୪ରେ ଏବଂ ନିଫ୍ଟି ୭୩.୯୦ ପଏଣ୍ଟ କମି ୧୧,୫୧୫.୨୦ରେ ବନ୍ଦ ହୋଇଛି।

ସପ୍ତାହର ଆରମ୍ଭରେ ଷ୍ଟକ୍ ମାର୍କେଟରେ ଅସ୍ଥିରତା ଲାଗି ରହିବାରୁ ବିପୁଳ କ୍ଷତି ହୋଇଥିଲା। ତେବେ ସପ୍ତାହର ଶେଷ ଦିନରେ ଟଙ୍କା ମୂଲ୍ୟ ସର୍ବନିମ୍ନ ରେକର୍ଡ ଛୁଇଁବା ପରେ ସ୍ଥିର ହୋଇଥିଲା। ସପ୍ତାହ ଆରମ୍ଭର ପ୍ରଥମ ଦୁଇ ଦିନରେ ବ୍ୟାପକ ହ୍ରାସ ଦେଖାଯାଇଥିଲା। ଫଳରେ ଏହା ଏକ ସମୟରେ ୩୭ ହଜାର ସ୍ତରକୁ ଆସିଯାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାଇନାର ସାମଗ୍ରୀ ଉପରେ ଟାରିଫ ବୃଦ୍ଧି କରିବାର ଧମକ ଦେବା ଏବଂ ଚଳିତ ମାସରେ ଆମେରିକା ଫେଡେରାଲ ସୁଧ ହାର ବଢ଼ାଇବାର ସମ୍ଭାବନା ଯୋଗୁ ମାର୍କେଟ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡିଥିଲା। ସେହିପରି ଟଙ୍କା ରେକର୍ଡ ସର୍ବନିମ୍ନ ସ୍ତର ଛୁଇଁବା, ଡଲାର ଶକ୍ତିଶାଳୀ ହେବା ଏବଂ ଚଳନ୍ତି ଜମା ନିଅଣ୍ଟ ପରିମାଣ ବୃଦ୍ଧି ଯୋଗୁ ୧୦ ବର୍ଷୀୟ ବଣ୍ଡ୍ ଲାଭ ବଢ଼ିଯାଇଥିଲା। ଏଥିଯୋଗୁ ଶେୟାର ବିକ୍ରି ବୃଦ୍ଧି ପାଇଥିଲା। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ସପ୍ତାହ ଶେଷରେ ପଦକ୍ଷେପ ନେବା ଆଶାରେ ବଜାରରେ ବେଶ୍ ଉନ୍ନତି ପରିଲକ୍ଷିତ ହୋଇଥିଲା। ଏଥିସାଙ୍ଗକୁ ଟଙ୍କାର ମୂଲ୍ୟ ବୃଦ୍ଧି ପାଇବା,ମୁଦ୍ରାସ୍ଫୀତି ୧୦ ମାସର ସର୍ବନିମ୍ନ ସ୍ତର ୩.୬୯%ରେ ପହଞ୍ଚିବା ତଥା ପାଇକାରୀ ମୁଦ୍ରାସ୍ଫୀତି ୪.୫୩%ରେ ପହଞ୍ଚିବା ବଜାରକୁ ସହାୟକ ହୋଇଥିଲା।

# ଜେଏସ୍‌ପିଏଲ୍‌ର ଟିଆର୍‌ବି ଖଣି ପୁରସ୍କୃତ

ଭୁବନେଶ୍ୱର,୧୫–୯

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍)ର ଟିଆର୍‌ବି ଆଇରନ ଓର ମାଇନ୍ସକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପରିବେଶ ନିୟନ୍ତ୍ରଣ ପ୍ରଶଂସା ପୁରସ୍କାର ପ୍ରଦାନ କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ଏବଂ ସୁରକ୍ଷା ଦିଗରେ ବିଭିନ୍ନ ପଦକ୍ଷେପ ଲାଗି ଏଭଳି ପୁରସ୍କାର ମିଳିଥିବା ସଂସ୍ଥା ପକ୍ଷରୁ ସୂଚନା ରହିଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୩୫ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଜେଏସ୍‌ପିଏଲ୍ ଟେନ୍‌ସାର ହେଡ୍ ପ୍ରମୋଦ କୁମାର ପାତ୍ର ଏହି ପୁରସ୍କାର ଗ୍ରହଣ କରିଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର୍. ବାଲକ୍ରିଷ୍ଣନ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ସ୍ୱତନ୍ତ୍ର ସଚିବ ଦେବୀଦତ୍ତ ବିଶ୍ୱାଳଙ୍କଠାରୁ ପାତ୍ର ପୁରସ୍କାର ଗ୍ରହଣ କରିଥିଲେ।



# ଆଇସିସି ପକ୍ଷରୁ କର୍ମଶାଳା

ଭୁବନେଶ୍ୱର,୧୫–୯

ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ (ଆଇସିସି) ପକ୍ଷରୁ ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି ସଂସ୍କାର, କୋଡ ଡିମିଷ୍ଟିଫାଏ ଶୀର୍ଷକ ଆଲୋଚନା ଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଇନସଲଭେନ୍ସି ପ୍ରକ୍ରିୟାରେ ୮୧ ହଜାର କୋଟି ଟଙ୍କାର ଋଣ ଅର୍ଥକୁ ଆଦାୟ କରାଯାଇଥିବା ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡ ଅଫ ଇଣ୍ଡିଆ (ଆଇବିବିଆଇ)ର ଅଧ୍ୟକ୍ଷ ଏମ୍.ଏସ୍. ସାହୁ ଏଥିରେ କହିଛନ୍ତି। ଆଗାମୀ ଦିନରେ ଏହି ସଫଳତା ଆହୁରି ବ୍ୟାପକ ହେବ ବୋଲି ସେ ସୂଚନା ଦେଇଛନ୍ତି। ଦେବାଳିଆ ସମସ୍ୟାର ସମାଧାନ ଶୀଘ୍ର ହେଲେ ନିବେଶ ସୁଯୋଗକୁ ଏହା ବୃଦ୍ଧି କରିବ ବୋଲି ରାଜ୍ୟ ଅର୍ଥମନ୍ତ୍ରୀ ଶଶି ଭୂଷଣ ବେହେରା କହିଛନ୍ତି। ଏନପିଏ ମାମଲାର ସମାଧାନ ଦିଗରେ ଆଇବିସି ଏକ ବଡ ପଦକ୍ଷେପ ବୋଲି ଆଇସିସି ଏକ୍ସପର୍ଟ କମିଟିର କୋ ଚେୟାର ଜେ.ବି. ପାଣି କହିଛନ୍ତି। କାର୍ଯ୍ୟକ୍ରମରେ ଆଇସିସିର ଆଇବିସି ଏକ୍ସପର୍ଟ କମିଟି ଅଧ୍ୟକ୍ଷ ଆଶିଶ ଛଛାରିଆ, ଏ.କେ. ସାବତ ପ୍ରମୁଖ ଉପସ୍ଥିତ ଥିଲେ।

### ୟୁନିଭର୍ସାଲ ଆକାଉଣ୍ଟ ସହ ଲିଙ୍କ ହୋଇନାହାନ୍ତି ୫୦% ଇପିଏଫଓ ସଦସ୍ୟ

ନୂଆଦିଲ୍ଲୀ,୧୫–୯

କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫଓ)ର ଅଧାରୁ ଅଧିକ ସଦସ୍ୟଙ୍କ ୟୁନିଭର୍ସାଲ ଆକାଉଣ୍ଟ ନମ୍ବର(ୟୁଏଏନ୍) ସହ କେୱାଇସିକୁ ଯୋଡାଯାଇନି। ଫଳରେ ସେମାନଙ୍କୁ ଏହି କାରଣରୁ ଅନ୍‌ଲାଇନ ସୁବିଧା ମିଳୁନାହିଁ। କେନ୍ଦ୍ର ସରକାର ଇପିଏଫଓ ଅଧୀନକୁ ଆସୁଥିବା ସମସ୍ତ ସଂସ୍ଥାର ପିଏଫ ସଦସ୍ୟ ୟୁଏଏନ୍ ସହ ଶତପ୍ରତିଶତ କେୱାଇସି ଲିଙ୍କ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ବାଧ୍ୟତାମୂଳକ ଥିଲା ଏବଂ ଏଥିରେ ବିଫଳ ହେଲେ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ଇପିଏଫ ସଦସ୍ୟଙ୍କୁ ତ୍ୱରିତ୍, ସହଜ ଏବଂ ଭରସାଯୋଗ୍ୟ ସେବା ଯୋଗାଣ ଲକ୍ଷ୍ୟରେ ୨୦୧୪ରୁ ୧୨ ସଂଖ୍ୟାର ୟୁନିଭର୍ସାଲ ଆକାଉଣ୍ଟ ନମ୍ବର ପ୍ରଦାନ କରିବା ଆରମ୍ଭ କରାଯାଇଥିଲା। ୟୁଏଏନ୍ ସହ ପ୍ରୋଭିଡେଣ୍ଟ ଫଣ୍ଡ ପାଇବାକୁ ଥିବା ସଦସ୍ୟଙ୍କ ଆଧାର, ବ୍ୟାଙ୍କ ଆକାଉଣ୍ଟ ନମ୍ବର, ପାନ୍ ଏବଂ ମୋବାଇଲ ନମ୍ବର ଆଦି ଯୋଡାଗଲେ ମୋବାଇଲ ମାଧ୍ୟମରେ ମଧ୍ୟ ପରିଚାଳନା କରାଯିବା ସମ୍ଭବ ହେବ।

## ନୂଆ ଉତ୍ପାଦ

### ଭିଭୋ ଭି ୧୧ ପ୍ରୋ

ଗ୍ଲୋବାଲ ସ୍ମାର୍ଟଫୋନ ବ୍ରାଣ୍ଡ ଭିଭୋ ପକ୍ଷରୁ ଭି ୧୧ ପ୍ରୋ ସ୍ମାର୍ଟଫୋନ ବଜାରକୁ ଆସିଛି। ଗ୍ରାହକମାନେ ଏହାକୁ ଭିଭୋ ଇ–ଷ୍ଟୋର ତଥା ଅନ୍ୟାନ୍ୟ ପ୍ରମୁଖ ଇ–କମର୍ସ ସାଇଟଗୁଡିକରେ କ୍ରୟ କରିବାକୁ ସକ୍ଷମ ହେବେ। ଏହା ଭିଭୋର ଅଫଲାଇନ ଷ୍ଟୋରଗୁଡିକରେ ମଧ ଉପଲବ୍ଧ ହେବ। ଏହାର ବଜାର ଦର ୨୫,୯୯୦ ଟଙ୍କା ରହିଛି। ଏହା ଡାଜଲିଂ ଗୋଲ୍ଡ ଏବଂ ଷ୍ଟାରି ନାଇଟ ରଙ୍ଗରେ ଉପଲବ୍ଧ।

### ଟାଇଟନ ଆଇପ୍ଲସର ବ୍ଲୁଟେକ୍ ଲେନ୍ସ

ଟାଇଟନ ଆଇପ୍ଲସ ପକ୍ଷରୁ ବ୍ଲୁଟେକ୍ ଲେନ୍ସ ବଜାରକୁ ଆସିଛି। ଏଲଇଡି ସ୍କ୍ରିନର ଦୀର୍ଘ ସମୟ ବ୍ୟବହାର ଯୋଗୁ ହେଉଥିବା ସମସ୍ୟାକୁ ଏହା ପ୍ରତିହତ କରିବାକୁ ସକ୍ଷମ ହେବ। ଲାପଟପ, ଫୋନ ଏବଂ କିଣ୍ଡଲ ଆଦିର ବ୍ୟବହାର ଯୋଗୁ ଆଖି ଉପରେ ପଡୁଥିବା ଖରାପ ପ୍ରଭାବକୁ ଏହା ଦୂର କରିପାରିବ। ଏହି ଲେନ୍ସ ୧୦୯୫ ଟଙ୍କାରୁ ଆରମ୍ଭ ହେଉଛି।

### ଓପୋ ଏଫ୍୯



ଓପୋ ପକ୍ଷରୁ ବଜାରକୁ ଆସିଛି ନୂଆ ଏଫ୍୯ ସ୍ମାର୍ଟଫୋନ। ଏଫ୯ ପ୍ରୋର ସଫଳତା ପରେ କମ୍ପାନୀ ଏହି ଫୋନକୁ ବଜାରକୁ ଛାଡିଛି। ଏଥିରେ ଗ୍ରାହକମାନେ ୬.୩ ଇଞ୍ଚର ୱାଟରଡ୍ରପ ସ୍କ୍ରିନ ସହ ୧୬ ମେଗାପିକ୍ସେଲ ଏବଂ ୨ ମେଗା ପିକ୍ସେଲ ଡୁଆଲ ରିୟର କ୍ୟାମେରା, ୩୫୦୦ ଏମଏଏଚ୍‌ର ବ୍ୟାଟେରୀ, ୪ ଜିବି ରାମ୍, ୬ ଜିବି ରାମ ଭଳି ପ୍ରମୁଖ ବୈଶିଷ୍ଟ୍ୟ ଲାଭ କରିପାରିବେ। ଏହାର ବଜାର ଦର ୧୯,୯୯୦ ଟଙ୍କା ରହିଛି।

# ବିକ୍ରି ପରବର୍ତ୍ତୀ ସେବାକୁ 'ପ୍ରେଷ୍ଟିଜ୍'ର ପ୍ରାଥମିକତା

ପ୍ରେସରକୁକର, କିଚେନ୍ ଆପ୍ଲାଏନ୍ସ କ୍ଷେତ୍ରରେ ପ୍ରେଷ୍ଟିଜ୍ ଏକ ପ୍ରମୁଖ ବ୍ରାଣ୍ଡ। ସମୟରେ ପରିବର୍ତ୍ତନ ସହ ବଜାରରେ ବର୍ତ୍ତମାନ ପ୍ରତିଦ୍ୱନ୍ଦ୍ୱିତା ବଢ଼ିଛି। କମ୍ପାନୀ ଏହାର କୌଶଳରେ ପରିବର୍ତ୍ତନ ଆଣିଛି। ଉନ୍ନତ ପ୍ରଡକ୍ଟ ତଥା ସେବା ଯୋଗାଣ ଦିଗରେ ବିଭିନ୍ନ ପଦକ୍ଷେପ ମଧ ଗ୍ରହଣ କରୁଛି। ପରିବର୍ତ୍ତିତ ଧାରାରେ କମ୍ପାନୀର ଆଗାମୀ ଯୋଜନା ତଥା ଘରୋଇ ବଜାର ସମ୍ପର୍କରେ ପ୍ରେଷ୍ଟିଜର ଓଡିଶା ବ୍ରାଞ୍ଚ ଇନଚାର୍ଜ ଅନିର୍ବାଣ ଜ୍ୟୋତି ହାଜରା ଦେଇଥିବା ସାକ୍ଷାତକାର.....



ଅନିର୍ବାଣ ଜ୍ୟୋତି ହାଜରା

**◆ପରିବର୍ତ୍ତିତ ବଜାରରେ ପ୍ରେଷ୍ଟିଜ ବ୍ରାଣ୍ଡକୁ କିଭଳି ଦେଖନ୍ତି?**

❖ବର୍ତ୍ତମାନ ପ୍ରେସରକୁକର, କିଚେନ ଆପ୍ଲାଏନ୍ସ, କ୍ଲିନିଂ ସଲ୍ୟୁଶନ, କୁକ୍‌ୱେର, କୁକ୍‌ଟପ୍ସ, ଚିମ୍‌ନି ଏବଂ ଅନ୍ୟାନ୍ୟ ପ୍ରମୁଖ ଆପ୍ଲାଏନ୍ସ ବର୍ଗରେ ଆମେ ପ୍ରଡକ୍ଟ ବଜାରକୁ ଛାଡୁଛୁ। ଗ୍ରାହକଙ୍କ ଚାହିଦାରେ ପରିବର୍ତ୍ତନ ଆସିଛି। ଏହାକୁ ଧ୍ୟାନରେ ରଖି ବର୍ତ୍ତମାନ ୫୦୭ ପ୍ରଡକ୍ଟ ଶୃଙ୍ଖଳା ବଜାରକୁ ଛାଡିଛୁ। ଉଭୟ ଟ୍ରାଡିଶନାଲ ଡିଭିଜନ ବା ମାସ ସେଗମେଣ୍ଟର ପ୍ରଡକ୍ଟ ତଥା ଅପର ସେଗମେଣ୍ଟରେ ବିଭିନ୍ନ ପ୍ରଡକ୍ଟ ଆଣିଛୁ। କମ୍ପାନୀର ପ୍ରେସରକୁକର ଉଭୟ ଗ୍ୟାସ ଏବଂ ଇଣ୍ଡକସନ ଭିତ୍ତିକ। ଦେଶର ବିଭିନ୍ନ ସ୍ଥାନରେ ପ୍ରାୟ ୧୮ ଫାସିଲିଟି ସହ ଉତ୍ପାଦ ପ୍ରସ୍ତୁତ କରୁଛୁ। ଏହି ୟୁନିଟଗୁଡିକ କର୍ନାଟକ, କୋଏମ୍ବାଟୁର, ଗୁଜରାଟ, ରୁରକୀ ଭଳି ସ୍ଥାନଗୁଡିକରେ ରହିଛି।

**◆କମ୍ପାନୀଗୁଡିକ ବିସ୍ତୃତ ଶୃଙ୍ଖଳାର ପ୍ରଡକ୍ଟ ପ୍ରସ୍ତୁତ କରୁଛନ୍ତି। ଏହାକୁ ନେଇ କ'ଣ କହିବେ?**

❖ଏହି ପ୍ରସଙ୍ଗକୁ ଆମେ ଧ୍ୟାନରେ ରଖିଛୁ। ଆମ କୌଶଳରେ ପରିବର୍ତ୍ତନ ଆଣିବା ସହ ପ୍ରଡକ୍ଟ ଡାଇଭରସିଫିକେଶନ ଉପରେ ଜୋର ଦେଉଛୁ। ଅପରପକ୍ଷରେ ଭାଲ୍ୟୁ ଆଡେଡ୍ ପ୍ରଡକ୍ଟକୁ ଏବେ ଅଗ୍ରାଧିକାର ଦିଆଯାଉଛି। ପ୍ରେସରକୁକର ବର୍ଗରେ କ୍ଲିପ୍ ଅନ୍ ଶୃଙ୍ଖଳା ବଜାରକୁ ଆସିଛି। ଏଗୁଡିକର ମୂଲ୍ୟ ୩–୪ ହଜାର ଟଙ୍କା ରହିଛି। ସେହିଭଳି ଅନ୍ୟାନ୍ୟ ଭାଲ୍ୟୁ ଆଡେଡ ସାମଗ୍ରୀ ପ୍ରସ୍ତୁତି ନେଇ ପଦକ୍ଷେପ ନିଆଯାଉଛି। ଆମର କିଚେନ ଆପ୍ଲାଏନ୍ସ ସାମଗ୍ରୀ ଭଲ ଅଭିବୃଦ୍ଧି ହାସଲ କରୁଛି। ଏହାର ଅଭିବୃଦ୍ଧି ଧାରା ଜାରି ରହିବ ବୋଲି ଆଶା।

**◆କମ୍ପାନୀର ଅଭିବୃଦ୍ଧିକୁ ନେଇ କ'ଣ କହିବେ। ଆଗାମୀ ଯୋଜନା କ'ଣ?**

❖ଦେଶରେ ୫ ହଜାର କୋଟି ଟଙ୍କାର ପ୍ରେସରକୁକର ବଜାର ରହିଛି। ମିକ୍ସର ଗ୍ରାଇଣ୍ଡର କ୍ଷେତ୍ରରେ ଏହା ୫୦,୦୦୦ କୋଟି, ଗ୍ୟାସ ଷ୍ଟୋଭ କ୍ଷେତ୍ରରେ ୧୦ ହଜାର କୋଟିର ବଜାର ରହିଛି। ସବୁ ବର୍ଗରେ ଭଲ ବ୍ୟବସାୟ ନେଇ ଆଶା ରହିଛି। ଆମେ ଗତ ଆର୍ଥିକ ବର୍ଷ ୭ରୁ ୮% ଅଭିବୃଦ୍ଧି ହାସଲ କରିଥିଲୁ। ଚଳିତ ବର୍ଷ ୧୮% ହାରରେ ଅଭିବୃଦ୍ଧି କରୁଛୁ। ଘରୋଇ ବଜାରରେ ଆମେ ୮୦–୮୫ % ଅଞ୍ଚଳରେ ଉପସ୍ଥିତି ଜାହିର କରିଛୁ। ଏହି ଧାରାକୁ ବୃଦ୍ଧି କରିବା ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଅଭିବୃଦ୍ଧି ଧାରା ଜାରି ରଖିବା ଲାଗି ବିଗ୍ ବଜାର, ବିଶାଳ ମେଗା ମାର୍ଟ, ରିଲାଏନ୍ସ ଏବଂ ୱାଲମାର୍ଟ ଭଳି ଲାର୍ଜ ଫର୍ମାଟ ଷ୍ଟୋର ସହ ଯୋଡି ହୋଇଛୁ। ନିଜସ୍ୱ ଅନ୍‌ଲାଇନ ପ୍ଲାଟଫର୍ମରେ ସାମଗ୍ରୀ ବିକ୍ରି ହେଉଛି। ଏହା ବାଦ ପ୍ରମୁଖ ଇ–କମର୍ସ ସଂସ୍ଥାଗୁଡିକ ସହ ମିଶି କାର୍ଯ୍ୟ କରୁଛୁ। ଗତ ଆର୍ଥିକ ବର୍ଷରେ କମ୍ପାନୀ ପ୍ରାୟ ୨,୦୦୦ କୋଟି ଟଙ୍କାର ବ୍ୟବସାୟ କରିଥିଲା। ଏହାକୁ ଆଗାମୀ ୫ ବର୍ଷରେ ୫ ହଜାର କୋଟି ଟଙ୍କାରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି।

**◆ପାର୍ବଣରେ କିଛି ସ୍ୱତନ୍ତ୍ର ଯୋଜନା ରଖିଛନ୍ତି କି?**

❖ପାର୍ବଣ ସମୟରେ ଆମେ ଉନ୍ନତ ବିକ୍ରି ଅଭିବୃଦ୍ଧି ହାସଲ କରିଥାଉ। ଏହି ସମୟରେ ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର ରିହାତି ଯୋଜନା ହାତକୁ ନିଆଯାଇଥାଏ। 'ଶୁଭ ଉତ୍ସବ' ଦ୍ୱାରା ବିଭିନ୍ନ ଉତ୍ପାଦ କ୍ରୟ ଉପରେ ଉପହାର ସ୍ୱରୂପ ବିଭିନ୍ନ ସାମଗ୍ରୀ ସହ ସମୟ ସମୟରେ ବିଭିନ୍ନ ରିହାତି ସୁବିଧା ପ୍ରଦାନ କରାଯାଇଥାଏ।

**◆ଗ୍ରାହକଙ୍କୁ ନିଜ ସହ ଯୋଡି ରଖିବା ନେଇ କ'ଣ ମତ ଦେବେ?**

❖ଗ୍ରାହକଙ୍କ ଭଲ ପାଇବା ଆମ ଅଭିବୃଦ୍ଧି ଦିଗରେ ବିଶେଷ ଭାବେ ସହାୟକ ହୋଇଛି। ଗ୍ରାହକଙ୍କୁ ଆମ ସହ ଯୋଡି ରଖିବା ଲାଗି ଉନ୍ନତ ଉତ୍ପାଦ ତଥା ସେବା ଯୋଗାଣକୁ ଅଗ୍ରାଧିକାର ଦେଇଥାଉ। ଆମେ ଉନ୍ନତ ବିକ୍ରି ପରବର୍ତ୍ତୀ ସେବାକୁ ପ୍ରାଥମିକତା ଦେଇଥାଉ। ପ୍ରେସରକୁକର ଏବଂ ନନଷ୍ଟିକ କୁକୱେର ବାଦ୍ ଆମର ଅନ୍ୟାନ୍ୟ ପ୍ରଡକ୍ଟ ଉପରେ ସର୍ବୋତ୍ତମ ବିକ୍ରି ପରବର୍ତ୍ତୀ ସେବା ଦେଉଛୁ। ଏଥିଲାଗି ଟୋଲ୍ ଫ୍ରି ନମ୍ବର ବ୍ୟବସ୍ଥା ରହିଛି। ଗ୍ରାହକଙ୍କ ଅଭିଯୋଗ ଆଧାରରେ ବିଭିନ୍ନ ସେବା ଯୋଗାଇ ଦିଆଯାଉଛି।

**◆ଓଡିଶା ବଜାରକୁ ନେଇ କମ୍ପାନୀର କ'ଣ ଯୋଜନା ରହିଛି?**

❖ଓଡିଶା ଆମ ପାଇଁ ଏକ ଅନ୍ୟତମ ପ୍ରମୁଖ ବଜାର। ଏଠାକାର ମୋଟ ବାଣିଜ୍ୟ ମଧ୍ୟରୁ କେନ୍ଦ୍ର ଓଡିଶାର ଅବଦାନ ୭୫%। ଗତ ବର୍ଷ ପ୍ରାୟ ୪୦ କୋଟି ଟଙ୍କାର କାରବାର ଏଠାରୁ ହାସଲ କରିଥିଲୁ। ଏହା ଚଳିତ ଆର୍ଥିକ ବର୍ଷ ୬୨ କୋଟି ଟଙ୍କା ଛୁଇଁବା ନେଇ ଆଶାବାଦୀ। ଏଠାରେ ୪୫୦ରୁ ଊର୍ଦ୍ଧ୍ୱ ପ୍ରତ୍ୟକ୍ଷ ଅଂଶୀଦାର ଏବଂ ୮୩୭ରୁ ଊର୍ଦ୍ଧ୍ୱ ପରୋକ୍ଷ ଅଂଶୀଦାରଙ୍କ ସହ ଯୋଡି ହୋଇ ବିକ୍ରି ଚ୍ୟାନେଲ ଦୃଢୀକରଣ ଦିଗରେ କାର୍ଯ୍ୟ କରୁଛୁ। ଏଠାରେ ଆମର ଟ୍ରାଡିଶନାଲ ବର୍ଗର ଉତ୍ପାଦ ୬୦% ବିକ୍ରି ହେଉଥିବା ବେଳେ ନୂଆ ସେଗମେଣ୍ଟ ଉତ୍ପାଦ ୪୦% ରହିଛି। ଏବେ ସୁଦ୍ଧା ଓଡିଶା ବଜାରର ୫୫–୬୦% ଅଞ୍ଚଳରେ ଆମେ ଉପସ୍ଥିତ ଅଛୁ। ଆଗାମୀ ଦିନରେ ଅଭିବୃଦ୍ଧି ଧାରା ଜାରି ରହିବ ବୋଲି ଆଶାବାଦୀ। ସେହିଭଳି ଏଠାରେ ବିଭିନ୍ନ ବେସରକାରୀ ସଂସ୍ଥା ସହ ମିଳିତ ହୋଇ ଗ୍ରାମାଞ୍ଚଳରେ ଉପସ୍ଥିତି ଜାହିର କରିବାକୁ ଚେଷ୍ଟା ଜାରି ରଖିଛୁ।

### ଚଳନ୍ତି ଜମା ନିଅଣ୍ଟ କମାଇବା ଲକ୍ଷ୍ୟ

ନୂଆଦିଲ୍ଲୀ,୧୫–୯

ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ଦେଶର ଚଳନ୍ତି ଜମା ନିଅଣ୍ଟ ପରିମାଣ ବଢ଼ୁଛି। ଏହାକୁ କମାଇବା ଲାଗି ଶୁକ୍ରବାର କେନ୍ଦ୍ର ସରକାର ଅଣ ଜରୁରୀ ସାମଗ୍ରୀ ଆମଦାନୀ ଉପରେ କଟକଣା ଲଗାଇବାକୁ ଘୋଷଣା କରିଛନ୍ତି। ତେବେ କେଉଁ ସାମଗ୍ରୀ ଉପରେ କଟକଣା ଲାଗିବ ସରକାର କହି ନ ଥିଲେ ହେଁ ବିଶେଷ କରି ଇଲେକ୍ଟ୍ରୋନିକ୍ସ, କେତେକ ପ୍ରକାର ବୟନ, ଅଟୋମୋବାଇଲ୍ସ ଏବଂ ଅତ୍ୟାଧୁନିକ କଞ୍ଜ୍ୟୁମର ଡ୍ୟୁରେବଲ୍ସ ସାମଗ୍ରୀର ଆମଦାନୀ ଉପରେ କଟକଣା ଲାଗିବାକୁ ଯାଉଛି। ଭାରତର ଏହି ନିଷ୍ପତ୍ତିରେ ଚାଇନାର ମୁଣ୍ଡବ୍ୟଥା ବଢ଼ିଯିବା ନିଶ୍ଚିତ। କାରଣ ଏହିସବୁ ସାମଗ୍ରୀ ଅଧିକାଂଶ ଚାଇନାରୁ ଆସିଥାଏ। ଏହି କାରଣରୁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ନିଅଣ୍ଟ ପରିମାଣ ବଢ଼ି ଏବେ ପ୍ରାୟ ୪୫ ବିଲିୟନ ଡଲାରରେ ପହଞ୍ଚିଯାଇଛି। ତେବେ ଆମଦାନୀ ସାମଗ୍ରୀ ତାଲିକାର ସର୍ବାଗ୍ରେ ସୁନା ରହିଥିଲେ ହେଁ ସରକାର ଏହା ଉପରେ କଟକଣା ଲଗାଇବେ ନାହିଁ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। କାରଣ ଇତିହାସ କହୁଛି ସୁନା ଆମଦାନୀ ଉପରେ କଟକଣା ଲାଗିବା ମାତ୍ରେ ଦେଶରେ ଏହି ମୂଲ୍ୟବାନ ଧାତୁର ଚୋରାକାରବାର ବଢ଼ିଛି। ଗତ ବର୍ଷ ଦେଶରେ ପ୍ରାୟ ୩୩.୬ ବିଲିୟନ ଡଲାର (ପ୍ରାୟ ୨୪ ଲକ୍ଷ କୋଟି ଟଙ୍କାର) ସୁନା ଆମଦାନୀ ହୋଇଥିଲା। ତୈଳ ପରେ ସୁନା ଆମଦାନୀ ହିଁ ଚଳନ୍ତି ଜମା ନିଅଣ୍ଟ ପରିମାଣ ବଢ଼ିବାର ମୁଖ୍ୟ କାରଣ ହୋଇଛି।

# ରଘୁନାଥପାଲିରେ ନୂଆଁଖାଇ ଭେଟଘାଟ

କୋଲାବିରା ,୧୫।୯(ଡି.ଏନ.ଏ.)

ସ୍ଥାନୀୟ ରଘୁନାଥପାଲି ସୁନାରିପଡା ଫ୍ରେଣ୍ଡସ କ୍ଲବ ପକ୍ଷରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସନ୍ଦୀପ ଅଗସ୍ତି,ପ୍ରଶାନ୍ତ ମହାନ୍ତି, କେଦାରନାଥ ପଟେଲ,ଗୌରହରି ସାହୁ, ଲକ୍ଷ୍ମୀନାରାୟଣ ସରାଫ, ମୁକ୍ତି ମିଶ୍ର, ଏଏସଆଇ ପ୍ରକାଶ ଚନ୍ଦ୍ର ଦଲାଇ, ସୁକାନ୍ତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ନୂଆଁଖାଇ ଅବସରରେ ଗ୍ରାମର ସମସ୍ତ ବୟୋଜ୍ୟେଷ୍ଠଙ୍କୁ ଅତିଥିମାନେ ଜୁହାର ଜଣେଇବା ସହିତ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହି ଅବସରରେ କୁନିକୁନି ପିଲାଙ୍କୁ ନେଇ ରେକର୍ଡ ଡ୍ୟାନ୍ସ, ମ୍ୟୁଜିକ , ସଙ୍ଗୀତ ଆଦି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ନୂଆଁଖାଇ କମିଟି ପକ୍ଷରୁ ଯତିନ ସରାଫ, ସୁକେଶ ସରାଫ, ବାଦଲ ସରାଫ ,ସୁମିତ ସରାଫ,ବଲ୍ଲଭ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଭଲ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସ୍ୱର ଝଙ୍କାର ସାହିତ୍ୟ ସଂସଦର ସମ୍ପାଦକ ରିଙ୍କୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ନୂଆଁଖାଇ ଭେଟଘାଟ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ନୂଆଁଖାଇ ଜୁହାର୍
ଭେଡେନ ବ୍ଲକ ଲୁହାଖଣ୍ଡି ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଖାଇର ଜୁହାର
କ୍ଷୀରୋଦ୍ର ମେଲ୍ଲୀ
ସରପଞ୍ଚ, ଲୁହାଖଣ୍ଡି ଗ୍ରାମପଞ୍ଚାୟତ, ଭେଡ଼େନବ୍ଲକ, ଜିଲ୍ଲା– ବରଗଡ଼

ଆମର ଶିଘା ତିହାର ନୂଆଁଖାଇ ଜୁହାର୍
ମା ସମଲେଇ ଗୋ କାହାକେ ଭାତ ମୁଠେର ଗୁଲଗୁଲା ନାଏ କରବୁ, ଏତକି ନ ଗୁହାରି।
ସୁବାସ ହୋତା
ଜିଲ୍ଲା ପରିଷଦ ସଭ୍ୟ ଜୋନ–୩
ଭେଡେନ ବ୍ଲକ

ନୂଆଁଖାଇ ଜୁହାର୍
ଚିଟିଣ୍ଡା ଗ୍ରାମପଞ୍ଚାୟତର ସମସ୍ତଙ୍କୁ ନୂଆଖାଇର ଜୁହାର।
ସୁଶାନ୍ତ ପ୍ରଧାନ
ସରପଞ୍ଚ, ଚିଟିଣ୍ଡା ଗ୍ରାମପଞ୍ଚାୟତ, ଭେଡେନ ବ୍ଲକ

ନୂଆଁଖାଇ ଜୁହାର୍
ଅର୍ଏଁଲାପାଲି ଗ୍ରାମପଞ୍ଚାୟତର ସମସ୍ତଙ୍କୁ ନୂଆଁଖାଇର ଜୁହାର
ଧୀରେନ୍ଦ୍ର ସାହୁ ଇଓ ସୁବଳ ପ୍ରଧାନ
ନାଏବ ସରପଞ୍ଚ
ସୁବାସିନୀ ଜାଲ
ସରପଞ୍ଚ
ଅର୍ଏଁଲାପାଲି ଗ୍ରାମପଞ୍ଚାୟତ, ଭେଡେନ ବ୍ଲକ

ନୂଆଁଖାଇ ଜୁହାର୍
ଭେଡେନ ବ୍ଲକ ଲୁହାଖଣ୍ଡି ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଖାଇର ଜୁହାର
ଭୂଲକ୍ଷ୍ମୀ ସିଡସ୍
ରାଓ ଟିକ୍ରା, ପଧାନ ପାଲି

ଆମର ଶିଘା ତିହାର ନୂଆଁଖାଇର ଉଧେ ସମସ୍ତଙ୍କୁ ଜୁହାର୍
ସ୍ୱାଧୀନ ରଥ
ସଭାପତି
ଯୁବ କଂଗ୍ରେସ ବରଗଡ ଲୋକସଭା ନିର୍ବାଚନ ମଣ୍ଡଳୀ

ନୂଆଁଖାଇ ଜୁହାର ମା ସମଲେଇ ସମସ୍ତଙ୍କୁ ଭଲେ ରଖୁନ ଏତକି ବିନତି।
ହରିଶଙ୍କର ବେହେରା
ସଭାପତି, ବିଜୁ ଜନତା ଦଳ, ଭେଡେନ ବ୍ଲକ, ଅଧକ୍ଷ ଆମ୍ବା କମିଟି, ଭେଡେନ

ନୂଆଁଖାଇ ଜୁହାର୍
ଚିଟିଣ୍ଡା ଗ୍ରାମପଞ୍ଚାୟତର ସମସ୍ତଙ୍କୁ ମୋର ନୂଆଁଖାଇର ଜୁହାର
ମୁକେଶ ସାହୁ
ସମିତି ସଭ୍ୟ, ଚିଟିଣ୍ଡା ଗ୍ରାମପଞ୍ଚାୟତ, ଭେଡେନ ବ୍ଲକ, ବରଗଡ଼ ଜିଲ୍ଲା

ନୂଆଁଖାଇ ଜୁହାର
ଶ୍ରୀ ଅନ୍ତର୍ଯ୍ୟାମୀ ହୋତା
ଗ୍ରାମ ରୋଜଗାର ସେବକ ଡଙ୍ଗରପଡା ଗ୍ରାମପଞ୍ଚାୟତ
ସୁରେନ୍ଦ୍ର ମିଶ୍ର କାର୍ଯ୍ୟନିର୍ବାହୀ ଅଧିକାରୀ

ନୂଆଁଖାଇ ଜୁହାର୍
ଭେଡେନ ବ୍ଲକର ସବୁ ଭାଏ ବହେନ୍‌ମାନଙ୍କୁ ମୋର ନୂଆଖାଇ ଅଭିନନ୍ଦନ। ମାଁ ସମଲେଇ ସମସ୍ତଙ୍କୁ ଭଲଭାବେ ରଖୁନ। ସମସ୍ତଙ୍କୁ ନୂଆଖାଇର ଜୁହାର
ଡୋଳାମଣି କ୍ଷେତି
ଭେଡ଼େନବ୍ଲକ ଅଧକ୍ଷ, ଜିଲ୍ଲା– ବରଗଡ଼

ରାଜ୍ୟବାସୀଙ୍କୁ ନୂଆଁଖାଇ ଜୁହାର
ମା ସମଲେଇ ସମସ୍ତଙ୍କୁ ତାଙ୍କ ଛତର ବୈରଖ ତଳେ ରଖିଥାଉନ୍ ।
ଜୟଶଙ୍କର ମିଶ୍ର
ବରିଷ୍ଠ କଂଗ୍ରେସ ନେତା

ରାଜ୍ୟବାସୀଙ୍କୁ ନୂଆଁଖାଇ ଜୁହାର
ମା ସମଲେଇଙ୍କ କୃପାରୁ ସମସ୍ତେ ସୁଖରେ ଜୀବନ ଯାପନ କରନ୍ତୁ ।
ବବିତା ବଡପଣ୍ଡା
ସଭାନେତ୍ରୀ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଯୁବ ଶାଖା

ନୂଆଁଖାଇ ଜୁହାର
ଓଡିଶାର ଗଣପର୍ବ ନୂଆଁଖାଇରେ ସମସ୍ତଙ୍କୁ ଶୁଭେଚ୍ଛା, ଅଭିନନ୍ଦନ ଓ ଜୁହାର ।
ରୋଟାରିଏନ୍ ସୁଧୀର କୁମାର ପଣ୍ଡା
ବରିଷ୍ଠ କଂଗ୍ରେସ ନେତା ଓଡିଶା

ନୂଆଁଖାଇ ଜୁହାର
ଡୋଲାମଣି ବାଗ
ସରପଞ୍ଚ ମାଲିସିରା
ଅର୍ଜୁନ ଛୁରା
କାର୍ଯ୍ୟନିର୍ବାହୀ ଅଧିକାରୀ ଗେଁରେଇ

ନୂଆଁଖାଇ ଜୁହାର
ମା ସମଲଇ ସମସ୍ତଙ୍କର ମଙ୍ଗଳ କରନ୍ତୁ । ଏତିକି କାମନା
ସମୀର ରଞ୍ଜନ ବାବୁ (ଟିକି)
ଭାଜପା ଯୁବନେତା

ନୂଆଁଖାଇ ଜୁହାର
ଗୁଡଭେଲା ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ଓ ହାର୍ଦ୍ଦିକ ଅଭିନନ୍ଦନ ।
ଅରୁଣ କୁମାର ପ୍ରଧାନ
ବଲାଙ୍ଗୀର ସାଂସଦ ପ୍ରତିନିଧି
ଗୁଡଭେଲା ବ୍ଲକ ବିଜେଡି ସଭାପତି

ନୂଆଁଖାଇ ଜୁହାର
ରାଜୀବ କୁଅଁର
କାର୍ଯ୍ୟକାରୀ ସଭାପତି ଆଦିବାସୀ କଲ୍ୟାଣ ସଂଘ ମୁରିବାହାଲ ବ୍ଲକ

ନୂଆଁଖାଇ ଜୁହାର
ଗୁପ୍ତେଶ୍ୱର ସାହୁ,
ସରପଞ୍ଚ ଗେଁରେଇ
ଅର୍ଜୁନ ଛୁରା
କାର୍ଯ୍ୟନିର୍ବାହୀ ଅଧିକାରୀ ଗେଁରେଇ

ନୂଆଁଖାଇ ଜୁହାର
ଶିମାସିନୀ ମହାନନ୍ଦ
ସରପଞ୍ଚ ବାନ୍ଧୁପଲା ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର
ହୁତାସନ ବଗର୍ତ୍ତି
କୃଷକମୋର୍ଚ୍ଚା ରାଜ୍ୟ ସଂଯୋଜକ
ଭାରତୀୟ ଜନତା ପାର୍ଟି, ଓଡିଶା

ନୂଆଁଖାଇ ଅଭିନନ୍ଦନ
ମା ସମଲେଇ ସମସ୍ତଙ୍କୁ ସାହା ହେଉନ୍ । ଏତିକି କାମନା ।
ଦାମୋଦର କର
ସାଧାରଣ ସମ୍ପାଦକ ,ଜିଲା ଭାଜପା, ସମ୍ବଲପୁର

ନୂଆଁଖାଇ ଜୁହାର
ପଶ୍ଚିମଓଡିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ରାଜ୍ୟ ତଥା ପଶ୍ଚିମ ଓଡିଶାବାସୀଙ୍କୁ ଜୁହାର ।
ସୁରେଖା ସାହୁ
ପ୍ରଦେଶ କଂଗ୍ରେସ କମିଟି, ରାଜ୍ୟ ସମ୍ପାଦିକା

ନୂଆଁଖାଇ ଜୁହାର
ବଲାଙ୍ଗୀର ଜିଲାର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ସହ ହାର୍ଦ୍ଦିକ ଅଭିନନ୍ଦନ ।
ପ୍ରେମାନନ୍ଦ ସାହୁ
ଜିଲା ଯୁବମୋର୍ଚ୍ଚା ଉପସଭାପତି
କନ୍ଧନା ଏକ୍ସରେ

ନୂଆଁଖାଇ ଅଭିନନ୍ଦନ
ରେଢ଼ାଖୋଲର ଆରାଧ୍ୟ ଦେବତା ପଞ୍ଚଖଣ୍ଡା ପୁଜା ଓ ନୂଆଖାଇ ଅବସରରେ ରେଢ଼ାଖୋଲ ବାସୀ ଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ନୂଆଖାଇ ଜୁହାର ।
ଗୋବିନ୍ଦ ଅଗ୍ରୱାଲ
ଭା.ଜ.ପା.
ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ

ନୂଆଁଖାଇ ଜୁହାର
ପଶ୍ଚିମଓଡିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ବୀରମହାରାଜପୁର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ନାରାୟଣ ଲୁହା
ପୂର୍ବତନ ସରପଞ୍ଚ , ବିଜୁ ଯୁବ ଜନତା ଦଳ ସଭାପତି ତଥା ବିଧାୟକଙ୍କ ପ୍ରତିନିଧି ବୀରମହାରାଜପୁର ବ୍ଲକ

ନୂଆଁଖାଇ ଜୁହାର
Sh. Dulal Chandra Pradhan
Vice-President,OCA, Secretary,OPCC

ଓଡିଶାର କ୍ରୀଡାବିତ୍‌ମାନଙ୍କୁ ନୂଆଁଖାଇ ଜୁହାର । ମା ସମଲେଇ ସମସ୍ତଙ୍କୁ ସୁଖରେ ରଖନ୍ତୁ । ଏତିକି କାମନା
ସୁନ୍ଦରମଣି ବାରିକ
ଆନ୍ତର୍ଜାତୀୟ ମାଷ୍ଟର ଆଥଲେଟ,ଜିଲ୍ଲା କ୍ରୀଡା ସଂଘ ଆଥଲେଟିକ ସମ୍ପାଦକ

ନୂଆଁଖାଇ ଜୁହାର
ଗୋପୀନାଥ ପାଣିଗ୍ରାହୀ
ସରପଞ୍ଚ ହଳଦି
ହରେକୃଷ୍ଣ ଦାସ
ନିର୍ବାହ ଅଧିକାରୀ, ହଳଦି
ପ୍ରେମିଶ କର୍ଣ୍ଣ
ଗ୍ରାମ ରୋଜଗାର ସେବକ
ପ୍ରଭାକର ମହାକୁଡ
ଯୋଗାଣ ସହାୟକ
ହଳଦୀ ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର
ରଶ୍ମୀ ରଞ୍ଜନ ନାଗ
ନିର୍ବାହୀ ଅଧିକାରୀ
ଶ୍ରୀମତୀ ଜେମାମଣି ଭୋଇ
ସରପଞ୍ଚ
ଲଖନା ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର
ମୁରିବାହାଲ ବ୍ଲକ
ହଂସରାଜ ଜୈନ
ବ୍ଲକ ଅଧ୍ୟକ୍ଷ
ସୁନ୍ଦରମତୀ ବାଗ
ବ୍ଲକ ଉପାଧ୍ୟକ୍ଷ

ନୂଆଁଖାଇ ଜୁହାର
ଶ୍ରୀମତି ମିଥିଳା ମାଝୀ
ଗୁଡିଘାଟ ଗ୍ରାମପଞ୍ଚାୟତ
ସରପଞ୍ଚ

ନୂଆଁଖାଇ ଜୁହାର
ପବିତ୍ର ନୂଆଁଖାଇ ଅବସରରେ ପଶ୍ଚିମ ଓଡିଶାର ସମସ୍ତ ଭାଇ ଭଉଣୀମାନଙ୍କୁ ନୂଆଁଖାଇ ଜୁହାର ।
ରାଜ କିଶୋର ଦାସ(ମଞ୍ଜୁ)
ସାଧାରଣ ସମ୍ପାଦକ
ଓଡିଶା ପ୍ରଦେଶ କଂଗ୍ରେସ କମିଟି

ନୂଆଁଖାଇ ଅଭିନନ୍ଦନ
ଓଡିଶାର ଗଣପର୍ବ ନୂଆଁଖାଇରେ ସମସ୍ତଙ୍କୁ ଅଭିନନ୍ଦନ ,ଶୁଭେଚ୍ଛା ଓ ନୂଆଁଖାଇ ଜୁହାର ।
ଚନ୍ଦ୍ରଲେଖା ବହିଦାର
ବିଜେଡି ମହିଳା , ରାଜ୍ୟ ସମ୍ପାଦିକା

ନୂଆଁଖାଇ ଅଭିନନ୍ଦନ
ରେଢ଼ାଖୋଲର ଆରାଧ୍ୟ ଦେବତା ପଞ୍ଚଖଣ୍ଡା ପୁଜା ଓ ନୂଆଁଖାଇ ଅବସରରେ ରେଢ଼ାଖୋଲ ବାସୀ ଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ନୂଆଖାଇ ଜୁହାର ।
ସୁନିଲ କୁମାର ପ୍ରଧାନ
ଉପାଧ୍ୟକ୍ଷ
ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ

# ନୂଆଁଖାଇରେ ମହିଳାଙ୍କ ମଧ୍ୟରେ ପ୍ରତିଯୋଗିତା



ପ୍ରତିଯୋଗିତାରେ ସାମିଲ ହୋଇଥିବା ମହିଳାମାନେ ।

**ବାମରା, ୧୫।୯(ସ୍ୱ.ପ୍ର.)**– ସମ୍ବଲପୁର ଜିଲା ବାମରା ବ୍ଲକ କେଶେଇବାହାଲ ପଞ୍ଚାୟତ ଭିକାପାଲି ଓ ପିଣ୍ଡାପଥର ପଞ୍ଚାୟତ ମହୁଲଛାପଲରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନ୍ଧପୁଚୁଳି, ମ୍ୟାଜିକ ଚେରାୟ, ଦୌଡ, ଝୋଟି ଆଦି ପ୍ରତିଯୋଗିତା ହୋଇଥିଲା । ଡୁଲେଇ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ ପଟେଲ ବିଚାରକ ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ନାୟକ ଓ ମୁଖ୍ୟବକ୍ତା ଭାବେ ମୁରଲୀଧର ନାଏକ ଯୋଗଦେଇ ନୂଆଁଖାଇର ମହତ୍ତ୍ୱ ଓ ଭାଇଚାରା ବିଷୟରେ ନିଜନିଜ ମତ ପ୍ରକାଶ କରିଥିଲେ । ଏହି ଅବସରରରେ ଗଣେଶ ପୂଜା ଲଡୁ ନିଲାମ କରାଯାଇଥିଲା । କମିଟି ସଦସ୍ୟ ସୁବ୍ରତ ନାୟକ, ପ୍ରଭାତ ନାୟକ ଓ କିସନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଜୀତେନ୍ଦ୍ରିୟ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ଡ୍ୟାନ୍ସ ଗ୍ରୁପ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସେହିପରି ମହୁଲଛାପଲ ଗ୍ରାମରେ ଜିଲା ପରିଷଦ ସଭ୍ୟା କୁମୁଦିନୀ ନାଏକଙ୍କ ତତ୍ତ୍ୱାବଧାନରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହୁଲ ଛାପଲ ପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଯୁବକ ସଂଘ ସହଯୋଗ କରିଥିଲା ।






ସମ୍ବଲପୁର ଠେମରା ଗ୍ରାମରେ ଆୟୋଜିତ ନୂଆଁଖାଇ ଭେଟଘାଟରେ ବାଳିକାମାନେ ସ୍ୱାଗତ ସଙ୍ଗୀତ ଗାନ କରୁଛନ୍ତି (ବାମ) । ନୂଆଁଖାଇ ଭେଟଘାଟରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି ।

# ଠେମରାରେ ନୂଆଁଖାଇ ଭେଟଘାଟ

**ସମ୍ବଲପୁର,୧୫।୯(ବ୍ୟୁରୋ)**

ସମ୍ବଲପୁର ଜିଲା ଠେମରା ଗ୍ରାମରେ ନୂଆଁଖାଇ ଭେଟଘାଟ ଶୁକ୍ରବାର ମଧରାତିରେ ସମ୍ପନ୍ନ ହୋଇଛି । ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପରମ୍ପରା ଅନୁସାରେ ଗ୍ରାମର ଗୌନ୍ତିଆ ରାମଚନ୍ଦ୍ର ମିଶ୍ର ସମଲେଇଙ୍କୁ ମଙ୍ଗଳ ଆଳତି କରିବା ସହ ଆବାହନ ମନ୍ତ୍ର ପାଠ କରିଥିଲେ । ଏହାପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁରୀ ନୃତ୍ୟ ଗୀତରେ ଦର୍ଶକମାନେ ବିମୋହିତ ହୋଇଥିଲେ ।

ନୂଆଁଖାଇ ଗଣପର୍ବ ଉପଲକ୍ଷେ ସାଲେପାଲି ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ।
ଶରତ କୁମାର ମହାନନ୍ଦ
କାର୍ଯ୍ୟନିର୍ବାହୀ ଅଧିକାରୀ
ସାଲେପାଲି ଗ୍ରାମପଞ୍ଚାୟତ

ନୂଆଁଖାଇ ଉପଲକ୍ଷେ କୁଲତାପଡା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ଓ ଅଭିନନ୍ଦନ ।
ପୂର୍ଣ୍ଣିମା ରଣା, ସରପଞ୍ଚ
ଲିଙ୍ଗରାଜ ସୁନା, କାର୍ଯ୍ୟନିର୍ବାହୀ ଅଧିକାରୀ
କୁଲତାପଡା ଗ୍ରାମପଞ୍ଚାୟତ

ନୂଆଁଖାଇ ଉପଲକ୍ଷେ ଦେଓଗାଁ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ।
ନିନା ଛତ୍ରୀୟା, ସରପଞ୍ଚ
ହେମନ୍ତ ବିଭାର, କାର୍ଯ୍ୟନିର୍ବାହୀ ଅଧିକାରୀ
ଦେଓଗାଁ ଗ୍ରାମପଞ୍ଚାୟତ

ନୂଆଁଖାଇ ଉପଲକ୍ଷେ ଗାଇବାହାଲ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ।
କଲ୍ୟାଣୀ ଦଲାଇ, ସରପଞ୍ଚ
ଉପେନ୍ଦ୍ର ରଣା, କାର୍ଯ୍ୟନିର୍ବାହୀ ଅଧିକାରୀ
ଗାଇବାହାଲ ଗ୍ରାମପଞ୍ଚାୟତ

ନୂଆଁଖାଇ ଉପଲକ୍ଷେ ବଡବନ୍ଧ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ।
ଧୃବଲେ ରାଉତ, ସରପଞ୍ଚ
ଅରୁଣ ନାଗ, କାର୍ଯ୍ୟନିର୍ବାହୀ ଅଧିକାରୀ
ବଡବନ୍ଧ ଗ୍ରାମପଞ୍ଚାୟତ

ନୂଆଁଖାଇ ଉପଲକ୍ଷେ ଦେଷଣ୍ଡ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ।
ପ୍ରଭାସ ଭୋଇ, ସରପଞ୍ଚ
ନନ୍ଦିକିଶୋର ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ
ଦେଷଣ୍ଡ ଗ୍ରାମପଞ୍ଚାୟତ

ନୂଆଁଖାଇ ଉପଲକ୍ଷେ ବଡବାହାଲ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ।
ଯାଜ୍ଞସେନୀ ରଣା
ସମିତି ସଭ୍ୟା
ବଡବାହାଲ ଗ୍ରାମପଞ୍ଚାୟତ

ନୂଆଁଖାଇ ଉପଲକ୍ଷେ ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ସମସ୍ତ ଚାଷୀଭାଇ ତଥା ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ଶ୍ରୀଯୁକ୍ତ ନରସିଂହ ମିଶ୍ର, ବଲାଙ୍ଗିର ବିଧାୟକ, ବିରୋଧିଦଳ ନେତା
ବିଶ୍ୱଜିତ ପାତ୍ର (ପପୁ), ଓଡିଶା ଯୁବନେତା, ଦେଓଗାଁ

ନୂଆଁଖାଇ ଉପଲକ୍ଷେ କୁଡାସିଂହା ଗ୍ରାମ ପଞ୍ଚାୟତ ର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ।
ଶ୍ରୀଯୁକ୍ତ କପିଳ ନନ୍ଦ, ସରପଞ୍ଚ
ଦାମୋଦର ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ
କୁଡାସିଂହା ଗ୍ରାମପଞ୍ଚାୟତ

ନୂଆଁଖାଇ ଉପଲକ୍ଷେ ବ୍ରାହ୍ମଣୀଯୋର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ଓ ଅଭିନନ୍ଦନ ।
ସ୍ନେହଲତା ସାନ୍ତ, ସରପଞ୍ଚ
ରୁପାଧର ବାଗ, କାର୍ଯ୍ୟନିର୍ବାହୀ ଅଧିକାରୀ
ବ୍ରାହ୍ମଣୀଯୋର ଗ୍ରାମପଞ୍ଚାୟତ

ନୂଆଁଖାଇ ଉପଲକ୍ଷେ ବନ୍ଧପଡା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ।
କୁମୁଦିନୀ ସେଠ, ସରପଞ୍ଚ
ବୀଣା ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ
ବନ୍ଧପଡା ଗ୍ରାମପଞ୍ଚାୟତ

ନୂଆଁଖାଇ ଉପଲକ୍ଷେ ସିକୁଆଁ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ।
କବିତା ବିଶି, ସରପଞ୍ଚ
ବୀରେନ୍ଦ୍ର କୁମାର ଛତ୍ରୀୟା, କାର୍ଯ୍ୟନିର୍ବାହୀ ଅଧିକାରୀ
ସିକୁଆଁ ଗ୍ରାମପଞ୍ଚାୟତ

ନୂଆଁଖାଇ ଉପଲକ୍ଷେ ଭୂତିଆରବାହାଲ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ।
ଶ୍ରୀମତୀ ପୁଷ୍ପିତା ସାହୁ, ସରପଞ୍ଚ
ଶ୍ରୀଯୁକ୍ତ ଦାମୋଦର ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ
ଭୂତିଆରବାହାଲ ଗ୍ରାମପଞ୍ଚାୟତ

ନୂଆଁଖାଇ ଉପଲକ୍ଷେ ଗୁଡଖାପଲା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ।
ଯୁଗେଶ୍ୱର ଦୀପ, ସରପଞ୍ଚ
ଲିଙ୍ଗରାଜ ସୁନା, କାର୍ଯ୍ୟନିର୍ବାହୀ ଅଧିକାରୀ
ଗୁଡଖାପଲା ଗ୍ରାମପଞ୍ଚାୟତ

ନୂଆଁଖାଇ ଉପଲକ୍ଷେ ମହଲାଇ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ।
ତନୁଜା ସାହୁ, ସରପଞ୍ଚ
ବୀରେନ୍ଦ୍ର କୁମାର ନାଗ, କାର୍ଯ୍ୟନିର୍ବାହୀ ଅଧିକାରୀ
ମହଲାଇ ଗ୍ରାମପଞ୍ଚାୟତ

ନୂଆଁଖାଇ ଉପଲକ୍ଷେ ବଲାଙ୍ଗୀର ଜିଲ୍ଲା ସଦରବ୍ଲକ ସାହାଜବାହାଲ ପଞ୍ଚାୟତର ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ହୋତା
ସରପଞ୍ଚ ତଥା ଏମ୍‌ପି ବ୍ଲକ ପ୍ରତିନିଧି
ସାହାଜବାହାଲ ଗ୍ରାମପଞ୍ଚାୟତ

ନୂଆଁଖାଇ ଉପଲକ୍ଷେ ହାତିସରା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ଓ ଅଭିନନ୍ଦନ ।
ମମତା କୁମୁରା, ସରପଞ୍ଚ
ଗୋପାଲ ଷଡଙ୍ଗୀ, କାର୍ଯ୍ୟନିର୍ବାହୀ ଅଧିକାରୀ
ହାତିସରା ଗ୍ରାମପଞ୍ଚାୟତ

ପଶ୍ଚିମ ଓଡିଶା ଗଣ ପର୍ବ ପବିତ୍ର ନୂଆଁଖାଇ ଉପଲକ୍ଷେ କୁତୁର୍ଲା କୃଷିସେବା ସମବାୟ ସମିତି ସମସ୍ତ ଚାଷୀ ଭାଇ ତଥା ଜନସାଧାରଣଙ୍କୁ ନୂଆଁଖାଇ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ନିଳାମ୍ବର ପାଣିଗ୍ରାହୀ, ସଭାପତି
ଜିତେନ୍ଦ୍ର କୁମାର ନାଗ, ସମ୍ପାଦକ
କୁତୁର୍ଲା ସେବା ସମବାୟ ସମିତି

ପଶ୍ଚିମ ଓଡିଶା ଗଣ ପର୍ବ ନୂଆଁଖାଇ ଉପଲକ୍ଷେ କୁଠୁର୍ଲା କୃଷିସେବା ସମବାୟ ସମିତି ସମସ୍ତ ଚାଷୀ ଭାଇ ତଥା ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ଶ୍ରୀଯୁକ୍ତ ନୂତନ ସେଠ, ସଭାପତି
ସଁଞ୍ଜୟ ପଧାନ, ସମ୍ପାଦକ
କୃଷିସେବା ସମବାୟ ସମିତି କୁତୁର୍ଲା

ନୂଆଁଖାଇ ଉପଲକ୍ଷେ ସାରସମାଲ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ।
କୁମୁଦିନି ବାଗ, ସରପଞ୍ଚ ସଂଘ ସଭାପତି
ବିରେନ୍ଦ୍ର ଛତ୍ରୀୟା, କାର୍ଯ୍ୟନିର୍ବାହୀ ଅଧିକାରୀ
ସାରସମାଲ ଗ୍ରାମପଞ୍ଚାୟତ

ନୂଆଁଖାଇ ଉପଲକ୍ଷେ ସିଂହାମୁଣ୍ଡା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ଓ ଅଭିନନ୍ଦନ ।
ମାଲି ମେଶ୍ରା, ସରପଞ୍ଚ
ସୁଦର୍ଶନ ସାଏ, କାର୍ଯ୍ୟନିର୍ବାହୀ ଅଧିକାରୀ
ସିଂହାମୁଣ୍ଡା ଗ୍ରାମପଞ୍ଚାୟତ

ନୂଆଁଖାଇ ଗଣପର୍ବ ଉପଲକ୍ଷେ ସାଲେପାଲି ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ।
ନିଳାଞ୍ଚଳ କୁଅଁର
ସରପଞ୍ଚ
ସାଲେପାଲି ଗ୍ରାମପଞ୍ଚାୟତ


ନୂଆଁଖାଇ ଉପଲକ୍ଷେ ତୁଷୁରା ଗୁଡଭେଲା ତଥା ଦେଓଗାଁ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ତଥା ନୂଆଁଖାଇ ଜୁହାର ।
ଶ୍ରୀଯୁକ୍ତ ନିରଞ୍ଜନ କେଡିଆ
ସମାଜସେବୀ, ତୁଷୁରା

ନୂଆଁଖାଇ ଉପଲକ୍ଷେ ଗୌରଗୋଠ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ଓ ଅଭିନନ୍ଦନ ।
ପ୍ରତିମା ନନ୍ଦ, ସରପଞ୍ଚ
ଜନ୍ମେଜୟ ମାଝି, କାର୍ଯ୍ୟନିର୍ବାହୀ ଅଧିକାରୀ
ଗୌରଗୋଠ ଗ୍ରାମ ପଞ୍ଚାୟତ

ଗଣ ପର୍ବ ପବିତ୍ର ନୂଆଁଖାଇ ଉପଲକ୍ଷେ ଦେଓଗାଁ ବ୍ଲକ ଓ ଜରାସିଂହା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ନୂଆଁଖାଇ ଜୁହାର ।
ସୁରେଶ କୁମାର ବାରିକ
ଅଧ୍ୟକ୍ଷ ଶାଶ୍ୱତଡିଗ୍ରୀ ମହାବିଦ୍ୟାଳୟ, ଜରାସିଂହା

ଗଣପର୍ବ ନୂଆଁଖାଇ ଉପଲକ୍ଷେ ବଡବନ୍ଧ ତଥା ଦେଓଗାଁ ବ୍ଲକ ଓ ବଲାଙ୍ଗିର ଜିଲ୍ଲାର ସମସ୍ତ ଚାଷୀ ଓ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ଶ୍ରୀଯୁକ୍ତ ସୁଶୀଳ କୁମାର ଚାନ୍ଦ
ଜିଲ୍ଲା ପରିଷଦ ସଭ୍ୟ, ୧୨ ନଂ ଜୋନ ଦେଓଗାଁ ବ୍ଲକ

ପଶ୍ଚିମ ଓଡିଶା ଗଣ ପର୍ବ ନୂଆଁଖାଇ ଉପଲକ୍ଷେ ସାରସମାଲ ସେବା ସମବାୟ ସମିତି ସମସ୍ତ ଚାଷୀ ଭାଇ ତଥା ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ପିକଲ ରଣା
ସଂପାଦକ
ସାରସମାଲ କୃଷିସେବା ସମବାୟ ସମିତି

ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ କୁଡାସିଂହା କୃଷିସେବା ସମବାୟ ସମିତି ଅଧିନସ୍ଥ ଚାଷୀ ଭାଇ ତଥା ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ଶ୍ରୀଯୁକ୍ତ ପ୍ରୀୟବ୍ରତ ନାଥ, ସଭାପତି
ଆଶିଷ କୁମାର ସାହୁ, ସମ୍ପାଦକ
ସେବା ସମବାୟ ସମିତି କୁଡାସିଂହା

ନୂଆଁଖାଇ ଉପଲକ୍ଷେ ମକୁନ୍ଦପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ନୂଆଁଖାଇ ଜୁହାର ।
ରାଜେଶ ନାଏକ
ଜିଆରଏସ ମୁକୁନ୍ଦପୁର ପଞ୍ଚାୟତ
ସମ୍ପାଦକ ଗିରାଗୋବର୍ଦ୍ଧନ ପୂଜାକମିଟୀ
ଭୀମପାହାଡ, ପର୍ଯ୍ୟଟନସ୍ଥଳୀ ଭୀମଡୁଙ୍ଗୁରୀ

ପଶ୍ଚିମ ଓଡିଶା ଗଣ ପର୍ବ ପବିତ୍ର ନୂଆଁଖାଇ ଉପଲକ୍ଷେ ଦେଓଗାଁ କୃଷି ସେବା ସମବାୟ ସମିତି ସମସ୍ତ ଚାଷୀ ଭାଇ ତଥା ଜନସାଧାରଣଙ୍କୁ ନୂଆଁଖାଇ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶୈଳେଶ କୁମାର ସାହୁ(ବାପୁନ)
ସଭାପତି
ଦେଓଗାଁ କୃଷିସେବା ସମବାୟ ସମିତି

ନୂଆଁଖାଇ ଉପଲକ୍ଷେ ଦେଓଗାଁ ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ତଥା ନୂଆଁଖାଇ ଜୁହାର ।
ଡା. ଶଶି ଭୂଷଣ ସାହୁ
ବିଜେପି ରାଜ୍ୟ ଓବିସି ମୋର୍ଚ୍ଚା
ଉପସଭାପତି

ନୂଆଁଖାଇ ଉପଲକ୍ଷେ ଜରାସିଂହା ଓ ଉଡାର ପଞ୍ଚାୟତର ସମସ୍ତ ଚାଷୀଭାଇ ତଥା ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ଶୁରେଶ କୁମାର ମେହେର
ସମିତିସଭ୍ୟ ଉଡାର ପଞ୍ଚାୟତ ଓ
ସଭାପତି ଜରାସିଂହା ପେକ୍ସ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ସେପ୍ଟେମ୍ବର ୧୬/୨୦୧୮ Sambalpur, Sunday, September 16/ 2018

# ଯୁବଚାଷୀଙ୍କ ଆତ୍ମହତ୍ୟା ଅଭିଯୋଗ

## ■ କଂଗ୍ରେସ, ଭାଜପା ପକ୍ଷରୁ ଜାତୀୟ ରାଜପଥ ଅବରୋଧ

ତରଭା,୧୫।୯(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ପୁରୁଣାପାଣି ଗ୍ରାମର ଚାଷୀ ଗୌତମ ବଗର୍ତ୍ତା(୩୬) କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଋଣଭାର କାରଣରୁ ଗୌତମ ମାନସିକ ଚିନ୍ତାରେ ଥିଲେ। ବିରୋଧି କଂଗ୍ରେସ ଓ ଭାଜପା ପକ୍ଷରୁ ମୃତଦେହକୁ ନେଇ ଶନିବାର ୫୭ନଂ. ଜାତୀୟ ରାଜପଥକୁ ଦୀର୍ଘ ୩ ଘଣ୍ଟା ଅବରୋଧ କରାଯାଇଥଲା। ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ସନ୍ଧ୍ୟା ୭ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।



ଚାଷୀଙ୍କ ମୃତଦେହ ରଖି ୫୭ ନଂ. ଜାତୀୟ ରାଜପଥକୁ ଅବରୋଧ କରାଯାଇଛି ।

ସୂଚନା ଅନୁଯାୟୀ, ଗୌତମ ଓ ତାଙ୍କ ସ୍ତ୍ରୀ ଆରତୀ ଶନିବାର ସକାଳେ ଚାଷ ଜମିକୁ ସାର ଓ କୀଟନାଶକ ଔଷଧ ନେଇ ଯାଇଥିଲେ। ଉଭୟ ଜମିରେ ସାର ଓ କୀଟନାଶକ ଔଷଧ ସିଞ୍ଚନ କରିଥିଲେ। ତେବେ ପରେ ଗୌତମ କୀଟନାଶକ ପିଇ ଦେଇଥିବା ଅଭିଯୋଗ ହୋଇଛି। ଗୌତମ ତଳେ ପଡି ଯିବାରୁ ଆରତୀ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ଓ ପରିବାରବର୍ଗ ତାଙ୍କୁ ଗୁରୁତର ଅବସ୍ଥାରେ କ୍ଷେତରୁ ଘରକୁ ଆଣିଥିଲେ। ପରେ ତାଙ୍କୁ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ହେଲେ ଅବସ୍ଥା ଗୁରୁତର ହେବାରୁ ବଲାଙ୍ଗୀର ଡାକ୍ତରଖାନାକୁ ନିଆଯାଉଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ ଚାଷୀ ସ୍ଥାନୀୟ ଦୁବୁଲା କୃଷି ସମବାୟ ସମିତି ଓ ଷ୍ଟେଟ୍‌ବ୍ୟାଙ୍କ ଶାଖାରୁ ଚାଷ କାର୍ଯ୍ୟ ପାଇଁ ଋଣ ଆଣି ମାନସିକ ଚିନ୍ତିତ ଥିବା ତାଙ୍କ ସ୍ତ୍ରୀ ଆରତୀ କହିଛନ୍ତି । ମୃତକଙ୍କର ଯୁକ୍ତ ୨ ପଢୁଥିବା ବଡ ଝିଅ ସୌଦାମିନି, ପୁଅ ରାଜୁ ଓ ରାକେଶ ଅଛନ୍ତି । ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ପରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ତେବେ ପରିବାର ଲୋକ ମୃତଦେହ ଧରି ଘରକୁ ଫେରୁଥିବା ସମୟରେ କଂଗ୍ରେସ ପକ୍ଷରୁ ଅପରାହ୍ନ ୪ଟାରେ ୫୭ ନଂ ଜାତୀୟ ରାଜପଥର ତରଭା ଛକଠାରେ ରାସ୍ତାରୋକୋ କରାଯାଇଥିଲା। ପିସିସି ସଭ୍ୟ ଶିବ କୁମାର ଅଗ୍ରୱାଲାଙ୍କ ନେତୃତ୍ୱରେ ଆନ୍ଦୋଳନ ଚାଲିଥିବା ସମୟରେ ପ୍ରାକ୍ତନ କଣ୍ଟାବାଞ୍ଜି ବିଧାୟକ ତଥା ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା ସେହି ରାସ୍ତା ଦେଇଯାଉଥିଲେ। ସାଲୁଜା ଆନ୍ଦୋଳନରେ ସାମିଲ ହୋଇ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ସହିତ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା, ହରିଶ୍ଚନ୍ଦ୍ର ଯୋଜନାରୁ ଶବ ସତ୍କାର ପାଇଁ ୨ ହଜାର, ସ୍ତ୍ରୀଙ୍କୁ ବିଧବା ଭତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଯୋଗାଇ ଦେବାକୁ ଦାବି କରିଥିଲେ। ଏହି ଆନ୍ଦୋଳନରେ କଂଗ୍ରେସ ନେତା ଆକବର ଅଲ୍ଲୀ, ବ୍ଲକ କଂଗ୍ରେସ କମିଟି ସଭାପତି କାର୍ତ୍ତିକ ନାଗ, ସୁଧୀର ପଣ୍ଡା, ପ୍ରବୀଣ ସାହୁ, ଅବତାର ବଗର୍ତ୍ତି, ଗଣେଷ ଗୁରୁ, ପବିତ୍ର ପ୍ରଧାନ, ଘାସି ପାତ୍ର, ଦିଗମ୍ବର କର୍ଣ୍ଣ, ସଞ୍ଜିବ ଗୁରୁ ସାମିଲ ହୋଇଥିଲେ । ସେହିପରି ବଲାଙ୍ଗୀର ଡାକ୍ତରଖାନାରୁ ମୃତକଙ୍କ ପରିବାର ସହିତ ତରଭା ଫେରୁଥିବା ଭାଜପା ଜିଲା ସଭାପତି ବିଜୟ ମହାକୁର, ବରିଷ୍ଠ ନେତା ଅଶୋକ ପୂଜାରୀ, ପ୍ରାକ୍ତନ ଜିଲା ସଭାପତି ସୁରେଶ ମହଲା ଓ ସହଦେବ ପ୍ରଧାନ ପ୍ରମୁଖ ଏହି ରାସ୍ତାରୋକୋ ଆନ୍ଦୋଳନରେ ସାମିଲ ହୋଇଥିଲେ। ଭାଜପା ପକ୍ଷରୁ ଅଶୋକ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ବଲାଙ୍ଗୀର ଜିଲା ପୁଇଁତଲା ପୋଲିସ ଓ ସ୍ଥାନୀୟ ତରଭା ପୋଲିସ ଆନ୍ଦୋଳନକାରୀଙ୍କୁ ବୁଝାସୁଝା ପାଇଁ ଉଦ୍ୟମ କରିଥିଲେ। ତରଭା ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ବର୍ଗଙ୍କୁ ରେଡକ୍ରସ ଫାଣ୍ଡିରୁ ୧୦ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରୁ ୨ହଜାର ଟଙ୍କା ପ୍ରଦାନ ସହିତ ଅନ୍ୟ ସୁବିଧା ପ୍ରଦାନର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା ।




# ବୋହୂକୁ ପୋଡ଼ି ହତ୍ୟା, ଶ୍ୱଶୁର ଅଟକ

ଝାରସୁଗୁଡ଼ା ଅଫିସ,୧୫।୯

ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ କିରୋସିନ ଢାଳି ନିଆଁ ଲଗାଇ ହତ୍ୟା କରାଯାଇଥିବା ଶୁକ୍ରବାର ରାତିରେ ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ହେଲେ ଭାଲୁପତ୍ରାର ରୁକ୍ମିଣୀ ରୋହିଦାସ(୨୮)। ରୁକ୍ମିଣୀଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଲଇକେରା ଥାନାରେ ଅଭିଯୋଗ କରିଛନ୍ତି। ଏପରି କି ମହିଳା ଜଣକ ମୃତ୍ୟୁ ପୂର୍ବରୁ ଝାରସୁଗୁଡ଼ା ଜିଲା ଡାକ୍ତରଖାନାରେ ପୋଲିସକୁ ଦେଇଥିବା ବୟାନରେ ତାଙ୍କ ଶ୍ୱଶୁର ବନମାଳୀ ରୋହିଦାସଙ୍କୁ ଦାୟୀ କରିଛନ୍ତି । ଶନିବାର ଲଇକେରା ପୋଲିସ ବନମାଳୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସମ୍ପତ୍ତିବାଡି ଭାଗବଣ୍ଟାକୁ କେନ୍ଦ୍ରକରି ଏହି କାଣ୍ଡ ଘଟିଥିବା କୁହାଯାଉଥିବା ବେଳେ ପୋଲିସ ତରଫରୁ ହତ୍ୟାର କାରଣ ସ୍ପଷ୍ଟ କରାଯାଇନାହିଁ। ଲଇକେରା ଥାନା ଭାଲୁପତ୍ରା ଗାଁର ବନମାଳୀ ରୋହିଦାସଙ୍କ ପୁଅ ସୁଖାରାମ ରୋହିଦାସ ସମ୍ବଲପୁର ଜିଲା ଶାସନ ଥାନା ଆମପଡାର ରୁକ୍ମିଣୀ ରୋହିଦାସଙ୍କୁ ବିବାହ କରିଥିଲେ। ଗତ ୪ ମାସ ପୂର୍ବରୁ ଆକସ୍ମିକ ଭାବେ ସୁଖାରାମଙ୍କ ମୃତ୍ୟୁ ହୋଇଥିଲା। ସ୍ୱାମୀଙ୍କ ମୃତ୍ୟୁପରେ ରୁକ୍ମିଣୀ ଶ୍ୱଶୁରଙ୍କ ଘର ଭାଲୁପତ୍ରାରେ ରହୁଥିଲେ। ସୁଖାରାମଙ୍କ ମୃତ୍ୟୁ ପରେ ରୁକ୍ମିଣୀ ଶ୍ୱଶୁରଙ୍କ ଘର ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିଲେ। ମଝିରେ ମଝିରେ ଜମିଜମା ଭାଗବଣ୍ଟାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ଏପରି କି ଶୁକ୍ରବାର ମଧ୍ୟ ପାଟିତୁଣ୍ଡ ହୋଇଥିବା ସୂଚନା ମିଳିଛି। ଏଥିରେ ଉତ୍ତ୍ୟକ୍ତ ହୋଇ ଶ୍ୱଶୁର ବନମାଳୀ ରୁକ୍ମିଣୀଙ୍କ ଉପରେ କିରୋସିନ ପକାଇ ନିଆଁ ଲଗାଯାଇଥିବା ତାଙ୍କ ଘର ଲୋକ ଅଭିଯୋଗ କରିଛନ୍ତି। ଗୁରୁତର ଅବସ୍ଥାରେ ରୁକ୍ମିଣୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରି ଏକ ମାମଲା ରୁଜୁ କରିଛି । ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ରୁକ୍ମିଣୀଙ୍କ ବାପଘର ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ବନମାଳୀଙ୍କୁ ଅଟକ ରଖିଛି।



ଶନିବାର ରାତିରେ ମ୍ୟୁନିସିପାଲିଟି ଛକ ଗଣେଶ ମଣ୍ଡପରେ ଇସଲାମ ଧର୍ମାବଲମ୍ବୀମାନେ ଆଳତି କରୁଛନ୍ତି।

# ମୁସଲମାନଙ୍କ ଗଣେଶ ଆଳତି

ସମ୍ବଲପୁର,୧୫।୯(ବ୍ୟୁରୋ)

ଐତିହାସିକ ସମ୍ବଲପୁର ଭାଇଚାରାର ସହର। ଏହି ସହରରେ ବସବାସ କରୁଥିବା ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ଶିଖ, ଜୈନ ଧର୍ମାବଲମ୍ବୀଙ୍କ ମଧ୍ୟରେ ଆତ୍ମୀୟତା ରହିଛି । ବିଭିନ୍ନ ସଂପ୍ରଦାୟର ଲୋକେ ସବୁ ପର୍ବପର୍ବାଣିରେ ସାମିଲ ହେବାର ନିଆରା ପରମ୍ପରା ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଛି । ତାହାର ଏକ ଉଦାହରଣ ଶନିବାର ଦେଖିବାକୁ ମିଳିଥିଲା । ରାତି ପ୍ରାୟ ୭ଟାରେ ଦଲେଇପଡା-ମ୍ୟୁନିସିପାଲିଟି ଛକ ଗଣେଶ ମଣ୍ଡପରେ ମୁସଲମାନମାନେ ଗଜାନନଙ୍କୁ ଆଳତି କରିଥିଲେ। ପଣ୍ଡିତ ଅଶୋକ କୁମାର ରଥ ପୂଜାର୍ଚ୍ଚନା ଓ ମନ୍ତ୍ରପାଠ କରିଥିଲେ। ଏହାପରେ ସ୍ଥାନୀୟ ଅଞ୍ଚଳର ମୁସଲମାନମାନେ ଘଣ୍ଟ, ଶଙ୍ଖ ବଜାଇ ଗଣେଶଙ୍କୁ ଆଳତି କରିଥିଲେ। ପୂଜା କମିଟି ସଭାପତି ସିଦ୍ଧାର୍ଥ ସାହା, ସମ୍ପାଦକ ମହମ୍ମଦ ରାସୁଦ, ଉପସଭାପତି ରାଜା ମିତ୍ର, କୋଷାଧ୍ୟକ୍ଷ ମହମ୍ମଦ ଗାଜି, ବିଶ୍ୱ ରଞ୍ଜନ ଭୋଇ, ସଭ୍ୟ ମହମ୍ମଦ ଅନୱାର ଖାନ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା କମିଟିର କର୍ମକର୍ତ୍ତାଭାବେ ମୁସଲମାନ ଭାଇମାନେ ଦାୟିତ୍ୱ ବହନ କରିବା ଓ ପୂଜାର୍ଚ୍ଚନାରେ ସାମିଲ ହେବା ଏକ ଭାଇଚାରାର ନିଦର୍ଶନ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



“ ଶାସକ ଯଦି ତା’ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ ।
- ଲର୍ଡ ବାଇରନ



**ସଂକ୍ଷେପରେ**

## ଭୁବନେଶ୍ୱରପୁରରେ ନୂଆଖାଇ ଭେଟଘାଟ

**ପାଇକମାଳ, ୧୫।୯(ଡି.ଏନ.ଏ):** ପାଇକମାଳ ବ୍ଲକ ଭୁବନେଶ୍ୱରପୁର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଫ୍ରେଣ୍ଡସ କ୍ଲବ ଦ୍ୱାରା ନୂଆଖାଇ ଭେଟଘାଟ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ସାଧୁ ବାବା ନରସିଂ ଚରଣ ଦାସ ମୁଖ୍ୟବକ୍ତା, ସରୋଜ ସାମଲ, ସୁରଥ ସାହୁ, ଜଗବନ୍ଧୁ ରଣା, ଡା. ମୋହନ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ହାଇସ୍କୁଲର ପ୍ରଧାନ ଶିକ୍ଷକ ଭୀଷ୍ମଦେବ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଲୋକନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ ପ୍ରତି ଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । କ୍ଲବର କିଶୋର ବାରିକ, ସୁରେନ୍ଦ୍ର ସାହୁ, ନିତେଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସମ୍ପାଦକ ବିକାଶ ସାହୁ ଧନ୍ୟବାଦ ଅପଣ କରିଥିଲେ ।

## ଶିକ୍ଷାବିତ୍ ରମାକାନ୍ତ ରାୟଙ୍କ ପରଲୋକ

**ବରପାଲି, ୧୫।୯(ଡି.ଏନ.ଏ.):** ବରପାଲିର ବିଶିଷ୍ଟ ଶିକ୍ଷାବିତ୍ ଅବସରପ୍ରାପ୍ତ ପୂର୍ବତନ କଲେଜ ଅଧ୍ୟକ୍ଷ ତଥା ସ୍ୱର୍ଗତ ବିଧାୟକ ନିକୁଞ୍ଜ ସିଂ ଓ ବିଧାୟିକା କିଶୋରୀମଣି ସିଂଙ୍କ ଜ୍ୱାଇଁ ଡଃ ରମାକାନ୍ତ ରାୟଙ୍କ ଶନିବାର ଅପରାହ୍ନ ୪ଟାରେ ନିଜ ବାସଭବନରେ ପରଲୋକ ଘଟିଛି । ତାଙ୍କୁ ୭୭ବର୍ଷ ବୟସ ହୋଇଥିଲା । ସ୍ୱର୍ଗତ ରାୟ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଚନ୍ଦ୍ରପ୍ରଭା, ୨ ପୁଅ, ବୋହୂ ଓ ପରିବାର ଲୋକେ ଉପସ୍ଥିତ ଥିଲେ । ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବରଗଡ ଏମ୍‌ପି ପ୍ରଭାସ ସିଂ ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ନୂଆଁଖାଇ ପରେ ଜମୁଛି ଭେଟ୍‌ଘାଟ୍

**ବରଗଡ଼ ଅଫିସ୍, ୧୫।୯**

ବରଗଡ଼ ସହରର ଖଜୁରିକ୍ରିସ୍ଥିତ ବଳରାମ ଦେବ କ୍ଲବ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ସମାରୋହ ଅନୁଷ୍ଠିତ ହୋଇଯାଇଛି । କ୍ଲବ ସଭାପତି ସରୋଜ କୁମାର ଷଡ଼ଙ୍ଗୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ବରଗଡ଼ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ପୂର୍ବତନ ବିଧାୟକ ସାଧୁ ନେପାକ, ଭାଜପା ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ପୌରାଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁରେଶ୍ୱର ଶତପଥୀ ଏବଂ ଶିଳ୍ପପତି ଚନ୍ଦ୍ରଶେଖର ବାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କ୍ଲବ ସମ୍ପାଦକ କ୍ଷେତ୍ରପାଳ ସାହୁ ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ଏହି ଅବସରରେ ଲୋକନୃତ୍ୟ ପ୍ରତିଯୋଗିତା ହୋଇଥିଲା । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟାପକ ଅଶୋକ ବେହେରାଙ୍କ ନିର୍ଦ୍ଦେଶନା ଓ କେତନ ବଗାରଙ୍କ ସହ ନିର୍ଦ୍ଦେଶନାରେ କ୍ଲବର ସଭ୍ୟମାନେ ନାଟକ ‘କଞ୍ଚା ମୁରୁଖ’ ପରିବେଷଣ କରିଥିଲେ । ପ୍ରଭାତ ବେହେରା ଶ୍ରେଷ୍ଠ କଳାକାର ଏବଂ ଜିତେନ୍ଦ୍ର ଚିନ୍ଦ୍ରା ଶ୍ରେଷ୍ଠ ହାସ୍ୟାଭିନେତା ଭାବେ ପୁରସ୍କୃତ ହୋଇଥିଲେ । ସେବାରାମ ଦାଶଙ୍କୁ ସନ୍ତୋଷ ଗନ୍ତାୟତ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଗୋପାଳ ଦାଶ



ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଜଣେ କୃତୀ ଶିଶୁଙ୍କୁ ପୁରସ୍କୃତ କରାଯାଉଛି ।

ମାନପତ୍ର ପାଠ କରିଥିବାବେଳେ ପୂର୍ଣ୍ଣଚନ୍ଦ୍ର ଦାଶ, ଶଙ୍କର ପଟ୍ଟନାୟକ, ସୁରେଶ ଗନ୍ତାୟତ ପ୍ରମୁଖ ମଞ୍ଚାସୀନ ଥିଲେ । ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁରରେ ଅନୁଷ୍ଠିତ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ଏମପି ଡଃ ପ୍ରଭାସ ସିଂ ଅତିଥି ଭାବେ ଯୋଗ ଦେଇଥିଲେ । ରାଜ୍ୟ ସମବାୟ ସଂଘ ନିର୍ଦ୍ଦେଶକ ପ୍ରଫୁଲ୍ଲ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନିତ୍ୟାନନ୍ଦ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଶିକ୍ଷକ ଗୋପବନ୍ଧୁ ପୁରୋହିତ, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଗୋବିନ୍ଦପୁର ଗ୍ରାମର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ସେହିପରି ଦେଓଗାଁରେ ଅନୁଷ୍ଠିତ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମରେ ବିଧାୟକ ଆଚାର୍ଯ୍ୟ ମୁଖ୍ୟଅତିଥି ଏବଂ ଡଃ ଦ୍ୱାରିକାନାଥ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅଭିନେତା ହୃଷିକେଶ ଭୋଇ, ନନ୍ଦିଘୋଷ ମହାପାତ୍ର ଏବଂ ବରଗଡ଼ ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଶିକ୍ଷକ ସୁରେନ୍ଦ୍ର ମହାପାତ୍ର ସଭାରେ ଅଧ୍ୟକ୍ଷତା କରିଥିଲେ । ଅଭିନେତା ହୃଷିକେଶ ଏବଂ ନନ୍ଦିଘୋଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଧିରେନ୍ଦ୍ର ବାରିକ, ଦାମ ବାରିକ, ଟିଟୁ ପଣ୍ଡା ଏବଂ ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ବରପାଲି ବ୍ଲକ ଅନ୍ତର୍ଗତ ଲେଣ୍ଡା ଗ୍ରାମରେ ନୂଆଖାଇ ଭେଟଘାଟ ହୋଇଥିଲା । ଏଠାରେ ସରପଞ୍ଚ ରବି ସାହୁ ମୁଖ୍ୟଅତିଥି ଏବଂ ବିଜୁ ଯୁବ ବାହିନୀ ସଭାପତି ଲକ୍ଷ୍ମଣ ପ୍ରଧାନ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ହୀରାଧର ବିଶ୍ୱାଳ, ଯୁବନେତା ତପନ କୁମାର ମିଶ୍ର, ୱାର୍ଡ଼ସଭ୍ୟ ନେହେରୁ ସେଠ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ଅବସରପ୍ରାପ୍ତ ଡିଆଇ କୌସ୍ତୁଭ ବୁଧିଆ ଅଧ୍ୟକ୍ଷତା କରିଥିବାବେଳେ ମନବୋଧ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡଃ ସୁଶୀଲ କୁମାର ବାଗ ଅତିଥି ପରିଚୟ ପ୍ରଦାନ ଏବଂ ଡଃ ଲକ୍ଷ୍ମଣ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଆକାଶବାଣୀ ଶ୍ରୋତା ସଂଘ, ବରଗଡ଼ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ସଂଘର ପ୍ରତିଷ୍ଠାତା ସଭ୍ୟ ତଥା ଉପଦେଷ୍ଟା ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳଙ୍କ ପରଲୋକରେ ନୀରବ ପ୍ରାର୍ଥନା କରାଯାଇଥିଲା । ଅଶୋକ ସାହୁ, ସୁଦାମ ମହାପାତ୍ର, ଜଗନ୍ନାଥ ସାହୁ, ସୁରେନ୍ଦ୍ର କଠାର, ସୁଦାମ ସାହୁ, ସରୋଜ ରଥ ପ୍ରମୁଖ ଉପସ୍ଥିତ ଥିଲେ ।



ବରଗଡ଼ ଜିଲା ଝାରବନ୍ଧ ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ ।



ବରଗଡ଼ ଜିଲା ଝାରବନ୍ଧ ବଜାର ପ୍ରାଙ୍ଗଣରେ କୁଲତା ସମାଜ ପକ୍ଷରୁ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ସମାଜର ସଭ୍ୟମାନେ ।

## କୁଲତା ସମାଜ ପାଳିଲା ନୂଆଁଖାଇ

**ଝାରବନ୍ଧ, ୧୫।୯(ଡି.ଏନ.ଏ.)**

ବରଗଡ ଜିଲା ଝାରବନ୍ଧ ବ୍ଲକ ବାବା ବିଶାଶହେ କୁଳ କୁଲତା ସମାଜର ନୂଆଖାଇ ଭେଟଘାଟ ଝାରବନ୍ଧ ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସମାଜର ପୂଜକ ଜନାର୍ଦ୍ଦନ ପ୍ରଧାନ ମାଁ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା କରିଥିଲେ । ବାସୁଦେବ ପ୍ରଧାନଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିରିକ୍ତ ତହସିଲଦାର ମହେନ୍ଦ୍ର ବଡେଇ ମୁଖ୍ୟଅତିଥି, ପଶ୍ଚିମ ଓଡିଶା ବିକାଶ ପରିଷଦ ସଭ୍ୟ ନାରାୟଣ ସାହୁ, ବିନୟ କେତନ ପ୍ରଧାନ, କଂଗ୍ରେସ ସାହୁ, ଟାଇଲ ଚନ୍ଦ୍ର ଭୋଇ, ଶ୍ୟାମସୁନ୍ଦର ବେହେରା, ତୁଳସୀ ରାମ ପ୍ରଧାନ, ଓମ ପ୍ରକାଶ ପ୍ରଧାନ, ରସାନନ୍ଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ନୂଆଁଖାଇ ଶୁଭେଚ୍ଛା ଜ୍ଞାପନ କରିଥିଲେ । ସମାଜର ଶିକ୍ଷା, ସ୍ୱାସ୍ଥ୍ୟ, କୃଷିର ଉନ୍ନତି ଏବଂ ସାମାଜିକ ଐକ୍ୟ ତଥା ସଦଭାବନା ବଜାଇ ରଖିବା ପାଇଁ ପ୍ରତ୍ୟେକ ଜାତି ଭାଇ ଚେଷ୍ଟିତ ହେବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଝାରବନ୍ଧ ବ୍ଲକର ମାଟ୍ରିକ ଟପ୍ପର ହୋଇଥିବା ଚଣ୍ଡିଭଟା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲିପି ପ୍ରଧାନଙ୍କୁ ସମାଜ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ମାନଭଞ୍ଜନ ବେହେରା, ଗୌରୀଶଙ୍କର ସାହୁ, ହେମନ୍ତ ସାହୁ, ଉଦ୍ଧବ ପ୍ରଧାନ, ଗୋବିନ୍ଦ ବେହେରା, ନିରଞ୍ଜନ ପ୍ରଧାନ, କେଶ ରଞ୍ଜନ ବେହେରା ତଥା ସମସ୍ତ କେନ୍ଦ୍ରର ସମ୍ପାଦକ ଏବଂ ସଦସ୍ୟ ସହଯୋଗ କରିଥିଲେ ।

# କଠାରପାଲିରେ ସାମୂହିକ ନବାନ୍ନ ଭକ୍ଷଣ

**ସୋହେଲା, ୧୫।୯(ଡି.ଏନ.ଏ.)**

ସୋହେଲା ବ୍ଲକ ଅନ୍ତର୍ଗତ କଠାରପାଲି ଗ୍ରାମରେ ସାମୂହିକ ନବାନ୍ନ ଭକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗତ ୧୦ବର୍ଷ ହେବ ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ସମସ୍ତ ବାଦବିବାଦ ମନାନ୍ତର ମତାନ୍ତର ଭୁଲି ଚଳିତ ବର୍ଷ ଗ୍ରାମବାସୀ ନୂଆଁଖାଇ ପର୍ବ ପାଳନ କରିଥିଲେ । ସକାଳୁ ଗ୍ରାମର ଝାଙ୍କର ଉଗ୍ରସେନ ପୋଢ଼ ଗ୍ରାମଦେବୀଙ୍କୁ ବିଧି ଅନୁସାରେ ପୂଜାର୍ଚ୍ଚନା କରିଥିଲେ । ଗ୍ରାମଦେବୀଙ୍କଠାରେ ନବାନ୍ନ ଭୋଗ ଲାଗି ହେଲା ପରେ ଗ୍ରାମବାସୀ ନିଜ ନିଜ କୁଳଦେବୀମାନଙ୍କୁ ମଧ୍ୟ ନବାନ୍ନ ଭୋଗ ଲାଗି କରି ପୂଜାର୍ଚ୍ଚନା କରିଥିଲେ । ନବାନ୍ନ ଭୋଗ ଲାଗି ଓ ପୂଜାର୍ଚ୍ଚନା କଲା ପରେ ପ୍ରତ୍ୟେକ ପରିବାର ସଦସ୍ୟ ନବାନ୍ନ ଭକ୍ଷଣ ପାଇଁ ଗାଁ ଦାଣ୍ଡରେ ଏକତ୍ରିତ ହୋଇଥିଲେ । ସମସ୍ତେ ଗ୍ରାମଦାଣ୍ଡରେ ବସିବା ପରେ ଗୌନ୍ତିଆ ପ୍ରକାଶ ଭୋଇ ସମସ୍ତଙ୍କୁ ନୂଆଁ ଚରା (ପ୍ରସାଦ) ବଣ୍ଟନ କରିଥିଲେ । ନବାନ୍ନ ଭକ୍ଷଣ ପରେ ଜୁହାର ଭେଟ୍ ପର୍ବ ଅନୁଷ୍ଠିତ ହୋଇଥିଲା । ସାନମାନେ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କର ଆଶୀର୍ବାଦ ନେଇଥିଲେ । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଗ୍ରାମରେ ଗଉଡ, କୁମ୍ଭାର, କୁଲିତା ଓ ହରିଜନ ସମ୍ପ୍ରଦାୟର ବ୍ୟକ୍ତିମାନେ ମୋଟ ୬୫ଟି ପରିବାର ବାସ କରିଥାନ୍ତି ।

# ନୂଆଁଖାଇ: କୃତୀ ପ୍ରତିଭା ସମ୍ବର୍ଦ୍ଧିତ

**ଭେଡ଼େନ, ୧୫।୯(ଡ଼ି.ଏନ.ଏ)**

ଗଣପର୍ବ ନୂଆଖାଇ ଅବସରରେ ଶୁକ୍ରବାର ସନ୍ଧ୍ୟାରେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ତାଲମେଣ୍ଡା ଗ୍ରାମପଞ୍ଚାୟତର ସାନପିପିଲିପାଲି ଗ୍ରାମରେ ଗଣପତି ଯୁବକ ସଂଘ ଆନୁକୂଲ୍ୟରେ ତୃତୀୟ ବାର୍ଷିକୀ ନୂଆଖାଇ ଭେଟଘାଟ ଆୟୋଜିତ ହୋଇଛି । ଏଥିରେ ଦେବାଶିଷ ନନ୍ଦ ସଭାପତିତ୍ୱ କରିଥିଲେ । ସୁଶୀଲ ବୁଧିଆଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ମାନଭଞ୍ଜନ ପ୍ରଧାନ ମୁଖ୍ୟବକ୍ତା, ହରିଶଙ୍କର ବେହେରା, ରାଜୀବ ଲୋଚନ ସାହୁ, ବିଜୟ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ନୃତ୍ୟ ପ୍ରତିଯୋଗିତାର ଗ୍ରୁପ ବିଭାଗରେ ଶ୍ରୀ ଗଣେଶ ଗ୍ରୁପ, ବିଡ଼ିଏସ ଏବଂ ଓକେ ଗ୍ରୁପ, ଜୁନିୟର ବିଭାଗରେ ଅର୍ଚ୍ଚିତା ସାହୁ, ସାହିଲ ମୋଟୱାନୀ, ଆଲିସା ଅଗ୍ରୱାଲ ଏବଂ ସିନିୟର ବିଭାଗରେ ପଲକ ମୋଟୱାନି, ଭାଗ୍ୟଶ୍ରୀ ସାହୁ ଏବଂ ବଳରାମ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଜନାର୍ଦ୍ଦନ ରଣା, ପୂର୍ଣ୍ଣଚନ୍ଦ୍ର ମାଝୀ ଓ ଗୁରୁଦେବ ତ୍ରିପାଠୀ ବିଚାରକ ଦାୟିତ୍ୱ ତୁଲାଇଥିଲେ । ପରେ ହୋଇଥିବା ବ୍ୟଙ୍ଗକବି ସମ୍ମିଳନୀରେ କବି ଦେବେନ୍ଦ୍ର ସାହୁ, ରଞ୍ଜିତ ପଧାନ, ଟିକି ପଟ୍ଟନାୟକ ପ୍ରମୁଖ ହାସ୍ୟ କବିତା ପାଠ କରିଥିଲେ । ସେହିପରି ଅରେଇଗୁଡ଼ି ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାଲେପାଲିରେ ଜୀବର୍ଦ୍ଧନ ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା ନୂଆଖାଇ ଭେଟଘାଟରେ ଦୟାନିଧି ବେହେରା, ଲଳିତ ସାହୁ, ମାର୍କଣ୍ଡ ମେହେର, ସୁଜିତ କୁମାର ବାରିକ, ବଂଶୀଧର ପ୍ରଧାନ, ଶ୍ୟାମ ସୁନ୍ଦର ଭୋଇ, ଜଗଦୀଶ ପଧାନ, ବାଳମୁକୁନ୍ଦ ଭୋଇ, ଧ୍ରୁବ ଚରଣ ପଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଯବାନ ବାବୁଲୁ ସାହୁ, ଦୁର୍ଗା ନାରାୟଣ ସାହୁ, ମନୋରଞ୍ଜନ ମେହେର, ସୁବୋଧ ସାହୁ, ରମ୍ୟ ରଞ୍ଜନ ପାତ୍ର, ଅରବିନ୍ଦ ସେଠ, ସ୍ୱାସ୍ଥ୍ୟସେବା ଯୋଗାଉଥିବା ସୁନ୍ଦର ସାଗର, ହାଇସ୍କୁଲର ସର୍ବୋଚ୍ଚ ନମ୍ବର ରଖିଥିବା ଜିତୁ ସାହୁ, ନୃତ୍ୟ କଳା ପାଇଁ ପ୍ରଫୁଲ୍ଲ ନାୟକ ଓ ସାହିତ୍ୟ ପାଇଁ ବ୍ୟଙ୍ଗକବି ପୃଥ୍ୱୀରାଜ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରାଧାକାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ ଓ ଅଙ୍ଗଦ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ନୃତ୍ୟ ଗୀତ ପରିବେଷିତ ହୋଇଥିଲା । ରେଶମଠାରେ ଜୟ ଶ୍ରୀରାମ ସାଂସ୍କୃତିକ ଅନୁଷ୍ଠାନ ତରଫରୁ କରମଚାନ୍ଦ ମଲିକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି, ବରଗଡ଼ ଏମ୍‌ପି ଡା. ପ୍ରଭାସ ସିଂ, ଆତ୍ମା କମିଟି ଅଧକ୍ଷ ହରିଶଙ୍କର ବେହେରା, ସୂର୍ଯ୍ୟ ବାହନ ସାହୁ , ରେଶମ ସରପଞ୍ଚ ସଂଖ୍ୟାକାରୀ ଖମାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ କଂସ ଅଭିନେତା ଝସକେତନ ପ୍ରଧାନଙ୍କୁ ଅଗ୍ନି ମଲିକ କଳା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।





ଭେଡେନ ବ୍ଲକ ସାଲେପାଲିରେ ଆୟୋଜିତ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ (ବାମ) । ସାନପିପିଲିପାଲି ଗ୍ରାମରେ ଆୟୋଜିତ ଭେଟଘାଟ କାର୍ଯ୍ୟକ୍ରମରେ ବୟନ ଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ବକ୍ତବ୍ୟ ଦେଉଛନ୍ତି ।

# ନୂଆଁଖାଇ: ଶାସ୍ତ୍ରୀୟ, ପାରମ୍ପରିକ ନୃତ୍ୟ ପ୍ରଦର୍ଶନ

**ପଦ୍ମପୁର, ୧୫।୯(ଡି.ଏନ.ଏ.)**

ପଦ୍ମପୁରର ଏବିସିଡି ଅନୁଷ୍ଠାନ ତରଫରୁ ୨୨ତମ ନୂଆଁଖାଇ ଭେଟଘାଟ ଉତ୍ସବ ବୋଡାସମ୍ବର ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି । ଝାଙ୍କର ସୁରେଶ ଡୁଡକା ରୀତିନୀତି ଅନୁସାରେ ମା’ ସମଲେଇଙ୍କଠାରେ ପୂଜାର୍ଚ୍ଚନା କରି ନୂଆ ଭୋଗ ଅର୍ପଣ କରିଥିଲେ । ନାଟ୍ୟକାର କେଶ ରଞ୍ଜନ ପ୍ରଧାନ ଏବଂ ଅଶୋକ କୁମାର ବହିଦାରଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଭାପତି ଅନୀଲ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ରଘୁନାଥ ପୁରୀ ବିବରଣୀ ପାଠ କରିଥିଲେ । କବି ତଥା ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଜୟ ନାରାୟଣ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ନୂଆଁଖାଇର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସଙ୍ଗୀତଜ୍ଞ ଅନ୍ତର୍ଯାମୀ ମେହେରଙ୍କ ନିର୍ଦ୍ଦେଶନାରେ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ଚଳିତ ବର୍ଷର ଏବିସିଡି ନୂଆଖାଇ ସମ୍ମାନରେ ବିଶିଷ୍ଟ ଜୈବ ଚାଷୀ ଅଶୋକ କୁମାର ସାହୁ ଏବଂ ଓଜେଏସରେ କୃତିତ୍ୱ ହାସଲ କରିଥିବା ଦୀପ୍ତିମୟୀ ସାହୁଙ୍କୁ ପଦ୍ମପୁର ବିଧାୟକ ପ୍ରଦୀପ କୁମାର ପୁରୋହିତ ସମ୍ବର୍ଦ୍ଧିତ କରିଥିଲେ । ସହରର ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କ ତରଫରୁ ନୂଆଖାଇଁ ଜୁହାର ପ୍ରଦାନ କରାଯାଇଥିଲା । ପରେ ରମେଶ କୁମାର ଗୁର୍ଲାଙ୍କ ପରିଚାଳନା ତଥା ଅଞ୍ଜନ ପ୍ରଧାନ ଓ ମନୀଷ ରଥଙ୍କ ସଂଯୋଜନାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ରାଉରକେଲାର ଭଞ୍ଜକଳା କେନ୍ଦ୍ର, କଳାସିଉର ଢୋଲ ମୁହୁରି, ବପଡର ବୋଧନ ଏବଂ ସଙ୍ଗୀତ ସମିତି ପଦ୍ମପୁରର କଳାକାରମାନେ ଚିତ୍ତାକର୍ଷକ ଶାସ୍ତ୍ରୀୟ ଓ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରିଥିଲେ । ସୁରେଶ ମିଶ୍ର, ସମ୍ପଦ ସାହୁ, ଶାନ୍ତ ସଂଗ୍ରାମ ଭୋଇ, ସୁନୀଲ ଭୋଇ, ସରୋଜ ଦାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



କଳାକାରମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରୁଛନ୍ତି ।

# ଫୁଟବଲ: ବରଗଡ଼ ଚାମ୍ପିୟନ

**ଭେଡ଼େନ, ୧୫।୯(ଡ଼ି.ଏନ.ଏ)**

ନୂଆଖାଇ ଅବସରରେ ଭେଡ଼େନ ବ୍ଲକ ଅନ୍ତର୍ଗତ ଜାଣ୍ଡୋଲ ଖେଳ ପଡ଼ିଆରେ ଶନିବାର ଅନୁଷ୍ଠିତ ୨୪ତମ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ବରଗଡ଼ ଦଳ ଚାମ୍ପିୟନ ହୋଇଛି । ବୀର ସୁରେନ୍ଦ୍ର ସାଏ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ହୋଇଥିବା ଏହି ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ବିଜୟୀ ଦଳ ଅଏଁଠାପାଲିକୁ ପେନାଲଟି ସୁଟ ଆଉଟରେ ୫-୪ ଗୋଲ ବ୍ୟବଧାନରେ ପରାସ୍ତ କରିଛି । ପୂର୍ବରୁ ପ୍ରଥମ ସେମି ଫାଇନାଲରେ ବରଗଡ଼ ଦଳ ବୁଗବୁଗାକୁ ଏବଂ ଦ୍ୱିତୀୟ ସେମିଫାଇନାଲରେ ଅଏଁଠାପାଲି ଦଳ ଅମସ୍ତଲା ଏକାଦଶକୁ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲା । ଏହି ପ୍ରତିଯୋଗିତାକୁ ଭେଡ଼େନ ବ୍ଲକ ଅଧକ୍ଷ ଢ଼ୋଲାମଣି କ୍ଷେତି ଉଦ୍‌ଘାଟନ କରିଥିଲେ । ଉଦଯାପନୀ ଉତ୍ସବରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା, ଜିଲା ପରିଷଦ ସଭ୍ୟା ଜ୍ୟୋସ୍ନାମୟୀ ସିଂ, ପ୍ରକାଶ ପାତ୍ର, ତୁଷବନ୍ତ ବେହେରା, ଅଭୟ ସିଂ, ଜଗଦୀଶ ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ହାଡୁ ମେହେର ଧାରା ବିବରଣୀ ପ୍ରଦାନ କରିଥିଲେ । ରେଫରୀ ଚିତ୍ତ ରଞ୍ଜନ ପଣ୍ଡା, ଶ୍ରବଣ ସାହୁ, ସୁଶାନ୍ତ ସାହୁ, ନୀଳ ପଣ୍ଡା, ଠାକୁର ଦଲେଇ ଓ ସୁରେଶ ମେହେର ପ୍ରମୁଖ ଖେଳଗୁଡ଼ିକୁ ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତାରେ ତୁରୁମ, ବରଗଡ଼, ମହୁଲେ, ବୁଗବୁଗା, ବଡ଼ମାଲ, ଅଏଁଠାପାଲି, ଚିଟିଣ୍ଡା ଓ ଅମସ୍ତଲା ଦଳ ଅଂଶଗ୍ରହଣ କରିଥିଲେ ।



ଜାଣ୍ଡୋଲ ଫୁଟବଲ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିଗଣ ।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ।
ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ

## ସଂକ୍ଷେପରେ

### ପୁରାତନ ଛାତ୍ର ସଂଘ ସଭା

**ଟିକ୍ରାପଡା,୧୫।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡାସ୍ଥିତ ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲର ପୁରାତନ ଛାତ୍ର ସଂଘ ସଭା ଶନିବାର ଅନୁଷ୍ଠିତ ହୋଇଛି । ସମ୍ରାଟ ବିଶ୍ୱାସ ସଭା ସଂଯୋଜନା କରିଥିଲେ । ବିଦ୍ୟାଳୟର ପ୍ରଗତିରେ ପୁରାତନ ଛାତ୍ର ସଂଘର ଭୂମିକା ସମ୍ବନ୍ଧରେ ସଭାରେ ଆଲୋଚନା ହୋଇଥିଲା । ଓମପ୍ରକାଶ ନାଗ, ମାନସୀ ବୁଡେକ, ସ୍ୱାଗତିକା ଗଏଁତା, ଆଦ୍ୟାଂଶା ରାଜପଲିଆ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରିୟରନ କାଲସାଏ ଧନ୍ୟବାଦ ଅର୍ପଣ କରିଥିଲେ ।

### ଟ୍ରକ ଧକ୍କାରେ ଆର୍‌ଏମସି କର୍ମଚାରୀଙ୍କ ମୃତ୍ୟୁ ଘଟଣା
### କ୍ଷତିପୂରଣ ଦାବି କଲେ ଗ୍ରାମବାସୀ



**ଲୋଇସିଂହା,୧୫।୯(ଡି.ଏନ.ଏ.):** ଏକ ଗ୍ୟାସ ବୋଝେଇ ଟ୍ରକ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ବୁର୍ଡା ନିକଟରେ ଏକ କାର(ମାର୍ସଲ)କୁ ଧକ୍କା ଦେବାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା । ମୃତକ ହେଲେ କାରରେ ଥିବା ଯୋଗୀସର୍ଡା ଗ୍ରାମର ଆରଏମ୍‌ସି କର୍ମଚାରୀ ନିରଞ୍ଜନ ଦାସ। ତାଙ୍କ ମୃତଦେହ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜରେ ବ୍ୟବଚ୍ଛେଦ କରି ଅଣାଯିବା ପରେ ଗାଁ ଶ୍ମଶାନରେ ଶନିବାର ସତ୍କାର କରାଯାଇଛି । ଆରଏମସି କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ, ୨ପିଲା ଏବଂ ବଡ ଭଉଣୀ ଅସହାୟ ହୋଇ ପଡିଛନ୍ତି । ଅସହାୟ ପରିବାରକୁ ଉଚିତ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ପୋଲିସ ସୂଚନାମତେ, ଲୋଇସିଂହା ଥାନା ଯୋଗୀସର୍ଡା ଗ୍ରାମର ନିରଞ୍ଜନ ଶୁକ୍ରବାର ସନ୍ଧ୍ୟାରେ ବାଇକରୁ ପଡି ଆହତ ହୋଇଥିବାରୁ ତାଙ୍କୁ ଲୋଇସିଂହା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲା । ଚିକିତ୍ସା ସାରି କାର ନଂ ଓଆର ୦୬ ଇ-୨୬୯୪ରେ ଡ୍ରାଇଭର ଭରତ ନାଏକ ଓ ଶୁକଦେବ ପଧାନ ଘରକୁ ଫେରୁଥିଲେ । ବୁର୍ଡା ନିକଟରେ ଝାରସୁଗୁଡାରୁ ବଲାଙ୍ଗୀର ଅଭିମୁଖେ ଯାଉଥିବା ଗ୍ୟାସ ସିଲିଣ୍ଡର ବୋଝେଇ ଟ୍ରକ ଧକ୍କା ଦେଇ ଦ୍ରୁତ ଗତିରେ ଲୋଇସିଂହା ଆଡକୁ ପଳାଇ ଯାଇଥିଲା । ଲୋଇସିଂହା ବାଳିକା ହାଇସ୍କୁଲ ସମ୍ମୁଖରେ ବଲାଙ୍ଗୀର ପଟରୁ ଆସୁଥିବା ଅନ୍ୟ ଏକ ବୋଲେରୋକୁ ଧକ୍କା ଦେଇଥିଲା । ପୁଣି ସେଠାରୁ ଟ୍ରକକୁ ନେଇ ଡ୍ରାଇଭର ଖସି ଯାଉଥିବାବେଳେ ପୁଟାପାଲି ପୋଲ ପାଖରେ ଭାରସାମ୍ୟ ହରାଇ ଟ୍ରକ ନଂ ଓଡି୦୨ଏବି.୫୮୫୫ ଓଲଟି ପଡିଥିଲା । କାର ଡ୍ରାଇଭର ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଥିବାବେଳେ ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭରଙ୍କୁ ବଲାଙ୍ଗୀର ମେଡିକାଲରେ ଭର୍ତ୍ତି କରାଯାଇଥିବା ଏସଆଇ ଜେ.କେ.ମହାନ୍ତି କହିଛନ୍ତି। ଏ ନେଇ ଥାନରେ ଏକ ମାମଲା (ନଂ.୧୫୪/୧୮) ରୁଜୁ ହୋଇଛି ।

### ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

**କଣ୍ଟାବାଞ୍ଜି, ୧୫।୯(ଡି.ଏନ.ଏ.):** କଣ୍ଟାବାଞ୍ଜି ଜୁହାର ପରିବାର ତରଫରୁ ରୋଡ ନଂ.୨ ଶ୍ରୀରାଧାକୃଷ୍ଣ ମନ୍ଦିର ପରିସରରେ ନୂଆଁଖାଇ ଜୁହାର ଭେଟ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ଚାଷୀଭାଇମାନେ ନଗର ପରିକ୍ରମା କରିଥିଲେ। ପରେ ଏକ ଜୁହାର ଭେଟ କାର୍ଯ୍ୟକ୍ରମର ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବଙ୍ଗୋମୁଣ୍ଡା ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ରାଷ୍ଟ୍ରପତି ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ସାମାଜିକ କର୍ମୀ ପ୍ୟାରିଲାଲ ଜାଂଗଡା, ମୁଖ୍ୟବକ୍ତା ଗୁରୁଦୟାଲ ହଂସ, ମାଳି ସମାଜ ସମ୍ପାଦକ ବିଜୟ କୁମାର ପୁଟେଲ, ଶ୍ରୀଜଗନ୍ନାଥ ମନ୍ଦିର କମିଟି ତଥା ଯାଦବ ସମାଜ ଯୁବ ସଂଗଠକ ବେଦବ୍ୟାସ ନାଗ, ଭାଜପା ନଗର ସଭାପତି ଅଜୟ କୁମାର ଶର୍ମା ମଞ୍ଚାସୀନ ଥିଲେ । ସାହିତ୍ୟିକ ବିରଞ୍ଚି ନାରାୟଣ ଦାସ ମଞ୍ଚ ପରିଚାଳନା କରିଥିଲେ । ସଭା ପରେ ଭବାନୀପାଟଣାର ମୃଣ୍ମୟୀ ସାଂସ୍କୃତିକ ଅନୁଷ୍ଠାନର କଳାକାର ମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

■ ଯୁବତୀ ନିଖୋଜର ୨୦ଦିନ ବିତିଲା

# ବାହାରେ ବିକ୍ରି କରି ଦିଆଯାଇଥିବା ଅଭିଯୋଗ

**ଖପ୍ରାଖୋଲ, ୧୫।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲରମ୍ବା ଥାନା ତଥା ଲୁହାସିଂହା ପଞ୍ଚାୟତ ଅନ୍ତର୍ଗତ ଟେଙ୍ଗରାପଥର ଗାଁର ଜଣେ ଯୁବତୀ ନିଖୋଜ ହେବା ଇତିମଧ୍ୟରେ ୨୦ଦିନ ବିତିଛି। ଏ ନେଇ ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ ବି ପୋଲିସ ତାଙ୍କୁ ଠାବ କରି ପାରିନାହିଁ। ମାମଲା ରୁଜୁ କରି ଚୁପ୍ ହୋଇ ବସିଛି । ଗାଁର ଜଣେ ଯୁବକଙ୍କ କୌଶଳକ୍ରମେ ଏଠାରୁ ନେଇ ଯାଇ ପରେ ବାହାରେ ବିକ୍ରି କରି ଦେଇଥିବା ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ଯୁବତୀଙ୍କ ପରିବାର ଲୋକେ। ଅବିଳମ୍ବେ ଉଦ୍ଧାର ନ କଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁସାରେ ଟେଙ୍ଗରାପଥର ଗାଁର ଏହି ୩୨ବର୍ଷୀୟା ଅବିବାହିତା ଝିଅ ଯୁବତୀ ଜଣକ ଗତ ମାସ ୨୭ ତାରିଖ ଦିନ ନିଜ ଚାଷ ଜମିକୁ କାମ କରିଯାଇ ଆଉ ଘରକୁ ଫେରି ନଥିଲେ। ଏ ନେଇ ତାଙ୍କ ପିତା ୨୮ତାରିଖ ଦିନ ଲରମ୍ବା ଥାନାରେ ଅଭିଯୋଗ କରିଥିଲେ। ଗାଁର ଜଣେ ଯୁବକ ପୂର୍ବରୁ ଉକ୍ତ ଯୁବତୀଙ୍କ ସହ ଫୋନରେ କଥାବାର୍ତ୍ତା ହେଉଥିବା ଏବଂ ଏହି ନିଖୋଜ ପଛରେ ତାର ହାତ ଥିବା ନେଇ ଗାଁରେ ମଧ୍ୟ ଏକ ସଭା ଆୟୋଜନ ହୋଇଥିଲା। ଏହି ଘଟଣା ପଛରେ ତାଙ୍କର କୌଣସି ସମ୍ପର୍କ ନ ଥିବା ଯୁବକ ଜଣ ସଭାରେ କହିଥିଲେ। ତେବେ ପରିବାର ଲୋକେ ଏହାକୁ ସହଜରେ ବିଶ୍ୱାସ କରୁ ନାହାନ୍ତି। ଏହାପରେ ଗ୍ରାମବାସୀ ପୁଣିଥରେ ସମ୍ପୃକ୍ତ ଯୁବକ ଏହି ଘଟଣାରେ ସାମିଲ ଥିବା ଏବଂ ଯୁବତୀଙ୍କୁ ବାହାରେ ବିକ୍ରି କରିଦେଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୁକ୍ତକୁ ଧରିବାରେ ପୋଲିସର ନିଷ୍କ୍ରିୟତା ନେଇ ପରିବାର ସମେତ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ଲରମ୍ବା ଥାନା ଅଧିକାରୀ କିଶୋର ପ୍ରଧାନଙ୍କୁ ପଚାରିବାରୁ ଯୁବତୀ ନିଖୋଜ ନେଇ ଏକ ମାମଲା ରୁଜୁ ହୋଇଛି। ଘଟଣାରେ ସମ୍ପୃକ୍ତଙ୍କ ସମ୍ପର୍କରେ ମଧ୍ୟ ଅଭିଯୋଗ ହୋଇଛି। ନିଖୋଜ ଘଟଣା ହୋଇଥିବାରୁ ଏହାର ବିଭିନ୍ନ ଦିଗ ନେଇ ଅନୁସନ୍ଧାନ ଚାଲିଛି ବୋଲି କହିଛନ୍ତି।

**ଲରମ୍ବା ଥାନା**
- ■ ପୋଲିସ ଉଦାସୀନତାକୁ ଦାୟୀ କଲେ ପରିବାର ଲୋକ
- ■ ଆନ୍ଦୋଳନ ଚେତାବନୀ ଦେଲେ ଗ୍ରାମବାସୀ

### କାମରେ ଲାଗୁନି ଏଏନଏମ କେନ୍ଦ୍ର

**ଗୁଡଭେଲା,୧୫।୯(ଡି.ଏନ.ଏ.)**

ଗୁଡଭେଲା ବ୍ଲକ ଅର୍ନ୍ତଗତ ନୂଆପଡା ଚାରିଛକରେ ଥିବା ଏଏନଏମ ଗୃହ ଏବେ ଭୂତ କୋଠୀ ପାଲଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଉକ୍ତ ଛକରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ନିର୍ମିତ ହୋଇଥିବା ଉକ୍ତ ଗୃହରେ କେହି ରହୁ ନାହାନ୍ତି । ବ୍ଲକ ପ୍ରଶାସନ ଏ ନେଇ କୌଣସି ପଦକ୍ଷେପ ନେଉନାହିଁ। ଏ ନେଇ ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ଲଲାଟେନ୍ଦୁ ନାୟକଙ୍କୁ ପଚାରିବାରୁ କେଉଁ କାରଣରୁ ଏହା କାମରେ ଲାଗୁନାହିଁ ତାହାର ସରଜମିନ ତଦନ୍ତ ପରେ କୁହାଯାଇ ପାରିବ । ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବି

## ୨୬ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ

**ବୌଦ୍ଧ,୧୫।୯(ସ୍ୱ.ପ୍ର)**

ପଶ୍ଚିମ ଓଡିଶାରେ ହାଇକୋର୍ଟରେ ସ୍ଥାୟୀ ବେଞ୍ଚ ସ୍ଥାପନ ଓ ବୌଦ୍ଧ ଜିଲାକୁ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ ଅଧୀନରେ ସାମିଲ ନେଇ ବୌଦ୍ଧ ଓକିଲ ସଂଘର ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛି । ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ ଆନ୍ଦୋଳନ ଚାଲୁଥିବା ବେଳେ ବୌଦ୍ଧ ଓକିଲ ସଂଘ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଛି । ବର୍ତ୍ତମାନ ବୌଦ୍ଧ ଜିଲା ଦକ୍ଷିଣାଞ୍ଚଳ ରାଜସ୍ୱ ଡିଭିଜନ ଅଧୀନରେ ରହିଛି। କିନ୍ତୁ ଏହା ଜିଲାଠାରୁ ୨୦୦ କିମି ଦୂରତା ହେଉଥିବାରୁ ଲୋକଙ୍କୁ ଯିବା ଆସିବାରେ ବହୁ ଅସୁବିଧା ହେଉଛି । ଯଦି ବୌଦ୍ଧ ଜିଲାକୁ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ ଅଧୀନକୁ ନିଆଯାଏ ଏହାର ଦୂରତା ମାତ୍ର ୧୦୦ କି.ମି ହେବ । ଏହା ସହ ବୌଦ୍ଧ ଜିଲା ପଶ୍ଚିମ ଓଡିଶା ସହ ଜଡିତ । ବୌଦ୍ଧକୁ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ ଅଧୀନକୁ ନେବା ପାଇଁ ଜିଲାବାସୀଙ୍କ ଦୀର୍ଘ ଦିନର ଦାବି ଥିବା ବେଳେ ସରକାର ଏଥିପ୍ରତି ପଦକ୍ଷେପ ନେଉନାହାନ୍ତି । ଏ ନେଇ ଏକ ଜରୁରୀ ବୈଠକ ଜିଲା ଓକିଲ ସଂଘ ସଭାପତି ନବ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ତୁରନ୍ତ ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଓ ବୌଦ୍ଧକୁ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନରେ ସାମିଲ କରିବାକୁ ସମସ୍ତ ଓକିଲ ଦାବି କରିଛନ୍ତି । ଏହାସହ ଆସନ୍ତା ୨୬ ତାରିଖ ଯାଏ କୋର୍ଟ କାର୍ଯ୍ୟରୁ ବିରତ ରହିବାକୁ ପ୍ରସ୍ତାବ ଗ୍ରହଣ କରିଛନ୍ତି। ଏହି ବୈଠକରେ ସଂଘ ସମ୍ପାଦକ ଅଶୋକ କୁମାର ମିଶ୍ରଙ୍କ ସମେତ ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ ।

### ସୁବଲୟା ପୂଜା ମଣ୍ଡପରେ ମୁଦ୍ରା ନିର୍ମିତ ଗଜାନନ

**ବୀରମହାରାଜପୁର, ୧୫।୯(ଡି.ଏନ.ଏ.)**

ଚଳିତବର୍ଷ ଗଣେଶ ପୂଜା ପାଇଁ ବୀରମହାରାଜପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଆକର୍ଷଣୀୟ ମେଢ ଓ ତୋରଣମାନ ନିର୍ମିତ ହୋଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଗାଁ ଗାଁରେ ବିଘ୍ନବିନାଶନ ଗଣନାଥଙ୍କ ପୂଜାର୍ଚ୍ଚନା ଚାଲିଛି। ତେବେ ବୀରମହାରାଜପୁର ବ୍ଲକର ସୁବଲୟା ବସ୍ତ୍ରଷ୍ଣ୍ଡଠାରେ ଆୟୋଜିତ ସର୍ବଜନୀନ ପୂଜନୋତ୍ସବରେ ପୂଜା ପାଉଥିବା ଗଣେଶଙ୍କ ମୂର୍ତ୍ତି ବିଶେଷ ଆକର୍ଷଣୀୟ ହୋଇଛି । ଶ୍ରୀ ଗଣେଶଙ୍କ ଏହି ମୂର୍ତ୍ତି ୨୫୦୦ଟି ମୁଦ୍ରାରେ ତିଆରି ହୋଇଥିବା ବେଳେ ତାହାର ନିର୍ମାତା ହେଉଛନ୍ତି ସେହି ଗ୍ରାମର ମୁନା ମାହାଣା । ଏହାକୁ ଦେଖିବା ଯୋଗୁ ପୂଜାମଣ୍ଡପରେ ଶ୍ରଦ୍ଧାଳୁ ତଥା ଦେଖଣାହାରୀଙ୍କ ଗହଳି ଲାଗି ରହିଛି ।

### ବାପ ଘରକୁ ଗଲେନି ବୋଲି ବିଷ ପିଇ ଦେଲେ ନବବିବାହିତା

**ବାମରା,୧୫।୯(ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ବ୍ଲକ ବାଉଁଶଲଗା ପଞ୍ଚାୟତ ସାଲେଟିକ୍ରା ଗ୍ରାମରେ ଜଣେ ନବବିବାହିତା ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଆରତି କର୍ସେଲ (୨୦)। ସୁରେନ୍ଦ୍ର କର୍ସେଲଙ୍କୁ ଗତ ୬ମାସ ତଳେ ସେ ବିବାହ କରିଥିଲେ । ବିବାହ ପରଠାରୁ ଶ୍ୱଶୁର ଘରେ ପାଟିତୁଣ୍ଡ ଲାଗି ରହିଥିଲା। ନୂଆଁଖାଇରେ ଆରତି ବାପ ଘରକୁ ଯିବା ପାଇଁ ଜିଦ ଧରିଥିଲେ । ହେଲେ ଶ୍ୱଶୁର ଘର ଲୋକେ ବାରଣ କରିବାରୁ ରାଗିଯାଇ ସେ ଘରେ ଥିବା ଘାସମରା ବିଷ ପିଇ ଦେଇଥିଲେ । ତାଙ୍କୁ ପ୍ରଥମେ ସୁନ୍ଦରଗଡ ଓ ପରେ ବୁର୍ଲା ନେଇ ଚିକିତ୍ସା କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଏ ନେଇ ଗୋବିନ୍ଦପୁର ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

### କାକିଙ୍କୁ ବଳାତ୍କାର ଉଦ୍ୟମ କରି ପୁତୁରା ଗିରଫ

**ରେଙ୍ଗାଲି,୧୫।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା କତରବଗା ଥାନା ଅର୍ନ୍ତଗତ କଦଳୀପିଠା ଗ୍ରାମରେ ଜଣେ ଯୁବକ ନିଜର ସମ୍ପର୍କୀୟ କାକିଙ୍କୁ ବଳାତ୍କାର ଉଦ୍ୟମ କରି ଗିରଫ ହୋଇଛନ୍ତି। ସେ ହେଲେ ଡାକ୍ତର ଖଡିଆ(୨୪)। ମହିଳା ଜଣକ ନାଳାକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଅଭିଯୁକ୍ତ ତାଙ୍କୁ ଏକୁଟିଆ ପାଇ ବଳାତ୍କାର ଉଦ୍ୟମ କରିଥିଲେ।

ସାଧାରଣ ନିର୍ବାଚନ ପୂର୍ବରୁ ଅଭିନବ କୌଶଳ

## ବିଜେଡ଼ି କରିବ ନୂଆଁଖାଇ ଭେଟଘାଟ୍

**ବରଗଡ଼ ଅଫିସ୍,୧୫।୯**

୨୦୧୯ ସାଧାରଣ ନିର୍ବାଚନ ପାଖେଇ ଆସୁଛି । ଏଥିପାଇଁ ସିଧାସଳଖ ନ ହେଲେ ମଧ୍ୟ ପରୋକ୍ଷରେ ରାଜନୈତିକ ଦଳ ଗୁଡ଼ିକ ଭୋଟରଙ୍କୁ ନିଜ ଦଳ ପ୍ରତି ଆକୃଷ୍ଟ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। କିଏ ଅଦିନିଆଁ ସଭା ସମିତି ତ ଆଉ କେହି ମାରାଥନ ଶିଳାନ୍ୟାସ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଅନ୍ୟପଟେ ଅନ୍ୟବର୍ଷ ନ ହେଲେ ମଧ୍ୟ ଏଥର ବିଜେଡ଼ି ଜିଲାର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ନୂଆଁଖାଇ ଭେଟଘାଟ୍ ଆୟୋଜନ କରିଛି । ଏଥିପାଇଁ ଶନିବାର ବରଗଡ଼ ସର୍କିଟ ହାଉସରେ ଦଳର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟସଭା ସଦସ୍ୟ ଅନଙ୍ଗ ଉଦୟ ସିଂଦେଓ ଯୋଗଦେଇ ନୂଆଁଖାଇ ଭେଟଘାଟ୍ ରୂପରେଖ ଉପରେ ଆଲୋଚନା କରିଥିଲେ। ବୈଠକରେ ବରଗଡ଼ ଏମ୍‌ପି ଡଃ ପ୍ରଭାସ ସିଂ, ମନ୍ତ୍ରୀ ସୁଶାନ୍ତ ସିଂ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେପୁର ବିଧାୟିକା ରୀତା ସାହୁ, ବରଗଡ଼ ଟାଉନ ସଭାପତି କିଶୋର ମିଶ୍ର, ଭେଡ଼େନ ବ୍ଲକ ସଭାପତି ହରିଶଙ୍କର ବେହେରା, ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡୋଲାମଣି କ୍ଷେତି, ବରଗଡ଼ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଜିଲା ଯୁବ ବିଜେଡ଼ି ସଭାପତି ହିମାଂଶୁ ଦାଶ, ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ବିତ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ଜିଲାର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀର ବରଗଡ଼, ପଦ୍ମପୁର, ସୋହେଲା, ବରପାଲି, ଅତାବିରାଠାରେ ପର୍ଯ୍ୟାୟକ୍ରମେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା ।



ବରଗଡ଼ ସର୍କିଟ ହାଉସରେ ବିଜେଡ଼ି ନେତୃବୃନ୍ଦ ।

# ସବୁଠି ନୂଆଁଖାଇ ଭେଟ୍‌ଘାଟରେ ଉଲ୍ଲାସ

## କବିତା ପାଠ, ନୃତ୍ୟ ପରିବେଷଣ

**ସଇଁତଲା, ୧୫।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲାସ୍ଥିତ ହାଟପଦା ଦୁର୍ଗାମଣ୍ଡପଠାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଇଷ୍ଟଦେବୀ ମା'ଚଣ୍ଡୀଙ୍କଠାରେ ନୂଆଁ ଅନ୍ନ ଲାଗିବା ପରେ ଗ୍ରାମବାସୀ ନୂଆ ଖାଇଥିଲେ। ଅପରାହ୍ନରେ ରମେଶ ଉମେଶ ସିଂ ଭୋଇ ଷ୍ଟାଡ଼ିୟମରେ ପୁଚିଖେଳ, ମ୍ୟୁଜିକ ଚେୟାର, ଧରାନୀଗୁଡୁ, ନଡ଼ିଆ ଫିଙ୍ଗା, ରଙ୍ଗୋଲି, ଚାମଚ ଦୌଡ଼, ବସ୍ତା ଦୌଡ଼, ମାଠିଆ ଭଙ୍ଗା ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୂଆଁଖାଇ ଭେଟଘାଟ କମିଟି ଆନୁକୂଲ୍ୟରେ ହୋଇଥିବା ପୁରସ୍କାର ବିତରଣୀ ସଭାରେ ନିଜସ୍ୱ କବିତା ପାଠ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। ସଭାରେ ପୂର୍ବତନ ଏମପି ଶରତ ପଟ୍ଟନାୟକ ମୁଖ୍ୟ ଅତିଥି, ସତ୍ୟନାରାୟଣ ବେହେରା ମୁଖ୍ୟବକ୍ତା, ଶ୍ରୀକିଶନ ଅଗ୍ରୱାଲ, ବିଜୟ ରଥ, ସୂର୍ଯ୍ୟନାରାୟଣ ଶତପଥୀ, ବଜରଙ୍ଗଲାଲ ଅଗ୍ରୱାଲ, ଭୀମସେନ ସ୍ୱାଇଁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ସଭାପତିତ୍ୱ କରିଥିଲେ। ଆୟୋଜନ କମିଟିର ସମ୍ପାଦକ ସୁବୋଧ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ବିବେକାନନ୍ଦ ପାଠାଗାରର ସଦସ୍ୟମାନେ ସହଯୋଗ କରିଥିଲେ। ଝସକେତନ ମନହୀରା, ଶେଷଦେବ ଯାନୀ, ବିଜୟ ରଥ, ନଗେନ୍ଦ୍ର ବସ୍ତିଆ, ପ୍ରଶାନ୍ତ ପୃଷ୍ଟେଠ, ନାରାୟଣ ସାହୁ ବିଭିନ୍ନ ପ୍ରତିଯୋଗୀତା ଆୟୋଜନରେ ସହଯୋଗ କରିଥିଲେ।

ସେହିପରି ଡେଙ୍ଗ ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗଣେଷ ପୂଜା କମିଟି ତରଫରୁ ଆୟୋଜିତ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଗ୍ରାମର ଗୌନ୍ତିଆ ଜୟକୃଷ୍ଣ ଭୋଇ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ରତନ କୁମାର ରଣା, ଭୀମସେନ ସାହୁ ଓ ଅକ୍ଷୟ ସାହୁ ଯୋଗଦେଇଥିଲେ । ଗ୍ରାମରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଅଜୟ ରଣା, ରକିଭୋଇ, ସୁଭାଙ୍ଗୀ ଭୋଇ, ମଞ୍ଜିଲ ରଣା ଓ ସ୍ନେହା ରଣା ପ୍ରମୁଖଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଗୋପାଳ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜଗନ୍ନାଥ ରଣା ଧନ୍ୟବାଦ ଅର୍ପଣ କରିଥିଲେ । ଡେଙ୍ଗ ଗଣେଷ ପୂଜା କମିଟିର ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ ।



ସଇଁତଲାରେ ହୋଇଥିବା ଭେଟଘାଟରେ ମଞ୍ଚାସୀନ ଅତିଥି।

### କୃତୀ ପ୍ରତିଯୋଗୀ ପୁରସ୍କୃତ

**ଲୋଇସିଂହା,୧୫।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ମଝିପଡାଠାରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ମାଠିଆ ଫଟା, ରଶି ଟଣା. ମ୍ୟୁଜିକ ଚେୟାର, ଝୋଟି ଓ ସନ୍ଧ୍ୟାରେ ଜୁନିୟର, ସିନିୟର ବିଭାଗରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନଯୁ ଖାନଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ଜିଲା କଂଗ୍ରେସ ସଭାପତି ଦିଲିପ କୁମାର ବେହେରା ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଗୌରୀଶଙ୍କର ବେଜ ଓ କୁନା ବେଜ ବିଚାରକଭାବେ ଯୋଗଦେଇଥିଲେ। ଏହି ଅବସରରେ ବନଦୁର୍ଗା ସଂଘର କଳାକାରଙ୍କ ଡେମସା ନୃତ୍ୟ ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ଥିଲା। ସେହିପରି ନୂଆପଡା ଏକଲବ୍ୟ କ୍ଲବ ପକ୍ଷରୁ ଚାଲିଥିବା ତିନିଦିନିଆ କାର୍ଯ୍ୟକ୍ରମ ଶନିବାର ଉଦଯାପିତ ହୋଇଯାଇଛି । ଉଦଯାପନୀ ଦିବସରେ ବିଜେଡି ଯୁବନେତା ନିହାର ରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବିଭିନ୍ନ ଦିବସରେ ଆୟୋଜିତ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ନଅଗାଁ(ଖ) ପଞ୍ଚାୟତ ଅଧୀନ ଜଳେଶ୍ୱର ପୀଠ ସାନଟିକା ଗ୍ରାମର ଆଜାଦ ୟୁଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ନୂଆଁଖାଇ ଭେଟଘାଟରେ ଶିକ୍ଷକ ସନ୍ତୋଷ କୁମାର ସାହୁ, ସେବଦତ୍ତ ପଧାନ, ଅଶୋକ ପଧାନ, ଶିବ ପ୍ରସାଦ ଜୁଏଡ, ଅରୁଣ ନାଏକ, ଅମ୍ବରିଶ ମାହାର ପ୍ରମୁଖ ଅତିଥି ଓ ବିଚାରକ ଭାବେ ଯୋଗଦାନ କରି ନୂଆଁଖାଇ ବୈଶିଷ୍ଟ ଉପରେ ଆଲୋକପାତ କରିଥିଲେ । ଚିତ୍ରଶିଳ୍ପୀ ରାମପ୍ରସାସ ବିଶ୍ୱାଳଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ କ୍ଷେତ୍ରବାସୀ ନାଏକ ଓ ସାଥୀ ପରିଚାଳନା କରିଥିଲେ ।

### ନାନାବିଧ ପ୍ରତିଯୋଗିତା ଆୟୋଜିତ

**ଗୁଡଭେଲା,୧୫।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅର୍ନ୍ତଗତ ନୂଆପଡା ଗାଁରେ ଗ୍ରାମ୍ୟ କମିଟି ସଭାପତି ବଳରାମ ମେହେରଙ୍କ ସଭାପତିତ୍ୱରେ ନୂଆଁଖାଇ ଭେଟଘାଟ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁରଲୀ ଭୋଇ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ଗୁଡ଼ଭେଲା ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା ମୁଖ୍ୟବକ୍ତା, ସରପଞ୍ଚ ଦୀପା ସେଠ୍ ,ସମିତି ସଭ୍ୟା ତପସ୍ୱିନୀ ମଲ୍ଲିକ, ସାମାଜିକ କର୍ମୀ ମନୋଜ ଜୈନ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଗୌନ୍ତିଆ ଶୁଶୀଲ ମେହେର ମଞ୍ଚ ପରିଚାଳନା କରିଥିଲେ । ଏହି ଉପଲକ୍ଷେ ମାଠିଆ ଫଟା, ସଂଗୀତ, ହୁଳହୁଳି, ଚିତ୍ରାଙ୍କନ ଆଦି ପ୍ରତିଯୋଗୀତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରଷ୍କୃତ କରାଯାଇଥିଲା। ସୁବରାଜ ପୁଚ୍ଛା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବ୍ଲକ ଅର୍ନ୍ତଗତ ତେନ୍ତୁଳିଖୁଣ୍ଟିରେ ହୃଷିକେଶ ଝାଙ୍କରଙ୍କ ସଭାପତିତ୍ୱରେ ନୂଆଁଖାଇ ଭେଟଘାଟ ଉତ୍ସବ ପାଳିତ ହୋଇଯାଇଛି। ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅଶୋକ ଦୋରା ମୁଖ୍ୟଅତିଥି, ନାଏବ ସରପଞ୍ଚ ଲଳିତ ଝାଙ୍କର ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଅଶୋକ ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।



ନୂଆପଡ଼ାରେ ଭେଟଘାଟ ଉତ୍ସବରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

### ସିନିୟରରେ ରୋହିତ, ଅଶୋକ ଜୁନିୟର ଚାମ୍ପିୟନ

**ଟିକ୍ରାପଡା,୧୫।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଅଧୀନ ଟିକ୍ରାପଡା ସାନଗୌନ୍ତିଆ ପଡାଠାରେ ବାଜିରାଉତ ସାଂସ୍କୃତିକ ସଂଘ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ ଶନିବାର ଅନୁଷ୍ଠିତ ହୋଇଛି । ଅଂଶୁମାନ ରାଜପଲିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଉପଲକ୍ଷେ ମାଠିଆ ଭଙ୍ଗା, ଶିଲୋଲାଇ, ବାଡିଘିଚାଣି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମାଠିଆ ଭଙ୍ଗା ପ୍ରତିଯୋଗିତାର ସିନିୟର ବିଭାଗରେ ରୋହିତ ରାଜପଲିଆ ଓ ଜୁନିୟର ବିଭାଗରେ ଅଶୋକ ରାଜପଲିଆ ବିଜୟୀ ହୋଇଥିଲେ । ପୂର୍ବତନ ସରପଞ୍ଚ ବେଣୁଧର ରାଜପଲିଆ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



**ସଂକ୍ଷେପରେ**



## ଏକଦିବସୀୟ ଫୁଟବଲ: ଖଇରମାଳ ଚାମ୍ପିୟନ

**ବରଗଡ଼ ଅଫିସ୍,୧୫।୯:** ରଗଡ଼ ବ୍ଲକ ଜମୁର୍ଡ଼ା ଖେଳ ପଡ଼ିଆରେ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ମାଳ, ତୁରୁଙ୍ଗା, ଜମୁର୍ଡ଼ା, ତୁରୁମ, ଜାଙ୍ଗେଡ଼, ଖଇରମାଳ, ସିଲେଟ ଓ କଦଲିପାଲି ଦଳ ଅଂଶଗ୍ରହଣ କରିଥିଲେ। ଖଇରମାଳ ଓ କଦଲିପାଲି ଫାଇନାଲକୁ ଉନ୍ନୀତ ହୋଇଥିଲେ । ଫାଇନାଲରେ ଟାଇବ୍ରେକରରେ ଖଇରମାଳ ପ୍ରତିପକ୍ଷ କଦଲିପାଲିକୁ ହରାଇ ଚାମ୍ପିୟନ ହୋଇଥିଲା। ସନ୍ତୋଷ ପ୍ରଧାନ, ଲୋକନାଥ ବାରିକ, କ୍ଷୀରେଶ୍ୱର ସାହୁ, ଅମିତ ମିଶ୍ର ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଆମ୍ବେଡ଼କର ଆଥଲେଟିକ ଆସୋସିଏଶନର ଅଶୋକ ବାରିକ, ସୁରେଶ ମିର୍ଦ୍ଧା, ମନୋରଞ୍ଜନ ବାରିକ, ଆଶୁତୋଷ ପ୍ରଧାନ, ବିସ୍ମିତ ବାରିକ ପ୍ରମୁଖ ସହଯୋଗ କରିଥିଲେ । ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ଭୁବନେଶ୍ୱର ପଧାନ, ଭାଜପା ନେତା ଅବନୀକାନ୍ତ ପଣ୍ଡା, ଲାଲୁ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ ।

# ଛାତ୍ରୀଛାତ୍ରଙ୍କୁ ଅନୁଶାସନ ଶିକ୍ଷା ଦିଏ ଏନ୍‌ସିସି

## ସୋନପୁର କଲେଜ ଏନ୍‌ସିସି ଶାଖାର ତୃତୀୟ ବାର୍ଷିକ ଉତ୍ସବ

**ସୋନପୁର,୧୫।୯(ନି.ପ୍ର.)**

ଏନ୍‌ସିସି(ନ୍ୟାଶନାଲ୍ କ୍ୟାଡେଟ୍ କପସ୍) ଛାତ୍ରୀଛାତ୍ରଙ୍କୁ ଅନୁଶାସନର ଶିକ୍ଷା ଦିଏ। ଛାତ୍ରାବସ୍ଥାରୁ ସମାଜ, ପରିବାର ଓ ସହପାଠୀଙ୍କ ପ୍ରତି କିଭଳି ବ୍ୟବହାର କରାଯାଏ ଶିକ୍ଷା ମିଳେ। ଦେଶର ଜରୁରିକାଳୀନ ପରିସ୍ଥିତି ସମୟରେ କ୍ୟାଡେଟ୍‌ମାନେ ସେନାକୁ ସହାୟତା କରିଥାନ୍ତି। ଦେଶର ଯୁବାଶକ୍ତିଙ୍କୁ ଉଚିତ୍ ମାର୍ଗରେ ପରିଚାଳିତ କରିବା କ୍ଷେତ୍ରରେ ଏନ୍‌ସିସିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସୋନପୁର କଲେଜ ଏନସିସି ଶାଖାର ତୃତୀୟ ବାର୍ଷିକ ଉତ୍ସବରେ ମତପ୍ରକାଶ ପାଇଛି। କଲେଜ ସଭାଗୃହରେ ଶନିବାର ଉତ୍ସବ ଆୟୋଜିତ ହୋଇଥିଲା। ସୁବର୍ଣ୍ଣପୁର ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଏନ୍‌ସିସିର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଚରିତ୍ର ଗଠନ ଓ ଆଦର୍ଶ ନାଗରିକ ଗଢି ତୋଳିବାରେ ଏନସିସିର ଭୂମିକା ଅଣସ୍ୱୀକାର୍ଯ୍ୟ ବୋଲି ଜିଲାପାଳ କହିଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କ୍ୟାଡେଟ୍‌ମାନଙ୍କ ସେବାମୂଳକ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ଏସ୍‌ପି ଏହି ଅବସରରେ ତାଙ୍କ ଛାତ୍ର ସମୟର ଅନୁଭୂତି କହିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ମେଜର କୃପାସିନ୍ଧୁ ପାଣିଗ୍ରାହୀ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଭାରତ ସରକାର ୧୯୪୮ମସିହାରେ ଏନସିସି ପ୍ରତିଷ୍ଠା କରିଥିଲେ ବୋଲି ସୂଚନା ଦେଇଥିଲେ। ଏନ୍‌ସିସି ଅଫିସର ମେଜର ଅନନ୍ତ ଦାଶ ସଭାକୁ ସଂଯୋଜନା କରି ବର୍ତ୍ତମାନ ଦେଶର ୨୯ଟି ରାଜ୍ୟର ୩୦ଲକ୍ଷ କ୍ୟାଡେଟ୍ ଥିବା କହିଥିଲେ। ପ୍ରାକ୍ତନ କ୍ୟାଡେଟ୍ ପ୍ରଦ୍ୟୁମ୍ନ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଦୀପ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ୧୯୯୭ ମସିହାଠାରୁ ୨୦୧୮ ବ୍ୟାଚ୍ ପର୍ଯ୍ୟନ୍ତ କ୍ୟାଡେଟ୍ ମାନେ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ନୂଆଁଖାଇ ସକାଶେ ନିଜ ଘରକୁ ଆସିଥିବା ସେନା, କୋବ୍ରା ବାଟାଲିଆନ, ବିଏସ୍‌ଏଫ୍, ପୋଲିସ, ସାଧାରଣ ପ୍ରଶାସନିକ ବିଭାଗ ଓ ଅନ୍ୟ ସଂସ୍ଥାରେ କାର୍ଯ୍ୟ କରୁଥିବା ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ପ୍ରାକ୍ତନ କ୍ୟାଡେଟ୍ ଯୋଗ ଦେଇଥିଲେ। ହରିଶଙ୍କର ପୁରୋହିତ ଓ ଶ୍ୱେତା ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ଓଡିଶୀ, ସମ୍ବଲପୁରୀ, ପଞ୍ଜାବୀ ଓ ଦଳଗତ ନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଦିବ୍ୟଜ୍ୟୋତି ରାୟଗୁରୁ, ଦୀନେଶ ମିଶ୍ର, ହେମନ୍ତ ସାହୁ, ଜ୍ୟୋତିରଞ୍ଜନ ମିଶ୍ର, ଜୟଦେବ ପାଢୀ, ବିକ୍ରମ ବିଶି, ସନ୍ତୋଷ ବିଶ୍ୱାଳ, ଲକ୍ଷ୍ମଣ ବିଶି, ରାକେଶ ମିଶ୍ର ଓ ନରସିଂହ ତରିଆ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଆସନ୍ତା ବର୍ଷ ନୂଆଁଖାଇ ପରଦିନ ଏହିଭଳି ଏନସିସି ମିଟ୍ ଆୟୋଜନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା।




ଉତ୍ସବ ଅବସରରେ ଅତିଥିଙ୍କ ଗହଣରେ କଲେଜର ପ୍ରାକ୍ତନ ଓ ବର୍ତ୍ତମାନର କ୍ୟାଡେଟ୍‌ମାନେ।

## ସୋହେଲାରେ ନୂଆଁଖାଇ ଭେଟଘାଟ

**ସୋହେଲା,୧୫।୯(ଡିଏନଏ)**

ସୋହେଲା କଲ୍ୟାଣ ମଣ୍ଡପଠାରେ ରାଇଜ ଅଫ ଲାୟନ୍ସ ତରଫରୁ ଶୁକ୍ରବାର ସନ୍ଧ୍ୟାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଥିଲା । ଏଥିରେ ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ନାଟ୍ୟକାର ସତ୍ୟରଞ୍ଜନ ବେହେରା ମୁଖ୍ୟବକ୍ତା, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ବିଧାୟକ ମହମ୍ମଦ ରଫିକ, ଆରଡିସି ସେକ୍ରେଟାରୀ ବିଭୂତି ଭୂଷଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ସଭାରେ ସଭାପତିତ୍ୱ କରିଥିଲେ ଗ୍ରାମର ଗୌନ୍ତିଆ ଶ୍ରୀମନ୍ତ ଗୋପାଳ ନାୟକ । ନିମନ୍ତ୍ରିତ ଅତିଥିମାନେ ଗଣପର୍ବ ନୂଆଁଖାଇର ବୈଶିଷ୍ଟ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ନୂଆଁଖାଇ ଅବସରରେ ହାଇସ୍କୁଲସ୍ତରରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମନ୍ତ୍ରୀ ସିଂ ପୁରସ୍କୃତ କରିଥିଲେ । ଇକବାଲ ଖେରାନୀ ଓ ତୁଷାରକାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ ରାହୁଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ନରେନ୍ଦ୍ର ସାହୁ, ଉଦିତ ବାରିକ, କେଶବ ବାଗ, ରାହୁଲ ବେହେରା, ଜୟନ୍ତ ପଧାନ, ଶୁଭମ ନାୟକ ସହଯୋଗ କରିଥିଲେ। ପରେ ଲୋଇସିଂହାର ସୁର ସାଧନା ଏବଂ ଭେଡେନର ତୁମକୁ ତୁମା ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।

### ଚଲାପଥର ଚରିତ୍ର

## ତାଙ୍କ ପାଇଁ ନୂଆଁଖାଇର ସରାଗ ନାହିଁ

**ବୀରମହାରାଜପୁର, ୧୫।୯(ଡି.ଏନ.ଏ)**

ଗଣପର୍ବ ନୂଆଁଖାଇର ଉତ୍ସାହ ଉଦ୍ଦୀପନା ଭିତରେ ସଭିଏଁ ହଜି ଯାଇଥିବାବେଳେ ଏଭଳି ମାହୋଲର ଟିକିଏ ବି ପ୍ରଭାବ ନଥିଲା ଘରଯୁଗୀ ଧଳଙ୍କ ଭଳି ଚରିତ୍ର ଉପରେ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ଅନ୍ତର୍ଗତ ବାରଘାଟ ଗାଁର ସ୍ୱର୍ଗତ କାଳିଆ ଧଳଙ୍କ ସ୍ତ୍ରୀ ହେଲେ ଘରଯୁଗୀ(୭୦)। ନାଆଁଟି ସିନା ଘରଯୁଗୀ, କିନ୍ତୁ ପରିସ୍ଥିତିରେ ତାଡନାରେ ସେ ନିଜ ଘର ଜମି ପାଇଲେନି । ଗତ ପ୍ରାୟ ୩/୪ବର୍ଷ ହେଲା ଏହି ବିଧବା ବୃଦ୍ଧା ଭିକ୍ଷାବୃତ୍ତି କରୁଛନ୍ତି। ସ୍ଥାନୀୟ ଡାକ୍ତରଖାନ ପରିସର ପାଲଟିଛି ତାଙ୍କର ସ୍ଥାୟୀ ଆଶ୍ରୟସ୍ଥଳୀ। ଏହି ଅସହାୟ ମହିଳାଙ୍କ ସହ ଶନିବାର ରାସ୍ତାରେ ଭେଟାଭେଟି ହେବାରୁ ସେ ତାଙ୍କର କରୁଣ କାହାଣୀ ବଖାଣିଥିଲେ। ଘରଯୁଗୀଙ୍କ କହିବା ମତେ ତାଙ୍କର ଚାଷ ଜମି ରହିଛି, ପୁଅ କମାଣି କରୁଛି। କହିବାକୁ ଗଲେ ପରିବାରର ଆର୍ଥିକ ସ୍ଥିତି ଖରାପ ନୁହେଁ । ତେବେ ପୁତ୍ରବଧୂର ନିର୍ଯାତନା ଏବଂ ପୁଅର ନୀରବତାରେ ଅତିଷ୍ଠ ହୋଇ ସେ ଘର ଛାଡିବାକୁ ବାଧ୍ୟ ହୋଇଛନ୍ତି । ସବୁଠାରୁ ଦୁଃଖର ବିଷୟ ସେ ବିଧବା କିମ୍ବା ବାର୍ଦ୍ଧକ୍ୟ ଭତ୍ତା ପାଇପାରି ନାହାନ୍ତି । କେହି ଜଣେ ସାମାଜିକ କର୍ମୀ ଭତ୍ତା ପାଇଁ ଦରଖାସ୍ତ ଫର୍ମ ତାଙ୍କଠୁ ନେଇଥିଲେ ବି ଏଯାଏଁ ସେଇ ସୁବିଧାରୁ ବଞ୍ଚିତ ହୋଇଥିବା କ୍ଷୋଭର ସହିତ କହନ୍ତି ଘରଯୁଗୀ । ତାଙ୍କର ସବୁ କିଛି ଥାଇ ବି ଆଜି ନିସ୍ୱ ପାଲଟି ଯାଇଛନ୍ତି। ଏଭଳି ପରିସ୍ଥିତିରେ ହର୍ଷଉଲ୍ଲାସର ପର୍ବ ନୂଆଁଖାଇ ତାଙ୍କ ପାଇଁ ଯେମିତି ନିରର୍ଥକ । ହେଲେ ବି ସଭିଏ ଖୁସିରେ ରୁହନ୍ତୁ, ଖୁସିର ବଢନ୍ତୁ ବୋଲି ଦୀର୍ଘଶ୍ୱାସ ନେଇ କହିଥିଲେ ଘରଯୁଗୀ ।



### ବିଜୁ ଯୁବବାହିନୀ ପକ୍ଷରୁ ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟ

## କମିରା ଜୁନିୟର ଦଳ ଚାମ୍ପିୟନ

**ବୀରମହାରାଜପୁର, ୧୫।୯ (ଡି.ଏନ.ଏ.)**

ନୂଆଁଖାଇ ଉପଲକ୍ଷେ ବୀରମହାରାଜପୁର ବ୍ଲକ ଯୁବ ବାହିନୀ ତରଫରୁ କମିରା ଗ୍ରାମପଞ୍ଚାୟତ ସଦର ମହକୁମାଠାରେ ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅପରାହ୍ନରେ ଆୟୋଜିତ ଉକ୍ତ ଟୁର୍ନାମେଣ୍ଟରେ କମିରା ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଫୁଟବଲ ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ କମିରା ସିନିୟର ଦଳକୁ ପରାଜିତ କରି ଜୁନିୟର ଦଳ ଚାମ୍ପିୟନ ହୋଇଥିଲା। ପଞ୍ଚାୟତ ବିଜୁ ବାହିନୀ ସଭାପତି ସପନ ପଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ପ୍ରତିନିଧି ନାରାୟଣ ଲୁହା ମୁଖ୍ୟଅତିଥି ଏବଂ ସ୍ଥାନୀୟ ସରପଞ୍ଚ ଶ୍ରୀକୃଷ୍ଣ ପଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ, ରନର୍ସ ଅପ ଓ ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ବିଜୁ ଯୁବ ବାହିନୀର ପଞ୍ଚାୟତ ସଂଯୋଜକ ଭିକ୍କି ଭାଇ କାର୍ଯ୍ୟକ୍ରମ ପରିଚାଳନାରେ କରିଥିଲେ।



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

## ବରପାଲିରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

### ସହର ପାଲଟିଛି ଆବର୍ଜନାମୟ

**ବରପାଲି, ୧୫।୯(ଡି.ଏନ.ଏ.)**

ବରପାଲି ଏନଏସିର ଉଦାସୀନତା ଯୋଗୁ ସହରରେ ଦିନକୁ ଦିନ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ବସ୍ତିର ସ୍ଥାନେ ସ୍ଥାନେ କୁଢ କୁଢ ଅଳିଆ ଆବର୍ଜନା ରାସ୍ତାରେ ଏଣେତେଣେ ପଡି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରିଛି । ସଫେଇ ପ୍ରତି ଏନଏସିର ଆଦୌ ନଜର ପଡୁନାହିଁ । ଦୁଇ ଦିନିଦିନ ହେଲା ରାସ୍ତା କଡରେ ଆବର୍ଜନା ଗଦା ହୋଇ ରହିଥିବା ଦେଖାଯାଉଛି । ସହରର ଭାଟୁଆପଡା-କୁଲିପଡା ସଲଂଗ୍ନ ଗୁଡିଆପଡା ରାସ୍ତାର ଏଭଳି ଦୁରବସ୍ଥା ହୋଇଛି ତାହା ଆଖିରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ । ଅନୁରୂପ ଭାବେ ସହର ରାସ୍ତାରେ ଅଳିଆ ଆବର୍ଜନା ଓ ଗୋବରଖତ ଗଦା ହୋଇ ରହିବା ନିତିଦିନିଆ ଘଟଣା ହୋଇଛି । ଏପରିକି ଏନଏସିର ଅବହେଳା ଯୋଗୁ ଡ୍ରେନ ଉପରେ ଲୋକେ ଘର, ଦୋକାନ ଓ ବାରଣ୍ଡା ଆଦି ନିର୍ମାଣ କରିବା ଯୋଗୁ ଯାତାୟାତ ଓ ଡ୍ରେନ ପାଣି ଯିବାରେ ବାଧକ ସାଜିଛି । ସେହିପରି ନିକଟରେ ଫୁଟବଲ ପଡିଆରେ ଆବର୍ଜନା ଗଦା ହୋଇ ରହିବାରୁ ସଚେତନ ନାଗରିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗିରଥୀ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଏନଏସିର ପରିମଳ ବ୍ୟବସ୍ଥାକୁ ହାଲୁକା ଭାବେ ନେଇ ଦେଖିବା ମୁଁ ପଚାରି ବୁଝୁଛି ବୋଲି କହିଥିଲେ ।



## ବୌଦ୍ଧ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସର୍ବଭାରତୀୟ ସ୍ତରରେ ପୁରସ୍କୃତ

**ବୌଦ୍ଧ,୧୫।୯(ସ୍ୱ.ପ୍ର)**

ବୌଦ୍ଧ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଜିଲା ପାଇଁ ଆଉ ଏକ ଗୌରବ ଆଣିଦେଇଛି। ବୌଦ୍ଧ ଜିଲା ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ସର୍ବଭାରତୀୟ ସ୍ତରରେ ଜିଇଓ ଏମ୍‌ଜିଏନଆର୍‌ଇଜିଏସ୍‌ରେ ତୃତୀୟ ସ୍ଥାନ ଅଧିକାର କରି ଗତ ୧୧ ତାରିଖରେ ଦିଲ୍ଲୀର ବିଜ୍ଞାନ ଭବନ ଠାରେ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ପୁରସ୍କୃତ ହୋଇଛି । ଏହି ରାଷ୍ଟ୍ରୀୟ ପୁରସ୍କାର ବିତରଣ ସମାରୋହରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ଓ କେନ୍ଦ୍ର ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରାମକ୍ରିପାଲ ଯାଦବ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ । ସମାରୋହରେ ବୌଦ୍ଧ ଜିଲାପାଳ ସୀତାଂଶୁ କୁମାର ରାଉତ ଓ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟନାୟକ ଯୋଗଦେଇ ପୁରସ୍କାର ଗ୍ରହଣ କରିଥିଲେ। ଜିଇଓ ଏମ୍‌ଜିଏନଆର୍‌ଇଜିଏସ୍ ହେଉଛି ଭୌଗୋଳିକ ସୂଚନା ପଦ୍ଧତି, ଯାହାକୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଭାରତ ସରକାର ଓ ଜାତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ସହାଭାଗିତାରେ ୨୦୧୬ରେ ଆରମ୍ଭ କରାଯାଇଥିଲା । ସମାରୋହରେ ଝାଡଖଣ୍ଡ ରାଜ୍ୟର ଛତରା ଜିଲା ପ୍ରଥମ ସ୍ଥାନ, ଉତ୍ତରାଖଣ୍ଡ ରାଜ୍ୟର ଚମ୍ପାଓଟ ଜିଲା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ଓଡ଼ିଶାର ବୌଦ୍ଧ ଜିଲା ତୃତୀୟ ସ୍ଥାନ ଅଧିକାର କରିଥିଲା ।




ଦିଲ୍ଲୀଠାରେ ଅନୁଷ୍ଠିତ ସମାରୋହରେ ବୌଦ୍ଧ ଜିଲାକୁ ପୁରସ୍କୃତ କରାଯାଇଛି।

# ଭେଟଘାଟର ମଜା ଉଠାଇଲେ

## ନୃତ୍ୟ, ଗୀତରେ ସଭିଏଁ ବିଭୋର



**ମନମୁଣ୍ଡା, ୧୫।୯(ଡି.ଏନ.ଏ.)**

ବୌଦ୍ଧ ଜିଲା ମନମୁଣ୍ଡାରେ ନୂଆଁଖାଇ ଓ ଭେଟଘାଟ କାର୍ଯ୍ୟକ୍ରମ ପାଳିତ ହୋଇଛି। ଗ୍ରାମର ବଂଶାନୁକ୍ରମିକ ଜ୍ୟୋତିର୍ବିଦ ବିନାୟକ ରଥଙ୍କ ଦ୍ୱାରା ଲଗ୍ନ ସ୍ଥିର ମତେ ଦିବା ୧୧ଟା ୪୮ରୁ ୧ଟା ମଧ୍ୟରେ ଗ୍ରାମର ଇଷ୍ଟ ଦେବୀ କଙ୍କାଳୀଙ୍କଠାରେ ନବାନ୍ନ ଲାଗି କରାଯାଇଥିଲା । ପରେ ଗ୍ରାମବାସୀ ନିଜ ନିଜ ଘରେ ପୂଜାର୍ଚ୍ଚନା କରି ନବାନ୍ନ ଭକ୍ଷଣ କରିଥିଲେ । ନବାନ୍ନ ଲାଗି ପୂର୍ବରୁ ଏଠାକାର ପରମ୍ପରା ଓ ପ୍ରଥାନୁମତେ କଙ୍କାଳି ମନ୍ଦିରର ଝାଙ୍କର ମାଁଙ୍କ ଶକ୍ତି ଶିକୁଳୀ ଧାରଣ କରି ନଗର ପରିକ୍ରମା କରିଥିଲେ । ଏହି ସମୟରେ ଗ୍ରାମର ପ୍ରାୟ ପ୍ରତ୍ୟେକ ଘର ସମ୍ମୁଖରେ ଲିପା ପୋଛା, କଳସ ଦୀପ ବସାଇବା ସହ ମାଙ୍କ ପାଦ ଧୋଇ ଫୁଲ, ଚନ୍ଦନ, ସିନ୍ଦୁର ଅର୍ପଣ ପୂର୍ବକ ପୂଜା କରାଯାଇଥିଲା । ସେହିପରି ନବାନ୍ନ ଭକ୍ଷଣ ପରେ ପ୍ରତ୍ୟେକଙ୍କ ଘରେ ଛୋଟମାନେ ବଡଙ୍କ ପାଦ ଛୁଇଁ ଜୁହାର ଭେଟ କରିଥିଲେ । ମନ୍ଦିର ମାନଙ୍କୁ ଯାଇ ଦେବ ଦେବୀଙ୍କ ଦର୍ଶନ କରିଥିଲେ । ଗ୍ରାମରେ ବୁଲାବୁଲି କରି ଛୋଟମାନେ ବଡମାନଙ୍କୁ ମଧ୍ୟ ଜୁହାର ଭେଟଘାଟ ହୋଇଥିଲେ । ପ୍ରତ୍ୟେକ ବର୍ଷ ପରି ସ୍ଥାନୀୟ ମେହେର ପଡାରେ ନୂଆଁଖାଇ ଭେଟଘାଟ ପାରମ୍ପରିକ ହିସାବରେ ପାଳିତ ହୋଇଯାଇଛି । ଜୁହାର ଭେଟଘାଟ ପରେ ଆବାଳ ବୃଦ୍ଧାବୃଦ୍ଧ ସମସ୍ତ ଡିଜେ ସାଉଣ୍ଡ ତାଳେ ତାଳେ ନୃତ୍ୟ କରି ଖୁସି ମନାଇଥିଲେ। ମନୋଜ ମେହେର, ପଦାର ମେହେର, ସରୋଜ ମେହେର, ଗିବୁ ମେହେର, ରମେଶ ମେହେର, ପ୍ରହ୍ଲାଦ ମେହେର, ଦୀପକ ମେହେର, ଅମିତ ମେହେର ପ୍ରମୁଖ ଏହାକୁ ଆୟୋଜନ କରିଥିଲେ ।

## ମଞ୍ଚସ୍ଥ ହେଲା ନାଟକ ‘ନୂଆଁ ଧାନ କେ ନୂଆଁ ମନ’

**ପଲଶାଗୋରା, ୧୫।୯(ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପଲଶାଗୋରାର ମାଁ ଭୈରବୀ କ୍ଲବ ଦ୍ୱାରା ଆୟୋଜିତ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଶୁକ୍ରବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି । କ୍ଲବ ସଭାପତି ବସନ୍ତ କ୍ଷେତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ପୂର୍ବତନ କଣ୍ଟାମାଳ ବ୍ଲକ ଅଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ମୁଖ୍ୟଅତିଥି, ବିଧାୟକ ପ୍ରତିନିଧି ସୁଜିତ ଖଟୁଆ, ନାଟ୍ୟକାର ଦିଲ୍ଲୀପ ମହାନ୍ତି, ଖବରଦାତା ଭାର୍ଜନ ପ୍ରଧାନ, ପୂର୍ବ ସମିତି ସଭ୍ୟ ଲବ ପ୍ରଧାନ, ଡାକ୍ତର ସୁବ୍ରତ ମିଶ୍ର, ଜିଲା ପରିଷଦ ସଭ୍ୟା ମମତା ପ୍ରଧାନ, ଯୁବନେତା ରାକେଶ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କ୍ଲବ ସମ୍ପାଦକ ମନୋଜ ମହାନ୍ତି ସଭା ସଂଯୋଜନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିଶୁ ଶିଳ୍ପୀ ତୁଳସୀ କମ୍ପଙ୍କ ସମ୍ବଲପୁରୀ ନୃତ୍ୟ ଦୁଲୁଲି ପରିବେଷଣ କରିଥିଲେ । ଏହି ଅବସରରେ ଦିଲ୍ଲୀପ ମହାନ୍ତିଙ୍କ ରଚିତ ଓ ନିର୍ଦ୍ଦେଶିତ ନୂଆଁ ଧାନ ନୂଆଁ ମନ ନାଟକ ମଞ୍ଚସ୍ଥ ହୋଇଥିଲା । ସଚ୍ଚିଦାନନ୍ଦ ଖମାରୀ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ।



କଳାକାରମାନେ ନୂଆଁ ଧାନ କେ ନୂଆଁ ମନ ନାଟକ ପରିବେଷଣ କରୁଛନ୍ତି।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ପୁରାତନ ଛାତ୍ର ସଂଘ ସଭା

**ଟିକ୍ରାପଡା,୧୫।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଟିକ୍ରାପଡାସ୍ଥିତ ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲର ପୁରାତନ ଛାତ୍ର ସଂଘ ସଭା ଶନିବାର ଅନୁଷ୍ଠିତ ହୋଇଛି । ସମ୍ରାଟ ବିଶ୍ୱାସ ସଭା ସଂଯୋଜନା କରିଥିଲେ । ବିଦ୍ୟାଳୟର ପ୍ରଗତିରେ ପୁରାତନ ଛାତ୍ର ସଂଘର ଭୂମିକା ସମ୍ବନ୍ଧରେ ସଭାରେ ଆଲୋଚନା ହୋଇଥିଲା । ଓମପ୍ରକାଶ ନାଗ, ମାନସୀ ବୁଡେକ, ସ୍ୱାଗତିକା ଗଏଁତା, ଆଦ୍ୟାଂଶା ରାଜପଲିଆ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରିୟରନ କାଲସାଏ ଧନ୍ୟବାଦ ଅର୍ପଣ କରିଥିଲେ ।

### ଟ୍ରକ ଧକ୍କାରେ ଆରଏମସି କର୍ମଚାରୀଙ୍କ ମୃତ୍ୟୁ ଘଟଣା
### କ୍ଷତିପୂରଣ ଦାବି କଲେ ଗ୍ରାମବାସୀ



**ଲୋଇସିଂହା,୧୫।୯(ଡି.ଏନ.ଏ.):** ଏକ ଗ୍ୟାସ ବୋଝେଇ ଟ୍ରକ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ବୁର୍ଡା ନିକଟରେ ଏକ କାର(ମାର୍ସଲ)କୁ ଧକ୍କା ଦେବାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ମୃତକ ହେଲେ କାରରେ ଥିବା ଯୋଗୀସର୍ଡା ଗ୍ରାମର ଆରଏମ୍‌ସି କର୍ମଚାରୀ ନିରଞ୍ଜନ ଦାସ। ତାଙ୍କ ମୃତଦେହ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜରେ ବ୍ୟବଚ୍ଛେଦ କରି ଅଣାଯିବା ପରେ ଗାଁ ଶ୍ମଶାନରେ ଶନିବାର ସତ୍କାର କରାଯାଇଛି । ଆରଏମସି କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ, ୨ପିଲା ଏବଂ ବଡ ଭଉଣୀ ଅସହାୟ ହୋଇ ପଡିଛନ୍ତି । ଅସହାୟ ପରିବାରକୁ ଉଚିତ କ୍ଷତିପୁରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ପୋଲିସ ସୂଚନାମତେ, ଲୋଇସିଂହା ଥାନା ଯୋଗୀସର୍ଡା ଗ୍ରାମର ନିରଞ୍ଜନ ଶୁକ୍ରବାର ସନ୍ଧ୍ୟାରେ ବାଇକରୁ ପଡି ଆହତ ହୋଇଥିବାରୁ ତାଙ୍କୁ ଲୋଇସିଂହା ଡାକ୍ତରଖାନକୁ ଚିକିତ୍ସା ପାଇଁ ଅଣାଯାଇଥିଲା ଚିକିତ୍ସା ସାରି କାର ନଂ ଓଆର ୦୬ ଇ-୨୬୯୪ରେ ଡ୍ରାଇଭର ଭରତ ନାଏକ ଓ ଶୁକଦେବ ପଧାନ ଘରକୁ ଫେରୁଥିଲେ । ବୁର୍ଡା ନିକଟରେ ଝାରସୁଗୁଡାରୁ ବଲାଙ୍ଗୀର ଅଭିମୁଖେ ଯାଉଥିବା ଗ୍ୟାସ ସିଲିଣ୍ଡର ବୋଝେଇ ଟ୍ରକ ଧକ୍କା ଦେଇ ଦ୍ରୁତ ଗତିରେ ଲୋଇସିଂହା ଆଡକୁ ପଳାଇ ଯାଇଥିଲା । ଲୋଇସିଂହା ବାଳିକା ହାଇସ୍କୁଲ ସମ୍ମୁଖରେ ବଲାଙ୍ଗୀର ପଟରୁ ଆସୁଥିବା ଅନ୍ୟ ଏକ ବୋଲେରୋକୁ ଧକ୍କା ଦେଇଥିଲା । ପୁଣି ସେଠାରୁ ଟ୍ରକକୁ ନେଇ ଡ୍ରାଇଭର ଖସି ଯାଉଥିବାବେଳେ ପୁଟାପାଲି ପୋଲ ପାଖରେ ଭାରସାମ୍ୟ ହରାଇ ଟ୍ରକ ନଂ ଓଡି୦୨ଏବି.୫୮୫୫ ଓଲଟି ପଡିଥିଲା । କାର ଡ୍ରାଇଭର ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଥିବାବେଳେ ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭରଙ୍କୁ ବଲାଙ୍ଗୀର ମେଡିକାଲରେ ଭର୍ତ୍ତି କରାଯାଇଥିବା ଏସଆଇ ଜେ.କେ.ମହାନ୍ତି କହିଛନ୍ତି। ଏ ନେଇ ଥାନରେ ଏକ ମାମଲା (ନଂ.୧୫୪/୧୮) ରୁଜୁ ହୋଇଛି ।

### ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

**କଣ୍ଟାବାଞ୍ଜି, ୧୫।୯(ଡି.ଏନ.ଏ.):** କଣ୍ଟାବାଞ୍ଜି ଜୁହାର ପରିବାର ତରଫରୁ ରୋଡ ନଂ.୨ ଶ୍ରୀରାଧାକୃଷ୍ଣ ମନ୍ଦିର ପରିସରରେ ନୂଆଁଖାଇ ଜୁହାର ଭେଟ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ଚାଷୀଭାଇମାନେ ନଗର ପରିକ୍ରମା କରିଥିଲେ। ପରେ ଏକ ଜୁହାର ଭେଟ କାର୍ଯ୍ୟକ୍ରମର ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବଙ୍ଗୋମୁଣ୍ଡା ବ୍ଲକର ପୂର୍ବତନ ଉପାଧକ୍ଷ ରାଷ୍ଟ୍ରପତି ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ସାମାଜିକ କର୍ମୀ ପ୍ୟାରିଲାଲ ଜାଂଗଡା, ମୁଖ୍ୟବକ୍ତା ଗୁରୁଦୟାଲ ହଂସ, ମାଳି ସମାଜ ସମ୍ପାଦକ ବିଜୟ କୁମାର ପୁଟେଲ, ଶ୍ରୀଜଗନ୍ନାଥ ମନ୍ଦିର କମିଟି ତଥା ଯାଦବ ସମାଜ ଯୁବ ସଂଗଠକ ବେଦବ୍ୟାସ ନାଗ, ଭାଜପା ନଗର ସଭାପତି ଅଜୟ କୁମାର ଶର୍ମା ମଞ୍ଚାସୀନ ଥିଲେ । ସାହିତ୍ୟିକ ବିରଞ୍ଚି ନାରାୟଣ ଦାସ ମଞ୍ଚ ପରିଚାଳନା କରିଥିଲେ । ସଭା ପରେ ଭବାନୀପାଟଣାର ମୃଣ୍ମୟୀ ସାଂସ୍କୃତିକ ଅନୁଷ୍ଠାନର କଳାକାର ମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

■ ଯୁବତୀ ନିଖୋଜର ୨୦ଦିନ ବିତିଲା

# ବାହାରେ ବିକ୍ରି କରି ଦିଆଯାଇଥିବା ଅଭିଯୋଗ

**ଖପ୍ରାଖୋଲ, ୧୫।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲରମ୍ବା ଥାନା ତଥା ଲୁହାସିଂହା ପଞ୍ଚାୟତ ଅନ୍ତର୍ଗତ ଟେଙ୍ଗରାପଥର ଗାଁର ଜଣେ ଯୁବତୀ ନିଖୋଜ ହେବା ଇତିମଧ୍ୟରେ ୨୦ଦିନ ବିତିଛି। ଏ ନେଇ ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ ବି ପୋଲିସ ତାଙ୍କୁ ଠାବ କରି ପାରିନାହିଁ। ମାମଲା ରୁଜୁ କରି ଚୁପ୍ ହୋଇ ବସିଛି । ଗାଁର ଜଣେ ଯୁବକଙ୍କ କୌଶଳକ୍ରମେ ଏଠାରୁ ନେଇ ଯାଇ ପରେ ବାହାରେ ବିକ୍ରି କରି ଦେଇଥିବା ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ଯୁବତୀଙ୍କ ପରିବାର ଲୋକେ। ଅବିଳମ୍ବେ ଉଦ୍ଧାର ନ କଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁସାରେ ଟେଙ୍ଗରାପଥର ଗାଁର ଏହି ୩୨ବର୍ଷୀୟା ଅବିବାହିତା ଝିଅ ଯୁବତୀ ଜଣକ ଗତ ମାସ ୨୭ ତାରିଖ ଦିନ ନିଜ ଚାଷ ଜମିକୁ କାମ କରିଯାଇ ଆଉ ଘରକୁ ଫେରି ନଥିଲେ। ଏ ନେଇ ତାଙ୍କ ପିତା ୨୮ତାରିଖ ଦିନ ଲରମ୍ବା ଥାନାରେ ଅଭିଯୋଗ କରିଥିଲେ। ଗାଁର ଜଣେ ଯୁବକ ପୂର୍ବରୁ ଉକ୍ତ ଯୁବତୀଙ୍କ ସହ ଫୋନରେ କଥାବାର୍ତ୍ତା ହେଉଥିବା ଏବଂ ଏହି ନିଖୋଜ ପଛରେ ତାର ହାତ ଥିବା ନେଇ ଗାଁରେ ମଧ୍ୟ ଏକ ସଭା ଆୟୋଜନ ହୋଇଥିଲା। ଏହି ଘଟଣା ପଛରେ ତାଙ୍କର କୌଣସି ସମ୍ପର୍କ ନ ଥିବା ଯୁବକ ଜଣ ସଭାରେ କହିଥିଲେ। ତେବେ ପରିବାର ଲୋକେ ଏହାକୁ ସହଜରେ ବିଶ୍ୱାସ କରୁ ନାହାନ୍ତି। ଏହାପରେ ଗ୍ରାମବାସୀ ପୁଣିଥରେ ସମ୍ପୃକ୍ତ ଯୁବକ ଏହି ଘଟଣାରେ ସାମିଲ ଥିବା ଏବଂ ଯୁବତୀଙ୍କୁ ବାହାରେ ବିକ୍ରି କରିଦେଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୁକ୍ତକୁ ଧରିବାରେ ପୋଲିସର ନିଷ୍କ୍ରିୟତା ନେଇ ପରିବାର ସମେତ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ଲରମ୍ବା ଥାନା ଅଧିକାରୀ କିଶୋର ପ୍ରଧାନଙ୍କୁ ପଚାରିବାରୁ ଯୁବତୀ ନିଖୋଜ ନେଇ ଏକ ମାମଲା ରୁଜୁ ହୋଇଛି। ଘଟଣାରେ ସମ୍ପୃକ୍ତଙ୍କ ସମ୍ପର୍କରେ ମଧ୍ୟ ଅଭିଯୋଗ ହୋଇଛି। ନିଖୋଜ ଘଟଣା ହୋଇଥିବାରୁ ଏହାର ବିଭିନ୍ନ ଦିଗ ନେଇ ଅନୁସନ୍ଧାନ ଚାଲିଛି ବୋଲି କହିଛନ୍ତି।

**ଲରମ୍ବା ଥାନା**
- ■ ପୋଲିସ ଉଦାସୀନତାକୁ ଦାୟୀ କଲେ ପରିବାର ଲୋକ
- ■ ଆନ୍ଦୋଳନ ଚେତାବନୀ ଦେଲେ ଗ୍ରାମବାସୀ

### କାମରେ ଲାଗୁନି ଏଏନଏମ କେନ୍ଦ୍ର

**ଗୁଡଭେଲା,୧୫।୯(ଡି.ଏନ.ଏ.)**

ଗୁଡଭେଲା ବ୍ଲକ ଅର୍ନ୍ତଗତ ନୂଆପଡା ଚାରିଛକରେ ଥିବା ଏଏନଏମ ଗୃହ ଏବେ ଭୂତ କୋଠୀ ପାଲଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଉକ୍ତ ଛକରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ନିର୍ମିତ ହୋଇଥିବା ଉକ୍ତ ଗୃହରେ କେହି ରହୁ ନାହାନ୍ତି । ବ୍ଲକ ପ୍ରଶାସନ ଏ ନେଇ କୌଣସି ପଦକ୍ଷେପ ନେଉନାହିଁ। ଏ ନେଇ ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ଲଲାଟେନ୍ଦୁ ନାୟକଙ୍କୁ ପଚାରିବାରୁ କେଉଁ କାରଣରୁ ଏହା କାମରେ ଲାଗୁନାହିଁ ତାହାର ସରଜମିନ ତଦନ୍ତ ପରେ କୁହାଯାଇ ପାରିବ । ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଯୁକ୍ତଦୁଇ ବିଜ୍ଞାନ ଶ୍ରେଣୀ ଖୋଲିଲା, ଶିଳାନ୍ୟାସ

**ବଲାଙ୍ଗୀର ଅଫିସ,୧୫।୯**

ବଲାଙ୍ଗୀର ସଦର ବ୍ଲକ ଚୂଡାପାଲି ଉଚ୍ଚ ମାଧମିକ ବିଦ୍ୟାଳୟରେ ଯୁକ୍ତଦୁଇ ବିଜ୍ଞାନ ଶ୍ରେଣୀ ସହ ନୂତନ କୋଠା ସକାଶେ ଶନିବାର ଶିଳାନ୍ୟାସ କରାଯାଇଛି। ବଲାଙ୍ଗର ବିଧାୟକ ତଥା ବିରୋଧିଦଳ ନେତା ନରସିଂହ ମିଶ୍ର ଏହାର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଜୟନ୍ତ କୁମାର ଜେନା, ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୌରହରି ଦାସ, ସରପଞ୍ଚ ଘାସିରାମ ବେହେର, ଲୋକନାଥ କୁମୁରା, ମୁରଲୀଧର ମଲ୍ଲିକ, ସୁଶୀଲ ବେହେରା, ଶୋଭାକର ଭୋଇ, ଅରୁଣ କୁମାର ନାଏକ, ଗଣନାଥ ଧରୁଆ, ରାଜେଶ ବୁଧିଆ, ନରସିଂହ ସାହୁ, ମନୋଜ ପଟେଲ, ରାଜେନ୍ଦ୍ର ପଧାନ, ତେଜରାଜ ପଟେଲ, ଶରତ ନନ୍ଦ, ସୁବାସ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଚୂଡାପାଲି ଉଚ୍ଚ ମାଧମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ଶ୍ରେଣୀ ଖୋଲିବା ପାଇଁ ଅଞ୍ଚଳବାସୀ ଦୀର୍ଘବର୍ଷ ହେଲା ଦାବି କରି ଆସୁଥିଲେ। ଲୋକଙ୍କ ଦାବି ମୁତାବକ ଏଠାରେ ବିଜ୍ଞାନ ଶ୍ରେଣୀ ଖୋଲିବା ପାଇଁ ବିଧାୟକ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ । ଶନିବାର ବହୁ ପ୍ରତିକ୍ଷିତ ଯୁକ୍ତ ଦୁଇ ବିଜ୍ଞାନ ଶ୍ରେଣୀ ଖୋଲିବା ସହ ନୂତନ କୋଠାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି।



ଚୂଡାପାଲିଠାରେ ଯୁକ୍ତଦୁଇ ବିଜ୍ଞାନ ଶ୍ରେଣୀର ଶିଳାନ୍ୟାସ କରୁଛନ୍ତି ବିଧାୟକ ତଥା ବିରୋଧୀ ଦଳ ନେତା ନରସିଂହ ମିଶ୍ର ।

ବିଜୁ ଯୁବ ବାହିନୀ ପକ୍ଷରୁ ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟ

### କମିରା ଜୁନିୟର ଦଳ ଚାମ୍ପିୟନ

**ବୀରମହାରାଜପୁର, ୧୫।୯ (ଡି.ଏନ.ଏ.)**

ନୂଆଁଖାଇ ଉପଲକ୍ଷେ ବୀରମହାରାଜପୁର ବ୍ଲକ ଯୁବ ବାହିନୀ ତରଫରୁ କମିରା ଗ୍ରାମପଞ୍ଚାୟତ ସଦର ମହକୁମାଠାରେ ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅପରାହ୍ନରେ ଆୟୋଜିତ ଉକ୍ତ ଟୁର୍ନାମେଣ୍ଟରେ କମିରା ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଫୁଟବଲ ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ କମିରା ସିନିୟର ଦଳକୁ ପରାଜିତ କରି ଜୁନିୟର ଦଳ ଚାମ୍ପିୟନ ହୋଇଥିଲା। ପଞ୍ଚାୟତ ବିଜୁ ବାହିନୀ ସଭାପତି ସପନ ପଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ପ୍ରତିନିଧି ନାରାୟଣ ଲୁହା ମୁଖ୍ୟଅତିଥି ଏବଂ ସ୍ଥାନୀୟ ସରପଞ୍ଚ ଶ୍ରୀକୃଷ୍ଣ ପଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ, ରନର୍ସ ଅପ ଓ ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ବିଜୁ ଯୁବ ବାହିନୀର ପଞ୍ଚାୟତ ସଂଯୋଜକ ଭିକ୍କି ଭାଇ କାର୍ଯ୍ୟକ୍ରମ ପରିଚାଳନାରେ କରିଥିଲେ।



ସିଆରପିଏଫ ସ୍ୱଚ୍ଛତା ହିଁ ସେବା ଅଭିଯାନରେ ସାମିଲ ଜନସାଧାରଣ ।

# ସିଆର୍‌ପିଏଫ୍‌ର ସ୍ୱଚ୍ଛତା ହିଁ ସେବା ଅଭିଯାନ

**ବଲାଙ୍ଗୀର ଅଫିସ,୧୫।୯**

ବଲାଙ୍ଗୀର ୧୮୯ ବାଟାଲିଅନ ସିଆରପିଏଫ ପକ୍ଷରୁ ଶନିବାର ସ୍ୱଚ୍ଛତା ହିଁ ସେବା ଅଭିଯାନ ଆରମ୍ଭ ହୋଇଛି । ଏହି ଅବସରରେ ସ୍ଥାନୀୟ ଜନସାଧାରଣ, ଛାତ୍ର ଏବଂ ଯୁବକ ସରକାରୀ ଆଇଟିଆଇ ପାଖ ବସ୍ତି ଅଞ୍ଚଳରେ ସଫେଇ କରିଥିଲେ। ଏଠାରେ ଥିବା ଅନାବନା ଗଛ ଓ ଆବର୍ଜନା ସଫା କରିବା ସହ ବ୍ଲିଚିଂ ପାଉଡର ସିଞ୍ଚନ କରିଥିଲେ। ଏହି ସଫେଇ ଅଭିଯାନରେ ଆଇଟିଆଇ କଲେଜ ଅଧକ୍ଷ କେ.ପି. ମେହେର, ଶାନ୍ତିପଡା ଟାଇଗର ୟୁଥ କ୍ଲବ ସଭାପତି ମନୋଜ ଗଡୁଆ, ସିଆରପିଏଫ ଇନସପେକ୍ଟର ଏସ.କେ. କଲେଟ. ନାଗା ଗୋପାଳ ରାଓ, ଫାର୍ମାଶିଷ୍ଟ ଏମ. କେ. ସାହୁ, ଏବଂ ଆର.ସି .ପରେଟ ଉପସ୍ଥିତ ଥିଲେ । ସଫେଇ ଅଭିଯାନ ସହ ଜନ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ସିଆରପିଏଫ କମାଣ୍ଡାଣ୍ଟ ଯୋଗେନ୍ଦ୍ର ସିଂ ମୋର୍ଯ୍ୟ ଉପସ୍ଥିତ ଛାତ୍ରଛାତ୍ରୀ, ଯୁବକ ଓ ଜନସାଧାରଣଙ୍କୁ ଆଖପାଖ ଅଞ୍ଚଳ ସଫା ଓ ସ୍ୱଚ୍ଛ ରଖିବା ସମ୍ପର୍କରେ ସୂଚନା ଦେଇଥିଲେ ।

# ସବୁଠି ନୂଆଁଖାଇ ଭେଟ୍‌ଘାଟର ଉଲ୍ଲାସ

## କବିତା ପାଠ, ନୃତ୍ୟ ପରିବେଷଣ

**ସଇଁତଲା, ୧୫।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲାସ୍ଥିତ ହାଟପଦା ଦୁର୍ଗାମଣ୍ଡପଠାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଇଷ୍ଟଦେବୀ ମା'ଚଣ୍ଡୀଙ୍କଠାରେ ନୂଆଁ ଅନ୍ନ ଲାଗିବା ପରେ ଗ୍ରାମବାସୀ ନୂଆ ଖାଇଥିଲେ। ଅପରାହ୍ନରେ ରମେଶ ଉମେଶ ସିଂ ଭୋଇ ଷ୍ଟାଡ଼ିୟମରେ ପୁଚିଖେଳ, ମ୍ୟୁଜିକ ଚେୟାର, ଧରାନୀଗୁଡ୍ଡୁ, ନଡ଼ିଆ ଫିଙ୍ଗା, ରଙ୍ଗୋଲି, ଚାମଚ ଦୌଡ଼, ବସ୍ତା ଦୌଡ଼, ମାଠିଆ ଭଙ୍ଗା ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୂଆଁଖାଇ ଭେଟଘାଟ କମିଟି ଆନୁକୂଲ୍ୟରେ ହୋଇଥିବା ପୁରସ୍କାର ବିତରଣୀ ସଭାରେ ନିଜସ୍ୱ କବିତା ପାଠ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। ସଭାରେ ପୂର୍ବତନ ଏମପି ଶରତ ପଟ୍ଟନାୟକ ମୁଖ୍ୟ ଅତିଥି, ସତ୍ୟନାରାୟଣ ବେହେରା ମୁଖ୍ୟବକ୍ତା, ଶ୍ରୀକିଶନ ଅଗ୍ରୱାଲ, ବିଜୟ ରଥ, ସୂର୍ଯ୍ୟନାରାୟଣ ଶତପଥୀ, ବଜରଙ୍ଗଲାଲ ଅଗ୍ରୱାଲ, ଭୀମସେନ ସ୍ୱାଇଁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ସଭାପତିତ୍ୱ କରିଥିଲେ। ଆୟୋଜନ କମିଟିର ସମ୍ପାଦକ ସୁବୋଧ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ବିବେକାନନ୍ଦ ପାଠାଗାରର ସଦସ୍ୟମାନେ ସହଯୋଗ କରିଥିଲେ। ଝସକେତନ ମନହୀରା, ଶେଷଦେବ ଯାନୀ, ବିଜୟ ରଥ, ନଗେନ୍ଦ୍ର ବସ୍ତିଆ, ପ୍ରଶାନ୍ତ ପୃଷ୍ଠେଠ, ନାରାୟଣ ସାହୁ ବିଭିନ୍ନ ପ୍ରତିଯୋଗୀତା ଆୟୋଜନରେ ସହଯୋଗ କରିଥିଲେ।

ସେହିପରି ଡେଙ୍ଗ ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗଣେଷ ପୂଜା କମିଟି ତରଫରୁ ଆୟୋଜିତ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଗ୍ରାମର ଗୌନ୍ତିଆ ଜୟକୃଷ୍ଣ ଭୋଇ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ରତନ କୁମାର ରଣା, ଭୀମସେନ ସାହୁ ଓ ଅକ୍ଷୟ ସାହୁ ଯୋଗଦେଇଥିଲେ । ଗ୍ରାମରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଅଜୟ ରଣା, ରକିଭୋଇ, ସୁଭାଙ୍ଗୀ ଭୋଇ, ମଞ୍ଜିଲ ରଣା ଓ ସ୍ନେହା ରଣା ପ୍ରମୁଖଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଗୋପାଳ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜଗନ୍ନାଥ ରଣା ଧନ୍ୟବାଦ ଅର୍ପଣ କରିଥିଲେ । ଡେଙ୍ଗ ଗଣେଷ ପୂଜା କମିଟିର ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ ।



ସଇଁତଲାରେ ହୋଇଥିବା ଭେଟଘାଟରେ ମଞ୍ଚାସୀନ ଅତିଥି ।

### କୃତୀ ପ୍ରତିଯୋଗୀ ପୁରସ୍କୃତ

**ଲୋଇସିଂହା,୧୫।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ମଝିପଡାଠାରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ମାଠିଆ ଫଟା, ରଶି ଟଣା. ମ୍ୟୁଜିକ ଚେୟାର, ଝୋଟି ଓ ସନ୍ଧ୍ୟାରେ ଜୁନିୟର, ସିନିୟର ବିଭାଗରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନମ୍ରୁ ଖାନଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ଜିଲା କଂଗ୍ରେସ ସଭାପତି ଦିଲିପ କୁମାର ବେହେରା ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଗୌରୀଶଙ୍କର ବେଜ ଓ କୁନା ବେଜ ବିଚାରକଭାବେ ଯୋଗଦେଇଥିଲେ। ଏହି ଅବସରରେ ବନଦୁର୍ଗା ସଂଘର କଳାକାରଙ୍କ ଢେମସା ନୃତ୍ୟ ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ଥିଲା। ସେହିପରି ନୂଆପଡା ଏକଲବ୍ୟ କ୍ଲବ ପକ୍ଷରୁ ଚାଲିଥିବା ତିନିଦିନିଆ କାର୍ଯ୍ୟକ୍ରମ ଶନିବାର ଉଦଯାପିତ ହୋଇଯାଇଛି । ଉଦଯାପନୀ ଦିବସରେ ବିଜେଡି ଯୁବନେତା ନିହାର ରଜଂନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବିଭିନ୍ନ ଦିବସରେ ଆୟୋଜିତ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ନଅଗାଁ(ଖ) ପଞ୍ଚାୟତ ଅଧୀନ ଜଳେଶ୍ୱର ପୀଠ ସାନଟିକା ଗ୍ରାମର ଆଜାଦ ୟୁଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ନୂଆଁଖାଇ ଭେଟଘାଟରେ ଶିକ୍ଷକ ସନ୍ତୋଷ କୁମାର ସାହୁ, ସେବଦତ୍ତ ପଧାନ, ଅଶୋକ ପଧାନ, ଶିବ ପ୍ରସାଦ ଜୁଏଡ, ଅରୁଣ ନାଏକ, ଅମ୍ବରିଶ ମାହାର ପ୍ରମୁଖ ଅତିଥି ଓ ବିଚାରକ ଭାବେ ଯୋଗଦାନ କରି ନୂଆଁଖାଇ ବୈଶିଷ୍ଟ ଉପରେ ଆଲୋକପାତ କରିଥିଲେ । ଚିତ୍ରଶିଳ୍ପୀ ରାମପ୍ରସାସ ବିଶ୍ୱାଳଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ କ୍ଷେତ୍ରବାସୀ ନାଏକ ଓ ସାଥୀ ପରିଚାଳନା କରିଥିଲେ ।

### ନାନାବିଧ ପ୍ରତିଯୋଗିତା ଆୟୋଜିତ

**ଗୁଡଭେଲା,୧୫।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅର୍ନ୍ତଗତ ନୂଆପଡା ଗାଁରେ ଗ୍ରାମ୍ୟ କମିଟି ସଭାପତି ବଳରାମ ମେହେରଙ୍କ ସଭାପତିତ୍ୱରେ ନୂଆଁଖାଇ ଭେଟଘାଟ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁରଲୀ ଭୋଇ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ଗୁଡ଼ଭେଲା ବ୍ଲକ ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରା ମୁଖ୍ୟବକ୍ତା, ସରପଞ୍ଚ ଦୀପା ସେଠ୍ ,ସମିତି ସଭ୍ୟା ତପସ୍ୱିନୀ ମଲ୍ଲିକ, ସାମାଜିକ କର୍ମୀ ମନୋଜ ଜୈନ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଗୌନ୍ତିଆ ଶୁଶୀଲ ମେହେର ମଞ୍ଚ ପରିଚାଳନା କରିଥିଲେ । ଏହି ଉପଲକ୍ଷେ ମାଠିଆ ଫଟା, ସଂଗୀତ, ହୁଳହୁଳି, ଚିତ୍ରାଙ୍କନ ଆଦି ପ୍ରତିଯୋଗୀତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁବରାଜ ପୁଟ୍ଟା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବ୍ଲକ ଅର୍ନ୍ତଗତ ତେନ୍ତୁଲିଖୁଣ୍ଟିରେ ହୃଷିକେଶ ଝାଙ୍କରଙ୍କ ସଭାପତିତ୍ୱରେ ନୂଆଁଖାଇ ଭେଟଘାଟ ଉତ୍ସବ ପାଳିତ ହୋଇଯାଇଛି। ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅଶୋକ ଦୋରା ମୁଖ୍ୟଅତିଥି, ନାଏବ ସରପଞ୍ଚ ଲଳିତ ଝାଙ୍କର ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଅଶୋକ ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।



ନୂଆପଡ଼ାରେ ଭେଟଘାଟ ଉତ୍ସବରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

### ସିନିୟରରେ ରୋହିତ, ଅଶୋକ ଜୁନିୟର ଚାମ୍ପିୟନ

**ଟିକ୍ରାପଡା,୧୫।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଅଧୀନ ଟିକ୍ରାପଡା ସାନଗୌନ୍ତିଆ ପଡାଠାରେ ବାଜିରାଉତ ସାଂସ୍କୃତିକ ସଂଘ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ ଶନିବାର ଅନୁଷ୍ଠିତ ହୋଇଛି । ଅଂଶୁମାନ ରାଜପଲିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଉପଲକ୍ଷେ ମାଠିଆ ଭଙ୍ଗା, ଶିଲୋଲାଇ, ବାଡିଘିଚାଣି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମାଠିଆ ଭଙ୍ଗା ପ୍ରତିଯୋଗିତାର ସିନିୟର ବିଭାଗରେ ରୋହିତ ରାଜପଲିଆ ଓ ଜୁନିୟର ବିଭାଗରେ ଅଶୋକ ରାଜପଲିଆ ବିଜୟୀ ହୋଇଥିଲେ । ପୂର୍ବତନ ସରପଞ୍ଚ ବେଣୁଧର ରାଜପଲିଆ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

## ସଂକ୍ଷେପରେ

### ବାପଘରକୁ ଗଲେନି ବୋଲି ବିଷ ପିଇଲେ ନବବିବାହିତା

**ବାମରା,୧୫।୯(ସ୍ୱ.ପ୍ର.)**
ସମ୍ବଲପୁର ଜିଲା ବାମରା ବ୍ଲକ ବାଉଁଶଲଗା ପଞ୍ଚାୟତ ସାଲେଟିକ୍ରା ଗ୍ରାମରେ ଜଣେ ନବବିବାହିତା ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଆରତି କର୍ସେଲ (୨୦)। ସୁରେନ୍ଦ୍ର କର୍ସେଲଙ୍କୁ ଗତ ୬ମାସ ତଳେ ସେ ବିବାହ କରିଥିଲେ । ବିବାହ ପରଠାରୁ ଶ୍ୱଶୁର ଘରେ ପାଟିତୁଣ୍ଡ ଲାଗି ରହିଥିଲା। ନୂଆଁଖାଇରେ ଆରତି ବାପ ଘରକୁ ଯିବା ପାଇଁ ଜିଦ ଧରିଥିଲେ । ହେଲେ ଶ୍ୱଶୁର ଘର ଲୋକେ ବାରଣ କରିବାରୁ ରାଗିଯାଇ ସେ ଘରେ ଥିବା ଘାସମରା ବିଷ ପିଇ ଦେଇଥିଲେ। ତାଙ୍କୁ ପ୍ରଥମେ ସୁନ୍ଦରଗଡ ଓ ପରେ ବୁର୍ଲା ନେଇ ଚିକିତ୍ସା କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଏ ନେଇ ଗୋବିନ୍ଦପୁର ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

### ୧୮ରୁ ଯନ୍ତ୍ରୀ ଯିବେ ସାମୂହିକ ଛୁଟିରେ

**ନୂଆପଡ଼ା ଅଫିସ,୧୫।୯**
ଦାବି ପ୍ରତି ସରକାର ଗୁରୁତ୍ୱ ଦେଉ ନ ଥିବାରୁ ନୂଆପଡ଼ା ଜିଲାର ଜିପିଟିଏ(ଗ୍ରାମପଞ୍ଚାୟତ ଟେକ୍‌ନିକାଲ୍ ଆସିଷ୍ଟାଣ୍ଟ)ମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ସଜବାଜ ହୋଇଛନ୍ତି। ରାଜ୍ୟ ସଂଘର ଡାକରାରେ ଆସନ୍ତା ୧୮ତାରିଖରୁ କାର୍ଯ୍ୟରୁ ବିରତ ରହିବାକୁ ନିଷ୍ପତ୍ତି କରିଛନ୍ତି। ସ୍ଥାନୀୟ ଜିଲା ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଏହା ଉପରେ ସହମତି ପ୍ରକାଶ ପାଇଛି। ଜିଲା ସଂଘ ସଭାପତି ସମରେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଜିଲାର ସମସ୍ତ ବ୍ଲକରୁ କର୍ମକର୍ତ୍ତାମାନେ ଯୋଗଦେଇ ସେମାନଙ୍କର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଜିପିଟିଏମାନଙ୍କୁ ବର୍ଷାଧିକକାଳ ଚାକିରି କରିବା ସତ୍ତ୍ୱେ ନିୟମିତ କରାଯାଉ ନଥିବା ପ୍ରମୁଖ ପ୍ରସଙ୍ଗ ହୋଇଥିଲା। ସରକାର ଅନ୍ୟାନ୍ୟ ବିଭାଗକୁ ଗୁରୁତ୍ୱ ଦେଇଥିଲେ ମଧ ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟରତ ଯନ୍ତ୍ରୀମାନଙ୍କୁ ଅଣଦେଖା କରିଚାଲିଛନ୍ତି। ଏହାକୁ ସଂଘ କଦାପି ବରଦାସ୍ତ କରିବ ନାହିଁ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏହାର ପ୍ରତିବାଦରେ ଆସନ୍ତା ୧୮ରୁ ୩୧ ଅକ୍ଟୋବର ଯାଏଁ ଜିପିଟିଏମାନେ ସାମୂହିକ ଛୁଟିରେ ରହିବାକୁ ସଂଘ ପକ୍ଷରୁ ଘୋଷଣା ହୋଇଛି। ଅର୍ଥାତ୍ ଜିଲାରୁ ଶତାଧିକ ଯନ୍ତ୍ରୀ କାର୍ଯ୍ୟରେ ଯୋଗ ଦେବେ ନାହିଁ । ଫଳରେ ନିର୍ମାଣ କାର୍ଯ୍ୟ ଯେ ବାଧାପ୍ରାପ୍ତ ହେବ ଆଶଙ୍କା ଦେଖାଦେଇଛି।

## ସୂଚନା ଅଧିକାର କର୍ମୀ ପର୍ଶୁରାମ ପ୍ରଧାନ ହତ୍ୟା ଘଟଣା

# କ୍ରାଇମବ୍ରାଞ୍ଚ ତଦନ୍ତ ଦାବିରେ ଗର୍ଜିଲା ଭାଜପା

**ନାକଟୀଦେଉଳ, ୧୫।୯(ଡି.ଏନ.ଏ.)**



ଶନିବାର ଭାଜପା ପକ୍ଷରୁ ସାଲେଭଟାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ନାକଟୀଦେଉଳ ବ୍ଲକ ଅନ୍ତର୍ଗତ ସାଲେଭଟା ଗ୍ରାମର ପୂର୍ବତନ ସରପଞ୍ଚ ତଥା ସୂଚନା ଅଧିକାର କର୍ମୀ ପର୍ଶୁରାମ ପ୍ରଧାନଙ୍କ ହତ୍ୟା ଘଟଣାରେ ଏ ଯାଏ କେହି ଗିରଫ ହେଲେନି। ମୁଖ୍ୟ ଷଡଯନ୍ତ୍ରକାରୀ ସାଲେଭଟା ସେବା ସମବାୟ ସମିତିର ନିଲମ୍ବିତ ସମ୍ପାଦକ ଦଶରଥ ଧଳ ଏବଂ ଅନ୍ୟ ଫେରାର ୫ଜଣ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯାଉ। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଉ। ଏହି ଦାବିରେ ଶନିବାର ଭାଜପା ପକ୍ଷରୁ ସାଲେଭଟାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥି ସହିତ ଦଳୀୟ କର୍ମୀମାନେ ସେବା ସମବାୟ ସମିତିରେ ତାଲା ମଧ୍ୟ ପକାଇଛନ୍ତି । ଶନିବାର ମଧ୍ୟାହ୍ନରେ ଭାଜପା ରାଷ୍ଟ୍ରୀ ସମ୍ପାଦକ ସୁରେଶ ପୂଜାରୀଙ୍କ ନେତୃତ୍ୱରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ସାଲେଭଟା ହାଇସ୍କୁଲ ପଡିଆରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶ କରିଥିଲେ । ଭାଜପା କିସିଣ୍ଡା ମଣ୍ଡଳ ସଭାପତି ନେତ୍ରାନନ୍ଦ ରାଉଳଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା । ଏଥିରେ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଗଡତ୍ୟା, ପ୍ରମୋଦ ସାହୁ, ସୁରେଶ କିସାନ, ହରିହର ପ୍ରଧା, ଦିବାକର ପ୍ରଧାନ ପ୍ରମୁଖ ଯୋଗ ଦେଇ କହିଥିଲେ ଯେ, ସାଲେଭଟା ସମବାୟ ସମିତିରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ସୂଚନା ଆଇନ ବଳରେ ତଥ୍ୟ ମାଗି ଏହାର ପର୍ଦ୍ଦାଫାସ କରିବାରୁ ପର୍ଶୁରାମଙ୍କୁ ହତ୍ୟା କରାଗଲା । ତେଣୁ ଏହାର କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଉ ବୋଲି ସେମାନେ ଦାବି କରିଥିଲେ। ଅପରପକ୍ଷରେ ସାଲେଭଟା ସେବା ସମବାୟ ସମିତିର ସମ୍ପାଦକ ଦଶରଥ ଧଳଙ୍କ ଦ୍ୱାରା ଚାଷୀମାନଙ୍କୁ ଋଣ ଦେବା ନାମରେ କୋଟି କୋଟି ଟଙ୍କା ହେରଫେର ହୋଇଛି । ଏ ନେଇ ପର୍ଶୁରାମ ଆରଟିଆଇରେ ତଥ୍ୟ ମାଗି ଦୁର୍ନୀତିର ପର୍ଦ୍ଦାଫାସ କରିଥିଲେ। ଏଥିରେ ରାଗ ରଖି ଦଶରଥ ଧଳ ଏବଂ ତାଙ୍କ ସହଯୋଗୀମାନେ ଗତ ୨୭ ତାରିଖରେ ପର୍ଶୁରାମଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଘଟଣାର ଏତେଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ଏହି ଘଟଣାରେ ମାତ୍ର ୨ ଜଣଙ୍କୁ ଗିରଫ କରି ଚୁପ୍ ବସିଛି ବୋଲି ଏମାନେ ଅଭିଯୋଗ କରିଥିଲେ। ସ୍ୱଚ୍ଛତାର ଦ୍ୱାହି ଦେଉଥିବା ରାଜ୍ୟ ସରକାର ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରିବା ସହ ସଂପୃକ୍ତ ସମସ୍ତ ଅଭିଯୁକ୍ତ ଏବଂ ହତ୍ୟା ଘଟଣାର ପ୍ରଚ୍ଛଦପଟର ନାୟକମାନଙ୍କୁ ଶୀଘ୍ର ଗିରଫ କରନ୍ତୁ । ଏଥିସହିତ ସମବାୟ ସମିତିର ଦୁର୍ନୀତି ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଅର୍ଥ ଫେରସ୍ତ କରାଯିବାକୁ ମଧ୍ୟ ଏମାନେ ଦାବି କରିଥିଲେ। ପରେ ସମବାୟ କାର୍ଯ୍ୟାଳୟରେ ତାଲା ପକାଯାଇଥିଲା । ସେଠାରୁ ଦଳୀୟ ନେତା ଓ କର୍ମୀମାନେ ନାକଟୀଦେଉଳ ଥାନାକୁ ଏକ ବାଇକ ଶୋଭାଯାତ୍ରାରେ ଆସିଥିଲେ। ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ ଓ ଆଇଆଇସି ବିନୋଦ ଲାକ୍ରାଙ୍କ ସହିତ ଆଲୋଚନା କରାଯାଇଥିଲା। ପର୍ଶୁରାମ ପ୍ରଧାନଙ୍କ ହତ୍ୟା ମାମଲାରେ ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ କ'ଣ ପାଇଁ ଗିରଫ କରାଯାଉନାହିଁ ବୋଲି ପ୍ରଶ୍ନ କରିଥିଲେ। ଶୀଘ୍ର ଗିରଫ ନ କଲେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ଚେତାବନୀ ଦେଇଥିଲେ। ନାକଟିଦେଉଳ ମଣ୍ଡଳ ସଭାପତି ସୁଜିତ ପତ୍ରଧାନ, ହରିହର ସାହୁ, କୁମାରେଶ ସ୍ୱାଇଁ, ଦିଲୀପ ସାହୁ, ଭାଜପା ନେତା ଦେବେନ୍ଦ୍ର ମହାପାତ୍ର, ଗୋବିନ୍ଦ ଅଗ୍ରୱାଲ, ରେଢାଖୋଲ ନଗର ସଭାପତି ଶିବ ରାମ ସାହୁ, ଯଜ୍ଞେଶ୍ୱର ସାହୁଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ।

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ, ୨ ଗୁରୁତର

**ଜମନକିରା,୧୫।୯(ଡି.ଏନ୍.ଏ)**

ସମ୍ବଲପୁର ଜିଲା ଜମନକିରା ଥାନା ଅଧୀନ ସାଲେଭାଡି ଛକରେ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଛି। ବାଇକ୍‌ରେ ଯାଉଥିବା ୩ ଜଣ ଯୁବକଙ୍କୁ ଏକ ଟ୍ରକ୍ ଦେଇ ଖସି ପଳାଇଥିଲା। ଏଥିରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ଟିକିଲିପଡ଼ା ଗାଁର ବାପି ଭୋଇ (୩୦)। ବାପିଙ୍କ ସହ ବାଇକ୍‌ରେ ବସିଥିବା ଚିତ୍ତରଞ୍ଜନ ଭୋଇ (୨୮) ଓ ସରୋଜ ଭୋଇ (୩୫) ଗୁରୁତର ହୋଇଛନ୍ତି। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଚିତ୍ତ ଓ ସରୋଜଙ୍କୁ ପ୍ରଥମେ ଜମନକିରାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଜମନକିରା ଥାନାରେ ଏକ ମାମଲା (ନଂ.୧୨୭/୧୮)ରୁଜୁ ହୋଇଛି।

ବାପି, ଚିତ୍ତ ଓ ସରୋଜ ଏକ ବାଇକରେ ଜମନକିରା ଅର୍ଜୁନପାଲି ଢାବାରୁ ଖାଇପିଇ ନିଜ ଗାଁ ଟିକିଲିପଡ଼ାକୁ ଫେରୁଥିଲେ। ହେଲେ ସାଲେଭାଡି ଛକରେ ସେମାନଙ୍କ ବାଇକକୁ ପଛ ପଟୁ ଏକ ଟ୍ରକ୍ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣା ସ୍ଥଳରେ ବାପିଙ୍କ ଉପରେ ଗାଡ଼ି ଚଢ଼ିଯାଇଥିଲା। ଏହି ଘଟଣା ପରେ ସେହି ବାଟେ ଯାଉଥିବା କିଛି ଯୁବକ ଟ୍ରକ୍‌ର ପିଛା କରିଥିଲେ ବି ଧରିବାରେ ବିଫଳ ହୋଇଥିଲେ।

## କାମ କଲାନି ଜିଲାପାଳଙ୍କ ନିର୍ଦ୍ଦେଶ,

# କେନ୍ଦୁପତ୍ର ତୋଳାଳିଙ୍କୁ ମିଳିଲା ନାହିଁ ପେମେଣ୍ଟ

**ନୂଆଁଖାଇକୁ ବି ଅଧିକାରୀଙ୍କ ଅଣଦେଖା**

**ନୂଆପଡ଼ା ଅଫିସ,୧୫।୯**

ସରକାର କେନ୍ଦୁପତ୍ର ତୋଳାଳିମାନଙ୍କ ଲାଗି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ୟାକେଜ ଘୋଷଣା କରିଥାନ୍ତି। ହେଲେ ତୃଣମୂଳସ୍ତରରେ ଏହାକୁ କାର୍ଯ୍ୟକାରୀ କରିବାରେ ଅଧିକାରୀମାନଙ୍କ ଦୁର୍ବଳତା ଅସନ୍ତୋଷର ଦାନା ବାନ୍ଧିବାରେ ଲାଗିଛି। ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ଼ ରେଞ୍ଜ୍ ଅଧୀନ ନୂଆଗାଁ ଗ୍ରାମପଞ୍ଚାୟତରେ କେନ୍ଦ୍ରପତ୍ର ତୋଳାଳିମାନେ ଆଜିକୁ ୨/୩ବର୍ଷ ତଳେ କାମ କରି ପେମେଣ୍ଟ ପାଇ ନ ଥିବା ବେଳେ ଗଣପର୍ବ ନୂଆଁଖାଇ ତିହାରରେ ସେମାନଙ୍କୁ ନିରାଶା ମିଳିଥିବା ଏହାର ଜ୍ୱଳନ୍ତ ଉଦାହରଣ। ନୂଆଗାଁ ଗ୍ରାମପଞ୍ଚାୟତ କାଳିମାଟି ଗାଁର ଲାଲଦେଇ ହାତୀ ଏବଂ ଲାଇବନୀ କେତକୀ ନାମ୍ନୀ ଦୁଇଜଣ କେନ୍ଦୁପତ୍ର ତୋଳାଳି ଅଗଷ୍ଟ ମାସ ୧୩ ତାରିଖରେ କୋମନାଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କୁ ଭେଟି ବକେୟା ପ୍ରାପ୍ୟ ମିଳି ନଥିବା ଜଣାଇଥିଲେ। ସେମାନଙ୍କ ଭଳି କେନ୍ଦୁପତ୍ର ଫଡ଼ିରେ କାର୍ଯ୍ୟରତ ଅନ୍ୟ ଶ୍ରମିକମାନଙ୍କୁ ମଧ ପେମେଣ୍ଟ ମିଳି ନ ଥିବା ଓ ପାସ ବହି ଯୋଗାଇ ଦିଆଯାଇ ନ ଥିବା ଜିଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା। ଏହା ଉପରେ ଦୃଷ୍ଟି ଦେଇ ତୁରନ୍ତ ପେମେଣ୍ଟ ଯୋଗାଇଦେବାକୁ ଜିଲାପାଳ ନିର୍ଦ୍ଦେଶ କରିଥିଲେ। ତଦନୁଯାୟୀ ଖଡ଼ିଆଳ ବନଖଣ୍ଡ ଅଧିକାରୀ ପତ୍ରାଙ୍କ ସଂଖ୍ୟା ୧୯୮୦/୧୮ରେ ତୁରନ୍ତ ପଦକ୍ଷେପ ନେବାକୁ ତରବୋଡ ରେଞ୍ଜକୁ କୁହାଯାଇଥିଲା। ଏଥିରେ କେନ୍ଦୁପତ୍ର ତୋଳାଳି ପରିବାର ଲୋକେ ନୂଆଁଖାଇରେ ଦି'ପଇସା ମିଳିବ ବୋଲି ଆଶା ବାନ୍ଧି ବସିଥିଲେ। ତାହା ଫସର ଫାଟିଛି। ଜିଲାପାଳଙ୍କ ନିର୍ଦ୍ଦେଶକୁ ମଧ ବିଭାଗ ଖାତିର କରୁ ନ ଥିବା ଏବେ ଚର୍ଚ୍ଚା ହେଉଛି।

# ଦଶରଥ ଭୋଇଙ୍କ ଶେଷକୃତ୍ୟ ସମ୍ପନ୍ନ

**ନାକଟୀଦେଉଳ, ୧୫।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ମୃଷାକାନୀ ଗାଁର ଯବାନ ଦଶରଥ ଭୋଇଙ୍କ ମୃତଦେହ ଶନିବାର ଗାଁରେ ପହଞ୍ଚିଛି। ଏହାପରେ ଗାଁ ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନଭାଇ ତପନ କୁମାର ଭୋଇ ମୁଖାଗ୍ନି ଦେଇଥିଲେ। ସମ୍ବଲପୁର ସେନା କାର୍ଯ୍ୟାଳୟର ୨ଜଣ ଅଧିକାରୀ ଉପସ୍ଥିତ ରହି ଶେଷ ସମ୍ମାନ ଜଣାଇଥିଲେ। ଦଶରଥଙ୍କ ପାର୍ଥିବ ଶରୀର ଉପରେ ବିଛା ଯାଇଥିବା ଜାତୀୟ ପତାକାକୁ ତାଙ୍କ ସ୍ତ୍ରୀ ଦୀପ୍ତିମୟୀଙ୍କୁ ଏହି ସେନା ଅଧିକାରୀ ହସ୍ତାନ୍ତର କରିଥିଲେ। ନାକଟିଦେଉଳ ସରପଞ୍ଚ ଶଙ୍କର୍ଷଣ ବିଶି, ସାହେବୀ ସରପଞ୍ଚ ଯଶୋବନ୍ତୀ ମାଝି, ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ ପ୍ରମୁଖ ଶେଷ ଦର୍ଶନ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସେହିଭଳି ରେଢାଖୋଲ ବିଧାୟକ ରୋହିତ ପୂଜାରୀ ମଧ ଗଭୀର ଦୁଃଖ ପ୍ରକାଶ କର ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ଦଶରଥଙ୍କ ଅକାଳ ବିୟୋଗରେ ଗାଁରେ ମଧ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।
ଆସାମ ରାଇଫଲ୍ସରେ ନିଯୁକ୍ତ ଦଶରଥ ମଣିପୁରରେ କାର୍ଯ୍ୟରତ ଥଲେ। ଗତ ୬ ମାସ ପୂର୍ବରୁ ତାଙ୍କ ମସ୍ତିଷ୍କ ଅପରେସନ କରାଯାଇଥିଲା। ପରେ ସେ ଅସୁସ୍ଥ ହୋଇ ପଡିଥିଲେ। ଗତ ୪ମାସ ହେବ କଲିକତା ଆର୍ମି ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ହେଲେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନାଯୋଗ୍ୟ, ନିକଟରେ ରେଢାଖୋଲ ଉପଖଣ୍ଡ ଧଉରାଖମନ ଗାଁର ଚମ୍ପେଶ୍ୱର ମହାକୁଡ ଶହୀଦ ହୋଇଛନ୍ତି।



ଯବାନ ଦଶରଥ ଭୋଇଙ୍କ ପାର୍ଥିବ ଶରୀର ନିକଟରେ ସ୍ତ୍ରୀ ଦୀପ୍ତିମୟୀ ଓ ଅନ୍ୟମାନେ।

# ଖିଣ୍ଡା ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ଉଦ୍‌ଯାପିତ

**ରେଙ୍ଗାଲି, ୧୫।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡାସ୍ଥିତ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ପରିଷ୍କାର ପରିଚ୍ଛନ୍ନତା ସମ୍ପର୍କରେ ସଚେତନ କରିବା ପାଇଁ ଆୟୋଜିତ ସ୍ୱଚ୍ଛତାପକ୍ଷ ଉଦ୍‌ଯାପିତ ହୋଇଛି। ଶନିବାର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଖିଣ୍ଡା ସମିତି ସଭ୍ୟ କମଳିନୀ ଭୁଏ, ପୁରାତନ ଛାତ୍ର ସଂସଦ ସଭାପତି ପ୍ରଣୟ କୁମାର ଶତପଥୀ ଅତିଥି ଭାବରେ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାରେ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡାଶିକ୍ଷକ ପ୍ରଫୁଲ୍ଲ କୁମାର ଗହୀର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଗୌରୀ ଦାସ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବଡ଼ମାଳରେ କଂଗ୍ରେସର ସାଙ୍ଗଠନିକ ବୈଠକ

**ରେଢ଼ାଖୋଲ,୧୫।୯(ଡି.ଏନ.ଏ.)**

ରେଢ଼ାଖୋଲ ବ୍ଲକର ବଡମାଳଠାରେ କଂଗ୍ରେସ ଦଳର ଏକ ସାଙ୍ଗଠନିକ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ବରିଷ୍ଠ କଂଗ୍ରେସ ନେତା ରମେଶ ମାଝି ଏଥିରେ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ଆସଫ ଅଲ୍ଲିଖାଁ, ଜିଲା କଂଗ୍ରେସ ସମ୍ପାଦିକା ସୁରଞ୍ଜିନୀ ବାରିକ, ଜୁଜୁମୁରା ବ୍ଲକ ଜୋନ (୨) ସଭାପତି ସୁରେଶ ପ୍ରଧାନ, ରେଢ଼ାଖୋଲ ଜୋନ (୧) ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ପ୍ରମୁଖ ଯୋଗ ଦେଇ ଥିଲେ। ବୁଥ୍ କମିଟି ଗଠନ କରିବା ସହ ୩ଟି ପଞ୍ଚାୟତର ସଭାପତି ଚୟନ କରାଯାଇଥିଲା। ବଡମାଳ ପଞ୍ଚାୟତର ସଭାପତି ଭାବେ ବିଜୟ କୁମାର ଦେହୁରୀ, ଭାଲିଆକଟାର ସଭାପତି ଭାବେ ଶେଷଦେବ ପ୍ରଧାନ, ରେଙ୍ଗାଳିର ଜ୍ଞାନେନ୍ଦ୍ର ଜେନାଙ୍କୁ ସଭାପତି ଭାବେ ଚୟନ କରାଯାଇଥିଲା। ମୋଚିବାହାଲଠାରୁ ବଡମାଳ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇଥିବା ଯୋଗୁ ସରକାରୀ କଳକୁ ଦାୟୀ କରାଯାଇଛି। ବଡମାଳ, ରେଙ୍ଗାଳି ଭାଲିଆକଟା, ମୋଚିବାହାଲ ଓ ଗରଗଡବାହାଲ ପଞ୍ଚାୟତ ଅଞ୍ଚଳରେ ହାତୀ ଉପଦ୍ରବର ସ୍ଥାୟୀ ପ୍ରତିକାର ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନ ଗଲେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଆସଫ ଅଲ୍ଲିଖାଁ କହିଥିଲେ। ବୈଠକରେ ୩ଟି ପଞ୍ଚାୟତରୁ ୫ଶହରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ୬୦ଜଣ ଦଳରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ ଭାଘ, ଅମରେଶ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।


ରେଢ଼ାଖୋଲ ବ୍ଲକର ବଡମାଳଠାରେ କଂଗ୍ରେସର ସାଙ୍ଗଠନିକ ବୈଠକରେ ଏକାଠି ହୋଇଥିବା ନେତା ଓ କର୍ମୀ।

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**କେସିଙ୍ଗା,୧୫।୯(ଡି.ଏନ୍.ଏ.)**

ଏକ ଗାଡି ଧକ୍କାରେ ଶନିବାର କେସିଙ୍ଗା ବ୍ଲକ ଭତକେଲା ଗ୍ରାମର ଗୁପ୍ତେଶ୍ୱର ଶବରିଆ (୨୮) ନାମକ ଜଣେ ଯୁବକର ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଗୁପ୍ତେଶ୍ୱର ବାଇକ୍(ନଂ.ଓଆର୦୮ଇ-୯୯୩୮) ଯୋଗେ ଶ୍ୱଶୁର ଘର ବାହାରୂପଦର ଯାଉଥିଲେ। ହେଲେ ଖଜୁରପଡ଼ା ଛକ ନିକଟରେ ଏକ ଗାଡି ଭାରସାମ୍ୟ ହରାଇ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଗୁପ୍ତେଶ୍ୱରଙ୍କ ଗୋଡ ଭାଙ୍ଗି ଯିବା ସହ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଏକ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ କେସିଙ୍ଗା ଓ ଉତ୍କେଲା ଫାଣ୍ଡି ପୋଲିସ ଘଯଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିଥିଲା।

### ହୀରାକୁଦ ଡ୍ୟାମ୍‌ର ସବୁ ଗେଟ୍ ବନ୍ଦ

**ସମ୍ବଲପୁର, ୧୫।୯(ବ୍ୟୁରୋ)**

ହୀରାକୁଦ ଉପରମୁଣ୍ଡରୁ ଜଳ ପ୍ରବାହ ହ୍ରାସ ପାଇଛି । ଶନିବାର ରାତି ୯ଟା ସୁଦ୍ଧା ହୀରାକୁଦ ଜଳସ୍ତର ୬୨୫.୩୫ଫୁଟ ରହିଛି। ଏହାକୁ ଦୃଷ୍ଟିରେ ରଖି ଡ୍ୟାମ କର୍ତ୍ତୃପକ୍ଷ ସମସ୍ତ ସ୍ଲୁଇସ ଗେଟ୍‌କୁ ବନ୍ଦ କରିଛନ୍ତି । ଡ୍ୟାମକୁ ପ୍ରତି ସେକେଣ୍ଡରେ ୨୭,୯୯୦ କ୍ୟୁସେକ ଜଳ ପ୍ରବେଶ କରୁଛି। ବରଗଡ, ଶାସନ କେନାଲ, ପାୱାର ଚ୍ୟାନେଲ ଓ ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ ମାଧ୍ୟମରେ ୧୫,୨୮୧ କ୍ୟୁସେକ ଜଳ ପ୍ରତି ସେକେଣ୍ଡରେ ନିଷ୍କାସନ କରାଯାଉଛି ।

# ନୂଆଁଖାଇ ଭେଟଘାଟ, ଜମିଲା ନାଚଗୀତର ଆସର

**ରେଙ୍ଗାଲି, ୧୫।୯(ଡି.ଏନ.ଏ.)**

ସାଲଡ ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ସମଲେଇ ମନ୍ଦିରରୁ ଏକ ମଶାଲ ଯାତ୍ରା ଗ୍ରାମ ପରିକ୍ରମା କରିଥିଲା । ନୂଆଁଖାଇ ଭେଟଘାଟ କମିଟିର ସଭାପତି ଅନ୍ତର୍ଯ୍ୟାମୀ ପାଣିଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଗବତ ପ୍ରସାଦ ନନ୍ଦ, ସମ୍ବଲପୁର ଲେଖକ ପରିଷଦର ସଭାପତି ଶୀତିକଣ୍ଠ ପ୍ରଧାନ, ଦେବାର୍ଚ୍ଚନ ଠାକୁର ଓ ହାସ୍ୟ କବି ଗୁଣରଞ୍ଜନ ସାଲିମା ଯୋଗ ଦେଇଥିଲେ। ଏହି ଅବସରରେ ହାସ୍ୟ କବି ଗୁଣ ରଞ୍ଜନ ସାଲିମାଙ୍କୁ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ରମାକାନ୍ତ ବିଶ୍ୱାଳ ସଂଯୋଜନା କରିଥିବାବେଳେ କମିଟିର ସମ୍ପାଦକ ବିରଞ୍ଚି ବିଶ୍ୱାଲ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଶ୍ୱ କେଶନ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବାବେଳେ ଗ୍ରାମର ବରିଷ୍ଠ ନାଗରିକ ଭିକାରି ଚରଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।
ମାନେଶ୍ୱର,୧୫।୯(ଡି.ଏନ.ଏ.)- ଯୁଯୁମୁରା ବ୍ଲକ କେଶାପାଲିରେ ନୂଆଖାଇ ଭେଟ୍ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ପଣ୍ଡା ଓ ଶରତ କୁମାର ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇ ନୂଆଁଖାଇର ମହତ୍ତ୍ୱ ଓ ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ଦେଇଥିଲେ। ପରେ ଗ୍ରାମର କୁନି କୁନି ପିଲା ଓ ଯୁବକମାନେ ସମ୍ବଲପୁରୀ ନୃତ୍ୟ, ଗୀତ ପରିବେଷଣ କରିଥିଲେ। ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଉପସ୍ଥିତ ଦର୍ଶକ ଝୁମି ଉଠିଥିଲେ । ଗିରି ଗୋବର୍ଦ୍ଧନ ଯୁବକ ସଂଘ ସଦସ୍ୟ ପ୍ରଗତି ପଣ୍ଡା ଓ ପୂଜା ନାୟକ ମଞ୍ଚ ପରିଚାଳନା କରିଥିଲେ। ଓମ୍ ପ୍ରକାଶ ସାହୁ, ଦୀପକ ବିଶ୍ୱାଳ, ରଞ୍ଜିତ ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ନୂଆଁଖାଇରେ ବାଲୁକା କଳା


କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଡଙ୍ଗରମୁଣ୍ଡାର ବାଲୁକା ଶିଳ୍ପୀ ଓମ୍ ପ୍ରକାଶ ସାହୁ ନୂଆଖାଇରେ ବାଲୁକା କଳା ତିଆରି କରିଛନ୍ତି। ଏଥିରେ ନୂଆ ଧାନ ଓ ନୂଆଁଖାଇର ଝଲକ ଦେଖିବାକୁ ମିଳୁଛି।



ଆତ୍ମସଂଯମ, ସାଧନା ଓ ସେବା ଦ୍ୱାରା ହିଁ ମାନବ ସମାଜରେ ଶାନ୍ତି ଓ ଆନନ୍ଦ ଆସିଥାଏ।

-ସ୍ୱାମୀ ଚିଦାନନ୍ଦ



## ସଂକ୍ଷେପରେ

### ବାଇକ୍ ଧକ୍କାରେ ଜଣେ ମୃତ

ଭବାନୀପାଟଣା,୧୫।୯(ଡି.ଏନ୍.ଏ.)

ଭବାନୀପାଟଣା ସଦର ଅଧୀନ କନ୍ଧବାନ୍ଧୋପଲା ଛକଠାରେ ଶୁକ୍ରବାର ରାତି ପ୍ରାୟ ୧୧ଟାରେ ଏକ ବାଇକ୍ ଧକ୍କାରେ ମୋହନ ମାଝି(୫୫)ଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ବାଇକ୍କୁ ଛାଡି ଚାଳକ ଜଣକ ଫେରାର ହୋଇଯାଇଥିବା ଜଣାପଡିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ମୋହନ ରାତି ପ୍ରାୟ ୧୧ଟାରେ ରାସ୍ତାରେ ଚାଲିକି ଛକକୁ ଯାଉଥିଲେ। ସେତିକିବେଳେ ଏକ ବାଇକ୍(ନଂ.ଓଡି ୧୯ ଜି ୩୩୭୪) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭବାନୀପାଟଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ ବୁର୍ଲା ମେଡିକାଲକୁ ନିଆଯାଉଥିଲା। ହେଲେ ବାଟରେ ମୋହନଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି।

### ରୁପ୍ରାରୋଡ ଷ୍ଟେଶନରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ଭବାନୀପାଟଣା,୧୫।୯(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ରୁପ୍ରାରୋଡ ରେଳ ଷ୍ଟେଶନ ଓଭରବ୍ରିଜ ତଳୁ ଶୁକ୍ରବାର ରାତିରେ ଜଣେ ବୃଦ୍ଧାଙ୍କ ମୃତଦେହ ଜିଆର୍‌ପି ପୋଲିସ ଉଦ୍ଧାର କରିଛି। ବୃଦ୍ଧାଙ୍କ ପରିଚୟ ମିଳିପାରି ନାହିଁ। ମିଳିଥିବା ସୂଚନା ମୁତାବାକ, ଶୁକ୍ରବାର ରାତିରେ ଓଭରବ୍ରିଜ ତଳେ ଜଣେ ବୃଦ୍ଧାଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ଷ୍ଟେଶନ ମାଷ୍ଟରଙ୍କୁ ଜଣାଇଥିଲେ। ଖବର ପାଇ ଷ୍ଟେଶନ ମାଷ୍ଟର ପି. ବାରା ଟିଟିଲାଗଡ଼ ଆର୍‌ପିଏଫ, ଜିଆର୍‌ପି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ନୂଆଁଖାଇ ବାସିରେ ମାଂସ ଦୋକାନରେ ଭିଡ଼

କେସିଙ୍ଗା,୧୫।୯(ଡି.ଏନ୍.ଏ.)

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଶୁକ୍ରବାର ଧୁମ୍‌ଧାମରେ ପାଳିତ ହୋଇଯାଇଛି । ଶନିବାର ନୂଆଁଖାଇ ବାସି ଅବସରରେ ମାଂସ ଦୋକାନଗୁଡିକରେ ଲୋକଙ୍କ ଭିଡ ଜମିଥିଲା। ଖାସି ମାଂସ କେଜି ପ୍ରତି ୫୦୦ରୁ ୬୦୦ ଟଙ୍କାରେ ବିକ୍ରି ହୋଇଥିବା ବେଳେ କୁକୁଡା ମାଂସ କେଜି ପ୍ରତି ୪୦୦ ଟଙ୍କାରେ ବିକ୍ରୟ ହୋଇଥିଲା। ଅନ୍ୟପକ୍ଷେ କେସିଙ୍ଗା ବ୍ଲକର ୧୦୨ଟି ଗ୍ରାମର ପ୍ରତ୍ୟେକ ଘରେ ଭୋଜିଭାତର ଆସର ଜମିଥିଲା।

ଯମୁନାବାହାଲରେ ନୂଆଁଖାଇ ଭେଟଘାଟ୍

# ମନମୋହିଲା ସାମାଜିକ ନାଟକ

ଜୁନାଗଡ଼,୧୫।୯(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅଧୀନ ଚିଚୈଗୁଡା ପଞ୍ଚାୟତର ଯମୁନାବାହାଲ(କ) ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମା’ ଲଙ୍କେଶ୍ୱରୀ ଯୁବକ ସଂଘ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ଭେଟ୍‌ଘାଟ୍ ସମାରୋହରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଚିଚୈଗୁଡ଼ା ସରପଞ୍ଚ ସୁଧିରା ମେହେର, ମତ୍ସ୍ୟ ଅଧିକାରୀ ବିରଞ୍ଚି ରାଉତ, ବରିଷ୍ଠ ଶିକ୍ଷକ ରାହାସ ବିହାରୀ ମେହେର, ୱାର୍ଡ ସଦସ୍ୟା ରୋଜାଲିନୀ ରାଉତ, ପ୍ରତାପ ଦଣ୍ଡସେନା, ଯୁଗଳ କିଶୋର ଭଣ୍ଡାରଘରିଆ, ମନବୋଧ ଦଣ୍ଡସେନା, ଗଣ୍ଡାଦୀପ ଦଣ୍ଡସେନା, ଚମାର ମାଝି ପ୍ରମୁଖ ଯୋଗଦେଇ ନୂଆଁଖାଇର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ମଧ୍ୟଭାଗରେ ନାଟ୍ୟକାର ତଥା ଶିକ୍ଷକ ରାହାସ ବିହାରୀ ମେହେରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶିର ମାଝି ମଞ୍ଚ ପରିଚାଳନା କରିଥିଲେ। ପରେ ଶିକ୍ଷକ ରାହାସ ମେହେରଙ୍କ ରଚିତ ଏକ ସାମାଜିକ ନାଟକ ପରିବେଷଣ କରାଯାଇଥିଲା। ଏଥିରେ ଅନୁଷ୍ଠାନର କଳାକାରମାନେ ଅଭିନୟ କରି ଉପସ୍ଥିତ ଜନସାଧାରଣଙ୍କୁ ବିମୋହିତ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ତରଙ୍ଗ, ମଣ୍ଟୁ, ସୁରଥ ଆଦି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନର ସଦସ୍ୟ ପ୍ରଦୀପ ଦଣ୍ଡସେନା ଧନ୍ୟବାଦ ଦେଇଥିଲେ।



ଯମୁନାବାହାଲ(କ)ରେ ଅନୁଷ୍ଠିତ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ମାଣିକେଶ୍ୱରୀଙ୍କ ନବାନ୍ନ ଲଗ୍ନ ଧାର୍ଯ୍ୟ

ଭବାନୀପାଟଣା,୧୫।୯(ଡି.ଏନ୍.ଏ.)

ଭାଦ୍ରବ ଶୁକ୍ଳ ପକ୍ଷ ଦଶମୀ ତିଥି ବୁଧବାର ୧୯ ତାରିଖରେ କଳାହାଣ୍ଡି ଜିଲାର ଇଷ୍ଟଦେବୀ ମା’ ମାଣିକେଶ୍ୱରୀଙ୍କ ନିକଟରେ ନବାନ୍ନ ଭୋଗ ଲାଗି କରିବାକୁ ଲଗ୍ନ ଧାର୍ଯ୍ୟ କରାଯାଇଛି। ଏ ସମ୍ପର୍କରେ କଳାହାଣ୍ଡି ମହାରାଜ ଉଦିତ ପ୍ରତାପ ଦେଓ ସୂଚନା ପ୍ରଦାନ କରିଛନ୍ତି। ବୁଧବାର ସକାଳ ୬.୨୪ ମିନିଟରୁ ୮.୦୩ ମିନିଟ ମଧ୍ୟରେ ମାଣିକେଶ୍ୱରୀଙ୍କଠାରେ ନବାନ୍ନ ଭୋଗ ଲାଗି କରାଯିବ। ମାଣିକେଶ୍ୱରୀଙ୍କ ନିକଟରେ ନବାନ୍ନ ଭୋଗ ଲାଗି ପରେ ଭବାନୀପାଟଣାର ଜନସାଧାରଣ ନୂଆଁଖାଇ ପାଳନ କରିବେ। ପରମ୍ପରା ଅନୁଯାୟୀ କଳାହାଣ୍ଡିର ଇଷ୍ଟ ଦେବୀ ମା’ ମାଣିକେଶ୍ୱରୀଙ୍କ ନବାନ୍ନ ଲାଗି ସହ ଭବାନୀପାଟଣା ସମେତେ ପୂର୍ବତନ କଳାହାଣ୍ଡି ଗଡଜାତର ଜମିଦାରୀ ଅଞ୍ଚଳ ଥୁ.ରାମପୁର, କର୍ଲାପାଟ, ମହୁଲପାଟଣା, ଜୟପାଟଣା, ମ.ରାମପୁର, ଲାଞ୍ଜିଗଡ଼, ଯୁଗସାଇପାଟଣା ଆଦି ଅଞ୍ଚଳର ଜନସାଧାରଣ ମଧ୍ୟ ନବାନ୍ନ ଭକ୍ଷଣ କରିବେ।

# ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମହୁଲ ପୋଚ ଜବତ

ଭବାନୀପାଟଣା,୧୫।୯(ଡି.ଏନ୍.ଏ.)

**ଅବକାରୀ ଚଢାଉ**

କଳାହାଣ୍ଡି ଜିଲା ଜୟପାଟଣା ଅଞ୍ଚଳରେ ଅବକାରୀ ବିଭାଗ ଚଢାଉ କରି ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମହୁଲ ପୋଚ ଜବତ କରି ନଷ୍ଟ କରାଯାଇଥିବା ଜଣାପଡିଛି। ଜୟପାଟଣାର ପାହାଡି ଇଲାକାରେ ବେଆଇନ ଭାବେ ହାତରନ୍ଧା ମଦ କାରବାର ହେଉଥିବା ନେଇ ଅବକାରୀ ଅଧୀକ୍ଷକ ସୁରେନ୍ଦ୍ର ଶତପଥୀ କୌଣସି ସୂତ୍ରରୁ ସୂଚନା ପାଇଥିଲେ। ଅଧୀକ୍ଷକ ଶତପଥୀଙ୍କ ନିର୍ଦ୍ଦେଶ କ୍ରମେ ଜୟପାଟଣା ଅବକାରୀ ସବ୍‌ଇନ୍‌ସପେକ୍ଟର ସୁଧାଂଶୁ ମୁଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ତୁମୁଡିଖୋଲ ଜଙ୍ଗଲରେ ଚଢାଉ କରିଥିଲେ। ଚଢାଉ ବେଳେ ଅଧିକାରୀମାନେ ଜଙ୍ଗଲରୁ ଏକ କୁଇଣ୍ଟାଲରୁ ଅଧିକ ମହୁଲ ପୋଚ ଜବତ କରି ନଷ୍ଟ କରିଛନ୍ତି। ଚଢାଉରେ ଛବିଲାଲ ତାଣ୍ଡି, ଭାନୁଗ୍ରହ ମାଝି, ଅରୁଣ ଧଙ୍ଗଡାମାଝି, ରାଜକୁମାରୀ ଶବର ସାମିଲ ହୋଇଥିଲେ। ହେଲେ ଚଢାଉ ପୂର୍ବରୁ ମଦବେପାରୀମାନେ ଖସି ପଳାଇବାରେ ସଫଳ ହୋଇଛନ୍ତି। ଅନ୍ୟପକ୍ଷେ ଏହି ଚଢାଉ ଆଗାମୀ ଦିନରେ ଜାରି ରହିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

# ରେକର୍ଡ ଡ୍ୟାନ୍ସ ପ୍ରତିଯୋଗିତା



ମୁଖ୍ୟଅତିଥି କୁନି କଳାକାରମାନଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ମୋହନଗିରି,୧୫।୯(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରି ଦେଉଲିପଡ଼ା ହରଗୌରୀ ଯୁବକ ସଂଘ ପକ୍ଷରୁ ନୂଆଁଖାଇ ଉପଲକ୍ଷେ ରେକର୍ଡ ଡ୍ୟାନ୍ସ ପ୍ରତିଯୋଗିତା ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର କୁନିକୁନି କଳାକାରମାନେ ଭାଗନେଇ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବଦ୍ୟନାରାୟଣ ଭୋଇ ମୁଖ୍ୟଅତିଥି, ଓଡ଼ିଶା ପ୍ରଶାସନିକ ସେବାରେ କାର୍ଯ୍ୟରତ ଖିରୋଦ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କୁନି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଯୋଗିତାରେ ଲିପି ଥାନାପତି ଏବଂ ପ୍ରାଚୀ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା।

### ଦୁର୍ଘଟଣା : ଟ୍ରକ ଚକା ତଳେ ଗଲା ଜୀବନ

ନୂଆପଡା ଅଫିସ/ଖରିଆର ରୋଡ଼, ୧୫।୯

ଟ୍ରକ ଚକା ତଳେ ଚାପି ହୋଇ ଜଣେ ଯୁବକ ମୃତ ହୋଇଛନ୍ତି। ନୂଆପଡ଼ା ଜିଲା ଖରିଆରରୋଡ଼ ସହର ଏନଏସି ସମ୍ମୁଖରେ ଶନିବାର ପୂର୍ବାହ୍ନ ୧୦ଟାରେ ଏହି ଦୁଃଖଦ ଘଟଣା ଘଟିଛି। ମୃତ ଯୁବକଙ୍କ ପରିଚୟ ମିଳିଛି। ସେ ହେଲେ ମୋହନ କେଉଁଟ(୧୭)। ଘର ଏନଏସିସ୍ଥିତ ୬ନମ୍ବର ୱାର୍ଡ଼ରେ ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ଟ୍ରକ (ନଂ. ସିଜି ୦୭ ଏଭି ୨୭୧୧)ର ଡ୍ରାଇଭର ଫେରାର ହୋଇଯାଇଛନ୍ତି। ପୋଲିସ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ପ୍ରାପ୍ତ ସୂଚନା ମୁତାବକ, ଟ୍ରକଟି ରାୟପୁରରୁ ନୂଆପଡ଼ା ଅଭିମୁଖେ ଆସୁଥିଲା। ଠିକ ସେହି ପଟୁ ମୋହନଙ୍କ ସହ ଅନ୍ୟଜଣେ ବାଇକରେ ଆସୁଥିଲେ। ଏନ୍‌ଏସି ସମ୍ମୁଖ ରାସ୍ତାରେ ବାଇକ୍‌ଟି ଭାରସାମ୍ୟ ହରାଇଥିଲା। ପଛପଟେ ବସିଥିବା ମୋହନ ବାଇକ୍‌ରୁ ଖସିପଡ଼ି ଟ୍ରକ ଚକ ତଳକୁ ଚାଲିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା।

# ହାତୀବନ୍ଧାରେ ଗଣେଶ ପୂଜା ରୌପ୍ୟ ଜୟନ୍ତୀ

ସିନାପାଲି,୧୫।୯

ନୂଆପଡ଼ା ଜିଲା ସିନାପାଲି ବ୍ଲକ ହାତୀବନ୍ଧା ଗ୍ରାମରେ ଗଣେଶ ପୂଜାର ୨୫ ବର୍ଷରେ ପଦାର୍ପଣ କରିଥିବାରୁ ରୌପ୍ୟ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହେଉଛି। ଏହି ଅବସରରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଘଣ୍ଟବାଦ୍ୟ ସହ ଶତାଧିକ ମହିଳା ପବିତ୍ର ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ । ଏହି ଅବସରରେ ସାଂସ୍କୃତିକ ସମାବେଶ ସହ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ହୋଇଥିଲା । କାର୍ଯ୍ୟକ୍ରମର ସଭାପତି ଭାବେ ରମେଶ ଚନ୍ଦ୍ର ମେହେର ସଭା କାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି କାଞ୍ଚନବାଳା ଜେନା, ମୁଖ୍ୟ ବକ୍ତା ଲଳିତ କୁମାର ସୁନାରୀ, ସମ୍ମାନିତ ଅତିଥି ଭାରତୀ କାଣ୍ଡ, ଚିତ୍ରଭାନୁ ସିଂ ମାଝୀ, ହୁକୁମଚାନ୍ଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ । କମଳ ପ୍ରସାଦ ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ ।

ଗଣେଶ ପୂଜା ପରିଚାଳନା କମିଟି ସଭାପତି ଭାବେ ଚନ୍ଦ୍ର ଧୀବର, ରାମପ୍ରସାଦ ମେହେର ଉପସଭାପତି, ଗଜାନନ ମେହେର ସମ୍ପାଦକ, ଭୁକ୍ତେଶ୍ୱର ମେହେର ସହସମ୍ପାଦକ, କମଳାକାନ୍ତ ମେହେର କୋଷାଧ୍ୟକ୍ଷ, ବସନ୍ତ ବାରିକ ସହ–କୋଷାଧ୍ୟକ୍ଷ ଦାୟିତ୍ୱରେ ରହିଛନ୍ତି। ମୁଖ୍ୟ ପୂଜକ ପୀତାମ୍ବର ପଣ୍ଡା ଓ ସହ ପୂଜକ ସନତ କୁମାର ପଣ୍ଡା, ରଞ୍ଜିତ ପାଢୀ, କହ୍ନା ଶର୍ମା ପୂଜାକାର୍ଯ୍ୟର ଦାୟିତ୍ୱ ତୁଲାଉଛନ୍ତି। ଗୁରୁବାରୁ ମେହେର ଓ ନୀଳାଞ୍ଚଳ ମେହେର, ଘାସିରାମ ପଟେଲ, ରୂପଧର ମେହେର, ଗଜାନନ ମେହେର, ମାଧବ ମେହେର, କୈଳାସ ପଟେଲ, ଟଙ୍କଧର ମେହେର ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ୨୨ ତାରିଖରେ ଭସାଣୀ ଯାତ୍ରା ହେବ। ସେପର୍ଯ୍ୟନ୍ତ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିବ।



ହାତୀବନ୍ଧା ଗ୍ରାମରେ ଗଣେଶ ପୂଜାର ୨୫ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ରୌପ୍ୟ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ବିଭିନ୍ନ ସ୍ଥାନରେ ନୂଆଁଖାଇ ଭେଟ୍‌ଘାଟ

# କୃତୀ ପ୍ରତିଯୋଗୀ ପୁରସ୍କୃତ

କର୍ଲାମୁଣ୍ଡା,୧୫।୯(ଡି.ଏନ୍.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡାର ବିଭିନ୍ନ ସ୍ଥାନରେ ଶୁକ୍ରବାର ଏବଂ ଶନିବାର ସନ୍ଧ୍ୟାରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି ଅବସରରେ ତେରେସିଂହାଠାରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଯୋଗୀନ୍ଦ୍ର ରଣାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶାରଦା ପ୍ରଶନ୍ନ ସ୍ୱାଇଁ, ମୁଖ୍ୟବକ୍ତା କର୍ଲାମୁଣ୍ଡା ଯୁକ୍ତ ୨ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁପ୍ତେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ହନୁମାନ ଦାସ, ଜିଲାପରିଷଦ ସଭ୍ୟା ପ୍ରଭାତୀ ଭୋଇ, ଅବସର ପ୍ରାପ୍ତ ଶିକ୍ଷକ ମୁରଲୀଧର ରଣା, ହୃଷୀକେଶ ସାହୁ, ଗଦାଧର ରଣା, ବେଣୁଧର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ରିଞ୍ଜା ସାଇ ଗଣେଶ ପୂଜା କମିଟି ପକ୍ଷରୁ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ହୋଇଥିଲା। ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷକ ଉଜ୍ଜ୍ୱଳ ସାହୁ, ମୁଖ୍ୟବକ୍ତା ଭାବେ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପ୍ରସନ୍ନ ସାହୁ, ୱାଡସଭ୍ୟା ମୀନା ସାହୁ, ବିଶାଖା ସାହୁ, ଦ୍ରୌପଦୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଫଳ ଶିକ୍ଷକ ରିପୁଦମନ ସୌରଭ ମିଶ୍ରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସେହିପରି ରିଞ୍ଜାବସ୍ତି ୧ ନମ୍ବର ୱାର୍ଡ ଗଣେଷ ପୂଜା କମଟି ପକ୍ଷରୁ ଶନିବାର ସନ୍ଧ୍ୟାରେ ନୂଆଁଖାଇ ଭେଟ୍‌ଘାଟ୍ ସହ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ନାଟ୍ୟକାର ଭାଗୀରଥି ଷଡଙ୍ଗୀ, ଶିକ୍ଷକ ସଞ୍ଜୀବ କୁମାର ନାଗ, ନବୀନ ସାହୁ, ରିପୁଦମନ ସୌରଭ ମିଶ୍ର ଅତିଥିଭାବେ ଯୋଗଦେଇ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ପର୍ବ ନୂଆଁଖାଇର ପରମ୍ପରା ଉପରେ ଆଲୋଚନା କରିଥିଲେ।



ତେରେସିଂହାଠାରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

# ଭାଇଚାରାରେ ବାନ୍ଧି ହେଲା ୨ ଗାଁ

ନୂଆପଡ଼ା ଅଫିସ,୧୫।୯

ନୂଆପଡ଼ା ଜିଲା କୋମନା ବ୍ଲକ୍ କୋନାବିରା, ପାଣ୍ଡେଲବାହାଲି ଗାଁ। ଏହି ୨ ଗାଁ ମଧ୍ୟଭାଗରେ ବିଦ୍ୟମାନ ରହିଛନ୍ତି ସମଲେଇ ମା’। ଶନିବାର ମା’ଙ୍କ ଏହି ଶକ୍ତିପୀଠରେ ଏକାଠି ହୋଇ ନୂଆଁ ଖାଇଛନ୍ତି ଉଭୟ ଗ୍ରାମର ବାସିନ୍ଦା। ଏହା ଯେତିକି ଆକର୍ଷଣୀୟ ଥିଲା, ସେତିକି ଭାବାବେଗପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା। ମୈତ୍ରୀଭାବର ପରିପ୍ରକାଶ ହୋଇଥିଲା। ଶାନ୍ତିର ସହ ସହାବସ୍ଥାନର ନିବିଡ଼ତା ଅଧିକ ଗହନ ହୋଇଥିଲା। ଏକତାର ସୂତ୍ରରେ ବାନ୍ଧି ହୋଇ ୫୦ ବର୍ଷର ଭାଇଚାରାକୁ ଅତୁଟ ରଖିବା ପାଇଁ ପୁଣିଥରେ ସଙ୍କଳ୍ପବଦ୍ଧ ହୋଇଥିଲେ ଦୁଇ ଗ୍ରାମର ବାସିନ୍ଦା। ପ୍ରେମ ଓ ସହାନୁଭୂତିର ଆଦାନ ପ୍ରଦାନରେ ନୂଆଁଖାଇ ଭେଟ୍‌ଘାଟର ନିଆରା ପରମ୍ପରା ମଧୁମୟ ହୋଇଉଠିଥିଲା। ଶୁକ୍ରବାର ଏଠାରେ ଧୁମଧାମରେ ନୂଆଁଖାଇ ତିହାର ପାଳିତ ହୋଇଥିଲା। ଶନିବାର ଥିଲା ଭେଟଘାଟ କାର୍ଯ୍ୟକ୍ରମ। ଦୀର୍ଘ ପଚାଶ ବର୍ଷ ହେଲା ଚାଲିଆସିଥିବା ଏହି ପରମ୍ପରାର ମହନୀୟତାକୁ ଅଙ୍ଗେ ନିଭାଇବା ପାଇଁ ଆଖପାଖ ଗାଁର ଶତାଧିକ ଲୋକେ ମା’ ସମଲେଇଙ୍କ ସେହି ଉପାସନା ପୀଠରେ ପ୍ରତ୍ୟକ୍ଷଦର୍ଶୀ ସାଜିଥିଲେ।

କୋମନା ବ୍ଲକର ଏକ ବଡ଼ ଗ୍ରାମପଞ୍ଚାୟତ ଅଟେ କୋନାବିରା । ପାଣ୍ଡେଲବାହାଲି ହେଉଛି ଏହି ପଞ୍ଚାୟତର ଏକ ଛୋଟ ଗାଁ । ଦୁଇ ଗାଁ ମଧ୍ୟରେ ନୂଆଁଖାଇ ତିହାର ଭାଇଚାରାର ଯୋଗସୂତ୍ର ସ୍ଥାପନ କରିଆସିଛି। ମା’ଙ୍କ କରୁଣା, କୃପା ବର୍ଷାରେ ଗ୍ରାମବାସୀ କଳିତକରାଳରୁ ଊର୍ଦ୍ଧ୍ୱରେ ରହିଛନ୍ତି। ଶୁକ୍ରବାର ମା’ଙ୍କ ଚରଣାରବିନ୍ଦରେ ନୂଆଁ ଅନ୍ନ ଲାଗି ହୋଇଥିଲା। ଗାଁର ପୂଝାରୀ ପରମାନନ୍ଦ ଝାଙ୍କର, ପିରତିରାମ ରାଉତ ପୂଜାର୍ଚ୍ଚନା କରିଥିଲେ। ପାଣ୍ଡେଲବାହାଲି ଗ୍ରାମବାସୀ କୋନାବୀରାବାସୀଙ୍କୁ ପାଛୋଟି ନେଇଥିଲେ। ପାଣ୍ଡେଲବାହାଲି ଗାଁରେ ଉଭୟ ଗ୍ରାମବାସୀ ଏକ ପିଣ୍ଡାରେ ସାମୂହିକ ଭାବେ ନୂଆଁ ଖାଇଥିଲେ। ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ନୂଆଁଖାଇ ତିହାର ସମ୍ପନ୍ନ ହୋଇଥିଲା। ଏହାର ବାସି ଦିନ ଅର୍ଥାତ୍ ଶନିବାର ଭେଟ୍‌ଘାଟ ପାଳିତ ହୋଇଥିଲା। ଏଥର ଥିଲା ପାଣ୍ଡେଲବାହାଲି ଗାଁର ପାଳି। ଏଣୁ ଗାଁର ପରିବାର ଲୋକେ ନୂତନ ବସ୍ତ୍ର ପରିଧାନ କରି ପ୍ରସ୍ତୁତ ପିଠାପଣା ଧରି କୋନାବିରା ଗାଁରେ ପହଞ୍ଚିଥିଲେ। କୋନାବିରା ଗ୍ରାମବାସୀ ବାଜା ବଜାଇ ସେମାନଙ୍କୁ ସ୍ୱାଗତ କରି ପାଛୋଟି ନେଇଥିଲେ। ପ୍ରତି ପରିବାରର ସହ ଭେଟଘାଟର ପର୍ବ ପରେ ଭୋଜିଭାତର ଆସର ଜମିଥିଲା। କୋନାବିରା ଗ୍ରାମପଞ୍ଚାୟତ ସରପଞ୍ଚ ଈଶ୍ୱର କୁମାର ପଟେଲଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୂରି ଉଠିଥିଲା ଅଞ୍ଚଳ। ୨ ଗ୍ରାମବାସୀ ଖୁସିରେ ଝୁମି ଉଠିଥିଲେ। କୋନାବିରା ଗାଁର ଜଗନ୍ନାଥ ମାଝୀ, କାଳିଆ ମାଝୀ, ସୁଲୋଚନା ମାଝୀ, ତ୍ରିବେଣୀ ମାଝୀ, ପାଣ୍ଡେଲବାହାଲିର ବ୍ରଜମୋହନ ପାଣ୍ଡେ, ହୁକମନ ଜାନି ପରିଚାଳନା କରିଥିଲେ। ଏହି ପରମ୍ପରା ଆଗକୁ ମଧ୍ୟ ବଜାୟ ରହିବ ବୋଲି ସମସ୍ତଙ୍କୁ ଆହ୍ୱାନ କରିଥିଲେ।



କୋନାବିରା ଗାଁରେ ନୂଆଁଖାଇ ଭେଟଘାଟ ହେଉଛନ୍ତି ଉଭୟ ଗ୍ରାମବାସୀ।

- ୫୦ ବର୍ଷର ପରମ୍ପରା ଆଣିଛି ଏକତା
- ଭେଟଘାଟରେ ଭୋଜିଭାତର ଆସର
- ୨ ଖୁସିରେ ଝୁମି ଉଠିଲେ ୨ ଗ୍ରାମର ବାସିନ୍ଦା
- ସାଂସ୍କୃତିକ କାର୍ଯ୍ୟକ୍ରମ ବି ହୋଇଥିଲା



ଲେଖନୀ ଓ ତରବାରୀ ଉଭୟ ଶକ୍ତିଶାଳୀ, କିନ୍ତୁ ଲେଖନୀର ହିଁ ଜୟ ହୁଏ।

- ନେପୋଲିୟନ୍



## ସଂକ୍ଷେପରେ

### ରେଳଫାଟକଠାରେ ଅଭାବନୀୟ ଘଟଣା, ଜଣେ ନିଲମ୍ବିତ

**ରାଉରକେଲା ଅଫିସ,୧୫।୯-** ରାଉରକେଲା ଆଇଟିଆଇ ନିକଟ ରେଳ ଫାଟକଠାରେ ଶୁକ୍ରବାର ଅପରାହ୍ନ ୨ଟାରେ ଘଟିଥିବା ଅଭାବନୀୟ ଘଟଣାକୁ ନେଇ ରବିବାର ଜଣଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି। ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ କର୍ତ୍ତବ୍ୟରେ ଅବହେଳା କରିଥିବା ଅନ୍ୟ ଦୋଷୀ କର୍ମଚାରୀଙ୍କ ବିରୋଧରେ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଶୁକ୍ରବାର ଅପରାହ୍ନରେ ଆଇଟିଆଇ ରେଳ ଫାଟକ ଖୋଲା ରହିଥିବା ବେଳେ ଅଚାନକ ଏକ ଦ୍ରୁତଗାମୀ ଟ୍ରେନ ଆସିଯାଇଥିଲା। ଏପରି ଅବସ୍ଥାରେ ସେହି ରାସ୍ତା ଦେଇ ଯୋଗାଯତ କରୁଥିବା ଲୋକଙ୍କୁ ସେଠାରେ ମୁତୟନ ଥିବା ଜଗୁଆଳି ପଦାକୁ ଦଉଡି ଆସି ସାବଧାନ କରିଥିଲା। ଲୋକେ ବିକଳରେ ଫାଟକ ରାସ୍ତା ପାର କରି ଜୀବନ ବଞ୍ଚାଇଥିଲେ।



ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି ଅତିଥି।

# ନେହେରୁ କପ୍ ହକି ଉଦ୍‌ଘାଟିତ

**ରାଉରକେଲା ଅଫିସ,୧୫।୯**

ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ପାନପୋଷ କ୍ରୀଡ଼ା ଛାତ୍ରାବାସଠାରେ ୩ ଦିନିଆ ହକି ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସମ୍ବଲପୁର, ଢେଙ୍କାନାଳ, ଭୁବନେଶ୍ୱର ଓ ସୁନ୍ଦରଗଡ଼ ଜିଲାରୁ ୧୭ ଦଳ ଭାଗ ନେଇଛନ୍ତି। ସବ୍‌ଜୁନିୟର ବାଳକ ବିଭାଗରେ ୫, ଜୁନିୟର ବାଳିକା ଓ ବାଳକ ବର୍ଗରେ ୬ ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ଅନ୍ତର୍ଜାତୀୟ ହକି ତାରକା ପ୍ରବୋଧ ତିର୍କୀଙ୍କ ସମେତ ଜିଲା କ୍ରୀଡା ଅଧିକାରୀ ତେଜକୁମାର ଖେସ, ଢେଙ୍କାନାଳ ଜିଲା କ୍ରୀଡା ଅଧିକାରୀ ପ୍ରଦୀପ ମହାନ୍ତି, ଜାତୀୟ ଅମ୍ପେୟାର ଜାଭେଦ ଶେଖ, ଜାତୀୟ ବୈଷୟିକ ମୁଖ୍ୟ ଏମଏମ ମୁନିର ଓ ମିଲଟନ ବିଲୁଙ୍ଗ ପ୍ରମୁଖ ଅତିଥି ଯୋଗ ଦେଇଥିଲେ। କ୍ରୀଡ଼ା ସଙ୍ଗଠକ ସୁଶାନ୍ତ ବେହେରା ମଞ୍ଚ ପରିଚାଳନା କରିଥିଲେ। ରାଉରକେଲା ମହାନଗର ନିଗମ, ସରକାରୀ ଡାକ୍ତରଖାନା ଓ ଜିଲା ପୋଲିସ ବିଭାଗ ସହାୟତାରେ ଆୟୋଜିତ ପ୍ରତିଯୋଗିତାର ପ୍ରଥମ ଖେଳ(ବାଳିକା ବିଭାଗ) ଭୁବନେଶ୍ୱର କିସ ଓ ଢେଙ୍କାନାଳ ମଧ୍ୟରେ ହୋଇଥିଲା। ଏଥିରେ କିସ ୪-୦ରେ ବିଜୟୀ ହୋଇଛି। ସେହିପରି ବାଳକ ବିଭାଗରେ ସୁନ୍ଦରଗଡ଼ର ଜୋକେର୍ତା ହାଇସ୍କୁଲ ଓ ଢେଙ୍କାନାଳ ଟାଉନ ହାଇସ୍କୁଲ ମୁହାଁମୁହିଁ ହୋଇଥିଲେ। ଜୋକେର୍ତା ୫-୦ରେ ଜିତ୍ ପକ୍କା କରିଛି। ଅମୁଲ୍ୟ ବେହେରା, ଫ୍ଲୋରେନସିଆ ଏକ୍କା, ପିଟର ସୋରେନ, ପରମେଶ୍ୱର ମାରାଣ୍ଡି, ରୁବେନ ବିଲୁଙ୍ଗ, ନୂଆସ ତିର୍କୀ, ଜୟପ୍ରକାଶ ଲାକ୍ରା ଓ ଅମିତ ଟପ୍ପୋ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# କୋଶଳ ରାଜ୍ୟ ନେଇ ବିଧାୟକ ମତ ସ୍ପଷ୍ଟ କରନ୍ତୁ

**ରାଉରକେଲା ଅଫିସ,୧୫।୯**

ପଶ୍ଚିମ ଓଡ଼ିଶାକୁ ସ୍ୱତନ୍ତ୍ର କୋଶଳ ପ୍ରଦେଶ ଘୋଷଣା କରିବାକୁ ଦୀର୍ଘଦିନରୁ ଦାବି ହୋଇ ଆସୁଛି। ଅତୀତରେ ଏହି ପ୍ରସଙ୍ଗ ଉପରେ ଅନେକ ବିଧାୟକ, ସାଂସଦ ନିଜସ୍ୱ ମତ ରଖିଛନ୍ତି। ଏପରି ସ୍ଥଳେ ରାଉରକେଲା ବିଧାୟକ ଦିଲୀପ ରାୟ ରାଉରକେଲାକୁ ସ୍ୱତନ୍ତ୍ର ଜିଲାର ମାନ୍ୟତା ଦେବାକୁ ଯୁକ୍ତି ବାଢ଼ିଥିବା ବେଳେ ସ୍ୱତନ୍ତ୍ର କୋଶଳ ପ୍ରଦେଶ ଗଠନ ନେଇ ଚୁପ କାହିଁକି ରହିଛନ୍ତି ପ୍ରଶ୍ନ ଉଠାଇଛନ୍ତି କୋଶଳ କ୍ରାନ୍ତି ଦଳ(କେକେଡି)ର ରାଜ୍ୟ ସାଧାରଣ ସମ୍ପାଦକ ରାମଚନ୍ଦ୍ର ଅମାତ। ସେ ଏକ ବିବୃତିରେ କହିଛନ୍ତି ଯେ ରାୟ ଜଣେ ବିଜ୍ଞ ବିଧାୟକ ରୂପେ ବିଧାନସଭାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନାରେ ଭାଗ ନେଉଛନ୍ତି। ଏଣୁ ପଶ୍ଚିମ ଓଡ଼ିଶାବାସୀଙ୍କ ସ୍ୱାର୍ଥ ସହ ଜଡ଼ିତ କୋଶଳ ରାଜ୍ୟ ପ୍ରସଙ୍ଗରେ ସେ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ୍।

# ନୂଆ କୋର୍ଟ ପରିସରରୁ ଚୋରି

**ରାଉରକେଲା ଅଫିସ,୧୫।୯**

ବିରଜାପାଲ୍ଲୀ ନିକଟ ନୂଆ କୋର୍ଟ ପରିସରସ୍ଥ ଏକ କ୍ୟାଣ୍ଟିନରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଉକ୍ତ କ୍ୟାଣ୍ଟିନ ମଧ୍ୟରୁ ନଗଦ ୨ହଜାର ଟଙ୍କା ସହ ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଜଣେ କୋର୍ଟ କର୍ମଚାରୀ ଶନିବାର ସକାଳେ ଏ ସମ୍ପର୍କରେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଉଦିତନଗର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ତେବେ ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ଏକାଧିକବାର ନୂଆ କୋର୍ଟ ପରିସର ମଧ୍ୟରୁ ଚୋରି ହୋଇଛି। ପୁରୁଣା କୋର୍ଟରେ ମଧ୍ୟ ଚୋରି ଘଟଣା ଘଟିଛି। ସନ୍ଧ୍ୟା ପରେ ଜଗୁଆଳି ଅଭାବରୁ ନୂଆ କୋର୍ଟ ପରିସରରେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଛି। ଏଣୁ ତୁରନ୍ତ ରାତ୍ର ଜଗୁଆଳି ବ୍ୟବସ୍ଥା କରିବାକୁ ଓକିଲ ସଂଘ ସମ୍ପାଦକ ଅକ୍ଷୟ ସାହୁ ଦାବି ଜଣାଇଛନ୍ତି।

### ସ୍ୱଚ୍ଛତା ହିଁ ସେବା ଡାକରା

# ଭାଜପାର ସଫେଇ କାର୍ଯ୍ୟକ୍ରମ

**ରାଉରକେଲା ଅଫିସ,୧୫।୯**

ସ୍ୱଚ୍ଛତା ହିଁ ସେବା ଡାକରାରେ ଦେଶବ୍ୟାପୀ ୧୫ ସେପ୍ଟେମ୍ବରରୁ ୨ ଅକ୍ଟୋବର ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ହେବ। ଏହି ପରିପ୍ରେକ୍ଷୀରେ ପାନପୋଷ ସାଙ୍ଗଠନିକ ଜିଲା ଭାଜପା ସଭାପତି ଜଗବନ୍ଧୁ ବେହେରାଙ୍କ ନେତୃତ୍ୱରେ ଶନିବାର ରାଉରକେଲା ସରକାରୀ ଡାକ୍ତରଖାନା ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ଡାକ୍ତରଖାନା ସୁପରିନଟେଣ୍ଡେଣ୍ଟ ଡାକ୍ତର ଉଦୟଭାନୁ ଦାସଙ୍କ ସହ କର୍ମଚାରୀମାନେ ସାମିଲ ହୋଇଥିଲେ। ଅସ୍ୱାସ୍ଥ୍ୟକର ପରିବେଶ ରୋଗର କାରଣ ହୋଇଥିବାରୁ ଗାଁଠାରୁ ସହର ସବୁଠି ସ୍ୱଚ୍ଛତା ବଜାୟ ରଖିବାକୁ ଭାଜପା କର୍ମୀମାନେ ଏହି କାର୍ଯ୍ୟକ୍ରମ ଅବସରରେ ବାର୍ତ୍ତା ଦେଇଥିଲେ। ବରିଷ୍ଠ ନେତା କିଶୁନ ସାହୁ, ପୂର୍ବତନ ନଗରପାଳ ନିହାର ରାୟ, ତପନ ସ୍ୱାଇଁ, ଶଶାଙ୍କ ଜେନା, କୈଳାସ ରାଉତ, ରାଜେନ୍ଦ୍ର ସାହୁ, ପ୍ରମିଳା ଦାସ, ନିକୁଞ୍ଜ ରାୟ କେଦାର ମହାନ୍ତି ଓ ବିନ୍ଦର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ମହିଳା ହକି ଦଳର ବାଙ୍ଗାଲୋର ଯାତ୍ରା

**ରାଉରକେଲା ଅଫିସ, ୧୫।୯**

ହକି ଇଣ୍ଡିଆ ପକ୍ଷରୁ ଆସନ୍ତା ୧୮ରୁ ୨୩ ତାରିଖ ବାଙ୍ଗାଲୋରଠାରେ ଜାତୀୟ ମହିଳା ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏ ନେଇ ଓଡ଼ିଶାରୁ ୯ ଜଣିଆ ଏକ ଦଳ ଶନିବାର ସୁନ୍ଦରଗଡ଼ରୁ ବାଙ୍ଗାଲୋର ଯାତ୍ରା କରିଛନ୍ତି। ଏଥିରେ ଅଧିନାୟିକା ରଶ୍ମିତା ମିଞ୍ଜ, ଗୋଲକିପର ଆରତୀ ରେଶ୍ମା ଟପୋ, ଏଲିମା ମିଞ୍ଜ, ମାରିଆନା କୁଜୁର, ମଞ୍ଜୁ ଲାକ୍ରା, ଅସ୍ମିତା ବାର୍ଲା, ଆଜମିନା କୁଜୁର, ରେମିତା ବାରା ଓ ପ୍ରିୟଙ୍କା ଏକା ସାମିଲ୍ ରହିଛନ୍ତି। ମ୍ୟାନେଜର ଭାବେ ଦୀପିକା ଲାକ୍ରା ଓ କୋଚ ଅମୁଲ୍ୟାନନ୍ଦ ବିହାରୀ ଦଳର ନେତୃତ୍ୱ ବହନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଏହି ଫାଇବର ସାଇଟ ଜାତୀୟ ହକି ପ୍ରତିଯୋଗିତାରେ ୫ଜଣ କରି ଖେଳାଳି ଭାଗ ନେବେ।




ସୁନ୍ଦରଗଡ଼ରୁ ବାଙ୍ଗାଲୋର ଯାତ୍ରା କରିଥିବା ୯ ଜଣିଆ ଦଳ।

## ମୋ ରାଉରକେଲା

### ଏହି ସହର ମୋ ପାଇଁ ଅଭୁଲା ସ୍ମୃତି



ପବିତ୍ର ଶଙ୍ଖ, କୋଏଲ ଓ ସରସ୍ୱତୀ ନଦୀର ମିଳନସ୍ଥଳ ଉପକଣ୍ଠରେ ଗଢି ଉଠିଛି ରାଉରକେଲା। ପୁରାଣ ପ୍ରସିଦ୍ଧ ବ୍ୟାସ ପୀଠ ଓ ବେଦବର୍ଣ୍ଣିତ ବ୍ରାହ୍ମୀ ଅର୍ଥାତ୍ ବ୍ରାହ୍ମଣୀ ନଦୀର ଉଦ୍‌ଗମ ସ୍ଥଳ। ବ୍ୟାସ ମଣ୍ଡଳ ଅନ୍ତର୍ଗତ ସାଂସ୍କୃତିକ ସହର। ମୁଁ ପାନପୋଷ ଉପଜିଲାପାଳ ଭାବେ ୨୦୦୬ରୁ ଅବସ୍ଥାପିତ ହେବା ପରେ ବ୍ୟାସ ଚେତନାରେ ଉଦ୍‌ବୁଦ୍ଧ ହୋଇ ଏ ସହରକୁ ଆପଣେଇ ନେଇଛି। ଏ ସହର ମୋତେ ପୂର୍ଣ୍ଣତା ଆଣି ଦେଇଛି। ସୁନ୍ଦରଗଡ଼ ଜିଲାର ଅରଣ୍ୟ ଶୋଭାରାଜି, ନଦୀ ଝରଣା, ପାହାଡ଼ ଭଳି ପ୍ରାକୃତିକ ସମ୍ପଦ ମୋତେ ଏଠି ବାନ୍ଧି ରଖିଛି। ଷ୍ଟିଲ ସିଟିର ସାଂସ୍କୃତିକ ବୈଭବ, ଭାଇଚାରା, ମହାଭାରତୀୟତାର ମହକ ଓ ବୈଶ୍ୱୟିକ ଚେତନା ଏ ସହରକୁ ଅନନ୍ୟ କରିଛି। ଏହା ହେଉଛି ଏକ ଅନୁଭବର ସହର। କଳା, ସାହିତ୍ୟ ଓ ସଂସ୍କୃତି ପଛରେ ଅନେକ ଏଠି ସମର୍ପିତ। ଏ ସହରର ପାଠାଗାର, ସଂସ୍କୃତି, ଗ୍ରନ୍ଥାଗାରର ବିପୁଳତା ମୋ ପାଇଁ ସବୁବେଳେ ଅଭୁଲା ହୋଇ ରହିବ। ଗୁରୁକୁଳ ପରମ୍ପରା, ବାଟିକା ଓ ଆଧାତ୍ମିକ ସଂସ୍କୃତିର ଅନନ୍ୟ ସଂଯୋଗ ଏ ମାଟିକୁ ପବିତ୍ରତାରେ ଭରି ଦେଇଛି। କେବଳ ଏତିକି ନୁହେଁ ନୃତ୍ୟ, ସଙ୍ଗୀତ ଓ ନାଟକ ପ୍ରତି ସମର୍ପିତ ଅନେକ ଚେହେରା ଷ୍ଟିଲ ସିଟିକୁ ପ୍ରାଣବନ୍ତ କରିଛନ୍ତି। ପ୍ରାକୃତିକ ଶୋଭାରାଜିପୂର୍ଣ୍ଣ ରାଉରକେଲା ବାସ୍ତବରେ ଏକ ପରିପୂର୍ଣ୍ଣ ସହର। ଏକ ଶାଶ୍ୱତ ମୂଲ୍ୟବୋଧ ଜୀବନ ଜିଇଁବାକୁ ଏ ସହର ମୋତେ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରିଥିବାରୁ ଖୁବ ଆପଣାର ଲାଗେ।

-ମହେନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ

# ବିଜୁ ପଟ୍ଟନାୟକ ଗ୍ରାମାଞ୍ଚଳ ହକି ଚାମ୍ପିୟନଶିପ୍

**ରାଉରକେଲା ଅଫିସ,୧୫। ୯**

ରାଉରକେଲା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମଠାରେ ପୂର୍ବତନ ସାଂସଦ ତଥା ବିଶିଷ୍ଟ ହକି ତାରକା ଦିଲ୍ଲୀପ ତିର୍କୀଙ୍କ ନେତୃତ୍ୱରେ ୨୦୧୬ ଡିସେମ୍ବରରେ ଆରମ୍ଭ ହୋଇଥିଲା ବିଜୁ ପଟ୍ଟନାୟକ ଗ୍ରାମାଞ୍ଚଳ ହକି ଚାମ୍ପିୟନଶିପ୍। ଏହାର ଫାଇନାଲ ଖେଳ ୯ମାସ ପରେ ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ଶନିବାର ପାନ୍ଥ ନିବାସଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ତିର୍କୀ ଏଥିରେ ଉପସ୍ଥିତ ରହି ଏହା ଉପରେ ସବିଶେଷ ବିବରଣୀ ଦେଇଥିଲେ। ସେ କହିଥିଲେ ଯେ ଓଡ଼ିଶା, ଝାରଖଣ୍ଡ ଓ ଛତିଶଗଡ଼ ଖେଳାଳିଙ୍କୁ ନେଇ ଗତ ଡିସେମ୍ବରରେ ଆରମ୍ଭ କରାଯାଇଥିବା ଏହି ହକି ମହାକୁମ୍ଭର ଉଦ୍‌ଯାପନୀ ଖେଳ କେତକ କାରଣରୁ ହୋଇ ପାରି ନ ଥିଲା। ଏବେ ଏହାର ଫାଇନାଲ ଇଭେଣ୍ଟ କରାଯିବାକୁ ସମସ୍ତ ପ୍ରସ୍ତୁତି କରାଯାଇଛି। ରବିବାରରୁ ପାନପୋଷ ସ୍ପୋର୍ଟସ ହଷ୍ଟେଲ ଓ ସେକ୍ଟର-୫ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମଠାରେ ନକଆଉଟ ଖେଳ ଆରମ୍ଭ ହେବ। ଦୁଇ ଭାଗରେ ବିଭକ୍ତ ଏହି ଖେଳରେ ୬୪ ଦଳ ସାମିଲ ହେବେ। ୨୩ରେ ଫାଇନାଲ ଖେଳ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବିଜେତା ଦଳକୁ ୩ ଲକ୍ଷ ଓ ଉପବିଜେତାଙ୍କୁ ୨ଲକ୍ଷ ପୁରସ୍କାର ରାଶି ପ୍ରଦାନ କରାଯିବ।

ଏଠାରେ ସୂଚନାଯୋଗ୍ୟ, ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଆରମ୍ଭ ହୋଇଥିବା ଏହି ଚାମ୍ପିୟନଶିପ୍‌ରେ ୩ ରାଜ୍ୟରୁ ୧୪୪୮ ଗ୍ରାମାଞ୍ଚଳ ଟିମ ଭାଗ ନେଇଥିଲେ। ଏଥିପାଇଁ ୩୨ ସ୍ଥାନକୁ ଚୟନ କରାଯାଇଥିଲା। ବର୍ତ୍ତମାନ ସାଧାରଣ ନିର୍ବାଚନ ଆଗକୁ ରହିଥିବା ବେଳେ କାହିଁକି ଫାଇନାଲ ମ୍ୟାଚ କରାଯାଉଛି ପ୍ରଶ୍ନ କରାଯିବାରୁ ତିର୍କୀ କହିଥିଲେ ଯେ, ସମସ୍ୟା କାରଣରୁ ଏଭଳି ବ୍ୟତିକ୍ରମ ଘଟିଲା। ଠିକ ସମୟରେ ଏହାକୁ ଚୂଡ଼ାନ୍ତ କରାଯିବା ସମ୍ଭବ ହୋଇନଥିଲା। ଏବେ ସ୍ଥିତି ଅନୁକୂଳ ରହିଛି। ଏଣୁ ଫାଇନାଲ ଖେଳ ଆୟୋଜନ କରିଛୁ। ଏହାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବାକୁ ସମସ୍ତ ପଦକ୍ଷେପ ନିଆଯିବ। ଏହି ଖବରଦାତା ସମ୍ମିଳନୀରେ ପରିଚାଳନା କମିଟି ଅଧ୍ୟକ୍ଷ ପିଟର ତିର୍କୀଙ୍କ ସମେତ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଦିଲୀପ ତିର୍କୀଙ୍କ ସହ କର୍ମକର୍ତ୍ତା।

# କାମରେ ଲାଗୁନି ଏଏନ୍‌ଏମ୍ କେନ୍ଦ୍ର

**ଗୁଡଭେଲା,୧୫।୯ (ଡି.ଏନ.ଏ.)**

ଗୁଡଭେଲା ବ୍ଲକ ଅନ୍ତର୍ଗତ ନୂଆପଡା ଚାରିଛକରେ ଥିବା ଏଏନଏମ ଗୃହ ଏବେ ଭୂତ କୋଠୀ ପାଲଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ଛକରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ନିର୍ମିତ ହୋଇଥିବା ଉକ୍ତ ଗୃହରେ କେହି ରହୁ ନାହାନ୍ତି। ବ୍ଲକ ପ୍ରଶାସନ ଏ ନେଇ କୌଣସି ପଦକ୍ଷେପ ନେଉନାହିଁ।

# ରକ୍ତଦାନ ଶିବିର, ଆଲୋଚନାଚକ୍ର

**ରାଉରକେଲା ଅଫିସ,୧୫।୯**

ଇସ୍ପାତ କାରଖାନା ଡିପ୍ଲୋମା ଇଞ୍ଜିନିୟର୍ସ ସଂଘ ପକ୍ଷରୁ ଶନିବାର ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆଇଜିଏଚଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଭାରପ୍ରାପ୍ତ କାର୍ମିକ ନିର୍ଦ୍ଦେଶକ ଗୌତମ ବାନାର୍ଜୀ(ଆରଏସପି), ସ୍ୱାସ୍ଥ୍ୟସେବା ବିଭାଗ ନିର୍ଦ୍ଦେଶକ ଡ. ଏସଏସ ପତି, ଡ. ସଂଘମିତ୍ରା ଶତପଥୀ, ରକ୍ତଭଣ୍ଡାର ମୁଖ୍ୟ ଡ. ଏ ସୋରେନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ କହିଥିଲେ ଯେ ଆରଏସପିରେ କାର୍ଯ୍ୟରତ ଡିପ୍ଲୋମା ଯନ୍ତ୍ରୀଙ୍କ ଏଭଳି କାର୍ଯ୍ୟ ବାସ୍ତବରେ ପ୍ରଶଂସନୀୟ। ରକ୍ତଦାନ ପରି ପୁଣ୍ୟ କାମରେ ସଂଘ ସହଯୋଗର ହାତ ବଢ଼ାଇଥିବାରୁ ଅତିଥିମାନେ ସାଧୁବାଦ ଜଣାଇଥିଲେ। କାର୍ଯ୍ୟକ୍ରମକୁ ସଂଘ କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ଦାସ ପରିଚାଳନା କରିଥିଲେ। ସମ୍ପାଦକ ନରେନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ। ଏଥିରେ ୫୦ରୁ ଊର୍ଦ୍ଧ ଯନ୍ତ୍ରୀ ରକ୍ତଦାନ କରିଥିଲେ। ସନ୍ଧ୍ୟାରେ ସେକ୍ଟର-୭ଠାରେ ଥିବା ସଂଘ କାର୍ଯ୍ୟାଳୟ ପରିସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ସ୍ମାର୍ଟ ସିଟି ପ୍ରକଳ୍ପ ଆଧାରରେ ରାଉରକେଲା ଇସ୍ପାତ ସହରର ନବୀକରଣ ନେଇ ଆଲୋଚନା ହୋଇଥିଲା। ଦିବସ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ସଂଘ ଉପସଭାପତି ଦେବୀପ୍ରସନ୍ନ ସାହୁ, ସମ୍ପାଦକ ଭୀମସେନ ନାୟକ, କୋଷାଧ୍ୟକ୍ଷ କମଲେଶ ମିଶ୍ର, ମିହିର ମହାପାତ୍ର, ତନ୍ମୟ ସାମଲ, ସୁମିତ କୁମାର, ଶାଶ୍ୱତ ମହାନ୍ତି, କ୍ରିଷ୍ଣା ନାୟକ ଓ ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଡିପ୍ଲୋମା ଇଞ୍ଜିନିୟର୍ସ ସଂଘ ପକ୍ଷରୁ ଆଇଜିଏଚ୍‌ଠାରେ ଆୟୋଜିତ ରକ୍ତଦାନ ଶିବିର।

# ପରିବେଶ ପ୍ରଦୂଷଣ ନେଇ ଶୋଭାଯାତ୍ରା

## କାରଖାନା ମାଲିକଙ୍କ ବେଆଇନ ପଦକ୍ଷେପକୁ ବିରୋଧ, କାର୍ଯ୍ୟାନୁଷ୍ଠାନ ଦାବି

**ରାଉରକେଲା ଅଫିସ,୧୫।୯**

ମୌଳିକ ଅଧିକାର ଓ ପରିବେଶ ସୁରକ୍ଷା ନେଇ ଗାଙ୍ଗପୁର ଭାଷା ସାହିତ୍ୟ ଓ ସାଂସ୍କୃତିକ ଆଖଡ଼ା ପକ୍ଷରୁ ଶନିବାର ଏକ ଶୋଭାଯାତ୍ରା ବାହାରିଥିଲା। ଆମ୍ବାଗାନରୁ ରିଂ ରୋଡ଼ ଦେଇ ରାଜ୍ୟ ଆଞ୍ଚଳିକ ପ୍ରଦୁଷଣ ବୋର୍ଡ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏହା ଯାଇଥିଲା। ଏଥିରେ ଯୋଗ ଦେଇଥିବା ନେତୃମଣ୍ଡଳୀ ଅଭିଯୋଗ କରିଥିଲେ ଯେ, ସୁନ୍ଦଗରଗଡ଼ ଜିଲାରେ ପରିବେଶ ପ୍ରଦୁଷଣ ଦିନକୁ ଦିନ ମାତ୍ରାଧିକ ହେବାରେ ଲାଗିଛି। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ନୀରବ ସାଜିଛନ୍ତି। ଜିଲାରେ ଗଢ଼ି ଉଠିଥିବା କଳ କାରଖାନାଗୁଡ଼ିକର ମାଲିକମାନେ ସରକାରଙ୍କ ନୀତି ନିୟମ ଉଲ୍ଲଂଘନ କରି ସଂପ୍ରସାରଣ କରିବାରେ ଲାଗିଛନ୍ତି। ସାଧାରଣ ଜନତା ତଥା ଗ୍ରାମବାସୀଙ୍କ ମତ ନିଆ ନ ଯାଇ ଏଭଳି ବେଆଇନ କାର୍ଯ୍ୟ କରାଯାଉଛି। ନିକଟରେ ଏକ ପ୍ରମୁଖ କମ୍ପାନୀ କାରଖାନା ସଂପ୍ରସାରଣ ନେଇ ଜନଶୁଣାଣି ନାଁରେ ଯେଉଁ ପ୍ରହସନ କଲେ ତାହା ଆଇନକୁ ଆଖିଠାର ବୋଲି ଅଭିଯୋଗ କରାଯାଇଥିଲା। ପ୍ରଦୂଷଣ ପ୍ରଭାବରେ ଲୋକେ ଆଗାମୀଦିନରେ ଯେଉଁ ଦୟନୀୟ ଦଶା ଭୋଗିବେ ସେ ନେଇ କର୍ତ୍ତୃପକ୍ଷ ଚିନ୍ତା କରୁନାହାଁନ୍ତି। ଆଦିବାସୀବହୁଳ ବସ୍ତି ଓ ଗାଁର ସୁରକ୍ଷା ପ୍ରତି ଅଣଦେଖା କରି ଯେଉଁ କମ୍ପାନୀମାନେ ବେଆଇନ ପଦକ୍ଷେପ ନେଉଛନ୍ତି ସେ ଦିଗରେ ପ୍ରଶାସନ ସଚେତନ ହେବାକୁ ଏଥିରେ ଆହ୍ୱାନ ଦିଆଯାଇଥିଲା। ଭାରତୀୟ ସମ୍ବିଧାନ ତଥା ସରକାରୀ ନୀତି ନିୟମକୁ ବେଖାତିର କରୁଥିବା ତଥାକଥିତ କମ୍ପାନୀଙ୍କ ପ୍ରତି ଅନୁକମ୍ପାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ଆଦିବାସୀ ନେତାମାନେ ଚେତାଇ ଦେଇଥିଲେ। ଅନୁସୂଚୀତ ଜନଜାତିଙ୍କ ପାଇଁ ପ୍ରଣୀତ ପେସା ଆଇନକୁ ଅଣଦେଖା କରାଯାଉଛି। ଗ୍ରାମସଭା ଆଇନ ଉଲ୍ଲଂଘନ ପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଆଞ୍ଚଳିକ ପ୍ରଦୂଷଣ ପ୍ରଦୁଷଣ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ବିକ୍ରମ ମିଞ୍ଜ୍, ସୁଶୀଲ ଲାକ୍ରା, ବାଗୀ ଲାକଡ଼ା ଓ ସୁନୀଲ ଖାଲକୋ ପ୍ରମୁଖ ଉପସ୍ଥିତ ଥିଲେ।




ଗାଙ୍ଗପୁର ଭାଷା ସାହିତ୍ୟ ଓ ସାଂସ୍କୃତିକ ଆଖଡ଼ା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

କୋମଳ ଉତ୍ତର କ୍ରୋଧକୁ ଦମନ କରେ,
ମାତ୍ର କଟୁବାକ୍ୟ କୋପ ଜନ୍ମାଏ।
- ଯୀଶୁଖ୍ରୀଷ୍ଟ



## ସଂକ୍ଷେପରେ

### କୀଟନାଶକ ପାନକରି ଯୁବକ ମୃତ

**ବାଲିଶଙ୍କରା,୧୫।୯(ଡି.ଏନ.ଏ.)-** ତଳସରା ଥାନା ଅନ୍ତର୍ଗତ ତୁମୁଲିଆ ପଞ୍ଚାୟତ ଭଣ୍ଡାରୀ ଶଙ୍କରା ଗ୍ରାମର ରାଜୁ ନାଏକ (୪୦) ନାମକ ଜଣେ ଯୁବକ କୀଟନାଶକ ପାନକରି ମୃତ୍ୟୁବରଣ କରିଛନ୍ତି। ନୂଆଁଖାଇ ଅବସରରେ କୌଣସି କଥାକୁ ନେଇ ପରିବାର ଭିତରେ କଳହ ହେବାରୁ ଉତ୍କ୍ଷିପ୍ତ ହୋଇ କିଟନାଶକ ପିଇଦେଇଥିଲେ। ଘର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ସବଡେଗା ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ସୁନ୍ଦରଗଡ ସଦର ମହକୁମା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ତଳସରା ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ଘରଲୋକଙ୍କୁ ହସ୍ତାନ୍ତର କରିଛି।

### ହାତୀ ଆକ୍ରମଣରେ ଓଡ଼ିଆ ଯୁବକ ମୃତ

**ବାଲିଶଙ୍କରା, ୧୫।୯(ଡି.ଏନ.ଏ.)-** ଛତିଶଗଡ଼ ସୀମାରେ ହାତୀ ଆକ୍ରମଣରେ ଜଣେ ଓଡ଼ିଆ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁନ୍ଦରଗଡ଼ ଜିଲା କିଞ୍ଜିରକେଲା ଥାନା ଅନ୍ତର୍ଗତ କେନ୍ଦୁଡ଼ିହ ଗ୍ରାମର ସନ୍ତୋଷ ଗହୀର (୨୮)। ଛତିଶଗଡ ରାଜ୍ୟର ବ୍ରାହ୍ମଣମରା ଗ୍ରାମକୁ ଗଣେଶ ଉତ୍ସବରେ ଭାଗବତ କୀର୍ତ୍ତନ୍ୟ କରିବାକୁ ସେ ଯାଇଥିଲେ। ଭାଗବତ କୀର୍ତ୍ତନ ସାରି ରାତ୍ରି ୩ଟାରେ ଘରକୁ ଆସୁଥିଲେ। ରାସ୍ତାରେ ସୀମାନ୍ତ ଅଞ୍ଚଳରେ ହାତୀ ହାବୁଡରେ ପଡିଯାଇଥିଲେ। ହାତୀ ଶୁଣ୍ଢରେ ଧରି କଚାଡି ଗୋଡରେ ମାଡ଼ି ଦଳି ଖଣ୍ଡ ଖଣ୍ଡ କରି ଦେଇଥିଲା। ଖବରପାଇ ଛତିଶଗଡ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ଘର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଛତିଶଗଡ଼ ବନ ବିଭାଗ ତରଫରୁ କ୍ଷତିପୂରଣ ଦେବା ପାଇଁ ମୃତ ସନ୍ତୋଷଙ୍କ ପରିବାର ଲୋକ ଦାବି କରିଛନ୍ତି।

### ବଡ଼ଗାଁ ପଞ୍ଚାୟତ ଗୋଦାମ ତାଲା ଭାଙ୍ଗି ଚୋରି

**ବଡ଼ଗାଁ, ୧୫।୯(ଡି.ଏନ.ଏ.)-** ସୁନ୍ଦରଗଡ ଜିଲା ବଡ଼ଗାଁ ପଞ୍ଚାୟତ ଗୋଦାମରୁ ଶୁକ୍ରବାର ରାତି ଚୋରି ହୋଇଛି। ଚୋରମାନେ ଗୋଦାମର ତାଲା ଭାଙ୍ଗି ୧୭୩ ଲିଟର କିରୋସିନ ଚୋରି କରି ନେଇଛନ୍ତି। ସୂଚନାଯୋଗ୍ୟ ଯେ, ପଞ୍ଚାୟତର ପୁରୁଣା କାର୍ଯ୍ୟାଳୟର କୋଠରୀକୁ ଗୋଦାମ ଗୃହ ଭାବେ ବ୍ୟବହାର କରାଯାଉଛି। ଆଜବେଷ୍ଟସ ଘରର କବାଟଗୁଡିକ କାଠରେ ହୋଇଥିଲାବେଳେ ଗ୍ରୀଲ ଗେଟ ମଧ୍ୟ ନାହିଁ। ଫଳରେ ଚୋରମାନଙ୍କୁ ସୁବିଧାରେ ତାଲା ଭାଙ୍ଗି ଚୋରି କରିବାକୁ ସହଜ ହୋଇଛି। ତେବେ ବଡଗାଁ ଅଞ୍ଚଳରେ କିଛିମାସ ହେଲା ଚୋରି ବଢି ଚାଲିଥିବା ଲକ୍ଷ୍ୟ କରାଯାଇଛି।

# ଆଡ଼ମ୍ବରରେ ଚାଲିଛି ଗଜାନନଙ୍କ ପୂଜନୋତ୍ସବ





ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହର ଷ୍ଟେଶନପଡାରେ ସୁନ୍ଦର ତୋରଣ (ବାମ)। ଲିପଲୋଇ ମଣ୍ଡପରେ ତୋରଣ (ମଝି)। ଗଜାନନ ପୂଜା ପାଉଛନ୍ତି।

**ରାଜଗାଙ୍ଗପୁର**
- ଆଲୋକମାଳାରେ ଝଲସୁଛି ମଣ୍ଡପ
- ୨୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ପୂଜା ପାଉଛନ୍ତି ବିଘ୍ନେଶ୍ୱର
- ଭକ୍ତିମୟ ହୋଇ ଉଠିଛି ରାଜଗାଙ୍ଗପୁର ସହର
- ସାତ ଦିନ ଧରି ଚାଲିବ ପୂଜା ଉତ୍ସବ

**ରାଜଗାଙ୍ଗପୁର, ୧୫।୯ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହର ସିମେଣ୍ଟ ସହର ଭାବେ ପରିଚୟ ହାସଲ କରିଥିବାବେଳେ ଗଜାନନଙ୍କ ପୂଜା ପାଇଁ ଏହି ସହରର ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରତିବର୍ଷ ସହରରେ ଶହଶହ ମଣ୍ଡପରେ ପ୍ରଭୁ ଗଜାନନ ପୂଜା ପାଉଥିବାବେଳେ ଏବର୍ଷ ଦୁଇ ଶହରୁ ଊର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଉଛନ୍ତି। ଏହି ଉତ୍ସବ ସାତଦିନ ଧରି ଚାଲିବାର କାର୍ଯ୍ୟକ୍ରମ ରହିଛି। ଫଳରେ ସମଗ୍ର ସହର ଭକ୍ତିମୟ ହୋଇଉଠିଛି। ସହରର ଓସିଏଲ କଲୋନୀ, ଓସିଏଲ ମାର୍କେଟ, ଭଟ୍ଟାପଡା, ଲିପଲୋଇ, ଆଇଟି କଲୋନୀ, ବାରୁପଡା, ଷ୍ଟେସନପଡା, ବଗିଚାପଡା, କୁଣ୍ଡୁପଡ଼ାରେ ପ୍ରଭୂଗଜାନନଙ୍କ ପୂଜା ବହୁ ଆଡମ୍ବର ସହିତ ପାଳନ କରାଯାଉଛି। ବିଭିନ୍ନ ସ୍ଥାନରେ ବହୁଆକର୍ଷଣୀୟ ତୋରଣ ତିଆରି କରାଯାଇଛି। ତାସହ ବହୁ ସୁନ୍ଦର ମେଢମାନ ତିଆରି ହୋଇଛି। କେଉଁଠି ରଥଉପରେ ବସି ପୂଜା ପାଉଛନ୍ତି ତ କେଉଁଠି ଗଜାନନଙ୍କ ସହ ହରପାର୍ବତୀ ପୂଜା ପାଉଛନ୍ତି। ସନ୍ଧ୍ୟା ସମୟରେ ସମଗ୍ର ସହର ବିଭିନ୍ନ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସି ଉଠୁଛି। ସକାଳୁ ସନ୍ଧ୍ୟା ଯାଏ ବିଭିନ୍ନ ଭକ୍ତି ସଙ୍ଗୀତରେ ସହର ଭକ୍ତିମୟ ପରିବେଶରେ ପୂରି ଉଠୁଛି। ସନ୍ଧ୍ୟାରେ ରାଜଗାଙ୍ଗପୁର ସହର ସମେତ କୁତ୍ରା, ବଡଗାଁ, କାଂଶବାହାଲ, ଲାଇଙ୍ଗ, ଗଡପୋଷ, ବାମଣ୍ଡା ଭଳି ବିଭିନ୍ନ




ରାଜଗାଙ୍ଗପୁର ସହର ବିଭିନ୍ନ ସ୍ଥାନରେ ଗଜାନନ ପୂଜା ପାଉଛନ୍ତି।

ଅଞ୍ଚଳରୁ ହଜାର ହଜାର ଭକ୍ତ ରାଜଗାଙ୍ଗପୁର ସହରକୁ ଆସୁଛନ୍ତି। ବିଭିନ୍ନ ମଣ୍ଡପ ପରିକ୍ରମା କରି ଗଜାନନଙ୍କ ଦର୍ଶନ କରୁଛନ୍ତି। ସହରର ବିଭିନ୍ନ ପୂଜା କମିଟି ଦ୍ୱାରା ଇଡଲି, ଦୋସା, ଚଣା, ରସଗୋଲା, କ୍ଷୀରିପୁରୀ ଭଳି ବିଭିନ୍ନ ପ୍ରସାଦ ଭକ୍ତଙ୍କୁ ବଣ୍ଟାଯାଉଛି। ଭକ୍ତମାନେ ମହା ଆଡମ୍ବର ସହିତ ପ୍ରସାଦ ସେବନ କରୁଥିବା ଦେଖିବାକୁ ମିଳୁଛି। ସହରର ଶହ ଶହ ମଣ୍ଡପ ବୁଲି ପ୍ରସାଦ ସେବନ କରି ଭକ୍ତଙ୍କ ପେଟ ପୂରି ଉଠୁଛି। ସୁସ୍ୱାଦୁ ପ୍ରସାଦ ବଣ୍ଟନ ପାଇଁ ପୂଜା କମିଟି ମଧ୍ୟରେ ବହୁ ଉତ୍ସାହ ଦେଖିବାକୁ ମିଳୁଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପ୍ରତି ମଣ୍ଡପରେ ପୋଲିସ ମୁତୟନ ହୋଇଛନ୍ତି। ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି ବୋଲି ଏସ୍‌ଡିପିଓ ବିଜୟ କୁମାର ନନ୍ଦ କହିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ଭାଜପା ଯୁବ ମୋର୍ଚ୍ଚାର ପ୍ରସ୍ତୁତି ବୈଠକ

**ସୁନ୍ଦରଗଡ଼,୧୫।୯ (ଡି.ଏନ୍.ଏ)**

ଆସନ୍ତା ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାରସୁଗୁଡା ବିମାନ ବନ୍ଦର ଉଦ୍‌ଘାଟନ ଉତ୍ସବ ଗସ୍ତ ପରିପ୍ରେକ୍ଷୀରେ ସୁନ୍ଦରଗଡ ସାଙ୍ଗଠନିକ ଜିଲା ଭାଜପା ଯୁବ ମୋର୍ଚ୍ଚାର ଏକ ପ୍ରସ୍ତୁତି ବୈଠକ ଶନିବାର ସନ୍ଧ୍ୟାରେ ଜିଲା ସଭାପତି ଆଶୀଷ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ଏହି ଜନସମାବେଶରେ ବହୁ ସଂଖ୍ୟାରେ ଯୁବମୋର୍ଚ୍ଚା କର୍ମୀ ଯୋଗଦେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ସୁନ୍ଦରଗଡ଼ ସଦର ନିର୍ବାଚନ ମଣ୍ଡଳୀରୁ ପ୍ରାୟ ୪ହଜାର ବାଇକ୍ ଏକ ବିଶାଳ ଶୋଭାଯାତ୍ରାରେ ଝାରସୁଗୁଡା ପର୍ଯ୍ୟନ୍ତ ଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମାନସ କୁମାର ତ୍ରିପାଠୀ ଓ ଜିଲା ଭାଜପା ସଭାପତି ବଟକିଶୋର ମିଶ୍ରଙ୍କ ଦିଗଦର୍ଶନରେ ଏହି ବାଇକ୍ ଶୋଭାଯାତ୍ରା ଝାରସୁଗୁଡା ପର୍ଯ୍ୟନ୍ତ ଯାଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ସ୍ୱାଗତ ସମ୍ବର୍ଦ୍ଧନାରେ ସାମିଲ ହେବେ। ଏହି ପ୍ରସ୍ତୁତି ବୈଠକରେ ଯୁବମୋର୍ଚ୍ଚା ଉପସଭାପତି ଶ୍ରୀକାନ୍ତ ଭଞ୍ଜ, ରଥ ଖାଲକୋ, ସାଧାରଣ ସମ୍ପାଦକ ଅମୀୟ ପଟ୍ଟନାୟକ, ନଗରମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ସାହୁଙ୍କ ସମେତ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।



ସୁନ୍ଦରଗଡ ଜିଲା ବଡ଼ଗାଁ ପାଣିଗ୍ରାହୀ ପରିବାରରେ ନୂଆଖାଇ ଏକତ୍ର ପାଳନ କରାଯାଉଛି।

ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ଆନ୍ଦୋଳନ

## ଜିଲାରେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା ପ୍ରଭାବିତ

**ସୁନ୍ଦରଗଡ଼ ୧୫।୯ (ଡି.ଏନ୍.ଏ)**

ସମାନ କାମକୁ ସମାନ ଦରମା, ଜାତୀୟ ସ୍ୱାସ୍ଥ୍ୟ ନୀତି ଅନୁଯାୟୀ ଜନସ୍ୱାସ୍ଥ୍ୟ ପରିଚାଳନା କ୍ୟାଡର ପଦବୀ ସୃଷ୍ଟି କରି ନିୟମିତ ନିଯୁକ୍ତି ପ୍ରଦାନ ଆଦି ୬ଦଫା ଦାବି ନେଇ ଓଡିଶା ସ୍ୱାସ୍ଥ୍ୟମିଶନ ପରିଚାଳନା କର୍ମଚାରୀ ସଂଘ ପକ୍ଷରୁ ଗତ ୧୦ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିଛି। ଏଥିଯୋଗୁ ସୁନ୍ଦରଗଡ ଜିଲାରେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା ପ୍ରଭାବିତ ହୋଇଛି। ଜିଲାର ୧୭ଟି ବ୍ଲକ ଓ ୪ଟି ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ କାର୍ଯ୍ୟରତ ୧୦୦ରୁ ଊର୍ଦ୍ଧ କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଫଳରେ ଗ୍ରାମାଞ୍ଚଳରେ ଗୋଷ୍ଠୀ ଉନ୍ନୟନ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଟୀକାକରଣ, ଜନନୀ ସୁରକ୍ଷା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଗାଁ କଲ୍ୟାଣ ସମିତି, ନିଦାନ, ନିରାମୟ, ମାନସିକ ସ୍ୱାସ୍ଥ୍ୟ ଯୋଜନା, ଜନସ୍ୱାସ୍ଥ୍ୟ ଯୋଜନା, ସଂକ୍ରାମକ ଓ ଅଣସଂକ୍ରାମକ ରୋଗ ପରିଚାଳନା, ତମାଖୁ ନିୟନ୍ତ୍ରଣ ଯୋଜନା ଆଦି ବିଭିନ୍ନ ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ପ୍ରଭାବିତ ହୋଇଛି। ଫଳରେ ଗର୍ଭବତୀ ମାଆ ତଥା ସାଧାରଣ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସଂଘ ପକ୍ଷରୁ ଦାବି ପୂରଣ ନେଇ ବିଧାନସଭା ସମ୍ମୁଖରେ ରାଜ୍ୟର ହଜାର ହଜାର କର୍ମଚାରୀ ଆନ୍ଦୋଳନ ଜାରି ରଖିଥିଲେ ମଧ୍ୟ ଦାବି ପୂରଣ ଦିଗରେ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏ ନେଇ ସଂଘ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ ଜିଲାରେ ଏହି ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ଆନ୍ଦୋଳନ ଯୋଗୁ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଏକପ୍ରକାର ବାଧାପ୍ରାପ୍ତ ହୋଇଛି। ସଂଘ ପକ୍ଷରୁ ଅନ୍ୟ ଦାବିଗୁଡିକ ମଧ୍ୟରେ ସପ୍ତମ ବେତନ କମିଶନ ସୁପାରିଶ ଆଧାରରେ ଦରମାବୃଦ୍ଧି, ଦରମାରେ ଥିବା ଅସଙ୍ଗତି ଦୂର କରି ନିୟମିତ ଭାବେ ଦରମା ପ୍ରଦାନ, ଭବିଷ୍ୟତନିଧି ପାଣ୍ଠିର ବ୍ୟବସ୍ଥା, ଗୋଷ୍ଠୀ ଓ ସ୍ୱାସ୍ଥ୍ୟ ବୀମା ସୁବିଧା, ପ୍ରଦର୍ଶନ ଭିତ୍ତିକ ପ୍ରୋତ୍ସାହନକୁ ଉଚ୍ଛେଦ ଓ ଘରଭଡା ପ୍ରଦାନ ସହିତ ଅଭିଜ୍ଞତା ଭିତ୍ତିରେ ସୁବିଧା ଆଦି ପ୍ରଦାନ ଆଦି ଦାବି ନେଇ ଏହି ଆନ୍ଦୋଳନନ ଜାରି ରହିଥିବା ଜିଲାସଂଘ ପକ୍ଷରୁ କୁହାଯାଇଛି। ଅପରପକ୍ଷେ ଓଡିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା ସଂଘର ଆନ୍ଦୋଳନକୁ ଆଖି ଆଗରେ ରଖି ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇଥିବା କୁହାଯାଇଥିଲେ ମଧ୍ୟ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ସେବା ପ୍ରଭାବିତ ହୋଇଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ବିପଦଶଙ୍କୁଳ ଅବସ୍ଥାରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର

**ସୁନ୍ଦରଗଡ଼ ୧୫।୯ (ଡି.ଏନ୍.ଏ)**

ସଦର ବ୍ଲକ ଅନ୍ତର୍ଗତ ବିରବିରା ଗ୍ରାମପଞ୍ଚାୟତର ତଳସରା ଅଙ୍ଗନୱାଡି କେନ୍ଦ୍ର ବିପଦଶଙ୍କୁଳ ଅବସ୍ଥାରେ ଚାଲୁଛି। ଏଦିଗରେ ପ୍ରଶାସନର ଉଦାସୀନତା ନେଇ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବିପଦଶଙ୍କୁଳ ସ୍ଥିତିରେ ଥିବା ଅଙ୍ଗନୱାଡି କେନ୍ଦ୍ରର ଛାତରୁ ପାଣି ଗଳିବା ସହ କାନ୍ଥରେ ଫାଟ ସୃଷ୍ଟି ହୋଇ ଥିବାରୁ କେଉଁ ମୂହୂର୍ତ୍ତରେ କୌଣସି ଦୁର୍ଘଟଣା ନ ଘଟିବ ଏହାକୁ ଏଡାଇ ଦିଆଯାଇ ନ ପାରେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଏହି ଅଙ୍ଗନୱାଡି କେନ୍ଦ୍ର ୧୭ଜଣ ପିଲାଙ୍କୁ ନେଇ ଚାଲିଛି। ଘରର ଏଭଳି ଦୂରାବସ୍ଥା ଦେଖି ଅଭିଭାବକମାନେ ପିଲାମାନଙ୍କୁ କେନ୍ଦ୍ରକୁ ଛାଡିବାକୁ ଅସୁରକ୍ଷିତ ମନେ କରୁଛନ୍ତି। ଏ ଦିଗରେ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ପଦକ୍ଷେପ ନିଆଯାଉ ନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ବିପଦଶଙ୍କୁଳ କେନ୍ଦ୍ରରେ ପିଲା ପଢୁଛନ୍ତି।

ସୁନୀଲ ମେମୋରିଆଲ ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ଢେଲୁଆକୁ ହରାଇ ରାଇବେର୍ଣ୍ଣା ଚାମ୍ପିୟନ

**କୁଆଁରମୁଣ୍ଡା,୧୫।୯ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ତେଲିପୋଷ ଖେଳ ପଡିଆରେ ଚାଲିଥିବା ସୁନୀଲ୍ ମେମୋରିଆଲ ନକ୍‌ଆଉଟ୍ ଫୁଟବଲ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ମ୍ୟାଚ୍ କାଂଶବାହାଲର ଢେଲୁଆ ଟିମ୍ ଓ ଡୁମେରଯୋରର ରାଇବେର୍ଣ୍ଣା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଟିମ୍‌ର ଖେଳାଳିମାନେ ବେଶ୍ ରୋମାଞ୍ଚକପୂର୍ଣ୍ଣ ଖେଳ ପ୍ରଦର୍ଶନ କରିଥିଲେ। ଉଭୟ ଦଳ ପରସ୍ପରକୁ ସମାନ ସମାନ ଗୋଲ୍ ଦେବା ପରେ ଶେଷରେ ଟାଇବ୍ରେକର ପଦ୍ଧତି ଅନୁସରଣ କରାଯାଇଥିଲା। ଏଥିରେ ରାଇବେର୍ଣ୍ଣା ଟିମ୍ ବିଜୟୀ ହୋଇ ଟୁର୍ନାମେଣ୍ଟର ଚାମ୍ପିୟନ ଘୋଷିତ ହୋଇଛନ୍ତି। ଏହା ପରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କୁଆଁରମୁଣ୍ଡା ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ରଣଜିତ୍ ଲାକ୍ରା ଯୋଗ ଦେଇ ସୁନ୍ଦରଗଡ଼ ଜିଲା ହେଉଛି ହକି ଓ ଫୁଟବଲ୍ ଖେଳର ଏନ୍ତୁଡିଶାଳ ବୋଲି କହିଥିଲେ। ଏହି ଜିଲାର ଗ୍ରାମାଞ୍ଚଳରେ ଆୟୋଜିତ ହେଉଥିବା ଫୁଟବଲ ଟୁର୍ନାମେଣ୍ଟ ଯୁବ କ୍ରୀଡାବିତ୍‌ମାନଙ୍କ ପ୍ରତିଭାକୁ ଉଜ୍ଜୀବିତ ରଖିବା ସହ ଲୋକଲୋଚନକୁ ଆଣିପାରୁଛି ବୋଲି ସେ କହିଥିଲେ। ବର୍ତ୍ତମାନର ରାଜ୍ୟ ସରକାର କ୍ରୀଡ଼ା ଓ କ୍ରୀଡାବିତ୍‌ମାନଙ୍କ ପାଇଁ ବହୁ ଯୋଜନା ପ୍ରଣୟନ କରୁଥିବା ଯୋଗୁ ସେମାନଙ୍କର ଭବିଷ୍ୟତ ନିଶ୍ଚିତଭାବେ ଉଜ୍ଜ୍ୱଳମୟ ହେବ ବୋଲି ମୁଖ୍ୟ ଅତିଥି ଲାକ୍ରା ଉପସ୍ଥିତ ଯୁବ କ୍ରୀଡାବିତ୍‌ମାନଙ୍କୁ ନିଜ ବକ୍ତବ୍ୟରେ ଉତ୍ସାହିତ କରିଥିଲେ। ଏହି ଅବସରରେ ଚାମ୍ପିୟନ ଘୋଷିତ ରାଇବେର୍ଣ୍ଣା ଟିମ୍‌କୁ ୧୨ ହଜାର ଟଙ୍କାର ଚେକ୍ ସହ ଟ୍ରଫି ଓ ରନର୍ସ ଅପ ଘୋଷିତ ଢେଲୁଆ ଟିମ୍‌କୁ ୮ହଜାର ଟଙ୍କାର ଚେକ୍ ସହ ଟ୍ରଫିକୁ ମୁଖ୍ୟ ଅତିଥି ଲାକ୍ରା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଖବରଦାତା ମହେନ୍ଦ୍ର ସାହୁ ୩ୟ ଘୋଷିତ କୁଆଁରମୁଣ୍ଡାର ଚାର୍ଲସ ବ୍ରଦର ଟିମ୍‌କୁ ୬ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ୪ର୍ଥ ଘୋଷିତ କ୍ରିଷ୍ଟା ବ୍ରଦର୍ସ ଟିମ୍‌କୁ ବିଜୟ କେର୍କେଟା ୪ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟ ମୋଟ ୩୨ଟି ଟିମ୍‌କୁ ନେଇ ଚଳିତ ମାସ ୧୦ ତାରିଖରୁ ଆରମ୍ଭ ହୋଇଥିଲା। ତେଲିପୋଷ ଗ୍ରୀନ କ୍ଲବ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ଆୟୋଜକ ଗ୍ରୀନ କ୍ଲବର ସଭାପତି ବିଜୟ ଓରାମ, ଉପସଭାପତି ଦୀପକ ଟପ୍ପୋ, ସମ୍ପାଦକ ସୁଜିତ୍ ମିଂଜ, ଦେବା ଖାଖା, ଜ୍ୟୋତିଷ୍ ବାର୍ଲା, ପ୍ରଦୀପ କୁଜୁର ପ୍ରମୁଖ ଉପସ୍ଥିତ ରହି ସୁଚାରୁରୂପେ କ୍ରୀଡ଼ା ପରିଚାଳନା କରିଥିଲେ।



ତେଲିପୋଷ ସୁନିଲ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଚାମ୍ପିୟନ ରାଇବେର୍ଣ୍ଣା ଟିମ୍‌କୁ ପୁରସ୍କାର ପ୍ରଦାନ କରାଯାଉଛି।